# ଉତ୍କଳ ପ୍ରସଙ୍ଗ

**The Utkal Prasanga**

**January 2013**

୬୯ ଭାଗ ୬ଷ୍ଠ ସଂଖ୍ୟା ପୌଷ–ମାଘ ଜାନୁଆରୀ– ୨୦୧୩

**ପ୍ରଦୀପ କୁମାର ଜେନା,** ଭା.ପ୍ର.ସେ.
କମିଶନର ତଥା ଶାସନ ସଚିବ

**ଡକ୍ଟର ହୁସେନ ରବିଗାନ୍ଧୀ**
ସମ୍ପାଦକ

ସମ୍ପାଦନା ସହଯୋଗୀ
**ଗୋବିନ୍ଦ ଚନ୍ଦ୍ର ମଲ୍ଲିକ**
**ସଚିଦାନନ୍ଦ ବାରିକ**

**ଦେବେନ୍ଦ୍ର ପ୍ରସାଦ ଦାସ,** ଓ.ପ୍ର.ସେ.
ନିର୍ଦ୍ଦେଶକ

ପ୍ରଚ୍ଛଦପଟ ଓ ଲେ–ଆଉଟ୍ ଡିଜାଇନିଂ
**ମାନସ ନାୟକ**

ଫଟୋ :
**ରାଜୁ ସିଂ ଓ ମନୋରଂଜନ ମହାନ୍ତି**

କମ୍ପ୍ୟୁଟର ସେଟିଂ ଓ ଡିଜାଇନିଂ
**ହେମନ୍ତ କୁମାର ସାହୁ**
**ସୁମିତ୍ରା କର**

**ପ୍ରତିଖଣ୍ଡ : ଟ. ୫.୦୦**

---

ଉତ୍କଳ ପ୍ରସଙ୍ଗ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗଦ୍ୱାରା ପ୍ରକାଶିତ ଏବଂ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ–୧୦ରେ ମୁଦ୍ରିତ ।

ଠିକଣା : 'ଉତ୍କଳ ପ୍ରସଙ୍ଗ', ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଲୋକ ସମ୍ପର୍କ ଭବନ, ଭୁବନେଶ୍ୱର–୭୫୧୦୦୧

ଇ–ମେଲ୍ : iprsec@rediffmail.com, iprsec.or@nic.in, ୱେବ୍‌ସାଇଟ୍ : www.orissagov.nic.in
ଫୋନ୍ : ୦୬୭୪–୨୫୩୦୨୧୧

# ସୂଚୀ


- ଭାରତର ଗଣତାନ୍ତ୍ରିକ ବ୍ୟବସ୍ଥାରେ ସମ୍ବିଧାନର ଗୁରୁତ୍ୱ — ଅଧ୍ୟାପିକା ସୌଦାମିନୀ ବେହେରା .... ୧
- ସତ୍ୟ, ଅହିଂସା ଓ ଖଦୀର ଏକନିଷ୍ଠ ସାଧକ ଗାନ୍ଧିଜୀ — ଗୋଲକ ବିହାରୀ ନାୟକ .... ୪
- ସେବା ଓ ସଂଗ୍ରାମର ପ୍ରତୀକ ଅନ୍ନପୂର୍ଣ୍ଣା — ସଂଘମିତ୍ରା ମିଶ୍ର .... ୯
- ଅନିର୍ବାଣ ଅଗ୍ନିଶିଖା-ବୀରବୈଷ୍ଣବ — ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର .... ୧୩
- ଯୌବନର ଯାଦୁକର ଓ ସଙ୍ଗୀତର ସୌଦାଗର — ଡକ୍ଟର ନାରାୟଣ ପଣ୍ଡା .... ୧୮
- ଜ୍ଞାନପୀଠ ପୁରସ୍କାର ବିଜୟିନୀ ପ୍ରତିଭାଙ୍କ ପ୍ରତିଭା : ଅତ୍ର-ତତ୍ର-ସର୍ବତ୍ର — ଭବାନୀ ପ୍ରସାଦ ମିଶ୍ର .... ୨୩
- ମୂର୍ତ୍ତିଦେବୀର ସୌରଭ ଜ୍ଞାନପୀଠରେ ଗୌରବ... — ଚିନ୍ମୟ ରାୟ .... ୨୭
- ଫକୀର ମୋହନଙ୍କ ସୃଷ୍ଟି ସମ୍ଭାରରେ ସାମାଜିକ ବିବର୍ତ୍ତନର ଆହ୍ୱାନ — ରାମଚନ୍ଦ୍ର ଦାଶ .... ୨୯
- ଜାନୁଆରୀ ଛବିଶି (କବିତା) — ଗଣେଶ ଚନ୍ଦ୍ର ଦାଶ .... ୩୩
- ସ୍ୱାଧୀନତାର ସ୍ୱତନ୍ତ୍ର ଅଧ୍ୟାୟ: ସୁଭାଷ — ଡକ୍ଟର ଶରତ ଚନ୍ଦ୍ର ପରିଡା .... ୩୪
- ଓଡ଼ିଶା ଜାତୀୟ ସଂଗୀତର କବି: କାନ୍ତକବି — ଅସିତ ମହାନ୍ତି .... ୩୯
- ଆମ ସମ୍ବିଧାନର ଆତ୍ମା — ସୁପ୍ରଭା ମିଶ୍ର .... ୪୫
- ସାଧାରଣତନ୍ତ୍ର ଦିବସ (କବିତା) — ଦିଲ୍ଲୀପ କୁମାର ବେହୁରା .... ୪୮
- ବନ୍ଧୁତ୍ୱ, ଭ୍ରାତୃତ୍ୱ ଓ ଭାବଗତ ମିଳନର ପର୍ବ ମକର ସଂକ୍ରାନ୍ତି — ନଗେନ୍ଦ୍ର ନାଥ ପଟ୍ଟନାୟକ .... ୪୯
- ସାମନ୍ତ ଚନ୍ଦ୍ରଶେଖର ଏକ ଅମଳିନ ଦୀପଶିଖା — ଗିରିଜାଶଙ୍କର ତରାସିଆ .... ୫୨
- କବିଚନ୍ଦ୍ର କାଳୀଚରଣ-ଏକ ଅନୁଶୀଳନ — ଡକ୍ଟର ସିଦ୍ଧାର୍ଥ କାନୁନ୍‌ଗୋ .... ୫୪
- ଆମ ସାମ୍ବିଧାନିକ ପ୍ରସ୍ତାବନା ଏବଂ ଆମେ — ବିପିନ ବିହାରୀ ମହାନ୍ତି .... ୫୭
- କୋଲାବିରାର ସଂଗ୍ରାମ କଥା ଓ ଶାସନ ବ୍ୟବସ୍ଥା — ଡକ୍ଟର ଧର୍ମେନ୍ଦ୍ର କୁମାର ମିଶ୍ର .... ୫୯
- ଓଡ଼ିଶାରେ ସଂଗ୍ରହାଳୟ ଆନ୍ଦୋଳନର ମାର୍ଗଦର୍ଶକ: ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ — ଜୟନ୍ତୀ ରଥ .... ୬୫
- ଓଡ଼ିଶାରେ ସାକ୍ଷରଭାରତ କାର୍ଯ୍ୟକ୍ରମ — ଡକ୍ଟର ଶରତ କୁମାର ବିଶ୍ୱାଳ .... ୬୯
- ଶିଶୁ ସାହିତ୍ୟିକ ଓ ଗୀତିକବି କ୍ଷୀରୋଦ ଚନ୍ଦ୍ର ପୋଥାଳ — କୃଷ୍ଣଚନ୍ଦ୍ର ସୁଆର .... ୭୨
- ଜରା ନିବାସ ଏକ ସାମାଜିକ ଆବଶ୍ୟକତା — ସୂର୍ଯ୍ୟମଣି ଖୁଣ୍ଟିଆ .... ୭୭
- ସ୍ୱାଧୀନ ଭାରତ (କବିତା) — ଚନ୍ଦ୍ରମଣୀ ସେଠୀ .... ୭୯
- ଅତୀତର ଅର୍ଗଳିରୁ ସାଧାରଣତନ୍ତ୍ର — ଚମକ ଚାନ୍ଦିନୀ ଦାଶ .... ୮୦
- ସର୍ବୋଦୟ ନେତ୍ରୀ ଅନ୍ନପୂର୍ଣ୍ଣା ମହାରଣା: ଏକ ଶ୍ରଦ୍ଧାଞ୍ଜଳି — ନିର୍ମଳା କୁମାରୀ ମହାପାତ୍ର .... ୮୩


❖ ❖ ❖

# ଜାତୀୟ ସଙ୍ଗୀତ



ଜନ–ଗଣ–ମନ–ଅଧିନାୟକ ଜୟ ହେ
ଭାରତ–ଭାଗ୍ୟ–ବିଧାତା
ପଞ୍ଜାବ–ସିନ୍ଧୁ–ଗୁଜରାଟ–ମରାଠା
ଦ୍ରାବିଡ଼–ଉତ୍କଳ–ବଙ୍ଗ
ବିନ୍ଧ୍ୟ–ହିମାଚଳ–ଯମୁନା–ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ
ତବ ଶୁଭ ଆଶିଷ ମାଗେ
ଗାହେ ତବ ଜୟ ଗାଥା
ଜନଗଣ–ମଙ୍ଗଳଦାୟକ ଜୟ ହେ,
ଭାରତ–ଭାଗ୍ୟ–ବିଧାତା
ଜୟ ହେ ଜୟ ହେ ଜୟ ହେ,
ଜୟ ଜୟ ଜୟ ଜୟ ହେ ।

– ରବୀନ୍ଦ୍ରନାଥ ଠାକୁର



# ବନ୍ଦେ ମାତରମ୍

ସୁଜଳାମ୍, ସୁଫଳାମ୍, ମଳୟଜ ଶୀତଳାମ୍
ଶସ୍ୟ ଶ୍ୟାମଳାମ୍ ମାତରମ୍ ।
ଶୁଭ୍ରଜ୍ୟୋସ୍ନାଂ ପୁଲକିତ ଯାମିନୀମ୍
ଫୁଲ୍ଲ କୁସୁମିତ ଦ୍ରୁମଦଳ ଶୋଭିନୀମ୍
ସୁହାସିନୀମ୍ ସୁମଧୁର ଭାଷିଣୀମ୍
ସୁଖଦାଂ ବରଦାଂ ମାତରମ୍ ।।
ବନ୍ଦେ ମାତରମ୍ ।।।

– ବଙ୍କିମଚନ୍ଦ୍ର ଚାଟାର୍ଜୀ

# ସାଧାରଣତନ୍ତ୍ର ଦିବସ -୨୦୧୩ ଅବସରରେ

## HÝÉæÀÿ þÜÿæþæœÿ¿ Àÿæf¿¨æÀÿ

## ଶ୍ରୀ ମୁରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେଙ୍କ

## ବାର୍ତ୍ତା



ସାଧାରଣତନ୍ତ୍ର ଦିବସର ଶୁଭ ଅବସରରେ ଓଡିଶାବାସୀ ଭାଇ ଓ ଭଉଣୀମାନଙ୍କୁ ମୁଁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

ଆମେ ସଭିଏଁ ଜାଣୁ ଯେ, ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଆମ ଦେଶର ସ୍ୱାଧୀନତା ପାଇଁ ଆରମ୍ଭ ହୋଇଥିବା ଅହିଂସା ଆନ୍ଦୋଳନ ମାନବ ଜାତିର ଇତିହାସରେ ଏକ ଗୌରବମୟ ଅଧ୍ୟାୟ । ୧୯୫୦ ମସିହାର ଏହି ଐତିହାସିକ ଦିବସ ଜାନୁଆରୀ ୨୬ ତାରିଖରେ ଆମ ଦେଶ ଏକ ସାର୍ବଭୌମ ଗଣତାନ୍ତ୍ରିକ ଦେଶ ରୂପେ ପରିଗଣିତ ହୋଇଥିଲା । ଏକ ବଳିଷ୍ଠ ଗଣତାନ୍ତ୍ରିକ ଦେଶର ମୂଳଦୁଆ ସ୍ୱରୂପ ଆମେ ଆମ ପାଇଁ ଏକ ସମ୍ବିଧାନ ପ୍ରଣୟନ କଲୁ । ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱଭାବର ଚିନ୍ତାଧାରା ସହିତ ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ ନ୍ୟାୟ ପ୍ରଦାନ ଆମ ସମ୍ବିଧାନର ପ୍ରମୁଖ ନୀତି ଅଟେ ।

ଦେଶର ସ୍ୱାଧୀନତା ସଂଗ୍ରାମରେ ଓଡିଶାର ବହୁ ସୁଯୋଗ୍ୟ ସନ୍ତାନମାନଙ୍କ ତ୍ୟାଗ ଓ ବଳିଦାନ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଛି । ଯେଉଁମାନଙ୍କ ବଳିଦାନ ଆମ ପାଇଁ ସ୍ୱାଧୀନତା ଆଣିଦେଇଛି, ଆଜିର ଏହି ପବିତ୍ର ଦିବସରେ ମୁଁ ସେହି ସମସ୍ତ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ମୋର ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି । ସମ୍ବିଧାନର ପ୍ରଣେତାଗଣ, ଯେଉଁମାନେ କ୍ଷୁଧା, ଦାରିଦ୍ର୍ୟ ଏବଂ ନିରକ୍ଷରତା ମୁକ୍ତ ସମାଜର ସ୍ୱପ୍ନକୁ ବାସ୍ତବ ରୂପ ଦେଇପାରିଛନ୍ତି, ସେମାନଙ୍କୁ ଏହି ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଆମେ ଗଭୀର କୃତଜ୍ଞତା ଜଣାଉଛୁ । ଏହା ଆମ ପାଇଁ ଗର୍ବର ବିଷୟ ଯେ, ଆମେ ପୃଥିବୀର ସର୍ବବୃହତ ଗଣତନ୍ତ୍ରିକ ରାଷ୍ଟ୍ରର ନାଗରିକ ଅଟୁ ।

ବିପୁଳ ପ୍ରାକୃତିକ ସଂପଦ ଓ ଦକ୍ଷ ମାନବ ସମ୍ବଳରେ ଭରପୂର ଆମ ଓଡିଶା । ଏହି ସବୁ ପ୍ରାକୃତିକ ସଂପଦ ଓ ଦକ୍ଷ ମାନବ ସମ୍ବଳର ବିନିଯୋଗ କରି ଓଡିଶା ଆଜି ପ୍ରଗତି ପଥରେ ଅଗ୍ରସର । କିନ୍ତୁ ଆମ ସମ୍ମୁଖରେ ଥିବା ଆହ୍ୱାନଗୁଡ଼ିକର ସମ୍ମୁଖୀନ ହେବାକୁ ଆମକୁ ସମ୍ମିଳିତ ଭାବେ ପ୍ରଚେଷ୍ଟା କରିବା ସହିତ ଏପରି ଏକ ଶ୍ରମ ସଂସ୍କୃତି ଆରମ୍ଭ କରିବାକୁ ପଡ଼ିବ ଯାହାକି ଆମର ବହୁ ପ୍ରତୀକ୍ଷିତ ଲକ୍ଷ୍ୟ ହାସଲ ପାଇଁ ସହାୟକ ହେବ ।

ରାଜ୍ୟ ସରକାର ସର୍ବବିଧ ଉଦ୍ୟମ ସହ ଉଲ୍ଲେଖନୀୟ ପରିବର୍ତ୍ତନ ଆଣି ଓଡିଶାକୁ ଦେଶର ଏକ ସମୃଦ୍ଧ ରାଜ୍ୟ ରୂପେ ପରିଣତ କରିବା ନିମନ୍ତେ ସଂକଳ୍ପବଦ୍ଧ ।

ଏସବୁ ପରିବର୍ତ୍ତନ ଆଣିବା ପାଇଁ ରାଜ୍ୟ ସରକାର ତ୍ରିସ୍ତରୀୟ ପଂଚାୟତିରାଜ ବ୍ୟବସ୍ଥା, କୃଷି, ଶିଳ୍ପ, ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ ଯୋଗାଣ, ଜଳସେଚନ, ଗ୍ରାମ୍ୟ ଓ କୁଟୀର ଶିଳ୍ପ, ହସ୍ତତନ୍ତ ଓ ବୟନ, ବିଜ୍ଞାନ ଓ କାରିଗରୀ କୌଶଳ ଏବଂ ଅନ୍ୟାନ୍ୟ କ୍ଷେତ୍ରଗୁଡ଼ିକୁ ଅଗ୍ରାଧିକାର ଦେଇ ଉଭୟ ଗ୍ରାମାଂଚଳ ଓ ସହରାଂଚଳରେ ଅଭିବୃଦ୍ଧି ଓ ଉନ୍ନତି ନିମନ୍ତେ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି ।

ବିଦ୍ୟୁତ୍ ଶକ୍ତି ହେଉଛି ପ୍ରଗତି ପାଇଁ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର । ରାଜ୍ୟକୁ ଶକ୍ତି କ୍ଷେତ୍ରରେ ସମର୍ଥପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏନ୍‌ଟିପିସି, ୟୁଏମ୍‌ପିପି, ଆଇପିପି ଇତ୍ୟାଦି ସଂସ୍ଥା ସହ ବୁଝାମଣାପତ୍ର ସ୍ୱାକ୍ଷରିତ କରିଛନ୍ତି ଏବଂ ଏହିସବୁ ସଂସ୍ଥା ଆଗାମୀ ପଂଚବାର୍ଷିକ ଯୋଜନାକାଳ ମଧ୍ୟରେ କାର୍ଯ୍ୟକ୍ଷମ ହୋଇ ପ୍ରାୟ ୪୮,୦୦୦ ମେଗାୱାଟ୍ ଅତିରିକ୍ତ ବିଦ୍ୟୁତ୍ ଶକ୍ତି ଉତ୍ପାଦନରେ ସହାୟକ ହୋଇପାରିବେ । ଏଥିରେ ରାଜ୍ୟ ଅଂଶ ବାବଦକୁ ପ୍ରାୟ ୧୨,୦୦୦ ମେଗାୱାଟ୍ ଶକ୍ତି ରହିବ ।

ବିକାଶ ସୂଚକ ଭାବେ ସମସ୍ତ ଅଞ୍ଚଳ ଏବଂ ସମସ୍ତ ସାମାଜିକ ବର୍ଗ ମଧ୍ୟରେ ଦାରିଦ୍ର୍ୟ ହ୍ରାସ ହେବା ସହ ୨୦୦୧ରେ ରହିଥିବା ସଂପୂର୍ଣ୍ଣ ସାକ୍ଷରତା ହାର ୬୩.୧%ରୁ ୨୦୧୧ରେ ୭୩.୫%କୁ ବୃଦ୍ଧି ଘଟିଛି । ୧୯୯୯ରେ ଶିଶୁ ମୃତ୍ୟୁହାର ୯୬ ଥିବା ସ୍ଥଳେ ୨୦୧୦ରେ ଏହା ୬୧ କୁ ହ୍ରାସ ପାଇଛି, ଯାହା ତୁଳନାତ୍ମକ ଭାବେ ଜାତୀୟ ହାରଠାରୁ ଭଲ । ୨୦୦୧-୦୩ରେ ଥିବା ମାତୃ ମୃତ୍ୟୁହାର ୩୫୮ ୨୦୦୭-୦୯ରେ ୨୫୮କୁ ହ୍ରାସ ପାଇଛି । ଏତଦ୍‌ବ୍ୟତୀତ ଗ୍ରାମାଞ୍ଚଳ ଓ ପୌରାଞ୍ଚଳ ପରିଷଦଗୁଡ଼ିକରେ ମହିଳାମାନଙ୍କ ପ୍ରତିନିଧିତ୍ୱ ହାର ୩୩ % ରୁ ୫୦ %କୁ ବୃଦ୍ଧି କରାଯାଇଛି । ମହିଳା ସଶକ୍ତିକରଣ ପାଇଁ କାର୍ଯ୍ୟକାରୀ ହୋଇଥିବା ମିଶନ ଶକ୍ତି ଯୋଜନା, ମହିଳାମାନଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ସହ ସେମାନଙ୍କର ନିଜସ୍ୱ ଜୀବିକା ନିର୍ବାହ ପନ୍ଥା ନିରୂପଣରେ ସହାୟକ ହୋଇ ତା'ର ଲକ୍ଷ୍ୟ ହାସଲ କରିପାରିଛି । 'ମମତା' ନାମକ ଏକ କଲ୍ୟାଣକାରୀ ଯୋଜନା ମାଧ୍ୟମରେ ରାଜ୍ୟର ପ୍ରସୂତି ଓ ପ୍ରସୂତି ପରବର୍ତ୍ତୀ କାଳ ପାଇଁ ମହିଳାମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି ।

ରାଜ୍ୟ ସରକାର ଗ୍ରାମ୍ୟ ଯୋଗାଯୋଗ, ବିଦ୍ୟୁତିକରଣ ଏବଂ ଜଳସେଚନ ସମେତ ଭିତ୍ତିଭୂମି ଉନ୍ନୟନ ପ୍ରତି ମଧ୍ୟ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରୁଛନ୍ତି । ଏହିସବୁ ଲକ୍ଷ୍ୟ ହାସଲ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ଯଥା ଗୋପବନ୍ଧୁ ଗ୍ରାମୀଣ ଯୋଜନା, ବିଜୁ କେବିକେ ଯୋଜନା, ବିଜୁ କନ୍ଧମାଳ ଓ ଗଜପତି ଯୋଜନା, ବିଜୁ ସେତୁ ଯୋଜନା, ସିମେଣ୍ଟ କଂକ୍ରିଟ୍ ରାସ୍ତା ଯୋଜନା, ବିଜୁ ଗ୍ରାମ ଜ୍ୟୋତି ଯୋଜନା, ବିଜୁ ସହରାଂଚଳ ବିଦ୍ୟୁତିକରଣ ଯୋଜନା, ବିଜୁ କୃଷକ ବିକାଶ ଯୋଜନା, ଶତକଡା ୯୦ ଭାଗ ରିହାତିରେ ବ୍ୟକ୍ତିଗତ ଗଭୀର କୂପ ଖନନ ଏବଂ ଆଡ଼ିବନ୍ଧ ନିର୍ମାଣ ଇତ୍ୟାଦି କାର୍ଯ୍ୟକ୍ରମ ନିଷ୍ପାର ସହ କାର୍ଯ୍ୟକାରୀ କରୁଛନ୍ତି । ସମାଜର ଦୁର୍ବଳ ଶ୍ରେଣୀର ଲୋକମାନେ ଏହିସବୁ ଜନହିତକାରୀ ଯୋଜନା ମାଧ୍ୟମରେ ବିଶେଷ ଭାବେ ଉପକୃତ ହେଉଛନ୍ତି ।

ପୁନଶ୍ଚ ସମାଜର ଦୁର୍ବଳ ଶ୍ରେଣୀ ବିଶେଷ ଭାବେ ଅନୁସୂଚିତ ଜନଜାତି, ଜାତି ଓ ସଂଖ୍ୟାଲଘୁ ସଂପ୍ରଦାୟ, ବୟସ୍କ ଓ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ଅର୍ଥନୈତିକ ଅବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି । ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ୨ ଟଙ୍କା ଦରରେ ଚାଉଳ ଯୋଗାଣ, ଇନ୍ଦିରା ଆବାସ ଯୋଜନାରୁ ବଂଚିତ ଗରିବ ହିତାଧିକାରୀଙ୍କୁ 'ମୋ କୁଡ଼ିଆ' ଯୋଜନା ମାଧ୍ୟମରେ ପକ୍କା ବାସଗୃହ ଉପଲବ୍ଧ କରାଇବା, ମଧୁବାବୁ ପେନ୍‌ସନ୍ ଯୋଜନାରେ ସାମାଜିକ ସୁରକ୍ଷା ପ୍ରଦାନ ଏବଂ ମାଧ୍ୟମିକ ଶିକ୍ଷା ପ୍ରତି ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରିବା ଲକ୍ଷ୍ୟରେ ଅନୁସୂଚିତ ଜନଜାତି ଓ ଜାତି ବର୍ଗର ଦଶମ ଶ୍ରେଣୀରେ ପଢୁଥିବା ପିଲାମାନଙ୍କ ସହିତ ରାଜ୍ୟର ଦଶମ ଶ୍ରେଣୀରେ ପଢୁଥିବା ସମସ୍ତ ଛାତ୍ରୀମାନଙ୍କୁ ମାଗଣାରେ ସାଇକେଲ୍ ବଣ୍ଟନ ଭଳି ଅଭିନବ କଲ୍ୟାଣକାରୀ ଯୋଜନାମାନ କାର୍ଯ୍ୟକାରୀ କରି ରାଜ୍ୟ ସରକାର ଅନ୍ୟମାନଙ୍କ ସକାଶେ ଉଦାହରଣ ସୃଷ୍ଟି କରିପାରିଛନ୍ତି ।

ପ୍ରଶାସନିକ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଓଡିଶା ସରକାର ସୂଚନା ଅଧିକାର ଅଧିନିୟମ-୨୦୦୫ ଫଳପ୍ରଦ ଭାବେ କାର୍ଯ୍ୟକାରୀ କରିଛନ୍ତି। ଯୋଜନା ରୂପାୟନ କ୍ଷେତ୍ରରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ସଫଳ ପ୍ରୟୋଗ ଦ୍ୱାରା ଏହା ରାଜ୍ୟକୁ ଗୌରବମଣ୍ଡିତ କରିପାରିଛି । ନାଗରିକମାନଙ୍କୁ ସେମାନଙ୍କର ନ୍ୟାଯ୍ୟ ଅଧିକାର ସାବ୍ୟସ୍ତ କ୍ଷେତ୍ରରେ କ୍ଷମତାପନ୍ନ କରାଇବା ହେଉଛି ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତିବଦ୍ଧତାର ନିଦର୍ଶନ । ଏତଦ୍‌ବ୍ୟତୀତ, ନାଗରିକକେନ୍ଦ୍ରିକ ସେବାଗଡ଼ିକୁ ଆଗେଇ ନେବା ପାଇଁ ରାଜ୍ୟ ସରକାର ଅଧୁନା ଜନସେବା ଅଧିକାର ଅଧିନିୟମ-୨୦୧୨ର ଶୁଭାରମ୍ଭ କରିଛନ୍ତି ଯଦ୍ୱାରା ଜନସାଧାରଣ ନିର୍ଦ୍ଦିଷ୍ଟ ସମୟ ଅବଧି ମଧ୍ୟରେ ସରକାରୀ ସେବା ପାଇପାରିବେ । ବାସ୍ତବରେ ଏସବୁ ହେଉଛି ସୁପ୍ରଶାସନର ସଫଳ ନିର୍ଯ୍ୟାସ ।

ଆଜିର ଏହି ପବିତ୍ର ଦିବସ ପାଳନ ଅବସରରେ ଆସନ୍ତୁ, ଆମେ ସମସ୍ତେ ଆମର ଦାୟିତ୍ୱ ପ୍ରତି ସଚେତନ ହେବା ସହିତ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସମ୍ମାନ ପ୍ରଦର୍ଶନ କରିବା । ଜାତୀୟ ସଂହତି, ସାମାଜିକ ଓ ଅର୍ଥନୈତିକ ନ୍ୟାୟବିଧାନ ସହ ସାଂପ୍ରଦାୟିକ ସଦ୍‌ଭାବ ବଜାୟ ରଖି ଆମର ଗଣତାନ୍ତ୍ରିକ ଓ ଧର୍ମ ନିରପେକ୍ଷ ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ମୁଁ ପୁଣିଥରେ ଓଡିଶାର ଜନସାଧାରଣଙ୍କୁ ଆହ୍ୱାନ ଜଣାଉଛି ।

ଜୟ ହିନ୍ଦ୍

# ସାଧାରଣତନ୍ତ୍ର ଦିବସ -୨୦୧୩ ଅବସରରେ
## HÝÉæÀÿ þæœÿ¿ ¯ÿÀÿ þQ¿þ¦ê
## ଶ୍ରୀ ନବୀନ ପଟ୍ଟନାୟକଙ୍କ
## ବାର୍ତ୍ତା



ପ୍ରିୟ ଭାଇ ଓ ଭଉଣୀମାନେ,

ସାଧାରଣତନ୍ତ୍ର ଦିବସର ଶୁଭ ଅବସରରେ ଓଡ଼ିଶାବାସୀଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଆଜିର ଏହି ପବିତ୍ର ଦିବସ ଅବସରରେ ମହାତ୍ମା ଗାନ୍ଧୀ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ନେତୃତ୍ୱରେ ଭାରତର ମୁକ୍ତି ସଂଗ୍ରାମରେ ସାମିଲ ହୋଇଥିବା ଲକ୍ଷ ଲକ୍ଷ ସଂଗ୍ରାମୀ ଦେଶଭକ୍ତମାନଙ୍କ ପ୍ରତି ମୋର ସମ୍ମାନ ଜଣାଉଛି । ଦେଶର ସୁରକ୍ଷା ତଥା ଶାନ୍ତି ପାଇଁ ସଂଗ୍ରାମ କରି ସହିଦ ହୋଇଥିବା ବୀର ଜବାନମାନଙ୍କ ପ୍ରତି ମଧ୍ୟ ଏହି ଅବସରରେ ମୋର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ସ୍ୱାଧୀନତା ପରେ ଦେଶ ପାଇଁ ଏକ ସମ୍ବିଧାନ ତିଆରି କରିବାର ଗୁରୁଦାୟିତ୍ୱ ନେଇଥିବା ଡଃ ବି.ଆର୍. ଆମ୍ବେଦକର ଏବଂ ସମ୍ବିଧାନ ସଭାର ସଭ୍ୟମାନଙ୍କ ପ୍ରତି ଏହି ଅବସରରେ ମୋର ଗଭୀର ସମ୍ମାନ ଜଣାଉଛି ।

ଆମର ସ୍ୱାଧୀନତା ସଂଗ୍ରାମ ପରି ଆମ ସମ୍ବିଧାନ ମଧ୍ୟ ଅନନ୍ୟ । ଏହା ବିଶ୍ୱର ସବୁଠାରୁ ବଡ ଲିଖିତ ସମ୍ବିଧାନ । ସ୍ୱାଧୀନତା ସଂଗ୍ରାମର ଆଦର୍ଶ ଓ ମୂଲ୍ୟବୋଧ ହେଉଛି ଏହାର ଭିତ୍ତି । ଦେଶର ଶାସନ ବ୍ୟବସ୍ଥାକୁ ଉଚିତ ମାର୍ଗ ଦେଖାଇବା ସହ ଆମ ଗଣତନ୍ତ୍ରକୁ ମଜବୁତ କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସିଛି ।

ଭାରତ ବିକାଶ ଇତିହାସରେ ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଓଡ଼ିଶାର ଅଭିବୃଦ୍ଧି ହାର ଜାତୀୟ ହାରଠାରୁ ଆଗରେ ଅଛି । ପୁଷ୍ଟି ସ୍ତରରେ ଉନ୍ନତି ଆସିଛି । ସାକ୍ଷରତା ହାର ବଢିଛି । ଅନ୍ୟ ମାନବ ବିକାଶ ସୂଚକାଙ୍କରେ ମଧ୍ୟ ଉନ୍ନତି ଆସିଛି । ବିକାଶର ସୁଫଳ ଆଜି ଗାଁରେ ରହୁଥିବା ସାଧାରଣ ଲୋକ ପାଖରେ ପହଞ୍ଚି ପାରିଛି । ଆମେ ସାମଗ୍ରିକ ବିକାଶରେ ବିଶ୍ୱାସ କରୁ । ଗାଁ ଓ ସହର ମଧ୍ୟରେ ଥିବା ପ୍ରଭେଦକୁ କମ୍ କରିବା ପାଇଁ ଆମେ ଉଦ୍ୟମ କରୁଛୁ । ଗାଁରେ ବିକାଶ ଆଜି ବାସ୍ତବ ରୂପ ନେଇ ପାରିଛି । ବିଜୁଳି, ସଡକ ଓ ପାଣି ଗାଁ ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବାରେ ସହାୟକ ହୋଇଛି । ଗରିବ ଲୋକ, ମହିଳା, ଆଦିବାସୀ, ଦଳିତ, ଶ୍ରମିକ ଓ ଭିନ୍ନକ୍ଷମ ସମସ୍ତେ ଆଜି ଆମର କଲ୍ୟାଣ କାର୍ଯ୍ୟକ୍ରମରେ ସାମିଲ ହୋଇପାରିଛନ୍ତି । ଆମର କାର୍ଯ୍ୟକ୍ରମ ଶିଶୁଠାରୁ ଆରମ୍ଭ କରି ଛାତ୍ରଛାତ୍ରୀ ଓ ବୁଢାବୁଢୀ ସମସ୍ତଙ୍କ ମୁହଁରେ ହସ ଆଣିବାରେ ସଫଳ ହୋଇଛି । ବିକାଶର ମୁଖ୍ୟ ଧାରାରେ ସେମାନଙ୍କ ଯୋଗଦାନ ଏକ ନୂଆ ଯୁଗ ଆରମ୍ଭ କରିଛି ।

କୃଷି ଓ କୃଷକର ବିକାଶ ପାଇଁ ସରକାରଙ୍କ କାର୍ଯ୍ୟକ୍ରମ ସେମାନଙ୍କ ପାଇଁ ବିଶେଷ ସହାୟକ ହୋଇଛି । ଆମର ଖାଦ୍ୟ ଉତ୍ପାଦନ ବଢିଛି । ଏଥିପାଇଁ ମୁଁ ଆମର ଚାଷୀ ଭାଇମାନଙ୍କୁ ଧନ୍ୟବାଦ ଜଣାଉଛି । କୃଷି କ୍ଷେତ୍ରରେ ଓଡ଼ିଶାରେ ଥିବା ସାମର୍ଥ୍ୟର ଉଚିତ ଉପଯୋଗ ଉପରେ ଆମେ ଗୁରୁତ୍ୱ ଦେଇ ଆସିଛୁ । ଉଦ୍ୟାନ କୃଷିର ବିକାଶ ସହିତ କୃଷିଭିତ୍ତିକ ଶିଳ୍ପକୁ ଉତ୍ସାହିତ କରିବା ପାଇଁ ଆମେ ଖୁବ୍‌ଶୀଘ୍ର ଖାଦ୍ୟ ପ୍ରକ୍ରିୟାକରଣ ନୀତି କରିବାକୁ ଯାଉଛୁ । ଆଗାମୀ ଦିନରେ କୃଷି ଓଡ଼ିଶାର ବିକାଶରେ ଏକ ସ୍ୱତନ୍ତ୍ର ଭୂମିକା ଗ୍ରହଣ କରିବାକୁ ଯାଉଛି ।

କୃଷି ପରେ ହସ୍ତତନ୍ତ ଓ ହସ୍ତଶିଳ୍ପ କ୍ଷେତ୍ର ଆମର ବହୁ ଲୋକଙ୍କୁ ରୋଜଗାର ଦେଇଥାଏ । ନିକଟରେ ଆମେ ଆମର ବୁଣାକାର ଓ କଳାକାରମାନଙ୍କ କଲ୍ୟାଣ ପାଇଁ ଏକ ନୂଆ ପ୍ୟାକେଜ୍ ଘୋଷଣା କରିଛୁ । ସେମାନଙ୍କ ଦକ୍ଷତା ଓ ପ୍ରତିଭା ପାଇଁ ଏ ଜାତି ଗର୍ବିତ । ସେହିପରି କେନ୍ଦୁପତ୍ର ସଂଗ୍ରହ ମୂଲ୍ୟରେ ରାଜ୍ୟ ସରକାର ପଚାଶ ପ୍ରତିଶତ ବୃଦ୍ଧି ପାଇଁ ଘୋଷଣା କରିଛନ୍ତି । ଏହାଦ୍ୱାରା ଆମର ଲକ୍ଷ ଲକ୍ଷ ଗରିବ କେନ୍ଦୁପତ୍ର ତୋଳାଳୀମାନେ ଉପକାର ପାଇବେ ।

ଶିଳ୍ପ କ୍ଷେତ୍ରରେ ରାଜ୍ୟରେ ୮ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ବିନିଯୋଗ ପ୍ରସ୍ତାବ ରହିଛି । ଓଡ଼ିଶାରେ ଶିଳ୍ପର ବିକାଶ ପାଇଁ ସୃଷ୍ଟି ହୋଇଥିବା ଏହି ସୁଯୋଗକୁ ସଫଳ ରୂପ ଦେବା ପାଇଁ ସମସ୍ତଙ୍କର ସହଯୋଗ ଜରୁରୀ। ଅଧିକ ନିଯୁକ୍ତି ସୁଯୋଗ ଦେଉଥିବା ଛୋଟ ଛୋଟ ଶିଳ୍ପ ଉପରେ ଆମେ ଦ୍ୱାଦଶ ଯୋଜନାରେ ଅଧିକ ଗୁରୁତ୍ୱ ଦେବୁ । ଏହା ଜରିଆରେ ୩୨ ହଜାର ଛୋଟ ଛୋଟ ଶିଳ୍ପ ପ୍ରତିଷ୍ଠା ସହ ୧ଲକ୍ଷ ୬୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଆମେ ଲକ୍ଷ୍ୟ ରଖିଛୁ ।

କୃଷି ଓ ଶିଳ୍ପ ସହିତ ଜଳସେଚନ, ବିଜୁଳି, ରାସ୍ତାଘାଟ ଓ ବନ୍ଦର ଆଦି ଭିତ୍ତିଭୂମି ସୁବିଧା ବଢାଇବା ଦିଗରେ ମଧ୍ୟ ଆମର ଉଦ୍ୟମ ଜାରି ରହିଛି ।

ରାଜ୍ୟରେ ପ୍ରଗତିର ରଥକୁ ଆଗେଇ ନେବାରେ ଯୁବ ସମାଜ ହିଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ସେମାନଙ୍କ ଦକ୍ଷତା ଓ ନିଷ୍ଠା ହିଁ ଓଡ଼ିଶାର ଭବିଷ୍ୟତକୁ ଉଜ୍ଜ୍ୱଳ କରିବ । ଶିକ୍ଷା ଓ ତାଲିମ ସହିତ ଦେଶ ଓ ଜାତି ପାଇଁ କିଛି କରିବାର ସ୍ୱପ୍ନ ବିରାଟ ପରିବର୍ତ୍ତନ ଆଣିପାରିବ । ଆଗାମୀ ୫ବର୍ଷରେ ଦକ୍ଷତା ବୃଦ୍ଧି ଜରିଆରେ ୧୦ଲକ୍ଷ ଯୁବକ ଯୁବତୀଙ୍କ ନିଯୁକ୍ତି ସାମର୍ଥ୍ୟ ବଢାଇବା ପାଇଁ ଆମେ ଲକ୍ଷ୍ୟ ରଖିଛୁ । ଆମର ଯୁବ ସମାଜ ଏହାର ସୁଯୋଗ ନେବା ପାଇଁ ଆଗେଇ ଆସିବା ଦରକାର ।

ଗରିବୀ ଦୂର କରିବା ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପ ସୁଫଳ ଦେବା ଆରମ୍ଭ କରିଛି । ଓଡ଼ିଶାରେ ଗରିବୀ କମିଛି । ଆଗାମୀ ଦିନରେ ଏହାକୁ ଆହୁରି କମାଇବା ପାଇଁ ଆମର ଉଦ୍ୟମ ଜାରି ରହିବ ।

ଲୋକଙ୍କୁ ଠିକ୍ ସମୟରେ ବିଭିନ୍ନ ସେବା ଯୋଗାଇଦେବା ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ତେଣୁ ପ୍ରଶାସନକୁ ଅଧିକ ଉତ୍ତରଦାୟୀ ଓ ସ୍ୱଚ୍ଛ କରିବା ପାଇଁ ଚଳିତ ବର୍ଷ ଆମେ ଜନସେବା ଅଧିକାର ଅଧିନିୟମ କାର୍ଯ୍ୟକାରୀ କରିଛୁ । ଏହାଦ୍ୱାରା ପ୍ରଶାସନର ଦକ୍ଷତା ଓ ସ୍ୱଚ୍ଛତା ବଢିବା ସହିତ ଲୋକମାନେ ଠିକ୍ ସମୟରେ ସେବା ପାଇ ପାରିବେ ।

୨୦୨୦ ସୁଦ୍ଧା ଓଡ଼ିଶା ପାଇଁ ଏକ ସମୃଦ୍ଧ ଏବଂ ବିବିଧ ଅର୍ଥନୀତି ଆମର ଲକ୍ଷ୍ୟ । ବିକାଶ ଜରିଆରେ ସମସ୍ତଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା ଆମର ଲକ୍ଷ୍ୟ । ଗରିବୀ, ବେକାରୀ ଓ ଆଞ୍ଚଳିକ ବୈଷମ୍ୟ ଦୂର କରି ଏକ ନୂତନ ଓଡ଼ିଶା ଗଠନ କରିବା ପାଇଁ ଆମର ଲକ୍ଷ୍ୟ । ଏହି ଲକ୍ଷ୍ୟ ପୂରଣ ଦିଗରେ ମୁଁ ଆପଣମାନଙ୍କର ସହଯୋଗ କାମନା କରୁଛି ।

ଜୟ ହିନ୍ଦ୍

# ସାଧାରଣତନ୍ତ୍ର ଦିବସ -୨୦୧୩ ଅବସରରେ
## HÝÉæÀÿ þæœÿ¿ ¯ÿÀÿ ÉNÿ, Ó`ÿœÿæ H {àÿæLÿ Óó¨Lÿ þ¦ê
## ଶ୍ରୀ ଅରୁଣ କୁମାର ସାହୁଙ୍କ
## ବାର୍ତ୍ତା



ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ମୁଁ ଓଡ଼ିଶାର ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ଜାନୁଆରୀ ୨୬ ତାରିଖ ଆମ ସମସ୍ତଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦିବସ । ଆଜିର ଏହି ପବିତ୍ର ଦିବସରେ ଭାରତକୁ ଏକ ସାର୍ବଭୌମ ଗଣତାନ୍ତ୍ରିକ ସାଧାରଣତନ୍ତ୍ର ଭାବେ ଘୋଷଣା କରୁଥିବା ଏକ ସମ୍ବିଧାନ ଆମେ ନିଜ ପାଇଁ ପ୍ରଣୟନ କରିଥିଲେ । ଏହି ସମ୍ବିଧାନ ବିଶ୍ୱର ଏକ ଆଦର୍ଶ ସମ୍ବିଧାନ ଭାବରେ ପରିଗଣିତ । ସମ୍ବିଧାନରେ ଭାରତୀୟମାନଙ୍କର ସ୍ୱପ୍ନ ଓ ଅଭୀପ୍ସା ଯଥାର୍ଥ ରୂପେ ପ୍ରତିଫଳିତ ହୋଇଛି । ଆଜିର ଏହି ପୁଣ୍ୟ ତିଥିରେ ଆମର ବୀର ସ୍ୱାଧୀନତା ସଂଗ୍ରାମୀ ତଥା ସମ୍ବିଧାନ ପ୍ରଣେତାମାନଙ୍କୁ ଶ୍ରଦ୍ଧା ଓ ସମ୍ମାନର ସହ ସ୍ମରଣ କରୁଛୁ । ଆଜି ଦିବସଟି ହେଉଛି ଆତ୍ମ ସମୀକ୍ଷା ଓ ସଙ୍କଳ୍ପର ଦିନ ।

ଯେଉଁମାନଙ୍କ ସଂଗ୍ରାମ, ତ୍ୟାଗ ଓ ବଳିଦାନ ଫଳରେ ଆମକୁ ସ୍ୱାଧୀନତା ମିଳିଛି, ସେହି ପ୍ରାତଃ ସ୍ମରଣୀୟ ସ୍ୱାଧୀନତା ସଂଗ୍ରାମୀ ତଥା ରାଷ୍ଟ୍ର ନିର୍ମାତାମାନଙ୍କୁ ମୋର ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି । ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଷ୍ଟ୍ର ନିର୍ମାଣରେ ନିଜକୁ ସମର୍ପଣ କରିବା ହିଁ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ।

ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ଇତିହାସରେ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀମାନଙ୍କର ବୀରତ୍ୱର ଗାଥା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି । ସେମାନଙ୍କ ସଂଗ୍ରାମ, ସାଧନା ଓ ସିଦ୍ଧି ଚିରକାଳ ପ୍ରେରଣାର ଉତ୍ସ ହୋଇ ରହିବ ।

ସ୍ୱାଧୀନତା ପରେ ଭାରତବର୍ଷ ପ୍ରତ୍ୟେକ କ୍ଷେତ୍ରରେ ଯଥେଷ୍ଟ ଅଗ୍ରଗତି ହାସଲ କରିଛି । ଆମର ପ୍ରଗତି ଅନ୍ୟ ରାଷ୍ଟ୍ର ପାଇଁ ଏକ ଉଦାହରଣ ହୋଇ ପାରିଛି । ଭାରତ ଅର୍ଥନୈତିକ କ୍ଷେତ୍ରରେ ସମଗ୍ର ବିଶ୍ୱରେ ଏକ ମହାଶକ୍ତି ରୂପେ ଉଭା ହେବାକୁ ଯାଉଛି ।

ସବୁଠାରୁ ଉଲ୍ଲେଖନୀୟ ଉପଲବ୍ଧି ଏହି ଯେ ଭାରତରେ ଗଣତନ୍ତ୍ର ସୁଦୃଢ଼ ହୋଇଛି । ପଡୋଶୀ ରାଷ୍ଟ୍ରମାନଙ୍କରେ ଗଣତନ୍ତ୍ର ଭୁଷୁଡି ପଡୁଥିଲା ବେଳେ ଭାରତରେ ଯେ ଗଣତନ୍ତ୍ର ଶକ୍ତିଶାଳୀ ହୋଇଛି, ଏହା କମ୍ ଗୌରବର କଥା ନୁହେଁ । ବିଭିନ୍ନତା ମଧ୍ୟରେ ଏକତା ହେଉଛି ଆମର ପରମ୍ପରା । ଏହି ପରମ୍ପରାକୁ ଆଗେଇ ନେବା ଆମର ପରମ କର୍ତ୍ତବ୍ୟ ।

ଆମ ରାଜ୍ୟ ଓଡ଼ିଶା ଦ୍ରୁତ ପ୍ରଗତି ପଥରେ ଆଗେଇ ଚାଲିଛି । କୃଷି, ଶିକ୍ଷା ଓ ଭିତ୍ତିଭୂମିର ବିକାଶ ସହ ବିଭିନ୍ନ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଆରୋପ କରାଯାଉଛି ।

ସାଧାରଣତନ୍ତ୍ର ଦିବସ ସଙ୍କଳ୍ପର ଦିବସ । ଆସନ୍ତୁ, ଆଜିର ଦିନରେ ରାଜ୍ୟ ତଥା ଦେଶର ଉନ୍ନତିରେ ନିଜକୁ ଉତ୍ସର୍ଗ କରି ଆମ ରାଜ୍ୟ ତଥା ଦେଶକୁ ସଫଳତାର ଶୀର୍ଷକୁ ନେବା । ଏହା ହିଁ ହେଉ ଆଜିର ସଙ୍କଳ୍ପ ।

ଜୟ ହିନ୍ଦ୍

**ସମ୍ପାଦକୀୟ**

# ଆମ ସ୍ୱାଧୀନତା ଓ ସାର୍ବଭୌମତ୍ୱର ପ୍ରତୀକ: ସାଧାରଣତନ୍ତ୍ର ଦିବସ

୧୯୪୭ ମସିହା ଅଗଷ୍ଟ ମାସ ୧୫ ତାରିଖ ମଧରାତ୍ରିରେ ପୃଥିବୀର ପ୍ରାଚୀନତମ ଭୂଖଣ୍ଡ ଭାରତ ଦୁଇଶହ ବର୍ଷର ପରାଧୀନତା କବଳରୁ କେବଳ ସ୍ୱାଧୀନତା ଲାଭ କରିଥିଲା । କିନ୍ତୁ ନବ ସ୍ୱାଧୀନ ରାଷ୍ଟ୍ର ତଥାପି ଇଂରେଜ ରାଜତନ୍ତ୍ରର ଛତ୍ରଛାୟାରୁ ମୁକୁଳି ପାରିନଥିଲା । ପ୍ରଥମେ ଲର୍ଡ ମାଉଣ୍ଟ ବ୍ୟାଟେନ୍ ଓ ତାଙ୍କ ପରେ ପ୍ରଥମ ଭାରତୀୟଭାବେ ରାଜଗୋପାଳାଚାରୀ ବ୍ରିଟିଶ୍ ରାଜାଙ୍କ ପ୍ରତିନିଧିଭାବେ ଭାରତବର୍ଷର ବଡଲାଟ(ଗଭର୍ଣ୍ଣର ଜେନେରାଲ୍) ଅର୍ଥାତ୍ ରାଷ୍ଟ୍ରମୁଖ୍ୟ ହୋଇଥିଲେ । ସେତେବେଳକୁ ସମ୍ବିଧାନ ସଭା ପାଇଁ ନିର୍ବାଚନ ସମାପ୍ତ ହୋଇଯାଇଥାଏ ଏବଂ ଏହି ସଭାରେ ସ୍ୱାଧୀନ ଭାରତର ସମ୍ବିଧାନ ପ୍ରଣୟନ କାର୍ଯ୍ୟ ଆରମ୍ଭ ହୋଇଯାଇଥାଏ ।

୧୯୫୦ ମସିହା ଜାନୁଆରୀ ମାସ ୨୬ ତାରିଖରେ ଭାରତବର୍ଷର ସ୍ୱତନ୍ତ୍ର ସମ୍ବିଧାନ ପ୍ରଣୟନ କାର୍ଯ୍ୟ ସମାପ୍ତ ହେବାର ଘୋଷଣା କରାଗଲା ଏବଂ ଭାରତ ଏକ ସାର୍ବଭୌମ ସାଧାରଣତନ୍ତ୍ର ରାଷ୍ଟ୍ରଭାବେ ଘୋଷିତ ହେଲା । ଏହି ସମ୍ବିଧାନ ଅନୁସାରେ ରାଷ୍ଟ୍ରର ରାଷ୍ଟ୍ରମୁଖ୍ୟ ପାଞ୍ଚବର୍ଷ ଅବଧି ପାଇଁ ଲୋକ ପ୍ରତିନିଧିମାନଙ୍କ ଦ୍ୱାରା ନିର୍ବାଚିତ ହେବାର ବ୍ୟବସ୍ଥା କରାଯାଇଛି । ଭାରତବର୍ଷର ଇତିହାସରେ ସାଧାରଣତନ୍ତ୍ର ବା ରିପବ୍ଲିକ୍ ଏକ ନୂଆ ବ୍ୟବସ୍ଥା ନୁହେଁ । ପ୍ରାଚୀନ ଭାରତରେ ଅନେକ ସାଧାରଣତନ୍ତ୍ର ଶାସନ ବ୍ୟବସ୍ଥାର ଉଦାହରଣ ରହିଛି । ବୌଦ୍ଧ ଯୁଗରେ ଅନେକ ଗଣରାଜ୍ୟ ବା ସାଧାରଣତନ୍ତ୍ର ଶାସନ ବ୍ୟବସ୍ଥାର ଉଲ୍ଲେଖ ପ୍ରାଚୀନ ସାହିତ୍ୟ/ଇତିହାସରେ ଦେଖିବାକୁ ମିଳେ । ଅଶୋକଙ୍କ ଆକ୍ରମଣ ସମୟରେ କଳିଙ୍ଗ(ଓଡ଼ିଶା)ର କୌଣସି ରାଜା ବା ସାମନ୍ତଙ୍କ ସମ୍ପର୍କରେ ଇତିହାସ ନିରବ । ଅଶୋକ ନିଜ ଶିଳାଲିପିମାନଙ୍କରେ କଳିଙ୍ଗ ଆକ୍ରମଣ, ଯୁଦ୍ଧ ଓ ଯୁଦ୍ଧ ପରର ବହୁ କଥା ତଥା ଏକଲକ୍ଷ ଲୋକଙ୍କ ଜୀବନ ହାନି, ଦେଢଲକ୍ଷ ଲୋକଙ୍କର ଗୁରୁତରଭାବେ ଆଘାତପ୍ରାପ୍ତ ତଥା ବନ୍ଦୀ ହୋଇଥିବା କଥା ଉଲ୍ଲେଖ କରିଥିଲେ ବି ସେସମୟର କୌଣସି ରାଜା ବା ଶାସକଙ୍କର ନାମ ଉଲ୍ଲେଖ କରି ନାହାନ୍ତି । ତେଣୁ ଐତିହାସିକମାନେ ଅନୁମାନ କରନ୍ତି ଯେ, ସେସମୟରେ କଳିଙ୍ଗରେ ଗଣରାଜ୍ୟ ବା ସାଧାରଣତନ୍ତ୍ର ପ୍ରତିଷ୍ଠିତ ଥିଲା । ଅର୍ଥାତ୍ ପ୍ରଜାମାନେ ଏକ ପରିଷଦ ଗଠନ କରି ନିଜକୁ ନିଜେ ଶାସନ କରୁଥିଲେ ।

ସେ ଯାହାହେଉ, ୧୯୫୦ ସାଲର ଜାନୁଆରୀ ମାସର ୨୬ତାରିଖ ସ୍ୱାଧୀନ ଭାରତର ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟିକରି ଆମକୁ ଆମର ସମ୍ବିଧାନ ଓ ସାର୍ବଭୌମ ଶାସନ ବ୍ୟବସ୍ଥା ପ୍ରଦାନ କରିଅଛି । ଆମ ସମ୍ବିଧାନ ଜନସାଧାରଣଙ୍କ ତରଫରୁ ନିଜକୁ ନିଜେ ସଂବୋଧନ କରି ''ଆମେ ଭାରତର ଜନସାଧାରଣ'' (We the People of India) ଏହି ସମ୍ବିଧାନ ମାଧ୍ୟମରେ ଏକ ସ୍ୱାଧୀନ, ସର୍ବଭୌମ ଗଣତାନ୍ତ୍ରିକ ଧର୍ମନିରପେକ୍ଷ ସମାଜବାଦୀ ସାଧାରଣତନ୍ତ୍ର ରାଷ୍ଟ୍ର ପ୍ରତିଷ୍ଠା କରିବା ପାଇଁ ସଂକଳ୍ପ ଘେନୁଛୁ ବୋଲି ଘୋଷଣା କରିଛି ।

ତେଣୁ ଆଜିର ଏହି ପ୍ରାଚୀନ ସଭ୍ୟତାର ଅସାଧାରଣ ଦେଶ ଭାରତବର୍ଷର ସାଧାରଣତନ୍ତ୍ର ଦିବସରେ ଆମ ଦେଶର ବିକାଶ ତଥା ଅଭିବୃଦ୍ଧି କାମନା କରିବା ସହିତ ସମସ୍ତ ଜନସାଧାରଣ ରୋଗ ବିରୁଦ୍ଧରେ, କ୍ଷୁଧା ବିରୁଦ୍ଧରେ, ଅଶିକ୍ଷା ବିରୁଦ୍ଧରେ, ଅସାମ୍ୟ ବିରୁଦ୍ଧରେ, ସାମ୍ପ୍ରଦାୟିକତା ଓ ଆଞ୍ଚଳିକତାବାଦ ବିରୁଦ୍ଧରେ ଲଢେଇ କରିବା ପାଇଁ ନିଜର ସକଳ ଶକ୍ତି ସହ ଆଗଭର ହେବାକୁ ଆମେ ଆମକୁ ଆହ୍ୱାନ ଜଣାଉଛୁଁ ।

ବନ୍ଦେ ଉତ୍କଳ ଜନନୀ, ଜୟହିନ୍ଦ୍

### ଦୁଇଟି ଅମ୍ଲାନ ଜ୍ୟୋତିଷ୍କର ନିର୍ବାଣ

ଗାନ୍ଧୀ ଯୁଗର ଜୀବନ୍ତ ପ୍ରତୀକ ଗୋପବନ୍ଧୁ ଚୌଧୁରୀ ଓ ମା' ରମାଦେବୀ ଚୌଧୁରୀଙ୍କ ସୁଯୋଗ୍ୟ ଦାୟାଦ ଚିର ବିପ୍ଲବିନୀ ଅନ୍ନପୂର୍ଣ୍ଣା ମହାରଣାଙ୍କର ଗତ ୩୧ ଡିସେମ୍ବର, ୨୦୧୨ରେ ତିରୋଧାନ ଘଟି ଓଡ଼ିଶା ପାଇଁ ବର୍ଷ ଶେଷରେ ଘେନି ଆସିଲା ଦାରୁଣ ଦୁଃଖ । କୌଣସି ଦେଶ କେବଳ ମାଟି, ଗୋଡି, ଗଛ, ବୃକ୍ଷ, ପାହାଡ-ପର୍ବତକୁ ନେଇ ଗର୍ବ କରେନା, ଗର୍ବ କରେ ତାର ସଭ୍ୟତା- ସଂସ୍କୃତି-ଭାଷା-ଭାବ-ଜ୍ଞାନ-ବିଜ୍ଞାନକୁ ନେଇ । ସ୍ୱର୍ଗତା ଅନ୍ନପୂର୍ଣ୍ଣା ମହାରଣା ଥିଲେ ଓଡ଼ିଆ ଜାତିର ଅସ୍ମିତାର ପ୍ରତୀକ, ତାର ସଭ୍ୟତା-ସଂସ୍କୃତି-ଭାଷା-ଭାବ-ଜ୍ଞାନ-ବିଜ୍ଞାନର ପ୍ରତିଫଳନ- ଏକାଧାରରେ ମାନବତାର ସୂକ୍ଷ୍ମାତିସୂକ୍ଷ୍ମ ସୃଜନର ପ୍ରତିବିମ୍ବ ଓ ତାର ପରିପ୍ରକାଶ । ତାଙ୍କ ତିରୋଧାନରେ ଗୋଟିଏ ଯୁଗର ଅବସାନ ହେଲା । ମାତାମହ ଉତ୍କଳଗୌରବ ମଧୁସୂଦନ ଓ ଗୋପାଳବଲ୍ଲଭ ଦାସଙ୍କଠାରୁ ପିତା ଗୋପବନ୍ଧୁ ଚୌଧୁରୀ, ମାତା ରମାଦେବୀ ଚୌଧୁରୀ, ପିତୃବ୍ୟ ନବକୃଷ୍ଣ

ଚୌଧୁରୀ, ଖୁଡୀ ମାଳତୀ ଦେବୀ ଚୌଧୁରୀ ତଥା ଭ୍ରାତା ମନମୋହନ ଚୌଧୁରୀ ଯାଏଁ ପ୍ରଲମ୍ବିତ ଏକ ତେଜୋଦୀପ୍ତ ପରମ୍ପରାର ଶେଷ ଉତ୍ତରାଧିକାରିଣୀ, ଓଡ଼ିଆ ଜାତିର ଗୌରବ-ଗାଥାର ଶେଷ ମୂରଲୀଧ୍ୱନି ଅନ୍ନପୂର୍ଣ୍ଣାଙ୍କ ଦାରୁଣ ବିୟୋଗ ଏ ଜାତିକୁ ସ୍ତବ୍ଧ କରି ଦେଇଛି ।

ସମଗ୍ର ଓଡ଼ିଆ ଜାତି ଓ ଓଡ଼ିଶାବାସୀଙ୍କ ସହିତ 'ଉତ୍କଳ ପ୍ରସଙ୍ଗ' ମଧ୍ୟ ଏହି ଦିବ୍ୟାତ୍ମାଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ସେହିପରି ଆମ ସ୍ୱାଧୀନତା ସଂଗ୍ରାମର ବିରଳ ବ୍ୟକ୍ତିତ୍ୱମାନଙ୍କ ମଧ୍ୟରୁ ଅନ୍ୟତମ କ୍ରାନ୍ତିକାରୀ ଚେତନାର ମହାଦ୍ରୁମ, ଆଗ୍ନେୟ ପୁରୁଷ ବୀରବୈଷ୍ଣବ ପଟ୍ଟନାୟକ ଠିକ୍ ୨୦୧୩ ନୂଆ ବର୍ଷର ପ୍ରଥମ ଦିବସ ଅର୍ଥାତ୍ ପହିଲା ଜାନୁଆରୀରେ ଆମ୍ଭମାନଙ୍କ ମଧ୍ୟରୁ ଚିର ବିଦାୟ ଘେନି ଚାଲିଯିବା ଅତ୍ୟନ୍ତ ଦୁଃଖଦ ଘଟଣା ।

ଢେଙ୍କାନାଳର ତତ୍କାଳୀନ ପ୍ରଜା ଉତ୍ପୀଡକ, ଅତ୍ୟାଚାରୀ ଓ ପରଦାରା ହରଣରେ ସେସମୟରେ କୁଖ୍ୟାତି ଅର୍ଜନ କରିଥିବା ରାଜା ଓ ରାଜପରିବାରର ଅତ୍ୟାଚାର, ଅନାଚାର ବିରୁଦ୍ଧରେ ବିଦ୍ରୋହର ବିଗୁଲ ବଜାଇ ପ୍ରଜାକୂଳରେ ବିପ୍ଳବର ବହ୍ନି ପ୍ରଜ୍ୱଳିତ କରିଥିବା ମହାନ୍ କ୍ରାନ୍ତିକାରୀ ବୈଷ୍ଣବ ପଟ୍ଟନାୟକଙ୍କୁ ଜନସାଧାରଣ 'ବୀର' ଉପାଧିରେ ଭୂଷିତ କରିଥିଲେ । ଓଡ଼ିଶାରେ ସାମ୍ୟବାଦୀ ଆନ୍ଦୋଳନର ଅନ୍ୟତମ ଶ୍ରେଷ୍ଠ ସଞ୍ଚାଳକ, ଶ୍ରେଣୀ ସଂଗ୍ରାମର ଶଙ୍ଖନାଦକାରୀ ଢେଙ୍କାନାଳଠାରୁ ତାଳଚେର, ପାଲଲହଡା, ହିନ୍ଦୋଳ, ଆଠମଲ୍ଲିକ ଓ ଓଡ଼ିଶାର ୨୬ ଗଡଜାତରେ ପ୍ରଜାମାନଙ୍କ ଭିତରେ ନିଜର ବଞ୍ଚିବାର ନ୍ୟାୟୋଚିତ ଯୁଦ୍ଧକୁ ବ୍ୟାପକ କରି ପ୍ରଜାମଣ୍ଡଳ ଆନ୍ଦୋଳନକୁ ଏକ ଅନନ୍ୟ ସଂଜ୍ଞା ପ୍ରଦାନ କରିଥିବା ଏହି ମୁକ୍ତି ସଂଗ୍ରାମର ଅନନ୍ୟ ଯୋଦ୍ଧାଙ୍କୁ ସମୟ ଆମ ପାଖରୁ ଛଡାଇ ନେଇଛି ନବବର୍ଷର ପ୍ରଥମ ଦିବସରେ ।

ଆଗ୍ନେୟ ପୁରୁଷ, ବୀରପୁଙ୍ଗବ, ମୁକ୍ତି ଯୋଦ୍ଧା ବୀର ବୈଷ୍ଣବ ପଟ୍ଟନାୟକ ସ୍ୱାଧୀନତା ପରେ ଢେଙ୍କାନାଳର ରାଜ୍ୟ ବିହୀନ, ଅଚଥ ତଥାପି ଦର୍ପ ଓ ଦମ୍ଭର ଦୁର୍ଯ୍ୟୋଧନ ପ୍ରତିମ ରାଜାଙ୍କୁ ପରାସ୍ତ କରି ସାଂସଦଭାବେ ଏବଂ ବିଧାୟକଭାବେ ନିର୍ବାଚିତ ହେବା ତାଙ୍କର ଅନନ୍ୟ ଲୋକପ୍ରିୟତାର ଉଦାହରଣ ।

ଏହି ଜନନାୟକ ଓ ବହ୍ନି ପୁରୁଷଙ୍କର ଅମ୍ଳାନ ସ୍ମୃତିକୁ 'ଉତ୍କଳ ପ୍ରସଙ୍ଗ' ଓଡ଼ିଶାବାସୀଙ୍କ ସହିତ ସଲାମ୍ ଜଣାଉଅଛି, ପ୍ରଣାମ କରୁଛି ।

ଏତଦ୍‌ଭିନ୍ନ ବିଶ୍ୱ ସଂଗୀତ ଜଗତରେ ଭାରତର ଶ୍ରେଷ୍ଠତ୍ୱକୁ ପ୍ରତିପାଦନ କରିଥିବା ଆମ ଶାସ୍ତ୍ରୀୟ ସଂଗୀତ ଜଗତର ରବି ସଦୃଶ ପଦ୍ମବିଭୂଷଣ ପଣ୍ଡିତ ରବିଶଙ୍କରଙ୍କର ବିୟୋଗରେ ମଧ୍ୟ 'ଉତ୍କଳ ପ୍ରସଙ୍ଗ' ଦେଶବାସୀଙ୍କ ସହିତ ତାଙ୍କର ଅମର ଆତ୍ମା ପ୍ରତି ନିଜର ଶ୍ରଦ୍ଧା ସୁମନ ଅର୍ପଣ କରୁଛି ।

### ସାମ୍ପ୍ରତିକ ଓଡ଼ିଆ ସାରସ୍ୱତ ଜଗତର ଅନନ୍ୟ ପ୍ରତିଭା: ପଦ୍ମଶ୍ରୀ ପ୍ରତିଭା ରାୟ

ବର୍ଷର ପ୍ରାରମ୍ଭରେ ଓଡ଼ିଆ ସାହିତ୍ୟ ପାଇଁ ଏକ ଶୁଭ ସଂଦେଶ – ଓଡ଼ିଆ ଭାଷାର ଯଶସ୍ୱୀ କଥାଶିଳ୍ପୀ/ଔପନ୍ୟାସିକା ପଦ୍ମଶ୍ରୀ ଡକ୍ଟର ପ୍ରତିଭା ରାୟ ଭାରତୀୟ ଭାଷାମାନଙ୍କରେ ସବୁଠାରୁ ଅଧିକ ମର୍ଯ୍ୟାଦାଜନକ 'ଜ୍ଞାନପୀଠ ପୁରସ୍କାର' ପାଇବା ପାଇଁ ମନୋନୀତା । 'ଜ୍ଞାନପୀଠ' ପୁରସ୍କାର ଲାଭ କରିବାରେ ପଦ୍ମଶ୍ରୀ ଡକ୍ଟର ରାୟ ଚତୁର୍ଥ ଓଡ଼ିଆ ସାହିତ୍ୟିକ ଓ ପ୍ରଥମ ସାହିତ୍ୟିକା ଏବଂ ଭାରତୀୟ ଭାଷାମାନଙ୍କରେ ସେ ସପ୍ତମ ମହିଳା । ଏହି ପୁରସ୍କାର ବାସ୍ତବ ପକ୍ଷେ ତାଙ୍କର ଯେତେ ନୁହେଁ, ତା'ଠାରୁ ଅଧିକ ଓଡ଼ିଆ ଭାଷାର । ଏ ପୁରସ୍କାର ପ୍ରମାଣିତ କରି ଦେଇଛି ଯେ, ବିଶ୍ୱର ଭାଷା ସାହିତ୍ୟ ଜଗତରେ ଓଡ଼ିଆ ଭାଷା ଅନ୍ୟତମ ଅଗ୍ରଣୀ ଓ ଶ୍ରେଷ୍ଠ ଭାଷା ।

ଆମ ଭାଷା-ସାହିତ୍ୟକୁ ଗୌରବ ପ୍ରଦାନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଓଡ଼ିଶାର ଏହି ପ୍ରତିଭାଦୀପ୍ତ ବରପୁତ୍ରୀ ପ୍ରତିଭା ରାୟଙ୍କୁ ଓଡ଼ିଶାର ଅଗଣିତ ସାହିତ୍ୟ-ରସ-ପିପାସୁ ଜନଗଣଙ୍କ ସହ 'ଉତ୍କଳ ପ୍ରସଙ୍ଗ' ଅଭିନନ୍ଦନ ଜ୍ଞାପନ କରୁଛି ।

ବନ୍ଦେ ଉତ୍କଳ ଜନନୀ ।

---

ଚଳିତ ଜାନୁଆରୀ ମାସ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମମାସ, ଜାତିରପିତା ମହାମାନବ ମହାତ୍ମା ଗାନ୍ଧୀଙ୍କ ତିରୋଧାନର ମାସ, ଓଡ଼ିଆ ସାହିତ୍ୟର ଅପରାଜୟ ସେନାପତି ଯିଏ ଓଡ଼ିଆ ଭାଷାକୁ ଊନବିଂଶ ଶତାବ୍ଦୀର ଦ୍ୱିତୀୟ ଭାଗରେ ବିଲୋପ ହେବାରୁ ରକ୍ଷା କରି ଓଡ଼ିଆ ଜାତିର ଚିର ନମସ୍ୟ ହୋଇଛନ୍ତି, ସେହି ଫକୀର ମୋହନ ସେନାପତିଙ୍କ ଜନ୍ମ ମାସଭାବେ ସଦା ସ୍ମରଣୀୟ । ଓଡ଼ିଶାରେ ଜନ୍ମିତ, ଭାରତୀୟ ମୁକ୍ତି ସଂଗ୍ରାମର ଅନନ୍ୟ ଯୋଦ୍ଧା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମଧ୍ୟ ଏହି ମାସରେ ଧରାବତରଣ କରିଥିଲେ । ଏହି ମହାମାନବମାନଙ୍କ ଅମ୍ଳାନ ସ୍ମୃତି ପ୍ରତି 'ଉତ୍କଳ ପ୍ରସଙ୍ଗ' ଓଡ଼ିଆ ଜାତି ସହ ସମ୍ମିଳିତ ହୋଇ ନିଜର କୃତଜ୍ଞତାର ପରିପ୍ରକାଶ ପୂର୍ବକ ପ୍ରଣାମ ଜଣାଉଅଛି ।

# ଭାରତର ଗଣତାନ୍ତ୍ରିକ ବ୍ୟବସ୍ଥାରେ ସମ୍ବିଧାନର ଗୁରୁତ୍ୱ

ଅଧ୍ୟାପିକା ସୌଦାମିନୀ ବେହେରା

ଭାରତ ହେଉଛି ବହୁ ଜାତି, ଧର୍ମ, ଭାଷା ଓ ବିଭିନ୍ନ ସଂସ୍କୃତି ସମନ୍ୱିତ ଏକ ବିଚିତ୍ର ଦେଶ । ସେଥିପାଇଁ ଏହାକୁ ଏକ ଉପମହାଦେଶ ବୋଲି କୁହାଯାଏ । ଏଠାରେ ବିଭିନ୍ନତା ମଧ୍ୟରେ ଏକତା ଦେଖାଯାଏ ।



ଭାରତର ଇତିହାସ ହେଉଛି ଉଜ୍ଜ୍ୱଳମୟ । ଏହା ହେଉଛି ପୃଥିବୀର ସର୍ବପ୍ରାଚୀନ ସଭ୍ୟ ରାଷ୍ଟ୍ର । ଏଠାରେ ଦିନେ ଆର୍ଯ୍ୟ ସଂସ୍କୃତିର ବିକାଶ ଘଟିଥିଲା ଓ ଦିନେ ବେଦ, ଉପନିଷଦ, ରାମାୟଣ, ମହାଭାରତ ଇତ୍ୟାଦି କାଳଜୟୀ ଗ୍ରନ୍ଥମାନ ରଚିତ ହୋଇଥିଲା । ଭାରତୀୟ ସଭ୍ୟତାର ଆଲୋକ ବିଶ୍ୱ ଜଗତକୁ ଉଦ୍‌ଭାଷିତ କରୁଛି । କିନ୍ତୁ ରାଷ୍ଟ୍ରୀୟ ଏକତା ଓ ସଂହତିର ଅଭାବରୁ ବୈଦେଶିକମାନେ ଏହି ମାଟିରେ ପ୍ରବେଶ କରି ଆମର ସ୍ୱାଧୀନତାକୁ ଅପହରଣ କରିନେଲେ । ଆମ୍ଭେସବୁ ହେଲୁ ପରପଦାନତ । ସେଥିପାଇଁ ଇତିହାସରେ ସୃଷ୍ଟି ହେଲା ଏକ କରୁଣ ଓ ଅଶ୍ଳୀଳ ଅଧ୍ୟାୟ ।

ଡଚ୍ ଓଲନ୍ଦାଜ୍ ପର୍ତ୍ତୁଗୀଜ୍‌ଙ୍କ ରାଜତ୍ୱ ପରେ ସର୍ବଶେଷରେ ଏ ଦେଶକୁ ଆସିଲେ ଇଂରେଜମାନେ । ଐଶ୍ୱର୍ଯ୍ୟ, ସମ୍ପଦରେ ଭରପୂର ଏ ଦେଶକୁ ବାଣିଜ୍ୟ ବ୍ୟବସାୟ କରିବା ଆଳରେ ଆସି ଭାରତକୁ କରାୟତ୍ତ କଲେ ନିଜର କୁଟିଳ ବୁଦ୍ଧି ଓ ଚକ୍ରାନ୍ତରେ । ଦେଶର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ବ୍ୟବସ୍ଥାରେ ଅବନତି ଦେଖାଗଲା । କୃଷକ, ଶ୍ରମିକ ଗୋଷ୍ଠୀ ଦୁଃଖ ଦୁର୍ଦ୍ଦଶାରେ କାଳାତିପାତ କଲେ । ଇଂରେଜମାନଙ୍କ ଅତ୍ୟାଚାର ବଢିଚାଲିଲା । ଏହି ପରିସ୍ଥିତିରେ ଯେଉଁ ନୂତନ ଶିକ୍ଷିତ, ସଚେତନ ଗୋଷ୍ଠୀ, ସୃଷ୍ଟି ହେଲେ ଏହି ଶାସନରୁ ମୁକ୍ତି ପାଇବା ପାଇଁ ସେମାନଙ୍କ ହୃଦୟରେ ଜାତୀୟତାବାଦର ବିକାଶ ଘଟିଲା । ଇଂରାଜୀ ଭାଷା ଓ ପାଶ୍ଚାତ୍ୟ ଶିକ୍ଷା, ନୂତନ ଯାତାୟାତ ଓ ପରିବହନ ବ୍ୟବସ୍ଥାର ବିକାଶ, ଭାରତୀୟ ଐତିହ୍ୟ ପ୍ରତି ଜନସଚେତନତା, ସାମାଜିକ ଓ ଧର୍ମଗତ ସଂସ୍କାରମୂଳକ ଆନ୍ଦୋଳନ, ଆର୍ନ୍ତଜାତୀୟ ଘଟଣାବଳୀର ପ୍ରଭାବ, ଇଂରେଜମାନଙ୍କ ଦମନମୂଳକ ତଥା ବର୍ଣ୍ଣବୈଷମ୍ୟ ନୀତି ପାଇଁ ଶିକ୍ଷିତ ଜନସାଧାରଣଙ୍କ ମନରେ ଦେଶ ପ୍ରେମର ବହ୍ନି ଜଳି ଉଠିଲା ।

୧୮୮୫ ମସିହାରେ ଭାରତୀୟ ଜାତୀୟ କଂଗ୍ରେସର ପ୍ରତିଷ୍ଠା ହେଲା । ଏହାପୂର୍ବରୁ ୧୮୬୬ ମସିହାରେ ଦାଦା ଭାଇ

ନାରୋଜୀ ଲଣ୍ଡନଠାରେ 'ଇଷ୍ଟ ଇଣ୍ଡିଆନ୍ ଆସୋସିଏସନ୍', ମହାଦେବ ଗୋବିନ୍ଦ ରାନାଡେ ୧୮୬୭ ମସିହାରେ 'ପୁନା ସାର୍ବଜନୀନ ସଭା' ଓ ୧୮୮୧ରେ 'ମାଡ୍ରାସ ମହାଜନ ସଭା' ୧୮୭୫ ମସିହାରେ ସୁରେନ୍ଦ୍ର ନାଥ ବାନାର୍ଜୀ ଓ ଆନନ୍ଦ ମୋହନ ବୋଷ୍ 'ଇଣ୍ଡିଆନ୍ ଆସୋସିଏସ୍' ଗଠନ କରି ସାମାଜିକ ସଂସ୍କାର ଓ ଜାତୀୟ ଚେତନା ବୃଦ୍ଧି ପାଇଁ ଉଦ୍ୟମ କରିଥିଲେ ।

ସ୍ୱାଧୀନତା ସଂଗ୍ରାମକୁ ମୁଖ୍ୟତଃ ଦୁଇଟି ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ ଯଥା– ଗାନ୍ଧୀ ପୂର୍ବବର୍ତ୍ତୀ ଯୁଗ (୧୮୮୫–୧୯୧୯) ଓ ଗାନ୍ଧୀ ପରବର୍ତ୍ତୀ ଯୁଗ (୧୯୧୯–୧୯୪୭) । ଗାନ୍ଧୀ ପୂର୍ବବର୍ତ୍ତୀ ଯୁଗକୁ ମଧ୍ୟ ଉପପର୍ଯ୍ୟାୟରେ ଭାଗ କରାଯାଏ ୧୮୮୫ରୁ ୧୯୦୫ ମସିହା ପର୍ଯ୍ୟନ୍ତ ସମୟକୁ ଉଦାରପନ୍ଥୀ ଯୁଗ ଓ ୧୯୦୫ରୁ ୧୯୧୯ ମସିହା ପର୍ଯ୍ୟନ୍ତ ଚରମପନ୍ଥୀ ଯୁଗ ରୂପେ ଚିତ୍ରଣ କରାଯାଇଛି । ଦାଦା ଭାଇ ନାରୋଜି, ମହାଦେବ ଗୋବିନ୍ଦ ରାନାଡେ, ଗୋପାଳ କୃଷ୍ଣ ଗୋଖଲେ, ଖୀରୋଜ ଶାହା ମେହେଟା, ଉମେଶ ଚନ୍ଦ୍ର ବାନାର୍ଜୀ, ସୁରେନ୍ଦ୍ର ନାଥ ବାନାର୍ଜୀ ନେତାମାନେ ନରମପନ୍ଥୀ ଥିଲେ । ଜାତୀୟ ଆନ୍ଦୋଳନର ଏହି ପ୍ରଥମ ପର୍ଯ୍ୟାୟରେ ସ୍ୱାଧୀନତା ହାସଲ କରିବା ଏମାନଙ୍କ ଲକ୍ଷ୍ୟ ନଥିଲା । ଭାରତୀୟମାନଙ୍କ ପାଇଁ ବାକ୍ ସ୍ୱାଧୀନତା, ସମ୍ବାଦପତ୍ର ପ୍ରକାଶନର ସ୍ୱାଧୀନତା ପ୍ରଭୃତି ସାମାଜିକ, ରାଜନୈତିକ ଅଧିକାର ହାସଲ ପାଇଁ ସେମାନେ ଦାବି ଉପସ୍ଥାପନ କରୁଥିଲେ ।

ଭାରତୀୟ ଜାତୀୟ ଆନ୍ଦୋଳନର ରୂପ ବଦଳିଗଲା । ମହାନ୍ ଜନନାୟକ ମୋହନ ଦାଶ କରମ ଚାନ୍ଦ ଗାନ୍ଧୀଙ୍କର ଭାରତୀୟ ରାଜନୀତିରେ ଆବିର୍ଭାବ ଘଟିଲା । ଇଂରେଜ ସରକାର ମହାତ୍ମା ଗାନ୍ଧୀଙ୍କୁ 'କାଇଜର-ଇ-ହିନ୍ଦୁ' ଉପାଧିରେ ଭୂଷିତ କରିଥିଲେ ।

ମହାତ୍ମା ଗାନ୍ଧୀଙ୍କ ନୀତିଥିଲା 'ଅହିଂସା ହିଁ ପରମ ଧର୍ମ' । ସେ ସତ୍ୟର ପୂଜାରୀ ଥିଲେ । ପ୍ରଥମ ବିଶ୍ୱଯୁଦ୍ଧ ପରେ ସେ ରାଜନୀତିରେ ଯୋଗଦେଲେ । ସେତେବେଳେ ଚାରିଆଡେ ବିପ୍ଳବର ବହ୍ନି ଜଳୁଥାଏ । ଜନସାଧାରଣଙ୍କ ଆତ୍ମାରେ ଦେଶପ୍ରୀତି ଜାଗ୍ରତ କରାଇବା, ସ୍ୱାଧୀନତାର ବିଶ୍ୱାସ ଯୋଗାଇବା ଏତେ ସହଜ ନଥିଲା । କାରଣ ଜନତାଙ୍କୁ ଉପଯୁକ୍ତ ମାର୍ଗ ଦର୍ଶନର ଚାବିକାଠିର ଅଭାବ ଥିଲା । କିନ୍ତୁ ମହାତ୍ମା ଏପରି ଜଣେ ବିରଳ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ଯେ, ତାଙ୍କ ବାକ୍ ଚାତୁରୀରେ ସମସ୍ତେ ଢଳିଯାଇଥିଲେ ।

ଐତିହାସିକ ଭାରତୀୟ ସ୍ୱାଧୀନତା ସଂଗ୍ରାମ ତିନୋଟି ଆନ୍ଦୋଳନ ଦେଇ ଗତି କରିଥିଲା । ଅସହଯୋଗ ଆନ୍ଦୋଳନ (୧୯୨୦–୧୯୨୨), ଆଇନ ଅମାନ୍ୟ ଆନ୍ଦୋଳନ (୧୯୩୦–୧୯୩୪) ଓ ଭାରତଛାଡ ଆନ୍ଦୋଳନ ୧୯୪୨ରେ ହୋଇଥିଲା । ଭାରତୀୟ ସ୍ୱାଧୀନତା ସଂଗ୍ରାମ ଓଡ଼ିଶାରେ ମଧ୍ୟ ତୀବ୍ର ରୂପ ଧାରଣ କରିଥିଲା । ଓଡ଼ିଶାର ବହୁ ସଂଗ୍ରାମୀ ଏହି ଆନ୍ଦୋଳନରେ ଝାସ ଦେଇଥିଲେ । ଓଡ଼ିଶାରେ ଇଂରେଜ ଦ୍ରବ୍ୟ ବର୍ଜନ ହୋଇଥିଲା । ଇଞ୍ଚୁଡି, ବାଲେଶ୍ୱରର ସାର୍ଥୀ, କଟକର କୁଜଙ୍ଗ, ପୁରୀର କୁହୁଡି ଓ ଗଞ୍ଜାମର ହୁମ୍ମାଠାରେ ଲବଣ ସତ୍ୟାଗ୍ରହ ହୋଇଥିଲା । ବିଭିନ୍ନ ସ୍ଥାନରେ ସରକାରଙ୍କ ଦମନଲୀଳା ଓ ସମ୍ବାଦପତ୍ର ପ୍ରକାଶନ ବନ୍ଦ କରାଯାଇଥିଲା । ଏହିପରି ଭାବରେ ଓଡ଼ିଶାରେ ସଂଗ୍ରାମ ଚାଲୁ ରହିଥିଲା ।

ଦେଶର ମୌଳିକ ଗୁରୁତ୍ୱପୂର୍ଣ୍ଣ ଆଇନ୍‌ଗୁଡିକର ପଞ୍ଜିକୃତ ରୂପକୁ ସମ୍ବିଧାନ କୁହାଯାଏ । ଭାରତବର୍ଷର ସମ୍ବିଧାନ ଭାରତୀୟ ଜନସାଧାରଣଙ୍କ ଇଛା ଆଦର୍ଶ, ଆଭିମୁଖ୍ୟ, ପରମ୍ପରା ଓ ବିଶ୍ୱାସକୁ ଆଧାର କରି ପ୍ରସ୍ତୁତ ହୋଇଛି । ଏଥିପାଇଁ ଚିଠା ସମ୍ବିଧାନ ପ୍ରସ୍ତୁତ କରିବା ଦାୟିତ୍ୱ ଚିଠା କମିଟିକୁ ଦିଆଯାଇଥିଲା । ଏହି କମିଟିର ଦାୟିତ୍ୱ ଗୁରତ୍ୱପୂର୍ଣ୍ଣ ହୋଇଥିବାରୁ ବିଶିଷ୍ଟ ବିଦ୍ୱାନ୍ ବ୍ୟକ୍ତି ସାମିଲ ହୋଇଥିଲେ । ଡକ୍ଟର ଭୀମ ରାଓ ଆମ୍ବେଦକର ଏହି କମିଟିର ଅଧକ୍ଷ ଥିଲେ । ତାଙ୍କ ବ୍ୟକ୍ତିତ୍ୱ ଏନ୍. ଗୋପାଳ ସ୍ୱାମୀ ଆୟାଙ୍ଗର, ଆଲାଡି କୃଷ୍ଣ ସ୍ୱାମୀ ଆୟାର, କେ. ଏମ୍. ମୁନ୍‌ସି, ମହମ୍ମଦ ସଦ୍ଦୁଲା, ଏନ୍. ମାଧବ ରାଓ ଓ ଟି.ଟି. କ୍ରିଷ୍ଣା ମାଚାରୀ ଏହି କମିଟିର ସଭ୍ୟ ଥିଲେ ।

ଏହି ସମ୍ବିଧାନ ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ପ୍ରଣୟନ ସଭା ଦ୍ୱାରା ଗୃହୀତ ହେଲାପରେ ୧୯୫୦ ମସିହା ଜାନୁଆରୀ ୨୬ ତାରିଖରୁ ସମଗ୍ର ଦେଶରେ ପ୍ରବର୍ତ୍ତିତ ହେଲା । ଡକ୍ଟର ଆମ୍ବେଦକର ଓ ଅନ୍ୟ ସଦସ୍ୟଙ୍କ କଠିନ ପରିଶ୍ରମ ଓ ନିସ୍ୱାର୍ଥପର ସେବା ଯୋଗୁଁ ସେମାନେ ଭାରତ ଇତିହାସରେ ନମସ୍ୟ ହୋଇ ରହିଛନ୍ତି ।

ପ୍ରତ୍ୟେକ ବର୍ଷ ଜାନୁଆରୀ ୨୬ ତାରିଖକୁ ଆମେ ସାଧାରଣତନ୍ତ୍ର ଦିବସ ଭାବେ ପାଳନ କରିଆସୁଅଛୁ । ଏହିଦିନ ଆମେ ଜାତୀୟ ପତାକାକୁ ସମ୍ମାନ ଜଣାଇ ପ୍ୟାରେଡ୍ କରି ଖୁବ୍ ଧୁମ୍‌ଧାମ୍‌ରେ ପାଳନ କରିଥାଉ । ଭାରତର ସମ୍ବିଧାନକୁ ପୃଥିବୀରେ

ସର୍ବଶ୍ରେଷ୍ଠ ସମ୍ବିଧାନର ଆଖ୍ୟା ଦିଆଯାଇଅଛି । ଏହା ପୃଥିବୀର ବିଭିନ୍ନ ଉନ୍ନତ ରାଷ୍ଟ୍ର ଯଥା ଇଂଲଣ୍ଡର ସଂସଦୀୟ ଶାସନ ବ୍ୟବସ୍ଥା, ଯୁକ୍ତରାଷ୍ଟ୍ର ଆମେରିକାର ସଂଘୀୟ ବ୍ୟବସ୍ଥା ଓ ମୌଳିକ ଅଧିକାର, ଆୟାରଲ୍ୟାଣ୍ଡର ରାଷ୍ଟ୍ର ନିର୍ଦ୍ଦେଶକ ନୀତି, ଜର୍ମାନୀର ଜରୁରିକାଳୀନ ବ୍ୟବସ୍ଥା, ପୂର୍ବତନ ସୋଭିଏତ୍ ଋଷର ମୌଳିକ କର୍ତ୍ତବ୍ୟ ଆଦି ବିଭିନ୍ନ ବ୍ୟବସ୍ଥା ଅନୁସରଣ କରାଯାଇଅଛି । ବର୍ତ୍ତମାନ ଆମ ସମ୍ବିଧାନରେ ୩୯୫ଟି ଧାରା ଓ ୧୨ଟି ଅନୁସୂଚୀ ରହିଛି । ସମ୍ବିଧାନର ଆରମ୍ଭରେ ଏକ ପ୍ରସ୍ତାବନା ସଂଯୁକ୍ତ କରାଯାଇଅଛି । ଏହା ମାଧ୍ୟମରେ ସମ୍ବିଧାନର ମୁଖ୍ୟ ଚରିତ୍ରଗୁଡିକ ସୂଚୀତ ହୋଇଛି । ପ୍ରସ୍ତାବନାକୁ ତର୍ଜମା କଲେ ସ୍ପଷ୍ଟ ହୁଏ ଯେ, ଏହା ମଧ୍ୟରେ ସମ୍ବିଧାନର ଉତ୍ସ, ଭାରତୀୟ ରାଷ୍ଟ୍ର ବ୍ୟବସ୍ଥା, ନାଗରିକମାନଙ୍କ ଅଧିକାର ଓ ସୁଯୋଗ, ଜାତୀୟ ଐକ୍ୟ, ଭାଇଚାରା ରାଷ୍ଟ୍ରର ଉଦ୍ଦେଶ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ସ୍ଥାନିତ ହୋଇଛି । ସେହିଦିନଠାରୁ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଗଣତାନ୍ତ୍ରିକ ଓ ସାଧାରଣତନ୍ତ୍ର ରାଷ୍ଟ୍ର ବୋଲି ଘୋଷଣା କରାଗଲା । ସାଧାରଣତନ୍ତ୍ର ରାଷ୍ଟ୍ରରେ ରାଷ୍ଟ୍ରମୁଖ୍ୟ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି ଓ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟକାଳ ସମାପ୍ତ କଲାପରେ ଆପଣାଛାଏଁ ସେହି ପଦବୀରୁ ଅପସାରିତ ହୁଅନ୍ତି, ଆମ ଭାରତରେ ଏହା ଦେଖାଯାଏ ।

ଭାରତ ସମ୍ବିଧାନ ଦ୍ୱାରା ପ୍ରଦତ୍ତ ନାଗରିକମାନଙ୍କର ୬ଟି ମୌଳିକ ଅଧିକାର ରହିଅଛି । ଏହା ଆମ ଅଧିକାରର ରକ୍ଷା କବଚ ହୋଇଥାଏ । ଆମର ମଧ୍ୟ ରାଷ୍ଟ୍ର ପାଇଁ ୧୧ଟି ମୌଳିକ କର୍ତ୍ତବ୍ୟ ରହିଅଛି । ଏପର୍ଯ୍ୟନ୍ତ ଅନୁସୃତ ପଦ୍ଧତିରୁ ଯାହା ଜଣାପଡେ, ସମ୍ବିଧାନର ପ୍ରାଧାନ୍ୟ, ଜନଗଣଙ୍କ ସାର୍ବଭୌମତ୍ୱ, ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା, ସଂଘୀୟ ଶାସନ, ସାଧାରଣତନ୍ତ୍ରର ରାଷ୍ଟ୍ର ବ୍ୟବସ୍ଥା, ନ୍ୟାୟିକ ପୁନରାବଲୋକନ ଓ ଉଚ୍ଚତମ ନ୍ୟାୟାଳୟର ପ୍ରାଧାନ୍ୟ ପ୍ରଭୃତି ମୌଳିକ ଢାଞ୍ଚାର ଅଂଶବିଶେଷ । ଭାରତ ସମ୍ବିଧାନ ଉଭୟ ନମନୀୟ ଓ ଅନମନୀୟତାର ଅପୂର୍ବ ସମନ୍ୱୟରେ ଗଠିତ ହୋଇଥିବାରୁ ଆମ ଶାସନ ବ୍ୟବସ୍ଥା ପ୍ରଗତିଶୀଳ ହୋଇପାରିଛି, ଏଥିରେ ସନ୍ଦେହ ନାହିଁ । ସବୁଠାରୁ ବଡ କଥା ଦୀର୍ଘଦିନ ଧରି ଇଂରେଜ ଶାସନ ଅଧୀନରେ ଥିଲେ ମଧ୍ୟ ସେମାନଙ୍କ ଅନୁସୃତ ଅଲିଖିତ ସମ୍ବିଧାନ ପରିବର୍ତ୍ତେ ଏକ ଲିଖିତ ସମ୍ବିଧାନ ନିଜସ୍ୱ ଶୈଳୀରେ ପ୍ରଣୟନ କରି ଗ୍ରହଣ କରିନେଇଛୁ ।

ସମ୍ବିଧାନର ଚିଠା କମିଟିର ଅଧ୍ୟକ୍ଷ ତଥା ଭାରତୀୟ ସମ୍ବିଧାନର ଜନକ ଡକ୍ଟର ଆମ୍ବେଦକର ତାଙ୍କର ମହତ କାର୍ଯ୍ୟ ପାଇଁ ଭାରତୀୟମାନଙ୍କ ନିକଟରେ ଚିର ଅମର ହୋଇ ରହିଛନ୍ତି । ଆଜି ଆମେ ତାଙ୍କ ନିକଟରେ ଚିର ଋଣୀ ହୋଇ ରହିବୁ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ରାଜନୀତି ବିଜ୍ଞାନ ବିଭାଗ
ସୋମନାଥ ବାଲୁଙ୍କେଶ୍ୱର ଦେବ ମହିଳା ମହାବିଦ୍ୟାଳୟ
କଣ୍ଟିଆ, ଜଟଣୀ, ଖୋର୍ଦ୍ଧା

❖ ❖ ❖

# ସତ୍ୟ, ଅହିଂସା ଓ ଖଦୀର ଏକନିଷ୍ଠ ସାଧକ ଗାନ୍ଧିଜୀ

ଗୋଲକ ବିହାରୀ ନାୟକ

ଏକଦା ପ୍ରଚୁର ପ୍ରାକୃତିକ ସମ୍ପଦ, କଳା ଓ ସୃଜନଶୀଳତାରେ ପରିପୂର୍ଣ୍ଣ ଥିଲା ଆମର ଏ ଦେଶ ଭାରତବର୍ଷ । କାଳକ୍ରମେ ବିଦେଶୀ ବଣିକମାନେ ବାଣିଜ୍ୟ ବ୍ୟବସାୟ କରିବାକୁ ଆସି ଭାରତରୁ ଅନେକ ଧନସମ୍ପଦ ଲୁଟି ନେଲେ । ପର୍ତ୍ତୁଗୀଜର ନାବିକ ଭାସ୍କୋଡାଗାମା ୧୪୯୮ ଖ୍ରୀ.ଅରେ ଭାରତକୁ ଜଳପଥର ଆବିଷ୍କାର କଲେ । ଉଭୟ ଜଳପଥ ଓ ସ୍ଥଳପଥରେ ଇଉରୋପ ସହିତ ଭାରତର ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପିତ ହେଲା । ସେ ଭାରତରୁ ପ୍ରଚୁର ଧନସମ୍ପଦ ନେଇ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପରେ ପୁଣି ୧୫୦୨ ଖ୍ରୀ.ଅ.ରେ ଭାରତକୁ ଆସିଲେ । ପ୍ରାୟ ଶହେବର୍ଷ ପର୍ଯ୍ୟନ୍ତ ପର୍ତ୍ତୁଗୀଜମାନେ ଭାରତରେ ଏକଚାଟିଆ ବାଣିଜ୍ୟ କଲେ । ୧୫୯୨ ଖ୍ରୀ.ଅରେ ଇଂଲଣ୍ଡ ବଣିକ ଜନ୍ ମିଲଡେନହଲ୍ ସ୍ଥଳ ପଥରେ ଆସି ଭାରତ ସହିତ ବାଣିଜ୍ୟିକ ସମ୍ପର୍କ ପ୍ରତିଷ୍ଠା କଲେ ଓ ୧୫୯୯ ଖ୍ରୀ.ଅରେ Governor and company of merchants of London Trading into the East India ନାମରେ ଏକ କମ୍ପାନୀ ଗଠନ କଲେ । ପରବର୍ତ୍ତୀ କାଳରେ ଅର୍ଥାତ୍ ୧୬୦୦ ଖ୍ରୀ.ଅ. ଡିସେମ୍ବର ୩୧ ତାରିଖରେ ରାଣୀ ଏଲିଜାବେଥ ପ୍ରାଚ୍ୟ ସହିତ ବାଣିଜ୍ୟ କରିବା ପାଇଁ ସନନ୍ଦ ପ୍ରଦାନ କଲେ । ଭାରତୀୟମାନଙ୍କର ସରଳତାର ସୁଯୋଗ ନେଇ ଭାରତରେ ସେମାନେ ନିଜର ଆଧିପତ୍ୟ ବିସ୍ତାର କଲେ । ବହୁଜାତି, ବହୁଧର୍ମ ଓ ବହୁ ଭାଷାଭାଷୀ ଭାରତୀୟମାନଙ୍କ ଭିତରେ ବିଭେଦ ସୃଷ୍ଟି କରି ବିଦ୍ୱେଷର ବୀଜ ବପନ କଲେ ।



ସେମାନଙ୍କର ଇଚ୍ଛାକୁ ଭାରତୀୟମାନଙ୍କ ଉପରେ ଜବରଦସ୍ତ ଲଦିଲେ । ଯେଉଁମାନେ ଏହାର ପ୍ରତିବାଦ କଲେ ସେମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କଲେ । ଏପରିକି ସେମାନଙ୍କୁ ଜୀବନରୁ ମାରିଦେବାକୁ ମଧ୍ୟ ପଶ୍ଚାତ୍ ପଦ ହେଲେ ନାହିଁ । ସେମାନଙ୍କର ଯାତାୟାତ ଓ ବାଣିଜ୍ୟ ବ୍ୟବସାୟର ସୁବିଧା ପାଇଁ ଭାରତରେ ରେଳପଥର ପ୍ରଚଳନ ଆରମ୍ଭ କଲେ । ଭାରତରୁ ବିଭିନ୍ନ ପ୍ରକାର କଞ୍ଚାମାଲ ଇଂଲଣ୍ଡରୁ ପ୍ରେରଣ କରାଗଲା । ଇଂଲଣ୍ଡକୁ କାର୍ପାସ ବସ୍ତ୍ର ଆମଦାନୀ କରାଗଲା ଓ ତାହାକୁ ଭାରତରେ ଅଧିକ ଦାମରେ ବିକ୍ରି କରାଗଲା । ଫଳରେ ଭାରତର ଗ୍ରାମାଞ୍ଚଳରେ ପ୍ରସ୍ତୁତ ବୟନ ଓ କାର୍ପାସ ଶିଳ୍ପର ଦ୍ରୁତ ଅବନତି ହେଲା । କୁଟୀର ଶିଳ୍ପର ଅବନତି ଘଟିବାରୁ ଲୋକମାନେ କୃଷିକାର୍ଯ୍ୟ ଉପରେ ନିର୍ଭର କଲେ । ମାତ୍ର ଇଂରେଜମାନେ ଭାରତରୁ ରାଜସ୍ୱ ଆଦାୟ ନାଁରେ ଗରିବ ଖଟିଖିଆମାନଙ୍କୁ ଶୋଷଣ କଲେ । ସେମାନଙ୍କ

କର୍ମଚାରୀମାନଙ୍କୁ ଦରମା ଦେବା ପାଇଁ ଭାରତୀୟ ରାଜକୋଷରୁ ଅଜସ୍ର ଅର୍ଥ ବ୍ୟୟ କଲେ । ସମୟକ୍ରମେ ଏସବୁର ପ୍ରତିବାଦ କରି ଇଂରେଜ କୁଶାସନ ବିରୁଦ୍ଧରେ ବିଦ୍ରୋହର ସ୍ୱର ଉଠି ତାହା ସାମୟିକ ଭାବରେ ପ୍ରଶମିତ ହେଲା । କିନ୍ତୁ ବହୁକାଳ ଧରି ଏ ବିଦ୍ରୋହକୁ ଇଂରେଜମାନେ ଚାପିଦେଇ ପାରିଲେ ନାହିଁ । ଏହା କ୍ରମେ ଅଧିକରୁ ଅଧିକତର ହେଲା । ଅନେକ ସ୍ୱାଧୀନତା ସଂଗ୍ରାମୀ ପ୍ରାଣବଳି ଦେଲେ । ପରିଶେଷରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ନେତୃତ୍ୱରେ ଇଂରେଜ ସରକାର ବିରୁଦ୍ଧରେ ସ୍ୱାଧୀନତାର ସ୍ୱର ଅଧିକ ବ୍ୟାପକ ହେଲା ଓ ଦୀର୍ଘ ୨୦୦ବର୍ଷରୁ ଅଧିକ କାଳଧରି ଆମର ଏ ଦେଶକୁ ଲୁଣ୍ଠନ କରିଥିବା ଇଂରେଜ ସରକାର ଏ ଦେଶରୁ ବିଦାୟ ନେଲା ।

ଭାରତକୁ ଇଂରେଜମାନଙ୍କ ଶୋଷଣରୁ ମୁକ୍ତ କରିବା ପାଇଁ ଗାନ୍ଧିଜୀଙ୍କର ନେତୃତ୍ୱ ସ୍ୱାଧୀନଚେତା ଭାରତୀୟମାନଙ୍କୁ ଏକ ନୂତନ ପଥ ଦେଖାଇଲା । ତାହା ଥିଲା ସତ୍ୟ ଓ ଅହିଂସାର ପଥ । ଜୀବନର କେତେକ ଘଟଣା ଗାନ୍ଧିଜୀଙ୍କୁ ସତ୍ୟ ଓ ଅହିଂସା ଭଳି ପବିତ୍ର ଶବ୍ଦ ସହିତ ପରିଚିତ କରାଇଥିଲା । ସାର୍ ଆରନୋଲଡଙ୍କ ଶ୍ରୀମଦ୍ ଭାଗବତ ଗୀତାର ଚମତ୍କାର ଇଂରାଜୀ ଅନୁବାଦ ସମଗ୍ର ପୃଥିବୀରେ ସେତେବେଳେ ଚହଳ ସୃଷ୍ଟି କରିଥିଲା । କିଛି ସଜ୍ଜନଙ୍କ ଦ୍ୱାରା ପ୍ରଭାବିତ ହୋଇ ଗାନ୍ଧିଜୀ ଗୀତା ପଢିବାର ସୁଯୋଗ ପାଇଲେ । ସେତେବେଳକୁ ତାଙ୍କୁ ମାତ୍ର ୨୦ ବର୍ଷ ବୟସ । ଗୀତାର ଇଂରାଜୀ ଅନୁବାଦ ତାଙ୍କୁ ଯଥେଷ୍ଟ ପ୍ରଭାବିତ କଲା । ସଂସ୍କୃତରେ ଲିଖିତ ନିଜର ଧର୍ମଗ୍ରନ୍ଥକୁ ପଢି ନଥିବାରୁ ଲଜ୍ଜିତ ହେଲେ । କ୍ରମେ ସେ ଗୀତା ପଢିବା ସହିତ ମୁଖସ୍ଥ କରିବାକୁ ଲାଗିଲେ । ବିଲାତରେ ପଢିବା ବେଳେ ସେ ବ୍ରହ୍ମବିଦ୍ୟା ସମାଜ ଓ ବାଇବେଲ ସୋସାଇଟିର ସଂସ୍ପର୍ଶରେ ଆସୁଥିଲେ । କିଛି ଖ୍ରୀଷ୍ଟିୟାନ ବନ୍ଧୁ ତାଙ୍କୁ ବାଇବେଲ ପଢିବାକୁ ଦେଲେ । 'କିଏ ତୁମ ଡାହାଣ ଗାଲକୁ ଚାପୁଡାଏ ମାରିଲେ ତାକୁ ତୁମର ଅନ୍ୟ ଗାଲଟି ଦେଖାଇଦିଅ ।' ଯୀଶୁଖ୍ରୀଷ୍ଟଙ୍କର ଏହି ମହାନବାଣୀ ତାଙ୍କୁ ଆହୁରି ପ୍ରଭାବିତ କଲା । ଯାହାକି ପରବର୍ତ୍ତୀ କାଳରେ ତାଙ୍କୁ ଅହିଂସା ପଥରେ ଚାଲିବା ପାଇଁ ଅନୁପ୍ରେରିତ କଲା । ପୃଥିବୀର ବିଶିଷ୍ଟ ସାହିତ୍ୟିକ ତଥା ଯୁଗ ପ୍ରବର୍ତ୍ତକ ଲିଓ ଟଲଷ୍ଟୟଙ୍କର ଉପନ୍ୟାସ 'War and Peace' ଏବଂ 'The Kinddom of God is within you' ତାଙ୍କ ଜୀବନକୁ ମଧ୍ୟ ବହୁଭାବରେ ପ୍ରଭାବିତ କଲା । ଏକଦା ଭୋଗ ବିଳାସରେ ଜୀବନକୁ ଅତିବାହିତ କରୁଥିବା ଟଲଷ୍ଟୟ ଜୀବନର ଅପରାହ୍ନରେ ନିଜର ଭୁଲ ବୁଝିପାରିଥିଲେ ଓ ବସ୍ତୁବାଦୀ ଜଗତ ପ୍ରତି ବିମୁଖ ହୋଇଥିଲେ । ମାଂସାହାର, ଧୂମପାନ ଇତ୍ୟାଦି ମନ୍ଦ ଅଭ୍ୟାସ ପରିହାର କରି ସେ କୃଷି କାର୍ଯ୍ୟରେ ମନୋନିବେଶ କଲେ । ଏପରିକି ଖାଲି ପାଦରେ ଚାଲିବାକୁ ପସନ୍ଦ କରିଥିଲେ । ସାଧାରଣ ଜନତାଙ୍କୁ ନୈତିକ ଶିକ୍ଷାଦାନ ସହିତ ଦୁର୍ଭିକ୍ଷ ପ୍ରପୀଡିତ ଲୋକଙ୍କୁ ସାହାଯ୍ୟ କଲେ । ଲିଓ ଟଲଷ୍ଟୟଙ୍କ ପ୍ରତି ଗାନ୍ଧିଜୀଙ୍କର ଶ୍ରଦ୍ଧା ଓ ଭକ୍ତି ବଢିଲା । ତାଙ୍କୁ ସେ ବାରମ୍ବାର ପତ୍ର ଲେଖିବାକୁ ଆରମ୍ଭ କଲେ । ଟଲଷ୍ଟୟଙ୍କ ଅନେକ ଗ୍ରନ୍ଥ କ୍ରୟକରି ଜୀବନକାଳ ପଢିବାକୁ ଲାଗିଲେ ।

ଭଗବାନ ହିଁ ସତ୍ୟ । ମାତ୍ର ଗାନ୍ଧିଜୀ ଏହି ଉକ୍ତିକୁ ଓଲଟାଇ କହିଲେ– ସତ୍ୟ ହିଁ ଭଗବାନ । ଏହି ସତ୍ୟକୁ ସେ ଉପଯୋଗ କରି ଜୀବନରେ ଅନେକ ଜଟିଳ ସମସ୍ୟାର ସମାଧାନ କରିବାକୁ ସମର୍ଥ ହୋଇଥିଲେ । ଦକ୍ଷିଣ ଆଫ୍ରିକାରେ ଓକିଲାତି କରିବାକୁ ଯାଇ ସେଠାରେ ନିଜର ଜୀବନ ଜୀବିକାକୁ ନେଇ ଗୋରା ସାହେବମାନଙ୍କ ଦ୍ୱାରା ନିର୍ଯାତିତ ହେଉଥିବା ଭାରତୀୟଙ୍କୁ ନ୍ୟାୟ ପ୍ରଦାନ କରିବାରେ ସଫଳ ହୋଇଥିଲେ । ଦକ୍ଷିଣ ଆଫ୍ରିକା ଥିଲା ଇଂରେଜମାନଙ୍କର ଏକ ଉପନିବେଶ । ସେଠାରେ ବହୁ ସଂଖ୍ୟାରେ ଭାରତୀୟମାନେ ବସବାସ କରୁଥିଲେ । ୨୨.୦୮.୧୯୦୬ରେ ଟ୍ରାନ୍ସଭାଲର ସରକାର ଏସୀୟ ରେଜିଷ୍ଟ୍ରେସନ ଆଇନ ପ୍ରଣୟନ କଲେ । ସମସ୍ତ ଭାରତୀୟମାନଙ୍କୁ ଦକ୍ଷିଣ ଆଫ୍ରିକାରୁ ବିତାଡିତ କରିବା ଥିଲା ଏହି ଆଇନର ପ୍ରକୃତ ଉଦ୍ଦେଶ୍ୟ ଓ ଏକ ସୁପରିକଳ୍ପିତ ଯୋଜନା । ଆଠବର୍ଷ ବୟସରୁ ଅଧିକ ସମସ୍ତ ପୁରୁଷ ଓ ମହିଳା ସ୍ଥାନୀୟ ସରକାରୀ ଦପ୍ତରରେ ନିଜର ନାମ ଓ ପାଞ୍ଚ ଆଙ୍ଗୁଠିର ଚିପଚିହ୍ନ ସହିତ ଦରଜ କରାଇବେ । ସରକାର ଓ ପୋଲିସ ଯେତେବେଳେ ଚାହିଁବେ ସେହି ପ୍ରମାଣପତ୍ରକୁ ଯାଞ୍ଚ କରିପାରିବେ । ନାମ ରେଜିଷ୍ଟ୍ରିଭୁକ୍ତ ନକଲେ ଗିରଫ କିମ୍ବା ଜୋରିମାନା ଆଦାୟ କରାଯିବ । ଟ୍ରାନସ୍ଭାଲରେ ରହିବାର ସୁଯୋଗ ଦିଆଯିବ ନାହିଁ । ଏଭଳି ଅଧ୍ୟାଦେଶ ଗାନ୍ଧିଜୀଙ୍କୁ ବ୍ୟଥିତ କରିଥିଲା । ନିଜର ଜୀବନ ଜୀବିକା ନେଇ ଦକ୍ଷିଣ ଆଫ୍ରିକାରେ ରହୁଥିବା ଭାରତୀୟମାନଙ୍କୁ ମୂଳପୋଛ କରିବାର ଏହା ଏକ ଷଡଯନ୍ତ୍ର

ବୋଲି ସେ ଅନୁଭବ କଲେ । ଏହି ଅର୍ଡିନାନ୍ସକୁ ବିରୋଧ କରି ପ୍ରାୟ ଦଶ ହଜାର ଭାରତୀୟ ଜୋହନ୍ସବର୍ଗର ଇଂପେରିଆଲ ଥେଟରରେ ଏକତ୍ରିତ ହେଲେ । ଏହି ସଭାର ମୁଖ୍ୟବକ୍ତା ଶେଠ୍ ହାଜି ହବାକ୍ ପ୍ରସ୍ତାବ ଦେଇ କହିଲେ, 'ଈଶ୍ୱରଙ୍କ ନାମରେ ଶପଥ କରି ସମସ୍ତେ ମୋ ସହିତ ଏକମତ ହୁଅନ୍ତୁ ଯେ, ସମସ୍ତ ଦୁଃଖ କଷ୍ଟ ସହି ନିଜର ଜୀବନ ବିନିମୟରେ ଆମେ ସମସ୍ତ ପ୍ରବାସୀ ଭାରତୀୟ ଏ ଅଧ୍ୟାଦେଶକୁ ବିରୋଧ କରିବା । ଏଭଳି କଳା ଆଇନକୁ ଆଦୌ ମାନିବା ନାହିଁ ।' ଏହି ସଭାରେ ଉପସ୍ଥିତ ଥିଲେ ଗାନ୍ଧିଜୀ । କୌଣସି ଉପାୟ ନପାଇ ଚିନ୍ତାରେ ବସିଥିବା ଗାନ୍ଧିଜୀ, ହଠାତ୍ ସତେଜ ହୋଇଉଠିଲେ । ଭଗବାନ ଯେମିତି ତାଙ୍କୁ ମାର୍ଗଟିଏ ଦେଖାଇଦେଲେ । ସତ୍ୟର ଅନୁସନ୍ଧାନ କରୁଥିବା ଗାନ୍ଧିଜୀ 'ସତ୍ୟାଗ୍ରହ' ରୂପକ ଏକ ଦିବ୍ୟ ଶବ୍ଦର ସଂଧାନ ପାଇଗଲେ । ଆରମ୍ଭ ହୋଇଗଲା ସତ୍ୟାଗ୍ରହ ଆନ୍ଦୋଳନର ପର୍ବ । ୨୨.୦୮.୧୯୦୬ରେ ଟ୍ରାନ୍ସଭାଲ ସରକାରଙ୍କ ଦ୍ୱାରା ପ୍ରକାଶିତ ଅର୍ଡିନାନ୍ସର ପରିଣତି ଭୟାବହ ହେବାକୁ ଲାଗିଲା । ଆଇନ ଅମାନ୍ୟ ଆନ୍ଦୋଳନ ତୀବ୍ରତର ହେଲା । ଗାନ୍ଧିଜୀଙ୍କ ସମେତ ଅନେକ ସତ୍ୟାଗ୍ରହୀ କାରାବରଣ କଲେ । ଦୀର୍ଘ ଦିନର ସତ୍ୟାଗ୍ରହ ଆନ୍ଦୋଳନର ସୁଫଳ ୩୦.୦୬.୧୯୧୪ରେ ପୂର୍ଣ୍ଣାଙ୍ଗ ରୂପ ନେଲା ଓ ଚାରିଟି ସର୍ତ୍ତକୁ ନେଇ ଏକ ରାଜିନାମା ସ୍ୱାକ୍ଷରିତ ହେଲା ।

୧୯୧୫ ଜାନୁଆରୀ ମାସରେ ଭାରତ ମାଟିରେ ପାଦ ଥାପିଲେ ଗାନ୍ଧିଜୀ । ଦକ୍ଷିଣ ଆଫ୍ରିକାର ଘଟଣାବହୁଳ ଜୀବନରୁ ସେ ଅନେକ କଥା ଶିକ୍ଷାଲାଭ କରିଥିଲେ, ଯାହାକି ଭାରତ ରହଣି କାଳରେ ତାକୁ କାର୍ଯ୍ୟରେ ଲଗାଇବାର ଅବସର ପାଇଲେ । ଗୋପାଳକୃଷ୍ଣ ଗୋଖଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କୁ ରାଜନୈତିକ ଗୁରୁ ଭାବରେ ଗ୍ରହଣ କଲେ ଓ ଅହମ୍ମଦାବାଦ ନିକଟବର୍ତ୍ତୀ ସାବରମତୀ ନଦୀ କୂଳରେ ଏକ ଆଶ୍ରମ ପ୍ରତିଷ୍ଠା କଲେ । ଗାନ୍ଧିଜୀ ନିଜ ଜନ୍ମଭୂମିରେ ଭାରତୀୟମାନଙ୍କର ଦୁର୍ଦ୍ଦଶା ଅତି ନିକଟରୁ ଦେଖି ବ୍ୟଥିତ ହେଲେ । ଇଂରେଜମାନଙ୍କ କୁଶାସନର କୁପରିଣତି ପାଇଁ କତିପୟ ସୁବିଧାବାଦୀ ଭାରତୀୟଙ୍କୁ ଛାଡିଦେଲେ ଅନ୍ୟମାନେ ଅକଥନୀୟ ଯନ୍ତ୍ରଣାରେ ସଢୁଥିଲେ । କୌଳିକ ବୃତ୍ତି ତଥା କୁଟୀର ଶିଳ୍ପ ଜରିଆରେ ନିଜର ଗୁଜୁରାଣ ମେଣ୍ଟାଇ ପାରୁଥିବା ଭାରତୀୟମାନେ ଇଂରେଜମାନଙ୍କର କୁଚକ୍ରାନ୍ତ କାରଣରୁ ଜୀବନ ଜୀବିକା ହରାଇ ଦାରିଦ୍ର୍ୟତାର କଷାଘାତରେ କ୍ଷତାକ୍ତ ହେଉଥିଲେ । ନିରନ୍ନ ଗରିବ ଭାରତୀୟମାନଙ୍କର କରୁଣ ଦୃଶ୍ୟ ତାଙ୍କୁ ବ୍ୟଥିତ କଲା । ହସ୍ତଶିଳ୍ପ ପ୍ରତି ନିରୁତ୍ସାହିତ କରି ଇଂରେଜମାନେ ଭାରତୀୟମାନଙ୍କର ଉପରେ ଏକପ୍ରକାର ଅର୍ଥନୈତିକ ଅତ୍ୟାଚାର ଆରମ୍ଭ କରିଦେଇଥିଲେ । ଯେଉଁ ଦେଶର ଖଦୀ ଏକଦା ସମଗ୍ର ପୃଥିବୀରେ ଚହଳ ସୃଷ୍ଟି କରିଥିଲା ଏବଂ କାରୁକାର୍ଯ୍ୟପୂର୍ଣ୍ଣ ବାର ହାତର ବସ୍ତ୍ର ଖଣ୍ଡିଏ ବାଉଁଶ ନଳୀରେ ମଧ୍ୟ ପୂରାଇ ରଖାଯାଇ ପାରୁଥିଲା, ସେହିଭଳି ଏକ ଉତ୍କୃଷ୍ଟ ଶିଳ୍ପକଳାକୁ ଇଂରେଜମାନେ ନିଜର ନ୍ୟସ୍ତସ୍ୱାର୍ଥ ପାଇଁ ନଷ୍ଟଭ୍ରଷ୍ଟ କରିଦେଲେ । ଏପରିକି ନିଜ ଦେଶରେ ମଧ୍ୟ ଖଦୀ ପିନ୍ଧିବା ପାଇଁ ସେମାନଙ୍କୁ ବାରଣ କରାଯାଉଥିଲା । ମୃତ୍ୟୁପରେ ଶବ ଉପରେ ଖଦୀ ବସ୍ତ୍ର ଖଣ୍ଡିଏ ଢାଙ୍କିବାର ସ୍ୱାଧୀନତା ବି ରହିଲା ନାହିଁ । ଏଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ ଗାନ୍ଧିଜୀଙ୍କର ଆବିର୍ଭାବ ଭାରତୀୟମାନଙ୍କ ମନରେ ଆଶାର ଆଲୋକ ସଂଚାର କଲା । ଏକମାତ୍ର ଖଦୀ ଓ କୁଟୀର ଶିଳ୍ପ ଜରିଆରେ ଭାରତର ଅର୍ଥନୈତିକ ଅବସ୍ଥାକୁ ସୁଧୁରା ଯାଇପାରିବା ସହିତ ସ୍ୱାବଲମ୍ବୀ ହେବାର ଏକ ପ୍ରଶସ୍ତ ମାର୍ଗ ଉନ୍ମୁକ୍ତ ହୋଇପାରିବ ବୋଲି ଗାନ୍ଧିଜୀ ଅନୁଭବ କଲେ । ଅହିଂସା ମାର୍ଗକୁ ଆପଣେଇଥିବା ଗାନ୍ଧିଜୀ ଗୋଟିଏ ସ୍ଲୋଗାନ ଦେଲେ– 'ସୂତା ଖିଅରେ ଝୁଲୁଛି ବ୍ରିଟିଶ୍ ଉପନିବେଶବାଦ । ମୋତେ ହାତରେ କାଟି ସୂତା ଦିଅ, ମୁଁ ତୁମଙ୍କୁ ସ୍ୱାଧୀନତା ଦେବି ।' ସେତେବେଳକୁ ବାଲ୍ ଗଙ୍ଗାଧର ତିଲକ ଘୋଷଣା କରିସାରିଥାନ୍ତି– 'ସ୍ୱରାଜ ମୋର ଜନ୍ମଗତ ଅଧିକାର ଏବଂ ମୁଁ ଏହାକୁ ହାସଲ କରିବି ।' ଇଂରେଜମାନଙ୍କ ବିରୁଦ୍ଧରେ ଲଢିବା ପାଇଁ ଗାନ୍ଧିଜୀ ଖଦୀକୁ ଏକ ଆୟୁଧ ଭାବରେ ଗ୍ରହଣ କଲେ । ଅହମ୍ମଦାବାଦର ଅଖ୍ୟାତ ପଲ୍ଲୀ ବିଜାପୁରର ଏକ ଗରିବ ପରିବାରର ଆବାଳ ବୃଦ୍ଧ ବନିତା ଚରଖାରେ ସୂତା କାଟୁଥିବାର ଦୃଶ୍ୟ ତାଙ୍କୁ ବହୁ ଭାବରେ ପ୍ରଭାବିତ କରିଥିଲା । ଉଦରର ଜ୍ୱାଳାକୁ ପ୍ରଶମିତ କରିବା ପାଇଁ ହାତରେ ସୂତା କାଟି ତହିଁରେ ଖଦୀ ବସ୍ତ୍ର ବୁଣିବାର ଯେଉଁ ମହତ ଚିନ୍ତାଧାରା ନିହିତ ଥିଲା, ତାହା ସ୍ୱଦେଶୀ ଭାବନାର ଏକ ଅନନ୍ୟ ଉଦାହରଣ ଥିଲା । ଅରଟ ଦେଖି ନଥିବା ଗାନ୍ଧିଜୀ ଅନୁଭବ କରିଥିଲେ ଏହି ଖଦୀ ଦ୍ୱାରା ହିଁ ଭାରତର ଅର୍ଥନୀତିରେ ସୁଧାର

ଅଣାଯାଇପାରିବ । ସେହି ଭାବନାକୁ ଆଧାର କରି ସ୍ୱଦେଶୀ ଆନ୍ଦୋଳନ ଭିତ୍ତିରେ ଖଦୀ ଶିଳ୍ପର ପୁନରୁଦ୍ଧାର କଲେ । ସାବରମତୀ ଆଶ୍ରମ ସତ୍ୟାଗ୍ରହ ଆଶ୍ରମରେ ଅରଟ ପକାଇ ସୂତା କାଟିବା କାମ ଆରମ୍ଭ କରାଗଲା । ଏଥିରେ ଗାନ୍ଧିଜୀ ମଧ୍ୟ ସୂତା କାଟିବା ଆରମ୍ଭ କଲେ। ୧୯୧୬ ଖ୍ରୀ.ଅରେ ସ୍ୱଦେଶ ଆନ୍ଦୋଳନ ଅବସରରେ ପୁନାଠାରେ ଘୋଷଣା କଲେ, 'ବିଦେଶୀ ବସ୍ତ୍ର ପରିଧାନ କରିବା ବ୍ରହ୍ମଚର୍ଯ୍ୟର ବିରୋଧୀ ।'

ଏହା ପୂର୍ବରୁ ୧୯୦୮ ଖ୍ରୀ.ଅ.ରେ 'ହିନ୍ଦ୍ ସ୍ୱରାଜ' ବହିରେ ଗାନ୍ଧିଜୀ ଯନ୍ତ୍ର ଶିଳ୍ପ ପରିବର୍ତ୍ତେ ତନ୍ତ ଶିଳ୍ପ ସପକ୍ଷରେ ଅନେକ ତଥ୍ୟ ଉପସ୍ଥାପନ କରିଥିଲେ । ରମେଶ ଚନ୍ଦ୍ର ଦତ୍ତଙ୍କ ରଚିତ ପୁସ୍ତକ 'ଇକୋନୋମିକ୍ ହିଷ୍ଟ୍ରି ଅଫ୍ ଇଣ୍ଡିଆ' ଅଧ୍ୟୟନ କରି ସେ ଯନ୍ତ୍ର ଶିଳ୍ପର ଅପକାରିତା ସମ୍ପର୍କରେ ସଚେତନ ଥିଲେ । ଭାରତୀୟ ଅର୍ଥନୀତିର ଦୁର୍ଗତିରେ ଏହି ଯନ୍ତ୍ରଶିଳ୍ପ ହିଁ ଦାୟୀ, ଏହା ତାଙ୍କୁ ବେଶ୍ ମର୍ମାହତ କରିଥିଲା । ସେତେବେଳେ 'ହିନ୍ଦ୍ ସ୍ୱରାଜ'ରେ ତାଙ୍କର ଏହି ମନ୍ତବ୍ୟକୁ କେହି ଗ୍ରହଣ କରିନଥିଲେ । ପରବର୍ତ୍ତୀ ସମୟରେ ତାହାର ମୂଲ୍ୟବୋଧ ସମସ୍ତ ଭାରତୀୟଙ୍କୁ ଢେର ପ୍ରଭାବିତ କରିଥିଲା । ଭାରତୀୟ ପରମ୍ପରାରେ 'କୁଟି ଖାଇବା ଓ କାଟି ପିନ୍ଧିବା' ଏକ ଆଦର୍ଶଗତ ସଂସ୍କୃତି । ଏହାର ଅନୁପାଳନ ହେଲେ ଅର୍ଥନୈତିକ ଶୃଙ୍ଖଳା ରକ୍ଷା କରାଯାଇପାରିବ । କୋଟି କୋଟି ଗ୍ରାମୀଣ ଲୋକେ ଆତ୍ମନିର୍ଭରଶୀଳ ହେବା ସହିତ ଦେଶ ଗଠନରେ ସହାୟକ ହୋଇପାରିବେ । ସେ ଏକ ହିସାବ କରି ଦେଖାଇଲେ ଯେ, ଭାରତୀୟମାନେ ଯଦି ମିଲ ଲୁଗା ବଦଳରେ ହାତବୁଣା ଖଦୀ ପିନ୍ଧିବେ, ତାହାହେଲେ ଦେଶର ଜାତୀୟ ଆୟ ଯଥେଷ୍ଟ ଅଭିବୃଦ୍ଧି ହୋଇପାରିବ । ଗାନ୍ଧିଜୀଙ୍କ ଭାଷାରେ– 'ଖଦୀ ଟୁ ମି ଇଜ୍ ଦି ସିମ୍ବଲ ଅଫ୍ ଇଣ୍ଡିଆନ୍ ହ୍ୟୁମ୍ୟାନ୍ଟି ଅଫ୍ ଇଟ୍ସ ଇକୋନୋମିକ୍ ଫ୍ରିଡମ୍ ଆଣ୍ଡ ଇକ୍ୱାଲିଟି' ।

ଖଦୀକୁ ସ୍ୱରାଜ ଆନ୍ଦୋଳନର ପ୍ରମୁଖ ଆୟୁଧ ଭାବରେ ବ୍ୟବହାର କରି ଗାନ୍ଧିଜୀ ତାଙ୍କର ଆନ୍ଦୋଳନକୁ ବ୍ୟାପକ କଲେ । ବିଦେଶୀ ବସ୍ତ୍ର ବର୍ଜନ ସହିତ ନିଜ ଦେଶରେ ଖଦୀର ଅଧିକ ବ୍ୟବହାର ଉପରେ ଗୁରୁତ୍ୱ ଦେଲେ । ୧୯୨୦ ଡିସେମ୍ବର ମାସରେ ନାଗପୁରଠାରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ଅସହଯୋଗ ଆନ୍ଦୋଳନର ପ୍ରସ୍ତାବ ଗୃହୀତ ହୋଇଥିଲା । ସୂତା କଟା, ଲୁଗାବୁଣା, ଅସ୍ପୃଶ୍ୟତା ତଥା ନିଶା ନିବାରଣ ଭଳି ଅନେକ ଗଠନମୂଳକ କାର୍ଯ୍ୟକ୍ରମ ଅସହଯୋଗ ଆନ୍ଦୋଳନରେ ସାମିଲ କରାଗଲା । ଭାରତୀୟ ଶିକ୍ଷା ଅନୁଷ୍ଠାନମାନଙ୍କରେ ସ୍ୱଦେଶୀ ସାମଗ୍ରୀର ବ୍ୟବହାର ଉପରେ ଅଧିକ ପ୍ରାଧାନ୍ୟ ଦିଆଗଲା । ଜାତୀୟ କଂଗ୍ରେସ ନେତୃତ୍ୱ ନେଲାପରେ ଗାନ୍ଧିଜୀ ସମସ୍ତ କଂଗ୍ରେସ କର୍ମୀଙ୍କୁ ଖଦୀ ପିନ୍ଧିବା ପାଇଁ ବାଧ୍ୟ କଲେ । ଗାନ୍ଧିଜୀଙ୍କର ଏଭଳି ନିଷ୍ପତ୍ତିରେ ଇଂରେଜ ସରକାର ହତବାକ୍ ହେଲା । କାରଣ ଗାନ୍ଧିଜୀଙ୍କର ଏ ନିଷ୍ପତ୍ତି ଭାରତବର୍ଷର ସମସ୍ତ କର୍ମୀ ଓ ଜନସାଧାରଣଙ୍କୁ ଅନୁପ୍ରେରିତ କଲା । ସମସ୍ତେ ହାତରେ ସୂତା କାଟିବା ସହିତ ଖଦୀ ବସ୍ତ୍ର ପରିଧାନ କରିବାକୁ ଆରମ୍ଭ କଲେ । ଏକଦା ଭାରତୀୟ ଖଦୀ ବସ୍ତ୍ରକୁ ନିଜ ଦେଶରେ ବିକ୍ରିକରି ଇଂରେଜମାନେ ଅଧିକ ଲାଭବାନ ହେଉଥିବାବେଳେ ଭାରତୀୟମାନଙ୍କୁ ସେମାନଙ୍କ ମିଲ ପ୍ରସ୍ତୁତ କପଡା ବିକ୍ରିକରି ବେଶ୍ ଲାଭବାନ ହେଉଥିଲେ । ଯାହାକି ଭାରତୀୟ ଅର୍ଥନୀତିକୁ ବିପର୍ଯ୍ୟସ୍ତ କରିଦେଲା । ଫଳରେ ଭାରତରେ କୁଟୀର ଶିଳ୍ପର ଅଧୋଗତି ହେଲା । ତେବେ ଗାନ୍ଧିଜୀଙ୍କର ଏ ନିଷ୍ପତ୍ତି ଫଳରେ ଭାରତରେ ଦୁଇଟି ପରସ୍ପର ବିରୋଧୀ ଶକ୍ତି ଉଭା ହେବାର ପ୍ରକ୍ରିୟା ଆରମ୍ଭ ହୋଇଗଲା । ତାହା ହେଲା ବ୍ରିଟିଶ ସରକାରଙ୍କର ଅନୁଗତ ପୋଲିସର ଖାକି ପୋଷାକ ଓ ଅନ୍ୟଟି ହେଲା ସ୍ୱାଧୀନତା ସଂଗ୍ରାମୀ ତଥା ସଚ୍ଚା ଭାରତୀୟମାନଙ୍କ ପରିହିତ ଖଦୀ ବସ୍ତ୍ର । 'ସୂତାଖିଅରେ ସ୍ୱରାଜ ଆସିବ' ଏହି ସ୍ଲୋଗାନ ଜରିଆରେ ଗାଁ ଗାଁରେ ତିଳକ ସ୍ୱରାଜ ପାଣ୍ଠିରେ ଆରମ୍ଭ ହେଲା ଚରଖା ଚାଲିବାର କାର୍ଯ୍ୟକ୍ରମ । ୧୯୨୦ରେ କଂଗ୍ରେସର ରାଷ୍ଟ୍ରୀୟ ଅଧିବେଶନରେ ପ୍ରଥମ କରି ଅରଟ ଓ ସୂତା କଟା ସ୍ଥାନ ପାଇଲା । କଂଗ୍ରେସର ପତାକାରେ ଅରଟ ଚିହ୍ନ ମଧ୍ୟ ସ୍ଥାନ ପାଇଲା । ଫଳସ୍ୱରୂପ ଭାରତର ଆବାଳ ବୃଦ୍ଧ ବନିତା ସୂତା କାଟିବା ଓ ଖଦୀ ବସ୍ତ୍ର ପରିଧାନ କରିବାର ସଂକଳ୍ପ ନେଇଥିଲେ । ଏହା ଶୃଙ୍ଖଳା ଓ ନିଃସ୍ୱାର୍ଥପରତାର ଏକ ମାପକ ଭାବରେ ଗ୍ରହଣୀୟ ହୋଇଗଲା । ଧନୀ ଗରିବ, ଉଚ୍ଚ ନୀଚ ଭେଦଭାବ ଭୁଲି ସମସ୍ତେ ଭାରତୀୟତା ଓ ଏକତାର ମନ୍ତ୍ରରେ ଅଭିମନ୍ତ୍ରିତ ହୋଇ କାର୍ଯ୍ୟ କଲେ । ୧୯୨୫ରେ ଗଠିତ ହେଲା ଅଖିଳ ଭାରତୀୟ ଚରଖା ସଂଘ । ଏ ସଂଘରେ ସାମିଲ ହେଉଥିବା ସମସ୍ତ ସଦସ୍ୟ ଏକ ପ୍ରତିଜ୍ଞା ପତ୍ରରେ ଦସ୍ତଖତ କଲେ । ଏଥିରେ ଲେଖାଥିଲା,'ମୋର ଦୃଢ ବିଶ୍ୱାସ ଯେ ଏ ଦେଶର ପ୍ରତି ଘରେ ଅରଟ ଓ ସେଥିରୁ ଉତ୍ପାଦିତ ଖଦୀ ବସ୍ତ୍ର ବ୍ୟବହାର କଲେ ସାଧାରଣ ଜନତାଙ୍କର ଅର୍ଥନୈତିକ ସ୍ୱାଧୀନତା ଆସିବ । ଅସୁସ୍ଥତା ଅଥବା ଅନ୍ୟ କୌଣସି କାରଣରୁ ସୂତା କାଟି ନପାରିଲେ ବି ଅନ୍ୟ ଦିନମାନଙ୍କରେ ଅତିକମ୍‌ରେ ଦିନକୁ

ଅଧଘଣ୍ଟା ସୂତା କାଟିବା ସହିତ ଖଦୀବସ୍ତ୍ର ପରିଧାନ କରିବି । କୌଣସି କାରଣରୁ ଯଦି ମୋର ବିଶ୍ୱାସରେ ପରିବର୍ତ୍ତନ ହୁଏ, ତେବେ ଏ ସଂଘରୁ ଅବ୍ୟାହତି ନେବି ।'

ଖଦୀ ଆନ୍ଦୋଳନକୁ ବ୍ୟାପକ କରିବାରେ ଓଡ଼ିଶାର ଭୂମିକା ଥିଲା ଅନନ୍ୟ । ଗ୍ରାମ ସ୍ୱରାଜ ନାମରେ ଖଦୀ ଆନ୍ଦୋଳନକୁ ସ୍ୱାଭିମାନ ଓ ଅହିଂସା ସୂତ୍ରରେ ଗୁନ୍ଥି ସମଗ୍ର ଜନମାନସରେ ଭିନ୍ନ ଆସନଟିଏ ସୃଷ୍ଟି କରିପାରିଥିବା ଗାନ୍ଧିଜୀ ମୁକ୍ତ କଣ୍ଠରେ ସ୍ୱୀକାର କରିଥିଲେ- 'ଓଡ଼ିଶା ମୋତେ ଖଦୀ ଶିକ୍ଷା ଦେଇଛି । ଓଡ଼ିଶାର ଚରମ ଦାରିଦ୍ର୍ୟ ମୋତେ ଛୋଟ ଖଦୀ ପିନ୍ଧିବା ଶିଖାଇଛି ।' ଗାନ୍ଧିଜୀ ଓଡ଼ିଶାକୁ ଅତି ନିକଟରୁ ଦେଖିଥିଲେ । ସେ ତାଙ୍କର ଜୀବନକାଳ ମଧ୍ୟରେ ଓଡ଼ିଶାକୁ ଆଠ ଥର ଆସିଥିଲେ । ସମୁଦାୟ ଅଣସ୍ତରୀ ଦିନ ଓଡ଼ିଶାର ପୁରପଲ୍ଲୀରେ ବୁଲିଛନ୍ତି ଓ ଓଡ଼ିଶାର ଲୋକମାନଙ୍କ ସହିତ ମିଶି ସୁଖଦୁଃଖରେ ସାମିଲ ହୋଇଛନ୍ତି । ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଆମନ୍ତ୍ରଣକ୍ରମେ ମା କସ୍ତୁରବାଙ୍କ ସହିତ ଓଡ଼ିଶା ଆସିଥିଲେ ୧୯୨୧ ମାର୍ଚ୍ଚ ୨୩ ତାରିଖରେ । ସେଦିନ ଥିଲା ପବିତ୍ର ଦୋଳ ପୂର୍ଣ୍ଣିମା । ତାଙ୍କ ଆଗମନରେ ଓଡ଼ିଶାରେ ଯେମିତି ଏକ ଉତ୍ସବ ପାଳନ ହୋଇଥିଲା । ୧୯୨୭ ଡିସେମ୍ବର ୫ ତାରିଖରେ ତାଙ୍କର ଓଡ଼ିଶା ଗସ୍ତକାଳରେ ବ୍ରହ୍ମପୁର ରଘୁନାଥ ସ୍ୱାମୀ ମନ୍ଦିରରେ ବିଗ୍ରହମାନଙ୍କୁ ଖଦୀ ବସ୍ତ୍ର ପ୍ରଦାନ ସହିତ ମନ୍ଦିରରେ ସମସ୍ତଙ୍କ ପ୍ରବେଶ ପାଇଁ ଦ୍ୱାର ଉନ୍ମୁକ୍ତ କରିଥିଲେ । ସେହିପରି ୧୯୨୮ ଡିସେମ୍ବର ୨୧ ତାରିଖରେ ସମ୍ବଲପୁରଠାରେ ଅନୁଷ୍ଠିତ ଏକ ପ୍ରଦର୍ଶନୀରେ ବୁଣାକାରମାନଙ୍କର କଳାକୁଶଳତାରେ ମୁଗ୍ଧହୋଇ ସେମାନଙ୍କର ଭୂୟସୀ ପ୍ରଶଂସା କରିଥିଲେ । ସେ କହୁଥିଲେ, 'ମୁଁ ଚରଖାକୁ ହିଁ ମୂଳଦୁଆ କରି ଗଢିବାକୁ ଚାହେଁ । ଯାହା ଉପରେ କି ଏକ ସୁସ୍ଥ ଓ ପୂର୍ଣ୍ଣ ଗ୍ରାମ ଜୀବନ ଗଠିତ ହୋଇପାରିବ । ମୁଁ ଚରଖାକୁ ହିଁ ସେହି କେନ୍ଦ୍ରରେ ପରିଣତ କରିବାକୁ ଚାହୁଁଛି, ଯାହାର ଚାରିପଟେ ଯାବତୀୟ କର୍ମକୁଶଳତାର ବୃଦ୍ଧି ଘଟିବ । ଚରଖା ହେଉଛି ଜାତୀୟ ସମୃଦ୍ଧିର ପ୍ରତୀକ, ସ୍ୱାଧୀନତାର ପ୍ରତୀକ । ଏହା ବ୍ୟବସାୟିକ ଯୁଦ୍ଧର ନୁହେଁ, ବ୍ୟବସାୟିକ ଶାନ୍ତିର ଏକ ପ୍ରତୀକ ।'' ସେଥିପାଇଁ ବିନୋବା ଭାବେ କହୁଥିଲେ-' ଖଦୀ ପିନ୍ଧିବାରେ ମହାନ୍ ଧର୍ମ ନିହିତ ଅଛି ଓ ଧର୍ମ କରିବାର ମନୋଭାବ ମଧ୍ୟ ରହିଛି ।'

ଆଜି ଗାନ୍ଧିଜୀ ନାହାନ୍ତି ସତ, ହେଲେ ତାଙ୍କର ସେହି ସତ୍ୟ, ଅହିଂସା ଓ ଖଦୀର ବାର୍ତ୍ତା ଏଯାବତ୍ ପ୍ରତିଟି ଭାରତୀୟ ମନରେ ଉଜ୍ଜୀବିତ ହୋଇ ରହିଛି । ଏବେବି କୌଣସି ଜାତୀୟ ଉତ୍ସବାନୁଷ୍ଠାନ ହେଲେ ଖଦୀ ଖୋଜା ପଡେ । ଖଦୀର ବସ୍ତ୍ର ନପିନ୍ଧିଲେ ସତେ ଯେମିତି କିଛି ଗୋଟାଏ ପାପ କଲା ଭଳି ମନେହୁଏ । ଖଦୀବସ୍ତ୍ର ପରିଧାନ କଲେ କୌଣସି ମନ୍ଦ କଥା ମନକୁ ଆସେ ନାହିଁ । ସତ୍ୟ ଅହିଂସାର ପୂଜାରୀ ପୂଜ୍ୟ ଗାନ୍ଧିଜୀ ବାରମ୍ବାର ମନେ ପଡନ୍ତି । ଜଣେ ସଚ୍ଚା ଭାରତୀୟ ଭାବରେ ମନରେ ଗର୍ବ ଆସେ । ଦେଶମାତୃକାର ପାଦ ତଳେ ମଥା ଆପେ ନତ ହୋଇଯାଏ । ସେହି ବୀର ସ୍ୱାଧୀନତା ସଂଗ୍ରାମୀମାନେ ମନକୁ ଆଚ୍ଛନ୍ନ କରନ୍ତି । ଭାବାବେଗରେ ଆଖିପତା ଭିଜିଯାଏ ।

ଭାରତବର୍ଷରେ ଗୌତମ ବୁଦ୍ଧ ଓ ସମ୍ରାଟ ଅଶୋକଙ୍କ ଭଳି ମହାନ ବ୍ୟକ୍ତିତ୍ୱ ଏ ଦେଶରେ ଅହିଂସାର ବାଣୀ ପ୍ରଚାର କରିଯାଇଛନ୍ତି । ଗାନ୍ଧିଜୀ ଅନୁରୂପ ଭାବରେ ଅହିଂସାକୁ ସବଳର ଅସ୍ତ୍ର ବୋଲି ବିବେଚନା କରୁଥିଲେ । କାରଣ ଜଣେ ଦୁର୍ବଳ ମାନସିକତାଧାରୀ ମଣିଷର ଅହିଂସା କେବେ ଅସ୍ତ୍ର ହୋଇନପାରେ । ଆଜିବି ଆମର ଚିର ନମସ୍ୟ ଚିର ସ୍ମରଣୀୟ ଉତ୍କଳମଣି ଗୋପବନ୍ଧୁ ଦାସଙ୍କର ସେହି ଅମର ପଂକ୍ତି ସଦା ଆମ କର୍ଣ୍ଣକୁହରରେ ଅନୁରଣିତ ହୁଏ-

'ଚଳାଅ ଅରଟ ପ୍ରତି ଘରେ ଘରେ
ଗ୍ରାମର କଳହ ତୁଟାଅ ଗ୍ରାମରେ
ଚାଲ ସତ୍ୟ ପଥେ ନାହିଁ ଡର ଭୟ
ଅସହଯୋଗର ବିଜୟ ନିଶ୍ଚୟ' ।

ଖଦୀବୋର୍ଡ, ଭୁବନେଶ୍ୱର-୧

❖ ❖ ❖

# ସେବା ଓ ସଂଗ୍ରାମର ପ୍ରତୀକ ଅନ୍ନପୂର୍ଣ୍ଣା

ସଂଘମିତ୍ରା ମିଶ୍ର



ଅନ୍ନପୂର୍ଣ୍ଣା ମହାରଣା ଅସରନ୍ତି ସେବା ଆଉ ଚିରନ୍ତନ ସଂଗ୍ରାମର ଭିନ୍ନ ନାମ । ସେ ସମାଜ ସେବିକା, ଲେଖିକା, କର୍ମୀ ତଥା ଓଡ଼ିଶାରେ ଗାନ୍ଧୀ ଆଦର୍ଶର ଧ୍ୱଜାଧାରିଣୀ, ସଂଗ୍ରାମୀ ପରିବାରର କନ୍ୟା ଭାବରେ ସେ ଉତ୍ତରାଧିକାର ସୂତ୍ରରେ ପାଇଥିଲେ ସଂଗ୍ରାମର ପ୍ରେରଣା । ନିଜର ବ୍ୟକ୍ତିଗତ ଉଦ୍ୟମରେ ସେ ସେହି ସେବା ମନୋଭାବକୁ ନିଜ ସମଗ୍ର ଜୀବନକାଳ ଉଜ୍ଜୀବିତ କରି ରଖିଥିଲେ । ଗୋପବନ୍ଧୁ ଚୌଧୁରୀ ଓ ରମାଦେବୀଙ୍କ କନ୍ୟା ଅନ୍ନପୂର୍ଣ୍ଣା ଓରଫ ଚୁନି ସ୍କୁଲ ଯାଇ ନଥିଲେ ମାତ୍ର ଜୀବନ ବିଦ୍ୟାଳୟର ଆଜୀବନ ଶିକ୍ଷାର୍ଥିନୀ ଥିଲେ ।

ସେ ଥିଲେ ସରଳତାର ମୂର୍ତ୍ତିମନ୍ତ ପ୍ରତୀକ । ସାଧାରଣ ଖଦଡ ଶାଢ଼ୀ ଓ ଖଦଡ ଝୁଲାମୁଣି ସହିତ ଚପଲ ଥିଲା ତାଙ୍କର ପରିଧାନ କିନ୍ତୁ ମଥାରେ ଥିଲା ଓଡ଼ିଆଣୀର ଓଢ଼ଣା । ସାମ୍ପ୍ରଦାୟିକ ଦଙ୍ଗାଗ୍ରସ୍ତ ଅଞ୍ଚଳ ଓ ବଙ୍ଗଳା ଦେଶର ମୁକ୍ତିଯୁଦ୍ଧ କାଳରେ ସେବାକର୍ମ କରିବାବେଳେ ଓଢ଼ଣା ତାଙ୍କର ପ୍ରତିବନ୍ଧକ ନହୋଇ ପରିଚିତି ପାଲଟିଥିଲା । ସେ ବିବାହ କରିଥିଲେ ଐତିହାସିକ/ ଲେଖକ ଚନ୍ଦ୍ରମୋହନ ମହାରଣାଙ୍କ ସୁପୁତ୍ର ବିଶିଷ୍ଟ ଗାନ୍ଧିବାଦୀ ବ୍ୟକ୍ତିତ୍ୱ ଶରତ ମହାରଣାଙ୍କୁ । ତେଣୁ ବିବାହ ତାଙ୍କର ଜୀବନଯାତ୍ରାର ବାଧକ ନହୋଇ ସହଯୋଗୀ ପାଲଟିଥିଲା ।

ଓଡ଼ିଶାରେ ଯେଉଁମାନେ ଭାରତର ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରି ଏକାଧିକବାର କାରାବରଣ କରିଥିଲେ, ଅନ୍ନପୂର୍ଣ୍ଣା ଥିଲେ ସେମାନଙ୍କ ମଧ୍ୟରେ ଅନ୍ୟତମ । ତାଙ୍କର ପରିବାରରୁ ସେ ଲାଭ କରିଥିଲେ ନିଃସ୍ୱାର୍ଥ ଜନସେବାର ଦୀକ୍ଷା । ୧୩ବର୍ଷ ବୟସରେ ବାନର ସେନାରେ ଯୋଗଦେଇ ସେ ପ୍ରଥମେ କାରାବରଣ କରିଥିଲେ । କୁଜଙ୍ଗରେ ଲୁଣମାରି ମାଆ ଓ ଖୁଡୀ (ମାଳତୀ ଚୌଧୁରୀ)ଙ୍କ ସହିତ ଗିରଫ ହୋଇଥିଲେ । କଟକ ଓ ଯାଜପୁର ଜେଲ୍‌ରେ ସେ ଏକାଧିକବାର ବନ୍ଦୀ ଭାବରେ ରହିଥିଲେ । ଗାନ୍ଧିଜୀ ଓଡ଼ିଶା ଆସିଥିବା ସମୟରେ ହରିଜନ ପଦଯାତ୍ରା କାଳରେ ଯେଉଁ ସ୍ଥାନକୁ ଗସ୍ତ କରିବାକୁ ଯାଇଥିଲେ ଅନ୍ନପୂର୍ଣ୍ଣା ପୂର୍ବରୁ ସେ ସ୍ଥାନ ବୁଲି ସ୍ଥାନୀୟ ସମସ୍ୟା ଅନୁଧ୍ୟାନ କରି ଗାନ୍ଧିଜୀଙ୍କୁ ବିବରଣୀ ପ୍ରଦାନ କରୁଥିଲେ । ଫଳରେ ଗାନ୍ଧିଜୀ ପୂର୍ବରୁ ସେ ଅଞ୍ଚଳର ସମସ୍ୟା ବିଷୟ ଅବଗତ ହୋଇପାରୁଥିଲେ । ଗାନ୍ଧିଜୀ ଅନ୍ନପୂର୍ଣ୍ଣାଙ୍କୁ ଏକାଧିକ ପତ୍ର ଲେଖିଥିଲେ, ଯେଉଁ ପତ୍ରଗୁଡ଼ିକର ଐତିହାସିକ

ମୂଲ୍ୟ ଅବିସମ୍ବାଦିତ । ଗାନ୍ଧିଜୀ ହୁଏତ ସହସ୍ରାଧିକ ପତ୍ର ସମଗ୍ର ଭାରତୀୟମାନଙ୍କୁ ଲେଖିଥିବେ ମାତ୍ର ସେ ପତ୍ରର ଗୁରୁତ୍ୱ ହୃଦୟଙ୍ଗମ କରି ସମଗ୍ର ଜୀବନ ଆଦର୍ଶର କ୍ଷୁରଧାରରେ ଚାଲିଥିବା ମହୀୟସୀ ମହିଳା ହେଉଛନ୍ତି ଆମର ପ୍ରିୟ ମାନନୀୟା ଚୁନି ଅପା । ଯେଉଁ ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ ସେ ପରିବାର ଓଡ଼ିଶାର ଅନନ୍ୟ ପରିବାର ମଧୁସୂଦନ ଦାସ, ଗୋପାଳବଲ୍ଲଭ ଦାସଙ୍କ ବ୍ୟକ୍ତିତ୍ୱର ଦମ୍ଭ ରକ୍ତରେ ବହନ କରିଥିଲେ । ତା'ସହିତ ପିତାମାତାଙ୍କର ତ୍ୟାଗ ଓ ତିତୀକ୍ଷାର ସ୍ୱରୂପ ଉପଲବ୍ଧି କରିଥିଲେ । ଭାଇ ମନମୋହନ ଓରଫ ବୁଲୁ ଭାଇଙ୍କଠାରୁ ସେ ଥିଲେ ମାତ୍ର ଦୁଇବର୍ଷ ସାନ । ସବା ସାନ ଭାଇ ବିଜିର ଅକାଳମୃତ୍ୟୁ ସମ୍ପର୍କରେ କିନ୍ତୁ ଚୁନିଅପା ତାଙ୍କ ବଡଭାଇଙ୍କଠାରୁ ପ୍ରଥମେ ସନ୍ଦେହ କରିଥିଲେ, ଯାହା ସତ୍ୟ ବୋଲି ପରେ ଜଣାପଡିଥିଲା । ବିନା ଟିକେଟ୍‌ରେ ଭାଇଭଉଣୀ ସାଙ୍ଗହୋଇ ନିର୍ବାକ ଚଳଚିତ୍ର ଦେଖିଛନ୍ତି । ଡିଟେକ୍‌ଟିଭ୍ ଉପନ୍ୟାସ ପଢିଛନ୍ତି । ନିଜର ଆତ୍ମଜୀବନୀ 'କସ୍ତୁରୀ ମୃଗସମ'ରେ ମନମୋହନ ଚୌଧୁରୀ ଲେଖିଛନ୍ତି– 'ଆମ ଘରେ ଗୁଡିଏ ପୁରୁଣା ପତ୍ରିକା 'ନାରୀଦର୍ପଣ' ଓ 'ପରିଚାରିକା' ପଢିଥିବାର ଚୁନି ଓ ମୁଁ ଆବିଷ୍କାର କରିଥିଲୁ । ସେତେବେଳେକୁ ଦୁଇଟିରେ ପ୍ରକାଶ ବନ୍ଦ ହୋଇଯାଇଥାଏ । ଉଭୟଙ୍କର ସମ୍ପାଦିକା ଭାବରେ ବଡ ମା'ଙ୍କ ନାଁ ଥାଏ ବସନ୍ତ କୁମାରୀ ଦେବୀ । ବୋଉ କହୁଥିଲା ଯେ ମୁକ୍ତମାମୁଁ ଓ ଉପମାମୁଁ ଏସବୁ ପତ୍ରିକା ବାହାର କରୁଥିଲେ ।

ଏହିଭଳି ଏକ ପରିବେଶରେ ବଢି ଅନ୍ନପୂର୍ଣ୍ଣାଙ୍କ ସୃଜନଶକ୍ତିର ସ୍ଫୁରଣ ଘଟିଥିଲା । ସେ ବିନୋବାଜୀଙ୍କ ଗୀତା ପ୍ରବଚନର ଅନୁବାଦ କରିଥିଲେ । ଏତଦ୍‌ବ୍ୟତୀତ ଭାଗବତ ଧର୍ମସାର, ସ୍ଥିତପ୍ରଜ୍ଞ ଦର୍ଶନ, ନାରୀଶକ୍ତି, ଶିକ୍ଷାତତ୍ତ୍ୱ, ଶାନ୍ତିସେନା, କାରାଗାର କାହାଣୀ, ସର୍ବୋଦୟ ସିଦ୍ଧାନ୍ତ, ଦସ୍ୟୁ ହୃଦୟରେ ଦେବତା, ସ୍ୱାଧୀନତା ସଂଗ୍ରାମରେ ଉତ୍କଳୀୟ ନାରୀ, ଲୁଣର ଗୁଣ, ଗାନ୍ଧୀ ଚରିତ, ବୁନିୟାଦି ଶିକ୍ଷା, ହିନ୍ଦ୍‌ସ୍ୱରାଜ, ମୁଠାଏ ଲୁଣରୁ ମହାଭାରତ ଓ ଆତ୍ମଜୀବନୀ 'ଅମୃତ ଅନୁଭବର' ସ୍ରଷ୍ଟା । ଏପରିକି ମୁଠାଏ ଲୁଣରୁ ମହାଭାରତ ମହିଳା ପତ୍ରିକା ସୁଚରିତାରେ ଧାରାବାହିକ ଭାବରେ ବାହାରି ପାଠକବର୍ଗଙ୍କୁ ଅତୀତ ଉନ୍ମୁଖୀ ତଥା ଚକିତ କରିଥିଲା । ଏହି ଆତ୍ମଜୀବନୀ 'ଅମୃତ ଅନୁଭବ' ନିମିତ୍ତ ସେ ସାରଳା ପୁରସ୍କାର ଲାଭ କରିଥିଲେ । ଏତଦ୍‌ବ୍ୟତୀତ ସେ ଉତ୍କଳ ବିଶ୍ୱବିଦ୍ୟାଳୟ ଓ କୋରାପୁଟସ୍ଥ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡି.ଲିଟ୍ ସହିତ ଉତ୍କଳ ସମ୍ମାନ ଆନ୍ତର୍ଜାତିକ ରୋଟାରୀ ସମ୍ମାନ ଭଳି ଅନେକ ସମ୍ମାନ ଲାଭ କରିଛନ୍ତି । ଆତ୍ମଜୀବନୀ ଭାବେ 'ଅମୃତ ଅନୁଭବ'ର ଶୈଳୀ ଓ ସାମର୍ଥ୍ୟ ପାଠକମାତ୍ରେ ଉପଲବ୍ଧି କରିପାରେ । ପରମ୍ପରାକୁ ସମ୍ମାନ ଦେଇ ପରିବେଶ ଉପଯୋଗୀ ହୋଇ ପାରିପାର୍ଶ୍ୱିକତାକୁ ସତର୍କ ଦୃଷ୍ଟି ନିକ୍ଷେପ କରି ଯେ ଜଣେ ସମାହିତ ଜୀବନ ବଞ୍ଚି ଅନ୍ୟ ପାଇଁ ବଞ୍ଚିବାର ପ୍ରେରଣା ପାଲଟି ଯାଇପାରେ, ଏହା ତାଙ୍କ ଆତ୍ମଜୀବନୀରେ ଉତ୍‌କୀର୍ଣ୍ଣ । ପାରିବାରିକ ଶିକ୍ଷା ମଧ୍ୟ ତାଙ୍କୁ ସଂଗ୍ରାମୀ ଭୂମିକାରେ ଅବତୀର୍ଣ୍ଣ ହେବା ପାଇଁ ସତ୍‌ସାହସ ଦେଇଥିଲା, ଏକଥା ଅବଶ୍ୟ ସ୍ୱୀକାର କରିବାକୁ ହେବ ।

୧୯୪୨ରେ ଭାରତଛାଡ ଆନ୍ଦୋଳନ ତଥା ଲବଣ ସତ୍ୟାଗ୍ରହରେ ଯୋଗଦେଇ କାରାବରଣ କରିଥିବା ଅନ୍ନପୂର୍ଣ୍ଣା କିନ୍ତୁ ଦ୍ୱିଗୁଣ ଉତ୍ସାହରେ ଭାରତର ସ୍ୱାଧୀନତା ପାଇଁ ନିଜର ସେବା ଓ ସଂଗ୍ରାମ ଜାରି ରଖିଥିଲେ । ଏପରିକି ଇଂରେଜ ବିରୋଧୀ ସଭାରେ ସେ ପୋଲିସର ଆଖିବୁଜା ଗୁଳିଚାଳନାର ପ୍ରତିବାଦ କରି ନିଜେ ଗୁଳିର ଶିକାର ହୋଇଥିଲେ । ସେ ଥିଲେ ଓଡ଼ିଶାର ମାଆ ରମାଦେବୀଙ୍କ କନ୍ୟା । ତେଣୁ ସମସ୍ତଙ୍କର ଆଦରଣୀୟା ଚୁନି ଅପା । ଅସ୍ପୃଶ୍ୟତା ନିବାରଣ ପାଇଁ ସେ ଆଜୀବନ ସଂଗ୍ରାମ ଜାରି ରଖିଥିଲେ ଓ ନାରୀମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ବିରୁଦ୍ଧରେ ପ୍ରତିବାଦ କରିଥିଲେ । ଯେଉଁ ପର୍ଯ୍ୟନ୍ତ ନାରୀଟିଏ ଘରକୋଣରୁ ବାହାରି ପୁରୁଷର ସମକକ୍ଷ ହୋଇ ସମ୍ମାନର ସହିତ ବଞ୍ଚିପାରିନାହିଁ, ସେପର୍ଯ୍ୟନ୍ତ ସଭ୍ୟତାର ବିକାଶ ଅସମ୍ଭବ । ଏହାଥିଲା ତାଙ୍କର ମତ । ସେ ଗାନ କରୁଥିବା ଗୀତ ମଧ୍ୟରୁ ଗୁଜୁରାଟୀ କବି ନରସିଂହ ମେହେଟ୍ଟାଙ୍କ ରଚିତ ଓ ଗାନ୍ଧିଜୀଙ୍କ ପ୍ରିୟ ଭଜନ ଥିଲା ଅନ୍ୟତମ । କ'ଣ ପାଇଁ ନାରୀ ବୀରାଙ୍ଗନା ନହୋଇ କେବଳ ବୀରର ଜାୟା ଓ ଜନନୀ ହେବ ବୋଲି ମୁଁ ତାଙ୍କୁ ପ୍ରଶ୍ନ କରିଥିଲି ମାତ୍ର ଉତ୍ତର ଦେଇଥିଲେ ସ୍ୱୟଂ ରମାଦେବୀ । ସେ କହିଥିଲେ ଯେ ଜଣେ ନିଜେ ବୀରାଙ୍ଗନା ହୋଇପାରେ, ମାତ୍ର ବୀରର ଜାୟା ଓ ବୀରର ଜନନୀ ଭାବରେ ସେ ଏକାଧିକ ବୀରପୁରୁଷଙ୍କୁ ଦେଶ ସେବା ପାଇଁ ଉପଯୁକ୍ତ

କରି ଗଢିପାରିବ । ଏହାହିଁ ଥିଲା ତାଙ୍କର ଆଦର୍ଶ । ଗାନ୍ଧିଜୀଙ୍କ ପ୍ରବର୍ତ୍ତିତ ଏକାଦଶ ବ୍ରତକୁ ସେ ନିଷ୍ଠାର ସହିତ ପାଳନ କରୁଥିଲେ ଓ ନାରୀ ଶକ୍ତି ଉପରେ ବିଶ୍ୱାସ ରଖୁଥିଲେ । କିଛି ସଂଗ୍ରହ କରି ନରଖି ମଧ୍ୟ ସେ ନିଜ ପାଇଁ କୋଟି ଜନତାର ଶ୍ରଦ୍ଧା ଓ ସମ୍ମାନ ସଂଗ୍ରହ କରିବାକୁ କ୍ଷମ ହୋଇଛନ୍ତି । ସୂର୍ଯ୍ୟକାନ୍ତ ମଣି ଯେମିତି ଉଜ୍ଜ୍ୱଳତା ଓ ଶୀତଳତାର ସମନ୍ୱୟ ଅନ୍ନପୂର୍ଣ୍ଣାଙ୍କ ଜୀବନ ମଧ୍ୟ ସେହିପରି । ତ୍ୟାଗର ଦୀପ୍ତିରେ ଜାଜ୍ଜ୍ୱଲ୍ୟମାନ ଓ ନିକଟରୁ ସ୍ପର୍ଶ କଲେ ମାତୃତ୍ୱର ମହିମାରେ ଶୀତଳ । ଯେଉଁମାନଙ୍କର ଲକ୍ଷ୍ୟ ଥିଲା କେବଳ ଭାରତମାତାକୁ ସ୍ୱାଧୀନତା ଦେବା ଓ ସେଥିପାଇଁ ଜୀବନପଣ କରି ସଂଗ୍ରାମ ଚାଲୁରଖିବା, ସ୍ୱାଧୀନତା ପରେ ସେ ଲକ୍ଷ୍ୟର ଦିଗ ବଦଳି ଗଲା । କେତେକ ରାଜନୀତିରେ ରହି ବିଭିନ୍ନ ପଦପଦବୀ ମଣ୍ଡନ କଲେ ଓ ସ୍ୱାଧୀନତା ସଂଗ୍ରାମୀର ସମ୍ମାନକୁ ବ୍ୟବହାର କରି ନିଜ ପାଇଁ ସମ୍ମାନଜନକ ସ୍ଥାନ ସୃଷ୍ଟି କଲେ । କିନ୍ତୁ ରମାଦେବୀ ଓ ତାଙ୍କ ପରିବାର ଏହି ସକ୍ରିୟ ରାଜନୀତିରୁ ଦୂରେଇ ରହି ବିଭିନ୍ନ ରଚନାତ୍ମକ କାର୍ଯ୍ୟରେ ମନୋନିବେଶ କଲେ(ଯଦିଓ ନବକୃଷ୍ଣ ଚୌଧୁରୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ ତାଙ୍କର ଆଚରଣ ଓ ଉଚ୍ଚାରଣରେ ଥିଲା ଗାନ୍ଧୀ ଚିନ୍ତାର ପ୍ରତିଫଳନ) ଅନ୍ନପୂର୍ଣ୍ଣା ମହାରଣା ବିଭିନ୍ନ ସାମାଜିକ ଅବ୍ୟବସ୍ଥା ବିରୁଦ୍ଧରେ ଲଢେଇ କରିଥିଲେ । ଯେମିତି ନିଶା ନିବାରଣ, ହରିଜନ ସେବା, ମୌଳିକ ଶିକ୍ଷା, ଖଦୀ, ଗ୍ରାମୋଦ୍ୟୋଗ ପ୍ରଭୃତି । ସମୟର ଦ୍ରୁତ ପରିବର୍ତ୍ତନ ତଥା ଓଡ଼ିଶାର ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ କାଳରେ ଚୁନିଅପା ଓଡ଼ିଶାର ଦରିଦ୍ରତମ ମଣିଷଟିଏ ଆଗରେ ଠିଆ ହେଉଥିଲେ ଦେବଦୂତୀ ଭଳି । ସେ ୧୯୬୬ର କଳାହାଣ୍ଡି ଦୁର୍ଭିକ୍ଷ ହେଉ, ୧୯୬୪ର ଐତିହାସିକ ଛାତ୍ର ଆନ୍ଦୋଳନ ହେଉ ବା ୧୯୭୧ରେ ବାଂଲାଦେଶ ମୁକ୍ତି ଆନ୍ଦୋଳନ ହେଉ, ସବୁଠି ସେ ନିଜ ସେବା ଓ ସୌହାର୍ଦ୍ଦ୍ୟ ବଳରେ ବିରୋଧ ଶକ୍ତିର ସମ୍ମୁଖରେ ଠିଆ ହେଉଥିଲେ ନିର୍ଭୀକ ଭାବରେ । ୧୯୭୨ ବେଳକୁ ଜୟପ୍ରକାଶ ନାରାୟଣ ଚମ୍ବଲର ଯେଉଁ ଡକାୟତମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ମିଶିବା ପାଇଁ ପ୍ରବର୍ତ୍ତାଇ ଥିଲେ ଚୁନିଅପା ସେଠାରେ ମଧ୍ୟ ନିଜର କାର୍ଯ୍ୟ ଜାରି ରଖିଥିଲେ । ଦୁର୍ଦ୍ଧର୍ଷ ଚମ୍ବଲ ଡକାୟତମାନଙ୍କର ଆତ୍ମସମର୍ପଣ ଥିଲା ସେମାନଙ୍କର ତ୍ୟାଗର ସର୍ବୋତ୍ତମ ଫଳ ।

ଆଦିବାସୀ ପିଲାଙ୍କୁ ଶିକ୍ଷା ଦେବାପାଇଁ ଆଜି ଅନେକ ଅନୁଷ୍ଠାନ କାର୍ଯ୍ୟରତ । ମାତ୍ର ଅନ୍ନପୂର୍ଣ୍ଣା ରାୟଗଡା ନିକଟସ୍ଥ ଗୋପାଳବାଡିରେ ଆଦିବାସୀ ଛାତ୍ରୀନିବାସ ପ୍ରତିଷ୍ଠା କରି ତାର ପରିଚାଳନା ଦାୟିତ୍ୱ ବହନ କରିଥିଲେ । ଆଦିବାସୀ ତରୁଣୀଟିଏ ଶିକ୍ଷିତ ହେବା ଅତ୍ୟାବଶ୍ୟକ କାରଣ ସେ ନିଜ ପରିବାରକୁ ଶିକ୍ଷିତ କରିବାର ଗୁରୁଦାୟିତ୍ୱ ଗ୍ରହଣ କରିପାରିବ । ସମାଜର ନିମ୍ନବର୍ଗ, ପଛୁଆବର୍ଗ, ମହିଳା, ଶିଶୁ ଓ ଆଦିବାସୀମାନଙ୍କ ସ୍ୱାର୍ଥ ପାଇଁ ସେ ଥିଲେ ସତତ ଜାଗ୍ରତ । ଏପରିକି ନିଶାମୁକ୍ତ ଭାରତ ଗଠନ ପାଇଁ ତାଙ୍କର ପ୍ରୟାସ ଅଭିନନ୍ଦନୀୟ ।

ସନ୍ଥ ବିନୋବାଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଭୂଦାନ ଓ ଗ୍ରାମଦାନ ଆନ୍ଦୋଳନରେ ସାମିଲ ହୋଇ ଅନ୍ନପୂର୍ଣ୍ଣା ଅଧିକ ଜମିଥିବା ଲୋକଙ୍କଠାରୁ ହଜାର ହଜାର ଏକର ଭୂମି ଗ୍ରହଣ କରି ସେସବୁକୁ ଭୂମିହୀନମାନଙ୍କୁ ସୁଷମ ବଣ୍ଟନ ମଧ୍ୟ କରିଥିଲେ । ତାଙ୍କ ଜୀବନରେ ସବୁଠାରୁ ଦୁଃଖଦ ପରିସ୍ଥିତି ହୋଇଥିଲା ଜରୁରିକାଳୀନ ପରିସ୍ଥିତି ୧୯୭୫ ମସିହାରେ ।

ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ସେ ଆଶ୍ରମ ସ୍ଥାପନ କରି ନିଜର ରଚନାତ୍ମକ କାର୍ଯ୍ୟକ୍ରମ ଚଳାଇଥିଲେ । ଯେମିତି ଅନୁଗୋଳ, କୁଶିଆପାଳ, ତୁଡିଗଡିଆ, ଆଦମପୁର, ବରୀ, ଭଦ୍ରକ, ବେରବୋଇ ଓ ରାମଚନ୍ଦ୍ରପୁର, କଳାହାଣ୍ଡିର ନୂଆପଡା ଭେଲା ଓ ସୋନାବାହାଲି ପ୍ରଭୃତି ବୁଲି ସେ ଆଦିବାସୀମାନଙ୍କର ଜୀବନଯାପନର ଧାରା ସ୍ୱଚକ୍ଷୁରେ ଦେଖି ପରଖିଛନ୍ତି । ନିଜର ସମଧର୍ମା ଅର୍ଥାତ ବୋଉ ଓ ଖୁଡୀଙ୍କ ବ୍ୟତୀତ ମଙ୍ଗଳାଦେବୀ, ଗୋଦାବରୀ ଦେବୀ, ଶୋଭାଦେବୀ, ମାଣିକଦେବୀ ଓ ସୁଶୀଳାଦେବୀ । ତାଙ୍କ ସହିତ ଥିଲେ ସରଳାଦେବୀ । ଅନ୍ନପୂର୍ଣ୍ଣା ଦେବୀ ପରବର୍ତ୍ତୀ କାଳରେ ପ୍ରଭାମୟୀଦେବୀ, ବିଦ୍ୟୁତଲତା ମହାନ୍ତି ଓ ଅନସୂୟା ମହାପାତ୍ର ପ୍ରଭୃତି ଏହି କର୍ମୀମାନଙ୍କ ମନୋବଳ ବଢାଇଛନ୍ତି । ଯତ୍‌ସାମାନ୍ୟ ଆର୍ଥିକ ସାହାଯ୍ୟ ନୁହେଁ ବରଂ ସେହି କର୍ମୀମାନଙ୍କ କଥାରେ ବିଶ୍ୱାସ କରି ସେମାନଙ୍କୁ ଗଭୀର ଆତ୍ମପ୍ରତ୍ୟୟ ପ୍ରଦାନ କରିଛନ୍ତି ।

ହରିଜନ ବସ୍ତିରେ କାମ କରୁଥିବା ବେଳେ ଅନ୍ନପୂର୍ଣ୍ଣା ଓ ତାଙ୍କ ସମଧର୍ମୀମାନେ ସେମାନଙ୍କ ପିଲାମାନଙ୍କୁ ତେଲ ଲଗାଇ ଗାଧୋଇ ଦେଇଥିଲେ । ରଘୁପତି ରାଘବ ରାଜାରାମ ଧୂନ୍

ଶିଖାଉଥିଲେ । ରୋଷେଇ ପରେ ଭାତ ଖୁଆଇ ସେ ପିଲାଙ୍କୁ ନିଜ ନିଜ ଘରକୁ ପଠାଇ ଦେଉଥିଲେ । ଗାନ୍ଧିଜୀଙ୍କର ନିର୍ଦ୍ଦେଶ ଥିଲା ''ତାଳରେ ବୋଲିବା ଶିଖାଅ । ଭାତ ଖାଇବା ଠିକ୍ ଢଙ୍ଗରେ ଶିଖାଅ । ଖାଇବା ଜିନିଷ ବାହାରେ ପଡିବ ନାହିଁ ବା ହାତରେ ବାଲୁବାଲୁ ହୋଇ ଲାଗିବ ନାହିଁ ।'' ଗାନ୍ଧୀଙ୍କ ବିଚାର ଥିଲା ସୂତା ଯେ କାଟିବ, ସେ ପିନ୍ଧିବ । ଯେ ଖଦୀ ପିନ୍ଧିବ ସେ ସୂତା କାଟିବାକୁ ବାଧ୍ୟ । ଏହା ବୁଝି ବିଚାରି କରିବା ଅର୍ଥ ସୂତା କାଟିବା ଅହିଂସାର ପ୍ରତୀକ ।

ଓଡ଼ିଶାରେ ଭୂଦାନ ଆନ୍ଦୋଳନ, କସ୍ତୁରବା ନିଧିର ସେବାକାର୍ଯ୍ୟ, ମୌଳିକ ଶିକ୍ଷାର ପ୍ରୟୋଗ ପ୍ରଭୃତି ସକଳ ସମାଜସେବା ଓ ସମାଜ ସଂସ୍କାର କାର୍ଯ୍ୟରେ ଅନ୍ନପୂର୍ଣ୍ଣା ମହାରଣା ନିରଳସ ଭାବେ କାମ କରୁଥିଲେ । ଓଡ଼ିଶାରୁ ବାହାରକୁ ଯାଇ ଅର୍ଥାତ ବମ୍ବେ, ସେବାଗ୍ରାମ ବାଙ୍କୁଡା, ପୁରୁଲିଆ, ନାସିକ ପ୍ରଭୃତି ସ୍ଥାନରେ ସ୍ଥାନୀୟ ସମାଜସେବୀମାନଙ୍କ ସହଯୋଗରେ ସେ ରଚନାତ୍ମକ କାର୍ଯ୍ୟକ୍ରମ କରିଛନ୍ତି । ସବୁଠାରେ ସେ ଗୃହୀତ ହୋଇଛନ୍ତି ଗାନ୍ଧୀ ଆଦର୍ଶର ପୂଜାରିଣୀ ତଥା ସେବିକା ଭାବରେ ।

ଭାରତର ଆତ୍ମା ଯେ ଭାରତୀୟ ଗ୍ରାମରେ ଅବସ୍ଥାନ କରୁଛି ତାହା ସେ ଉପଲବ୍ଧି କରିଥିଲେ । ତେଣୁ ଦୁସ୍ଥ ଦରିଦ୍ରଙ୍କ ସେବା ସହିତ ଶିକ୍ଷାର ଉନ୍ନତି, ଜୀବନଧାରଣର ମାନରେ ଉନ୍ନତି ତଥା ଦେଶପାଇଁ ସେମାନଙ୍କ ମନରେ ଶ୍ରଦ୍ଧାର ବୀଜ ବପନ କରିବା ପାଇଁ ସେ ପ୍ରୟାସ କରିଥିଲେ । ସାମ୍ୟବାଦୀ ଚିନ୍ତନ, ସମାଜବାଦୀ ଧାରଣା ସହିତ ଗାନ୍ଧିବାଦୀ ଜୀବନଧାରା ତାଙ୍କ ଭିତରେ ଏକୀଭୂତ ହୋଇଥିଲା । ତେଣୁ ସେ ନିଜ ସମୟରେ ହିଁ ପାଲଟି ଥିଲେ ଅନନ୍ୟା । ତାଙ୍କର ଯେ ପାରିବାରିକ ଦାୟିତ୍ୱ ବା ଦୁଃଖ ନଥିଲା ତାହା ନୁହେଁ, ମାତ୍ର ପରର ପୀଡାକୁ ହୃଦୟଙ୍ଗମ କରିବାର ଅପୂର୍ବ ଶକ୍ତି ନେଇ ସେ ଭୂମିଷ୍ଠ ହୋଇଥିଲେ । ଭାଇ ମନମୋହନ ଚୌଧୁରୀଙ୍କ ଭଳି ଆତ୍ମଚିନ୍ତନ କରୁଥିଲେ ଓ ନିଜ କାମର ନିଜେ ସମାଲୋଚନା କରି ତହିଁରୁ ଆହୁରି ଉନ୍ନତ ମାନର କର୍ମପାଇଁ ପ୍ରେରଣା ଲାଭ କରୁଥିଲେ ।

୧୯୭୫ ଜୁନ୍ ୨୬ ତାରିଖରେ ଜୟପ୍ରକାଶ ନାରାୟଣ ଜରୁରିକାଳୀନ ଆଇନ୍ ବଳରେ ଗିରଫ ହେଲେ । ଜୟପ୍ରକାଶଙ୍କ ସମ୍ପୂର୍ଣ୍ଣ କ୍ରାନ୍ତିକୁ ବିଡମ୍ବିତ କରିବାର ଏହି ପ୍ରଚେଷ୍ଟାକୁ ସର୍ବୋଦୟର ନେତୃବୃନ୍ଦ ନିନ୍ଦା କଲେ ଓ ଜରୁରିକାଳୀନ ଆଇନ୍ ବିରୁଦ୍ଧରେ ଦାବିପତ୍ର ଉପସ୍ଥାପନ କରିଥିଲେ । ଏପରିକି ମନମୋହନ ଚୌଧୁରୀଙ୍କୁ ମଧ୍ୟ ବିନା ଦୋଷରେ ଗିରଫ କରାଯାଇଥିଲା 'ମିଶା' ଆଇନ ବଳରେ । ୧୯୭୫ ଡିସେମ୍ବର ୨୫ ତାରିଖରେ ଦେଶରେ ଜରୁରୀ ପରିସ୍ଥିତି ଜାରି ହେଲା । ବିନୋବାଜୀ ଅନଶନ କଲେ । ଲୋକଙ୍କର କଥା କହିବାର ସ୍ୱାଧୀନତା ଅପହୃତ ହେଲା । ଏସବୁ ଅନ୍ନପୂର୍ଣ୍ଣାଙ୍କୁ ବ୍ୟଥିତ କରିଥିଲା । ତେଣୁ ସେ ଆରମ୍ଭ କରିଥିଲେ ସାହିତ୍ୟ ରଚନା । ୧୯୭୫ରେ ଆରମ୍ଭ ହୋଇଥିବା ମହିଳାପତ୍ରିକା ସୁଚରିତାରେ ସେ ଧାରାବାହିକ ଲେଖୁଥିଲେ । ଅନ୍ୟାନ୍ୟ ପତ୍ରପତ୍ରିକାରେ ମଧ୍ୟ ନିଜର ଜୀବନାନୁଭବ ସେ ଲିପିବଦ୍ଧ କରିବାକୁ ଶ୍ରେୟ ମଣିଥିଲେ ।

ଅନ୍ନପୂର୍ଣ୍ଣା ମହାରଣା ଆଜି ସ୍ୱଦେହରେ ଆମ ଗହଣରେ ନାହାନ୍ତି । ତାଙ୍କର ଉଜ୍ଜ୍ୱଳ ଶ୍ୟାମଳ ରଙ୍ଗର ହସ ହସ ମୁହଁ ଓ ସବୁ ବୁଝିପାରୁଥିବା ଶାନ୍ତ ଆଖି ଦୁଇଟି ଆମକୁ ଆଉ ଦିଶିବ ନାହିଁ । ମାତ୍ର ଦେଶରେ ଅଭାବୀ, ରୁଗ୍ଣ ଓ ଅଶିକ୍ଷିତ ମଣିଷଟିଏ ଥିବା ପର୍ଯ୍ୟନ୍ତ ସମସ୍ତ ସମାଜସେବୀ ତାଙ୍କୁ ମନେ ପକାଇବେ । 'ଅମୃତ ଅନୁଭବ'ର ଅକ୍ଷରରେ ସେ ଚିରଞ୍ଜିବୀ ରହିବେ ଅନନ୍ତ କାଳ ପର୍ଯ୍ୟନ୍ତ ।

ପ୍ରଫେସର, ଓଡ଼ିଆ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ
ବାଣୀବିହାର, ଭୁବନେଶ୍ୱର

❖ ❖ ❖

# ଅନିର୍ବାଣ ଅଗ୍ନିଶିଖା–ବୀରବୈଷ୍ଣବ

**ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର**

ସ୍ୱାଧୀନତା ସଂଗ୍ରାମର ଅନିର୍ବାଣ ଅଗ୍ନିଶିଖା ସ୍ୱର୍ଗୀୟ ବୈଷ୍ଣବ ଚରଣ ପଟ୍ଟନାୟକ ଏକାଧାରରେ ଜଣେ ମୁକ୍ତିଯୋଦ୍ଧା, ଆଜୀବନ ବିପ୍ଳବୀ, ସାମ୍ୟବାଦୀ, ଆଦର୍ଶ ଲୋକପ୍ରତିନିଧି ଓ ଅତନ୍ଦ୍ର ସମାଜ ସଂସ୍କାରକ ଥିଲେ । କିଶୋର ବୟସରୁ ସେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ସ୍ୱକୀୟ ଦେଶପ୍ରେମ, ଜାତୀୟ ଚେତନା, ସାମ୍ୟଚିନ୍ତାଧାରା ଓ ଦୁର୍ଦ୍ଦମନୀୟ ସଂଗ୍ରାମୀ ମନୋବୃତ୍ତି ଯୋଗୁଁ ସେ ପରିଣତ ଜୀବନରେ 'ବୀରବୈଷ୍ଣବ' ନାମରେ ପ୍ରତିଭାତ ହୋଇଥିଲେ । ସେ ଯଥାର୍ଥରେ ଥିଲେ ସ୍ୱାଧୀନତା ସଂଗ୍ରାମ ଓ ପ୍ରଜା ଆନ୍ଦୋଳନର ଅଗ୍ନିସ୍ଫୁଲିଙ୍ଗ । ବେଠି, ବେଗାରୀ, ଶୋଷଣ, ଅତ୍ୟାଚାର ଓ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ ପୂର୍ବକ ସେ ପ୍ରଜା ଆନ୍ଦୋଳନ ତ୍ୱରାନ୍ୱିତ କରିବା ସହିତ ଅନ୍ଧାରୀ ମୁଲକରେ ବିପ୍ଳବର ବହ୍ନିଶିଖା ପ୍ରଜ୍ୱଳନ କରିଥିଲେ । ତାଙ୍କ ଦେଶସେବା, ବୈପ୍ଳବିକ ଚେତନା ଓ ସଂଗ୍ରାମୀ ଜୀବନର ପଟ୍ଟାନ୍ତର ନାହିଁ ।

ସ୍ୱାଧୀନତା ସଂଗ୍ରାମର ଏହି ଅଗ୍ରଦୂତ ତଥା ପ୍ରଜା ଆନ୍ଦୋଳନର ପୁରୋଧାଙ୍କର ଜନ୍ମ ୧୯୧୪ ମସିହା ଅପ୍ରେଲ ୨୯ ତାରିଖରେ ବୀରଭୂମି ଢେଙ୍କାନାଳର ତଳଗଡ (ସଂପ୍ରତି ଚନ୍ଦନବଜାର)ରେ ହୋଇଥିଲା । ତାଙ୍କ ଜନନୀ ଥିଲେ ରମ୍ଭାଦେବୀ ଓ ଜନକ ଥିଲେ ସାଧୁଚରଣ ପଟ୍ଟନାୟକ । ତାଙ୍କ ଜନ୍ମର ସ୍ୱଳ୍ପ ସମୟ ପରେ ଜନୈକ ବୈଷ୍ଣବ ପଦାର୍ପଣ କରି ନବଜାତ ଶିଶୁର ଭବିଷ୍ୟତ ଯଶୋଗାନ କରିଥିବାରୁ ତାଙ୍କ ନାମ ବୈଷ୍ଣବଚରଣ ରଖାଯାଇଥିଲା । ତାଙ୍କ ଶ୍ରଦ୍ଧା ନାମ ଥିଲା 'ଗୁଣ୍ଡୁରି' । ଚାଟଶାଳୀ ଶିକ୍ଷା ପରେ ସେ ଢେଙ୍କାନାଳ ଉଚ୍ଚ ଇଂରାଜୀ ବିଦ୍ୟାଳୟ (ବର୍ତ୍ତମାନ ଜର୍ଜ ଉ:ପ୍ରା: ବିଦ୍ୟାଳୟ)ରେ ଅଧ୍ୟୟନ କଲେ । ୧୯୨୮ରେ ସେ ଢେଙ୍କାନାଳ ଉଚ୍ଚ ଇଂରାଜୀ ବିଦ୍ୟାଳୟ (ବର୍ତ୍ତମାନ ବ୍ରଜନାଥ ବଡଜେନା ଉଚ୍ଚବିଦ୍ୟାଳୟ)ରେ ନାମ ଲେଖାଇଥିଲେ । ସେଠାରେ ଲକ୍ଷ୍ମୀଧର ସାହୁ, ହରମୋହନ ପଟ୍ଟନାୟକ ଓ ଗତିକୃଷ୍ଣ ଭଞ୍ଜ ତାଙ୍କର ସହପାଠୀ ଥିଲେ । ସେହି ସମୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥାଆନ୍ତି ରାଜେନ୍ଦ୍ର ଲାଲ ଦତ୍ତ ଏବଂ ସହକାରୀ ଶିକ୍ଷକଗଣ ଥିଲେ ବାସୁଦେବ ମହାପାତ୍ର, ହରିହର ମହାପାତ୍ର ପ୍ରଭୃତି । ଏହି ଆଦର୍ଶ ଶିକ୍ଷକମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ବୈଷ୍ଣବ ଓ ତାଙ୍କ ସହପାଠୀଙ୍କ ମନରେ ଦେଶସେବା, ତ୍ୟାଗ, ସ୍ୱାଧୀନତା ଓ ସଂଗ୍ରାମର ବୀଜ ଅଙ୍କୁରିତ ହୋଇଥିଲା । ସେତେବେଳକୁ ମହାତ୍ମା ଗାନ୍ଧୀ ଆଫ୍ରିକାରୁ ପ୍ରତ୍ୟାବର୍ତ୍ତନ କରି ଅହିଂସା ଆନ୍ଦୋଳନ ଆରମ୍ଭ କରିଦେଲେଣି । ୧୯୩୦ରେ ଲବଣ ସତ୍ୟାଗ୍ରହ ଓ ଆଇନ ଅମାନ୍ୟ ଆନ୍ଦୋଳନ ସଂଘଟିତ ହୋଇଥିଲା । ଗାନ୍ଧିଜୀଙ୍କ ବାର୍ତ୍ତା ସମଗ୍ର ଭାରତରେ ସ୍ୱରାଜ୍ୟ ଚେତନା ସୃଷ୍ଟି କରିସାରିଲାଣି । ବୈଷ୍ଣବଙ୍କ ସହପାଠୀ ଗାନ୍ଧୀଟୋପି ପିନ୍ଧି ବିଦ୍ୟାଳୟକୁ ଆସିବା ଏବଂ ଗତିକୃଷ୍ଣ ରାଜାଙ୍କ ଅତ୍ୟାଚାର ସମ୍ପର୍କରେ ରାଜାଙ୍କୁ ଚିଠି ଲେଖିବା ଘଟଣାରେ ବୈଷ୍ଣବ ବିଶେଷ ପ୍ରଭାବିତ ହୋଇଥିଲେ । ଗଡଜାତ ରାଜାମାନେ ପ୍ରଜାଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଥିଲେ । ଢେଙ୍କାନାଳ ରାଜ୍ୟରେ ଏହି ମାତ୍ରା ଟିକିଏ ଅଧିକ ଥିଲା । ଏହା ସ୍ୱଚକ୍ଷୁରେ ଦେଖି ବୈଷ୍ଣବଙ୍କ ବିପ୍ଳବୀପ୍ରାଣ ଆନ୍ଦୋଳିତ ହୋଇଥିଲା । ଢେଙ୍କାନାଳର ପ୍ରଜାଗଣ ବେଠି, ବେଗାରି, ରସଦ, ମାଗଣ, ଅତ୍ୟାଚାରରେ ଅତିଷ୍ଠ ହୋଇପଡିଥିଲେ । ଏଥିରେ ବ୍ୟଥିତ ହୋଇ ଛାତ୍ର ବୈଷ୍ଣବ ରାଜାଙ୍କୁ ମାରିଦେବାକୁ ମନସ୍ଥ କରିଥିଲେ

ହେଁ ଉପରଶ୍ରେଣୀ ଛାତ୍ର ଅଭିନ୍ନଙ୍କ ପରାମର୍ଶରେ ସେଥିରୁ ନିବୃତ୍ତ ରହିଲେ ତଥା କଟକ ଯାଇ ଶୋଭାଯାତ୍ରା ଓ ପିକେଟିଂରେ ଭାଗନେଲେ । ୧୯୩୧ରେ ଶହୀଦ ଭଗତସିଂଙ୍କ ଫାଶୀ ଘଟଣା ଭାରତରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ଏଥିରେ ଉତ୍ତେଜିତ ହୋଇ ଛାତ୍ର ବୈଷ୍ଣବ ପ୍ରଚାର କଲେ ଯେ, ଢେଙ୍କାନାଳ ରାଜାଙ୍କୁ ଇଂରେଜ ସରକାର ଧରି ନେଇଛି । ଏହି ଘଟଣାରେ ସେ ଥାନାରେ ମାଡ ଖାଇଲେ ତଥା ତାଙ୍କ ପାଠପଢ଼ା ବନ୍ଦ ହୋଇଗଲା । ତାଙ୍କ ସହପାଠୀ ହରମୋହନ, ଗତିକୃଷ୍ଣ ଓ ଦୟାନିଧି ବାହାରେ ଯାଇ ପାଠ ପଢ଼ିଲେ । କିନ୍ତୁ ବୈଷ୍ଣବଙ୍କ ପରିବାରର ଆର୍ଥିକ ସ୍ୱଚ୍ଛଳତା ନଥିବାରୁ ସେ ପଢ଼ି ପାରିଲେ ନାହିଁ । ୧୯୩୪ରେ ସେ ରେଳବାଇରେ ରଙ୍ଗମିସ୍ତ୍ରୀ ଚାକିରି କଲେ । ଏହାରି ସୁଯୋଗରେ ସେ ବିନାଟିକେଟ୍‌ରେ କଟକ ଯାଇ ରାଜ୍ୟସ୍ତରୀୟ ନେତୃବୃନ୍ଦଙ୍କ ସହ ସମ୍ପର୍କ ସ୍ଥାପନ କଲେ ।

୧୯୩୨ରୁ ୧୯୩୫ ମସିହା ମଧ୍ୟରେ ଢେଙ୍କାନାଳ ରାଜାଙ୍କ ଭାଇ ପଟ୍ଟାୟତ ନୃସିଂହ ପ୍ରତାପ ସିଂହଦେଓ ଯତନନଗର ନିର୍ମାଣ କଲେ । ଏଥିରେ ବେଠିଆମାନେ ଗାଁରୁ ଚାଉଳ, ଚୁଡା ଧରି ଆସି ବିନା ମଜୁରିରେ କାର୍ଯ୍ୟ କରୁଥିଲେ । କାମ ନକଲେ ମାଡ ଦିଆଯାଉଥିଲା । ନାରୀ ଧର୍ଷଣ, ନିଶ ଓପଡ଼ା ପ୍ରଭୃତି ଘଟିଥିଲା । ପଟ୍ଟାୟତ ଓ ରାଜକର୍ମଚାରୀଙ୍କ ଅତ୍ୟାଚାରରେ ପ୍ରଜାମାନେ ଅତିଷ୍ଠ ହୋଇପଡିଲେ । ସେତେବେଳକୁ ଗାନ୍ଧିଜୀ ଦୁଇଥର ଓଡ଼ିଶା ଆସିଲେଣି ତଥା ଓଡ଼ିଶାରେ ବହୁ ଗାନ୍ଧିବାଦୀ ନେତା ସୃଷ୍ଟି ହେଲେଣି । ୧୯୩୧ରେ ଗଠିତ ହୋଇଥିବା ଓଡ଼ିଶା ରାଜ୍ୟ ପ୍ରଜାସଂଘର ଦ୍ୱିତୀୟ ଅଧିବେଶନ ୧୯୩୭ରେ କଟକଠାରେ ପଟ୍ଟାଭି ସୀତାରାମାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଲା । ବୈଷ୍ଣବ ଏଥିରେ ଯୋଗ ଦେଇଥିଲେ । ସାରଙ୍ଗଧର ଦାସ ଏହାର ସମ୍ପାଦକ ଥିଲେ ଏବଂ ବୈଷ୍ଣବଙ୍କ ସହପାଠୀ ହରମୋହନ ପଟ୍ଟନାୟକ କାର୍ଯ୍ୟକାରିଣୀ ସଦସ୍ୟ ଥିଲେ । ୧୯୩୮ରେ ପ୍ରଜାଙ୍କ ଦାବି ଆପତ୍ତି ଶୁଣିବା ନିମିତ୍ତ ଅନୁସନ୍ଧାନ କମିଟି ଗଠନ ହୋଇଥିଲା । ସେହିବର୍ଷ ପରଜଙ୍ଗଠାରେ ପ୍ରଜାମଣ୍ଡଳ ଗଠନ ହେଲା ଏବଂ ଆର୍ତ୍ତତ୍ରାଣ ପାତ୍ର ଏହାର ସଭାପତି ରହିଲେ। ପରେ ପରେ ପ୍ରଜାମଣ୍ଡଳ ପୁନର୍ଗଠନ କରାଯାଇ ହରମୋହନ ପଟ୍ଟନାୟକ ସଭାପତି, ଲକ୍ଷ୍ମୀଧର ସାହୁ ସମ୍ପାଦକ, ବୈଷ୍ଣବ ପଟ୍ଟନାୟକ ଓ ଗତିକୃଷ୍ଣ ଭଞ୍ଜ କାର୍ଯ୍ୟକାରୀ ସମ୍ପାଦକ ରହିଲେ । ଢେଙ୍କାନାଳ ରାଜା ପ୍ରଜାମଣ୍ଡଳକୁ ବେଆଇନ ଘୋଷଣା କରିବାରୁ ଜେନାପୁରଠାରେ ୧୯୩୮ ସେପ୍ଟେମ୍ବର ୨ ତାରିଖରେ ଗଡଜାତ ଗାନ୍ଧୀ ସାରଙ୍ଗଧର ଦାସଙ୍କ ସଭାପତିତ୍ୱରେ ପ୍ରଜାମଣ୍ଡଳ ଅଧିବେଶନ ଅନୁଷ୍ଠିତ ହେଲା । ଏହି ଅଧିବେଶନରେ ରାଜଶାସନର ଅତ୍ୟାଚାର, ବେଠି, ବେଗାରି, ରସଦ, ମାଗଣ ଓ ଭେଟି ବନ୍ଦ କରିବାକୁ ନିଷ୍ପତ୍ତି ନିଆଗଲା । ବୈଷ୍ଣବ ପଟ୍ଟନାୟକ ନିଜ ସାଥୀ ଶ୍ରୀକାନ୍ତ ରାଉତ, ନେତ୍ରାନନ୍ଦ ନାଏକ, ସତ୍ୟବାଦୀ ମିଶ୍ର, ନାଲୁମହମ୍ମଦ, ଭଜମନ ସାହୁ ପ୍ରଭୃତିଙ୍କୁ ଧରି ଗ୍ରାମେ ଗ୍ରାମେ ବୁଲି ପ୍ରଜାମଣ୍ଡଳର ବାର୍ତ୍ତା ପ୍ରଚାର କଲେ । ଅଧିବେଶନର ଚାରିଦିନ ପରେ ସେପ୍ଟେମ୍ବର ୬ରେ ସୁନିଆ ପଡିଲା ତଥା ରାଜାଙ୍କ ଭେଟି ବନ୍ଦ କରି ଦିଆଗଲା । ଗ୍ରାମାଞ୍ଚଳ ସଭାରେ ବୈଷ୍ଣବ ପଟ୍ଟନାୟକ ଅଗ୍ନିବର୍ଷୀ ଭାଷଣ ଦେଇ ଲୋକଙ୍କ ମନରେ ରାଜାଙ୍କ ଅତ୍ୟାଚାର ବିରୁଦ୍ଧରେ ଚେତନା ସୃଷ୍ଟି କରୁଥିଲେ । ବୈଷ୍ଣବ ସାଥୀମାନଙ୍କୁ ଧରି ଗ୍ରାମେ ଗ୍ରାମେ କୃଷକ ଓ ରଣଭେରୀ ପତ୍ରିକା ବାଣ୍ଟୁଥିଲେ । ଏଥିରେ ସାରଙ୍ଗଧର ଦାସ ଛଦ୍ମନାମ ନଣ୍ଡାଦେହୁରୀରେ ପ୍ରଜାଙ୍କ ଦୁଃଖ ମର୍ମସ୍ପର୍ଶୀ ଧାରାରେ ଲେଖୁଥିଲେ । ଏହି ସମୟରେ ବୈଷ୍ଣବ ଗ୍ରାମେ ଗ୍ରାମେ ତ୍ରିନାଥ ମେଳା କରି ସ୍ୱାଧୀନତାର ବାର୍ତ୍ତା ପ୍ରଚାର କରୁଥିଲେ । ତ୍ରିନାଥ ମେଳାରେ ସତ୍ୟବାଦୀ ମିଶ୍ର ପୁରୋହିତ ଭୂମିକା ଦେଇ ମେଳାଗୀତ ପରିବର୍ତ୍ତେ ପ୍ରଜାମଣ୍ଡଳ ଗୀତ ବୋଲୁଥିଲେ । ଏହି ଗୀତରେ ଯତନନଗର ଅତ୍ୟାଚାର, ନାରୀଧର୍ଷଣ ଓ ହାତୀଧରା ପ୍ରସଙ୍ଗ ବୋଲାଯାଉଥିଲା । ଷ୍ଟେଟ୍‌ସମ୍ୟାନ ପତ୍ରିକାରେ ବୈଷ୍ଣବଙ୍କ ସମ୍ପର୍କରେ ସମ୍ବାଦ ବାହାରିବାରୁ ରାଜା ତାଙ୍କୁ ଖୋଜିଲେ । ତେଣୁ ବୈଷ୍ଣବ କିଛିଦିନ କଟକରେ ଆତ୍ମଗୋପନ କରି ପୁନର୍ବାର ଢେଙ୍କାନାଳ ଫେରି ଆସିଲେ । ସହକର୍ମୀଙ୍କ ସହ କଟକରୁ ମାଳତୀ ଚୌଧୁରୀ, ରବିଘୋଷ, ଅନନ୍ତ ପଟ୍ଟନାୟକ, ବୈଦ୍ୟନାଥ ରଥ, ଗୌରାଙ୍ଗ ଦାସ ପ୍ରଭୃତିଙ୍କୁ ଧରି ଗ୍ରାମେ ଗ୍ରାମେ ବୁଲିଲେ । ଢେଙ୍କାନାଳର ସର୍ବତ୍ର ପ୍ରଜା ଆନ୍ଦୋଳନ ବ୍ୟାପକ ରୂପ ଧାରଣ କଲା । ରାଜା ଆନ୍ଦୋଳନକୁ ଦୃଢ଼ ହସ୍ତରେ ଦମନ କରିବା ନିମିତ୍ତ ଗୋରାଫୌଜ ମଗାଇଲେ । ୧୯୩୮ ସେପ୍ଟେମ୍ବର ୧୧ ତାରିଖରେ ୧୫ ଜଣ ପ୍ରଜାମଣ୍ଡଳ ନେତାଙ୍କୁ ଗିରଫ କଲେ । ଏଥିରେ ହରମୋହନ ପଟ୍ଟନାୟକ, ମହେଶଚନ୍ଦ୍ର ସୁବାହୁସିଂହ, ଲକ୍ଷ୍ମୀଧର

ସାହୁ, ଶ୍ରୀକାନ୍ତ ରାଉତ, ସତ୍ୟବାଦୀ ମିଶ୍ର, ଭଜମନ ସାହୁ, ନାଲୁ ମହମଦ, କାଶୀନାଥ ମିଶ୍ର, ରବି ପଟ୍ଟନାୟକ, ନିରାକାର ପଟ୍ଟନାୟକ, ପ୍ରାଣବନ୍ଧୁ ଦାସ ପ୍ରଭୃତି ଗିରଫ ହୋଇଥିଲେ ହେଁ ବୈଷ୍ଣବ ପଟ୍ଟନାୟକ କୌଶଳକ୍ରମେ ଖସି ଯାଇଥିଲେ । ସେ ହଜାରେ ପର୍ଯ୍ୟନ୍ତ ଲୋକଙ୍କୁ ଏକତ୍ରିତ କରି ଜେଲ ଘେରାଉ କଲେ ଓ ନେତାଙ୍କ ଗିରଫର ପ୍ରତିବାଦ କଲେ । ରାଜା ଗୋରାଫୌଜଙ୍କ ଦ୍ୱାରା ଲୋକଙ୍କୁ ଘଉଡାଇ ଦେବାରୁ ବୈଷ୍ଣବ ପଟ୍ଟନାୟକ ତତ୍‌ପରଦିନ ଅଳସୁଆ ହାଟଠାରେ ପ୍ରତିବାଦ ସଭା କଲେ । ଏଥିରେ ପ୍ରାୟ ତିରିଶି ହଜାର ପ୍ରଜା ଏକତ୍ରିତ ହୋଇଥିଲେ । ବୈଷ୍ଣବ ପଟ୍ଟନାୟକ ସେହି ସଭାରେ ଆକ୍ରମଣାତ୍ମକ ସିଂହ ସଦୃଶ ଭାଷଣ ଦେଇଥିଲେ । ଫୋର୍ସମାନେ ଗୁଳି ଚାଳନା କରିବାରୁ ଅନେକ ପ୍ରଜା ଖଣ୍ଡିଆ ଖାବରା ହେଲେ । ପରିସ୍ଥିତି ଅଣାୟତ୍ତ ହେବାରୁ ରାଜା ଗିରଫ ନେତାମାନଙ୍କୁ ଜେଲ୍‌ରୁ ଖଲାସ କରିଦେଲେ । ତତ୍‌ପରଦିନ ଅର୍ଥାତ୍ ସେପ୍ଟେମ୍ବର ୧୩ ତାରିଖରେ ବୈଷ୍ଣବ ପଟ୍ଟନାୟକଙ୍କ ନେତୃତ୍ୱରେ ଢେଙ୍କାନାଳରେ ସ୍ୱାଧୀନ ଦିବସ ପାଳନ କଲେ । ସେପ୍ଟେମ୍ବର ୨୨ରେ ରାଜା ପ୍ରଜାମଣ୍ଡଳକୁ ବେଆଇନ ଘୋଷଣା କଲେ । ଏଥିରେ ଉତ୍‌କ୍ଷିପ୍ତ ହୋଇ ବୈଷ୍ଣବବାବୁ ଶପଥ ସଭା ଆହ୍ୱାନ କଲେ ଏବଂ ବ୍ରାହ୍ମଣୀତଟସ୍ଥ କମଗରା ଘାଟରେ ହଜାର ହଜାର କର୍ମୀ ଶପଥ ଗ୍ରହଣ କଲେ । ଏହି ସଭାରେ ବୈଷ୍ଣବବାବୁଙ୍କୁ 'ବୀରବୈଷ୍ଣବ' ବୋଲି ସାଧାରଣ ଜନତା ସମ୍ବୋଧନ କରିଥିଲେ । ପରେ ପରେ ଢେଙ୍କାନାଳ ଗଡରେ ସଭା ଅନୁଷ୍ଠିତ ହେଲା । ସେହି ସଭାରେ ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ, ରବି ଘୋଷ, ସାରଙ୍ଗଧର ଦାସ, ଭଗବତୀ ପାଣିଗ୍ରାହୀଙ୍କ ସହିତ ବୈଷ୍ଣବବାବୁ ଉଦ୍‌ବୋଧନ ଦେଇଥିଲେ । ସେଠାରେ ଏନ୍.ଆର୍.ସ୍ୱାମୀ ଓ ରାଧାନାଥ ରଥ ପ୍ରଭୃତି ସାମ୍ବାଦିକ ମଧ୍ୟ ଯୋଗଦେଇ ସମ୍ବାଦ ପ୍ରକାଶ କରିଥିଲେ ।

ପ୍ରଜା ଆନ୍ଦୋଳନ ବ୍ୟାପକ ରୂପ ଧାରଣ କରିବାରୁ ଢେଙ୍କାନାଳ ରାଜା ଚତୁର୍ଦ୍ଦିଗକୁ ଫୋର୍ସ ପଠାଇ ବିପ୍ଳବ ଦମନ କରିବାକୁ ଦୃଢ ପଦକ୍ଷେପ ନେଇଥିଲେ । ଭୟରେ ପ୍ରଜାମାନେ ଘରଦ୍ୱାର ଛାଡି ଅନୁଗୁଳ, ସୁକିନ୍ଦା, କେନ୍ଦୁଝର ଓ ମୋଗଲବନ୍ଦୀ ଅଞ୍ଚଳକୁ ପଳାଇଲେ । ଏହାକୁ 'ହିଜରାତ୍' କୁହାଯାଇଥିଲା । ଫୋର୍ସମାନେ ଚାରିଗୋଟି ଦଳରେ ବିଭକ୍ତ ହୋଇ ବିଦ୍ରୋହ ଦମନ ନିମିତ୍ତ ପ୍ରଜାମାନଙ୍କ ଉପରେ ଅତ୍ୟାଚାର କରୁଥିଲେ । ଭୁବନ ଅଞ୍ଚଳକୁ ଯାଇଥିବା ଫୋର୍ସ ୧୯୩୮ ଅକ୍ଟୋବର ୧୦ ତାରିଖରେ ଭୁବନବାସୀଙ୍କ ଉପରେ ଅକଥନୀୟ ଅତ୍ୟାଚାର କଲେ । ଫୋର୍ସଙ୍କ ଗୁଳିରେ ଭୁବନର ଗୁରିନାଏକ ଶହୀଦ ହେଲେ ଓ ରଘୁନାଏକ ଗୁରୁତର ଆହତ ହେଲେ । ଫଳରେ ହଜାର ପର୍ଯ୍ୟନ୍ତ ପ୍ରଜା ଭୁବନ ଥାନା ଘେରାଉ କଲେ । ଫୋର୍ସମାନେ ଆତଙ୍କିତ ହୋଇ ନୀଳକଣ୍ଠପୁର ଘାଟ ଆଡେ ପଳାୟନ କଲେ । ପ୍ରଜାମାନେ ସେମାନଙ୍କ ପଶ୍ଚାତ୍‌ଧାବନ କରି ଟେକାପଥର ଫୋପାଡିଲେ । ନୀଳକଣ୍ଠପୁର ଘାଟରେ ପ୍ରଜାମାନେ ଫୋର୍ସଙ୍କୁ ନଦୀପାର କରାଇ ନଦେବାରୁ ମାଜିଷ୍ଟ୍ରେଟ୍ ବିନୟଘୋଷଙ୍କ ଆଦେଶରେ ଗୁଳି ଚାଳନା ହେଲା । ଏଥିରେ ବାରବର୍ଷର ବାଜିରାଉତ ସମେତ ହୃଷି ପ୍ରଧାନ, ନଟମଳିକ ଓ ଲକ୍ଷ୍ମଣ ମଳିକ ଶହୀଦ ହେଲେ ତଥା ଆଠଜଣ ଗୁଳିମାଡ ଖାଇ ରକ୍ତାକ୍ତ ହେଲେ । ତତ୍‌ପରେ ଶହୀଦମାନଙ୍କର ଶବ ଓ ଆହତମାନଙ୍କୁ ଶଗଡରେ କଟକ ଅଣାହେଲା । ଅକ୍ଟୋବର ୧୨ ତାରିଖରେ କଟକରେ ଶଗଡରେ ଶବଗୁଡିକ ବିରାଟ ଶୋଭାଯାତ୍ରାରେ ନିଆଯାଇ ଖାନନଗର ଶ୍ମଶାନରେ ଦାହ କରାଗଲା । ସେଠାରେ ବୈଷ୍ଣବବାବୁ ଯେଉଁ ଭାଷଣ ଦେଲେ ଓ ସଚ୍ଚିରାଉତରାୟ ଯେଉଁ କବିତା ବୋଲିଲେ ତାହା ଆଜି ବି ଲୋକ ଭୁଲିନାହାନ୍ତି । ଦେଶର ସର୍ବକନିଷ୍ଠ ବାରବର୍ଷର ଶହୀଦ ବାଜିରାଉତଙ୍କ ଗୁଳିରେ ମୃତ୍ୟୁ ସାରା ବିଶ୍ୱରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା ।

୧୯୩୯ରେ ରଣପୁରରେ ବେଜଲ୍‌ଗେଟ୍ ସାହେବଙ୍କୁ ପ୍ରଜାମାନେ ହତ୍ୟା କରିବା ପରେ ନେତାମାନଙ୍କ ଗିରଫଦାରୀଙ୍କୁ ବ୍ୟାପକ କରାଗଲା । ସେହିବର୍ଷ ମାର୍ଚ୍ଚ ମାସରେ ବୈଷ୍ଣବ ପଟ୍ଟନାୟକଙ୍କୁ କଟକଠାରେ ଗିରଫ କରାଗଲା । ତାଙ୍କ ସହିତ ଢେଙ୍କାନାଳର ଅନ୍ୟ ନେତାମାନେ ମଧ୍ୟ ଗିରଫ ହୋଇଥିଲେ । ପରଜଙ୍ଗ ତହସିଲଦାରଙ୍କଠାରୁ ଖଜଣା ଟଙ୍କା ଡକାୟତି କରିବାର ମିଥ୍ୟା ଅଭିଯୋଗ ଏମାନଙ୍କ ବିରୁଦ୍ଧରେ ଆରୋପ କରାଯାଇଥିଲା । ପ୍ରାଦେଶିକ ନେତା ଓ ସରକାରଙ୍କ ଆଲୋଚନା ପରେ ବୈଷ୍ଣବବାବୁ କଟକ ଜେଲ୍‌କୁ ଅଗଷ୍ଟ ମାସରେ ମୁକ୍ତ ହୋଇ ଢେଙ୍କାନାଳରେ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଆତ୍ମସମର୍ପଣ କଲେ । ଢେଙ୍କାନାଳ ଅଦାଲତରେ କେଶ୍ ବିଚାର ହୋଇ ୧୯୪୦ ମେ ମାସରେ ବୈଷ୍ଣବ ବାବୁ ନିର୍ଦ୍ଦୋଷରେ ଖଲାସ

ହେଲେ । ଢେଙ୍କାନାଳ ରାଜା ଏହି ରାୟରେ ସନ୍ତୁଷ୍ଟ ନହୋଇ ବୈଷ୍ଣବବାବୁଙ୍କୁ ତାଙ୍କ ନିଜ ଘରେ ଗୃହବନ୍ଦୀ ଭାବରେ ରଖିଥିଲେ ଏବଂ ପ୍ରତିଦିନ ଥାନାରେ ହାଜିରା ଦେବାକୁ ଆଦେଶ କରିଥିଲେ । କିନ୍ତୁ ବୈଷ୍ଣବବାବୁ ଲୁଚି ଖସି ପଳାଇଲେ । ସେତେବେଳେ ଗାନ୍ଧିଜୀ 'କର ବା ମର' ଡାକରା ଦେଲେଣି । ବୈଷ୍ଣବ ବାବୁଙ୍କ ବିପ୍ଳବୀ ରକ୍ତ ତାତି ଉଠିଲା । ସେ ଗୁପ୍ତରେ ପରଜଙ୍ଗ ଯାଇ ଗୋଟିଏ ଗରିଲାବାହିନୀ ଗଢିଲେ । ପରଜଙ୍ଗ ଥାନା ଆକ୍ରମଣ କରିବାକୁ ମସୁଧା କରୁଥିବା ବେଳେ ଫୋର୍ସ ପହଞ୍ଚି ଯିବାରୁ ସେ ମଢିଥାନା ଆଡେ ଅଗ୍ରସର ହେଲେ । ଗରିଲା ବାହିନୀରୁ ଅନେକ ଫୋର୍ସ ଭୟରେ ଛତ୍ରଭଙ୍ଗ ଦେଇଥିଲେ ମଧ୍ୟ ବୈଷ୍ଣବଙ୍କ ସାଥୀରେ ୧୮ ଜଣ ରହିଥିଲେ । ବୀର ବୈଷ୍ଣବ ଓ ମୂଷା ମଳିକଙ୍କ ନେତୃତ୍ୱରେ ୧୯ ଜଣ ସଂଗ୍ରାମୀ ଅଗଷ୍ଟ ୨୬ ତାରିଖ ସୂର୍ଯ୍ୟୋଦୟ ପୂର୍ବରୁ ମଢିଥାନା ଉପରେ ଚଢାଉ କରି ଅସ୍ତ୍ରଶସ୍ତ୍ର ଲୁଟି ନେଲେ । ପରେ ପରେ ମଢିକଚେରୀ ଓ ତହସିଲ କାର୍ଯ୍ୟାଳୟରେ ନିଆଁ ଲଗାଇ ଦେଲେ । ଏହାପରେ ବିପ୍ଳବୀମାନେ ମଢିଠାରେ ସାଧାରଣ ସଭା ଡକାଇ ଜନସାଧାରଣଙ୍କୁ ସ୍ୱାଧୀନ ସରକାର ଗଠନ ସମ୍ପର୍କରେ ସୂଚନା ଦେଲେ । ଏହି ସଭାରେ ବୀର ବୈଷ୍ଣବ ସଭାପତିତ୍ୱ କରିଥିଲେ । ଏହାପରେ ବିପ୍ଳବୀମାନେ ଗ୍ରାମେ ଗ୍ରାମେ ଫ୍ଲାଗ୍‌ମାର୍ଚ୍ଚ କରି ସମସ୍ତ କାର୍ଯ୍ୟାଳୟରେ ତ୍ରିରଙ୍ଗା ପତାକା ଉଡାଇଲେ । ସେପ୍ଟେମ୍ବର ୪ତାରିଖରେ ଜହ୍ନାପଡାଠାରେ ବିପ୍ଳବୀ ଓ ଫୋର୍ସଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଥିଲା । ଏଥିରେ ଫୋର୍ସଙ୍କ ଗୁଳିମାଡରେ ବୀରସାହୁ ଓ ବେନୁସାହୁ ଶହୀଦ ହେଲେ ତଥା ବୀରବୈଷ୍ଣବ ଗୁଳିମାଡ ଖାଇ ପଳାୟନ କଲେ । କଟକରେ ପ୍ରାଥମିକ ଚିକିତ୍ସା ପରେ ସେ କଲିକତାରେ ଯାଇ ଆତ୍ମଗୋପନ କଲେ । କଲିକତାରେ ରହିଥିବା ସମୟରେ ମଧ୍ୟ ମାଳତୀ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ସୁରେନ୍ଦ୍ର ନାଥ ଦ୍ୱିବେଦୀ ପ୍ରଭୃତିଙ୍କ ସହିତ ସେ ଗୁପ୍ତରେ ସମ୍ପର୍କ ରଖିଥିଲେ । ଢେଙ୍କାନାଳ ରାଜା ବୈଷ୍ଣବଙ୍କୁ ଧରାଇଦେଲେ ପୁରସ୍କାର ଦେବେ ବୋଲି ଘୋଷଣା କରିଥାନ୍ତି । ଢେଙ୍କାନାଳ ରାଜାଙ୍କର ମଧ୍ୟ କଲିକତାରେ ଘର ଅଛି । ତେଣୁ ବୀର ବୈଷ୍ଣବ କଲିକତାରୁ ଗୁପ୍ତରେ ବମ୍ବେ ପଳାଇଗଲେ । ବମ୍ବେ ରହଣିବେଳେ ସେ କମ୍ୟୁନିଷ୍ଟପାର୍ଟିର କର୍ମକର୍ତ୍ତା ଓ କାର୍ଯ୍ୟକ୍ରମ ସହ ସାମିଲ ହୋଇଥିଲେ । ୧୯୪୪ ଜାନୁଆରୀ ମାସରେ ସେ ପୁନର୍ବାର କଲିକତା ଚାଲିଆସିଲେ । ୧୯୪୪ ଜାନୁଆରୀ ୧୭ ତାରିଖଠାରୁ ଢେଙ୍କାନାଳ ରାଜାଙ୍କ କ୍ଷମତା ସଙ୍କୁଚିତ କରାଯାଇ ଚାରିଜଣ ଉଚ୍ଚ ପ୍ରଶାସନିକ ଅଧିକାରୀଙ୍କୁ ଢେଙ୍କାନାଳ ଶାସନ ଦାୟିତ୍ୱ ଅର୍ପଣ କରାଯାଇଥିଲା । ଇତିମଧ୍ୟରେ ବୀରବୈଷ୍ଣବଙ୍କ ନାମରୁ ୱାରେଣ୍ଟ ଉଠିଯାଇଥିଲା ।

୧୯୪୬ରେ ହରେକୃଷ୍ଣ ମହତାବ ମୁଖ୍ୟମନ୍ତ୍ରୀ ଓ ନବକୃଷ୍ଣ ଚୌଧୁରୀ ରାଜସ୍ୱ ମନ୍ତ୍ରୀ ହୋଇ ଓଡ଼ିଶାରେ କଂଗ୍ରେସ ମନ୍ତ୍ରିମଣ୍ଡଳ ଗଢିଲେ । ଏହି ସମୟରେ ବୈଷ୍ଣବବାବୁ ଢେଙ୍କାନାଳ ଫେରି ଆସିଲେ । ଦୀର୍ଘଦିନ ନିରୁଦ୍ଦିଷ୍ଟ ରହିଥିବାରୁ ପରିବାରରେ ଆନନ୍ଦର ଲହରୀ ଖେଳିଗଲା । ଦୁଃଖର ବିଷୟ, ଇତିମଧ୍ୟରେ ତାଙ୍କ ବାପାଙ୍କର ଦେହାନ୍ତ ହୋଇସାରିଥିଲା । ୧୯୪୬ ମାର୍ଚ୍ଚ ୨୫ ତାରିଖରେ ଢେଙ୍କାନାଳର ଶହଶହ ବ୍ୟକ୍ତି 'ବୀର ବୈଷ୍ଣବ ଜିନ୍ଦାବାଦ' ଧ୍ୱନିଦେଇ ବୈଷ୍ଣବବାବୁଙ୍କୁ ଢେଙ୍କାନାଳ ରେଳଷ୍ଟେସନରୁ ଘରକୁ ପାଛୋଟି ଆଣିଲେ । ତାଙ୍କ ସମ୍ମାନାର୍ଥେ ତୋରଣ ନିର୍ମାଣ ହୋଇଥିଲା । ମହେଶଚନ୍ଦ୍ର ସୁବାହୁସିଂହଙ୍କ ନେତୃତ୍ୱରେ ଡାକ୍ତରଖାନା ଛକରେ ହଜାର ହଜାର ବ୍ୟକ୍ତି ବୈଷ୍ଣବବାବୁଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ । ବୈଷ୍ଣବବାବୁ ଦେଇଥିବା ସମ୍ବର୍ଦ୍ଧନାର ଉତ୍ତର ଅତ୍ୟନ୍ତ ମର୍ମସ୍ପର୍ଶୀ ଥିଲା । ସେତେବେଳକୁ ଭାରତ ସ୍ୱାଧୀନ ହେବା ବିଷୟ ଜଣାପଡିଥାଏ । ପ୍ରଜାମଣ୍ଡଳର କେତୋଟି ଅଧିବେଶନ ଇତିମଧ୍ୟରେ ଅନୁଷ୍ଠିତ ହୋଇସାରିଥିଲା । କୁଆଁଳୋ ଅଧିବେଶନରେ ବୈଷ୍ଣବ ବାବୁ ଉପସ୍ଥିତ ଥିଲେ । ସେ କମ୍ୟୁନିଷ୍ଟ ପାର୍ଟିରେ ଯୋଗଦେଇ ଥିବାରୁ ସେହି ସଭାରେ କିଛି ଗୁଞ୍ଜରଣ ସୃଷ୍ଟି ହୋଇଥିଲା । କିନ୍ତୁ ଅଗଣିତ ପ୍ରଜାମଣ୍ଡଳ ସଭ୍ୟ ବୈଷ୍ଣବବାବୁଙ୍କ ସପକ୍ଷରେ ଥିଲେ । ସେମାନଙ୍କ ମତ ଥିଲା, 'ବୈଷ୍ଣବ ବାବୁ ହେଉଛନ୍ତି ପ୍ରଜାମଣ୍ଡଳର ଆତ୍ମା' । ଏତାଦୃଶ ପରିସ୍ଥିତିରେ ଆଜୀବନ ବିପ୍ଳବୀ ଉଦାରଚେତା ବୈଷ୍ଣବବାବୁ କହିଥିଲେ, 'ମୁଁ ପ୍ରଜାମଣ୍ଡଳରେ ଥାଏ ବା ନଥାଏ, ଢେଙ୍କାନାଳ ରାଜାଙ୍କ ବିରୁଦ୍ଧରେ ମୋର ଲଢେଇ ଅବ୍ୟାହତ ରହିବ ।' ଶେଷରେ ୧୯୪୭ ଅଗଷ୍ଟ ୧୫ରେ ଭାରତ ସ୍ୱାଧୀନ ହେଲା । ନାନାଦି ଘାତ ପ୍ରତିଘାତ ସତ୍ତ୍ୱେ ୧୯୪୮ ଜାନୁଆରୀ ୧ ତାରିଖରେ ଢେଙ୍କାନାଳର ମିଶ୍ରଣ ଘଟିଲା । ଦୁଃଖର ବିଷୟ, ସେହିବର୍ଷ ମାର୍ଚ୍ଚ ମାସରେ ବୈଷ୍ଣବ ବାବୁଙ୍କୁ ଗିରଫ କରାଗଲା । ସେ ବିଭିନ୍ନ ସ୍ଥାନରେ ଗଣ୍ଡଗୋଳ ଭିଆଇ ଭଙ୍ଗାରୁଜା କରୁଥିବା

ଅଭିଯୋଗରେ ତାଙ୍କୁ ନିରାପତ୍ତା ଆଇନ ବଳରେ ଗିରଫ କରାଯାଇଛି ବୋଲି ଓଡ଼ିଶା ସରକାରଙ୍କ ଅତିରିକ୍ତ ସଚିବ ଜଣାଇଦେଲେ । ନବକୃଷ୍ଣ ଚୌଧୁରୀ ସେହି ସମୟରେ ମୁଖ୍ୟମନ୍ତ୍ରୀ ଥିଲେ । ବୈଷ୍ଣବବାବୁ କଟକ ଜେଲ୍‌ରେ ୨୯.୩.୪୮ରୁ ୨୯.୧୨.୫୧ ପର୍ଯ୍ୟନ୍ତ ଅଟକ ରହିଲେ । ବୈଷ୍ଣବ ବାବୁଙ୍କ ସହିତ ମନମୋହନ ମିଶ୍ର ଓ ରାମଚନ୍ଦ୍ର ମିଶ୍ର ପ୍ରଭୃତି ପ୍ରାୟ ୨୫ଜଣ ଅଟକ ରହିଥିଲେ ।

୧୯୫୧ରେ ଓଡ଼ିଶା ବିଧାନସଭାର ପ୍ରଥମ ନିର୍ବାଚନ ହେଲା । ବୈଷ୍ଣବବାବୁ ଏହି ନିର୍ବାଚନରେ କମ୍ୟୁନିଷ୍ଟ ପାର୍ଟିରୁ ଢେଙ୍କାନାଳ ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ସେହି ସମୟରେ ସେ ଜେଲରେ ଥିଲେ । ଢେଙ୍କାନାଳ ବିଧାନସଭା ନିର୍ବାଚନ ମଣ୍ଡଳୀରେ ତାଙ୍କର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଥିଲେ କଂଗ୍ରେସ ଦଳର ବ୍ରଜକିଶୋର ଧଳ । ବୈଷ୍ଣବବାବୁ ଜେଲ୍‌ରେ ଥାଇ ମଧ୍ୟ ବିପୁଳ ଜନସମର୍ଥନ ଲାଭ ପୂର୍ବକ ନିର୍ବାଚନରେ ବିଜୟୀ ହେଲେ ତଥା ୧୯୫୨ରୁ ୧୯୫୭ ପର୍ଯ୍ୟନ୍ତ ଓଡ଼ିଶା ବିଧାନସଭାର ସଦସ୍ୟ ରହିଲେ । ଏହାପରେ କଂଗ୍ରେସ ପାର୍ଟି ତରଫରୁ ଢେଙ୍କାନାଳ ଲୋକସଭା ନିର୍ବାଚନ ମଣ୍ଡଳୀରେ ରାଜା ଶଙ୍କର ପ୍ରତାପ ମହୀନ୍ଦ୍ର ବାହାଦୂରଙ୍କୁ ୯୩ ହଜାର ଭୋଟ ବ୍ୟବଧାନରେ ପରାସ୍ତ କରି ୧୯୬୨ରୁ ୧୯୬୭ ଯାଏ ଲୋକସଭାର ସାଂସଦ ହୋଇପାରିଥିଲେ । ଏହି ଦୁଇଟି ନିର୍ବାଚନରୁ ତାଙ୍କ ଲୋକପ୍ରିୟତାର ପରିଚୟ ମିଳିଥାଏ । ଲୋକସଭାରେ ସାଂସଦ ଥିବା ସମୟରେ ସେ ପ୍ରାକ୍ତନ ରାଜା ମହାରାଜାଙ୍କ ହାତପାଣ୍ଠି, ଭତ୍ତା ଓ ସ୍ୱତନ୍ତ୍ର ସୁବିଧା ପ୍ରତ୍ୟାହାର ନିମିତ୍ତ ପଦକ୍ଷେପ ନେଇଥିଲେ । ଦେଶ ସ୍ୱାଧୀନ ନହେବା ପର୍ଯ୍ୟନ୍ତ ସେ ବିବାହ କରିବେ ନାହିଁ ବୋଲି ସଙ୍କଳ୍ପ ନେଇଥିଲେ । ସ୍ୱାଧୀନତା ପରେ ମାଆ ଓ ପରିବାର ଲୋକଙ୍କ ଇଚ୍ଛାକୁ ସମ୍ମାନ ଦେଇ ୧୯୫୩ ମସିହାରେ ସେ ଅନ୍ନପୂର୍ଣ୍ଣା ଦେବୀଙ୍କୁ ବିବାହ କଲେ ।

ପରିଶେଷରେ ୨୦୧୩ ଜାନୁଆରୀ ୧ ତାରିଖରେ ଅପ୍ରତିଦ୍ୱନ୍ଦ୍ୱୀ ଲୋକପ୍ରିୟ ନେତା ଓ ଆଜୀବନ ବିପ୍ଳବୀ ବୀର ବୈଷ୍ଣବଚରଣ ପଟ୍ଟନାୟକଙ୍କର ଦେହାବସାନ ଘଟିଲା । ତାଙ୍କ ସମଗ୍ର ଜୀବନ ହେଉଛି ଭାରତର ସ୍ୱାଧୀନତା ସଂଗ୍ରାମ ଓ ପ୍ରଜାମଣ୍ଡଳ ଆନ୍ଦୋଳନର ଇତିହାସ । ସେ ଭାରତ ସରକାର ଓ ଓଡ଼ିଶା ସରକାରଙ୍କଠାରୁ ସ୍ୱାଧୀନତା ସଂଗ୍ରାମୀ ଭତ୍ତା ପାଇଥିଲେ ତଥା ବହୁ ସମ୍ମାନରେ ଭୂଷିତ ହୋଇଥିଲେ । ଅନେକ ଅନୁଷ୍ଠାନ ମଧ୍ୟ ତାଙ୍କୁ ସମ୍ମାନ ଓ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି । ରେଭେନ୍ସା ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନ ସୂଚକ ଡକ୍ଟରେଟ୍ ପ୍ରଦାନ କରିଛନ୍ତି । ତାଙ୍କ ମୃତ୍ୟୁରେ ଏ ଦେଶ ଜଣେ ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ, ଆଜୀବନ ବିପ୍ଳବୀ, ଲୋକପ୍ରିୟ ନେତା ତଥା ଦେଶସେବକଙ୍କୁ ହରାଇଲା । ଭୁବନେଶ୍ୱର, କଟକ ଓ ଢେଙ୍କାନାଳରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ତଥା ଢେଙ୍କାନାଳ ମହାବିଦ୍ୟାଳୟଟିକୁ ତାଙ୍କ ନାମରେ ନାମିତ କରାଯିବା ନିମିତ୍ତ ଦାବି ହେଉଛି ଓ ତାହା ହୋଇପାରିଲେ ଅଗଣିତ ବୈଷ୍ଣବ ପ୍ରେମୀ ଖୁସି ହେବେ ।

ସଦସ୍ୟ
ଓଡ଼ିଶା ସାହିତ୍ୟ ଏକାଡେମୀ
ଦକ୍ଷିଣକାଳୀ ମାର୍ଗ, ଢେଙ୍କାନାଳ

❖ ❖ ❖

# ଯୌବନର ଯାଦୁକର ଓ ସଙ୍ଗୀତର ସୌଦାଗର

ଡକ୍ଟର ନାରାୟଣ ପଣ୍ଡା

"Fame is like a river, that beareth up things Light and swollen and drowns things weight and solid": Francis Bacon

ଯେଉଁ କେତେଜଣ ଭାରତୀୟ ଶାସ୍ତ୍ରୀୟ ସାରସ୍ୱତ ଶାସ୍ତ୍ରଦର୍ଶୀ ସଙ୍ଗୀତ ଶିଳ୍ପୀ ବିଶ୍ୱରେ ପ୍ରତିଷ୍ଠା ଅର୍ଜନ କରିଛନ୍ତି, ସେମାନଙ୍କ ମଧ୍ୟରେ ଅସାଧାରଣ ଅନୁନାୟକ ବ୍ୟତିକ୍ରମ ବ୍ୟକ୍ତିତ୍ୱ ପ୍ରଜ୍ଞାଦୀପ୍ତ ପ୍ରତିଭା ପଣ୍ଡିତ ରବିଶଙ୍କର ସର୍ବବାଦୀସମ୍ମତ । ସିତାରକୁ ବିଶ୍ୱ ଦରବାରରେ ଜନପ୍ରିୟ କରିବାରେ ତାଙ୍କର ଭୂମିକା ଅନସ୍ୱୀକାର୍ଯ୍ୟ । ବିଦ୍‌ବତ୍ତାର ସେ ରତ୍ନାକର, ମନୀଷାର ଅନନ୍ତ ନିର୍ଝର । ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଙ୍ଗୀତର ସେ ଅନନ୍ୟ ଯାଦୁକର । ସେ ହେଉଛନ୍ତି ପ୍ରଥମ ଭାରତୀୟ ଯିଏ କି ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ସହ ପାଶ୍ଚାତ୍ୟ ସଙ୍ଗୀତକୁ ମିଶାଇ ସଙ୍ଗୀତ ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲେ । ପ୍ରାଚୀନ ଭାରତୀୟ ବାଦ୍ୟଯନ୍ତ୍ର ସିତାରର ସୌରଭକୁ ବିଶ୍ୱ ଦରବାରରେ ବିତରଣ କରିବାରେ ସେ ଭିନ୍ନ ଭୂମିକା ଗ୍ରହଣ କରିଥିଲେ ।

ରବିଶଙ୍କରଙ୍କ ସିତାର ବାଦନ ଶୈଳୀ ସ୍ୱତନ୍ତ୍ର । ସେ ସିତାରର ସାର୍ଥକ ସବ୍ୟସାଚୀ ଓ ସଙ୍ଗୀତର ସୌଦାଗର । ସିତାରର ସମସ୍ତ ଶୈଳୀର ସେ ରୂପକାର ଓ କଳାର କୌଶିକ । ନୃତ୍ୟ ଛନ୍ଦର ନିରୁପମ ନାନ୍ଦୀକାର ଭାବରେ ସେ ଯେପରି ସୁପରିଚିତ, ଜଣେ ବରେଣ୍ୟ ବିଦଗ୍ଧ ବିବୁଧ ଭାବରେ ସେପରି ପ୍ରକୀର୍ତ୍ତିତ । ଗୋଟିଏ ରାଗରୁ ଅନ୍ୟ ରାଗକୁ ଯାଇ ସରସ ସୁନ୍ଦର ସ୍ୱାଭାବିକ ସିତାର ବାଦନ କରିବା ଥିଲା ତାଙ୍କର ପ୍ରତ୍ୟୁତ୍ପନ୍ନମତିତା ଓ ସ୍ୱତନ୍ତ୍ରତା ।

ସିତାରରେ ରବିଶଙ୍କରଙ୍କ ଯାଦୁକରୀ ସ୍ପର୍ଶ ଯେପରି ସମବେତ ଶ୍ରୋତାମଣ୍ଡଳୀକୁ ମନ୍ତ୍ରମୁଗ୍ଧ କରେ ସେପରି ଭାବାବେଗରେ ବିଦେଶୀ ଦଶକ ପ୍ରାଣରେ ରୋମାଞ୍ଚ ସୃଷ୍ଟିକରେ । ତାଙ୍କ ସିତାର ବାଦନ ହୃଦୟରେ ସୃଷ୍ଟିକରେ କମ୍ପନ, ମନରେ ଶିହରଣ ଓ ଆତ୍ମାରେ ଆଧ୍ୟାତ୍ମିକ ଆନନ୍ଦର ସ୍ପନ୍ଦନ ।

ଯେତେବେଳେ ପାରମ୍ପରିକ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ କେବଳ ଭାରତ ମଧ୍ୟରେ ହିଁ ସୀମିତ ରହିଥିଲା, ସେତେବେଳେ ପଣ୍ଡିତ ରବିଶଙ୍କର ନିଜସ୍ୱ ଉଦ୍ୟମରେ ଏହାକୁ ସମଗ୍ର ବିଶ୍ୱରେ ପରିଚିତ କରାଇଥିଲେ । ପାଶ୍ଚାତ୍ୟ ରକ୍ ସଙ୍ଗୀତରେ ସିତାର ପରି ଏକ ସାଂସ୍କୃତିକ ବାଦ୍ୟର ଫ୍ୟୁଜନ୍ କରାଇ ସେ ବିଶ୍ୱବାସୀଙ୍କ ସମ୍ମୁଖରେ ଭାରତୀୟ ସଙ୍ଗୀତର ଝଲକ ପ୍ରଦର୍ଶିତ କରିଥିଲେ । ତାଙ୍କର ସୁଲଳିତ ସ୍ୱର ଓ ସିତାରର ମଧୁର ମୂର୍ଚ୍ଛନା ଜାତି-ବର୍ଣ୍ଣ-ଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ମୁଗ୍‌ଧ କରୁଥିଲା ।

୧୯୨୦ ମସିହା ଏପ୍ରିଲ ମାସ ୭ ତାରିଖରେ ବାରାଣସୀର ଏକ ଗୌରବମୟ ବଙ୍ଗୀୟ ବ୍ରାହ୍ମଣ ପରିବାରରେ ପିତା ଶ୍ୟାମଶଙ୍କରଙ୍କ ଔରସରୁ ମାତା ହେମାଙ୍ଗିନୀ ଦେବୀଙ୍କ ଜଠରରୁ ଭୂମିଷ୍ଠ ହୋଇଥିଲେ ରବିଶଙ୍କର । ପିତାମାତାଙ୍କର ସେ ଥିଲେ ସପ୍ତମ ସନ୍ତାନ । ତୁଳସୀ ଦୁଇପତ୍ରରୁ ବାସିଲା ପରି ରବିଶଙ୍କରଙ୍କ ଶ୍ୟାମଳ ଶୈଶବରୁ ପ୍ରତିଭାର ପରିଚୟ ମିଳିଥିଲା । ରବିଶଙ୍କରଙ୍କର ପିଲାଦିନର ନାମ ଥିଲା ରବୀନ୍ଦ୍ର ଶଙ୍କର ଚୌଧୁରୀ । ପ୍ରତିଭା ପ୍ରତିକୂଳ ପରିବେଶରେ ପ୍ରସ୍ଫୁଟିତ ହୁଏ । ଫୁଲର ମହକ ପରି, ଆଲୋକର ପ୍ରକାଶ ପରି ରବିଶଙ୍କରଙ୍କ ପ୍ରତିଭା ବିକଶିତ ହୋଇଥିଲା କୈଶୋରରୁ । କୈଶୋର କଳାର ସୂଚନା ଦିଏ, ଯୌବନ କଳାକୁ ସମୃଦ୍ଧ କରେ

ବାର୍ଦ୍ଧକ୍ୟ ଯଶ, ଖ୍ୟାତିର ପ୍ରଶସ୍ତି ଆଣେ । କୈଶୋର, ଯୌବନ, ବାର୍ଦ୍ଧକ୍ୟ ଭିତରେ ଜୀବନ ସରିଯାଏ । ବ୍ୟକ୍ତିତ୍ୱ ରହିଯାଏ । ଖ୍ୟାତିର ସମ୍ମୋହନ ଶକ୍ତି ଦେଶ ବିଦେଶରେ ସଚରିତ ହୁଏ । ସ୍ରଷ୍ଟାହୁଏ ଅମର । ସୃଷ୍ଟିହୁଏ ସୁନ୍ଦର । ଉପରେ ଥାଇ ହସୁଥାଏ କଳା କୋଣାର୍କର କାରିଗର । ପ୍ରତିଭାର ବିକାଶ ସମ୍ପର୍କରେ 'ଧର୍ମପଦ'ରେ କବି ଗୋପବନ୍ଧୁ ଯଥାର୍ଥରେ ପ୍ରକାଶ କରିଛନ୍ତି–

'ଶିଶୁବଢିକ୍ରମେ ହୁଏ ଯୁବା ବୃଦ୍ଧ<br>
ଚତୁର ପ୍ରବୀଣ ନର<br>
ପ୍ରଭାତ ଅରୁଣେ ଲୁଚି ରହିଥାଏ<br>
ମଧ୍ୟାହ୍ନ ତେଜ ପ୍ରଖର ।'

ପ୍ରଭାତ ଅରୁଣରେ ମଧ୍ୟାହ୍ନର ସୂର୍ଯ୍ୟ ଲୁକ୍କାୟିତ ରହିଥିବା ପରି ଶିଶୁ ଭିତରେ ପିତୃତ୍ୱ ପ୍ରଚ୍ଛନ୍ନ ଭାବରେ ଥାଏ, ସମୟ ଆସିଲେ ତାହା ପ୍ରତିଭାତ ହୁଏ । ରବିଶଙ୍କରଙ୍କ ଶୈଶବରୁ ପ୍ରତିଭାର ଆଭା ଓ ବିଭା ପ୍ରତିକୀତ ହୋଇଥିଲା । ପାଶ୍ଚାତ୍ୟ କବି ମନୀଷୀ ଡବ୍ଲ୍ୟୁ.ବି.ଇଏଟସ୍ ଯଥାର୍ଥରେ ପ୍ରକାଶ କରିଥିଲେ ' ଦି ଚାଇଲ୍ଡ୍ ଇଜ୍ ଦି ଫାଦର୍ ଅଫ୍ ଏ ମ୍ୟାନ୍' ।

୧୯୨୮ ମସିହାରେ ଆଠବର୍ଷ ବୟସରେ ରବିଶଙ୍କର ବଡଭାଇ ଉଦୟଶଙ୍କରଙ୍କ ସହ ପ୍ୟାରିସ ଯାତ୍ରା କରିଥିଲେ । ଉଦୟ ଶଙ୍କର ଥିଲେ ବିଶିଷ୍ଟ ନୃତ୍ୟ ନିର୍ଦ୍ଦେଶକ । ତାଙ୍କ ନିର୍ଦ୍ଦେଶନାରେ ଯେଉଁ ନୃତ୍ୟ ପରିବେଷଣ କରାଯାଉଥିଲା, ତାହା ଅନାୟସରେ ଦର୍ଶକ ମନ ହରଣ କରୁଥିଲା । ଜୀବନ ଥିଲା ତାଙ୍କର ସାଧନା । ସାଧନା ଥିଲା ତାଙ୍କର ଏକନିଷ୍ଠ ତପସ୍ୟା । ତପସ୍ୟା ଥିଲା ସଙ୍ଗୀତ ଓ ସିତାର । ସିତାରର ମୂର୍ଚ୍ଛନା ଓ ସଙ୍ଗୀତର ସାଧନା ରବିଶଙ୍କରଙ୍କ ଜୀବନକୁ କରିଛି ମହିମାମଣ୍ଡିତ । ନିଷ୍ଠା ଓ ଏକାଗ୍ରତା ବଳରେ ସେ ମାତ୍ର ତେରବର୍ଷ ବୟସରେ ବଡଭାଇ ଉଦୟ ଶଙ୍କରଙ୍କ ସଙ୍ଗୀତ ଗ୍ରୁପ୍‌ରେ ଜଣେ ସଦସ୍ୟ ହୋଇ ସାଙ୍ଗୀତିକ ବାଦ୍ୟ ପରିବେଷଣରେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ । ନୃତ୍ୟ, ଗୀତ ଓ ବିଭିନ୍ନ ପ୍ରକାରର ଶାସ୍ତ୍ରୀୟ ସଙ୍ଗୀତର ବାଦ୍ୟଯନ୍ତ୍ର ବଜାଇବା ଓ ଶିକ୍ଷା କରିବା ସଙ୍ଗେ ସଙ୍ଗେ ବିଭିନ୍ନ ସାଂସ୍କୃତିକ ସଭା ସମାରୋହରେ ଭାଗନେଇ ସେ ନିଜର ବହୁମୁଖୀ ପ୍ରତିଭାର ପରିଚୟ ପ୍ରଦାନ କରିଥିଲେ । ରବିଶଙ୍କର ଏକାଧାରରେ ଥିଲେ ନିଷ୍ଠାପର ସିତାର ବାଦକ ଓ ସଫଳ ସଙ୍ଗୀତ ସଂଯୋଜକ । ୧୯୩୦ ମସିହାରେ ଭାଇ ଉଦୟଙ୍କ ସହିତ ଦେଶର ବିଭିନ୍ନ ସ୍ଥାନକୁ ଯାଇ ସେ ସଙ୍ଗୀତ ପରିବେଷଣ କରିଥିଲେ । ସେ ପୂର୍ବ ଓ ପାଶ୍ଚାତ୍ୟ ସଙ୍ଗୀତକୁ ଏକାକାର କରିଦେଇଥିଲେ କହିଲେ ବାର୍ତ୍ତାର ଅପଳାପ ହେବନାହିଁ । କାରଣ ସେ ସଙ୍ଗୀତକୁ ଏକ ମହୋଦଧି ଭାବେ ବିଚାର କରୁଥିଲେ ଓ ବ୍ୟାକରଣ ଉର୍ଦ୍ଧ୍ୱରେ ପରିଚର୍ଚ୍ଚା କରୁଥିଲେ ।

ପିତାମାତାଙ୍କ ମୃତ୍ୟୁପରେ ପଣ୍ଡିତ ରବିଶଙ୍କର ମହିଆର ଯାତ୍ରା କରିଥିଲେ । ୧୯୩୮ ମସିହାରେ ସେ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତରେ ଅଲ୍ଲା ଆକବର ଖାଁ ଓ ଅନୁପମା ଦେବୀଙ୍କ ସହିତ ଶିକ୍ଷା ଆରମ୍ଭ କରିଥିଲେ ।

ସେଠାରେ ଗୁରୁକୁଳ ଆଶ୍ରମ ପରି ଜୀବନଯାପନ କରିଥିଲେ ରବିଶଙ୍କର । ଶିକ୍ଷା ଗ୍ରହଣ ସମୟରେ ସେ ସିତାର ବାଦନ, ସ୍ୱର ବାହାର ଓ ସଙ୍ଗୀତର ବିଭିନ୍ନ ରାଗ ବିଷୟରେ ଶିକ୍ଷାଲାଭ କରିଥିଲେ । ରୁଦ୍ରବୀଣା, ଭୂଦାନ ଓ ସୁଶ୍ରୀନଗର ଭଳି ବାଦ୍ୟଯନ୍ତ୍ରରେ ପାରଦର୍ଶିତା ଲାଭ କରିଥିଲେ ରବିଶଙ୍କର । ୧୯୩୯ ମସିହାରେ ସେ ପ୍ରଥମେ ଓସ୍ତାଦ୍ ଅଲ୍ଲା ଆକବର ଖାଁଙ୍କ ସହ 'ଯୁଗଳବନ୍ଦୀ'ରେ ନିଜସ୍ୱ ଶୈଳୀରେ ବାଦ୍ୟଯନ୍ତ୍ର ଚାଳନା କରି ଉପସ୍ଥିତ ହଜାର ହଜାର ଶ୍ରୋତାମଣ୍ଡଳୀଙ୍କୁ ମୁଗ୍ଧ ଚକିତ କରିଦେଇଥିଲେ । ରବିଶଙ୍କର ପରମ ପ୍ରେମମୟ ଶ୍ରୀକୃଷ୍ଣଙ୍କ ପରମ ଭକ୍ତଥିଲେ । ତାଙ୍କ ବ୍ୟକ୍ତିଗତ ଜୀବନ ରହସ୍ୟ ରୋମାଞ୍ଚରେ ପୂର୍ଣ୍ଣ ଥିଲା । କାୟ-ମନ-ବାକ୍ୟରେ ଜୀବନକୁ ଉପଭୋଗ କରିବାରେ ସେ ଥିଲେ ସଙ୍ଗୀତର ସୌଦାଗର ଓ ଯୌବନର ଯାଦୁକର । ପ୍ରେମ ପ୍ରଣୟର ବିଦ୍‌ଗଧ ବାଦ୍‌ଶାହା ରବିଶଙ୍କର ଥିଲେ ସଙ୍ଗୀତ ସୌରଭର ଉପାସକ ଓ ସିତାର ସୌନ୍ଦର୍ଯ୍ୟର ସାଧକ । ଦୈନନ୍ଦିନ ଜୀବନଚର୍ଯ୍ୟା ତାଙ୍କର ଥିଲା ଅସାଧାରଣ । ସାଧାରଣ ଭିତରେ ଅସାଧାରଣ ଜୀବନଯାପନ ଜଣେ ଧୂରୀଣ କଳାକାରର ଲକ୍ଷଣ, ସେଥିରୁ ରବିଶଙ୍କର ବାଦ୍ ଯିବେ କିପରି ? ଶୟନେ ସପନେ ଜାଗରଣେ ତାଙ୍କର ସଙ୍ଗୀତ ଥିଲା ନିଶା । ତାଙ୍କ ନିଃଶ୍ୱାସ ପ୍ରଶ୍ୱାସରେ ସିତାରର ସ୍ୱର ଅନୁରଣିତ ଓ ସଙ୍ଗୀତର ମୂର୍ଚ୍ଛନା ଗୁଞ୍ଜରିତ । ରବିଶଙ୍କରଙ୍କ ସଙ୍ଗୀତ ପରିବେଷଣ ଶିଳାକୁ କରିଛି ଶାଳଗ୍ରାମ, କଳାକୁ କରିଛି କୈବଲ୍ୟ, ନର୍କକୁ କରିଛି ନିର୍ମାଲ୍ୟ, ଧୂଳିକୁ କରିଛି ଧଉଳି, କଜ୍ୱଳକୁ କରିଛି କଳାଜାଇ, ପାଷାଣକୁ ଦେଇଛି ପ୍ରାଣ, ଶବକୁ ଦେଇଛି ଶକ୍ତି, ଭକ୍ତକୁ ଦେଇଛି ଭକ୍ତି, ପାପତାପରୁ ମୁକ୍ତିପାଇଁ ମଣିଷ ଦେହରେ ଭରିଛି ଆଧ୍ୟାତ୍ମିକତାର ଅନୁରକ୍ତି ।

ଘାତ ପ୍ରତିଘାତ ଭିତରେ ରବିଶଙ୍କର ଜୀବନ ସଂଗ୍ରାମରେ ପଶ୍ଚାତ୍‌ପଦ ହୋଇନଥିଲେ । କଳାକାରର ଚଲାପଥ କେବେ ଗୋଲାପର ଶେଯ ନୁହେଁ ସର୍ବଦା କଣ୍ଟକିତ । କଣ୍ଟକିତ ପଥର ପଥିକ ରବିଶଙ୍କର କଳଙ୍କର ଟୀକା ମଥାରେ ବହନ କରି ସାରସ୍ୱତ ସଙ୍ଗୀତ ସାଧନା ପଥରେ ଅଗ୍ରସର ହୋଇଛନ୍ତି ।

୧୯୪୧ ମସିହାରେ ରବିଶଙ୍କର ତାଙ୍କର ଗୁରୁ ଆଲ୍ଲାଉଦିନ୍ ଖାନ୍‌ଙ୍କ ଝିଅ ଅନ୍ନପୂର୍ଣ୍ଣା ଦେବୀଙ୍କୁ ବିବାହ କରିଥିଲେ । ରବିଶଙ୍କରଙ୍କ ଔରସରୁ ୧୯୪୨ ମସିହାରେ ଶୁଭେନ୍ଦ୍ର ଶଙ୍କର ଜନ୍ମ ଗ୍ରହଣ କରିଥିଲା । କୌଣସି କାରଣରୁ ପାରିବାରିକ ଜୀବନରେ ଝଡ ଉଠିବାରୁ ସେ ଅନ୍ନପୂର୍ଣ୍ଣାଙ୍କଠାରୁ ଦୂରେଇ ଯାଇ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ କମଳାଶାସ୍ତ୍ରୀଙ୍କ ସହ ପ୍ରେମ ପ୍ରଣୟରେ ଆବଦ୍ଧ ହେଲେ । କିନ୍ତୁ ପରିତାପର ବିଷୟ ନ୍ୟୁୟର୍କରେ ସୁ ଜୋନ୍ସଙ୍କ ସହ ରବିଶଙ୍କରଙ୍କର ପ୍ରେମ ସମ୍ପର୍କ ଗଢିଉଠିବାରୁ ୧୯୮୧ରେ କମଳାଙ୍କଠାରୁ ଅଲଗା ହୋଇଗଲେ । ଦୁର୍ଭାଗ୍ୟର ବିଷୟ ଜୋନ୍ସଙ୍କ ସହ ରବିଶଙ୍କରଙ୍କର ବିବାହ ବନ୍ଧନ ବେଶୀଦିନ ତିଷ୍ଠି ପାରିନଥିଲା । ୧୯୮୬ ମସିହାରେ ରବିଶଙ୍କର ଜୋନ୍ସଙ୍କଠାରୁ ଅଲଗା ହୋଇଗଲେ । ୧୯୮୯ ମସିହାରେ ରବିଶଙ୍କର ସୁକନ୍ୟା ରାଜନ ନାମ୍ନୀ ଜଣେ ମହିଳାକୁ ହାଇଦରାବାଦସ୍ଥିତ ତିଲକୁର ମନ୍ଦିରରେ ବିବାହ କରିଥିଲେ । ରବିଶଙ୍କରଙ୍କର ଔରସରୁ ସୁକନ୍ୟାଙ୍କ ଜଠରରୁ ଅନୁଷ୍କା ଜନ୍ମଗ୍ରହଣ କରିଥିଲେ ।

ପ୍ରଥମ ପତ୍ନୀ ଅନ୍ନପୂର୍ଣ୍ଣା ଏବଂ ରବିଶଙ୍କରଙ୍କ ପୁତ୍ର ଶୁଭୋ ଶାସ୍ତ୍ରୀୟ ସଙ୍ଗୀତ, ସିତାର ବାଦନ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ । ଶୁଭୋ ସିତାର ବାଦନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଥିଲେ ଓ ମର୍ଯ୍ୟାଦାଜନକ ପୁରସ୍କାର ପ୍ରାପ୍ତ ହୋଇଥିଲେ । ନିୟତିର ନିୟମ ବିଚିତ୍ର । ଯଶ ଓ ସମ୍ମାନର ଅଧିକାରୀ ଶୁଭୋ ଦୁରାରୋଗ୍ୟ କର୍କଟ ରୋଗରେ ପୀଡିତ ହୋଇ ମୃତ୍ୟୁବରଣ କରିଥିଲେ । ପିତାଙ୍କ ପରି ଅନୁଷ୍କା ଜଣେ ସ୍ୱନାମଧନ୍ୟା ସିତାର ବାଦକ ଭାବରେ ଆନ୍ତର୍ଜାତୀୟ ସ୍ତରରେ ଲବ୍ଧପ୍ରତିଷ୍ଠ । ନୋରା ଜୋନ୍ସ ଜଣେ ଅନନ୍ୟ ଅଭିନେତ୍ରୀ ଓ ପପ୍‌ଗାୟିକା ଭାବରେ ସୁପ୍ରତିଷ୍ଠିତ । ନୋରା ଅନୁଷ୍କା ରବିଶଙ୍କରଙ୍କର ପଦ ଅନୁସରଣ କରି ବିଶ୍ୱରେ କୋଟି କୋଟି ଶ୍ରୋତାଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି ।

୧୯୪୪ ମସିହାରେ ନିଜ ପ୍ରଶିକ୍ଷଣ ଶିକ୍ଷା ଶେଷକରି ରବିଶଙ୍କର ମୁମ୍ବାଇ ପ୍ରତ୍ୟାବର୍ତ୍ତନ କରିଥିଲେ । ସେଠାରେ ସେ 'ଇଣ୍ଡିୟାନ ପିପୁଲସ୍ ଥିଏଟର ଆସୋସିଏସନ୍'ରେ ଯୋଗ ଦେଇଥିଲେ ।

୧୯୪୫ ଓ ୧୯୪୭ ମସିହାରେ ରବିଶଙ୍କର 'ସାରେ ଜାହାଁ ସେ ଆଚ୍ଛା'କୁ ପୁନଃ ସଂଯୋଜନା କରି ଦେଶ ବିଦେଶରେ ଚର୍ଚ୍ଚାର ପରିସରକୁ ଆସିଥିଲେ । ପଚିଶ ବର୍ଷ ବୟସରେ ସେ ଅଲ୍ ଇଣ୍ଡିଆ ରେଡିଓରେ ଜଣେ ନିର୍ଦ୍ଦେଶକ ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ । ୧୯୫୨ ମସିହାରେ ଅଲ୍ ଇଣ୍ଡିଆ ରେଡିଓର ନିର୍ଦ୍ଦେଶକ ଭି.କେ. ନାରାୟଣଙ୍କ ଦ୍ୱାରା ଭାଓଲିନ୍ ବାଦକ ୟେହୁଦୀ ମେନୁହିନ୍‌ଙ୍କ ସହ ସାକ୍ଷାତ ହୋଇଥିଲା ଓ ସେହି ସମୟରେ ରବିଶଙ୍କର ନ୍ୟୁୟର୍କ ସହରରେ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତକୁ ସମ୍ପୂର୍ଣ୍ଣ ରାଗରେ ପରିବେଷଣ କରି ଦର୍ଶକମାନଙ୍କ ସ୍ୱୀକୃତି ଲାଭ କରିଥିଲେ ।

୧୯୫୬ ମସିହାରେ ରବିଶଙ୍କର ଅଲ୍ଲୀ ଆକବର ଖାଁଙ୍କଠାରୁ ଅନୁମତି ଲାଭ କରି ଅଲ୍ ଇଣ୍ଡିଆ ରେଡିଓରୁ ଅବ୍ୟାହତି ନେଇଥିଲେ । ୧୯୭୦ ମସିହାରେ ସେ ସୁଦୂର କାଲିଫର୍ଣ୍ଣିଆଠାରେ କଳା ମହାବିଦ୍ୟାଳୟରେ ଅଧ୍ୟାପକ ଭାବରେ ଅବସ୍ଥାପିତ ହୋଇଥିଲେ । ଜଣେ ଅଭିଜ୍ଞ ଅତିଥି ଅଧ୍ୟାପକ ଭାବରେ ସେ ଅଲ୍ଲୀ ଆକବରଙ୍କ ସଙ୍ଗୀତ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ଶାସ୍ତ୍ରୀୟ ସଙ୍ଗୀତ ସମ୍ପର୍କରେ ଶିକ୍ଷାଦାନ କରିଥିଲେ । ବାଦ୍ୟଯନ୍ତ୍ର ବାଦନ ଓ ବିଭିନ୍ନ ଶୈଳୀରେ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ ତାଙ୍କ ପରିପକ୍ୱ ପ୍ରଜ୍ଞା ଓ ମହିମ୍ନ ମନୀଷାର ଅନ୍ୟ ଏକ ଦିଗ । ସଙ୍ଗୀତ ସାଧନା ଥିଲା ତାଙ୍କ ଜୀବନର ବ୍ରତ ଓ ସିତାର ପ୍ରତି ଥିଲେ ଏକାନ୍ତ ଅନୁରକ୍ତ । ସେ କେବଳ ଶାସ୍ତ୍ରୀୟ ସଙ୍ଗୀତ ବାଦନ ଶୈଳୀରେ ପରିବର୍ତ୍ତନ ଆଣିନଥିଲେ, ସିତାର ବାଦନ ଶୈଳୀରେ ସ୍ୱତନ୍ତ୍ରତା ଆଣିଥିଲେ । ସିତାର ବାଦନ ସମୟରେ ସେ ଏପରି ତଲ୍ଲୀନ ଓ ଆତ୍ମବିଭୋର ହୋଇପଡନ୍ତି ଯେ ପରିବେଶର ସଙ୍ଗୀତ ପିପାସୁ ଶ୍ରୋତାମଣ୍ଡଳୀ ଅଭିଭୂତ ହୋଇଯାଆନ୍ତି । ରବିଶଙ୍କରଙ୍କର ଅଦ୍ଭୁତ ଅହରହ ସିତାର ବାଦନ ଯୋଗୁଁ ଜର୍ମାନୀରେ, ସେକେଣ୍ଡ ଜମାନୀ ପୁରସ୍କାର ଲାଭ କରିଥିଲେ । ଉତ୍ସାହ ଓ ଉଦ୍ଦୀପନା ସକଳ କଳାର ଜନନୀ ବୋଲି ସେ ବିନାଦ୍ୱିଧାରେ ପ୍ରକାଶ କରିଥିଲେ ।

ପାଶ୍ଚାତ୍ୟ ଜଗତର କିମ୍ବଦନ୍ତୀ ସଙ୍ଗୀତଜ୍ଞ ଜର୍ଜ ହରିସନ୍ ଓ ୟେହୁଦି ମେନୁହିନ୍‌ଙ୍କ ସହ ମିଶି ରବିଶଙ୍କର ଯେଉଁ ସିତାର ବାଦନ କରିଥିଲେ, ତାହା ତାଙ୍କ ଜୀବନରେ ବେଶ୍ ପ୍ରସିଦ୍ଧି ଆଣିଥିଲା ଓ ଶ୍ରୋତାମାନଙ୍କ ମନରେ ସେହି ଦିନଟି ସ୍ମରଣୀୟ ହୋଇ ରହିଥିଲା । ସଙ୍ଗୀତ ଓ ସିନେମା ଜଗତର ଦୁଇ ମହାରଥି ରବିଶଙ୍କର ଓ ସତ୍ୟଜିତ୍ ରାୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ସତ୍ୟଜିତ୍ ରାୟ 'ପଥର ପାଞ୍ଚାଲି' ସିନେମା ପ୍ରସ୍ତୁତ କରୁଥିବା ସମୟରେ ରବିଶଙ୍କରଙ୍କ ଖ୍ୟାତି ସଫଳତାର ଶୀର୍ଷରେ ଉପନୀତ ହୋଇଥିଲା । ମଣିକାଞ୍ଚନର ସଂଯୋଗ ପରି ସତ୍ୟଜିତ୍ ରାୟଙ୍କ ସହ ରବିଶଙ୍କରଙ୍କର ସାକ୍ଷାତ ହେଲା । 'ପଥର ପାଞ୍ଚାଳି' ସିନେମାରେ ରବିଶଙ୍କର ସଙ୍ଗୀତ ନିର୍ଦ୍ଦେଶକର ଭୂମିକା ନିର୍ବାହ କରିବା ସହିତ ସିତାରବାଦନ କରିଥିଲେ ଓ ଉପସ୍ଥିତ ଦର୍ଶକ ସମାଜକୁ ଚମତ୍କୃତ କରିଥିଲେ । 'ପଥର ପାଞ୍ଚାଲି' ସିନେମା ଜଗତରେ ଏକ ମାଇଲଖୁଣ୍ଟ ଭାବରେ ପ୍ରତିଭାତ ହୋଇଥିଲା ଏବଂ କାନ୍‌ଫିଲ୍ମ ଫେଷ୍ଟିଭାଲରେ ଗୋଲଡେନ୍ ପାମ ପୁରସ୍କାର ଲାଭ କରିଥିଲା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି 'ପଥର ପାଞ୍ଚାଲି' ଫିଲ୍ମିଂ ମୁକ୍ତିଲାଭ କରିବାର ଷାଠିଏ ବର୍ଷପରେ ଗତ ଡିସେମ୍ବର ମାସରେ ସତ୍ୟଜିତ ରାୟ ସୋସାଇଟି (କଲିକତା) ପକ୍ଷରୁ 'ସତ୍ୟଜିତ ରାୟସ୍ ରବିଶଙ୍କର' ନାମକ ଏକ ପୁସ୍ତକ ହାର୍‌ପର କଲିନ୍‌ସ ପକ୍ଷରୁ ପ୍ରକାଶ ପାଇ ପାଠକ ମହଲରେ ବେଶ ଆଦୃତ ଲାଭ କରିଛି । ଏଥିରୁ ସମ୍ପୂର୍ଣ୍ଣ ଭାବରେ ଅନୁମେୟ ଏହି ଦୁଇ କିମ୍ବଦନ୍ତୀ ପ୍ରତିଭାଙ୍କ ମଧ୍ୟରେ କି ଅପୂର୍ବ ସମନ୍ୱୟ ସଂଗଠିତ ହୋଇଥିଲା । ରବିଶଙ୍କର ପରବର୍ତ୍ତୀ ସମୟରେ ସତ୍ୟଜିତ୍ ରାୟଙ୍କ ପ୍ରଯୋଜିତ 'ଅପରାଜିତା' ଓ 'ଅପୁର ସଂସାର' ଫିଲ୍ମିଂରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଏବଂ ଏହି ଦୁଇ ଫିଲ୍ମିଂ ସିନେ ଜଗତରେ ଏକ ଏକ ଲ୍ୟାଣ୍ଡ ମାର୍କ ଭାବେ ବିବେଚିତ ହୋଇଛି । ଚେନ୍ନାଇ ମ୍ୟୁଜିକ ଏକାଡେମୀ ପକ୍ଷରୁ ୧୯୬୯ ମସିହାରେ ମହାନ୍ ଶାସ୍ତ୍ରୀୟ କଣ୍ଠଶିଳ୍ପୀ ଏମଏସ୍ ଶୁଭଲକ୍ଷ୍ମୀ ଓ ରବିଶଙ୍କର ସଙ୍ଗୀତ ପରିବେଷଣ କରିଥିଲେ ଯାହାଫଳରେ ହିନ୍ଦୁସ୍ଥାନୀ, କର୍ଣ୍ଣାଟକୀ ଶାସ୍ତ୍ରୀୟ ସଙ୍ଗୀତର ଏକ ଅପୂର୍ବ ସମନ୍ୱୟ ଘଟିଥିଲା । ପଣ୍ଡିତ ବିସ୍‌ମିଲ୍ଲା ଖାନ୍‌ଙ୍କ ସାହାନାଇରେ ରବିଶଙ୍କର ସିତାରର ସଙ୍ଗତ ଦେଇ ଏକ ଅନନ୍ୟ କୀର୍ତ୍ତିମାନ୍ ପରମ୍ପରା ସୃଷ୍ଟି କରିଛନ୍ତି ।

ରବିଶଙ୍କରଙ୍କ ସଙ୍ଗୀତ ଅଧୁନା ବିଶ୍ୱରେ ଯେଉଁ ପ୍ରସିଦ୍ଧି ଲାଭ କରିଛି, ତା' ପଛରେ ଜର୍ଜ ହରିସନ୍‌ଙ୍କ ଅବଦାନ ରହିଛି ଏହାକୁ ଅସ୍ୱୀକାର କରିହେବ ନାହିଁ । ରବିଶଙ୍କର ଓ ଜର୍ଜ ହରିସନ୍‌ଙ୍କ ମର୍ମିକ ମିଳନ, ପୂର୍ବ ପଶ୍ଚିମର ଅପୂର୍ବ ସମନ୍ୱୟ କହିଲେ ବାର୍ତ୍ତାର ଅପଳାପ ହେବ ନାହିଁ । ହରିସନ୍ ଓ ରବିଶଙ୍କରଙ୍କ ପାଇଁ ୧୯୭୧ ମସିହା ଏକ ଗୁରୁତ୍ୱପୂର୍ଣ୍ଣ ବର୍ଷ ଥିଲା । ଭାରତ ପାକିସ୍ଥାନ ବାଂଲାଦେଶ ମଧ୍ୟରେ ସୁସମ୍ପର୍କ ନଥିଲା । ମାତ୍ର ଦୁଇଜଣ ପ୍ରଥିତଯଶା ପ୍ରତିଭା ବାଂଲାଦେଶରେ ସଙ୍ଗୀତ ପରିବେଷଣ କରି ଭାରତ-ବାଂଲାଦେଶ ମଧ୍ୟରେ ସୁସମ୍ପର୍କ ଆଣିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଏହି ଦୁଇ ପ୍ରତିଭାବାନ୍ ସାଧକ ସଙ୍ଗୀତଜ୍ଞ ୟୁନିସେଫ୍ ସହାୟତାରେ ବବ୍‌ଡିଲାନ, ଇରିକ୍ କ୍ଲାପଟନ୍‌ଙ୍କୁ ନେଇ ଏକ ସୁନ୍ଦର ଆଲବମ୍ ପ୍ରସ୍ତୁତ କରିଥିଲେ ଏବଂ ଏହା ୧୯୭୧ ମସିହାରେ 'ଗ୍ରାମୀ ପୁରସ୍କାର' ଲାଭ କରିଥିଲା ।

୧୯୬୬ ମସିହାରେ ଲଣ୍ଡନଠାରେ ରବିଶଙ୍କରଙ୍କ ସହ ଜର୍ଜ ହରିସନ୍‌ଙ୍କ ସାକ୍ଷାତ ହୋଇଥିଲା । 'ରିଲୋଭେଟ୍ର' ନାମକ ଏକ ଆଲବମ୍ ଏ ଦୁଇ ମହାରଥୀ ପ୍ରସ୍ତୁତ କରିଥିଲେ । ଏହା ଅସମ୍ଭବ ଲୋକପ୍ରିୟତା ହାସଲ କରିଥିଲା । ସମଗ୍ର ବିଶ୍ୱରେ ନିଜନିଜ କ୍ଷେତ୍ରରେ ଦୁଇ ସଙ୍ଗୀତଜ୍ଞ ନିଜସ୍ୱ ପ୍ରତିଭାର ପରିଚୟ ଦେଇ କୋଟି କୋଟି ଦର୍ଶକଙ୍କ ହୃଦୟରେ ଆସ୍ଥାନ ସ୍ଥାପନ କରିଥିଲେ । ହରିସନ୍‌ଙ୍କ ଭାରତୀୟ ସଙ୍ଗୀତ ଓ ସଂସ୍କୃତି ପ୍ରତି ଥିଲା ଗଭୀର ଦୁର୍ବଳତା । ଭାରତୀୟ ସଙ୍ଗୀତ ଶିକ୍ଷା ପାଇଁ ୧୯୬୮ ମସିହାରେ ହରିସନ୍ ଭାରତ ଭ୍ରମଣରେ ଆସିଥିଲେ । ସଙ୍ଗୀତ ଶିକ୍ଷା କରିବାକୁ ଆସି ହରିସନ୍ ଭାରତୀୟ ଆଧ୍ୟାତ୍ମିକତା ଭାବଧାରାରେ ଅନୁପ୍ରାଣିତ ହୋଇଗଲେ ଏବଂ ମହର୍ଷି ମହେଶଯୋଗୀଙ୍କ ଜଣେ ପରମ ଭକ୍ତ ବନିଗଲେ । ରବିଶଙ୍କର ଓ ହରିସନ୍‌ଙ୍କ ମିଳିତ ଉଦ୍ୟମରେ ୧୯୭୦ ମସିହାରେ 'ଆଇ ମି ମାଇନ୍' ଶୀର୍ଷକ ଆଲବମ୍ ମୁକ୍ତିଲାଭ କରିଥିଲା ଓ ଅଶେଷ ଲୋକପ୍ରିୟତା ହାସଲ କରିଥିଲା । ସାଧନା ପଥରେ ଦୁଇ ତପସ୍ୱୀ କେତେବେଳେ ଆଧ୍ୟାତ୍ମିକ ଆନନ୍ଦରେ ଥିଲେ ଆତ୍ମବିଭୋର ତ ଆଉ କେତେବେଳେ ସଙ୍ଗୀତ ଚର୍ଚ୍ଚାରେ ନିମଗ୍ନ । ଅଧ୍ୟୟନ-ଅନୁସନ୍ଧାନ-ଅନୁଶୀଳନ ଏ ଦୁଇ ବ୍ୟକ୍ତିତ୍ୱର ବୈଶିଷ୍ଟ୍ୟ ଓ ସଙ୍ଗୀତର ସୌଷ୍ଠବ । ନିଜସ୍ୱ ଉଦ୍ୟମରେ ରବିଶଙ୍କର ଓ ହରିସନ୍ କେରଳରେ

ଏକ ବିରଳ ସଙ୍ଗୀତ ସାଧନା ସୌଧ ପ୍ରତିଷ୍ଠା କରିଥିଲେ । ସେଠାରେ ଉଭୟ ସାରସ୍ୱତ ଅନ୍ୱେଷଣରେ ଓ ଅଭିନିବେଶରେ ନିମଗ୍ନ ଥିଲେ । ଏ ଦୁଇ ମହାନ୍ ପ୍ରତିଭାଙ୍କ ସଙ୍ଗୀତ ସାଧନା ପଥରେ ଆରତ କେବେ ଅନ୍ତରାୟ ହୋଇନାହିଁ ବରଂ ଅନଳରେ ହେମର ଦ୍ୟୁତି ଝଟକିଲା ପରି ପ୍ରତିଭା ପ୍ରତ୍ୟୟର ପୃଥକ ପୃଥିବୀରେ ଉଦାହରଣ ସୃଷ୍ଟି କରିଛି । ଏକଦା ହରିସନ୍ ରବିଶଙ୍କରଙ୍କ ଉପରେ ମନ୍ତବ୍ୟ ପ୍ରଦାନ କରି ପ୍ରକାଶ କରିଥିଲେ 'ରବିଶଙ୍କର ହେଉଛନ୍ତି ମୋ ପାଇଁ ପ୍ରଥମ ସଙ୍ଗୀତଜ୍ଞ ଯିଏକି ମୋ' ଉପରେ କୌଣସି ଚାପ ନପକାଇ ସଙ୍ଗୀତ ପରିବେଷଣରେ ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରିଥିଲେ । ଦୁଃଖ ଓ ପରିତାପର ବିଷୟ ରବିଶଙ୍କରଙ୍କୁ ଛାଡି ହରିସନ୍ ୨୦୦୧ ମସିହାରେ କର୍କଟ ରୋଗରେ ଆକ୍ରାନ୍ତ ହୋଇ ପରଲୋକ ଗମନ କଲେ ।

୧୯୯୯ ମସିହାରେ ରବିଶଙ୍କର ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତ ରତ୍ନ' ଲାଭ କରିଥିଲେ । ଗ୍ରାମୀ ପୁରସ୍କାର ଲାଭ କରିବାରେ ସେ ବିରଳ ସୌଭାଗ୍ୟ ଅର୍ଜନ କରିଥିଲେ । ପରିଣତ ବୟସରେ ତାଙ୍କ ସିତାର ନିରବୀ ଯାଇନଥିଲା ବରଂ ନିତ୍ୟନିୟତ ପ୍ରତିଭାର ପ୍ରଜାପତି ସ୍ୱଦେଶରେ ବନ୍ଦୀ ନରହି ଦେଶ ବିଦେଶରେ ବିଚରଣ କରୁଥିଲା । ଚଲାପଥରେ ଫୁଲ ଚନ୍ଦନ ବରଷୁ ଥିଲା । ନଭେମ୍ବର ୪ ତାରିଖ କାଲିଫର୍ଣ୍ଣିଆଠାରେ ରବିଶଙ୍କର ଝିଅ ଅନୁଷ୍କାଙ୍କ ସହ ଶେଷଥର ପାଇଁ ସିତାର ବାଦନ କରିଥିଲେ । ଆମେରିକା ଏକାଡେମୀ ଅଫ୍ ଆର୍ଟ ଆଣ୍ଡ ଲେଟର୍ସର ସଦସ୍ୟ ଭାବରେ ମନୋନୀତ ହୋଇଥିଲେ । ଜାତିସଂଘ ଇଣ୍ଟରନ୍ୟାସନାଲ ରୋଷ୍ଟ୍ରମ ଅଫ୍ କମ୍ପୋଜର୍ସର ସମ୍ମାନସ୍ପଦ ସଦସ୍ୟ ଭାବରେ ଅବସ୍ଥାପିତ ଥିଲେ । ବିଶ୍ୱର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ଚଉଦଗୋଟି ସମ୍ମାନଜନକ ଡକ୍ଟରେଟ୍ ଉପାଧି ଲାଭ କରିଥିଲେ ରବିଶଙ୍କର । ୧୯୭୫ ମସିହାରେ ଦେଶୀକୋତ୍ତମ, ମ୍ୟୁଜିକ୍ କାଉନ୍‌ସିଲ ୟୁନେସ୍କୋ ପୁରସ୍କାର, ମାନିଲାରୁ ମାଗାସେସେ ଆୱାର୍ଡ, ଜାପାନରୁ ଫୁକୁକା ଗ୍ରାଣ୍ଡ ପ୍ରାଇଜ୍ ୧୯୯୮ରେ ଡାଭୋସରୁ ପୋଲାର ମ୍ୟୁଜିକ୍ ଆୱାଡ ଆଦି ଶତାଧିକ ସମ୍ମାନ ରବିଶଙ୍କରଙ୍କର ପ୍ରଜ୍ଞାଦୀପ୍ତ ପ୍ରତିଭା ଓ ପ୍ରତିଭାଦୀପ୍ତ ପ୍ରଜ୍ଞାର ପରିଚୟ ବହନ କରେ । 'କାବୁଲିୱାଲା' ଫିଲ୍ମଂରେ ସଙ୍ଗୀତ ନିର୍ଦ୍ଦେଶନା ପାଇଁ ୧୯୫୭ ମସିହାରେ ବର୍ଲିନଠାରେ ଅନୁଷ୍ଠିତ ଆନ୍ତର୍ଜାତୀୟ ଚଳଚ୍ଚିତ୍ର ସମାରୋହରେ ରବିଶଙ୍କର 'ସିଲଭର ବିଅର ଏକ୍ସଟ୍ରାଅଡିନାରୀ ଆୱାର୍ଡ ଲାଭ କରିଥିଲେ । ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମଭୂଷଣ (୧୯୬୯) ପଦ୍ମ ବିଭୂଷଣ(୧୯୮୧) ଭାରତରତ୍ନ (୧୯୯୯) ଲାଭ କରିଛନ୍ତି ରବିଶଙ୍କର । ସଙ୍ଗୀତ କ୍ଷେତ୍ରରେ ଅନନ୍ୟ ଅବଦାନ ପାଇଁ ରବିଶଙ୍କର ବ୍ରିଟେନର ରାଣୀ ଏଲିଜାବେଥଙ୍କ ପକ୍ଷରୁ ସମ୍ମାନଜନକ ନାଇଟ୍ କମାଣ୍ଡର ଉପାଧି ଲାଭ କରିଥିଲେ । 'ଚ୍ୟାଣ୍ଟସ୍ ଅଫ୍ ଇଣ୍ଡିଆ' 'ଫ୍ଲାୱାର୍ସ ଅଫ୍ ଇଣ୍ଡିଆ' 'ଥ୍ରୀ ରାଗଜ୍' 'ଦ ସାଉଣ୍ଡସ୍ ଅଫ୍ ଇଣ୍ଡିଆ' ପ୍ରଭୃତି ତାଙ୍କ ନିର୍ଦ୍ଦେଶନାରେ ଲୋକପ୍ରିୟ ଆଲବମ୍‌ଗୁଡିକ ବେଶ୍ ଚମକ ସୃଷ୍ଟି କରିଥିଲା ଓ ପ୍ରଭୂତ ପ୍ରଶଂସା ଆଣିଦେଇଥିଲା । ସାଧନାପଥରେ ସେ ଥିଲେ ସତତ ଅବିଚଳିତ ଓ ସୃଜନ ସଙ୍ଗୀତରେ ଥିଲେ ତପସ୍ୟାରତ । କବି ମନୀଷୀ ଯଥାର୍ଥରେ ପ୍ରକାଶ କରିଥିଲେ-

''ମଣିଷ ମରିବ ଦିନେ
ଦେବତା ବି ଜନ୍ମ ନେଲେ ମରେ
ମରଣ ସାର୍ଥକ ତା'ର
ଯାହା ପାଇଁ ଗୋଡି ମାଟି ଝୁରେ ।''

ଯେଉଁ ଉଦୟ ଅରୁଣ ତା'ର ଆଭା ଓ ବିଭାରେ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତକୁ ଉଜ୍ଜ୍ୱଳ କରିଥିଲା, ସିତାରର ସ୍ୱରଝଙ୍କାରରେ ଦର୍ଶକକୁ ମୋହିତ କରୁଥିଲା, ତାଳ ମାନ ଲୟର ତାଳେ ତାଳେ ମଧୁମୟ ମୂର୍ଚ୍ଛନା ତୋଳୁଥିଲା, ପ୍ରାଚ୍ୟ ସହିତ ପାଶ୍ଚାତ୍ୟର ସମ୍ପର୍କ ସୃଷ୍ଟି କରୁଥିଲା, ପ୍ରଣୟର ପରିଧିରେ, ଅନାବିଳ ଆଲିଙ୍ଗନରେ ଗୁରୁଶିଷ୍ୟ ପରମ୍ପରାରେ ପରାକାଷ୍ଠା ପ୍ରଦର୍ଶନ କରିଥିଲା, ବାଟବଣା ନଦୀପରି ସଂଗୀତର ବେପଥୁରାଗିଣୀ ସୃଷ୍ଟି କରୁଥିଲା, ତା'ର ସିତାର ଆଜି ନିଃଶବ୍ଦ, ତା'ର ବିଗ୍ରହ ଆଜି ବିଲୟ, ତା'ର ସ୍ମୃତି ଆଜି ସଜଳ । ସିତାର ଜଗତର ଧ୍ରୁବତାରା ପଣ୍ଡିତ ରବିଶଙ୍କର ମୃତ୍ୟୁବରଣ କରିଥିଲେ ମଧ ସେ ଅମର ଚିର ଭାସ୍ୱର ।

ବିଭାଗ ମୁଖ୍ୟ
ସ୍ନାତକୋତ୍ତର,
ଓଡିଆ ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ
ବ୍ୟାସବିହାର, ବାଲେଶ୍ୱର

# ଜ୍ଞାନପୀଠ ପୁରସ୍କାର ବିଜୟିନୀ ପ୍ରତିଭାଙ୍କ ପ୍ରତିଭା : ଅତ୍ର-ତତ୍ର-ସର୍ବତ୍ର

**ଭବାନୀ ପ୍ରସାଦ ମିଶ୍ର**



'ଜ୍ଞାନପୀଠ' ପୁରସ୍କାର ଘୋଷଣା ପରେ ଡକ୍ଟର ପ୍ରତିଭା ରାୟଙ୍କୁ 'ଉତ୍କଳ ପ୍ରସଙ୍ଗ'ର ସମ୍ପାଦକ ଡକ୍ଟର ହୁସେନ ରବିଗାନ୍ଧୀ ଓ ଶ୍ରୀ ଭବାନୀ ପ୍ରସାଦ ମିଶ୍ର ଅଭିନନ୍ଦନ ଜଣାଉଛନ୍ତି ।

'ସାହିତ୍ୟ ସମାଜର ଦର୍ପଣ' ଏହି ଉକ୍ତିକୁ ବିଚାର କଲାବେଳେ ବହୁ ସାହିତ୍ୟିକ ଭିନ୍ନ ମତ ପୋଷଣ କରିପାରନ୍ତି । କିନ୍ତୁ ଯିଏ ସମାଜରୁ ହିଁ ସାହିତ୍ୟ ସୃଷ୍ଟି କରି ପାରିଛନ୍ତି, ସିଏ ହିଁ କାଳଜୟୀ ହୋଇ ପାରିଛନ୍ତି । ସେହିପରି ଅନନ୍ୟ ସାହିତ୍ୟିକା ହେଉଛନ୍ତି ଉତ୍କଳର ବରପୁତ୍ରୀ ଶ୍ରୀମତୀ ପ୍ରତିଭା ରାୟ । ଆଦ୍ୟ ଲେଖନୀ ଚାଳନା ସମୟରୁ ନିଜର ଚାରିପଟେ ଘଟୁଥିବା ସାଂପ୍ରତିକ ଛୋଟ ବଡ଼ ଘଟଣା ପ୍ରବାହର ନିଷ୍ଠୁର ବାସ୍ତବତାକୁ ହୃଦୟଙ୍ଗମ କରି, ତା'ର ଚେତନ ଓ ଅବଚେତନର ପ୍ରକୃତ ମୂଲ୍ୟାଙ୍କନ କରି ପାଠକୀୟ ସ୍ୱୀକୃତି ପ୍ରଦାନ କରିବାରେ ଡକ୍ଟର ରାୟଙ୍କ ସମକକ୍ଷ ଲେଖିକା ଭାରତୀୟ ସାହିତ୍ୟ ଜଗତରେ ଖୁବ୍‌କମ୍ ଦେଖାଯାଆନ୍ତି । ଯେଉଁଥିପାଇଁ ବଙ୍ଗଳାର ଆଶାପୂର୍ଣ୍ଣା ଦେବୀ ଓ ମହାଶ୍ୱେତା ଦେବୀ, ପଞ୍ଜାବର ଅମ୍ରିତା ପ୍ରୀତମ ଉର୍ଦ୍ଦୁ ସାହିତ୍ୟର କଥାକାର କୁରିତୁଲୈନ୍ ହୈନର୍ ଏବଂ ଆସାମର ଇନ୍ଦିରା ଗୋସ୍ୱାମୀଙ୍କ ସହିତ ଆଜି ଜାତୀୟ ସାରସ୍ୱତ ଧାରାରେ ଏକାତ୍ମ ହୋଇ ସେ ଓଡ଼ିଶାର ଏକମାତ୍ର ଲେଖିକା ଭାବେ 'ଜ୍ଞାନପୀଠ ପୁରସ୍କାର' ବିଜୟିନୀ ହୋଇପାରିଛନ୍ତି । ଖାଲି ସେତିକି ନୁହେଁ, ଆଜିକୁ ଠିକ୍ କୋଡ଼ିଏ ବର୍ଷ ତଳେ ଭାରତର ପ୍ରଥମ ଲେଖିକା ଭାବେ ସେ ମଧ୍ୟ ସମ୍ମାନଜନକ 'ମୂର୍ତ୍ତିଦେବୀ ପୁରସ୍କାର' ପ୍ରାପ୍ତ ହୋଇଥିଲେ ।

ଆମ ଓଡ଼ିଶା ମାଟି ବହୁ ଉଚ୍ଚକୋଟୀର ସାହିତ୍ୟ ସାଧକଙ୍କ ଜନ୍ମଭୂମି । ବହୁ ସାରସ୍ୱତ ସ୍ରଷ୍ଟା କୁହନ୍ତି, ମୁଁ ସମାଜକୁ ବଦଳେଇବା ପାଇଁ ଲେଖୁଛି । 'ଅନେକେ କୁହନ୍ତି', ମୁଁ ପୃଥିବୀର ସୌନ୍ଦର୍ଯ୍ୟକୁ ବଞ୍ଚାଇବା ନିମନ୍ତେ ଲେଖୁଛି । ଆଉ କିଏ କିଏ କୁହନ୍ତି, 'ମୁଁ ସ୍ରଷ୍ଟା ! ତେଣୁ ମୁଁ ଯାହା ଲେଖୁଛି ତାହାହିଁ ସାହିତ୍ୟ...' ଏପରି ଆହୁରି ଅନେକ । କିନ୍ତୁ ଠିକ୍ ସେହି ସମୟରେ ପଦ୍ମଶ୍ରୀ ପ୍ରତିଭା ରାୟ କୁହନ୍ତି, 'ମୁଁ ଜଣେ ସୌଖୀନ ଲେଖିକା ନୁହେଁ । ମୁଁ ଜଣେ ମାନବବାଦୀ ଲେଖିକା ହେବାକୁ ଭଲ ପାଏ । ଏ ପୃଥିବୀରେ ବହୁଲୋକ ଦୁଃଖକଷ୍ଟରେ ଅଛନ୍ତି । ତାହା ମୋ ଲେଖନୀରେ ପରିପ୍ରକାଶ ହେଉ ।' ବିଶେଷ କରି ଭଗବାନ ତାଙ୍କୁ ଯେଉଁ ରୂପରେ ଜନ୍ମ ଦେଇଛନ୍ତି, ସେଇ ନାରୀଜାତିର ମନସ୍ତତ୍ତ୍ୱକୁ ସେ ଶିରାପ୍ରଶିରାରେ ହୃଦୟଙ୍ଗମ କରିଛନ୍ତି । ସାଧାରଣ ମଣିଷଟିଏ ବାହ୍ୟ ଆଚରଣରୁ ନାରୀର ମନକୁ ପଢ଼ି ପାରନ୍ତି ନାହିଁ । କେବଳ ନାରୀଟିଏ ହିଁ ବୁଝିବ ନାରୀ ମନର ଗହନ କଥା । ତେଣୁ ଏହା ଆମ ପାଇଁ ଏକ ଗର୍ବ ଏବଂ ଗୌରବର ବିଷୟ ଯେ ଡକ୍ଟର ରାୟ ଏହି ଭୂମିରେ ଭୂମିଷ୍ଠ ହୋଇଛନ୍ତି । ନାରୀ ମନର ପ୍ରତ୍ୟେକ ଅନାଲୋଚିତ ଓ ଲୁକ୍କାୟିତ ଦିଗ ପ୍ରତି ସେ ଅଧିକ ସମ୍ବେଦନଶୀଳ ହୋଇଛନ୍ତି । ସେ ନାରୀ ମନର ସମସ୍ତ ଘଟଣାକୁ ତନ୍ନତନ୍ନ କରି ଅଧ୍ୟୟନ କରିଛନ୍ତି । ତାହା ପୌରାଣିକ ଚରିତ୍ର ହେଉ କିମ୍ବା ସାଂପ୍ରତିକ ଚରିତ୍ର । ଡକ୍ଟର ରାୟଙ୍କ ମତରେ ଏବେ ମଧ୍ୟ ଜାତିଭିତ୍ତିକ, ବର୍ଣ୍ଣଭିତ୍ତିକ, ଲିଙ୍ଗଭିତ୍ତିକ ବିଦ୍ୱେଷ ଓ ତଦ୍‌ଜନିତ ଉତ୍ପୀଡ଼ନ, ରକ୍ତପାତ, ସଂଘର୍ଷ ଲାଗି ରହିଛି । ଏବେ ମଧ୍ୟ ଅହଲ୍ୟାମାନେ ବଳି ପଡ଼ନ୍ତି ପୁରୁଷର ଅହଂ ଓ ଅଭୀଷ୍ଟ ଯଜ୍ଞରେ । ଏବେ ମଧ୍ୟ ଇନ୍ଦ୍ରମାନେ ଅହଲ୍ୟା ବିନିମୟରେ ଅଭୀଷ୍ଟ ସିଦ୍ଧି କରନ୍ତି । ତେଣୁ ଅହଲ୍ୟା କେଉଁ କାଳର ? ବୈଦିକ, ପୌରାଣିକ ନା ସାଂପ୍ରତିକ ।

**ଜନ୍ମ : ୨୧ ଜାନୁଆରୀ, ୧୯୪୩**
**ସ୍ଥାନ : ଅଳାବୋଳ, ବାଲିକୁଦା, ଜଗତ୍‌ସିଂହପୁର**
**ପିତା : ପର୍ଶୁରାମ ଦାସ**
**ମାତା : ମନୋରମା ଦେବୀ**
**ଶିକ୍ଷାଗତ ଯୋଗ୍ୟତା : ଶିକ୍ଷା ମନସ୍ତତ୍ତ୍ୱରେ ସ୍ନାତକୋତ୍ତର**
**ପି.ଏଚ୍.ଡି, ସମ୍ମାନସୂଚକ ଡି.ଲିଟ୍**

ଶ୍ରୀମତୀ ରାୟଙ୍କ ଜନ୍ମ ଯଦିଓ ଓଡ଼ିଶାରେ କିନ୍ତୁ ତାଙ୍କର ଦୃଷ୍ଟିଭଙ୍ଗୀ ସୁଦୂରପ୍ରସାରୀ, ସ୍ଥାନ-କାଳ-ପାତ୍ରର ଊର୍ଦ୍ଧ୍ୱରେ । ତାହା ଭୂମିରୁ ଭୂମା ପର୍ଯ୍ୟନ୍ତ ପରିବ୍ୟାପ୍ତ । ତାହା ସ୍ରଷ୍ଟାର ପ୍ରତିଟି ସୃଷ୍ଟିରୁ ପ୍ରତୀୟମାନ । ଇତିହାସ, ଦର୍ଶନ, ସମାଜ ବିଜ୍ଞାନ ଏବଂ ଆତ୍ମିକତାର ପ୍ରତ୍ୟେକ ଦିଗକୁ ତାଙ୍କର ଲେଖନୀ ସ୍ପର୍ଶ କରିବା ସହିତ ମାନବୀୟ ମୂଲ୍ୟବୋଧ, ସୂକ୍ଷ୍ମ ତତ୍ତ୍ୱ ତଥା ମାନବ ଜାତିର ମୌଳିକ ଅଧିକାରକୁ ପ୍ରାଧାନ୍ୟ ଦେଇଥାଏ । ହତାଶା, କାରୁଣ୍ୟ ଓ ସ୍ୱପ୍ନ ଭଙ୍ଗର ଏକ ଉଚ୍ଚାଙ୍ଗ ସ୍ୱର ଭିତରେ ଡକ୍ଟର ରାୟ ଆଦିମ ଅଧିବାସୀଙ୍କ ଜନଜୀବନର ଭୌଗୋଳିକ ବୈଚିତ୍ର୍ୟ ଯେପରି ଚିତ୍ରଣ କରିଛନ୍ତି, 'ଆଦିଭୂମି'ରେ ତାହାହିଁ ରକ୍ଷଣଶୀଳ ନାରୀ ସମାଜ ନିମନ୍ତେ କେତେ କଠିନ, ତାହା ହୃଦୟଙ୍ଗମ କରିବା ସମସ୍ତଙ୍କ ପକ୍ଷେ ସମ୍ଭବପର ନୁହେଁ । ତତ୍‌ସହିତ ଉତ୍କଳୀୟ ଜଗନ୍ନାଥ ସଂସ୍କୃତିର ଅଲିଖିତ ସ୍ୱପ୍ନ ଓ ଇତିହାସକୁ ଉଚ୍ଚାରଣ କରିବାର ସଫଳ ପ୍ରୟାସ କରିଛନ୍ତି ସେ । ବଣ୍ଡା ଜନଜୀବନର ଚଳଣି ଓ ବିଶ୍ୱାସକୁ ଏକ ନିଛକ ଢଙ୍ଗରେ, ବାସ୍ତବ ଓ ବିଶ୍ୱାସ ଆଧାରରେ ସେମାନଙ୍କ ମଧ୍ୟରେ ଥିବା ସମ୍ପର୍କକୁ ନିଜର ଲେଖନୀ ମାଧ୍ୟମରେ ଖୁବ୍ ନିଖୁଣଭାବେ ସେ ଚିତ୍ରିତ କରିଛନ୍ତି । ସେମାନଙ୍କର ପର୍ବପର୍ବାଣି, ପାଟଖଣ୍ଡା ପର୍ବ, ଆହାର ଅନ୍ୱେଷଣ, ରୋଗ-ଶୋକ, ହସକାନ୍ଦ, ଯୌନଜୀବନ ଓ ସଲପ ପାଇଁ ସଂଘର୍ଷର ଚିତ୍ରଗୁଡ଼ିକ ଅତି ପ୍ରାଞ୍ଜଳ ଓ ସଫଳ ଭାବେ ବର୍ଣ୍ଣନା କରିଛନ୍ତି । ପ୍ରାତଃସ୍ମରଣୀୟ କଥାକାର ଗୋପୀନାଥଙ୍କ ପରେ ଡକ୍ଟର ରାୟ ହିଁ ସେହି ଜଗତକୁ ଆମ ନିକଟରେ ପରିଚିତ କରାଇବାରେ ସଫଳ ହୋଇଛନ୍ତି । ଅଦ୍ୟାବଧି ଡକ୍ଟର ରାୟ ଓଡ଼ିଶାର ଆଦିମ ଅଧିବାସୀ ଜନଜାତିଙ୍କ ଉପରେ ଏବେ ବି ସେ ଗବେଷଣା ଜାରି ରଖିଛନ୍ତି । ଓଡ଼ିଶାର ଜନସାଧାରଣ ତାଙ୍କଠାରୁ ଅନ୍ୟ ଏକ 'ଆଦିଭୂମି'ର ଅପେକ୍ଷାରେ ଅଛନ୍ତି, ଏହା କହିବା ବାହୁଲ୍ୟ ମାତ୍ର । ଏଥିସହିତ ଭୂୟାଁ ଆଦିବାସୀଙ୍କ ଅତ୍ୟାଚାରୀ କେନ୍ଦୁଝର ରାଜାଙ୍କ ବିରୁଦ୍ଧରେ ସଂଗ୍ରାମର କାହାଣୀ 'ମହାରାଣୀ ପୁତ୍ର' ମଧ୍ୟ ତାଙ୍କର ଆଉ ଏକ ଅନବଦ୍ୟକୃତି ।

ପାଶ୍ଚାତ୍ୟ ସଂସ୍କୃତିର ଅବାଞ୍ଛିତ ଅନୁପ୍ରବେଶ ଏବଂ ଉଗ୍ର ଆଧୁନିକତାର ଖୋଳପା ମଧ୍ୟରେ ସାଂପ୍ରତିକ ବ୍ୟବସ୍ଥାର କୋଣେ କୋଣେ ବସା ବାନ୍ଧୁଥିବା ଅପସଂସ୍କୃତିର ପ୍ରାବଲ୍ୟ

ଫଳରେ ଓଡ଼ିଶାର ପ୍ରାଚୀନ ଗ୍ରାମ୍ୟ ସଂସ୍କୃତି ଓ ପରମ୍ପରା ପ୍ରାୟ ବିଲୁପ୍ତ ହେବାକୁ ବସିଲାଣି । ଜଗତୀକରଣ ପ୍ରକ୍ରିୟା ଏହାକୁ ଅଧିକରୁ ଅଧିକ ତ୍ୱରାନ୍ୱିତ କରିଛି ।ଏହି ନିଷ୍ଠୁର ସତ୍ୟକୁ ଡକ୍ଟର ରାୟ ତାଙ୍କ ଲେଖନୀ ମାଧ୍ୟମରେ ବହୁ ଉପନ୍ୟାସ ଓ ଗଳ୍ପ ରେ ପରିପ୍ରକାଶ କରିଛନ୍ତି ।

ନିଜର ନିର୍ଭୀକ ଲେଖନୀ ଚାଳନା ନିମନ୍ତେ ଶ୍ରୀମତୀ ରାୟଙ୍କୁ କେତେବେଳେ କୋର୍ଟକୁ ସାମନା କରିବାକୁ ପଡ଼ିଛି ତ କେତେବେଳେ କଠୋରପନ୍ଥୀ ଧର୍ମୀୟ ସମାଜର ଶରବ୍ୟର ଶିକାର ହୋଇଛନ୍ତି । କିନ୍ତୁ ସେ ସେଥିରେ ଦବି ଯାଇ ନାହାନ୍ତି, ତାହା ତାଙ୍କୁ ପ୍ରେରଣା ଦେଇଛି, ଖୋରାକ ଯୋଗାଇଛି ଆଉ ଏକ ସାରସ୍ୱତ ସୃଷ୍ଟି ନିମନ୍ତେ । ମାନବୀୟ ମୂଲ୍ୟବୋଧକୁ ଅଙ୍ଗେ ଅଙ୍ଗେ ହୃଦୟଙ୍ଗମ କରିଛନ୍ତି ଡକ୍ଟର ରାୟ । ମହାବାତ୍ୟାର ବିଭୀଷିକା ତାଙ୍କୁ ବାଧ୍ୟ କରିନି କେବଳ ସାହିତ୍ୟ ସୃଷ୍ଟି କରିବା ପାଇଁ, ଅପିତୁ ସେ ନିଜେ ଯାଇଥିଲେ ସର୍ବାଧିକ ପ୍ରପୀଡ଼ିତ ମହାବାତ୍ୟା ଅଞ୍ଚଳକୁ । ସେଠାରେ ଲୋକଙ୍କ ସେବା କରିବା ସହିତ ବାତ୍ୟା ପରବର୍ତ୍ତୀ ପୁନର୍ବାସ ନିମନ୍ତେ କାର୍ଯ୍ୟ କରିଥିଲେ । ସେହି ଦୁଃଖ, କଷ୍ଟ, ଅନାହାର, ହାହାକାର ମଧ୍ୟରୁ ସୃଷ୍ଟି ହୋଇଥିଲା ଓଡ଼ିଆ ସାହିତ୍ୟର ଅନ୍ୟତମ କାଳଜୟୀ ଉପନ୍ୟାସ 'ମଗ୍ନମାଟି' । ଯେଉଁଥିରେ ପରିପ୍ରକାଶ ହୋଇଥିଲା ସଦ୍ୟବିବାହିତ ବିଧବାର କାହାଣୀ, ପ୍ରଥମ ସୂର୍ଯ୍ୟାଲୋକ ଦେଖି ନଥିବା ଅନାଥର କାହାଣୀ ପରି ଆହୁରି ବହୁ ଚରିତ୍ରର ନିଖୁଣ ମନସ୍ତାତ୍ତ୍ୱିକ ଆତ୍ମକାହାଣୀ । ଏଥିସହିତ ମଣିଷର ଅତ୍ୟାଚାର ଓ ମାଟିର ସହନଶୀଳତାକୁ ଅତି ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି ସେ । ଓଡ଼ିଆ ସାହିତ୍ୟରେ ଏପରି ଏକ ମାଟି ମନସ୍କ ଉପନ୍ୟାସ ରଚିତ ହେବା ଏକ ଅନନ୍ୟ ଘଟଣା ।

ଲେଖିକାଙ୍କ 'ଉତ୍ତରମାର୍ଗ' ଉପନ୍ୟାସଟି ସ୍ୱାଧୀନତା ପୂର୍ବବର୍ତ୍ତୀ ଭାରତୀୟତା ଏବଂ ଓଡ଼ିଶାର ଜମିଦାରମାନଙ୍କର ଅତ୍ୟାଚାର ଓ ନିରୀହ ପ୍ରଜାମାନଙ୍କର ପ୍ରତିବାଦଶୂନ୍ୟତାକୁ ପାଥେୟ କରି ଲେଖାଯାଇଥିଲା ବେଳେ 'ଶିଳାପଦ୍ମ' ଓ 'ଦେହାତୀତ' ଉପନ୍ୟାସ ଦୁଇଟି ଭାରତୀୟ ସଂସ୍କୃତିର ମହତ୍ତ୍ୱ, ସୂକ୍ଷ୍ମ ଆଧ୍ୟାତ୍ମିକ ଉତ୍ତରଣର ଭିତ୍ତି ଉପରେ ନିର୍ମିତ ।

ଲେଖିକାଙ୍କ ମତରେ ଏଯାବତ୍ ଏପରି ନାରୀ ଜନ୍ମଲାଭ କରିନାହିଁ ଯିଏ, ଯାଜ୍ଞସେନୀଙ୍କ ଭଳି ନିର୍ଯ୍ୟାତନା, ଲାଞ୍ଛନା, ମାନସିକ ସଂକଟ ଓ ସଂଘର୍ଷର ସମ୍ମୁଖୀନ ହୋଇଛି । କାମାନ୍ଧ ପୁରୁଷ ଦ୍ୱାରା ନାରୀ ଯୁଗେ ଯୁଗେ ନିର୍ଯ୍ୟାତିତା ଏବଂ ଅପମାନିତା ହୋଇଆସିଛି । କିନ୍ତୁ ଯାଜ୍ଞସେନୀ ନାରୀତ୍ୱର ଏକ ଆହ୍ୱାନ । କର୍ମ, ଜ୍ଞାନ, ଭକ୍ତି ଓ ଶକ୍ତିର ମୂର୍ତ୍ତିମନ୍ତ ଦେବୀ ଯାଜ୍ଞସେନୀ କେବଳ ଓଡ଼ିଆ ସାହିତ୍ୟରେ ନୁହେଁ, ଭାରତୀୟ ସାରସ୍ୱତ ଜଗତରେ ଏକ ଉଜ୍ଜ୍ୱଳ ଜ୍ୟୋତିଷ୍କ, ଯାହା ଭବିଷ୍ୟତ ପିଢ଼ିର ମଣିଷଙ୍କୁ ମଧ୍ୟ ମାର୍ଗ ଦର୍ଶନ କରାଇବାରେ ସମର୍ଥ ହୋଇପାରିବ । ଓଡ଼ିଆ ଭାଷା ବ୍ୟତୀତ ତାଙ୍କର 'ଯାଜ୍ଞସେନୀ' ଉପନ୍ୟାସ ବହୁ ଭାରତୀୟ ତଥା ବିଦେଶୀ ଭାଷାରେ ଅନୁବାଦିତ ହୋଇ ଅଶେଷ ପାଠକୀୟ ଆଦର ଲାଭ କରିପାରିଛି । ବର୍ତ୍ତମାନ ସୁଦ୍ଧା ଓଡ଼ିଆରେ ଏହାର ୭୮ତମ ସଂସ୍କରଣ ପ୍ରକାଶିତ ହୋଇସାରିଲାଣି । ଆଗକୁ ଆହୁରି ପ୍ରକାଶ ପାଇବ ବୋଲି ଆଶା କରାଯାଏ । ଜ୍ଞାନ, ବିଚାର, ବୁଦ୍ଧି ଏବଂ ସତୀତ୍ୱର ପରାକାଷ୍ଠା ଦେଇ ଯେଉଁ ଦ୍ରୌପଦୀର ଜୀବନ ପ୍ରାରମ୍ଭରୁ ହିଁ ନାଟକୀୟ ହୋଇଛି, ତା'ର ରୂପାୟନ କରିଛନ୍ତି ଲେଖିକା ନିଜ 'ଯାଜ୍ଞସେନୀ' ଉପନ୍ୟାସର ପ୍ରତିଟି ପୃଷ୍ଠାରେ ।

ଏପରି ଅନେକ କୃତିତ୍ୱର ସଫଳ ରୂପାୟନ ସତ୍ତ୍ୱେ ପଦ୍ମଶ୍ରୀ ଡକ୍ଟର ପ୍ରତିଭା ରାୟ କେବେ ଭୁଲି ଯାଇନାହାନ୍ତି ତାଙ୍କର ପରିବାରକୁ । ଜଣେ ସୁକନ୍ୟା, ଜଣେ ସଫଳ ସହଧର୍ମିଣୀ, ସର୍ବୋପରି ଜଣେ ବିଚାରବନ୍ତ ପଥପ୍ରଦର୍ଶିକା ମାତା ଭାବରେ କେବେ ବି ତାଙ୍କର କାର୍ଯ୍ୟଧାରାରେ ତାଙ୍କ ସାହିତ୍ୟ ସୃଷ୍ଟି ବାଧକ ସାଜିନାହିଁ, ଯଦିଓ ଅତି ବାଲ୍ୟକାଳରୁ ଜଗତ୍‌ସିଂହପୁର ଜିଲ୍ଲା (ତତ୍‌କାଳୀନ କଟକ ଜିଲ୍ଲା) ବାଲିକୁଦା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଷଷ୍ଠ ଶ୍ରେଣୀର ଛାତ୍ରୀ ଭାବରେ 'ମା' କବିତାରୁ ତାଙ୍କର ପ୍ରଥମ ସାହିତ୍ୟ ସାଧନା ଆରମ୍ଭ ହୋଇଥିଲା ଏବଂ ପରବର୍ତ୍ତୀ କାଳରେ ଜଣେ ଅଧ୍ୟାପିକା ଭାବରେ ତଥା ପରେ ପରେ ଓଡ଼ିଆ ଲୋକସେବା ଆୟୋଗର ସଦସ୍ୟା ଭାବରେ କାର୍ଯ୍ୟ ସଫଳତାର ସହିତ ସମାପନ କରିଥିଲେ ଡକ୍ଟର ପ୍ରତିଭା ରାୟ । ୧୯୭୦ ମସିହାରୁ ଲେଖନୀ ଚାଳନା କରୁଥିବା ଡକ୍ଟର ରାୟ ଅଦ୍ୟାବଧି ବହୁ ଉପନ୍ୟାସ, ଗଳ୍ପ, ଭ୍ରମଣ କାହାଣୀ ଓଡ଼ିଆ ଜନସାଧାରଣଙ୍କୁ ପ୍ରଦାନ କରିଛନ୍ତି, ତାହା ଏହି ପ୍ରବନ୍ଧରେ

ସଂଲଗ୍ନ କରାଗଲା ଆମ ପ୍ରଦେଶ ନିମନ୍ତେ ଏହା ଗର୍ବ ଓ ଗୌରବର ବିଷୟ ଯେ ଭାରତର ଏକାଧିକ ବିଶ୍ୱବିଦ୍ୟାଳୟ (ଦିଲ୍ଲୀ, ଗୁଜରାଟ, ସିଲଚର) ଯାଜ୍ଞସେନୀ ଉପନ୍ୟାସକୁ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମରେ ସାମିଲ କରିଛନ୍ତି । ସେ ପ୍ରଥମ ନାରୀ ସାହିତ୍ୟକାର ଯେ କି ଓଡ଼ିଶାର ପ୍ରତ୍ୟେକ ବର୍ଗର ଲୋକଙ୍କ ନିକଟରେ ଗ୍ରହଣୀୟ ହୋଇପାରିଛନ୍ତି । ତାଙ୍କର ଆଗାମୀ ଜୀବନ ମଧ୍ୟ ଓଡ଼ିଆ ସାରସ୍ୱତ ଜଗତକୁ ଏହିପରି ବହୁ ଉତ୍ସର୍ଗୀକୃତ, ସଫଳ ସୃଷ୍ଟି ସମ୍ଭାରମାନ ପ୍ରଦାନ କରୁ, ଏହାହିଁ ଏ ଜାତି ତାଙ୍କଠାରୁ ଆଶାକରେ ।

ଡକ୍ଟର ପ୍ରତିଭା ରାୟଙ୍କ କେତୋଟି କ୍ଷୁଦ୍ରଗଳ୍ପ ସଂକଳନ

ସାମାନ୍ୟ କଥନ (୧୯୭୫), ଗଙ୍ଗଶିଉଳୀ (୧୯୭୯) ଅସମାପ୍ତ (୧୯୮୦), ଐକତନ (୧୯୮୧), ଅନାବନା (୧୯୮୩), ହାଟବାକସ୍ (୧୯୮୩), ଘାସ ଓ ଆକାଶ (୧୯୮୪), ଚନ୍ଦ୍ରଭାଗା ଓ ଚନ୍ଦ୍ରକଳା (୧୯୮୪), ଶ୍ରେଷ୍ଠଗଳ୍ପ (୧୯୮୪), ଅବ୍ୟକ୍ତ (୧୯୮୬), ଇତିବୃତ୍ତକ (୧୯୮୭), ହରିତ ପତ୍ର (୧୯୮୭), ପୃଥକ ଈଶ୍ୱର (୧୯୯୧), ଭଗବାନର ଦେଶ (୧୯୯୧), ମନୁଷ୍ୟ ସ୍ୱର (୧୯୯୨), ସ୍ୱନିର୍ବାଚିତ ଶ୍ରେଷ୍ଠଗଳ୍ପ (୧୯୯୪), ସାତସତୀ (୧୯୯୬), ମୋକ୍ଷ, ଉଲ୍ଲଘଂନ (୧୯୯୮), ନିବେଦନ ମିଦମ୍ (୨୦୦୦), ଗାନ୍ଧୀଙ୍କ(୨୦୦୨), ଝୋଟିପକା କାନ୍ଥ (୨୦୦୬)

କେତୋଟି ଚର୍ଚ୍ଚିତ ଉପନ୍ୟାସ

ବର୍ଷା ବସନ୍ତ ବୈଶାଖ (୧୯୭୪), ଅରଣ୍ୟ (୧୯୭୭), ନିଷିଦ୍ଧ ପୃଥିବୀ (୧୯୭୫), ପରିଚୟ (୧୯୭୯), ପୁଣ୍ୟତୋୟା (୧୯୭୯), ଅପରିଚିତା (୧୯୭୯), ମେଘମେଦୁରା (୧୯୮୦), ଆଶାବରି (୧୯୮୦), ଅୟମାରମ୍ଭ (୧୯୮୧), ନୀଳତୃଷ୍ଣା (୧୯୮୧), ସମୁଦ୍ରର ସ୍ୱର (୧୯୮୨), ଶିଳାପଦ୍ମ (୧୯୮୩), ଯାଜ୍ଞସେନୀ (୧୯୮୪), ଦେହାତୀତ (୧୯୮୬), ଉତ୍ତରମାର୍ଗ (୧୯୮୮), ଆଦିଭୂମି (୧୯୮୮), ମହାମୋହ (୧୯୯୮), ମଗ୍ନମାଟି (୨୦୦୪), ଭ୍ରମଣ କାହାଣୀ–ମୈତ୍ରୀ ପାଦପର ଶାଖା ପ୍ରଶାଖା(୧୯୯୦), ଦୂରଦ୍ୱିବିଧ (୧୯୯୯) ଏବଂ ଅପରାଧିର ସ୍ୱେଦ(୨୦୦୦),

ପୁରସ୍କାର ଓ ସମ୍ମାନ

ଜ୍ଞାନପୀଠ ସମ୍ମାନ – ୨୦୧୧ – (ସାହିତ୍ୟ କ୍ଷେତ୍ରରେ ଭାରତର ସର୍ବୋଚ୍ଚ ସମ୍ମାନ) (୨୦୧୨), ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ସମ୍ମାନସୂଚକ ଡି.ଲିଟ୍ ଉପାଧି ପ୍ରଦାନ (୨୦୧୧), ଭାରତ ସରକାରଙ୍କ ଦ୍ୱାରା ପଦ୍ମଶ୍ରୀ ସମ୍ମାନ ପ୍ରଦାନ (୨୦୦୭), କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର (୨୦୦୦), କୋଲକତା ଠାରେ ଭାରତୀୟ ଭାଷା ପରିଷଦ ଦ୍ୱାରା ସମ୍ମାନିତ (୨୦୦୩), କଥା ଭାରତୀ ସମ୍ମାନ ଗ୍ରହଣ(୨୦୦୦), ନୂଆଦିଲ୍ଲୀ ଠାରେ ରାଷ୍ଟ୍ରୀୟ ଏକତା ପୁରସ୍କାର (୧୯୯୯), ମୋକ୍ଷ ଗଳ୍ପ ରାଜ୍ୟ ସରକାରଙ୍କ ଦ୍ୱାରା ଶ୍ରେଷ୍ଠ ଚଳଚ୍ଚିତ୍ର ଗଳ୍ପପୁରସ୍କାର ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ଶ୍ରେଷ୍ଠ ଆଞ୍ଚଳିକ ଚଳଚ୍ଚିତ୍ର ଗଳ୍ପ ପୁରସ୍କାର ଭାବେ ପୁରସ୍କୃତ (୧୯୯୬), ଆମେରିକାର ଓଡ଼ିଆ ସମାଜ ଦ୍ୱାରା ସମ୍ମାନିତ (୧୯୯୫), ଭାରତୀୟ ଜ୍ଞାନପୀଠର ପଚାଶ ବର୍ଷ ପୂର୍ତ୍ତୀ, ଅବସରରେ ସମ୍ମାନିତ (୧୯୯୫), ପ୍ରଥମ ମହିଳା ଏବଂ ପ୍ରଥମ ଓଡ଼ିଆ ଭାବରେ ଭାରତୀୟ ଜ୍ଞାନପୀଠ ଦ୍ୱାରା ସମ୍ମାନ ଜନକ ମୂର୍ତ୍ତୀଦେବୀ ପୁରସ୍କାର (୧୯୯୧), କାଳଜୟୀ ଉପନ୍ୟାସ ଯାଜ୍ଞସେନୀ ନିମନ୍ତେ ଶାରଳା ପୁରସ୍କାର (୧୯୯୦), ଉପନ୍ୟାସ ଶିଳାପଦ୍ମ ନିମନ୍ତେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର (୧୯୮୫), ଚଳଚ୍ଚିତ୍ର ଅପରିଚିତା ନିମନ୍ତେ ଓଡ଼ିଶା ସରକାରଙ୍କ ଦ୍ୱାରା ଶ୍ରେଷ୍ଠ ଗାଳ୍ପିକ ପୁରସ୍କାର (୧୯୮୦)

ନିର୍ଦ୍ଦେଶକ
ଇଣ୍ଡିଗୋ (+2) ବିଜ୍ଞାନ ଓ ବାଣିଜ୍ୟ କଲେଜ
ସେକ୍ଟର–୧୧, କଟକ–୧୫

❖ ❖ ❖

# ମୂର୍ତ୍ତିଦେବୀର ସୌରଭ ଜ୍ଞାନପୀଠର ଗୌରବ...

**ଚିନ୍ମୟ ରାୟ**

ପଦ୍ମଶ୍ରୀ ପ୍ରତିଭା ରାୟ । ପଦ୍ମସମ୍ମାନ (ନିଜ ନିଜ କ୍ଷେତ୍ରରେ କୃତିତ୍ୱ) ଭାରତ ସରକାରଙ୍କର ଏକ ମର୍ଯ୍ୟାଦିତ ଉପାଧି । କିନ୍ତୁ ପଦ୍ମଶ୍ରୀ, ପଦ୍ମଭୂଷଣ ପାଇଥିବା କୃତୀ ପ୍ରତିଭାକୁ ହୁଏତ 'ମୂର୍ତ୍ତିଦେବୀ'ର ମହକ ପୁଣି 'ଜ୍ଞାନପୀଠ'ର ଗୌରବ ମିଳିନଥାଏ । ଯାହା ଆମ ଭାଷା ପାଇଁ ପ୍ରତିଭା ରାୟ, ସଚ୍ଚି ରାଉତରାୟ, ଗୋପୀନାଥ, ସୀତାକାନ୍ତଙ୍କ କ୍ଷେତ୍ରରେ ସମ୍ଭବିଛି । ମୂର୍ତ୍ତିଦେବୀ ସମ୍ମାନ ବାଣୀପୁତ୍ରୀ ପ୍ରତିଭା ଭାରତୀୟ ସଂସ୍କୃତିର ପ୍ରତିନିଧିତ୍ୱ କରୁଥିବା ପୁରସ୍କାର 'ଯାଜ୍ଞସେନୀ' ଉପନ୍ୟାସ ପାଇଁ ୧୯୯୨ ମସିହାରେ ପ୍ରାପ୍ତ ହୋଇଥିଲେ । ଆଜି ସେଇ ଆଦରଣୀୟ ଗ୍ରନ୍ଥ ଯାଜ୍ଞସେନୀ ଏକାଧିକ ଭାରତୀୟ ଭାଷାଭିନ୍ନ ପୋଲିସ୍ (ପୋଲାଣ୍ଡ), ହଙ୍ଗେରିଆନ୍ ଭାଷାରେ ଅନୁଦିତ ହୋଇଛି ।

ତା'ଛଡା ଏକାଧିକ ଭାରତୀୟ ବିଶ୍ୱବିଦ୍ୟାଳୟ (ଦିଲ୍ଲୀସମେତ)ରେ ସ୍ନାତକ ଓ ସ୍ନାତକୋତ୍ତର ଭାଷା ସାହିତ୍ୟ ପାଠ୍ୟକ୍ରମରେ ସାମିଲ ହୋଇସାରିଛି । ଏହା ଏକ ବିରଳତମ ସମ୍ମାନ ଯାହା ରାୟଙ୍କର ସର୍ଜନାକୁ ଜାତୀୟ-ସ୍ୱୀକୃତି ଓ ବିଦ୍ୟାକ୍ଷେତ୍ର ପ୍ରସାରଣରେ ଗୌରବ ଦେଇପାରିଛି ।

ତାଙ୍କ ସର୍ଜନାର ବିବିଧତା ଖୋଜିଲେ ବିସ୍ମିତ ହେବାକୁ ପଡିଥାଏ । ଯେଉଁ ହାତ ବିଜ୍ଞାନଭିତ୍ତିକ ଉପନ୍ୟାସ 'ସମୁଦ୍ରର ସ୍ୱର' ଲେଖିଛି, ସେଇ ହାତ ବୈଦିକ ପୃଷ୍ଠଭୂମିରେ 'ମହାମୋହ' ଲେଖିଛି ।

ସ୍ୱ-ରଚିତ ଅରଣ୍ୟର ରହସ୍ୟମୟ ଘେରରେ ଥାଇ ଯିଏ 'ବର୍ଷାବସନ୍ତ ବୈଶାଖ'କୁ 'ହରିତ୍‌ପତ୍ର' ସାଜି ଭୋଗ କରିଛି, ସେ ପୁଣି 'ମଗ୍ନମାଟି' ଲେଖି ଚମକାଇ ପାରୁଛନ୍ତି । ଭିନ୍ନସ୍ୱାଦର ଗପ ଓ ଉପନ୍ୟାସ 'ପୃଥକଈଶ୍ୱର', 'ଦେହାତୀତ', 'ଭାଁଗଦାର ଦେଶ', 'ଗାନ୍ଧୀଙ୍କ ଗାଁ, ଉଲ୍ଲଂଘନ, ନୀଳତୃଷ୍ଣା, ନିଷିଦ୍ଧ ପୃଥିବୀ, ହାତବାକ୍ସ, ଆଶାବରୀ, ମେଘମେଦୁର, ପୁଣ୍ୟତୋୟା ସେ ଲେଖିଛନ୍ତି, ଯାହା ଏକୁ ଆରେକ ବଳି । ସୁଖ୍ୟାତ କୋଣାର୍କ ଆଧାରରେ ଶିଳାପଦ୍ମ ଉପନ୍ୟାସ ପ୍ରତିଭା ସର୍ଜନାକଳାର ଏକ କୀର୍ତ୍ତିସ୍ତମ୍ଭ ନିଶ୍ଚୟ । ବଣ୍ଡାଜୀବନ ଆଧାରିତ ଆଦିଭୂମି ଆହୁରି ଏକ ବିସ୍ମୟକର ସିଦ୍ଧି । ଗପ ଆଉ ଉପନ୍ୟାସ ସହିତ ଖୁବ୍ ସୁଖପାଠ୍ୟ ଭ୍ରମଣ କାହାଣୀ (ଦଶରୁ ଅଧିକ) ଲେଖି ସେ ଆମ ବାଣୀଭଣ୍ଡାରର ଟ୍ରାଭେଲୋଗ୍ ଥାକରେ ପରିମାଣ ଓ ଗୁଣବତ୍ତା ବୃଦ୍ଧି କରିଛନ୍ତି । ଏମିତି ଆମେ ମୋଟାମୋଟି ଆକଳନ କଲେ, ଡଃ ପ୍ରତିଭା ରାୟ ୧୦ହଜାର ପୃଷ୍ଠାରୁ ଅଧିକ ଲେଖିଛନ୍ତି ।

ଡଃ ରାୟଙ୍କର ପ୍ରାୟ ଉପନ୍ୟାସ (ଏକାଧିକ ସଂସ୍କରଣରେ) ପାଠକମାନଙ୍କୁ ତୃପ୍ତ କରିଛି । ଜନପ୍ରିୟ ସର୍ଜନା ଯାଜ୍ଞସେନୀର ଅଶୀତମ ସଂସ୍କରଣ ହେବାକୁ ବସିଛି । ସୁଖର କଥା, ଏମିତି ଅନନ୍ୟ ଗୌରବ ଏକ ବିରଳ ଘଟଣା । ଲେଖକର ଜୀବଦଶାରେ ଯଦି କୌଣସି ପୁସ୍ତକର ଶହେ(୧୦୦)ତମ ସଂସ୍କରଣ (ଧାରାବାହିକ) ପ୍ରକାଶ ପାଏ, ତାହା ଏକ ଆନ୍ତର୍ଜାତିକ ସ୍ୱୀକୃତି (ବାହାରୁ) ପ୍ରାପ୍ତ ହୁଏ । ଆମର ଶୁଭକାମନା ଶ୍ରୀମତୀ ରାୟ ସେଇ ଗୌରବ ପ୍ରାପ୍ତ ହୁଅନ୍ତୁ । ଆମର କୋଣାର୍କ, ଜ୍ଞାନମଣ୍ଡଳ, ସମ୍ବଲପୁରୀ ବସ୍ତ୍ର, ପିପିଲି ଚାନ୍ଦୁଆ, ତାରକସି ଗହଣା, ଧଳାବାଘ, ସିଦ୍ଧାନ୍ତଦର୍ପଣ, ଧଳାକୁମ୍ଭୀର (ଗୌରୀ), ଓଡ଼ିଶୀର ଛନ୍ଦ, ସୁନନ୍ଦା, ସଂଯୁକ୍ତା, ପ୍ରିୟମ୍ବଦା ଓ ରଘୁନାଥ ଯେମିତି ଜାତୀୟସ୍ତରରେ ଅନନ୍ୟ ଆଶାପର୍ଣ୍ଣା, ମହାଶ୍ୱେତା, ଇନ୍ଦିରା (ଗୋସ୍ୱାମୀ), ଅମ୍ରିତା ପ୍ରୀତମ୍ଙ୍କ ସହିତ ଆମ ପ୍ରତିଭା ରାୟ

ଆହୁରି ସଂଯୁକ୍ତ ହେଲେ । ତାଙ୍କର ସର୍ଜନା ଉପରେ ବାଙ୍ଗଲା ଦେଶରୁ ଓ ଶ୍ୱେତାଙ୍ଗ ବିଦ୍ୟାର୍ଥୀ ଗବେଷଣା ସାରିଲେଣି । ମନେପଡୁଛି, ସଂସ୍କାର ଉପନ୍ୟାସର ସ୍ରଷ୍ଟା ଏକଦା କହୁଥିଲେ, ଗୋପୀନାଥ କ୍ରିଏଟିଭ୍‌ଲି ଆଫେକ୍ଟେଡ୍ ମି... ସେମିତି ଡଃ ରାୟ ନିଜର ସର୍ଜନାରେ କେବଳ ଲେଖକକୁଳ କାହିଁକି, ଶିକ୍ଷାସମୃଦ୍ଧ ରାଜ୍ୟ କେରଳର ଘରେ ଘରେ ସୁପରିଚିତା । ଯେଉଁଥିପାଇଁ ସନ୍ଥମହିଳା ଓ ଦିବ୍ୟାତ୍ମା ମାତା ଶ୍ରୀମତୀ ଅମୃତାନନ୍ଦମୟୀ ପୁରସ୍କାର (କେରଳରୁ) ସେ ପ୍ରାପ୍ତ ହୋଇଛନ୍ତି । ପ୍ରଖ୍ୟାତ ସିନେ ତାରକା ଓ ଶାସ୍ତ୍ରୀୟକଳାର ଯଶସ୍ୱିନୀ ନୃତ୍ୟାଙ୍ଗନା ଅମ୍ଳାନସୁନ୍ଦରୀ ହେମାମାଳିନୀ ଡଃ ରାୟଙ୍କୁ ଅତିଥି ଆମନ୍ତ୍ରଣ ଦେଇ ଯାଜ୍ଞସେନୀର ନୃତ୍ୟରୂପ ଜାତୀୟସ୍ତରରେ ପରିବେଷଣ କରିଥିଲେ ।

ଭାରତୀୟ ଆର୍ଯ୍ୟଜୀବନର ପ୍ରତିନିଧି ଗୋବିନ୍ଦାଚାର୍ଯ୍ୟ ଡଃ ରାୟଙ୍କୁ ସ୍ୱଚକ୍ଷୁରେ ଦେଖିବା ପାଇଁ ଆସି 'ଆଖ୍ୟାୟିକା'ରେ ସୌଜନ୍ୟ ସାକ୍ଷାତ୍ କରି ଫେରିଯାଇଥିଲେ । ଜଗତ୍‌ସିଂହପୁର ଜିଲ୍ଲାର ଏଇ ଅଲିଭା ଦୁହିତା ଆଦି ଜାତୀୟସ୍ତରରେ ନିଜକୁ ପ୍ରଖ୍ୟାପିତ କରି ଓଡିଆ ଭାଷା ସାହିତ୍ୟକୁ ପୁନଃ ତେଜୀୟାନ୍ କରିପାରିଛନ୍ତି । ମନେପଡୁଛି, ମୁଁ ଥରେ କହିଥିଲି, ମ୍ୟାଡାମ୍ ଆପଣଙ୍କର ଅନାବନା ଚରିତ୍ରକୁ ନେଇ ଲଘୁ ନିବନ୍ଧଟିଏ ଲେଖନ୍ତି । ସେମିତି କୁହନି ଚିନ୍ମୟ ରଙ୍ଗ, ମୃଷି, ରାଣୀ ଏମାନେ ମୋର ବହୁମୂଲ୍ୟର ଚରିତ୍ର । ମୋ' ପାଇଁ ପରିଚୟ ଉପନ୍ୟାସର ମକ୍ଷି ଯାହା, ଅହଲ୍ୟା ବି ତାହା । ମୋ' ଚରିତ୍ରଗଣ ମୋର ବୈଭବ ।


କସ୍‌ମାକସ୍ ହିନ୍ଦୀ ଧାରାବାହିକରେ ତାଙ୍କର ଅବ୍ୟକ୍ତ ପ୍ରସାରିତ ହୋଇଥିଲା । ପ୍ରଫେସର ଗୋପାଲ ଦାସ ମୂର୍ତ୍ତିଦେବୀ ପୁରସ୍କାର ପରେ ତାଙ୍କୁ ସାକ୍ଷାତ୍‌କାର (ଇଂରାଜୀ, ହିନ୍ଦୀରେ) ଜାତୀୟ ଦୂରଦର୍ଶନରେ ପ୍ରସାରିତ ହୋଇଥିଲା । ପ୍ରଫେସର ଏମିରେଟ୍‌ସ୍ ମାନ୍ୟତା ପ୍ରାପ୍ତ ଆଦିବାସୀ ଭାଷାତତ୍ତ୍ୱର ଅନନ୍ୟ ପ୍ରାଜ୍ଞପୁରୁଷ ଡକ୍ଟର ଖଗେଶ୍ୱର ମହାପାତ୍ର ତାଙ୍କ ଉଦ୍ଦେଶ୍ୟରେ ମୁକ୍ତ କଣ୍ଠରେ କୁହନ୍ତି– ଆମ ପ୍ରତିଭା ରାୟଙ୍କ ପରି ଲେଖିକା କାହାନ୍ତି, ଯିଏ ଉପନ୍ୟାସ ବଣ୍ଡାଜୀବନ ଭିତ୍ତିକ ଆଦିଭୂମି ଲେଖନ୍ତି ତ ମଗ୍ନମାଟି, ଶିଳାପଦ୍ମ ଓ ଯାଜ୍ଞସେନୀ ଲେଖିପାରନ୍ତି । ସେ ଯାହାହେଉ, ଉତ୍କଳଭାରତୀଙ୍କର ସ୍ୱତନ୍ତ୍ର ଆଶିଷ ଲାଭ କରି ପ୍ରତିଭା ସମର୍ପିତ ଶିକ୍ଷକ ଶ୍ରୀ ପର୍ଶୁରାମ ଦାସଙ୍କର ଝିଅ । ସାହିତ୍ୟ ରୁଚି ସଂପନ୍ନ ଜନ୍ମଦାତ୍ରୀ ଶ୍ରୀମତୀ ମନୋରମା ତାଙ୍କ ମାମୁଁ ଦୁହିଁଙ୍କ ପରି (ଗୋପୀନାଥ, କାହ୍ନୁଚରଣ) ଲେଖିପାରିଲେ ବଡ ଲେଖିକା ହେବୁନା, ଏମିତି କହି ପ୍ରୋତ୍ସାହନ ଦେଉଥିଲେ । ୨୦୦୭ ମସିହାରେ ଆମରି ଭାଷାରେ ପ୍ରକାଶିତ ଜାତୀୟ ସାରବତ୍ତା ସମ୍ପନ୍ନ ପତ୍ରିକା କଥାକଥା କବିତାରେ ମୁଁ ଓଡିଆ ସାହିତ୍ୟର ମହାନାୟିକା ଆଖ୍ୟା ଦେଇ ଡଃ ରାୟଙ୍କୁ ଲେଖିଥିଲି । ବାପଘରୁ ନୁହେଁ କେବଳ, ଶାଶୁଘରୁ ମଧ୍ୟ ଦେଢଶୂର, ଯା'ଙ୍କର ପ୍ରୋତ୍ସାହନ କମ୍ ନଥିଲା । ସ୍ୱାମୀ ଇଂ. ଅକ୍ଷୟ ରାୟ ତାଙ୍କର ସାରସ୍ୱତ ଜୟଯାତ୍ରା ପାଇଁ ରଥ, ସାରଥି, ମଙ୍ଗଳମହୁରୀ ସବୁ ଯୋଗାଇ ଦେଇଥିଲେ । ଶ୍ରୀ ରାୟଙ୍କର ଭୂମିକା ପ୍ରତିଭାଙ୍କର ସାଫଲ୍ୟର ଏକ ଦିଗ ନିଶ୍ଚୟ ।

ସେ ଆମକୁ ସର୍ବମୋଟ ୫୦ଖଣ୍ଡ ପୁସ୍ତକ ଅର୍ପଣ କରିଛନ୍ତି । ତାଙ୍କର ଆଉ ଗୋଟିଏ ଅବଦାନ ସିନେମା ଜଗତ । ତାଙ୍କର କାହାଣୀରୁ କଳାତ୍ମକ ଛାୟାଛବି 'ମୋକ୍ଷ' ନିର୍ମିତ ହୋଇ ପୁରସ୍କାର ଲାଭ କରିଥିଲା । ନିଜର ପରିବାର ତରଫରୁ ପ୍ରଯୋଜିତ 'ଅପରିଚିତା' ସିନେମା (ଉପନ୍ୟାସରୁ ସୃଷ୍ଟି) ୧୯୮୦ ମସିହାରେ ମୁକ୍ତିଲାଭ କରି ସଫଳତା ଅର୍ଜନ କରିଥିଲା । ସେଇ ସିନେମାରେ ଭିକାରୀ ବଳଙ୍କ କଣ୍ଠରେ ଗୋଟିଏ ଗୀତ 'ଅଜଣା ଏଇ ନଈ... ଅଜଣା ଏଇ ନଈ' ଆଜିବି ତା'ର ଜନପ୍ରିୟତା ବଜାୟ ରଖିଛି । ସେଇ ଗୀତଟିର ଗୀତିକାର (ସ୍ୱୟଂ ଲେଖିକା) ଡକ୍ଟର ପ୍ରତିଭା ରାୟ । ଜାତୀୟସ୍ତରରେ ଆମେ ଆଜି ଶ୍ରୀମତୀ ରାୟଙ୍କର 'ଜ୍ଞାନପୀଠ' ପ୍ରାପ୍ତି ପାଇଁ ଯେତିକି ପୁଲକିତ, ସେତିକି ଗୌରବାନ୍ୱିତ । ସେ ଜାତୀୟ ସ୍ତର କାହିଁକି, ଆନ୍ତର୍ଜାତିକ ସ୍ତରରେ ମର୍ଯ୍ୟାଦା ଲାଭ କରନ୍ତୁ, କୋଟି ଓଡ଼ିଆର ଏଇ ୨୦୧୩ ମସିହା ନୂତନ ବର୍ଷରେ ଆନ୍ତରିକ ଶୁଭକାମନା ।

ମାର୍ଫତ: ଗଗନ ଚନ୍ଦ୍ର ରାୟ
ପୁରୁଣା ଭୁବନେଶ୍ୱର–୨

# ଫକୀର ମୋହନଙ୍କ ସୃଷ୍ଟି ସମ୍ଭାରରେ ସାମାଜିକ ବିବର୍ତ୍ତନର ଆହ୍ୱାନ

ରାମଚନ୍ଦ୍ର ଦାଶ



ଓଡ଼ିଆ କଥା ସାହିତ୍ୟର ଇତିହାସରେ ଫକୀର ମୋହନ ସେନାପତିଙ୍କର ଆବିର୍ଭାବ ଏକ ବିସ୍ମୟ । ୧୮୪୩ ମସିହା ଜାନୁଆରୀ ମାସ ମକର ସଂକ୍ରାନ୍ତି ଦିନ ଲକ୍ଷ୍ମଣ ଚରଣ ସେନାପତି ଓ ତୁଳସୀ ଦେବୀଙ୍କ କୋଳ ମଣ୍ଡନ କରି ଜନ୍ମ ହୁଅନ୍ତି ଅମର କଥାଶିଳ୍ପୀ ଫକୀର ମୋହନ ସେନାପତି । ବାଲ୍ୟ କାଳରୁ ପିତାମାତାଙ୍କୁ ହରାଇ ଶିଶୁ ଫକୀରମୋହନ ଚାକର ମା'କୋଚିଲା ଦେଈଙ୍କ ସ୍ନେହ ଓ ମମତାରେ ଲାଳିତ ହୋଇ ଓଡ଼ିଆ ସାହିତ୍ୟରେ ସୃଷ୍ଟି କରିଥିଲେ ବହୁ କାଳଜୟୀ ସାହିତ୍ୟ । ଫକୀର ମୋହନଙ୍କର ୧୮୬୮ ମସିହାରେ 'ବୋଧଦାୟିନୀ' ପତ୍ରିକାରେ ପ୍ରଥମେ ପ୍ରକାଶିତ 'ଲଛମନିଆ' ଗଳ୍ପ ଯଦି ଆବିଷ୍କୃତ ହୋଇପାରିଥାନ୍ତା, ତେବେ ଫକୀର ମୋହନ ଓଡ଼ିଆ ସାହିତ୍ୟ କାହିଁକି ସମଗ୍ର ଭାରତୀୟ ଗଳ୍ପ ସାହିତ୍ୟରେ ହୋଇପାରିଥାନ୍ତେ ପ୍ରଥମ ଗାଳ୍ପିକ । ୧୮୯୮ ଅକ୍ଟୋବର ମାସରେ 'ଉତ୍କଳ ସାହିତ୍ୟ' ମାସିକ ପତ୍ରିକା ପୃଷ୍ଠାରେ ପ୍ରକାଶିତ ତାଙ୍କର 'ରେବତୀ' ଗଳ୍ପ ଓଡ଼ିଆ କଥା ସାହିତ୍ୟରେ ପ୍ରଥମ ସାର୍ଥକ ଗଳ୍ପର ମାନ୍ୟତା ଦାବି କରେ । ୧୮୮୮ ମସିହାରେ ଉମେଶ ଚନ୍ଦ୍ର ସରକାରଙ୍କ ଦ୍ୱାରା ରଚିତ ଉପନ୍ୟାସ 'ପଦ୍ମମାଳୀ' ଓଡ଼ିଆ ସାହିତ୍ୟର ପ୍ରଥମ ଉପନ୍ୟାସ । କିନ୍ତୁ ଫକୀର ମୋହନଙ୍କ ଦ୍ୱାରା ୧୮୯୭ ମସିହାରେ ରଚିତ 'ଉତ୍କଳ ସାହିତ୍ୟ' ପତ୍ରିକାରେ ଧାରାବାହିକ ଭାବେ ପ୍ରକାଶିତ 'ଛ' ମାଣ ଆଠଗୁଣ୍ଠ' ଉପନ୍ୟାସ ହିଁ ଓଡ଼ିଆ ସାହିତ୍ୟର ସର୍ବଶ୍ରେଷ୍ଠ ଉପନ୍ୟାସ ଭାବରେ ପରିଚିତ ।

କଥାଶିଳ୍ପୀ ଫକୀର ମୋହନ ତାଙ୍କ ଜୀବନର ଶେଷ ଏକୋଇଶ (୧୮୯୭-୧୯୧୮)ବର୍ଷ ମଧ୍ୟରେ ୪ଖଣ୍ଡ ଉପନ୍ୟାସ ଓ ୨୦ଟି ଗଳ୍ପ ରଚନା କରି ସେସମୟରେ ଶିକ୍ଷିତ ଓଡ଼ିଆ ପାଠକ ମହଲରେ ଏକ ନୂତନ ପ୍ରେରଣା ସୃଷ୍ଟି କରିଥିଲେ । ଏହି କଥାଶିଳ୍ପୀ ଓଡ଼ିଆ ସାହିତ୍ୟରେ ବହୁ କ୍ରାନ୍ତିକାରୀ ଉପନ୍ୟାସ, ଗଳ୍ପ ଓ କବିତାମାନ ଲେଖି ଉତ୍କଳ ବାଣୀ ଭଣ୍ଡାରକୁ କରିଛନ୍ତି ମହିମାମଣ୍ଡିତ । ଓଡ଼ିଶାର ସାମାଜିକ, ରାଜନୈତିକ, ସାଂସ୍କୃତିକ ଓ ସର୍ବୋପରି

ସମସାମୟିକ ସମାଜ ଜୀବନର ବହୁ ବାସ୍ତବ ଚିତ୍ର ସହିତ ସମାଜ ସଂସ୍କାର, ନାରୀ ଶିକ୍ଷା ଓ ନାରୀ ସ୍ୱାଧୀନତା ପାଇଁ ଆହ୍ୱାନ, ନିଶା ବିରୋଧରେ ଆନ୍ଦୋଳନ, ପାଶ୍ଚାତ୍ୟ ଶିକ୍ଷାର ପ୍ରଭାବ ସମ୍ପର୍କରେ ଦୀର୍ଘ ଦୁଇଶତ ବର୍ଷର ଓଡ଼ିଶାର ସାମାଜିକ ଜୀବନର ଚଳନ୍ତି ଇତିହାସ ହିଁ ଫକୀର ମୋହନଙ୍କର କଥା ସାହିତ୍ୟ, ଦୀର୍ଘ ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟ ଦଶକଠାରୁ ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକ ପର୍ଯ୍ୟନ୍ତ ଓଡ଼ିଶାର ଜନଜୀବନର ବହୁ ଘଟଣା ବହୁଳ ଇତିହାସ ହିଁ ତାଙ୍କ ସାହିତ୍ୟ । ଶିକ୍ଷକତାରୁ ପ୍ରଶାସକ, ପ୍ରଶାସକରୁ ଜୀବନର ବହୁ ଘଟଣା ଅଭିଜ୍ଞତା ବିଜଡିତ ଇତିହାସ ଓ ସମାଜ ଜୀବନର ଅନୁଭୂତିରୁ ହିଁ ସୃଷ୍ଟି ତାଙ୍କର କଥା ସାହିତ୍ୟ । ପରାଧୀନ ଦେଶ, ପରାଧୀନ ଜାତି ଓ ଏକ ଅସଜଡା ସାହିତ୍ୟକୁ ଜାଣିବାକୁ ହେଲେ ଆମକୁ ଜାଣିବାକୁ ହେବ ସେହି କ୍ରାନ୍ତିକାରୀ କାଳଜୟୀ ଓଡ଼ିଆ ସାରସ୍ୱତ ଜଗତର ଶ୍ରେଷ୍ଠ କଥାକାର ଫକୀର ମୋହନଙ୍କ ସାହିତ୍ୟ ଜଗତକୁ ।

ଫକୀର ମୋହନଙ୍କ ସମ୍ପର୍କରେ ଆଲୋଚନା କରିବାକୁ ଗଲାବେଳେ ଆମ ସମ୍ମୁଖରେ ତାଙ୍କ ସାହିତ୍ୟରେ ସମାଜ ସଂସ୍କାର ଚିତ୍ରଟି ବିଶେଷ ଭାବରେ ଉଦ୍‌ଭାସିତ ହୁଏ । ସେଗୁଡିକ କେବଳ ସମସାମୟିକ ଶିକ୍ଷା, ସମାଜ, ସାହିତ୍ୟ ତଥା ବ୍ୟକ୍ତି ଜୀବନର ଏକ ନିରସ ହିସାବ ଫର୍ଦ୍ଦ ନୁହେଁ, ଅପରନ୍ତୁ ବର୍ଣ୍ଣନାଶୈଳୀ ଓ ଉପନ୍ୟାସ ସୁଲଭ କଳାତ୍ମକତାରେ ତାହା ରସୋତ୍ତୀର୍ଣ୍ଣ । ଫକୀର ମୋହନଙ୍କର ଦୃଷ୍ଟିକୋଣ ଥିଲା ଉଦାର ଓ ସଂସ୍କାରମୁଖୀ । ସେ କୌଣସି ନିର୍ଦ୍ଦିଷ୍ଟ ଧର୍ମ ବା ମତବାଦର ପ୍ରଚାରକ ନଥିଲେ କିମ୍ବା ରାଜା ରାମମୋହନ ରାୟଙ୍କ ଭଳି ପ୍ରତ୍ୟକ୍ଷ ସଂସ୍କାର କ୍ଷେତ୍ରକୁ ସେ ଓହ୍ଲାଇ ଆସିନଥିଲେ, ସେ ମୁଖ୍ୟତଃ ଥିଲେ ଜଣେ ସାରସ୍ୱତ ସାଧକ । ସାରସ୍ୱତ ବାଣୀ ମାଧ୍ୟମରେ ସେ ନିଜର ସଂସ୍କାରବାଦୀ ଦୃଷ୍ଟିକୋଣକୁ ଜନସମାଜ ସମ୍ମୁଖରେ ଉପସ୍ଥାପନ କରିଥିଲେ କୁସଂସ୍କାର, ଅନ୍ଧବିଶ୍ୱାସ, ପୁରୋହିତବାଦ ଏବଂ ମୌଳିକତା ବିରୋଧରେ । ଏକ ପରୋକ୍ଷ ସଂଗ୍ରାମୀର ଭୂମିକା ନେଇ ଲେଖନୀ ଚାଳନା କରିଥିଲେ ।

ବ୍ରାହ୍ମଣ ପୁରୋହିତ, ଭଣ୍ଡ ସନ୍ନ୍ୟାସୀ ଓ ଅନ୍ଧ ଶାସ୍ତ୍ରବିଦ୍ ପ୍ରଭୃତିଙ୍କୁ ସେ ଖାଲି ନିନ୍ଦା କରିନାହାନ୍ତି, ବରଂ ନିଜର ସ୍ୱଭାବ ସୁଲଭ ବ୍ୟଙ୍ଗୋକ୍ତି ଜରିଆରେ ସେମାନଙ୍କୁ ସମାଲୋଚନା କରିଛନ୍ତି । ସେମାନଙ୍କର ଚରିତ୍ର ଓ ସ୍ୱଭାବ ସମ୍ପର୍କରେ ବ୍ୟଙ୍ଗ କରି ସେ 'ଛ'ମାଣ ଆଠଗୁଣ୍ଠ' ଉପନ୍ୟାସରେ ଲେଖିଛନ୍ତି– 'ଶୁଣ ପରୀକ୍ଷ ନରନାଥ/ତାମ୍ବଡା ଶୁଖୁଆ ପଖାଳ ଭାତ/ଶ୍ରୀ ଅକ୍ଷର ବିବର୍ଜିତ । ଚିତା ପଇତାଦି ଶୋଭିତ/ବିଲ ବାଛିବାକୁ ଆଗ/ଦହି ଚୁଡାକୁ ବାଘ/ସନ୍ଧ୍ୟା– ଗାୟତ୍ରୀହୀନ/ ବିଲରୁ ଚିପନ୍ତି ମୀନ/ପୋଥିରୁ ନଫିଟେ ଡୋରୀ/ ଯଜମାନ ଚାଉଳଚୋରି/ ସଭାରେ ନଫିଟେ ପାଟି/ ନାମଟି ସୁନ୍ଦର ତ୍ରିପାଠୀ ।

ଏହାସତ୍ତ୍ୱେ ବ୍ରାହ୍ମଣ, ପଣ୍ଡିତ, ସାଧୁ ସନ୍ଥଙ୍କ ପ୍ରତି ତାଙ୍କର ସମ୍ମାନ ଅତୁଟ ଥିଲା । ଉକ୍ତ ଉପନ୍ୟାସରେ ସେ ନିଜର ମନୋଭାବକୁ ସ୍ପଷ୍ଟ କରିଦେବାକୁ ଯାଇ ଲେଖିଛନ୍ତି– 'ହିନ୍ଦୁ ହୋଇଥିଲେ ବେଦବେଦାନ୍ତେ, ହିନ୍ଦୁ ଶାସ୍ତ୍ର ଅବଶ୍ୟ ମାନ୍ୟ କରିବେ । ଶାସ୍ତ୍ରରେ ଅଛି, 'ସମୋଦ ମସ୍ତପଃ ଶୌଚଂ ସନ୍ତୋଷଂ କ୍ଷାନ୍ତିଗାର୍ଜିବାଂ ମଦ୍ ଭକ୍ତିଶ୍ଚ ଦୟା ସତ୍ୟ ବ୍ରହ୍ମ ପ୍ରକୃତିୟ ସ୍ତିମାଃ'– ଏହା ସମସ୍ତ ବ୍ରହ୍ମତତ୍ତ୍ୱର ଲକ୍ଷଣ । ସେହି ବ୍ରାହ୍ମଣ ପୂଜନୀୟ, ବରଣୀୟ, ଭକ୍ତିର ଯୋଗ୍ୟ । ଏପରି ବ୍ରାହ୍ମଣଙ୍କ ପଦଧୂଳି ଆମ୍ଭେମାନେ ଧାରଣ କରିବାକୁ ଶତବାର ପ୍ରସ୍ତୁତ ।

ଚାରିତ୍ରିକ ଶୁଦ୍ଧତା ପାଇଁ ଆହ୍ୱାନ

ଫକୀର ମୋହନଙ୍କ ସମୟରେ ଆଧୁନିକ ଇଂରାଜୀ ଶିକ୍ଷାର ପ୍ରଭାବ ଯୋଗୁଁ ଯୁବକମାନଙ୍କଠାରେ ନୈତିକ ସ୍ଖଳନର ପର୍ଯ୍ୟାୟ ଆରମ୍ଭ ହୋଇଯାଇଥିଲା । ଫଳରେ ଯୁବକମାନଙ୍କଠାରେ ଔଦ୍ଧତ୍ୟ, ଅବାଧ୍ୟତା ଏବଂ ନୀତିହୀନତା ଇତ୍ୟାଦି ପ୍ରବେଶ କରିଥିବାର ଅଭିଯୋଗ କରି ବୟସ୍କମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । ଛାତ୍ର ଓ ଯୁବକମାନଙ୍କର ବେଶଭୂଷା ଓ ବାହ୍ୟାଚାରରେ ଏଭଳି କେତେକ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା । ଯାହାକୁ ତତ୍କାଳୀନ ରକ୍ଷଣଶୀଳ ସମାଜ ଓ ବ୍ୟକ୍ତିମାନେ ପସନ୍ଦ କରିନଥିଲେ । ମାମୁଁ ଉପନ୍ୟାସ ବର୍ଣ୍ଣନା ଇଂରେଜ ପଢୁଆ ଯୁବକ ନଟବରର ଚରିତ୍ରଟି ସମ୍ପୂର୍ଣ୍ଣ ରୂପେ ଏହାର ଏକ ପ୍ରତିଫଳନ ଅଟେ । ଲେଖକଙ୍କ ଭାଷାରେ 'ନଟବର ବର୍ତ୍ତମାନ ପିଲାଟିଏ ନୁହଁନ୍ତି, ମୁଣ୍ଡକୁ ହାତ ପାଇଗଲାଣି । ସଞ୍ଜ ବାଜିଲା ତ ସେ ବଜାର ବୁଲି

ବାହାରିଲେ । ଦିନେ ଦିନେ ବସାକୁ ଫେରିବାକୁ ରାତି ଢେର ହୋଇଯାଏ । ଦାସେ ଦିକିଦାର ହୋଇ କିଛି କହିଲେ ମୁହେଁ ମୁହେଁ ଠୋ-ଠୋ ଜବାବ ଦେଇ ବସନ୍ତି । ବାପର ନିତାନ୍ତ ଅବାଧ, କାମ ପାଇଟି ଭଲ ମନ୍ଦରେ କିଛି କଥା କହିଲେ ମୁହଁ ମୋଡିଦେଇ ଚାଲିଯାଆନ୍ତି । ଦାସେ ପୁଅ ଚରିତ୍ରରେ ଏମନ୍ତ କିଛି କଥା ଦେଖିଲେଣି ତାହାକୁ ଅବିବାହିତ ଅବସ୍ଥାରେ ରଖିବା ଏଣିକି ନିରାପଦ କଥା ନୁହେଁ ।

ଫକୀର ମୋହନଙ୍କ ଅଧିକାଂଶ ଗଳ୍ପ ଉପନ୍ୟାସରେ ସମସାମୟିକ କାଳର ନୈତିକ ଓ ସାମାଜିକ ଅବକ୍ଷୟର ଏକ ସମାଲୋଚନାତ୍ମକ ଚିତ୍ର ସୁନ୍ଦର ଭାବରେ ପ୍ରଦତ୍ତ ହୋଇଛି । ବର୍ତ୍ତମାନ କାଳରେ ସମାଜରେ ଯେଉଁଭଳି ଅନ୍ୟାୟ, ଅନୀତି, ବ୍ୟଭିଚାର ଓ ଚାରିତ୍ରିକ ସ୍ଖଳନ ଇତ୍ୟାଦି ବ୍ୟାପକ ଭାବେ ଦେଖାଦେଇଛି, ତାହା ଜୀବନର ଏକ ସହଜ ଓ ସ୍ୱାଭାବିକ ଧାରାରେ ପରିଣତ ହୋଇଛି, ଆଲୋଚ୍ୟ କାଳରେ ଅବଶ୍ୟ ତାହା ଏତେ ପ୍ରବଳ ନଥିଲା । ତଥାପି ସଦ୍ୟାଗତ ଇଂରାଜୀ ଶିକ୍ଷା ସଭ୍ୟତାର ବିଷମୟ ଫଳ ପ୍ରତି ଲୋକେ ଅତ୍ୟନ୍ତ ସତର୍କ ଓ ସଚେତନ ଥିବାରୁ ତା ବିରୋଧରେ ବିଭିନ୍ନ ସ୍ତରରେ ସ୍ୱର ଉତ୍ତୋଳନ କରାଯାଇଥିଲା । ଡାକ ମୁନ୍‌ସୀ, ସଭ୍ୟ ଜମିଦାର, ପେଟେଣ୍ଟ ମେଡିସିନ୍ ପ୍ରଭୃତି ଗଳ୍ପ ଏହାର ପ୍ରକୃଷ୍ଟ ଉଦାହରଣ ।

### କନ୍ୟାସୁନା ଓ ବୃଦ୍ଧ ବିବାହକୁ ନିନ୍ଦା

କନ୍ୟା ବିକ୍ରୟ, ବୃଦ୍ଧ ବିବାହ ତତ୍‌ସହିତ ବିଧବା ବିବାହର ଅସ୍ୱୀକୃତି ସେତେବେଳେ ଥିଲା ସମାଜର ଏକ ବଡ କଳଙ୍କ । ବିଧବା ବିବାହକୁ ରକ୍ଷଣଶୀଳ ସମାଜ ପ୍ରବଳ ଭାବରେ ବିରୋଧ କରୁଥିଲା । ଏଭଳି ଘୃଣ୍ୟ ଅବିଚାରକୁ ମିଶନାରୀ ତଥା ସଂସ୍କାର ପ୍ରେମୀ ବ୍ୟକ୍ତିମାନେ ନିନ୍ଦା କରୁଥିଲେ । ଫକୀର ମୋହନଙ୍କ ଯୁଗରେ ଜଣେ ଅପ୍ରାପ୍ତ ବୟସ୍କ ବାଳିକା କନ୍ୟା ସହିତ କନ୍ୟା ସୁନା ଲୋଭରେ ଜଣେ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତିଙ୍କୁ ବିବାହ ଦିଆଯିବା ଘଟଣା ପ୍ରତି ସମାଜ ନୀରବଦ୍ରଷ୍ଟା ହୋଇ ରହିଥିବା ବେଳେ ଶାସ୍ତ୍ରର ଦ୍ୱାହି ଦେଇ ବିଧବା ବିବାହକୁ ନାମଞ୍ଜୁର କରିବାରେ କୁଣ୍ଠିତ ନଥିଲା । ଫଳରେ ସଂସାର ପ୍ରତି ଅନଭିଜ୍ଞ ଅପ୍ରାପ୍ତ ବୟସ୍କା ବାଳିକାଟି ସଂସାରର ସୁଖ ସମ୍ପର୍କରେ ଜାଣିବା ପୂର୍ବରୁ ଅକାଳରେ ବୃଦ୍ଧ ସ୍ୱାମୀକୁ ହରାଇ ବୈଧବ୍ୟ ଯନ୍ତ୍ରଣାରେ ଛଟପଟ ହେବା ଏବଂ ପୁନରାୟ ବିବାହ ପାଇଁ ସମାଜ ଅନୁମତି ନ ଦେବା, ଏଭଳି ନିଷ୍ଠୁର ଓ ନିର୍ମମ ବ୍ୟବହାର ଦେଖି ଫକୀରମୋହନ ଅତ୍ୟନ୍ତ ମର୍ମାହତ ହୋଇପଡିଥିଲେ । ନୈରାଶ୍ୟ ଜର୍ଜରିତ ହୃଦୟରେ ସେ ଲେଖିଥିଲେ- 'ରାଣ୍ଡଝିଅ ପଛେ ବେଶ୍ୟା ହୋଇଯାଉ ତାହାକୁ ନଦେବା ବିଭା' । 'ରାମ ରଥ କଥା' ଓ 'ଚନ୍ଦ୍ର ପ୍ରଭାର ନିର୍ଜଳା ଏକାଦଶୀ' କବିତା ଦୁଇଟି ଏବଂ 'ମାଧ ମହାନ୍ତିଙ୍କ କନ୍ୟା ସୁନା' ଗପଟି ହେଉଛି ଏହାର ସାର୍ଥକ ପରିଚୟ । ଆଠ ବର୍ଷ ବୟସର ନିରୀହା କନ୍ୟା ଚନ୍ଦ୍ରପ୍ରଭା ଷାଠିଏ ବର୍ଷ ବୟସ୍କ ରାମ ରଥଙ୍କୁ ବିବାହ କରି ମାତ୍ର ବର୍ଷକ ପରେ ଅକାଳ ବୈଧବ୍ୟ ବରଣ କରିଛି । ତା' ପ୍ରତି ସମାଜର ନିର୍ଦ୍ଦେଶ ହେଉଛି-

''ଆଜିଠାରୁ ଚନ୍ଦ୍ର ପ୍ରଭା କରିବ ହବିଷ୍ୟ
ନଖାଇବ ଭଲ ଭଲ ଦ୍ରବ୍ୟ ବା ଆମିଷ
ନପିନ୍ଧିବ ଭଲ ଲୁଗା ନଖାଇବ ପାନ
ଏହିପରି ଅଛି ପରା ଶାସ୍ତ୍ରର ବିଧାନ ।
ନିର୍ଜଳା ରହିବ ଏକାଦଶୀ ଦିବସରେ
ମୁନିମାନେ ଲେଖିଯାଇ ଅଛନ୍ତି ଶାସ୍ତ୍ରରେ ।''

ସଂସ୍କାରବାଦୀ ଫକୀର ମୋହନ ତାଙ୍କ କବିତାରେ କ୍ରୋଧ ଜର୍ଜରିତ ପ୍ରାଣରେ କହିଛନ୍ତି-

'ସମାଜ କରୁଅଛି ଯେଉଁ ଅତ୍ୟାଚାର
ନିଶ୍ଚୟ ହେବଟି ପରଲୋକରେ ବିଚାର
ଦିବାନିଶି ଜଗିଛନ୍ତି ଧର୍ମଦଣ୍ଡ ଧରି ।
ଯେ କଷ୍ଟଟା ହେଉଛି ନିର୍ଦ୍ଦୋଷୀ କନ୍ୟାକୁ
ନିଶ୍ଚୟ ନିଶ୍ଚୟ ହେବ ଫଳ ଭୁଞ୍ଜିବାକୁ ।'

### ନାରୀଶିକ୍ଷା ଓ ନାରୀ ସ୍ୱାଧୀନତା ପାଇଁ ଆହ୍ୱାନ

ନାରୀ ଶିକ୍ଷା ଓ ନାରୀ ସ୍ୱାଧୀନତା ପ୍ରତି ଫକୀର ମୋହନଙ୍କର ଯେତିକି ଆଗ୍ରହ ଥିଲା, ନାରୀ ଚରିତ୍ର ଶୁଦ୍ଧତା ଓ ପବିତ୍ରତା ପ୍ରତି ତାଙ୍କର ସେତିକି ସମ୍ମାନ ଥିଲା । 'ସତୀତୀର୍ଥ' କବିତାରେ ସେ ଜଣେ ସତୀ ନାରୀଙ୍କୁ ଗୋଲକ

ବୈକୁଣ୍ଠର ଉର୍ଦ୍ଧ୍ୱର ଧ୍ରୁବଲୋକରେ ସ୍ଥାନ ଦେଇଥିବା ସ୍ଥଳେ 'ବାର ବିଳାସିନୀ' କବିତାରେ ଜଣେ ପତିତା ହିନ୍ଦୁ ନାରୀଙ୍କୁ ତିରସ୍କାର କରିଛନ୍ତି । ଊନବିଂଶ ଶତାବ୍ଦୀର ନବଜାଗରଣ ତଥା ସଂସ୍କାରମୁଖୀ ଆନ୍ଦୋଳନରେ ନାରୀ ଶିକ୍ଷା ଏକ ପ୍ରଧାନ ସ୍ଥାନ ଗ୍ରହଣ କରିଥିଲା । ନାରୀ ଶିକ୍ଷାର ପ୍ରସାର ଘଟିଲେ ସମାଜର ବହୁ କୁସଂସ୍କାର ଓ ଅନ୍ଧ ବିଶ୍ୱାସ ଦୂରେଇ ଯିବ ବୋଲି ବିଶ୍ୱାସ କରାଯାଉଥିଲା । ଏହି ପରିପ୍ରେକ୍ଷୀରେ ଫକୀର ମୋହନ ବାଲେଶ୍ୱରରେ ଏକ ବାଳିକା ବିଦ୍ୟାଳୟ ସ୍ଥାପନ କରିଥିଲେ । ଏହା ତାଙ୍କ ପାଇଁ ସେତେବେଳେ ଥିଲା ଏକ ଦୁଃସାହସିକ ପଦକ୍ଷେପ । ତାଙ୍କର 'ରେବତୀ' ଗଳ୍ପଟି ଥିଲା ତତ୍କାଳୀନ ସମାଜର ଅନ୍ଧବିଶ୍ୱାସ ଓ କୁସଂସ୍କାରର ଏକ ନିଖୁଣ ପ୍ରତିରୂପ । 'ରେବତୀ' ପାଠ ପଢିଛି । ତା'ର ବଂଶ ନାଶ ହୋଇଛି । ଏଠି 'ବୁଢୀମା' କେବଳ 'ବୁଢୀମା' ନୁହେଁ, ପ୍ରକାରାନ୍ତରେ ଯୁଗ ଯୁଗର ସଂଚିତ କୁସଂସ୍କାରହିଁ ବୁଢୀମା' ରୂପରେ ଗଳ୍ପରେ ପ୍ରକାଶିତ ହୋଇଛି ।

ନାରୀ ଶିକ୍ଷା ଓ ନାରୀ ସ୍ୱାଧୀନତା ସପକ୍ଷରେ ତାଙ୍କର ମନୋଭାବ ସୁସ୍ପଷ୍ଟ ଥିଲା । 'ମାମୁଁ' ଉପନ୍ୟାସରେ ବିଧବା ଚାନ୍ଦମଣୀକୁ ନିଜକ୍ଷେଟ୍ର ମହାର୍ଫିଜ୍ ଭାବରେ ନିଯୁକ୍ତ କରାଯିବା ପ୍ରସ୍ତାବକୁ ସମର୍ଥନ କରି ମେମ୍ ସାହେବ ତାଙ୍କ ସ୍ୱାମୀ ମାଜିଷ୍ଟ୍ରେଟ୍ ଡସନ୍‌ଙ୍କୁ ଯାହା କହିଛନ୍ତି ତାହା ପ୍ରଣିଧାନଯୋଗ୍ୟ ।

ପାରମ୍ପରିକ କୁଳ ମର୍ଯ୍ୟାଦା ରକ୍ଷା ନାମରେ ନବ ବିବାହିତା ବଧୂକୁ କୁସଂସ୍କାର ଶିକ୍ଷା ଦେଉଥିବା ଦାସୀ ପଦୀକୁ ହୁରୁଡାଇବା ନିମନ୍ତେ ସେ ଗାରୁଡ ମନ୍ତ୍ରର ଆଶ୍ରୟ ନେଇଛନ୍ତି । ଶିଧାହାନୀ, କୁସଂସ୍କାରତସ୍ମା, ଗୃହକୋଣ ଅନ୍ଧକାର ବାସିନୀ ଓଡ଼ିଆ ନାରୀର ଦୁରବସ୍ଥା ପ୍ରତି ସହାନୁଭୂତି ପ୍ରକାଶ କରିବାକୁ ଯାଇ 'ଗାରୁଡ ମନ୍ତ୍ର'ରେ ମଦନ ତୁଣ୍ଡରେ ଲେଖକ ପ୍ରକାଶ କରିଛନ୍ତି –

'କୁଜି ପରି ନଇଁ ନଇଁ ଗୋଡଟିପି ଗମଣା
ମୁଖ ଚନ୍ଦ୍ର ଆବୃତ, ହାତେ ଲମ୍ବା ଓଢଣୀ,
ଚୁ-ଚୁ-କଥା କହେ ହାଉଡୀ ସମାନା
ଘର କୋଣ ବାସୀନୀ, ବିରସ ବଦନା,
ମାର୍ଜାର ଶିଶୁପରି ମୁଦ୍ରିତ ନେତା
ତୈଳ ହରିଦ୍ରା ବେଲେପିତ ଗାତ୍ରା ।'

କଲେଜ ପଢୁଆ ମଦନ ଦୁଃଖ ପ୍ରକାଶ କରି ପୁଣି କହିଛି, 'ହାୟ ହାୟ ଦରଫୁଟିଲା ପଦ୍ମଟିକୁ ବେରଝାଞ୍ଜିରେ ଘୋଡାଇ ପକାନ୍ତି । ଦେଶର କି କୁପ୍ରଥା କି କୁସଂସ୍କାର ! ଛି ଛି ଛି !' ଏହା ବୋଉଙ୍କୁ ଫକୀର ମୋହନଙ୍କର ଅନ୍ତରର ବାଣୀ, ଅନ୍ତରର ବେଦନା ।

ନିଶା ବିରୋଧରେ ଚେତାବନୀ

ତତ୍କାଳୀନ ସମୟରେ ସମାଜର ଧନୀ, ଜମିଦାର ଓ ସମ୍ଭ୍ରାନ୍ତ ବର୍ଗର ବ୍ୟକ୍ତିମାନଙ୍କଠାରେ, ତାସ୍, ଶତରଞ୍ଜି, ମଦ୍ୟ ଚରସ୍ ଓ ବାଇନାଚ ଇତ୍ୟାଦିର ପ୍ରବଳ ପ୍ରଚଳନ ଥିଲା । ମଦ୍ୟପାନଟା ବିଶେଷତଃ ବଙ୍ଗାଳୀ ବାବୁମାନଙ୍କଠାରୁ ସେତେବେଳେ ଓଡ଼ିଶାରେ ପ୍ରବେଶ କରିଥିଲା । ଫକୀର ମୋହନ ତାଙ୍କ ଗଳ୍ପ ଓ ଉପନ୍ୟାସରେ ମଦ ଗଞ୍ଜାର ବିଷମୟ ପରିଣତି ସମ୍ପର୍କରେ ଜନସାଧାରଣଙ୍କୁ ସତର୍କ କରାଇ ଦେଇଛନ୍ତି । 'ପେଟେଣ୍ଟ ମେଡିସିନ୍' ଗପଟି ହେଉଛି ଏହାର ଉତ୍କୃଷ୍ଟ ନମୁନା । ମଦ୍ୟାସକ୍ତ ଚନ୍ଦ୍ରମଣି ବାବୁ ସତ୍‌ପଥକୁ ଫେରିଆସିବା ପରେ ମଦପାଣି ଏଣିକି ବିଷ୍ଠା ବୋଲି କହି ତାହାକୁ ଆଉ ସ୍ପର୍ଶ ନକରିବାକୁ ଶପଥ କରିଛନ୍ତି ।

ତାସ୍, ପଶା, ମଦ ଓ ଗଞ୍ଜା ସହିତ ଅବସ୍ଥାପନ୍ନ ଧନାଢ୍ୟ ବ୍ୟକ୍ତି ବା ଜମିଦାରମାନଙ୍କ ମହଲରେ ବାଇନାଚ ଓ ଉପପତ୍ନୀ ଗ୍ରହଣ ଥିଲା ସେତେବେଳେ ଏକ ଅକୁଣ୍ଠିତ ଅଭ୍ୟାସ । 'ମାମୁଁ' ଉପନ୍ୟାସରେ ନାଜର ନଟବର ଦାସ ଉପପତ୍ନୀ ଗ୍ରହଣ ଦୋଷରୁ ଚରମ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇ ଅନୁତାପ କରିଛନ୍ତି । 'ଛ'ମାଣ ଆଠଗୁଣ୍ଠ' ଉପନ୍ୟାସରେ ଦାସୀ ଚମ୍ପା ସହିତ ରାମଚନ୍ଦ୍ର ମଙ୍ଗରାଜଙ୍କର ସମ୍ପର୍କ ସନ୍ଦେହ ମୁକ୍ତ ନୁହେଁ । ସେହିଁ ତାଙ୍କର ସର୍ବନାଶର ଦିଗକୁ ବାଟ କଢାଇ ନେଇଛି । ମାମୁଁ' ଉପନ୍ୟାସରେ ବର୍ଣ୍ଣିତ ଯୁଗଳ କିଶୋରଙ୍କର ମନ୍ଦିରରେ ହରିହାଟ, ନାମ ସଂକୀର୍ତ୍ତନ, ବୈଷ୍ଣବ ସେବା ଓ ଭୋଜି ଆଦିର ଯେଉଁ ଏକ ଆମୋଦର ଚିତ୍ର ପ୍ରଦାନ

କରାଯାଇଛି, ସଂସ୍କାରଲିପ୍ସୁ ଫକୀର ମୋହନ ଏସବୁ ଶଠାଚାରକୁ ପସନ୍ଦ କରିନାହାଁନ୍ତି ।

ଗଠନମୂଳକ କାର୍ଯ୍ୟର ଅଧିନାୟକ

ଫକୀର ମୋହନ କେବଳ ଜଣେ ସାହିତ୍ୟ ସାଧକ ବା ଗଡଜାତ ରାଜ୍ୟର ଦେଓ୍ୱାନ ଭାବରେ ଜଣେ ଦକ୍ଷ ପ୍ରଶାସକ ନଥିଲେ, ସେ ଥିଲେ ଅନେକଗୁଡିଏ ଅନୁଷ୍ଠାନର ଅଗ୍ରନାୟକ । ସେ କେବଳ ନାରୀ ଶିକ୍ଷାର ପ୍ରସାର ପାଇଁ ବାଲେଶ୍ୱରରେ ବାଳିକା ବିଦ୍ୟାଳୟଟିଏ ପ୍ରତିଷ୍ଠା କରିବା ସହିତ ପ୍ରଥମେ ଛାପାଖାନା ପ୍ରତିଷ୍ଠା କରିନଥିଲେ, ନୀଳଗିରିର ଦେବାନ ଥିବା ସମୟରେ ବ୍ରାହ୍ମଣ ପିଲାମାନଙ୍କର ସଂସ୍କୃତ ଶିକ୍ଷା ନିମିତ୍ତ ସରକାରୀ ବ୍ୟୟରେ ଏକ ସଂସ୍କୃତ ଟୋଲ୍ ସହିତ ଏକ ସାପ୍ତାହିକ ହାଟ ବସାଇଥିଲେ । ନୀଳଗିରିରେ ରାସ୍ତାଘାଟ ଓ ବନ୍ଧ ବାଡ ନିର୍ମାଣ ସହିତ ପ୍ରଥମ କରି କୋବି ଚାଷ, ଚା ଚାଷ ସହିତ ଛତୁ ବଗିଚା କରି ରେଶମ ଚାଷ କରିବା ତାଙ୍କ ଜୀବନର ମହତ କାମ ମଧ୍ୟରୁ ଅନ୍ୟତମ । ଗୋଟିଏ ସଂସ୍କାରବାଦୀ ଦୃଷ୍ଟିକୋଣ ନେଇ ସେ ସମାଜକୁ ପୋଷ୍ଟମର୍ଟମ କରିଥିଲେ । 'ନନାଙ୍କ ପାଞ୍ଜି' ଶୀର୍ଷକ ରମ୍ୟ ରଚନାରେ ସେ ଲେଖିଥିଲେ–'ହିନ୍ଦୁ ସମାଜ' ଏପର୍ଯ୍ୟନ୍ତ ଶୁକୁ ଶୁକୁ ହେଉଅଛି । ଜୀବନ ଥାଉଁ ଥାଉଁ ସଂସ୍କାର ନିଷିଦ୍ଧ । ଏହା ଥିଲା କୁସଂସ୍କାର ଗ୍ରନ୍ଥ ରକ୍ଷଣଶୀଳମାନଙ୍କ ପ୍ରତି ତାଙ୍କର ଏକ ଆକ୍ଷେପୋକ୍ତି । ଆଜି ଏକବିଂଶ ଶତାବ୍ଦୀର ପ୍ରାରମ୍ଭରେ ବିଶେଷକରି ଅତୀତକୁ ଦୃଷ୍ଟି ଫେରାଇଲେ ମନେହୁଏ ଫକୀର ମୋହନ ଥିଲେ ସେ ଯୁଗର ଜଣେ ଅଗ୍ରଗାମୀ ଚିନ୍ତାଶୀଳ ଜନନାୟକ । ଜୀବନର ଶତ ଦୁଃଖ ଓ ଗ୍ଲାନି ଭିତର ଦେଇ ସେ ଏକ ନୂତନ ସମାଜର ସ୍ୱପ୍ନ ଦେଖୁଥିଲେ । କୁସଂସ୍କାର ଓ ଅନ୍ଧ ବିଶ୍ୱାସ ବିରୋଧରେ ସେ ସ୍ୱର ଉତ୍ତୋଳନ କରି ସମାଜକୁ ଏକ ଯଥାର୍ଥ ମାର୍ଗରେ ପରିଚାଳିତ କରିଥିଲେ । ଆଜି ସେଇଭଳି ଏକ ନିର୍ଭୀକ ବ୍ୟକ୍ତିତ୍ୱ ଓ ବଳିଷ୍ଠ ବାବୁଙ୍କର ପ୍ରୟୋଜନ ଅଛି ବୋଲି ମନେହୁଏ ।

ସାରସ୍ୱତ ଭବନ
ଅକରପଡା, ନଳୀପୁର
ବାଲିଚନ୍ଦ୍ରପୁର, ମାହାଙ୍ଗା, କଟକ–୭୫୪୨୦୫

# ଜାନୁଆରୀ ଛବିଶି

**ଗଣେଶ ଚନ୍ଦ୍ର ଦାଶ**

ଉଣେଇଶ ପଚାଶ ଜାନୁଆରୀ,
ଛବିଶି ତ ମନେ ପଡେ ସବୁରି ।
ଏହି ଦିନ ଆମ ପାଇଁ ପବିତ୍ର,
ଭାରତ ହେଲା ସାଧାରଣ ତନ୍ତ୍ର ।
ଦେଶ ସମ୍ବିଧାନ ପ୍ରଣୀତ ହେଲା,
ସାର୍ବଭୌମ ରାଷ୍ଟ୍ରେ ସ୍ଥାନ ପାଇଲା ।
ଜାତୀୟ ଦିବସ ରୂପେ ପରିଗଣିତ,
ଦେଶବାସୀଙ୍କ ପାଇଁ ଅତି ପବିତ୍ର ।
ଜାତୀୟ ପତାକାର ତ୍ରିରଙ୍ଗ,
ଭାରତୀୟମାନଙ୍କର ଏ ଗର୍ବ ।
ହିମାଳୟରୁ କୁମାରିକା ଯାଏ,
ଆଡମ୍ବର ସହ ପାଳିତ ହୁଏ ।
ଇଣ୍ଡିଆ ଗେଟ ପ୍ରାନ୍ତରରେ,
ରାଷ୍ଟ୍ରପତିଙ୍କୁ ସୈନ୍ୟ ଅଭିବାଦନରେ ।
ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ,
ଉଦ୍‌ବୁଦ୍ଧ ହୋନ୍ତି ଦେଶ ପ୍ରେମରେ ।
ଆସ ଆମେ ସବୁ ଶପଥ ନେବା,
ଦେଶ ଉନ୍ନତିରେ କାମ କରିବା ।

କ୍ୱାର୍ଟର ନଂ–ଇ–୨୨
ୟୁନିଟ୍–୭, ଭୁବନେଶ୍ୱର–୭୫୧୦୦୩

# ସ୍ୱାଧୀନତାର ସ୍ୱତନ୍ତ୍ର ଅଧ୍ୟାୟ: ସୁଭାଷ

ଡକ୍ଟର ଶରତ ଚନ୍ଦ୍ର ପରିଡ଼ା

ସୁଭାଷ ଚନ୍ଦ୍ର ବୋଷ ଥିଲେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ମହାକ୍ଷତ୍ରିୟ । ମାତୃଭୂମି ମୁକ୍ତି ସଂଘର୍ଷର ଦୁର୍ଦ୍ଧର୍ଷ ବୀର । ଅନୁପମ କର୍ଣ୍ଣଧାର । ତାଙ୍କର ବ୍ୟକ୍ତିତ୍ୱ ଥିଲା ଦୁଃସାହସିକତାରେ ପରିପୂର୍ଣ୍ଣ । ସଂକଳ୍ପ ଥିଲା ଦୃଢ଼ । ସହନଶୀଳତା ଥିଲା ଅପୂର୍ବ । ମାତୃଭୂମି ପ୍ରତି ତାଙ୍କର ପ୍ରୀତି ଅଫୁରନ୍ତା, ସେଥିଲେ ଆଜନ୍ମ ବ୍ରହ୍ମଚାରୀ । ଅପୂର୍ବ ଧୀଶକ୍ତିମାନ ଓ ଅତୁଳନୀୟ ତ୍ୟାଗୀ । ସେ ଥିଲେ ବାସ୍ତବବାଦୀ, ପ୍ରଚଣ୍ଡ ବାଗ୍ମୀ । ତାଙ୍କର ଶାଣିତ ଦୂରଦୃଷ୍ଟି ଓ ଅଭ୍ରାନ୍ତ ପୁରୋଦୃଷ୍ଟି ଏ ବିଶାଳ ବିଶ୍ୱରେ କାହାକୁ ଅଜଣା । ସେହି ମହାମହିମ ତୁଙ୍ଗ ନେତା ଥିଲେ ବ୍ରିଟିଶ ସରକାର ପାଇଁ ଏକ ଆତଙ୍କ, ଏକ ବିପଜ୍ଜନକ ବ୍ୟକ୍ତି । ତାଙ୍କର ଷଣ୍ଢଆସୀ ଆକ୍ରମଣରେ ବ୍ରିଟିଶ ସରକାର ଥରହର ହୋଇ ପଡିଥିଲା ଓ ଦେଶ ଛାଡିବା ନିମନ୍ତେ ନିଷ୍ପତ୍ତି ନେବାକୁ ବାଧ ହୋଇଥିଲା । ମୁକ୍ତ ଚିନ୍ତନ ଓ ବିଶ୍ୱ ରାଜନୈତିକ ଦୃଶ୍ୟପଟ ଅନୁଶୀଳନ କରିବାର ବିଚକ୍ଷଣ ପ୍ରତିଭା ତାଙ୍କର ବିଲକ୍ଷଣ ଅଟେ । ସେ କେବଳ ବିଦ୍ରୋହୀ ନଥିଲେ ବିପ୍ଳବର ଥିଲେ ଅଗ୍ନିସ୍ଫୁଲିଙ୍ଗ । ଏକ ଜ୍ୱାଳାମୁଖୀ ଆଗ୍ନେୟଗିରି । ୧୮୯୭ ମସିହା ଜାନୁଆରୀ ୨୩ ତାରିଖରେ ତାଙ୍କର ଜନ୍ମ ଯେମିତି ନିର୍ଦ୍ଦିଷ୍ଟ, ତାଙ୍କର ରହସ୍ୟମୟ ମୃତ୍ୟୁ ସେମିତି ଅନିଶ୍ଚିତ । ସେହିଭଳି ରୋମାଞ୍ଚମୟ ବଳିଷ୍ଠ ଜନନାୟକ ଭାରତମାତାର ଅନନ୍ୟ ବରପୁତ୍ରଙ୍କ ସମ୍ପର୍କରେ ବ୍ୟାପକ ଆଲୋଚନା ନହେଲେ ଏ ଜାତିର ଦାୟାଦ୍ ଦେଶକୁ ଭଲ ପାଇବା ଶିଖିବେ କୋଉଁଠୁ ? ଜାତି ପାଇଁ ପ୍ରାଣ ବଳିଦାନ ଦେବାର ପ୍ରେରଣା ପାଇବ କାହାଠୁଁ ?

ବେଳେବେଳେ ମନରେ କୌତୂହଳ ଜନ୍ମେ–ଓଡ଼ିଶା ପରି ଏଇ ମାଟିରେ ପାଣି ପବନରେ ବଢିଥିବା ସୁଭାଷଙ୍କଠାରେ ଏତେ ପ୍ରଚଣ୍ଡ ଆତ୍ମ ପ୍ରତ୍ୟୟ ସୃଷ୍ଟି ହେଲା କେମିତି । ସ୍ୱାଧୀନତା ପାଇଁ



ଦେଶ ତ୍ୟାଗ କରିବା ଭଳି କଠୋର ନିଷ୍ପତ୍ତି ତାଙ୍କ ମନକୁ ଆସିଲା କେଉଁଠୁ । ସୁଭାଷ ତାଙ୍କର ଅସମାପ୍ତ ଆତ୍ମଜୀବନୀରେ ଲେଖିଛନ୍ତି– ‘‘ରେଭେନ୍ସା କଲେଜିଏଟ୍ ସ୍କୁଲର ପ୍ରଧାନ ଶିକ୍ଷକ (ଶ୍ରୀଯୁକ୍ତ ବେଣୀମାଧବ ଦାସ) ମୋ ଭିତରେ ସୌନ୍ଦର୍ଯ୍ୟବୋଧ ଓ ନୈତିକ ଚେତନା ଜାଗ୍ରତ କରି ଅଛନ୍ତି । ସେ ମୋ ଜୀବନରେ ଦେଇଛନ୍ତି ନୂତନ ପ୍ରେରଣା । କିନ୍ତୁ ମୋ ସତ୍ତାକୁ ଉତ୍ସର୍ଗ କଲାଭଳି ଆଦର୍ଶ ଦେଇଛନ୍ତି ସ୍ୱାମୀ ବିବେକାନନ୍ଦ ।’’ ତାଙ୍କ ସମୟରେ ସ୍ୱାମୀ ବିବେକାନନ୍ଦ ଥିଲେ ଯୁବକମାନଙ୍କର ଆଦର୍ଶ । କିଶୋର ଅବସ୍ଥାରେ

ସୁଭାଷ ସ୍ୱାମୀଜୀଙ୍କ ଅନେକ ରଚନା ଅଧ୍ୟୟନ କରିଥିଲେ । ସେ ରଚନା ଭିତରୁ ନିଜର ମୁକ୍ତି ଓ ମାନବ ସେବା ହେଲା ମନୁଷ୍ୟ ଜୀବନର ଲକ୍ଷ୍ୟ ଓ ଆଦର୍ଶ । ଏହି ବାଣୀ ସୁଭାଷଙ୍କୁ ଗଭୀର ଭାବରେ ଅନୁପ୍ରାଣିତ କରିଥିଲା । ସ୍ୱାମୀ ବିବେକାନନ୍ଦଙ୍କ ବଜ୍ର ନିର୍ଘୋଷ ବାଣୀ, 'ଉଲଗ୍ନ ଭାରତବାସୀ, ନିରକ୍ଷର ଭାରତବାସୀ, ଭାରତବାସୀ ବ୍ରାହ୍ମଣ, ଭାରତବାସୀ ମେହେନ୍ତର ସମସ୍ତେ ମୋ ଭାଇ ।' ସୁଭାଷଙ୍କର ଆଦର୍ଶ ପାଲଟିଯାଇଥିଲା । ଏହା ବ୍ୟତୀତ ରାଜନୀତି କ୍ଷେତ୍ରରେ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ ସୁଭାଷଙ୍କର ପରମ ଗୁରୁ ଥିଲେ । ୧୯୨୦ ମସିହା ଫେବୃଆରୀ ୧୫ ତାରିଖଦିନ ଲଣ୍ଡନରୁ ଏକ ଚିଠି ସେ ତାଙ୍କ ପାଖକୁ ଲେଖିଥିଲେ । ସେ ଲୋଭନୀୟ ମର୍ଯ୍ୟାଦାଜନକ ଇଣ୍ଡିଆନ୍ ସିଭିଲ୍ ସର୍ଭିସରେ ଚତୁର୍ଥ ସ୍ଥାନ ଲାଭ କରିଛନ୍ତି । କିନ୍ତୁ ବ୍ରିଟିଶ୍ ସରକାରର ଗୋଲାମ ନହୋଇ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେବାକୁ ଚାହାଁନ୍ତି । ସେଥିପାଇଁ ଚିତ୍ତରଞ୍ଜନ ଦାସଙ୍କ ଅନୁମତି ଲୋଡ଼ା । କିନ୍ତୁ ଆଶ୍ଚର୍ଯ୍ୟ ଲାଗେ ଚିତ୍ତରଞ୍ଜନ ଦାସଙ୍କ ପରି ଜଣେ ଉଦାର ପନ୍ଥୀ ଗୁରୁଙ୍କର ସୁଭାଷଙ୍କ ପରି ଚରମପନ୍ଥୀ ଶିଷ୍ୟ ଉଭୁରିଲେ କେମିତି ?

ଲଢୁଆ ଦୁର୍ଦ୍ଦମନୀୟ ସୁଭାଷ କୋଡ଼ିଏ ବର୍ଷ କାର୍ଯ୍ୟକାଳ ଭିତରେ ଏଗାର ଥର ଜେଲ୍ ଯାଇଥିଲେ । ସନ୍ତ୍ରାସବାଦୀମାନଙ୍କ ସହ ସମ୍ପର୍କର ଆଳ ଦେଖାଇ ବ୍ରିଟିଶ୍ ସରକାର ତାଙ୍କୁ ବାରମ୍ବାର ବନ୍ଦୀ କରୁଥିଲେ । ୧୯୨୪ରୁ ୧୯୨୭ ପର୍ଯ୍ୟନ୍ତ ବର୍ମାର ମାଣ୍ଡାଲେ ଜେଲ୍‌ରେ ନିର୍ଜନ ନିର୍ବାସନ ଦଣ୍ଡ ଦେଇଥିଲେ । ଲୋକମାନ୍ୟ ତିଲକ ଓ ଲାଲା ଲାଜପତ ରାୟଙ୍କ ବ୍ୟତୀତ ଅନ୍ୟ କୌଣସି ନେତା ଏପରି କଠୋର ଦଣ୍ଡରେ ଦଣ୍ଡିତ ହୋଇନଥିଲେ । ଶରୀର ଅସୁସ୍ଥତା ଯୋଗୁଁ ୧୯୨୭ ମସିହା ମେ ମାସ ୨୩ ତାରିଖରେ ବନ୍ଦୀରୁ ଖଲାସ କରାଯାଇଥିଲା । ସରକାରୀ ଦମନନୀତିର ତୀବ୍ର ବିରୋଧ କରିବାରୁ ତାଙ୍କୁ ରାଜଦ୍ରୋହୀ ହିସାବରେ ପୁଣି ୧୯୨୯ରେ ରାଜନୈତିକ ବନ୍ଦୀ କରାଯାଇଥିଲା । ୧୯୩୩ ମସିହାରେ ସେ ଚିକିତ୍ସା ନିମନ୍ତେ ୟୁରୋପ ଯାତ୍ରା କଲେ । ସେଠାରେ ୧୯୩୭ ମସିହା ପର୍ଯ୍ୟନ୍ତ ଦୀର୍ଘ ଚାରିବର୍ଷ କାଳ ବିଭିନ୍ନ ଦେଶ ଭ୍ରମଣ କରିଥିଲେ । ଇଂରେଜ ସରକାର ଭାରତରେ ଭାରତୀୟମାନଙ୍କ ଉପରେ କିପରି ଅନ୍ୟାୟ ଅତ୍ୟାଚାର ଚଳାଇଛି, ସେ ସମ୍ପର୍କରେ ଧାରଣା ସୃଷ୍ଟି କରାଇଥିଲେ । କ୍ରାନ୍ତିକାରୀ ଭାଷଣମାନ ଦେଇ ଲୋକମାନଙ୍କୁ ଉଦ୍‌ବୁଦ୍ଧ କରାଉଥିଲେ । ଭାରତର ପ୍ରତିନିଧିଭାବେ ବିଭିନ୍ନ ରାଷ୍ଟ୍ରମୁଖ୍ୟଙ୍କ ସହିତ ଭାରତର ସମସ୍ୟା ସହିତ ଜଡ଼ିତ କରାଉଥିଲେ । ଭିଏନାର ମିସେସ୍ ମୁଲରଙ୍କ ସାହାଯ୍ୟରେ ଦି ଇଣ୍ଡିଆନ୍ ଷ୍ଟ୍ରଗଲ' ନାମରେ ଏକ ପୁସ୍ତକ ରଚନା କରିଥିଲେ । ୟୁରୋପ ମହାଦେଶରେ ବ୍ୟାପକ ଭ୍ରମଣ ଓ ଅବସ୍ଥାନ କରି ନିଜର ଅନ୍ତର୍ଦୃଷ୍ଟି ଦ୍ୱାରା ଜାଣିପାରିଥିଲେ ଯେ ୟୁରୋପର ଦୁଇ ଶକ୍ତିଶାଳୀ ଗୋଷ୍ଠୀ ମଧ୍ୟରେ ଏକ ଭୟାବହ ସଂଘର୍ଷ ସଂଘଟିତ ହେବାକୁ ଯାଉଛି । ବିଲାତରେ ଥିବା ସମୟରେ ମଧ୍ୟ ସେ ବିଶ୍ୱର ରାଜନୈତିକ ପରିବର୍ତ୍ତନକୁ ନିରୀକ୍ଷଣ କରୁଥିଲେ । ବିଶ୍ୱଯୁଦ୍ଧ ଓ ସ୍ୱାଧୀନତା ସଂଗ୍ରାମ ବିଶ୍ୱର ରାଜନୈତିକ ପଟ୍ଟଭୂମିକୁ ପ୍ରତି ମୁହୂର୍ତ୍ତରେ ପରିବର୍ତ୍ତନ କରି ଚାଲିଥିଲା । ଭବିଷ୍ୟତରେ ତାଙ୍କୁ କି ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ ସେ ତାହା ସେହି ସମୟରେ ହିଁ ସ୍ଥିର କରି ସାରିଥିଲେ । ଯଦି ଯୁଦ୍ଧ ହୁଏ ଭାରତକୁ ସ୍ୱାଧୀନ କରିବା ପାଇଁ ବ୍ରିଟିଶ୍‌ର ଶତ୍ରୁ ପକ୍ଷର ସାହାଯ୍ୟ ନେବା ଥିଲା ତାଙ୍କର ଅଭିମତ ।

ବଙ୍ଗଳା ପ୍ରାଦେଶିକ ଜାତୀୟ କଂଗ୍ରେସର ଏକ ଦୈନିକ ସମାଚାର ବାହାରୁଥିଲା । ତାହାର ନାମ 'ଫରଓ୍ୱାର୍ଡ' । ସୁଭାଷ ତା'ର ସମ୍ପାଦକୀୟ ଦାୟିତ୍ୱ ଗ୍ରହଣ କରିଥିଲେ । ବଡ଼ ନିର୍ଭୀକ ଭାବରେ ସେ ତାହା ସମ୍ପାଦନ କରୁଥିଲେ । ୧୯୨୩ ମସିହାରେ ଚିତ୍ତରଞ୍ଜନ ଦାସଙ୍କ ନେତୃତ୍ୱରେ 'ସ୍ୱରାଜ୍ୟ' ନାମକ ଏକ ପାର୍ଟି ଗଠନ କରିଥିଲେ । ସୁଭାଷ ଏହି ପାର୍ଟିର ମୁଖ୍ୟ ଭୂମିକା ତୁଲାଉ ଥିଲେ । ଖାଲି ପୁସ୍ତକ ପ୍ରକାଶନ ବା ପତ୍ରିକାର ଲେଖା ମାଧ୍ୟମରେ ନୁହେଁ ବିଭିନ୍ନ ସ୍ଥାନରେ ହେଉଥିବା ସଭା ସମ୍ମିଳନୀରେ ସେ ଜ୍ୱାଳାମୟୀ ଓଜସ୍ୱିନୀ ଭାଷଣ ଦେଉଥିଲେ । ଯୁବଛାତ୍ରମାନଙ୍କୁ ବ୍ରିଟିଶ ବିରୋଧରେ ବିଦ୍ରୋହ କରିବା ପାଇଁ ଅଭିମନ୍ତ୍ରିତ କରାଉଥିଲେ । 'ବନ୍ଦେ ମାତରମ୍' ଧ୍ୱନିର ମୂର୍ଚ୍ଛନା ତାଳେ ତାଳେ ସ୍ୱାଧୀନତା ହାସଲ ପାଇଁ ବହୁମୂଲ୍ୟ ସମୟ ଓ ଅସରନ୍ତି ସାଧନା ଲୋଡ଼ା ବୋଲି କାନେ କାନେ କହୁଥିଲେ । ତାଙ୍କର ନିଷ୍ଠା ଓ ଉତ୍ସର୍ଗୀକୃତ ସାଧନା ହେତୁ ସେ ଜାତୀୟ ମଞ୍ଚରେ ଜଣେ ମହାନ୍ ବିପ୍ଳବୀ ଓ ଯୋଦ୍ଧା ରୂପେ ପରିଚିତ ହୋଇଥିଲେ । ସେ ଥିଲେ ବାସ୍ତବବାଦୀ ଚିନ୍ତାଧାରାର ଜୀବନ୍ତ ବିଗ୍ରହ । ସେ ତାଙ୍କର ସତ୍ୟ ଅଥଚ ନିଷ୍ଠୁର ଭାଷଣ ଦ୍ୱାରା ବ୍ରିଟିଶ ସରକାରର ମୁଖା ଖୋଲି ଦେଉଥିଲେ । ତାଙ୍କର ନିର୍ଭୀକତା, କର୍ତ୍ତବ୍ୟପରାୟଣତା ପାଖରେ ବ୍ରିଟିଶ୍ ସରକାରର ମୁଣ୍ଡ ନଇଁ ଯାଉଥିଲା । ସେମାନେ ଈର୍ଷାରେ ଜଳି ଯାଉଥିଲେ ।

ସୁଭାଷ ଥିଲେ ଅନମନୀୟ । ସାମ୍ରାଜ୍ୟବାଦୀ ଇଂରେଜମାନଙ୍କ ସହିତ ସେ କୌଣସି ପରିସ୍ଥିତିରେ ସାଲିସ୍

କରୁନଥିଲେ । ନିଜର ଅଦ୍ୱିତୀୟ ନେତୃତ୍ୱ ବଳରେ ଲୁହାକୁ ଚୁମ୍ବକ ଟାଣିଲା ପରି ସେ ସହଜରେ ଲୋକମାନଙ୍କୁ ସଂଗଠିତ କରି ପାରୁଥିଲେ । ଏହା ଦେଖି ବ୍ରିଟିଶ ସରକାର ମନରେ ଭୟର ଉଦ୍ରେକ ହେଉଥିଲା । ଅସହିଷ୍ଣୁ ହୋଇ ସୁଭାଷଙ୍କ ବିରୋଧରେ ଭିତ୍ତିହୀନ ଅଭିଯୋଗ କରୁଥିଲା । ସୁଭାଷ ଏଥିରେ ଦବିଯାଇ ନଥିଲେ । ଦେଶର ଅଗଣିତ ଯୁବକ, ଛାତ୍ର, କୃଷକ ଓ ଶ୍ରମିକମାନଙ୍କୁ ଏକତ୍ରିତ କରି ସ୍ୱାଧୀନତା ସଂଗ୍ରାମରେ ସାମିଲ କରାଉଥିଲେ । ବାମପନ୍ଥୀ ଓ ଚରମପନ୍ଥୀ ଚିନ୍ତାଧାରାର ବିକାଶ ଦିଗରେ ଅଗ୍ରଣୀ ଭୂମିକା ନେଉଥିଲେ । ଏହିପରି ଏକ ଶ୍ରେଣୀହୀନ ଓ ଶୋଷଣହୀନ ସାମାଜିକ ଆଭିମୁଖ୍ୟ ନେଇ ସେ କଂଗ୍ରେସକୁ ଗୋଟିଏ ଲଢୁଆ ଜନଜାଗରଣରେ ପରିଣତ କରିଥିଲେ । ମାତ୍ର ୨୭ ବର୍ଷ ବୟସରେ ସେ କଲିକତା କର୍ପୋରେସନକୁ ବିପୁଳ ଜନସମର୍ଥନରେ ନିର୍ବାଚିତ ହୋଇ ଚିଫ୍ ଏକଜ୍ୟୁଟିଭ ପଦରେ ଅଧିଷ୍ଠିତ ହୋଇପାରିଥିଲେ । ୧୯୩୦ ମସିହାରେ ବନ୍ଦୀ ଅବସ୍ଥାରେ ଥାଇ ମଧ୍ୟ କଲିକତା ମୁନ୍‌ସିପାଲ କର୍ପୋରେସନ୍‌ରେ ମେୟର ଭାବେ ନିର୍ବାଚିତ ହୋଇଥିଲେ । ସେହିପରି ସେ ଜେଲରେ ଥାଇ ମଧ୍ୟ ଲୋକପ୍ରିୟତା ଦୃଷ୍ଟିରୁ ତାଙ୍କର ଏକ ନିର୍ବାଚନ ମଣ୍ଡଳୀରୁ ବିନା ପ୍ରତିଦ୍ୱନ୍ଦିତାରେ କେନ୍ଦ୍ର ଆସେମ୍ବ୍ଲିକୁ ନିର୍ବାଚିତ ହୋଇଥିଲେ ।

ଭାରତର ସ୍ୱାଧୀନତା ସଂଗ୍ରାମ କାଳରେ ଭାରତୀୟମାନଙ୍କ ମନରେ ଏକ ଧାରଣା ଥିଲା ଯେ ସଶସ୍ତ୍ର ବିପ୍ଳବ ଦ୍ୱାରା ବ୍ରିଟିଶ ସରକାରଙ୍କୁ ହଟାଇବା ସମ୍ଭବ ନୁହେଁ । କେବଳ ଦୈବବଳ ଦ୍ୱାରା ଏହାର ପତନ ସମ୍ଭବ । ତେଣୁ ଗାନ୍ଧିଜୀଙ୍କ ନେତୃତ୍ୱରେ ସ୍ୱାଧୀନତା ଆନ୍ଦୋଳନ ଚାଲିଥିବା ବେଳେ ସତ୍ୟ ଅହିଂସା ଓ ଅସହଯୋଗ ମୁଖ୍ୟ ଆୟୁଧ ଭାବେ ବ୍ୟବହୃତ ହେଉଥିଲା । କିନ୍ତୁ ସୁଭାଷଙ୍କ ବେଳକୁ ଚରମପନ୍ଥୀ ଆନ୍ଦୋଳନ ଆରମ୍ଭ ହୋଇଯାଇଥାଏ । ବିବେକାନନ୍ଦଙ୍କ ପ୍ରବୁଦ୍ଧ ଭାରତ ଡାକରାରେ ଭାରତର ରାଜନୈତିକ ବାତାବରଣ ଉଷ୍ମ ହେଉଥାଏ । ଅରବିନ୍ଦ ଘୋଷ ପ୍ରମୁଖ ସଶସ୍ତ୍ର ସଂଗ୍ରାମ ବଳରେ ଦେଶକୁ ସ୍ୱାଧୀନ କରିବାର ପ୍ରଚେଷ୍ଟା ଆରମ୍ଭ କରି ଦେଇଥାନ୍ତି । ଲାଲ-ବାଲ୍-ପାଲ୍‌ଙ୍କ ନେତୃତ୍ୱରେ କଂଗ୍ରେସ ଚରମପନ୍ଥୀ ମୋଡ ନେଇଥାଏ । ଏହିଭଳି ପରିସ୍ଥିତିରେ ସୁଭାଷ ସମସ୍ତ ବିପ୍ଳବ କରିବାକୁ ଉତ୍ସାହିତ ହୋଇଥିଲେ ।

ଲଣ୍ଡନରୁ ଫେରି ସୁଭାଷ ଗାନ୍ଧିଜୀଙ୍କ ପରାମର୍ଶକ୍ରମେ ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଅଂଶ ଗ୍ରହଣ କଲେ । ମହାତ୍ମା ଗାନ୍ଧୀ ରାଜନୀତିକୁ ଓହ୍ଲାଇଲା ବେଳକୁ ସୁଭାଷ ବିଶ୍ୱବିଖ୍ୟାତ ହୋଇଯାଇଥିଲେ । ଗାନ୍ଧିଜୀଙ୍କ ଚିନ୍ତାଧାରା ଲଢୁଆ ସୁଭାଷଙ୍କୁ ପ୍ରଭାବିତ କରିପାରିନଥିଲା । ଗାନ୍ଧିଜୀ ତାଙ୍କୁ ଚିତ୍ତରଞ୍ଜନ ଦାସଙ୍କ ପାଖକୁ ପଠାଇ ଦେଇଥିଲେ । ଚିତ୍ତରଞ୍ଜନ ଦାସଙ୍କ ନେତୃତ୍ୱ ସୁଭାଷଙ୍କୁ ଗଭୀର ଭାବେ ଅନୁପ୍ରାଣିତ କରିଥିଲା । କାଚ-କାଞ୍ଚନ ସଂଯୋଗ ପରି ଉଭୟଙ୍କ ମିଳିତ ସହଯୋଗରେ ବଙ୍ଗଳାରେ ଏକ ସୁଦୃଢ଼ ଓ ଶକ୍ତିଶାଳୀ ସଂଗ୍ରାମର ଭିତ୍ତିଭୂମି ପ୍ରସ୍ତୁତ ହେଲା । ଏହାପରେ ସୁଭାଷ ପୂର୍ଣ୍ଣପ୍ରାଣରେ ସଂଗ୍ରାମରେ ଯୋଗ ଦେଇଥିଲେ । ବ୍ରିଟିଶ୍ ସରକାର ସୁଭାଷଙ୍କୁ ଏକ ନମ୍ବର ଶତ୍ରୁଭାବି ତାଙ୍କ ଉପରେ କଡା ନଜର ରଖିଥିଲା ।

ସୁଭାଷ ପ୍ରକାଶ୍ୟରେ କହିଥିଲେ ଯେ ମାତୃଭୂମିକୁ ସ୍ୱାଧୀନ କରିବାକୁ ହେଲେ ବନ୍ଧୁଭାବାପନ୍ନ ଯେକୌଣସି ବହିଃରାଷ୍ଟ୍ରର ସାହାଯ୍ୟ ଗ୍ରହଣଯୋଗ୍ୟ । 'ଶତ୍ରୁର ଶତ୍ରୁମିତ୍ର' ଏହି ଭେଦନୀତିକୁ ପ୍ରୟୋଗ କରି କୂଟନୀତି ବଳରେ ଲକ୍ଷ୍ୟ ହାସଲ କରିବାକୁ ଯୁକ୍ତି ବାଢିଥିଲେ । ଥରେ ନିବୃତରେ ଗାନ୍ଧିଜୀଙ୍କ ସହିତ ଆଲୋଚନା କରି କହିଥିଲେ- ଯୁଦ୍ଧ ସମୟରେ ଭାରତୀୟ ନେତାମାନେ ବନ୍ଦୀଘରେ ଆବଦ୍ଧ ହୋଇ ରହିଲେ କିଛି ସୁଫଳ ମିଳିବ ନାହିଁ । ବରଂ କେତେକ ନେତା ଭାରତରୁ କୌଶଳକ୍ରମେ ବାହାରି ଯାଇ ଭାରତ ବାହାରେ ସୈନ୍ୟବାହିନୀ ଗଢନ୍ତୁ । ସେମାନଙ୍କ ସାହାଯ୍ୟରେ ଭାରତରେ ପ୍ରବେଶ କରି ଶତ୍ରୁକୁ ନିପାତ କରିବା । ସୁଭାଷଙ୍କ ଏହି କଥାରେ ଗାନ୍ଧିଜୀ ବିଶ୍ୱାସ କରିନଥିଲେ । ଅନ୍ୟପକ୍ଷରେ କହିଥିଲେ- 'ତୁମେ ଯଦି ଏହି ଉପାୟରେ ଭାରତକୁ ମୁକ୍ତି କରିପାର, ମୁଁ ହିଁ ପ୍ରଥମ ବ୍ୟକ୍ତି ଯେ ତୁମକୁ ଅଭିବାଦନ ଜଣାଇବି ।'

ଦୂରଦୃଷ୍ଟି ସମ୍ପନ୍ନ ସୁଭାଷ ଘୋଷଣା କରିଥିଲେ ଯେ ଯଦି ଉଦାରପନ୍ଥୀ ନୀତି ତ୍ୟାଗ କରି ଆକ୍ରମଣାତ୍ମକ ପଦକ୍ଷେପ ନ ନିଏ ତେବେ ଗୋଷ୍ଠୀ କନ୍ଦଳ ଦେଖାଦେବ ଓ ଏକ ପ୍ରଗତିଶୀଳ ଗୋଷ୍ଠୀ ମୁଣ୍ଡ ଟେକିବ । ସେହି ଆଶଙ୍କା ସତ୍ୟରେ ପରିଣତ ହୋଇଥିଲା । ୧୯୩୪ ମସିହାରେ କଂଗ୍ରେସରେ ଥିବା ପ୍ରଗତିଶୀଳ ଗୋଷ୍ଠୀ କଂଗ୍ରେସ ସମାଜବାଦୀ ପାର୍ଟି ଗଠନ କରିଥିଲେ ।

ଭାରତକୁ ଏକ ଡୋମିନିୟନ ପାହ୍ୟା ଦେବା ପାଇଁ ବ୍ରିଟିଶ୍ ପ୍ରସ୍ତାବ ଦେଇଥିଲା । ଗାନ୍ଧିଜୀ ଏହାକୁ ଗ୍ରହଣ କରୁଥିଲା ବେଳେ ନେହରୁ ଓ ସୁଭାଷ ବିରୋଧ କରିଥିଲେ । ଏହି ପ୍ରସଙ୍ଗରେ ସୁଭାଷ କହିଥିଲେ- 'ଆମେ ଯଦି ଏକ ସ୍ୱାଧୀନ ମହାନ ଓ ନୂତନ ଭାରତ

ଗଠନ କରିବାକୁ ଚାହୁଁ, ତେବେ ମହାତ୍ମାମାନଙ୍କ ଆଶୀର୍ବାଦ ଆବଶ୍ୟକ, ନେତୃତ୍ୱ ନୁହେଁ । ଆମେ ସବୁ ଏବେ ଇତିହାସର ଦୋଛକିରେ ଠିଆ ହୋଇଛୁ, ଆମର ବୟସ୍କ ନେତାମାନେ ସମୟର ଆହ୍ୱାନକୁ ଶୁଣିପାରୁ ନାହାଁନ୍ତି । ସୁଭାଷଙ୍କ ଚାପରେ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ । ୧୯୩୬ରେ ନୂଆ ସମ୍ବିଧାନ ଅନୁଯାୟୀ କଂଗ୍ରେସ ସରକାର ଗଢୁ ବୋଲି ଗାନ୍ଧୀଜୀ ସମର୍ଥନ ଜଣାଇ ଦେଲେ । କିନ୍ତୁ ଅଭ୍ରାନ୍ତ ପୁରୋଦୃଷ୍ଟି ସମ୍ପନ୍ନ ସୁଭାଷ ବିରୋଧ କରି ଯୁକ୍ତି ବାଢିଥିଲେ-କଂଗ୍ରେସ ଯଦି ମନ୍ତ୍ରିମଣ୍ଡଳ ଗଢେ ତେବେ କାମଭାର ଯୋଗୁଁ ଆନ୍ଦୋଳନ ପ୍ରତି ଧ୍ୟାନ ଦେଇ ପାରିବ ନାହିଁ । କ୍ଷମତାର ମୋହରେ କଂଗ୍ରେସ ଦୁର୍ନୀତି କରିବ । ସୁଭାଷଙ୍କର ଏହି ସ୍ପଷ୍ଟବାଦିତାକୁ ଗାନ୍ଧିଜୀ ସମ୍ମାନ ଦେଇଥିଲେ ।

୧୯୩୮ ମସିହାରେ ହରିପୁରା କଂଗ୍ରେସରେ ସୁଭାଷ ଜାତୀୟ କଂଗ୍ରେସର ସଭାପତି ରୂପେ ନିର୍ବାଚିତ ହେଲେ । ୫୧ଟି ବଳଦ ଯୋଡା ଯାଉଥିବା ଗାଡିରେ ତାଙ୍କୁ ପରିକ୍ରମା କରାଯାଇଥିଲା । ତାଙ୍କୁ ସମ୍ବର୍ଦ୍ଧନା ଜଣାଇବା ପାଇଁ ୫୧ଟି ତୋରଣ ନିର୍ମିତ ହୋଇଥିଲା । ସଭାପତି ସୁଭାଷ କଂଗ୍ରେସ ଅଧିବେଶନରେ ଭାରତର ଅର୍ଥନୀତି ଓ ସାମାଜିକ ପୁନର୍ଗଠନ ପାଇଁ ସୁଚିନ୍ତିତ ଯୋଜନାମାନ ଉପସ୍ଥାପନ କରିଥିଲେ । ସେ ସଦ୍‌ଘୋଷଣା କରି କହିଥିଲେ- ''ସ୍ୱାଧୀନତା କେବଳ ରାଜନୈତିକ ଦାସତ୍ୱରୁ ମୁକ୍ତିକୁ ବୁଝାଏ ନାହିଁ ବରଂ ସମ୍ପଦର ସୁସମ ବଣ୍ଟନ, ଜାତିଭେଦ ଓ ସାମାଜିକ ଅବିଚାରର ଉଚ୍ଛେଦ, ସାମ୍ପ୍ରଦାୟିକତା ତଥା ଧାର୍ମିକ ଅସହିଷ୍ଣୁତାର ବିଲୋପକୁ ବୁଝାଇଥାଏ ।'ଭାରତ ସମାଜବାଦୀ ନୀତି ଗ୍ରହଣ କରିବ । ସେ ଖାଲି ଆହ୍ୱାନ ଦେଇନଥିଲେ, କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରିଥିଲେ । ଏଥିପାଇଁ ଅଖିଳ ଭାରତୀୟ ଜାତୀୟ ଯୋଜନା କମିଟି ଗଠନ କରିଥିଲେ । ଏ କ୍ଷେତ୍ରରେ ଗାନ୍ଧିଜୀ ଉଦାସୀନ ରହିଥିଲେ । କିନ୍ତୁ ନେହେରୁ ସମର୍ଥନ କଲେ । ଉଲ୍ଲେଖଯୋଗ୍ୟ ଯେ ସ୍ୱାଧୀନତା ପ୍ରାପ୍ତି ପରେ ନେହେରୁ ପଞ୍ଚବାର୍ଷିକ ଯୋଜନା ମାଧ୍ୟମରେ ସୁଭାଷଙ୍କ ଆର୍ଥିକ ଓ ଶିଳ୍ପ ନୀତିର ପ୍ରଚଳନ କରାଇଥିଲେ ।

ସୁଭାଷ କଂଗ୍ରେସର ସଭାପତି ହେବା ପରଠାରୁ ସ୍ୱାଧୀନ ଭାବରେ ସବୁ କଥା କରିବାକୁ ଚେଷ୍ଟା କଲେ । କଂଗ୍ରେସକୁ ଏକ ସଂଗ୍ରାମୀ ବୈପ୍ଳବିକ ଅନୁଷ୍ଠାନରେ ପରିଣତ କରିବା ପାଇଁ ଉଦ୍ୟମ ଚଳାଇଲେ । ବ୍ରିଟିଶ୍ ସରକାର ବିରୋଧରେ ସାଲିସହୀନ ସଂଗ୍ରାମର ଡାକରା ଦେଲେ । ତାଙ୍କର ଯୁଦ୍ଧଖୋର ମନୋବୃତ୍ତି ଦେଖି ଅହିଂସା ନୀତିରେ ବିଶ୍ୱାସ କରୁଥିବା ଗାନ୍ଧିଜୀ ଅସନ୍ତୋଷ ପ୍ରକାଶ କଲେ । ଏହା ପରଠାରୁ ସୁଭାଷ ଓ ଗାନ୍ଧିଜୀଙ୍କ ମତଭେଦ ଘନୀଭୂତ ହେବାକୁ ଲାଗିଲା ।

ଦ୍ୱିତୀୟ ବିଶ୍ୱଯୁଦ୍ଧର ବହୁପୂର୍ବରୁ ସୁଭାଷ କହି ଆସୁଥିଲେ- ଯୁଦ୍ଧ ଲାଗିଲେ ବ୍ରିଟିଶ୍ ସରକାର ସବୁଠୁ ବେଶୀ ବିପଦରେ ପଡିବ । ସେହି ସମୟ ହେବ ଚରମ ସ୍ୱାଧୀନତା ଦାବି କରିବାର ପ୍ରକୃଷ୍ଟ ସମୟ । ତାହା ନକରି ବ୍ରିଟିଶ ସରକାର ପ୍ରତି ସହଯୋଗୀ ମନୋଭାବ ପୋଷଣ କଲେ ଅନିଷ୍ଟ ଘଟିବ । ଭାରତୀୟ ସୈନ୍ୟମାନେ ବିଦେଶ ଭୂଇଁରେ ଜୀବନକୁ ବାଜି ଲଗେଇ ଲଢିବେ, ଯୁଦ୍ଧପରେ ଜୟଲାଭ କରି ସ୍ୱାଧୀନତା ପୁରସ୍କାର ଦେବ କ'ଣ ଆଉ ଗୋଟିଏ ଜାଲିଆନାୱାଲାବାଗ ନରସଂହାର ଘଟାଇବ । ଯେତେବେଳେ ଯୁଦ୍ଧ ଲାଗିଗଲା ସୁଭାଷ ବ୍ରିଟିଶ ସରକାରଙ୍କୁ ଚରମ ପତ୍ର ଦେଇ ଦୃପ୍ତ କଣ୍ଠରେ କହିଲେ- ଛଅମାସ ମଧ୍ୟରେ ସମ୍ପୂର୍ଣ୍ଣ ଭାବେ ଭାରତ ପରିତ୍ୟାଗ କର ନୋହିଲେ ପରିଣତି ଭୟଙ୍କର ହେବ। ତୁମେ ସେଥିପାଇଁ ଦାୟୀ ରହିବ । ନାଗପୁରଠାରେ ଭାରତବାସୀଙ୍କୁ ସମସ୍ତ କ୍ଷମତା ଦେଇ ଦେବା ପାଇଁ ଆହ୍ୱାନ ଦେଲେ ।

ଗାନ୍ଧିଜୀ ଖୋଲାଖୋଲି କହିଲେ, 'ବ୍ରିଟେନର ବିପଦ ବେଳେ ଭାରତ ତା'ର ସ୍ୱାଧୀନତା ପାଇଁ ତାକୁ ବାଧ୍ୟ କରିବା ଅନୁଚିତ ହେବ । ବ୍ରିଟେନର ଧ୍ୱଂସସ୍ତୂପ ଭିତରୁ ଆମେ ଆମର ସ୍ୱାଧୀନତା ଚାହୁଁନା ।' ନେହେରୁ ମଧ୍ୟ ଅନୁରୂପ ଭାବେ କହିଥିଲେ- 'ବ୍ରିଟେନ୍ ଯେତେବେଳେ ଜୀବନମରଣ ସଂଗ୍ରାମରେ ଲିପ୍ତ ସେତେବେଳେ ଆଇନ୍ ଅମାନ୍ୟ ଆନ୍ଦୋଳନ ଆରମ୍ଭ କରିବା ଭାରତ ପାଇଁ ଅସମ୍ମାନଜନକ ହେବ । ପୃଥିବୀରେ ଗଣତନ୍ତ୍ରକୁ ରକ୍ଷା କରିବାକୁ ହେଲେ ଯୁଦ୍ଧରେ ବ୍ରିଟେନକୁ ସାହାଯ୍ୟ କରିବାକୁ ପଡିବ ।' ତେଣୁ ତ୍ରିପୁରା କଂଗ୍ରେସ ଅଧିବେଶନରେ ଡଃ ପଟ୍ଟାଭି ସୀତାରାମାୟାଙ୍କୁ ନିଜର ପ୍ରତିନିଧିଭାବେ ମନୋନୟନ କରିଥିଲେ ଗାନ୍ଧିଜୀ । ତଥାପି ସୁଭାଷ ଲୋକପ୍ରିୟତା ବଳରେ ବହୁଳ ସମର୍ଥନରେ କଂଗ୍ରେସ ସଭାପତିଭାବେ ପଟ୍ଟାଭିଙ୍କୁ ପରାଜିତ କରି ପୁନଃ ନିର୍ବାଚିତ ହୋଇଥିଲେ । ଏହାଦ୍ୱାରା ବ୍ରିଟିଶ୍ ସରକାର ମଧ୍ୟ ସ୍ତମ୍ଭୀଭୂତ ହୋଇଯାଇଥିଲା ।

ଏହା ଫଳରେ କଂଗ୍ରେସରେ ମତପାର୍ଥକ୍ୟ ସୃଷ୍ଟି ହେଲା । ମହାତ୍ମା ଗାନ୍ଧୀ ମଧ୍ୟ ନିର୍ବାଚନକୁ ଘୋର ବିରୋଧ କଲେ । ସୁଭାଷ

କାର୍ଯ୍ୟକାରୀ କମିଟି ଗଠନ କରି ପାରିଲେ ନାହିଁ । ଦୁଇ ମାସ କାଳ ଗାନ୍ଧିଜୀଙ୍କଠାରୁ ସହଯୋଗ ଆଶା କରି ନିରାଶ ହୋଇ ଶେଷରେ ସଭାପତି ପଦରୁ ବାଧ୍ୟ ହୋଇ ଇସ୍ତଫା ପ୍ରଦାନ କଲେ ।

୧୯୩୯ ପରେ ଗାନ୍ଧିଜୀ ତାଙ୍କର ରାଜନୈତିକ କୌଶଳ ବଦଳାଇ ଦେଇଥିଲେ । ନେହରୁଙ୍କୁ ସୁଭାଷ ତଥା ଯୁବ ଗୋଷ୍ଠୀଠାରୁ ଦୂରେଇ ଦେଲେ । ସୁଭାଷ ଓ ନେହରୁଙ୍କ ମଧ୍ୟରେ ଆଦର୍ଶଗତ ସାମଞ୍ଜସ୍ୟ ଥିଲେ ମଧ୍ୟ କଂଗ୍ରେସକୁ ନେତୃତ୍ୱ ଦେବାନେଇ ଉଭୟଙ୍କ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା ହୋଇପାରିଲା ନାହିଁ । ସୁଭାଷ ଧୀରେ ଧୀରେ ଗାନ୍ଧିଜୀଙ୍କଠାରୁ ଦୂରେଇ ଯାଇଥିଲେ ଏବଂ ନେହରୁଙ୍କ ଅନ୍ତରଙ୍ଗ ପାଲଟି ଯାଇଥିଲେ । ଗାନ୍ଧିଜୀ ମଧ୍ୟ ନେହରୁଙ୍କୁ ତାଙ୍କର ରାଜନୈତିକ ଉତ୍ତରାଧିକାରୀ ବୋଲି ସ୍ପଷ୍ଟ ରୂପେ ଘୋଷଣା କରିଥିଲେ ।

ସୁଭାଷ ଗାନ୍ଧିଜୀଙ୍କର କେବେ ବିରୋଧୀ ନଥିଲେ । ଗାନ୍ଧିଜୀଙ୍କ ସହ ତାଙ୍କର ମତଭେଦ ଥିଲା ସମ୍ପୂର୍ଣ୍ଣ ଆଦର୍ଶଗତ ଓ ରାଜନୈତିକ । ଗାନ୍ଧିଜୀଙ୍କ ପ୍ରତି ତାଙ୍କର ସମ୍ମାନ ଶ୍ରଦ୍ଧା ଅତୁଟ ରହିଥିଲା । ଏହି ଆଦର୍ଶଗତ ମତଭେଦ ହିଁ ସୁଭାଷଙ୍କୁ ଦେଶ ଛାଡିବାକୁ ବାଧ୍ୟ କରିଥିଲା । ପରବର୍ତ୍ତୀ ସମୟରେ କିନ୍ତୁ ସୁଭାଷଙ୍କ ମନୋଭାବର ପରିବର୍ତ୍ତନ ଘଟିଥିଲା । ଗାନ୍ଧିଜୀ ବ୍ରିଟିଶ୍ ସରକାରଙ୍କୁ 'ଭାରତଛାଡ' ବୋଲି ଯେଉଁ କଠୋର ଡାକରା ଦେଇ ପ୍ରତ୍ୟକ୍ଷ ସଂଗ୍ରାମ କ୍ଷେତ୍ରକୁ ଓହ୍ଲାଇଥିଲେ ସୁଭାଷ ବହୁ ଆନନ୍ଦିତ ହୋଇପଡିଥିଲେ । ସେ ଜର୍ମାନୀରୁ 'ଆଜାଦ୍ ହିନ୍ଦ୍ ରେଡିଓ ଜରିଆରେ ସର୍ବ ପ୍ରଥମେ ଗାନ୍ଧିଜୀଙ୍କୁ 'ଜାତିର ପିତା' ବୋଲି ସମ୍ବୋଧନ କରି ଭବିଷ୍ୟତ ଆନ୍ଦୋଳନର ରୂପରେଖ ବିଷୟ କାର୍ଯ୍ୟକ୍ରମମାନ ଉପସ୍ଥାପିତ କରିଥିଲେ ।

ସୁଭାଷ କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଇଥିଲେ ମଧ୍ୟ କଂଗ୍ରେସରୁ ଇସ୍ତଫା ଦେଇନଥିଲେ । ତେଣୁ କଂଗ୍ରେସରେ ଥିବା ବାମପନ୍ଥୀମାନଙ୍କୁ ନେଇ ଜାତୀୟସ୍ତରରେ ଏକ ନୂଆ ରାଜନୈତିକ ଦଳ ଫରୱାର୍ଡ ବ୍ଲକ୍ ଗଠନ କଲେ ଓ ବ୍ରିଟିଶ୍ ସରକାର ବିରୋଧରେ ନିଜର ସଂଗ୍ରାମ ଜାରି ରଖିଲେ । ଚରମ ସଂଗ୍ରାମ ନିମନ୍ତେ ଏଥିରେ ଯୋଗ ଦେବା ପାଇଁ ଲୋକମାନଙ୍କୁ ଆହ୍ୱାନ ଦେଲେ । ଲକ୍ଷ ଲକ୍ଷ ଲୋକ ତାଙ୍କ ସଭାରେ ସାମିଲ ହେଲେ । ତାଙ୍କ ପ୍ରତି ଥିବା ବିପୁଳ ଜନସମର୍ଥନ ଦେଖି କଂଗ୍ରେସ ଓ ସରକାର ବିଚଳିତ ହୋଇପଡିଥିଲେ । ସୁଭାଷ ଆହ୍ୱାନ ଦେଲେ, 'ଯୁଦ୍ଧର ବିରୋଧ କର, ଶେଷ ସଂଗ୍ରାମ ପାଇଁ ପ୍ରସ୍ତୁତ ହୁଅ । ୧୯୪୦ ମସିହାରେ ରାମଗଡ କଂଗ୍ରେସ ଅଧିବେଶନରେ 'ଫରୱାର୍ଡ' ବ୍ଲକ୍‌ର ଦୁର୍ଜୟ ସ୍ୱାଭିମାନୀ ସୁଭାଷଙ୍କ ନେତୃତ୍ୱରେ ଯେଉଁ ସମାବେଶ ହୋଇଥିଲା, ତାହା ଦେଖି ସମଗ୍ର ଜନତାର ମତିଗତି ତାଙ୍କ ପ୍ରତି ଢଳି ପଡିଥିଲା ।

ମୁକ୍ତି ପିପାସୁ ସୁଭାଷଙ୍କର ଆହ୍ୱାନରେ ହଜାର ହଜାର ଦେଶପ୍ରେମୀ ଆଇନ୍ ଅମାନ୍ୟ ଆନ୍ଦୋଳନରେ ଲମ୍ଫ ପ୍ରଦାନ କଲେ । ହଲୱେଲ ମନୁମେଣ୍ଟ ଉଠାଇ ଦେବା ପାଇଁ ଆନ୍ଦୋଳନ ଆରମ୍ଭ କଲେ । 'ଫରୱାର୍ଡ' ପତ୍ରିକାରେ ସୁଭାଷ ଲେଖିଥିବା ସମ୍ପାଦକୀୟ ବ୍ରିଟିଶ୍ ସରକାର ଦୃଷ୍ଟିରେ ରାଜଦ୍ରୋହମୂଳକ ଥିଲା । ତେଣୁ 'ଭାରତ ସୁରକ୍ଷା' ଆଇନ୍ ବଳରେ ତାଙ୍କୁ ଗିରଫ କରାଗଲା । ପ୍ରେସିଡେନ୍ସି ଜେଲରେ ରଖାଗଲା ।

ଜେଲର କୋଠରୀ ଭିତରେ ଥିଲାବେଳେ ସୁଭାଷଙ୍କ ହୃଦ୍‌ବୋଧ ହୋଇଥିଲା ଯେ ସେ କାରାଗାରରୁ ମୁକ୍ତି ପାଇବେ ନାହିଁ । ଯଦି ମୁକ୍ତି ମିଳେ ଆତଙ୍କିତ ବ୍ରିଟିଶ୍ ସରକାର କିଛିନା କିଛି ଆଳ ଦେଖାଇ ତାଙ୍କୁ ପୁଣି ବନ୍ଦୀ କରିବ । ଦ୍ୱିତୀୟ ବିଶ୍ୱଯୁଦ୍ଧ ନ ସରିବା ପର୍ଯ୍ୟନ୍ତ ସରକାର ତାଙ୍କୁ କୌଣସି ମତେ ଛାଡିବ ନାହିଁ । ଜେଲର ଚାରିକାନ୍ଥ ଭିତରେ ଜୀବନକୁ ତିଳ ତିଳ କରି ସଢେଇବା ଅପେକ୍ଷା ଦେଶ ବାହାରକୁ ଚାଲିଯିବା ବରଂ ଶ୍ରେୟସ୍କର । ଦେଶ ବାହାରେ ଥିବା ଭାରତୀୟମାନଙ୍କୁ ଏକଜୁଟ କରି ସ୍ୱାଧୀନତା ପ୍ରାପ୍ତିକୁ ତ୍ୱରାନ୍ୱିତ କରାଯାଇପାରିବ ।

କ୍ୱା.ନଂ.ସି-୨୨/୧
ନାଲ୍‌କୋ, ଦାମନଯୋଡି
କୋରାପୁଟ-୭୬୩୦୦୮

❖ ❖ ❖

# ଓଡ଼ିଶା ଜାତୀୟ ସଂଗୀତର କବି: କାନ୍ତକବି

ଅସିତ ମହାନ୍ତି

ଓଡ଼ିଆ ସାହିତ୍ୟରେ ଏବେ 'କାନ୍ତ'ନାମଧାରୀ ଦୁଇଜଣ କବିଙ୍କର ଚର୍ଚ୍ଚା ଚରମରେ । ଜଣେ ସୀତାକାନ୍ତ ଓ ଆଉ ଜଣେ ରମାକାନ୍ତ । ସେଇ ଦୁଇ କାନ୍ତ ନାମଧାରୀ କବିଙ୍କ ପରି ଲକ୍ଷ୍ମୀକାନ୍ତ ଆଇ.ଏ.ଏସ. ପାଇ ନଥିଲେ କି ପଦ୍ମଭୂଷଣ ବା ପଦ୍ମବିଭୂଷଣ ହୋଇନଥିଲେ । ପାଇନଥିଲେ ବି 'ସରସ୍ୱତୀ' ବା 'ଜ୍ଞାନପୀଠ' ପରି ବଡ଼ ପୁରସ୍କାର । କିନ୍ତୁ 'କାନ୍ତକବି' କହିଲେ, ଓଡ଼ିଶାରେ କେବଳ ଜଣଙ୍କୁ ହିଁ ବୁଝାଏ ଏବଂ ସେ ଜଣଙ୍କ ହେଉଛନ୍ତି ଲକ୍ଷ୍ମୀକାନ୍ତ ମହାପାତ୍ର ।

ଲକ୍ଷ୍ମୀକାନ୍ତଙ୍କର କବିତା ପୁସ୍ତକଗୁଡ଼ିକ ମଧରେ 'ଜୀବନ ସଂଗୀତ'ର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ତାହାରି ଗୋଟିଏ କବିତାରେ ସେ କହିଛନ୍ତି– ଫଳ ଝଡ଼ିଗଲାଣି ଡାଳରୁ, କିନ୍ତୁ ତଥାପି କାହିଁକି ଡାଳଟି ଓହଳି ପଡ଼ୁଛି ? ବୀଣା ଭାଙ୍ଗିଯାଇଛି, ଛିଣ୍ଡି ଯାଇଛି ତା'ର ତାର, କିନ୍ତୁ ତଥାପି କାହିଁକି ତା'ର ମଳାସ୍ୱର ଘୁମୁରୁଛି ? ହାଟ ଭାଙ୍ଗି ଗଲାଣି, କିନ୍ତୁ ତଥାପି କାଇଁକି ଏତେ ଗହଳି ଲାଗିଛି ?

ଜୀବନ–ବୀଣାର ତାରଟି ଛିଣ୍ଡିଯାଇଥିଲା ଲକ୍ଷ୍ମୀକାନ୍ତଙ୍କର ଆଜିଠୁଁ ପ୍ରାୟ ୬୦ ବର୍ଷ ତଳେ । ଶହେ ପଚିଶି ବର୍ଷ ତଳେ ଯେଉଁ ହାଟ ଆରମ୍ଭ ହୋଇଥିଲା କଟକ ସହରର ଧୂଆଁ ପତରିଆ ଗଳିରେ ତାଙ୍କ ଜନ୍ମ ସହିତ, ସେ ହାଟ ବି ଭାଙ୍ଗିଯାଇଥିଲା ସେଇ ଷାଠିଏ ବର୍ଷ ତଳେ । ୧୯୫୩ରେ ଆମ ସମସ୍ତଙ୍କଠୁଁ ଚିରବିଦାୟ ନେଇଥିଲେ ଲକ୍ଷ୍ମୀକାନ୍ତ । କିନ୍ତୁ ତାଙ୍କ ଜୀବନ–ବୀଣାର ସ୍ୱର ଆଜି ବି ଆମ ଭିତରେ ଘୁମୁରୁଛି । ହାଟ ଭାଙ୍ଗିଛି ସତ, ହେଲେ ଗହଳି ଭାଙ୍ଗିନାହିଁ । ଆଉ ସେଇଥିପାଇଁ ତ ଆମେ ସବୁ ଆଜି ଏଠି ଏକାଠି ହୋଇଛେ, ତାଙ୍କରି ଜୟନ୍ତୀରେ ତାଙ୍କର ଗୁଣଗାନ ପାଇଁ !

ଲକ୍ଷ୍ମୀକାନ୍ତ ମହାପାତ୍ର ପରିଚିତ ଥିଲେ 'କାନ୍ତକବି' ଭାବରେ । କିନ୍ତୁ କିଏ ତାଙ୍କୁ ଦେଇଥିଲା ଏ ଉପାଧି ? ସେ ନେଇ ଗବେଷକମାନଙ୍କ ଭିତରେ ମତଭେଦ ରହିଛି । 'ଓଡ଼ିଆ ସାହିତ୍ୟକୁ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଦାନ ଶୀର୍ଷକରେ ୧୯୮୪ ମସିହାରେ ଏକ ଗବେଷଣା ସନ୍ଦର୍ଭ ପ୍ରସ୍ତୁତ କରିଥିଲେ ପ୍ରଫେସର ଡକ୍ଟର ଶ୍ୟାମସୁନ୍ଦର ମିଶ୍ର । ତାହାକୁ ଏକ ଡି.ଲିଟ. ସନ୍ଦର୍ଭ ଭାବେ ଉତ୍କଳ ବିଶ୍ୱବିଦାଳୟରେ ଦାଖଲ କରାଯାଇଥିଲେ ହେଁ ତାହାକୁ ପିଏଚ୍.ଡି. ପାଇଁ ବିଚାର କରାଯାଇଥିଲା ଏବଂ ଶ୍ରୀ ମିଶ୍ର ସେଥିପାଇଁ ଡକ୍ଟରେଟ ଡିଗ୍ରୀ ପାଇଥିଲେ । ୨୦୦୩ ମସିହାରେ ତାହା ପୁସ୍ତକ ରୂପେ ପ୍ରକାଶ ପାଇଲା । ସେହି ପୁସ୍ତକର ପଞ୍ଚମ ପରିଚ୍ଛେଦରେ ଲକ୍ଷ୍ମୀକାନ୍ତ 'କାନ୍ତକବି' ହେଲେ କିପରି ? ଶୀର୍ଷକରେ ଡକ୍ଟର ମିଶ୍ର କହିଛନ୍ତି, କଟକ ରେଭେନ୍ସା କଲେଜରେ ପଢୁଥିବା ବେଳେ ଲକ୍ଷ୍ମୀକାନ୍ତଙ୍କର ସଂଗୀତ ପ୍ରତିଭା ଓ ଅଭିନୟ ନୈପୁଣ ପ୍ରତିପାଦିତ ହୋଇଥିଲା । ରାମଶଙ୍କର ରାୟଙ୍କର 'କାଞ୍ଚକାବେରୀ' ନାଟକରେ ସେ ଗୋବିନ୍ଦଚନ୍ଦ୍ର ଶୂରଦେଓଙ୍କ ସହ ମିଳିତ ଭାବେ ସଂଗୀତ ନିର୍ଦ୍ଦେଶନା ଦେଇଥିଲେ ଏବଂ ନାଟକରେ ଏକ ନର୍ତ୍ତକୀ ଭୂମିକାରେ ଅଭିନୟ କରିଥିଲେ । ସେଥିରେ ସେ ଏପରି ଜୀବନ୍ତ ଅଭିନୟ କରିଥିଲେ ଯେ ଦର୍ଶକମାନଙ୍କ ମନରେ ସେ ଜଣେ ପେସାଦାର ବାରାଙ୍ଗନା ବୋଲି ଭ୍ରମ ସୃଷ୍ଟି ହୋଇଥିଲା । କମନୀୟ ଅଙ୍ଗଶୋଭା, ସୁଲଳିତ କଣ୍ଠ ଓ କୋମଳ ପଦାବଳୀ ଯୋଗୁଁ ସେତେବେଳେ ସେ 'ଲକ୍ଷ୍ମୀକାନ୍ତ କବି' ଭାବରେ ବନ୍ଧୁ ମହଲରେ ପରିଚିତ ଥିଲେ । କ୍ରମେ ସେହି ନାମ ଆହୁରି ସଂକ୍ଷିପ୍ତ ହୋଇ ତାଙ୍କ ପ୍ରତିଭାମୁଗ୍ଧ ଜନସାଧାରଣଙ୍କ ମୁଖରେ 'କାନ୍ତକବି' ରୂପ ଧାରଣ କଲା ।

ଆଉ ଜଣେ ଗବେଷକ ଶ୍ରୀଚରଣ ମହାନ୍ତି କିନ୍ତୁ ଲକ୍ଷ୍ମୀକାନ୍ତଙ୍କ 'କାନ୍ତକବି' ଆଖ୍ୟା ସଂପର୍କରେ ଭିନ୍ନ ମତ ଦିଅନ୍ତି । ୧୯୮୧ ମସିହାରେ ବରଗଡ଼ର 'ପ୍ରତିଚୀ ସାହିତ୍ୟ ସଂସଦ'ରୁ ପ୍ରକାଶିତ 'ପ୍ରତିଚୀ' ପତ୍ରିକାର ଦ୍ୱିତୀୟ ସଂକଳ୍ପରେ ସେ ଏକ ଲେଖା ଲେଖିଛନ୍ତି । ସେଥିରେ ସେ ଦୃଢ଼ ଯୁକ୍ତି ଉପସ୍ଥାପନ କରି ବଙ୍ଗୀୟ

କବି ରଜନୀକାନ୍ତଙ୍କ ସହ ଲକ୍ଷ୍ମୀକାନ୍ତଙ୍କର ସାମଞ୍ଜସ୍ୟ ସାବ୍ୟସ୍ତ କରିଛନ୍ତି । ଏଠାରେ କହି ରଖିବା ଆବଶ୍ୟକ ଯେ ରଜନୀକାନ୍ତ ସେନ ବଙ୍ଗଳାରେ 'କାନ୍ତକବି' ନାମରେ ପରିଚିତ ଥିଲେ ଏବଂ ପ୍ରମଥ ନାଥ ବିଶି 'କାନ୍ତକବି ରଚନା ସମ୍ଭାର'ନାମରେ ତାଙ୍କର ଜୀବନୀ ଓ ରଚନାର ଏକ ସଂକଳନ କରିଥିଲେ । ସେହିପରି ଲକ୍ଷ୍ମୀକାନ୍ତ ଓଡ଼ିଆରେ 'କାନ୍ତକବି' ନାମରେ ସୁପରିଚିତ ଏବଂ 'କାନ୍ତ ସାହିତ୍ୟମାଳା' ନାମରେ ଦୁଇଖଣ୍ଡରେ ତାଙ୍କର ଜୀବନୀ ଓ ରଚନାର କିୟଦଂଶ ସଂକଳିତ ହୋଇଛି । ଶ୍ରୀଚରଣ ମହାନ୍ତି ପ୍ରଥମ କରି ସପ୍ରମାଣ ସାବ୍ୟସ୍ତ କରିଛନ୍ତି ଯେ ବଙ୍ଗ ଓ ଓଡ଼ିଶାର ଏହି ଦୁଇ କାନ୍ତକବିଙ୍କର ଜୀବନ ଓ କାବ୍ୟ ରଚନାର ପୃଷ୍ଠଭୂମି ପ୍ରାୟ ଗୋଟିଏ ଧାରାର । ଦୁଇ କାନ୍ତକବିଙ୍କ ଜୀବନରେ ଆଶ୍ଚର୍ଯ୍ୟଜନକ ସାମଞ୍ଜସ୍ୟ ରହିଛି । ପରେ ନିଜ ଗବେଷଣା ସନ୍ଦର୍ଭ 'ଓଡ଼ିଆ ସାହିତ୍ୟକୁ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଦାନ'ରେ ଡକ୍ଟର ଶ୍ୟାମସୁନ୍ଦର ମିଶ୍ର ମଧ୍ୟ ବହୁ ଦୃଷ୍ଟାନ୍ତ ସହ ରଜନୀକାନ୍ତ ଓ ଲକ୍ଷ୍ମୀକାନ୍ତଙ୍କ ଜୀବନ ଓ ସାହିତ୍ୟର ତୁଳନାତ୍ମକ ଚିତ୍ର ଦେଇଛନ୍ତି ।

ତେବେ ସୌମ୍ୟକାନ୍ତ ରୂପ ଓ କାନ୍ତଭାବସଂପନ୍ନ ରଚନାରୁ ହେଉ କି ସମସାମୟିକ ବଙ୍ଗୀୟ କବି ରଜନୀକାନ୍ତଙ୍କ ସହ ସାମ୍ୟ ଦୃଷ୍ଟିରୁ ହେଉ, ଲକ୍ଷ୍ମୀକାନ୍ତ ମହାପାତ୍ର ଓଡ଼ିଶାରେ 'କାନ୍ତକବି' ଭାବରେ ହିଁ ସେଦିନରୁ ସୁପରିଚିତ ଓ ସୁପ୍ରସିଦ୍ଧ ହୋଇଥିଲେ ଏବଂ ତାଙ୍କର ସେହି ପରିଚିତି ଓ ପ୍ରସିଦ୍ଧି ଏଯାବତ ଅବ୍ୟାହତ ରହିଛି ।

ବିଶିଷ୍ଟ କଥାଶିଳ୍ପୀ ଶାନ୍ତନୁ କୁମାର ଆଚାର୍ଯ୍ୟ କିନ୍ତୁ ଭିନ୍ନ ଏକ ତଥ୍ୟ ଦେଇ ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ଲକ୍ଷ୍ମୀକାନ୍ତଙ୍କୁ ଏହି 'କାନ୍ତକବି' ଉପାଧି ଦେଇଥିଲେ ବୋଲି କହିଛନ୍ତି । ୨୦୦୪ ମସିହା ଫେବୃଆରୀ ମାସ ୨୦ ତାରିଖ ଦିନ ବାଲେଶ୍ୱରର ଫକୀରମୋହନ ବିଶ୍ୱବିଦାଳୟ ପକ୍ଷରୁ ଭଦ୍ରକ କଲେଜଠାରେ ଆୟୋଜିତ ହୋଇଥିଲା 'କାନ୍ତକବି ସ୍ମାରକୀ ବକ୍ତୃତାମାଳା'। ସେହି ସ୍ମାରକୀ ବକ୍ତୃତାରେ ଶାନ୍ତନୁ କହିଛନ୍ତି, 'ଲକ୍ଷ୍ମୀକାନ୍ତଙ୍କୁ ସ୍ନେହରେ ତାଙ୍କ କଲେଜ ପଢୁଆ ବନ୍ଧୁମାନେ ଡାକୁଥିଲେ 'କାନ୍ତକବି'। ସେମାନେ କିଛି କମ ଓଜନଦାର ଛାତ୍ର ନଥିଲେ । ସେମାନେ ଥିଲେ ଚିନ୍ତାମଣି ଆଚାର୍ଯ୍ୟ, ଆର୍ତ୍ତବଲ୍ଲଭ ମହାନ୍ତି, ସଚ୍ଚିଦାନନ୍ଦ ରାୟ (ଓଡ଼ିଶାର ଏକଦା ଶିକ୍ଷା ନିର୍ଦ୍ଦେଶକ ବା ଡି.ପି.ଆଇ) ପ୍ରଭୃତି । କୋମଳ, ମନୋମୁଗ୍ଧକର କବିତା ଲେଖିବା ସେ ସମୟରେ ଏକ ବଡ଼ ଯୋଗ୍ୟତା ଥିଲା ନିଶ୍ଚୟ । ଆଜି କିନ୍ତୁ ଏହା ଜଣେ ଉଚ୍ଚାଭିଳାଷୀ କବିର ଲକ୍ଷଣ ବୋଲି ଗଣାଯାଉ ନାହିଁ। ଏମାନଙ୍କୁ କୁହାଯାଏ ଗୀତିକାର । ତେବେ ଏଇ ଯୋଗ୍ୟତା ଯୋଗୁଁ ସେଦିନ, ୧୯୩୪ରେ ଲକ୍ଷ୍ମୀନାରାୟଣ ସାହୁ ଲକ୍ଷ୍ମୀକାନ୍ତଙ୍କୁ ସାଧାରଣ ସଭାରେ ସେଇ ଉପାଧିଟି ଅର୍ପଣ କଲେ– 'କାନ୍ତ କବି' । ସାହୁ ମହାଶୟ କିଛି କମ ଲୋକ ନଥିଲେ । ସେ ଥିଲେ ଗୋପବନ୍ଧୁ ଦାସଙ୍କ ପରି ସମ୍ମାନିତ ଜଣେ ସମାଜସେବୀ । ତେଣୁ ତାଙ୍କ ପ୍ରଦତ୍ତ ଉପାଧିଟିକୁ ଆଜି ପର୍ଯନ୍ତ ସମ୍ମାନ ଦିଆଯାଉଛି ।

ଶାନ୍ତନୁ କୁମାର ଆଚାର୍ଯ୍ୟ ତାଙ୍କର ସେହି ଅଭିଭାଷଣରେ ଏ ପ୍ରସଙ୍ଗରେ କିଞ୍ଚିତ ଶ୍ଳେଷାତ୍ମକ ମନ୍ତବ୍ୟ ଦେଇ କହିଛନ୍ତି, 'ଏ ଯୁଗ ପାଇଁ ଏହି 'କାନ୍ତକବି' ଉପାଧିର ମୂଲ୍ୟ କମ କାରଣ ଅନେକଙ୍କ ମତରେ ଆଜିକାଲି ଅତିକମରେ ଗୋଟାଏ ଡକ୍ଟରେଟ ବା ପଦ୍ମଶ୍ରୀ ଉପାଧି ନଥିବା ଲୋକକୁ ଲେଖକ ବା କବି କୁହାଯିବା ଦୟା କଲା ପରି କଥା । କିନ୍ତୁ ଏ ପ୍ରସଙ୍ଗରେ ଗୋଟିଏ କଥା ମନେ ରଖିବାକୁ ପଡ଼ିବ ଯେ ଫକୀରମୋହନଙ୍କୁ 'ବ୍ୟାସକବି' ବା ଲକ୍ଷ୍ମୀକାନ୍ତଙ୍କୁ 'କାନ୍ତକବି' ଉପାଧି କୌଣସି ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ ନଦେଲେ ମଧ୍ୟ ତାହା ପଛରେ ରହିଛି ଦେଶର ଅଗଣିତ ଜନସାଧାରଣଙ୍କର ସ୍ୱୀକୃତି । ତା' ନହେଲେ ପ୍ରତିଦିନ ବିଶ୍ୱବିଦ୍ୟାଳୟମାନେ ପ୍ରଦାନ କରୁଥିବା ପିଏଚ୍.ଡି., ଡି.ଲିଟ. ପରି ଉପାଧିପ୍ରାପ୍ତମାନଙ୍କ ଉପାଧିର ପ୍ରାୟ କିଛି ଗୁରୁତ୍ୱ ଏବେ ଅନୁଭୂତ ହେଉ ନଥିବାବେଳେ 'ବ୍ୟାସକବି' ବା 'କାନ୍ତକବି'ମାନେ ସେମାନଙ୍କ ମୃତ୍ୟୁର ଅର୍ଦ୍ଧଶତାବ୍ଦୀ ବା ତା'ଠାରୁ ଊର୍ଦ୍ଧ୍ୱକାଳ ପରେ ବି କାହିଁକି ସମ୍ମାନିତ ହେଉଥାଆନ୍ତି ! ନିକଟରେ ଏହା ପୁନର୍ବାର ପ୍ରତିପାଦିତ ହୋଇଛି ମହାତ୍ମା ଗାନ୍ଧୀଙ୍କ କ୍ଷେତ୍ରରେ । ମହାତ୍ମା ଗାନ୍ଧୀଙ୍କୁ କିଏ ଦେଇଥିଲା 'ଜାତିର ପିତା' ଉପାଧି ? ଏ ପ୍ରଶ୍ନ କିଛିକାଳ ତଳେ ଭାରତ ସରକାରଙ୍କୁ ପଚାରି ଥିଲା ମାତ୍ର ଦଶବର୍ଷର ଗୋଟିଏ ସାନ ଝିଅ– ଐଶ୍ୱର୍ଯ୍ୟା ପରାଶର । ଭାରତ ସରକାର ସବୁ ସରକାରୀ ନଥିପତ୍ର ଘାଣ୍ଟିଲେ । ଶେଷରେ କହିଲେ– ନା, ମହାତ୍ମାଗାନ୍ଧୀଙ୍କୁ 'ଜାତିର ପିତା' ଉପାଧି ଦିଆଯାଇ ନାହିଁ । ଦେଶର ପ୍ରାୟ ସବୁ ଗଣମାଧମର ଶିରୋନାମାରେ ଏ ଖବର ସ୍ଥାନ ପାଇଲା । କିନ୍ତୁ ମହାତ୍ମାଗାନ୍ଧୀଙ୍କ 'ଜାତିର ପିତା' ମର୍ଯ୍ୟାଦା ଟିକିଏ ହେଲେ ଊଣା ହେଲା କି ? ନା । କାରଣ ଏହି ସମ୍ମାନ ପଛରେ ରହିଥିଲା ଓ ରହିଛି ଦେଶର ଶହେ କୋଟିରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ସ୍ୱୀକୃତି । କୌଣସି ଆନୁଷ୍ଠାନିକତା ବା ସରକାରୀ କଳର ମୋହର ତା ପାଖରେ ତୁଚ୍ଛ । ସେଇଥିପାଇଁ ଆମର ସାରଳା ଦାସ 'ଆଦିକବି', ଜଗନ୍ନାଥ ଦାସ 'ଅତିବଡ଼ି', ଉପେନ୍ଦ୍ର ଭଞ୍ଜ 'କବିସମ୍ରାଟ', ଫକୀରମୋହନ 'ବ୍ୟାସକବି', ରାଧାନାଥ 'କବିବର', ଗଙ୍ଗାଧର 'ସ୍ୱଭାବକବି'

ଆଉ ଲକ୍ଷ୍ମୀକାନ୍ତ 'କାନ୍ତକବି' । ଏପରି ସାରସ୍ୱତ ବ୍ୟକ୍ତିତ୍ୱମାନଙ୍କର ସମ୍ମାନ ଊଣା ହେବାର ନୁହେଁ କେବେ ବି ।

କିନ୍ତୁ 'କାନ୍ତକବି' କହିଲେ ମୋ ମନକୁ ଦୁଇଟି ଦୃଶ୍ୟ ଆସେ । ଗୋଟିଏ ଦୃଶ୍ୟ ଜଣେ ସ୍ଫୂର୍ତ୍ତିମାନ ଯୁବକର । ସେ ଯୁବକଟିର ଜନ୍ମ ଜମିଦାର ଚୌଧୁରୀ ଭାଗବତ ପ୍ରସାଦ ସାମନ୍ତରାୟ ମହାପାତ୍ରଙ୍କ ପରିବାରରେ । ଫିଟଫାଟ୍ ପୋଷାକ ଓ ଟେନିସ୍ ସୁପିନ୍ଧି, ହାତରେ ରାକେଟ ଧରି କଟକ ରେଭେନସା କଲେଜର ଟେନିସ କୋର୍ଟରେ ସେ ଖେଳୁଛି ଟେନିସ । ତାର ସମ୍ଭ୍ରାନ୍ତତା, ସ୍ଫୂର୍ତ୍ତି ଓ କ୍ରୀଡ଼ା ନୈପୁଣ୍ୟରେ ସମସ୍ତେ ମୁଗ୍ଧ ।

ଆଉ ଗୋଟିଏ ଦୃଶ୍ୟ ବି ସେଇ କଟକର । ମହାବ୍ୟାଧିରେ ଶରୀର ଶ୍ରୀହୀନ ହୋଇଯାଇଥିବା, ଚଳଶକ୍ତିହୀନ ଭାବେ ଅନ୍ୟର ପିଠିରେ ଲାଉ ହୋଇ ଚଳପ୍ରଚଳ ହେଉଥିବା ଜଣେ ପରିଣତ ବୟସର ବ୍ୟକ୍ତି ସେ । ହାତର ଅଙ୍ଗୁଳିଗୁଡ଼ିକ ଛିନ୍ନ । ପାପୁଲିରେ କେବଳ ଅଙ୍ଗୁଳିର କିଛି ଥୁଆ ଅବଶେଷ । ସେଇ ଥୁଆ ପାପୁଲି ଓ ଅଙ୍ଗୁଳିରେ କେହି ଜଣେ କଲମଟିଏ ଗୁଞ୍ଜିଦେଲେ ସେ ଲେଖନ୍ତି । ସେଥିରୁ କଅଁଳେ କବିତାର କିଶଳୟ ।

ଏହି ଦୁଇଟିଯାକ ଦୃଶ୍ୟ ଜଣଙ୍କର ଏବଂ ସେ ଜଣକ ହେଉଛନ୍ତି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର । ଜୀବନର ଏହି ଦୁଇ ବିରୋଧାଭାସ ତାଙ୍କ ସାହିତ୍ୟରେ ପ୍ରତିଫଳିତ । ଏଇଥିପାଇଁ ତ ବିଶିଷ୍ଟ ସମାଲୋଚକ ଦାଶରଥି ଦାସ ତାଙ୍କ ସଂପର୍କରେ କହିଛନ୍ତି– ଧନ, ସୌଭାଗ୍ୟ ଓ ସୌନ୍ଦର୍ଯ୍ୟ ଆଦି ସବୁ ଐଶ୍ୱର୍ଯ୍ୟ ଘେନି ତାଙ୍କର ଜନ୍ମ । ଗୃହବିବାଦ, ଦୁର୍ଭାଗ୍ୟ ଓ ଦୁରାରୋଗ୍ୟ ବ୍ୟାଧିଜନିତ ନୈରାଶ୍ୟ ଓ ବେଦନାକୁ ସାହସ, ସଂକଳ୍ପ ଓ ଅଧ୍ୟବସାୟ ବଳରେ ସାଧ୍ୟକରି ସେ ସାହିତ୍ୟ ସାଧନା ଅବ୍ୟାହତ ରଖିଛନ୍ତି, ଆମରଣ । ଏ ଯେମିତି ବାର୍ତ୍ତାଟିଏ ବାଢ଼ିଦେବାର ସାହିତ୍ୟିକ ଜୀବନ– ଆନନ୍ଦର କଥା ଯେ 'ଜୀବନ ସଂଗୀତ' ଭିନ୍ନ ସବୁ ଲେଖା ଏମିତି ରଙ୍ଗବ୍ୟଙ୍ଗ ଘେନି ହାସ୍ୟୋଚ୍ଛଳ ଯେ ଦୁର୍ଭାଗ୍ୟ କଥା କହି ନରଖିଲେ ତାହା ଜାଣିବାର ସଂକେତ ପର୍ଯ୍ୟନ୍ତ ନାହିଁ । ସବୁଠି ତାଙ୍କ ଲେଖାରେ ଶୁଭବିଶ୍ୱାସୀ, ସ୍ୱଦେଶପ୍ରାଣ ଜଣେ ବୈଷ୍ଣବଭକ୍ତର ଆଶାବାଦ ଉଜ୍ଜ୍ୱଳ ହୋଇ ରହିଛି । ସରସ ଆବେଗ, ଉଚ୍ଛ୍ୱାସ ଓ ଆନନ୍ଦ ଅଛପା ରହୁନାହିଁ– ଯଦିଚ କରୁଣ–କୋମଳ ଆର୍ଦ୍ରତା ଅନୁପସ୍ଥିତ ନୁହେଁ ।

ଏ ପ୍ରସଙ୍ଗରେ ଏଠି ସୂଚନା ଦେବା ଆବଶ୍ୟକ ଯେ ବଙ୍ଗୀୟ 'କାନ୍ତକବି' ରଜନୀକାନ୍ତ ସେନଙ୍କ ରଚନାବଳୀ ତୁଳନାରେ ଆମ 'କାନ୍ତକବି' ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚନାବଳୀର ଦିଗନ୍ତ ସୁବିସ୍ତୃତ । ସଂକ୍ଷେପରେ ସେହି ପରିଚିତି ଏମିତି... ।

୧. ଶିଶୁପାଠ ସାହିତ୍ୟ ବା ବାଳସାହିତ : ଏଥି ମଧ୍ୟରେ ରହିଛି (କ) ପାଠମାଳା ଓ ସାହିତ୍ୟ ସୁଧାକର ପରି ପାଠ୍ୟପୁସ୍ତକ ଏବଂ ଶିଶୁ ଓ କିଶୋରଙ୍କ ଉପଯୋଗୀ ଗଳ୍ପ, କବିତା ।

୨. ନାଟ୍ୟ ସାହିତ୍ୟ : ଏହା ମଧ୍ୟରେ ଅଛି ପୌରାଣିକ ନାଟକ, ରାଜନୈତିକ ନାଟକ, ସାମାଜିକ ନାଟକ, ପ୍ରହସନ ଓ ଏକାଙ୍କିକା ।

୩. କବିତା : ଏହା ମଧ୍ୟରେ ବିବିଧ କବିତା, କଲ୍ଲୋଳ, ଜୀବନ ସଂଗୀତ, ଜାତୀୟ ସଂଗୀତ, ହାସରସାତ୍ମକ କବିତା ଆଦି ଅନ୍ତର୍ଭୁକ୍ତ ।

୪. ଗଦ୍ୟସାହିତ୍ୟ : ଏଥି ମଧ୍ୟରେ ଅଛି ଅସହଯୋଗୀର ଆତ୍ମକଥା, ପ୍ରବନ୍ଧାବଳୀ, ୬୭ଟି କ୍ଷୁଦ୍ରଗଳ୍ପ ଏବଂ 'କଣାମାମୁ' ପରି ଉପନ୍ୟାସ ।

୫. ଲାଳିକା : ପ୍ରସିଦ୍ଧ ଓଡ଼ିଆ ଚଉପଦୀଗୁଡ଼ିକର ବ୍ୟଙ୍ଗାତ୍ମକ ଅନୁକରଣ ଏବଂ 'କିଶୋର ଚନ୍ଦ୍ରାନନ ଚମ୍ପୂ'ର ବ୍ୟଙ୍ଗାତ୍ମକ ରଚନା ଏସବୁର ବିଶେଷତ୍ୱ ।

ଏଇଠି ସୂଚାଇ ଦେବା ଆବଶ୍ୟକ ଯେ 'କାନ୍ତ ସାହିତ୍ୟ ମାଳା' ନାମରେ ଦୀର୍ଘକାଳ ତଳେ ଦୁଇଖଣ୍ଡରେ ସଂକଳିତ ଲକ୍ଷ୍ମୀକାନ୍ତଙ୍କର ଏହି ରଚନାବଳୀ ତାଙ୍କ ରଚନାର ପୂର୍ଣ୍ଣାଙ୍ଗ ସୂଚନା ନୁହେଁ । କାରଣ 'କାନ୍ତ ସାହିତ୍ୟମାଳା'ର ତୃତୀୟ ଖଣ୍ଡ ତଥାପି ଅପ୍ରକାଶିତ । ପ୍ରକାଶକଙ୍କ ଅସାବଧାନତା ଯୋଗୁଁ ତାହା ପ୍ରକାଶ ପୂର୍ବରୁ ହଜି ଯାଇଥିଲା ଏବଂ ଆଜିଯାଏଁ ତାହାକୁ ଖୋଜାଯାଇ ପାରିନାହିଁ । ପୁଣି କାନ୍ତକବି କରିଥିବା 'ଓମାର ରୁବାୟତ'ର ଏକ ପଦ୍ୟାନୁବାଦ ମଧ୍ୟ ଏ ଯାଏଁ ପ୍ରଥମ ପ୍ରକାଶର ସ୍ପର୍ଶ ପାଇନାହିଁ ।

ତେବେ ଏତେ ସବୁ ଲେଖା ସତ୍ତ୍ୱେ ମୋର ଧାରଣା ଯେ ଆଉ କିଛି ନ ଲେଖି କାନ୍ତକବି ଯଦି କେବଳ 'ଜୀବନ ସଂଗୀତ'ର କବିତା, 'ବୁଢ଼ାଶଙ୍ଖାରି' ଗଳ୍ପ ଓ 'କଣାମାମୁ' ଉପନ୍ୟାସ ଲେଖିଥାଆନ୍ତେ– ତେବେ ବି ସେ ଓଡ଼ିଆ ସାହିତ୍ୟରେ କାଳକାଳକୁ ବଞ୍ଚି ରହିଥାଆନ୍ତେ ।

'ଜୀବନ ସଂଗୀତ'କୁ ବହୁ ବିଶିଷ୍ଟ ସମାଲୋଚକ 'ଓଡ଼ିଆ ଭାଷାର ଗୀତାଞ୍ଜଳି' ବୋଲି ଅଭିହିତ କରିଛନ୍ତି । ସେମାନଙ୍କ ମଧ୍ୟରୁ ଅନ୍ୟତମ ବିଶିଷ୍ଟ ସମାଲୋଚକ ଡକ୍ଟର କୃଷ୍ଣଚରଣ ବେହେରା ଉଭୟର ଏକ ତୁଳନାତ୍ମକ ଚିତ୍ର ଦେଇ ତାହାକୁ 'ଗୀତାଞ୍ଜଳିର ଏକ ଯଥାର୍ଥ ସାଙ୍ଗୀକରଣ' ବୋଲି କହିଛନ୍ତି । ନିଜର ଏକ ଲେଖାରେ ସେ କହିଛନ୍ତି, ''ନୋବେଲ ପୁରସ୍କାର

ବିଜେତା ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଦେଢ଼ଟଙ୍କା ମୂଲ୍ୟର ୧୮୦ ପୃଷ୍ଠା ବିଶିଷ୍ଟ 'ଗୀତାଞ୍ଜଳି' ସହିତ ଜଣେ ଅବହେଳିତ, ନିପୀଡ଼ିତ ଓଡ଼ିଆ କବିର ମାତ୍ର ତିନିଅଣା ମୂଲ୍ୟର ୪୭ ପୃଷ୍ଠା ବିଶିଷ୍ଟ 'ଜୀବନ ସଂଗୀତ'ର ସାଙ୍ଗୀକରଣ ! କେତେକ ଏହାକୁ ହାସ୍ୟାସ୍ପଦ ମନେ କରିପାରନ୍ତି । ସ୍ୱୟଂ କାନ୍ତକବି ବଞ୍ଚି ଥିଲେ ହୁଏତ ନିଜର ସ୍ୱଭାବସୁଲଭ ଭଙ୍ଗୀରେ କହିଥାଆନ୍ତେ– 'କାହିଁ ରାଣୀ, କାହିଁ ଚନ୍ଦ୍ରକାଣି !' ରବୀନ୍ଦ୍ର ପ୍ରତିଭାକୁ ସମଗ୍ର ଭାବରେ ବିଚାର କଲେ ତା' ନିକଟରେ କାନ୍ତକବି ସମାନ ହୋଇ ପାରନ୍ତି କିନ୍ତୁ ସେହି ଅଭ୍ରଂଲିହ ପ୍ରତିଭାର ଏକ ବିଶିଷ୍ଟ ଅଂଶରେ କାନ୍ତ ପ୍ରତିଭା ନିଶ୍ଚୟ ସାପନ୍ୟ ପ୍ରତିଷ୍ଠା ଲାଭ କରିପାରେ ।''

'ଜୀବନ ସଂଗୀତ'ର ସବୁଠୁ ଚର୍ଚ୍ଚିତ ଓ ସବୁଠୁଁ ପ୍ରସିଦ୍ଧ ସଂଗୀତଟି ହେଉଛି, 'ସବୁଥିରୁ ବଞ୍ଚିତ କରି' । ବୈକୁଣ୍ଠନାଥ ପଟ୍ଟନାୟକଙ୍କ 'ଜୀବନ ପାତ୍ର ମୋ ଭରିଛ କେତେମତେ' ସହ ତୁଳନା କରି କେହି କେହି ତାହାକୁ ପୂର୍ଣ୍ଣ ଓ ଏହାକୁ ଶୂନ୍ୟ ବୋଲି କହିଥାଆନ୍ତି । କିନ୍ତୁ 'ସବୁଥିରୁ ବଞ୍ଚିତ କରି...' କ'ଣ ଶୂନ୍ୟତା ବା ନୈରାଶ୍ୟର କବିତା ? ନିଶ୍ଚିତ ଭାବରେ ନା । ସେଇଥିପାଇଁ ତ ବିଶିଷ୍ଟ ସମାଲୋଚକ ଦାଶରଥି ଦାସ କହିଛନ୍ତି, ''ସବୁଥିରୁ ବଞ୍ଚିତ ଜୀବନ–ବଧୂଟି ଜୀବନ ଦେବତାଙ୍କ ଉଦ୍ଦେଶ୍ୟରେ ନିବେଦନ କରିଛି ପ୍ରାଣବିଚ୍ଛୁରିତ ମାନ ଅଭିମାନ ଓ ବିରହବେଦନା । କବି ବୈଷ୍ଣବ ଥିଲେ ନିଶ୍ଚୟ, କିନ୍ତୁ ଜୀବନ ସଂଗୀତରେ କୌଣସି ସଂପ୍ରଦାୟ, ନିର୍ଦ୍ଦିଷ୍ଟ ପୂଜାନୁଷ୍ଠାନ କି ଉପାଦାନର କଥା ନାହିଁ, ଅଥଚ ଆଧାତ୍ମିକ ଭାବ ପରିକ୍ରମା ଏଥିରେ ସ୍ପଷ୍ଟ ଓ ସାର୍ଥକ । ଭଗବାନ ଅଛନ୍ତି । ଭକ୍ତର ଏକାନ୍ତ ବିହ୍ୱଳ ଆତ୍ମ ନିବେଦନ ଅଛି । ସଂଗୀତଗୁଡ଼ିକରେ କବି ସହଜ, ସରଳ । ଯଥାସମ୍ଭବ ଅଳଙ୍କାରରିକ୍ତ ଭାଷାରେ ଅନ୍ତରର ଭକ୍ତି, ଭଗବଦ ପ୍ରେମର ଆକୁଳତା, ମାନବପ୍ରାଣର ଆର୍ତ୍ତି ଓ ଅସହାୟତା ଏଥିରେ ଅବିଭକ୍ତ । ଏଥିରେ ଉପନିଷଦର ଚେତନା ଅଛି । ରବୀନ୍ଦ୍ରନାଥଙ୍କ ନୈବେଦ୍ୟ 'ଗୀତାଞ୍ଜଳି', 'ଗୀତାମାଲ' ଆଦିର ଚେତନା ବି ଅଛି । ସେସବୁ ଚେତନା କବି ମନର ଦୁଃଖାନୁଭବ ବୈଚିତ୍ର୍ୟ ସହିତ ସମନ୍ୱିତ ହୋଇ ଉଭୟ ନିବିଡ଼ ଆଧାତ୍ମବାଦ ଓ ଈଶ୍ୱରୋପଲବଧିର ପରିଚୟ ବହନ କରିଛି । 'ଜୀବନ ସଂଗୀତ' ପ୍ରକୃତରେ ଏକ ଅସହାୟ ମଣିଷର ଜୀବନ–ସଂଗୀତ ।''

କାନ୍ତକବିଙ୍କର ଚର୍ଚ୍ଚିତ ଗଳ୍ପ 'ବୁଢ଼ା ଶଙ୍ଖାରି' ଓ ଚର୍ଚ୍ଚିତ ଉପନ୍ୟାସ 'କଣାମାମୁ' ସଂପର୍କରେ ଏଠାରେ କିଛି କହିବା ଅନାବଶ୍ୟକ । ତେବେ ତାଙ୍କ 'କଣାମାମୁ' ଚରିତ୍ରଟି ମୂର୍ଖ, ନିର୍ବୋଧ ଓ ହୁଣ୍ଡାଗୁଣ୍ଡା ଲୋକଟିଏ ପରି ମନେହେଲେ ମଧ୍ୟ ଉପସ୍ଥିତ ବିଚାରବୁଦ୍ଧି, ହୃଦୟବତ୍ତା ଓ ସତଜ୍ଞାନର ସମନ୍ୱୟ ସେହି ଚରିତ୍ରରେ ଅଛି । ପୁଣି ଫକୀରମୋହନଙ୍କ 'ରେବତୀ' ଗଳ୍ପର କାରୁଣ୍ୟ ସହ କାନ୍ତକବିଙ୍କ 'ବୁଢ଼ା ଶଙ୍ଖାର'ର ଆବେଦନ ତୁଳନୀୟ । କେହି କେହି ବିଶିଷ୍ଟ ସମାଲୋଚକ ନିକ ବୋହୂଟି ପାଇଁ ଶଙ୍ଖାରିବୁଢ଼ାର ଆନ୍ତରିକତାକୁ ଫ୍ରୟେଡ଼ୀୟ ଧାରାର ଏକ ଆକର୍ଷଣ ଭାବରେ ଅଭିହିତ କରି ତା' ଭିତରେ ପ୍ରଚ୍ଛନ୍ନ ଯୌନତା ଅବଶ୍ୟ ଲକ୍ଷ୍ୟ କରନ୍ତି ମାତ୍ର ସେପରି ସମାଲୋଚକଙ୍କୁ ଆମର ଦୂରୁ ଜୁହାର !

ଦାଶରଥି ଦାସ କାନ୍ତକବିଙ୍କ କବିତାଗୁଡ଼ିକୁ ମୁଖ୍ୟତଃ ଦୁଇଟି ଧାରାରେ ବିଭକ୍ତ କରିଛନ୍ତି । ଗୋଟିଏ ରସ ସାହିତ୍ୟ ଓ ଅନ୍ୟଟି ଗେୟ କବିତା । ତାଙ୍କ ମତରେ କବି ନିଜ ହୃଦୟର ରକ୍ତରେ ନିଗାଡ଼ି ଯେପରି ଅନେକ କବିତା ଲେଖିଛନ୍ତି, ଲାଳିକାଗୁଡ଼ିକରେ ସେହିପରି ହସର ହିଲ୍ଲୋଳ ସୃଷ୍ଟି କରିଛନ୍ତି । ତେବେ କବିଙ୍କ ଗେୟ ବା ଗାନଯୋଗ କବିତାର ମଥାମଣି ରୂପେ ସ୍ୱୀକୃତ ହୁଏ 'ବନ୍ଦେ ଉତ୍କଳ ଜନନୀ'।

ଉତ୍କଳୀୟ ଜାତୀୟତାକୁ ନେଇ ଓଡ଼ିଆରେ ଅନେକ କବିତା ଅଛି । ଭାରତର ଅନ୍ୟ ଭାଷାଭାଷୀ ରାଜ୍ୟରେ ବି ନିଜ ନିଜର ଭାଷା ଓ ଭୂମିକୁ ନେଇ ବହୁ ବନ୍ଦନା–ଗୀତି ରହିଛି । କେତୋଟି ଭାଷାର ସେହିସବୁ ଗୀତିକୁ ରାଜ୍ୟର ଜାତୀୟ ସଂଗୀତ ବା 'ଷ୍ଟେଟ ସଙ୍ଗ'ର ମାନ୍ୟତା ମଧ ଦିଆଯାଇଛି । ସେସବୁ ମଧ୍ୟରୁ କାନ୍ତକବିଙ୍କର 'ବନ୍ଦେ ଉତ୍କଳ ଜନନୀ' ଗୋଟିଏ ।

ଏଇଠି ମନେରଖିବାକୁ ହେବ ଯେ କାନ୍ତକବି ଯେଉଁ ତରୁଣ ବୟସରେ ଲେଖାଲେଖି ଆରମ୍ଭ କରିଥିଲେ, ତାହା ଥିଲା ଉତ୍କଳୀୟ ଜାତୀୟତାର ଉନ୍ମେଷକାଳ । ତାଙ୍କର ଜନ୍ମ ଊନବିଂଶ ଶତାବ୍ଦୀର ଶେଷପାଦରେ, ୧୮୮୮ରେ ଏବଂ ସମଗ୍ର ଊନବିଂଶ ଶତାବ୍ଦୀରେ ଭାରତର ବିଭିନ୍ନ ଭାଷାଭାଷୀମାନଙ୍କ ମଧରେ ଜାତୀୟତା ନାମରେ ସଂକୀର୍ଣ୍ଣ ଦ୍ୱନ୍ଦ୍ୱ ଲାଗି ରହିଥିଲା । ଇଂରେଜମାନଙ୍କର ଉପନିବେଶର ଆଦି ସଂସ୍ପର୍ଶ ବଙ୍ଗପ୍ରଦେଶ ହୋଇଥିବାରୁ ବଙ୍ଗୀୟ–କର୍ମଚାରୀମାନେ ଇଂରେଜୀ ଶିକ୍ଷା ପ୍ରଥମେ ଲାଭ କରିବାର ସୁଯୋଗ ପାଇଥିଲେ ଏବଂ ସେ ଦୃଷ୍ଟିରୁ ନିଜକୁ ସଭ୍ୟ ଓ ଶିକ୍ଷିତ ବୋଲି ମନେକରି ଓଡ଼ିଶାକୁ ଓ ଓଡ଼ିଆ ଭାଷାକୁ ତୁଚ୍ଛତାଚ୍ଛଲ୍ୟ କରୁଥିଲେ । ଓଡ଼ିଆ ଭାଷା ବିଲୋପ ଚକ୍ରାନ୍ତ ଥିଲା ତାହାର ଏକ ଅବଶ୍ୟମ୍ଭାବୀ ପଦକ୍ଷେପ ।

ଏହି ଚକ୍ରାନ୍ତ ବା ଭାଷା ଉପରେ ଆକ୍ରମଣର ପ୍ରତିରୋଧ ଭିତରୁ ୧୯୦୩ରେ ଜନ୍ମଲାଭ କରିଥିଲା ଉତ୍କଳ ସମ୍ମିଳନୀ । ମଧୁସୂଦନ ଦାସ ସେଥିପାଇଁ ଗାଇଥିଲେ, ''ଏହି ସମ୍ମିଳନୀ ଜାତିପ୍ରାଣ ସିନ୍ଧୁ/ କୋଟି ପ୍ରାଣବିନ୍ଦୁ ଧରେ / ତୋର ପ୍ରାଣବିନ୍ଦୁ

ମିଶାଇ ଦେ' ଭାଇ / ଡେଇଁପଡ଼ି ସିନ୍ଧୁ ନୀରେ ।'' ଏ ସଂପର୍କରେ ବିଶିଷ୍ଟ ସମାଲୋଚକ ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ) ତାଙ୍କ 'ନବଯୁଗର କବି ଓ କଳାକାର' ପୁସ୍ତକରେ କହିଛନ୍ତି– ଊନବିଂଶ ଶତକର ଶେଷ ଦଶକରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କୁ ଏକ ଶାସନାଧୀନ କରିବା ପାଇଁ ଓଡ଼ିଶାରେ ଆଲୋଚନା, ଆବେଦନ ଓ ନିବେଦନର ସୂତ୍ରପାତ ହେଲା । 'ଉତ୍କଳ ସମ୍ମିଳନୀ'ର ପ୍ରତିଷ୍ଠା ଓ ଦେଶ ମିଶ୍ରଣ ଆନ୍ଦୋଳନ ଉତ୍କଳବ୍ୟାପି ପ୍ରସାରଲାଭ କଲା । ଏହାହିଁ ହେଲା ଜାତୀୟତାବାଦୀ କବିତା ରଚନାର ନୂତନ ପ୍ରେରଣା ।

ଉଲ୍ଲେଖନୀୟ ଯେ 'ଆମ ସମ୍ମିଳନୀ'ର ଉଦ୍ୟୋକ୍ତା ତଥା 'ପ୍ରଜାବନ୍ଧୁ' ପତ୍ରିକାର ସଂପାଦକ ନୀଳମଣି ବିଦ୍ୟାରତ୍ନଙ୍କ ଉଦ୍ୟମରେ ଏହି ସମୟରେ ସଂକଳିତ ହୋଇଥିଲା ଓଡ଼ିଶାର ଜାତୀୟତାବାଦୀ କବିତାର ପ୍ରଥମ ପୁସ୍ତକ । ଫକୀରମୋହନ, ମଧୁସୂଦନ, ଗୋପବନ୍ଧୁ, ନନ୍ଦକିଶୋର, ରାମଶଙ୍କର, ଚନ୍ଦ୍ରମୋହନ, ବ୍ରଜସୁନ୍ଦର, ଶଶିଭୂଷଣ ଓ ମୃତ୍ୟୁଞ୍ଜୟ ପ୍ରମୁଖ ପ୍ରାୟ ୨୫ ଜଣ କବିଙ୍କର କବିତା ଓ ସଂଗୀତ ସେଥିରେ ସଂକଳିତ । ସେହିସବୁ କବିତାର ମୁଖ୍ୟ ଭାବଧାରା ଥିଲା, ଉତ୍କଳର ମାତୃରୂପ ବନ୍ଦନା, ଉତ୍କଳର ଅତୀତ ଗୌରବ, ଭାରତମାତାର ବନ୍ଦନା, ଦେଶପ୍ରେମ ପାଇଁ ଆତ୍ମୋତ୍ସର୍ଗ ଓ ତ୍ୟାଗବରଣର ଗୌରବ, ମାତୃଭାଷାର ସେବା ଏବଂ ଉତ୍କଳ ବ୍ୟାପି ଏକତା ଓ ଭ୍ରାତୃଭାବର ଜାଗରଣ । ପ୍ରଫେସର ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ) ଲେଖିଛନ୍ତି– 'ଉତ୍କଳର ପ୍ରାୟ ସମସ୍ତ କବି ସେସମୟର 'ଉତ୍କଳ ସମ୍ମିଳନୀ'ର ବାର୍ତ୍ତାରେ ଉଦବୁଦ୍ଧ ହୋଇଥିଲେ । ଦେଶ ମିଶ୍ରଣ ଲାଗି ଯତ୍ନଶୀଳ ହେବାକୁ ଦେଶବାସୀଙ୍କୁ ସେମାନେ ଆହ୍ୱାନ କରିଛନ୍ତି । ଓଡ଼ିଶାର ରାଜନୈତିକ ଆନ୍ଦୋଳନକୁ ଏହିସବୁ ବାଣୀ ଯେ ଯଥେଷ୍ଟ ପ୍ରେରଣା ଯୋଗାଇଛି, ଏହା କହିବା ବାହୁଲ୍ୟ ମାତ୍ର ।'

ଏହି ପୃଷ୍ଠଭୂମିରେ କାନ୍ତକବିଙ୍କ ଉତ୍କଳପ୍ରୀତି ଓ ଜାତୀୟ ଭାବନା ବିଚାର୍ଯ୍ୟ । ଏ ପ୍ରସଙ୍ଗରେ କାନ୍ତକବିଙ୍କର ପୌତ୍ର ସାହିତ୍ୟିକ ଗୁରୁକଲ୍ୟାଣ ମହାପାତ୍ର ତାଙ୍କର 'ଓଡ଼ିଶା ରିଭ୍ୟୁ'ରେ ଗୋଟିଏ ଇଂରାଜୀ ଲେଖାରେ ରବୀନ୍ଦ୍ରନାଥ ଠାକୁରଙ୍କର ଏକ ରଚନାର ଉଦାହରଣ ଦେଇ କହିବାକୁ ଚାହିଁଛନ୍ତି ଯେ ଜଣେ ସୃଜନଶୀଳ ସ୍ରଷ୍ଟା ନିଜ ରଚନାରେ ସବୁବେଳେ ସ୍ଥିତାବସ୍ଥାର ଉର୍ଦ୍ଧ୍ୱରେ ପ୍ରେମ ଓ ମୁକ୍ତିର ସନ୍ଧାନ କରିଥାଏ ଏବଂ ତାହା ହିଁ ତାହାର ଜାତୀୟତାବୋଧ ବା ଦେଶାତ୍ମବୋଧ । ଏହି ଭାବଧାରାକୁ ନେଇ 'ଦୁନ୍ଦୁଭି' ନାମରେ କାନ୍ତକବିଙ୍କର ଦେଶାତ୍ମବୋଧକ ସଂଗୀତଗୁଡ଼ିକର ଗୋଟିଏ ସଂକଳନ ଏକଦା ପ୍ରକାଶ ପାଇଥିଲା । ପରେ ତାହା 'କାନ୍ତ ସାହିତ୍ୟମାଳା'ର ଦ୍ୱିତୀୟ ଭାଗରେ ସଂକଳିତ ହୋଇଛି । 'ବନ୍ଦେ ଉତ୍କଳ ଜନନୀ' ତାହାର ଅନ୍ତର୍ଭୁକ୍ତ ।

ଏ ସଂପର୍କରେ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସୂଚନା ଗୁରୁକଲ୍ୟାଣଙ୍କ ସେହି ଲେଖାରେ ଅଛି । ସୂଚନାଟି ହେଉଛି, 'ବନ୍ଦେ ଉତ୍କଳ ଜନନୀ'ର ସୃଜନ ପ୍ରେରଣା ସଂପର୍କରେ ପଚାରିବାରେ ଥରେ କାନ୍ତକବିଙ୍କ ଦୁଇପୁତ୍ର– ଗୌରଚନ୍ଦ୍ର ଓ ନିତ୍ୟାନନ୍ଦ କହିଥିଲେ ଯେ କାନ୍ତକବିଙ୍କର ଏହି ରଚନାଟି ଈଶ୍ୱରାନୁପ୍ରେରିତ। ଉତ୍କଳ ଜନନୀର ନୈସର୍ଗିକ ଶୋଭା ତାଙ୍କର ଚିତ୍ତକୁ ଯେପରି ବିମୁଗ୍ଧ କରିଥିଲା, ତାହା ରୂପାୟିତ ହୋଇଛି ସେହି କବିତାଟିରେ ।

ଓଡ଼ିଶା ତଥା ଭାରତବର୍ଷର ସେହି ଜାତୀୟତାର ଉନ୍ମେଷ କାଳରେ, ଓଡ଼ିଶାକୁ ଏବଂ ଓଡ଼ିଶାର ଐତିହ୍ୟ ଓ ଗୌରବକୁ ନେଇ ଅନେକ ଗୀତି କୃତି ରଚିତ ହୋଇଥିଲା । ରାଧାନାଥଙ୍କ 'ସର୍ବେଷାଂ ନୋ ଜନନୀ ଭାରତ', କୁଳବୃଦ୍ଧ ମଧୁସୂଦନଙ୍କ 'ମାଆ ମାଆ ବୋଲି କେତେ ମୁଁ ଡାକିଲି, ଭିକାରି ଚରଣଙ୍କ 'ଯେ ଜାତିରେ ଜାତ ମର୍କତ ଯଯାତି କପିଳେନ୍ଦ୍ର ନରବର', ବ୍ରଜସୁନ୍ଦରଙ୍କ 'ମାଆ ମାଆ ବୋଲି ଡାକୁଛି ମୋତେ ଆରେ ମୋ ଦୁଃଖ ପାସୋରା', ଗୋଦାବରୀଶ ମିଶ୍ରଙ୍କ 'ତୁଙ୍ଗ ଶିଖରୀ ଚୂଳ' ଓ ଗୋଦାବରୀଶ ମହାପାତ୍ରଙ୍କ 'ଉଠ କଙ୍କାଳ' ଆଦି ସେ ସବୁ ମଧ୍ୟରୁ ଅନ୍ୟତମ ।

ଏଇଠି ସ୍ମରଣ ଆବଶ୍ୟକ ଯେ ଗୋପବନ୍ଧୁ ହିଁ ଥିଲେ କାନ୍ତକବିଙ୍କ କବିକର୍ମର ଆଦିଗୁରୁ । ତେଣୁ ଓଡ଼ିଶାକୁ ନେଇ ଗୋପବନ୍ଧୁଙ୍କର ଯେଉଁ ଉତ୍କଳୀୟ ଜାତୀୟତା ଥିଲା ତାହା ମହାଭାରତୀୟତାକୁ ଉତ୍ତରିତ ହେବା ପରେ ଲକ୍ଷ୍ମୀକାନ୍ତଙ୍କର ଉତ୍କଳୀୟ ଜାତୀୟତା ମଧ୍ୟ ମହାଭାରତୀୟ ଜାତୀୟତାକୁ ଉତ୍ତରିତ ହୋଇଥିଲା । ମାତ୍ର ଉତ୍କଳୀୟ ଜାତୀୟତା ବା ଭାରତୀୟ ଜାତୀୟତା ସହିତ ପ୍ରତ୍ୟକ୍ଷ ରାଜନୈତିକ ସଂପର୍କ କାନ୍ତକବିଙ୍କର ଏହି କବିତାଟିରେ ନଥିଲା । ତେଣୁ ଏହି କବିତାଟି ଏକ ନିର୍ଦ୍ଦିଷ୍ଟ କାଳଖଣ୍ଡର ରାଜନୈତିକ ପ୍ରୟୋଜନର ଅବସାନ ସତ୍ତ୍ୱେ ମଳିନ ପଡ଼ିଗଲା ନାହିଁ । କାରଣ ଏହି କବିତାଟିର ପ୍ରେରଣା ଉତ୍ସ ଥିଲା ଦିବ୍ୟ, ଯାହା ଗୁରୁକଲ୍ୟାଣ ସୂଚିତ କରିଛନ୍ତି ।

ଅବଶ୍ୟ ଏହା ସତ୍ୟ ଯେ ଉତ୍କଳ ସମ୍ମିଳନୀର ଏକ ଅଧିବେଶନରେ କାନ୍ତକବିଙ୍କର ଏହି କବିତାଟି ଗାନ କରାଯାଇଥିଲା । ତେବେ ୧୯୦୩ରୁ ୧୯୧୯ ମଧ୍ୟରେ ଉତ୍କଳ ସମ୍ମିଳନୀର ଠିକ୍ କେଉଁ ଅଧିବେଶନରେ ଏହା ଗାନ କରାଯାଇଥିଲା, ସେ ନେଇ ମତଭେଦ ରହିଛି। 'ଡଗର' ପତ୍ରିକାର 'କାନ୍ତକବି ବିଶେଷ ସଂଖ୍ୟା' (୯ମ, ୧୦ମ ସଂଖ୍ୟା, ୧୯୫୩ରେ) ସ୍ୱାମୀ

ବିଚିତ୍ରାନନ୍ଦ ଦାସ କହିଛନ୍ତି, ଏହା ପ୍ରଥମେ ଉତ୍କଳ ସମ୍ମିଳନୀର ପୁରୀ ଅଧିବେଶନରେ, ୧୯୦୮ରେ ଗାନ କରାଯାଇଥିଲା । କିନ୍ତୁ ଗୁରୁକଲ୍ୟାଣଙ୍କ ମତରେ, ଏହା ଉତ୍କଳ ସମ୍ମିଳନୀର ବାଲେଶ୍ୱର ଅଧିବେଶନରେ, ୧୯୧୨ରେ ପ୍ରଥମେ ଗାନ କରାଯାଇଥିଲା ।

ତେବେ ଉତ୍କଳ ସମ୍ମିଳନୀର ଯେଉଁ ଅଧିବେଶନରେ ଏହା ଗାନ ହେଉ ନା କାହିଁକି, ଏହି କବିତାଟି କୌଣସି ନିର୍ଦ୍ଦିଷ୍ଟ କାଳଖଣ୍ଡର ରାଜନୈତିକ ପ୍ରୟୋଜନବୋଧ ମଧ୍ୟରେ ସୀମିତ ନଥିଲା । ଓଡ଼ିଶାକୁ ଅତୀତରେ ମରାଠା, ମୋଗଲ ଓ ଇଂରେଜମାନେ ଶାସନ କରିଥିଲେ ହେଁ ଓଡ଼ିଶାର ରାଜନୈତିକ ସ୍ଥିତିର ଊର୍ଦ୍ଧ୍ୱରେ ଏହା ଥିଲା ନୈସର୍ଗିକ ଓଡ଼ିଶାର ମୁଗ୍ଧ ବନ୍ଦନା । ଫଳରେ ନିର୍ଦ୍ଦିଷ୍ଟ କାଳଖଣ୍ଡର ସବୁ ସୀମିତତାକୁ ଅତିକ୍ରମ କରି ତାହା କାଳୋତ୍ତୀର୍ଣ୍ଣ ହୋଇଗଲା । ତେଣୁ ଠିକ ଶହେବର୍ଷ ତଳେ, ସେଦିନ 'ଉତ୍କଳ ସମ୍ମିଳନୀ' ସ୍ଥଳରେ ଉପସ୍ଥିତ ଶ୍ରୋତାଙ୍କୁ ତାହା ଯେପରି ଭାବରେ ମୁଗ୍ଧ ଓ ବିହ୍ୱଳ କରିଥିଲା, ଶହେବର୍ଷ ପରେ ଆଜି ବି ଠିକ୍ ସେହିପରି ଭାବରେ ମୁଗ୍ଧ ଓ ବିହ୍ୱଳ କରୁଛି ।

ସୁଖର କଥା ଯେ କାନ୍ତକବିଙ୍କର ଏହି କାଳଜୟୀ କୃତିଟିକୁ ରାଜ୍ୟ ସରକାର ଓଡ଼ିଶାର ଜାତୀୟ ସଂଗୀତର ମାନ୍ୟତା ଦେଇଛନ୍ତି । ଇତିମଧ୍ୟରେ, ୨୦୧୨ ଡିସେମ୍ବର ୧୬ ତାରିଖ ଦିନ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରସ୍ତୁତ ଏହାର ସଂକ୍ଷିପ୍ତ ରୂପ ଓ ସ୍ୱରଲିପି ରାଜ୍ୟ ସଂସ୍କୃତି ବିଭାଗର ଅନୁମୋଦନ ପାଇଛି । ଭାରତର ଜାତୀୟ ସଂଗୀତ 'ଜନଗଣମନ' ପରି ଏହା ବିନା ବାଦ୍ୟଯନ୍ତ୍ରରେ କେବଳ କଣ୍ଠସଂଗୀତରେ ଏବଂ ବିନା କଣ୍ଠସଂଗୀତରେ କେବଳ ପୁଲିସ୍ ବାଦ୍ୟଯନ୍ତ୍ରରେ ପରିବେଷିତ ହେବା ପାଇଁ ସ୍ୱୀକୃତି ପାଇଛି । ବିଂଶ ଶତାବ୍ଦୀର ନବେ ଦଶକରେ ସଂଗୀତ ସୁଧାକର ବାଳକୃଷ୍ଣ ଦାଶ କଟକ ଆକାଶବାଣୀରେ ଏହାକୁ ଯେଉଁ ସ୍ୱରରେ ପରିବେଷଣ କରିଥିଲେ ସେହି ସ୍ୱରକୁ ହିଁ ଏଥିରେ ଗ୍ରହଣ କରାଯାଇଛି । 'ଜନଗଣମନ'ର ଅବଧି ୫୨ ସେକେଣ୍ଡ ଥିବା ବେଳେ ଏହାର ଅବଧି ୮୫ ସେକେଣ୍ଡ ରହିଛି । ରାଜ୍ୟ ସରକାରଙ୍କ ଗୃହ ବିଭାଗର ଅନୁମୋଦନ ଲାଭ ସହିତ ଅଚିରେ ଏହା ବିଧିବଦ୍ଧ ଭାବେ ଓଡ଼ିଶାର ଜାତୀୟ ସଂଗୀତ ଭାବରେ ପରିବେଷିତ ହେବ ।

ଭାରତବର୍ଷର ଅଳ୍ପ କେତୋଟି ରାଜ୍ୟ ଏ ଭିତରେ ନିଜ ନିଜ ରାଜ୍ୟ ପାଇଁ ଜାତୀୟ ସଂଗୀତ ଚୟନ କରିଛନ୍ତି । ଆସାମର 'ଓ ମୋର ଆପୋନାର ଦେଶ / ଓ ମୋର ସିକୁନି ଦେଶ', କର୍ଣ୍ଣାଟକର 'ଜୟ ଭାରତ ଜନନୀୟା ତନୁଜାତେ / ଜୟହେ କର୍ଣ୍ଣାଟକ ମାତେ', ଆନ୍ଧ୍ରପ୍ରଦେଶର 'ମା ତେଲୁଗୁ ଥାଲ୍ଲିକି ମାଲ୍ଲେପୁଦଣ୍ଡା', ତାମିଲନାଡ଼ୁର 'ନି-ରା-ରୁମ କଡ ଅଲ ଉ ନୀଲ ମତ ଅନୈକ କେଲିଲୋଲାକୁମ', ଗୁଜୁରାଟର 'ଜୟଜୟ ଗରଭି ଗୁଜୁରାଟ' ଆଦି ସେହିସବୁ ରାଜ୍ୟ-ଜାତୀୟ ସଂଗୀତ ମଧ୍ୟରୁ ଅନ୍ୟତମ । ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟରୁ ପଞ୍ଜାବ ଓ ବିହାର ମଧ୍ୟ ଏ ଭିତରେ ନିଜ ନିଜ ରାଜ୍ୟ ପାଇଁ ଜାତୀୟ ସଂଗୀତ ଚୟନ କରିଛନ୍ତି।

ଅନ୍ୟାନ୍ୟ ରାଜ୍ୟମାନେ ନିଜ ନିଜ ରାଜ୍ୟ ପାଇଁ ଚୟନ କରିଥିବା ଜାତୀୟ ସଂଗୀତ ପରିପ୍ରେକ୍ଷୀରେ ଓଡ଼ିଶାର ଜାତୀୟ ସଂଗୀତ ସଂପର୍କରେ ସ୍ୱତନ୍ତ୍ର ଆଲୋଚନାର ସମୟ ବା କ୍ଷେତ୍ର ଏ ନୁହେଁ । ତେବେ ଗୋଟିଏ କଥା ନିଶ୍ଚିତ ଭାବରେ କୁହାଯାଇପାରିବ ଯେ ଅନ୍ୟାନ୍ୟ ରାଜ୍ୟର ଜାତୀୟ ସଂଗୀତ ତୁଳନାରେ ଆମ ରାଜ୍ୟର ଜାତୀୟ ସଂଗୀତ ରୂପେ ମାନ୍ୟତାପ୍ରାପ୍ତ କାନ୍ତକବିଙ୍କ 'ବନ୍ଦେ ଉତ୍କଳ ଜନନୀ', ଭାବସାନ୍ଦ୍ରତା, ଦେଶାତ୍ମବୋଧକତା ଓ ସାଂଗୀତିକତା ଦୃଷ୍ଟିରୁ କୌଣସି ଗୁଣରେ ନ୍ୟୂନ ନୁହେଁ । କବିଙ୍କ ଜନ୍ମର ୧୨୫ ବର୍ଷ ଏବଂ ମୃତ୍ୟୁର ୬୦ ବର୍ଷ ପରେ 'ବନ୍ଦେ ଉତ୍କଳ ଜନନୀ' ପାଇଁ ପ୍ରଦତ୍ତ ଏହି ମାନ୍ୟତା ଲକ୍ଷ୍ମୀକାନ୍ତଙ୍କୁ କାଳକାଳକୁ ଅମର ରଖିବ । ଯେତେକାଳ ଯାଏଁ, ଯେଉଁଠାରେ ବି ଏହି ସଂଗୀତ ଗାନ କରାଯାଉଥିବ ଏବଂ ଯେତେବେଳେ ବି ସେହି ସଂଗୀତକୁ ସମ୍ମାନ ଜଣାଇ ଅଗଣିତ ଓଡ଼ିଶାବାସୀ ନିଜ ନିଜ ସ୍ଥାନରେ ଦଣ୍ଡାୟମାନ ହେଉଥିବେ, ସେତେବେଳେ ସେଠାରେ କାନ୍ତକବିଙ୍କ ଅମର ଆତ୍ମା ନିଶ୍ଚେ ଉପସ୍ଥିତ ରହିବ ।

ଏହା ହିଁ କାନ୍ତକବିଙ୍କ ଅମର କୃତି ଓ ଆଜୀବନ ଏକନିଷ୍ଠ ସାଧନା ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି । 'ପଦ୍ମଭୂଷଣ' 'ପଦ୍ମବିଭୂଷଣ' ପରି ଭାରତ ସରକାରଙ୍କ ସର୍ବୋଚ୍ଚ ବେସାମରିକ ସମ୍ମାନ ବା 'ଜ୍ଞାନପୀଠ', 'ସରସ୍ୱତୀ' ପରି ଭାରତବର୍ଷର ଶ୍ରେଷ୍ଠ ସାହିତ୍ୟ ପୁରସ୍କାର କାନ୍ତକବି ପାଇ ନଥିଲେ ହେଁ- ଏହି ଯେଉଁ ସମ୍ମାନ ତାଙ୍କୁ ତଥା ତାଙ୍କର ଅମର ଲେଖନୀକୁ ମିଳିଛି- ତାହା ଆଉ କେବେ ବି ଏ ରାଜ୍ୟର ଆଉ କାହାକୁ ମିଳିବ ନାହିଁ । ଏ ଦୃଷ୍ଟିରୁ 'କାନ୍ତକବି' କାଳେ କାଳେ ଏକ ଓ ଅନନ୍ୟ ହୋଇ ରହିବେ ।

ବନ୍ଦେ ଉତ୍କଳ ଜନନୀ ।

(ରାଉରକେଲାର ଧାମରା ସଂଘ ପକ୍ଷରୁ ତା ୧୬।୧୨।୨୦୧୨ରେ ବାସୁକବିଙ୍କର ୧୨୫ତମ ଜୟନ୍ତୀ ଉପଲକ୍ଷେ ପ୍ରଦତ୍ତ ଅଭିଭାଷଣ)

୪ଆର୍-୧/୨
ୟୁନିଟ୍-୩, ଭୁବନେଶ୍ୱର-୧

# ଆମ ସମ୍ବିଧାନର ଆତ୍ମା

ସୁପ୍ରଭା ମିଶ୍ର

ଭାରତ ଏକ ରାଷ୍ଟ୍ର । ଅର୍ଥାତ୍ ଏହା ଏକ ସଂଗଠିତ ଜନସମୁଦାୟ । ରାଷ୍ଟ୍ର ଜନସମୁଦାୟକୁ ସଙ୍ଗଠିତ କରେ ଓ ଜନସମୁଦାୟ ରାଷ୍ଟ୍ରକୁ ସଂଗଠିତ କରନ୍ତି । ଏହି ସଂଗଠନ କାର୍ଯ୍ୟଟି ଏକ ନିରନ୍ତର ପ୍ରକ୍ରିୟା । ଏହା ସାଧାରଣତଃ ସରକାରଙ୍କ ହାତରେ ନ୍ୟସ୍ତ ଥାଏ। ପ୍ରତ୍ୟେକ ରାଷ୍ଟ୍ରରେ ଶାସନ କାର୍ଯ୍ୟ ପରିଚାଳନା କରିବା ପାଇଁ ତଥା ଜନ ସମୁଦାୟକୁ ସଂଗଠିତ ଓ ଶୃଙ୍ଖଳିତ କରି ରଖିବା ପାଇଁ ନିର୍ଦ୍ଦିଷ୍ଟ ବିଧିବିଧାନର ଆବଶ୍ୟକତା ରହିଛି । ରାଷ୍ଟ୍ର ଶାସନ ନିମିତ୍ତ ଅନୁସୃତ ବିଧିବିଧାନର ସମ୍ମିଳିତ ରୂପକୁ ସମ୍ବିଧାନ କୁହାଯାଏ । ସମ୍ବିଧାନ ଦ୍ୱାରା ସରକାର ନାଗରିକମାନଙ୍କର ଦୈନନ୍ଦିନ କାର୍ଯ୍ୟକୁ ନିୟନ୍ତ୍ରଣ କରିବା ସହ ଆଚରଣକୁ ମଧ୍ୟ ସଂଯତ ଓ ଶୃଙ୍ଖଳିତ କରିଥାନ୍ତି ।

ଏଣୁ ସମ୍ବିଧାନ ମାଧ୍ୟମରେ ରାଷ୍ଟ୍ର ଓ ନାଗରିକ ପରସ୍ପର ସଂଯୁକ୍ତ ହୁଅନ୍ତି । ସମ୍ବିଧାନ ଏପରି ଏକ ବ୍ୟବସ୍ଥା ବା ବିଧି ଯାହା ଅଧୀନରେ ରାଷ୍ଟ୍ର ତିଷ୍ଠିଥାଏ । ସରକାରୀ କ୍ଷମତା କିପରି ଭାବରେ ବ୍ୟବହାର କରାଯିବ ତାହା ସମ୍ବିଧାନ ମାଧ୍ୟମରେ ସ୍ଥିରୀକୃତ ହୋଇଥାଏ । ନିର୍ଦ୍ଦିଷ୍ଟ ନୀତିନିୟମ ବ୍ୟତୀତ କୌଣସି ରାଷ୍ଟ୍ର ସୁସଂଗଠିତ ହୋଇପାରେ ନାହିଁ । ଏଣୁ ସମ୍ବିଧାନର ଗୁରୁତ୍ୱ ସର୍ବାଧିକ ଏବଂ ସର୍ବଜନବିଦିତ। ସମ୍ବିଧାନକୁ ଏକ ପବିତ୍ର ଦଲିଲ୍ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।

୧. ସମ୍ବିଧାନ ହେଉଛି ରାଷ୍ଟ୍ରଶାସନର ମୌଳିକ ଭିତ୍ତି ।

୨. ଏହା ନାଗରିକମାନଙ୍କର କାର୍ଯ୍ୟଧାରାକୁ ଶୃଙ୍ଖଳିତ ଓ ନିୟନ୍ତ୍ରିତ କରେ ।

୩. ସମ୍ବିଧାନର ପ୍ରକୃତି ଅନୁସାରେ ରାଷ୍ଟ୍ରର ପରିଚୟ ସ୍ଥିରୀକୃତ ହୁଏ ।

ନଈକେ ବାଙ୍କ୍ ଦେଶ୍‌କେ ଫାଙ୍କ୍ ପରି ପ୍ରତ୍ୟେକଟି ରାଷ୍ଟ୍ରରେ ସମ୍ବିଧାନ ଏକ ପ୍ରକାର ଓ ପାର୍ଥକ୍ୟ ଦେଖିବାକୁ ମିଳେ । ଆମ ଭାରତରେ ଲିଖିତ ସମ୍ବିଧାନ କାର୍ଯ୍ୟକାରୀ ହୁଏ ।

୧୬୦୦ ଖ୍ରୀଷ୍ଟାବ୍ଦରେ ରାଣୀ ଏଲିଜାବେଥ୍ ପ୍ରଥମଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ହୋଇ ଭାରତରେ ବାଣିଜ୍ୟ କରିବାକୁ ଯେଉଁ ବ୍ରିଟିଶ୍ ଇଷ୍ଟଇଣ୍ଡିଆ କମ୍ପାନୀ ଆମ ଦେଶକୁ ଆସିଥିଲା, ୧୮୫୮ ମସିହା ବେଳକୁ ସମଗ୍ର ଭାରତବର୍ଷ ସେହି କମ୍ପାନୀର ଶାସନାଧୀନ ହୋଇଯାଇଥିଲା ଏବଂ ଭାରତରେ ଐକିକ ଶାସନର ପ୍ରବର୍ତ୍ତନ ମଧ୍ୟ ହୋଇସାରିଥିଲା ।

୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶା ଦଖଲ କଲେ। ଇଂରେଜ ଶାସନ ନୀତିକୁ ବିରୋଧକରି ୧୮୧୭ ମସିହାରେ ଖୋର୍ଦ୍ଧାଠାରେ ପାଇକ ବିଦ୍ରୋହର ସୂତ୍ରପାତ ହେଲା, ଯାହାର ପ୍ରଭାବ ସମଗ୍ର ଓଡ଼ିଶାରେ ଅନୁଭୂତ ହୋଇଥିଲା । ଏହି ବିଦ୍ରୋହ ଅସଫଳ ହେଲେ ମଧ୍ୟ ଇଂରେଜମାନଙ୍କ ମନରେ କିଛି ପରିମାଣରେ ଭୟ ସଞ୍ଚାର କରିପାରିଥିଲା । ଏହାର ୪୦ବର୍ଷ ପରେ ୧୮୫୭ ମସିହାରେ ଭାରତର ପ୍ରଥମ ମୁକ୍ତି ସଂଗ୍ରାମ 'ସିପାହୀ ବିଦ୍ରୋହ' ସଂଗଠିତ ହୋଇଥିଲା ।

୧୮୫୭ ମସିହାର ଏହି ଜନଆନ୍ଦୋଳନ ଏତେ ତୀବ୍ର ହେଲା ଯେ ସମଗ୍ର ଭାରତରେ କମ୍ପାନୀର ମେରୁଦଣ୍ଡ ଦୋହଲି ଗଲା ଏବଂ ଏହି ସଂଗଠିତ ଜନଅସନ୍ତୋଷକୁ ଇଂରେଜ ଶାସକମାନେ ହୃଦୟଙ୍ଗମ କରିପାରିଥିଲେ । ଭାରତୀୟମାନଙ୍କର ଏହି କ୍ରୋଧ ଓ ଅସନ୍ତୋଷକୁ ପ୍ରଶମିତ କରିବା ଉଦ୍ଦେଶ୍ୟରେ ୧୮୫୮ ମସିହାରେ ବ୍ରିଟିଶ୍ ପାର୍ଲିଆମେଣ୍ଟ ଏକ ଆଇନ୍ ପ୍ରଣୟନ

କରି ଇଷ୍ଟଇଣ୍ଡିଆ କମ୍ପାନୀ ହାତରୁ ଭାରତ ଶାସନ କ୍ଷମତା କାଢ଼ି ନେଇ ଇଂରେଜ ସରକାରଙ୍କୁ ଅର୍ପଣ କରାଗଲା । କମ୍ପାନୀ ଶାସନର ବିଲୋପ ଏବଂ ଇଂରେଜ ସରକାରଙ୍କ ଶାସନ ଆରମ୍ଭ ହେବାପରେ ବ୍ରିଟିଶ୍ ପାର୍ଲିଆମେଣ୍ଟ ସନନ୍ଦ ଓ ଆଇନ୍ ବଳରେ ଭାରତର ପ୍ରଶାସନିକ ସଂସ୍କାର ଆଣିବାକୁ ଉଦ୍ୟମ କଲେ । ମାତ୍ର ଭାରତରେ ସୃଷ୍ଟି ହୋଇଥିବା ଜାତୀୟତାବାଦ ବଳରେ ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ମାଧ୍ୟମରେ ଇଂରେଜମାନଙ୍କର ଶାସନ ନୀତିକୁ ବିରୋଧ କରାଗଲା ।

୧୮୮୪ ମସିହାରେ ଅବସରପ୍ରାପ୍ତ ଆଇ.ସି.ଏସ୍ ଅଫିସର ଆଲାନ୍ ଅକ୍ଟୋଭିଆନ୍ ହ୍ୟୁମ୍‌ଙ୍କ ଉଦ୍ୟମରେ ଭାରତୀୟ ଜାତୀୟ କଂଗ୍ରେସ ପ୍ରତିଷ୍ଠିତ ହେଲା ଓ ତାହାର ପ୍ରଥମ ସଭାପତି ରହିଲେ ଶ୍ରୀଯୁକ୍ତ ଉମେଶ ଚନ୍ଦ୍ର ବାନାର୍ଜୀ । ଏହି ସଂଗଠନର ଉଦ୍ଦେଶ୍ୟ ଥିଲା ଭାରତୀୟ ଏବଂ ଇଂରେଜ ଶାସକଙ୍କ ମଧ୍ୟରେ ଏକ ସଂଯୋଗର ସେତୁ ରୂପେ କାର୍ଯ୍ୟ କରି ଏହା ଇଂରେଜ ଶାସନକୁ ଭାରତୀୟମାନଙ୍କ ପାଇଁ ଫଳପ୍ରଦ କରାଇବ । ମାତ୍ର କିଛିଦିନ ମଧ୍ୟରେ ଏହି ସଂଗଠନ ଭାରତୀୟ ଜନଗଣଙ୍କର ଏକ ଲଢୁଆ ସଂଗଠନରେ ପରିଣତ ହୋଇ ଇଂରେଜ ସରକାର ବିରୁଦ୍ଧରେ ଉଠୁଥିବା ଜନଆନ୍ଦୋଳନକୁ ପ୍ରୋତ୍ସାହିତ କରିଥିଲା ।

୧୯୧୪ରେ ଇଉରୋପ୍‌ଠାରେ ଆରମ୍ଭ ହୋଇଥିବା ଯୁଦ୍ଧ କ୍ରମେ ବିଶ୍ୱଯୁଦ୍ଧରେ ପରିଣତ ହୋଇଥିଲା । ଏହି ଯୁଦ୍ଧ ଗଣତନ୍ତ୍ର ସପକ୍ଷରେ ଏବଂ ଏକଛତ୍ରବାଦ ବିରୁଦ୍ଧରେ ହୋଇଥିଲା । ତା'ଛଡା ଭାରତୀୟମାନେ ଆଶା କରିଥିଲେ ଯେ ଯୁଦ୍ଧପରେ ଇଂଲଣ୍ଡର ଶାସକମାନେ ଭାରତରେ ଗଣତନ୍ତ୍ର ପ୍ରତିଷ୍ଠା କରିବେ । ମାତ୍ର ସେଭଳି ହୋଇନଥିଲା । ୧୮୧୯ ମସିହା ଆଇନ୍‌ରେ ଥିବା ଦ୍ୱୈତ ଶାସନ ବ୍ୟବସ୍ଥା ମଧ୍ୟ ଭାରତୀୟମାନଙ୍କର ଗ୍ରହଣଯୋଗ୍ୟ ହେଲାନାହିଁ । ଇତିମଧ୍ୟରେ ୧୯୧୫ ମସିହାରେ ଗାନ୍ଧିଜୀ ଦକ୍ଷିଣଆଫ୍ରିକାରୁ ଫେରି କଂଗ୍ରେସରେ ଯୋଗ ଦେଇଥାଆନ୍ତି ଏବଂ କଂଗ୍ରେସ ସଂଗଠନର ଅଦ୍ୱିତୀୟ ନେତା ରୂପେ ସ୍ୱୀକୃତ ହୋଇସାରିଥାନ୍ତି । ଏତିକିବେଳେ ଭାରତୀୟମାନଙ୍କ ଭିତରେ ଥିବା ପୁଞ୍ଜିଭୂତ ଅସନ୍ତୋଷକୁ ଆଧାର କରି ୧୯୨୧ ମସିହାରେ ଭାରତୀୟ ଜାତୀୟ କଂଗ୍ରେସ ଇଂରେଜ ସରକାରଙ୍କ ବିରୁଦ୍ଧରେ ଅସହଯୋଗ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଲା । ମହାତ୍ମାଗାନ୍ଧୀ ଏହି ଆନ୍ଦୋଳନର ନେତୃତ୍ୱ ନେଲେ ଏବଂ ସମ୍ପୂର୍ଣ୍ଣ ଅହିଂସା ଓ ସତ୍ୟାଗ୍ରହ ମାଧ୍ୟମରେ ଏହି ଆନ୍ଦୋଳନ ଚାଲିବ ବୋଲି ଘୋଷଣା କଲେ । ଫଳରେ ସମଗ୍ର ଭାରତଭୂଖଣ୍ଡ ଏକତ୍ରିତ ହେଲା । ଆବାଳ ବୃଦ୍ଧ ବନିତା ଏହି ଆନ୍ଦୋଳନରେ ଯୋଗଦେଲେ ଏବଂ ଇଂରେଜ ସରକାର ବିରୁଦ୍ଧରେ ଦୃଢ଼ ଜନମତ ସଂଗଠିତ ହେଲା । ପରେ ପରେ ଆଇନ୍ ଅମାନ୍ୟ ଆନ୍ଦୋଳନ ଆରମ୍ଭ ହେଲା ଓ ସାଇମନ୍ କମିଶନକୁ ଭାରତୀୟ କଂଗ୍ରେସ ଆଦୌ ସହଯୋଗ କଲାନାହିଁ ।

୧୯୨୯ ମସିହା ଡିସେମ୍ବର ୩୧ ତାରିଖ ଦିନ ଲାହୋରଠାରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ୧୯୩୦ ମସିହା ଜାନୁଆରୀ ୨୬ତାରିଖକୁ ଭାରତର ସ୍ୱାଧୀନତା ଦିବସ ରୂପେ ପାଳିବାକୁ ନିଷ୍ପତ୍ତି ନିଆଗଲା । ୧୯୩୦ ମସିହା ମାର୍ଚ୍ଚମାସ ୧୨ ତାରିଖରେ ଗାନ୍ଧିଜୀ ଲବଣ ସତ୍ୟାଗ୍ରହ ଆରମ୍ଭ କଲେ । ଏତିକିବେଳେ ଇଂରେଜ ସରକାର କଂଗ୍ରେସ ନେତାମାନଙ୍କୁ ବନ୍ଦୀ କଲେ । ୧୯୩୫ ମସିହାରେ ଇଂରେଜ ସରକାର ଭାରତ ଶାସନରେ ସଂସ୍କାର ଆଣିବା ପାଇଁ ୧୯୩୫ ଭାରତ ଶାସନ ଆଇନ୍ ନାମରେ ଏକ ଆଇନ ପ୍ରଣୟନ କଲେ । ଏହା ମଧ୍ୟ ଭାରତୀୟ ଜାତୀୟ କଂଗ୍ରେସ ଦ୍ୱାରା ପ୍ରତ୍ୟାଖ୍ୟାତ ହେଲା ।

ଏହି ୧୯୩୫– ଭାରତ ଶାସନ ଆଇନ ଅନୁସାରେ ଯେଉଁ ନିର୍ବାଚନ ହୋଇଥିଲା ସେଥିରେ କଂଗ୍ରେସର ସଫଳତା ଅଧିକ ଥିଲା । କିନ୍ତୁ ଭାରତୀୟମାନଙ୍କ ସହିତ ପରାମର୍ଶ ନକରି ଇଂରେଜ ସରକାର ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଯୋଗଦେଇଛି ବୋଲି ଘୋଷଣା କରିବାରୁ ଭାରତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଲା । 'ଭାରତଛାଡ' ଆନ୍ଦୋଳନ ଆରମ୍ଭ ହେଲା ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୧୯୪୬ ମସିହାରେ ଏକ ଉଦାରବାଦୀ ଦୃଷ୍ଟିକୋଣ ନେଇ ଇଂରେଜ ସରକାର 'କ୍ୟାବିନେଟ୍ ମିଶନ୍'କୁ ଭାରତକୁ ପଠାଇଥିଲେ । ଏହି ପ୍ରତିନିଧି ଦଳ ଭାରତରେ ଗୁରୁତ୍ୱପୂର୍ଣ୍ଣ ଶାସନ ସଂସ୍କାର ଆଣିବା ପାଇଁ ଅନୁକୂଳ ମତପୋଷଣ କରିଥିଲେ । ୧୯୪୬ ମସିହା ସେପ୍ଟେମ୍ବର ୯ ତାରିଖରେ ଏକ ମଧ୍ୟବର୍ତ୍ତୀକାଳୀନ ସରକାର ଗଠିତ ହେଲା ଏବଂ ୧୯୪୭ ମସିହା ଫେବୃଆରୀ ମାସରେ ଲର୍ଡ ମାଉଣ୍ଟ୍ ବ୍ୟାଟେନ୍ ନୂତନ ଗଭର୍ଣ୍ଣର ଜେନେରାଲ୍ ଭାବେ କାର୍ଯ୍ୟଭାର ଗ୍ରହଣ କଲେ । ସେ ଉଭୟ ଜାତୀୟ କଂଗ୍ରେସ ଓ ମୁସଲିମ୍ ଲିଗ୍ ନେତାମାନଙ୍କର ବିଶ୍ୱାସଭାଜନ ହେଲେ । ଫଳରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ଭାରତ ସ୍ୱାଧୀନ ହେଲା ।

୧୯୪୬ ମସିହା ଜୁଲାଇ ମାସରେ ନୂତନ ସମ୍ବିଧାନର ପ୍ରସ୍ତୁତି ପାଇଁ ସମ୍ବିଧାନ ପ୍ରଣୟନ ସଭା ଗଠନ ନିମିତ୍ତ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏହି ନିର୍ବାଚନରେ ଭାରତୀୟ କଂଗ୍ରେସର ସଫଳତା ଦେଖି ମୁସଲିମ୍ ଲିଗ୍ ଅସୁଖୀ ହେଲା ଓ ସମ୍ବିଧାନ ପ୍ରଣୟନ ପ୍ରକ୍ରିୟାରେ ଅସହଯୋଗ କଲା । ଉକ୍ତ ସମ୍ବିଧାନ ପ୍ରଣୟନ ସଭାରେ ଡକ୍ଟର ରାଜେନ୍ଦ୍ର ପ୍ରସାଦ ସଭାପତି ରୂପେ ଓ ଡକ୍ଟର ବି.ଆର୍. ଆମ୍ବେଦକର ଅଧକ୍ଷ ରୂପେ ଆସନ ଅଳଙ୍କୃତ କଲେ । ଆମ୍ବେଦକରଙ୍କ ଅଧକ୍ଷତାରେ ରାଜେନ୍ଦ୍ରପ୍ରସାଦ ଚିଠା ପ୍ରସ୍ତୁତ କମିଟିର ସଭାପତି ରୂପେ ନିର୍ବାଚିତ ହେଲେ । ୧୯୪୬ ମସିହା ଡିସେମ୍ବର ୯ତାରିଖରୁ ଏହି ସଭାକାର୍ଯ୍ୟ ଆରମ୍ଭ ହୋଇ ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ସମ୍ବିଧାନ ପ୍ରଣୟନ କାର୍ଯ୍ୟ ଶେଷ ହୋଇଥିଲା । ନୂତନ ସମ୍ବିଧାନ ୧୯୫୦ ମସିହା ଜାନୁଆରୀ ୨୬ ତାରିଖଠାରୁ କାର୍ଯ୍ୟକାରୀ କରାଗଲା । ଏହି ଦିନକୁ ଭାରତର ସାଧାରଣତନ୍ତ୍ର ଦିବସ କୁହାଯାଏ ।

୧୯୫୦ ମସିହା ଜାନୁଆରୀ ୨୬ ତାରିଖକୁ ଆମେ ଭାରତୀୟମାନେ ସାଧାରଣତନ୍ତ୍ର ଦିବସ ରୂପେ ପାଳନ କରି ଆସୁଅଛୁ । କାରଣ ଏହିଦିନ ଭାରତୀୟମାନଙ୍କ ଦ୍ୱାରା ପ୍ରଣୀତ ଏକ ନିଜସ୍ୱ ସମ୍ବିଧାନ ଆମ ଦେଶ ପାଇଁ କାର୍ଯ୍ୟକାରୀ କରାଗଲା । ଏହିଦିନ ଭାରତର ସର୍ବୋଚ୍ଚ ନ୍ୟାୟାଳୟକୁ ମଧ୍ୟ ତତ୍କାଳୀନ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ ଉଦ୍‌ଘାଟନ କରିଥିଲେ । ଏହି ସର୍ବୋଚ୍ଚ ନ୍ୟାୟାଳୟ ହେଉଛି ଭାରତୀୟ ସମ୍ବିଧାନର ପବିତ୍ରତାର ରକ୍ଷକ । ଭାରତର ସମ୍ବିଧାନରେ ୩୯୫ଟି ଧାରା ଓ ୧୦ଟି ଅନୁଚ୍ଛେଦ ରହିଅଛି । ସମ୍ବିଧାନର ଆରମ୍ଭରେ ଏକ ପ୍ରସ୍ତାବନା ସଂଯୁକ୍ତ କରାଯାଇଛି, ଯାହା ସମ୍ବିଧାନ ପାଇଁ ଏକ ଦର୍ପଣ ପରି କାର୍ଯ୍ୟ କରେ । ଭାରତ ସମ୍ବିଧାନର ମୁଖ୍ୟ ଚରିତ୍ରଗୁଡିକ ପ୍ରସ୍ତାବନା ମାଧ୍ୟମରେ ସୂଚିତ ହୋଇଅଛି । ତାହା ହେଲା–

ଆମେ ଭାରତୀୟମାନେ ନିଷ୍ଠାପୂର୍ବକ ସଂକଳ୍ପ କରୁଛୁ ଯେ, ଭାରତକୁ କ ସାର୍ବଭୌମ ସମାଜବାଦୀ ଧର୍ମନିରପେକ୍ଷ ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ଗଠନ କରିବୁ ଓ ଏହାର ନାଗରିକମାନଙ୍କୁ ସାମାଜିକ, ଅର୍ଥନୀତିକ ଓ ରାଜନୀତିକ ନ୍ୟାୟ, ଚିନ୍ତା, ଅଭିବ୍ୟକ୍ତି, ବିଶ୍ୱାସ, ପ୍ରତ୍ୟୟ ଓ ଧର୍ମୀୟ ସ୍ୱାଧୀନତା, ସ୍ଥିତି ଓ ସୁଯୋଗର ସମାନତା ଏବଂ ସମସ୍ତ ନାଗରିକଙ୍କ ମଧ୍ୟରେ ତାହାର ବିକାଶ, ବ୍ୟକ୍ତିର ମର୍ଯ୍ୟାଦା ଓ ଜାତି(ରାଷ୍ଟ୍ର)ର ଐକ୍ୟ ତଥା ସଂହତି ପ୍ରତି ଅଙ୍ଗୀକାରବଦ୍ଧ ହୋଇ ଭ୍ରାତୃତ୍ୱଭାବ ପୋଷଣ କରିବୁ ।

ଏହି ଉଦ୍ଦେଶ୍ୟରେ ଆଜି ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନର ସମ୍ବିଧାନ ପ୍ରଣୟନ ସଭାରେ ଆମେ ଏହି ସମ୍ବିଧାନକୁ ନିଜେ ଗ୍ରହଣ ବୈଧିକରଣ କରିବା ସଙ୍ଗେ ସଙ୍ଗେ ନିଜକୁ ଅର୍ପଣ କରୁଛୁ ।

ସମ୍ବିଧାନର ଏହି ପ୍ରସ୍ତାବନାକୁ ତର୍ଜମା କଲେ ଏହା ସ୍ପଷ୍ଟ ପ୍ରତୀତ ହୁଏ ଯେ, ପ୍ରସ୍ତାବନା ମଧ୍ୟରେ ସମ୍ବିଧାନର ଉତ୍ସ, ଭାରତୀୟ ରାଷ୍ଟ୍ର ବ୍ୟବସ୍ଥା, ନାଗରିକମାନଙ୍କର ଅଧିକାର ଓ ସୁଯୋଗ, ଜାତୀୟ ଐକ୍ୟ, ଭାଇଚାରା, ରାଷ୍ଟ୍ରର ଉଦ୍ଦେଶ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ସ୍ଥାନିତ ହୋଇଅଛି ।

ସମ୍ବିଧାନର ଉତ୍ସ: ଭାରତ ସମ୍ବିଧାନ ଅନ୍ୟ କୌଣସି ସମ୍ବିଧାନର ନକଲ ନୁହେଁ । ଭାରତୀୟମାନେ ସଚେତନ ମନରେ ଭାରତବର୍ଷର ଅବସ୍ଥାକୁ ଆଖି ଆଗରେ ରଖି ନିଜ ବୁଦ୍ଧି ବିଚାରରେ ଏହି ସମ୍ବିଧାନ ପ୍ରଣୟନ କରିଛନ୍ତି । ଭାରତର ଜନସାଧାରଣ ଉକ୍ତ ସମ୍ବିଧାନର ମୂଳଉତ୍ସ ଏବଂ ଏହି ସମ୍ବିଧାନର ପ୍ରାରମ୍ଭରୁ ଲୋକମତ ଉପରେ ପ୍ରାଧାନ୍ୟ ଦିଆଯାଇଆସୁଅଛି ।

ରାଷ୍ଟ୍ରବ୍ୟବସ୍ଥା: ଭାରତ ଏକ ସ୍ୱାଧୀନ ତଥା ସଭ୍ୟ ରାଷ୍ଟ୍ର । କୌଣସି ରାଷ୍ଟ୍ରର ଅଧୀନତା ସ୍ୱୀକାର ନକରି ସ୍ୱାଧୀନ ଶାସନ ବ୍ୟବସ୍ଥା ଓ ସ୍ୱାଧୀନ ମତବ୍ୟକ୍ତ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ଅଧିକାର ଭାରତ ଅଧିଗ୍ରହଣ କରିଛି । ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଭାରତ ନିଜର ସ୍ଥିତିକୁ ମଜବୁତ କରି ରଖିଛି ।

ନାଗରିକମାନଙ୍କର ଅଧିକାର ଓ ସୁଯୋଗ ଭାରତ ସମ୍ବିଧାନ ନାଗରିକମାନଙ୍କୁ ସାମାଜିକ, ଅର୍ଥନୀତିକ ତଥା ରାଜନୀତିକ ଅଧିକାର ପ୍ରଦାନ କରିଛି ଏବଂ ସେଗୁଡିକର ସୁରକ୍ଷା ବ୍ୟବସ୍ଥା କରିଛି । ବ୍ୟକ୍ତିର ସ୍ୱାଭିମାନ ଓ ମର୍ଯ୍ୟାଦାକୁ କ୍ଷୁଣ୍ଣ ନକରିବାର ପ୍ରତିଶ୍ରୁତି ମଧ୍ୟ ସମ୍ବିଧାନ ଦେଇଛି ।

ଐକ୍ୟ ଓ ସଂହତି: ଭାରତ ଏକ ଜାତି, ସକଳ ବିଭେଦ ସତ୍ତ୍ୱେ ଜାତୀୟ ସଂହତି ଓ ଐକ୍ୟ ଯେପରି ସୁରକ୍ଷିତ ରହେ, ଏହାର ବିକାଶ ଘଟେ ସେଥିପାଇଁ ଦୃଢ ସାମ୍ବିଧାନିକ ବ୍ୟବସ୍ଥା ଅବଲମ୍ବନ କରାଯାଇଛି ।

ଭାଇଚାରା: ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ନାଗରିକ ଯେ ଭାରତର ସନ୍ତାନ ଓ ସେହି କାରଣରୁ ସେମାନେ

ଭ୍ରାତୃତ୍ୱର ବନ୍ଧନରେ ବନ୍ଧା– ଏହା ଯେପରି ପ୍ରତ୍ୟେକ ଭାରତୀୟ ହୃଦୟଙ୍ଗମ କରନ୍ତି, ଆମ ସମ୍ବିଧାନ ସେଥିପ୍ରତି ସତର୍କ ଦୃଷ୍ଟି ରଖିଛି ।

ରାଷ୍ଟ୍ରର ଉଦ୍ଦେଶ୍ୟ: ଭାରତ ଏକ ସାର୍ବଭୌମ ରାଷ୍ଟ୍ର । ଉଭୟ ଆଭ୍ୟନ୍ତରୀଣ ଏବଂ ବାହ୍ୟ ସମ୍ପର୍କ ସ୍ଥିର କରିବାର ଅଧିକାର ଭାରତର ନିଜର ଅଛି । କୌଣସି ବୈଦେଶିକ ରାଷ୍ଟ୍ରର ପ୍ରଭାବ ଏ କ୍ଷେତ୍ରରେ କାମକରେ ନାହିଁ । ନାଗରିକମାନଙ୍କୁ ଅର୍ଥନୈତିକ ସ୍ୱଚ୍ଛଳତା ଓ ସ୍ୱାବଲମ୍ବନଶୀଳତା ଦେବା, ସାମାଜିକ ତଥା ରାଜନୈତିକ କ୍ଷେତ୍ରରେ ସମାନ ପ୍ରତିଷ୍ଠା ଦେବା ଆଦିର ବ୍ୟବସ୍ଥା କରି ଭାରତ ଏକ ସମାଜବାଦୀ ରାଷ୍ଟ୍ରର ଭୂମିକା ନିର୍ବାହ କରେ । ଧର୍ମନିରପେକ୍ଷତା ଭାରତ ସମ୍ବିଧାନର ଏକ ମୁଖ୍ୟ ବିଭବ ଏବଂ ବିଭିନ୍ନ ଧର୍ମ ମଧ୍ୟରେ ସମନ୍ୱୟ ସ୍ଥାପନ କରିବା ଏହି ସମ୍ବିଧାନର ଲକ୍ଷ୍ୟ । ତା'ଛଡା ଭାରତର ଶାସନ ବ୍ୟବସ୍ଥା ଗଣତନ୍ତ୍ର ନୀତି ଉପରେ ପ୍ରତିଷ୍ଠିତ । ଗ୍ରାମଠାରୁ ଆରମ୍ଭ କରି କେନ୍ଦ୍ର ସରକାର ପର୍ଯ୍ୟନ୍ତ ପ୍ରତିଟି ସ୍ତରରେ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥା ପ୍ରଚଳିତ । ନିର୍ବାଚନ ମାଧ୍ୟମରେ ନିର୍ଦ୍ଦିଷ୍ଟ ସମୟ ପାଇଁ ସାବାଳକମାନଙ୍କ ଦ୍ୱାରା ଆମ ଦେଶର ରାଷ୍ଟ୍ରମୁଖ୍ୟ ଶାସନ କ୍ଷମତାକୁ ଆସନ୍ତି । ଏଣୁ ଏହା ଏକ ସାଧାରଣତନ୍ତ୍ର ।

ବାସ୍ତବିକ ଭାରତ ସମ୍ବିଧାନର ପ୍ରସ୍ତାବନା ସଂକ୍ଷିପ୍ତ ହେଲେ ମଧ୍ୟ ସମ୍ବିଧାନର ସାରାଂଶ ଏଥିରେ ନିହିତ । ଏହା ବାସ୍ତବିକ ଏକ ଦର୍ପଣ । ଏହାରି ମାଧ୍ୟମରେ ସମଗ୍ର ସମ୍ବିଧାନକୁ ଦେଖିହୁଏ, ଜାଣିହୁଏ, ବୁଝିହୁଏ ଓ ଅନୁଭବ କରିହୁଏ । ଅତଏବ ଏହି ପ୍ରସ୍ତାବନା ହେଉଛି ସମ୍ବିଧାନର ଆତ୍ମା ବା ଚାବିକାଠି ।

ପ୍ରାଧ୍ୟାପିକା,
ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ
ଭୁବନେଶ୍ୱର

# ସାଧାରଣତନ୍ତ୍ର ଦିବସ

**ଦିଲ୍ଲୀପ କୁମାର ବେହୁରା**

ଗରବ କରିବା ଜନମିଛେ ଆମେ
ଭାରତ ମାଆର କୋଳେ
ଯେଉଁଠି ତ୍ରିରଙ୍ଗା ଉଡେ ଫରଫର
ଜାତୀୟ ସଂଗୀତ ତାଳେ ।।
ଜାନୁଆରୀ ମାସ ଛବିଶିକୁ ପୁଣି
ଅଗଷ୍ଟ ପନ୍ଦର ଦିନ
ପ୍ରଣାମ ଜଣାଉଁ ପୁରୁବ ସୂରୀଙ୍କୁ
ପଡନ୍ତି ସେ ବେଶୀ ମନ ।।
ଫିରିଙ୍ଗି ହଟାଇ ଏ ଦେଶରୁ ଆମ
ହାତରେ ଶାସନ ଦେଲେ
ସାଧାରଣତନ୍ତ୍ର ନାମେ ଏ ଦିବସ
ପ୍ରତି ବର୍ଷ ପାଳୁ ଭଲେ ।।
ଗଣତନ୍ତ୍ର ସାଥେ ସାର୍ବଭୌମତ୍ୱକୁ
ଧର୍ମ ନିରପେକ୍ଷ ଦେଶ
ବଡ ସମ୍ବିଧାନ ବିଶ୍ୱେ ଆମର
ଶ୍ରେଷ୍ଠ ନୀତି ଆଦରଶ ।।
ନେହେରୁ, ପଟେଲ, ନେତାଜୀ, ଗୋଖଲେ
ଶାସ୍ତ୍ରୀ, ଆମ୍ବେଦକର
ଦେଶ ଜାତି ପାଇଁ ସଂଗ୍ରାମ କରି
ହୋଇଲେ ଚିର ଅମର ।।
ଗାନ୍ଧୀ ହୋଇଲେ ଏ ଜାତିର ପିତା
ନେହେରୁ ଧରିଲେ ମଙ୍ଗ
ଆମ୍ବେଦକର ସମ୍ବିଧାନ କଲେ
ଲଭି ଜ୍ଞାନୀ ଗୁଣୀ ସଙ୍ଗ ।।
ଆମେରିକାଠାରୁ ଇଂଲଣ୍ଡ ପୁଣି
କେତେ ଦେଶ ହିତ ନୀତି
ଆମ ସମ୍ବିଧାନେ ରଖିଲେ ତାହାକୁ
ଗର୍ବିତ ଦେଶ ଜାତି ।।
ଏ ଶୁଭ ଦିବସେ ଆମେ ସବୁ ମିଶି
ଆସ କରିବା ଶପଥ
ରଖିଯିବା ବିଶ୍ୱେ ଆମ ପରିଚୟ
କରି ଦେଶ ଜାତି ହିତ

ପୋଖରିଆ, ମହୁଲିଆ,
ରାଜନଗର, କେନ୍ଦ୍ରାପଡା

# ବନ୍ଧୁତ୍ୱ, ଭ୍ରାତୃତ୍ୱ ଓ ଭାବଗତ ମିଳନର ପର୍ବ ମକର ସଂକ୍ରାନ୍ତି

**ନଗେନ୍ଦ୍ର ନାଥ ପଟ୍ଟନାୟକ**

ବର୍ଷର ବାର ସଂକ୍ରାନ୍ତି ମଧ୍ୟରେ ପବିତ୍ର ମକର ସଂକ୍ରାନ୍ତି ହେଉଛି ପ୍ରଧାନ ଓ ମହାନ ପର୍ବ। ପୁରପଲ୍ଲୀରୁ ସହର ପର୍ଯ୍ୟନ୍ତ ଏହି ପର୍ବକୁ ବେଶ୍ ଜାକଜମକରେ ପାଳନ କରାଯାଇଥାଏ। ଏହି ପବତ୍ର ଦିନରେ ଜନସାଧାରଣ ନିଷ୍ଠା, ଶୁଦ୍ଧତା ବା ପବିତ୍ରତା ସହ ପୂଜା, ଆରାଧନା, ଉପାସନା ବ୍ରତ ପାଳନ କରିଥାନ୍ତି।



ମକର ସଂକ୍ରାନ୍ତି ଶୀତ ବିଦାୟର ସୂଚକ। 'ମକରରେ ଶୀତ ବକର'– ଅର୍ଥାତ୍ ଏହି ଦିନ ଶୀତଋତୁ ଧରାପୃଷ୍ଠରୁ ବିଦାୟ ନେଇଥାଏ। ଏହି ଦିବସ ପରଠାରୁ ଶୀତର ପ୍ରକୋପ ବିଦୂରିତ ହୋଇ ଉଷ୍ମତା ଅନୁଭୂତ ହୁଏ। ପଞ୍ଜାବରେ ଏହା ଲୋହାଡି ନାମରେ ଖ୍ୟାତ। ପ୍ରବଳ ଶୀତ ପ୍ରକୋପରୁ ରକ୍ଷା ପାଇବାପାଇଁ କାଷ୍ଠ ସଂଗୃହୀତ ହୋଇ ଅଗ୍ନି ପ୍ରଜ୍ୱଳନ କରାଯାଏ। ସମସ୍ତେ ଏକତ୍ରିତ ହୋଇ ଭୋଜିଭାତର ମଜା ନିଅନ୍ତି। ପରେ ପରେ ଧାଙ୍ଗଡା ନୃତ୍ୟ ପ୍ରଦର୍ଶନର ଆସର ଜମେ।

ମକର ସଂକ୍ରାନ୍ତି ଦିନ ହିଁ ସୂର୍ଯ୍ୟଦେବ ଉତ୍ତରାୟଣ ହୋଇ ମକର ରାଶିକୁ ଗମନ କରନ୍ତି। ତେଣୁ ଏହା ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ନାମରେ କଥିତ। ଏହିଦିନ ସମଗ୍ର ଭାରତବର୍ଷରେ ସୂର୍ଯ୍ୟ ଉପାସନାକୁ କେନ୍ଦ୍ରକରି ବନ୍ଧୁତ୍ୱ, ସୌହାର୍ଦ୍ଦ୍ୟ, ସାର୍ବଜନୀନ ଭ୍ରାତୃତ୍ୱ ଓ ଭାଗବତ ମିଳନର ସେତୁ ସୁଦୃଢ଼ ହୋଇଥାଏ। ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଦେଖିଲେ, ମକର ସଂକ୍ରାନ୍ତି ହେଉଛି ଏକ ପବିତ୍ର ଓ ପୁଣ୍ୟପ୍ରଦ ତିଥି। ଏହିଦିନ ସୂର୍ଯ୍ୟ ଉତ୍ତର ଦିଗକୁ ଯାତ୍ରାକରି ଛଅମାସ ଅବସ୍ଥାନ କରୁଥିବାରୁ ଲୋକମାନେ ବିବାହ, ବ୍ରତ, ଯଜ୍ଞାନୁଷ୍ଠାନ, ଗୃହ ପ୍ରତିଷ୍ଠା, ବାଣିଜ୍ୟର ଶୁଭାରମ୍ଭ କରି ନିଜର ଅଭୀଷ୍ଟ ସିଦ୍ଧି ଲାଗି ସୂର୍ଯ୍ୟଙ୍କ ପୂଜନ କରିଥାନ୍ତି। ଲୋକମାନେ ମକର ଚାଉଳ ଭାବେ ବିଦିତ ନୂଆ ଅମଳ ଚାଉଳ, ଆଖୁ, କଦଳୀ, ଘିଅ ଆଦି ସୂର୍ଯ୍ୟଦେବଙ୍କୁ ଅର୍ଘ୍ୟ ନୈବେଦ୍ୟ ଅର୍ପଣ କରିଥାନ୍ତି। ପରମହଂସ ପରିବ୍ରାଜକମାନେ ଏହି ଉତ୍ତରାୟଣ ସଂକ୍ରାନ୍ତି ପରେ ପରେ ଧର୍ମ ପ୍ରଚାର ଓ ପ୍ରସାରର

ଶୁଭାରମ୍ଭ କରିଥାନ୍ତି। ପ୍ରୟାଗ , ଗଙ୍ଗାସାଗର, ପୁରୀର ସମୁଦ୍ର, ଚନ୍ଦ୍ରଭାଗା ପ୍ରଭୃତି ପବିତ୍ର ତୀର୍ଥରେ ନରନାରୀମାନେ ସ୍ନାନ କରି ତିଳତର୍ପଣ ଓ ସୁମିଷ୍ଟ ଦାନ କରନ୍ତି।

ମହାଭାରତ ବର୍ଣ୍ଣନାରୁ ଜଣାଯାଏ ଯେ, ପିତାମହ ଭୀଷ୍ମ ଶରଶଯ୍ୟାରେ ରହି ଏହି ଉତ୍ତରାୟଣ ସଂକ୍ରାନ୍ତିର ଆଗମନକୁ ଅପେକ୍ଷା କରିଥିଲେ। ଉତ୍ତରାୟଣ ପରେ ଶରୀର ତ୍ୟାଗ କରୁଥିବା ମନୁଷ୍ୟମାନଙ୍କର ପୁନର୍ଜନ୍ମ ହୁଏ ନାହିଁ ବୋଲି ହିନ୍ଦୁମାନଙ୍କର ରହିଛି ଅଖଣ୍ଡ ବିଶ୍ୱାସ। ସେଥିପାଇଁ ସାଧାରଣତଃ ତପସ୍ୱୀ ଓ ଇଚ୍ଛାମୃତ୍ୟୁର ଅଭିଳାଷ ରଖିଥିବା ସନ୍ଥମାନେ ଉତ୍ତରାୟଣକୁ ପ୍ରତୀକ୍ଷା କରିଥାନ୍ତି।



କୃଷି ସହିତ ଏ ସଂକ୍ରାନ୍ତିର ରହିଛି ନିବିଡ ସଂପର୍କ। ଚାଷ କାମ କରୁଥିବା ଚାଷୀମାନେ କ୍ଳାନ୍ତ ମେଣ୍ଟାଇବା ଲାଗି ଏହି ପର୍ବକୁ ଅତି ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଖୁବ୍ ଧୁମ୍‌ଧାମରେ ପାଳନ କରିଥାନ୍ତି। କୃଷକମାନେ କୃଷିର ଉନ୍ନତି ସାଧନ ଲାଗି ଭିନ୍ନ ଭିନ୍ନ କିସମର ପିଠାପଣା ତିଆରି କରି ସୂର୍ଯ୍ୟ ଉପାସନା କରିଥାନ୍ତି। ଏହିଦିନ ଚାଷୀଭାଇମାନେ ଧାନ ଅମଳ ଶେଷ ହୋଇଥିବାରୁ ଖୁସି ମନାନ୍ତି। ଜମି ମାଲିକ ଓ ଚାଷୀ ମଧ୍ୟରେ କାର୍ଯ୍ୟଚୁକ୍ତି ଅବଧିର ଅନ୍ତ ଏହି ଦିନରେ ହିଁ ଘଟିଥାଏ।

ଉଦିତ ସୂର୍ଯ୍ୟଙ୍କୁ ଭକ୍ତିପୂତ ଅର୍ଘ୍ୟ ପ୍ରଦାନ କରି ଦାନ ଧର୍ମ କରିବା ଏହି ଦିବସଟିର ତାତ୍ପର୍ଯ୍ୟ। ସାଗର ବା ପୁଷ୍କରିଣୀରେ ପ୍ରତ୍ୟୁଷରୁ ସ୍ନାନ କରି ସକଳଜନ ବରେଣ୍ୟ ସହସ୍ରାଂଶୁ ସୂର୍ଯ୍ୟ ଦେବଙ୍କୁ ନମସ୍କାର କରିଥାନ୍ତି। ଏଥିପାଇଁ ଜାତି, ଧର୍ମଗତ ନିର୍ବିଶେଷରେ ସାମାଜିକ ସଂହତି ଓ ସୌହାର୍ଦ୍ଦ୍ୟ ପ୍ରତିଷ୍ଠା ଲାଗି ମକର ମିଳନ ପାଳିତ ହୋଇଥାଏ।

ଓଡିଶାରେ ସର୍ବତ୍ର ମକର ଚାଉଳ ପ୍ରସ୍ତୁତ କରାଯାଇ ଗୃହର ଦେବାଦେବୀଙ୍କ ସହିତ ସୂର୍ଯ୍ୟଙ୍କୁ ମଧ୍ୟ ଅର୍ପଣ କରାଯାଏ। ବିଭିନ୍ନ ଦେବ ମନ୍ଦିରରେ ମଧ୍ୟ ସୁମିଷ୍ଟ ମକର ଚାଉଳ ପ୍ରଦାନ ସହ କେତେକ ବିଶେଷ ନୀତି ଅନୁସୃତ ହୋଇଥାଏ। ପବିତ୍ର ମକର ସଂକ୍ରାନ୍ତି ଦିନ ଶ୍ରୀମନ୍ଦିରରେ ବିଜେ କରିଥିବା ବଡଠାକୁର ଶ୍ରୀଜଗନ୍ନାଥଙ୍କପରେ ଦ୍ୱାଦଶ ଯାତ୍ରା ବା ଉତ୍ତରାୟଣ ଯାତ୍ରା ଅନୁଷ୍ଠିତ ହୁଏ। ଏଥିସକାଶେ ସଂକ୍ରାନ୍ତି ପୂର୍ବଦିନ ନବାଙ୍କ ଯାତ୍ରା ହୁଏ ଓ ସଂକ୍ରାନ୍ତି ଦିନ ମକର ଚାଉଳ ଭୋଗ ଠାକୁରଙ୍କୁ ସମର୍ପଣ କରାଯାଏ । ଏହି ଦିନ ପ୍ରତ୍ୟକ୍ଷ ଶ୍ରୀଜୀଉଙ୍କର ଆଳତି ଅବକାଶ ହୋଇ ତ୍ରିମୁଣ୍ଡରେ ମକରଧୂପ ଲାଗି ହୁଏ।

ତ୍ରିଭୁବନେଶ୍ୱର, ହରିହର ଶ୍ରୀଲିଙ୍ଗରାଜଙ୍କର ମଧ୍ୟ ଚତୁର୍ଦ୍ଦଶ ଯାତ୍ରା ମଧ୍ୟରେ ମକର ସଂକ୍ରାନ୍ତି ତିଥିରେ ଘୃତକମ୍ବଳ ଉତ୍ସବ ପାଳନ କରାଯାଏ, ଯାହାକୁ ଘୃତକମଳ ଲାଗି କୁହାଯାଏ। ଏହିଦିନ ଲିଙ୍ଗ ବିଗ୍ରହଙ୍କୁ ଦିବ୍ୟପଞ୍ଚାମୃତରେ ସ୍ନାନ କରାଯାଏ।

ଶ୍ରୀକ୍ଷେତ୍ର ଓ ଏକାମ୍ର କ୍ଷେତ୍ର ଛଡା ଓଡିଶାରେ ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ, ସୁନ୍ଦରଗଡ, କେନ୍ଦୁଝର ପ୍ରଭୃତି ଅଞ୍ଚଳରେ ମଧ୍ୟ ମକର ସଂକ୍ରାନ୍ତି ମହାଆଡମ୍ବରରେ ପାଳିତ ହୁଏ। ଏହିଦିନ ଘରଦ୍ୱାର ସଫାକରି ସମସ୍ତେ ନୂତନବସ୍ତ୍ର ପରିଧାନ କରିଥାନ୍ତି। ଆଦିବାସୀ ପ୍ରଥା ଅନୁସାରେ ଉତ୍ତମ ଖାଦ୍ୟ ଓ ସୁମିଷ୍ଟ ପିଠାପଣା ଖାଇ ପରସ୍ପର ମକର ମିଳନର ସଂଗୀତ ଗାନ କରିଥାନ୍ତି। ବାଦ୍ୟଯନ୍ତ୍ରର ତାଳେ ତାଳେ ସମସ୍ତେ ଭାଗବତ ଐକ୍ୟ ଓ ପ୍ରେମର ସନାତନ ଚେତନାରେ ନିମଗ୍ନ ରହନ୍ତି। କେତେକ ସ୍ଥାନରେ

ମେଣ୍ଢାଯୁଦ୍ଧ, କୁକୁଡା ଯୁଦ୍ଧ ଓ ଧନୁତୀର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ଓଡିଶାର ମୟୂରଭଞ୍ଜରେ ଟୁସୁ ଉତ୍ସବ ପ୍ରସିଦ୍ଧି ଲାଭ କରିଛି। ଲୋକ ସଂସ୍କୃତିରେ ଏହି ମହାନ ଟୁସୁ ଭସାଣି ଦୃଶ୍ୟ ଯେତିକି ଚିତ୍ତାକର୍ଷକ ସେତିକି ଆନନ୍ଦବର୍ଦ୍ଧକ। ଯୁବତୀ ଦେବୀ ଟୁସୁଙ୍କୁ ଆଡମ୍ବରରେ ପୂଜନ କରାଯାଇ ମକର ପର୍ବ ଶେଷରେ ନଦୀ ବା ପୁଷ୍କରିଣୀରେ ବିସର୍ଜନ କରାଯାଇଥାଏ। ମୟୂରଭଞ୍ଜ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ଅମ୍ବିକାଙ୍କ କ୍ଷେତ୍ର ଭାବେ ଦେବକୁଣ୍ଡ ପ୍ରସିଦ୍ଧ। ପୁଣି ପୁଣ୍ୟତୋୟା ବୈତରଣୀର ଅମାପ ଜଳରାଶି ପାହାଡ ବୁକୁ ବିଦୀର୍ଣ୍ଣ କରି ସୃଷ୍ଟି ହୋଇଥିବା ଭୀମକୁଣ୍ଡ ହେଉଛି ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ। ପ୍ରତିବର୍ଷ ସେଠାରେ ମକର ମେଳା ମହାସମାରୋହରେ ପାଳନ ହେବା ସହ ତ୍ରିଦିବସୀୟ ଭୀମକୁଣ୍ଡ ମହୋତ୍ସବ ବି ଅନୁଷ୍ଠିତ ହୁଏ। ପ୍ରଥମ ଦିନ ଚାଉଳ ଧୁଆ, ଦ୍ୱିତୀୟ ଦିନ ବାହୁଣ୍ଡି ଓ ତୃତୀୟ ଦିନ ମକର ପର୍ବ ବେଶ୍ ଜାକଜମକରେ ପାଳନ କରାଯାଇଥାଏ । ଏହିଦିନ ମୟୂରଭଞ୍ଜର ପୁରପଲ୍ଲୀରେ କୁକୁଡା ଲଢେଇ ବେଶ୍ ଜମି ଉଠେ। ଏହି ମେଳାରେ ଆଦିବାସୀ ଗୀତ, ନାଚ, ଅପେରା, ମ୍ୟାଜିକ୍ ଖେଳ, ମୀନାବଜାର ଆଜି ପାଲଟି ଯାଇଥାଏ ଆକର୍ଷଣର ଗୋଟିଏ ଗୋଟିଏ କେନ୍ଦ୍ରବିନ୍ଦୁ। ଏହିଦିନ ଲୋକମାନେ ମକର ଚାଉଳ ବାଣ୍ଟି ପରସ୍ପର ମଧ୍ୟରେ ମିତ୍ରତା ସ୍ଥାପନ କରନ୍ତି ଓ ପରେ ନିଜ ନିଜ ମଧ୍ୟରେ ମକର ବୋଲି ଡକାଡକି ହୁଅନ୍ତି।

ସମଗ୍ର ଭାରତରେ ଏହି ମହାନ୍ ପର୍ବ ମକର ସଂକ୍ରାନ୍ତି ସମସ୍ତ ନରନାରୀଙ୍କ ମଧ୍ୟରେ ପବିତ୍ରତା, ଈଶ୍ୱର ଭକ୍ତିରେ ପରିପୂର୍ଣ୍ଣତା ଆଣୁ ଏବଂ ଏକାତ୍ମବୋଧତା, ବନ୍ଧୁତ୍ୱ ଓ ସୌହାର୍ଦ୍ଦ୍ୟର ରଜ୍ଜୁକୁ ସୁଦୃଢ କରୁ, ଏହା ହିଁ ହେଉ କାମନା।

ଅନୁଶାସନ ସଚିବ,
ଶ୍ରମ ଓ ଇ ଏସ୍ ଆଇ ବିଭାଗ
କ୍ୱାଟର ନଂ ତିନି ଆର୍ ଏଫ୍-୧୨/୪,
ୟୁନିଟ ନଂ-୯
ଭୁବନେଶ୍ୱର

## ନେତାଜୀଙ୍କ ଜନ୍ମଦିନରେ ସଂଗ୍ରହାଳୟରେ ଲାଇଟ୍ ଓ ସାଉଣ୍ଡ ବ୍ୟବସ୍ଥା ହେବ

**ସଂସ୍କୃତି ମନ୍ତ୍ରୀ**

ନେତାଜୀଙ୍କ ଜନ୍ମଦିନ ଜାନୁଆରୀ ୨୩ ତାରିଖ କଟକ ଓଡ଼ିଆ ବଜାରସ୍ଥିତ ଜାନକୀ ନାଥ ଭବନ ବା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମସ୍ଥାନ ସଂଗ୍ରହାଳୟରେ ପ୍ରଥମଥର ପାଇଁ ଲାଇଟ ଆଣ୍ଡ ସାଉଣ୍ଡ ବ୍ୟବସ୍ଥାର ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିବେ ବୋଲି ୧୫.୧.୧୩ତାରିଖରେ ଅନୁଷ୍ଠିତ କାର୍ଯ୍ୟନିର୍ବାହୀ ପରିଷଦର ପ୍ରସ୍ତୁତି ବୈଠକରେ ଅଧକ୍ଷତା କରି ପର୍ଯ୍ୟଟନ, ସଂସ୍କୃତି ଓ ଯୋଜନା ସମନ୍ୱୟ ମନ୍ତ୍ରୀ ଶ୍ରୀ ମହେଶ୍ୱର ମହାନ୍ତି ପ୍ରକାଶ କରିଛନ୍ତି । ଏତଦ୍‌ବ୍ୟତୀତ ନେତାଜୀଙ୍କ ଜୀବନୀ ଉପରେ ଆଧାରିତ ଚିତ୍ରକଳା, ବାଲୁକା କଳା ପ୍ରଦର୍ଶନୀ ଆୟୋଜନ କରାଯିବା ସହ ସଂଗ୍ରହାଳୟ ବୁଲି ଦେଖିବା ପାଇଁ ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ । ଆଧାତ୍ମିକ ଗ୍ୟାଲେରୀ ସାଙ୍ଗକୁ ସଂଗ୍ରହାଳୟକୁ ଯିବା ପାଇଁ ମହାନଗରର ବିଭିନ୍ନ ମୁଖ୍ୟ ରାସ୍ତାଗୁଡିକରେ ସଙ୍କେତ ଫଳକ ଏବଂ ହେରିଟେଜ ଗେଟଠାରୁ ସଂଗ୍ରହାଳୟ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ମନ୍ତ୍ରୀ ଶ୍ରୀ ମହାନ୍ତି ନିର୍ଦ୍ଦେଶ ଦେଇଥିଲେ । ଆସନ୍ତା ୨୩ ତାରିଖ ଦିନ ଦେଶାତ୍ମବୋଧ ସମ୍ପର୍କିତ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ ହେବା ଲାଗି ବୈଠକରେ ସ୍ଥିର ହୋଇଛି । ଏତଦ୍‌ବ୍ୟତୀତ ସଂଗ୍ରହାଳୟ ପରିସରରେ ଏକ ମ୍ୟୁଜିକାଲ ଫାଉଣ୍ଟେନର ବ୍ୟବସ୍ଥା ସହ ପୁଷ୍କରିଣୀର ଉନ୍ନତି କରାଯିବ ବୋଲି ଶ୍ରୀ ମହାନ୍ତି ପ୍ରକାଶ କରିଥିଲେ ।

ଏହି ବୈଠକରେ ମେୟର ସୌମେନ୍ଦ୍ର ଘୋଷ, ଜିଲ୍ଲାପାଳ ଶ୍ରୀ ଗିରିଶ ଏସ୍.ଏନ୍, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ସୁଶୀଲ ଦାସ, ମ୍ୟୁଜିୟମ ଇନଚାର୍ଯ୍ଯ ତଥା ବିଭାଗୀୟ ଉପନିର୍ଦ୍ଦେଶକ ଭବାନୀ ପ୍ରସାଦ ରାୟ, ସି.ଏମ୍.ସି. କମିଶନର ନିହାର ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

# ସାମନ୍ତ ଚନ୍ଦ୍ରଶେଖର ଏକ ଅମଳିନ ଦୀପଶିଖା

ଗିରିଜାଶଙ୍କର ତରାସିଆ

୧୯୦୪ ମସିହା ଜୁନ୍‌ମାସ ୧୧ ତାରିଖ ଜ୍ୟେଷ୍ଠ ମାସ କୃଷ୍ଣ ଦ୍ୱାଦଶୀ ତିଥିରେ ଉତ୍କଳର ବରପୁତ୍ର ସାମନ୍ତ ଚନ୍ଦ୍ରଶେଖରଙ୍କର ଶ୍ରୀକ୍ଷେତ୍ରରେ ମହାପ୍ରୟାଣ ଘଟିଲା । ତାଙ୍କର ବିୟୋଗରେ ବ୍ୟଥିତ ହୋଇ ୧୯୦୪ ମସିହା ଜୁନ୍ ୧୮ ସଂସ୍କରଣରେ ଉତ୍କଳଦୀପିକା ପତ୍ରିକା ଶ୍ରଦ୍ଧାଞ୍ଜଳି ପ୍ରଦାନ କରିବା ଅବସରରେ ଉଲ୍ଲେଖ କରିଥିଲା, ‘‘ଗଭୀର ଶୋକର ସହିତ ପ୍ରକାଶ କରୁଅଛୁ କି ଉତ୍କଳର ଗୌରବଚନ୍ଦ୍ର ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ସାମନ୍ତ ଗତ ଶନିବାର ମଧ୍ୟାହ୍ନ କାଳରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ଇହଧାମ ପରିତ୍ୟାଗ କଲେ । ଚନ୍ଦ୍ରଶେଖର ବାସ୍ତବରେ ଉତ୍କଳର ଚନ୍ଦ୍ର ଥିଲେ ଏବଂ ନିଜ ଗୁଣରେ ଜଗତ ଆଲୋକିତ କରିଥଲେ ।’’ ସେତେବେଳେ ପ୍ରକାଶ ପାଉଥିବା ଅନ୍ୟତମ ସାହିତ୍ୟ ପତ୍ରିକା ଗଡଜାତ ବାସିନୀ ଏହାର ୧୯୦୪ ଜୁନ୍ ୧୭ ସଂଖ୍ୟାରେ ଦର୍ଶାଇଥିଲେ, ‘ଯାହାଙ୍କ ଯୋଗେ ଦରିଦ୍ର ଉତ୍କଳ ଜଗତରେ ଗଣନୀୟ ହେଉଥିଲା, ସେହି ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସାମନ୍ତ ଆଜି ନାହାନ୍ତି । ତାଙ୍କର ଭୁବନ ବିଖ୍ୟାତ ପବିତ୍ର ଆତ୍ମା ଆଜି ସ୍ୱର୍ଗରେ । ସେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ନଶ୍ୱର ଦେହ ପରିତ୍ୟାଗ କଲେ ।’

ଅବିଭକ୍ତ ପୁରୀ ଜିଲ୍ଲା ତଥା ବର୍ତ୍ତମାନର ନୟାଗଡ ଜିଲ୍ଲା ଅନ୍ତର୍ଗତ ଅରଣ୍ୟାନୀ ଘେରା ଖଣ୍ଡପଡା ଗଡଜାତରେ ୧୮୩୫ ମସିହା ପୌଷମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଜନ୍ମଲାଭ କରିଥିବା ବିସ୍ମୟ ବାଳକ ଚନ୍ଦ୍ରଶେଖର ଶୈଶବ କାଳରୁ ନିଜର ଅଶ୍ରୁତପୂର୍ବ ପ୍ରତିଭାର ପରିଚୟ ପ୍ରଦାନ କରିଥିଲେ । ତତ୍କାଳୀନ ପାଶ୍ଚାତ୍ୟ ଶିକ୍ଷା ଲାଭ କରିନଥିଲେ ମଧ୍ୟ ସଂସ୍କୃତ ଭାଷାରେ ଲିଖିତ ବିଭିନ୍ନ ଗ୍ରନ୍ଥମାନଙ୍କର ସିଦ୍ଧାନ୍ତ ସମୂହର ଗଭୀର ଅନୁଶୀଳନ କରିଥିଲେ । ସ୍ୱହସ୍ତ ନିର୍ମିତ ମାନଯନ୍ତ୍ର ଯାହାକି ୪୨ ଆଙ୍ଗୁଳି ଲମ୍ବା ଖଣ୍ଡିଏ କାଠିରେ ସାଢେ ଚାରି ଆଙ୍ଗୁଳି ଲମ୍ବା ଖଣ୍ଡିଏ ଛେଦନକାରୀ କାଠି ସଂଲଗ୍ନ ହୋଇଥାଏ ଓ ଏହାକୁ ଅବଲମ୍ବନ କରି ତ୍ରିକୋଣମିତିର ବିଷୟସବୁ ମୁଖସ୍ଥକରି ସେ ଗ୍ରହ ନକ୍ଷତ୍ରଙ୍କ ଗତିବିଧିର ଜଟିଳ ଗଣନାମାନ କରୁଥିଲେ । ୧୮୬୯ ମସିହା ମେଷ ସଂକ୍ରମଣ ଦିନଠାରୁ ଆରମ୍ଭ କରି ଦୀର୍ଘ ତେଇଶ ବର୍ଷ ଧରି ଗ୍ରହ ଗଣନା, ଗ୍ରହ ପର୍ଯ୍ୟବେକ୍ଷଣ ଓ ଦର୍ପଣ ରଚନା ଆଦିରେ ଗଭୀର ମନୋନିବେଶ କରି ୧୮୯୨ ମସିହା ମାର୍ଗଶିର ମାସ କୃଷ୍ଣପକ୍ଷ ନବମୀ ତିଥି ଶନିବାର ଦିନ ସେ ତାଙ୍କ ଜୀବନବ୍ୟାପୀ ସାଧନାର ଫଳଶ୍ରୁତି ଭାବେ ସିଦ୍ଧାନ୍ତ ଦର୍ପଣ ନାମକ ମହାର୍ଘ ଗ୍ରନ୍ଥ ରଚନା ସମାପ୍ତ କରିଥିଲେ । ଏହି ଅମୂଲ୍ୟ ଗ୍ରନ୍ଥ ଥିଲା ଭାରତୀୟ ସିଦ୍ଧାନ୍ତ ଜ୍ୟୋତିଶ୍ଚର୍ଚ୍ଚାର ଏକ ଶ୍ରେଷ୍ଠ ସନ୍ତକ । ତାଳପତ୍ରରେ ଲିଖିତ ଏହି ଗ୍ରନ୍ଥକୁ କାଗଜ ପୁସ୍ତକରେ ମୁଦ୍ରଣ କରିବା ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା । ଅବଶ୍ୟ ସିଦ୍ଧାନ୍ତ ଦର୍ପଣ ଗ୍ରନ୍ଥର ମୁଦ୍ରଣ ପାଇଁ ତତ୍କାଳୀନ କରଦରାଜ୍ୟ ସମୂହର ଭୂତପୂର୍ବ ସହକାରୀ ସୁପରିଣ୍ଟେଣ୍ଡେଣ୍ଟ ବାବୁ ସୁଦାମ ଚନ୍ଦ୍ର ନାୟକଙ୍କର ପ୍ରଯତ୍ନ ଯୋଗୁଁ ଏବଂ ଆଠମଲ୍ଲିକର ଗୁଣଗ୍ରାହୀ ନରେଶ ମହେନ୍ଦ୍ର ଦେଓ ଏବଂ ମୟୂରଭଞ୍ଜ ମହାରାଜା ରାମଚନ୍ଦ୍ର ଭଞ୍ଜଙ୍କ ଆର୍ଥିକ ସହାୟତା ଯୋଗୁଁ ସିଦ୍ଧାନ୍ତ ଦର୍ପଣ ଗ୍ରନ୍ଥ ମୁଦ୍ରିତ ହେବା ସମ୍ଭବ ହୋଇପାରିଥିଲା । ୧୨୫୦ ଟଙ୍କା ବ୍ୟୟରେ କଲିକତାସ୍ଥିତ ଗିରୀଶ ବିଦ୍ୟାରତ୍ନ ମୁଦ୍ରଣାଳୟରେ ୧୮୯୪ରୁ ମୁଦ୍ରଣ ଆରମ୍ଭ ହୋଇ ୧୮୯୯ ମସିହାରେ ଶେଷ ହୋଇଥିଲା । ବହୁ ଶ୍ରମ ଲବ୍ଧ ସିଦ୍ଧାନ୍ତ ଦର୍ପଣ ଗୋଟିଏ ଥର ମାତ୍ର ୫ ହଜାର ଖଣ୍ଡ ମୁଦ୍ରିତ ହୋଇଥିଲା । ତନ୍ମଧ୍ୟରୁ ଜର୍ମାନୀ ୧ହଜାର ଖଣ୍ଡ, ଇଂଲଣ୍ଡ ୭୦୦ଖଣ୍ଡ, ଫ୍ରାନ୍ସ ୩୦୦ ଖଣ୍ଡ ଓ ଆମେରିକା ୮୦୦ ଖଣ୍ଡ ପୁସ୍ତକ ସେମାନଙ୍କ ଦେଶର ପୁସ୍ତକାଗାରମାନଙ୍କରେ ରଖିବା

ପାଇଁ କ୍ରୟ କରିଥିଲେ । ବଳକା ୨୨୦୦ ଖଣ୍ଡରୁ ଅଳ୍ପ କେତେଖଣ୍ଡ ବ୍ୟତୀତ ନିଜ ଦେଶରେ ବିକ୍ରି ହେବା ସମ୍ଭବ ହୋଇପାରିନଥିଲା । ବହୁ ବର୍ଷ ଏସବୁ ଗଚ୍ଛିତ ହୋଇ ରହିବା ଯୋଗୁଁ କୀଟଦଷ୍ଟ ହୋଇଯାଇଥିଲା । ଧନ୍ୟ ଏ ଦେଶ, ଧନ୍ୟ ଏ ଦେଶରେ ପ୍ରତିଭା ପୂଜା । ଏହାକୁ ଲକ୍ଷ୍ୟକରି କବିବର ରାଧାନାଥ ରାୟ ପ୍ରସିଦ୍ଧ ଦରବାର କାବ୍ୟରେ ଦର୍ଶାଇଥିଲେ-

ଦୂରୁ ଦେଖି ତୁମ୍ଭ ଦିବ୍ୟ ଜ୍ୟୋତିରାଶି
ଚିହ୍ନିଲେ ତୁମ୍ଭଙ୍କୁ ଦୂର ଦେଶବାସୀ
ମାତ୍ର ଉତ୍କଳରେ ଜଣେ କେହି ନାହିଁ
ଗୁଣୀନ୍ଦ୍ର ତୁମ୍ଭର ହେବ ଗୁଣଗ୍ରାହୀ ।

ସାମନ୍ତ ଚନ୍ଦ୍ରଶେଖରଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ରେଭେନ୍ସା ମହାବିଦ୍ୟାଳୟର ତତ୍କାଳୀନ ବିଜ୍ଞାନ ପ୍ରାଧ୍ୟାପକ ରାୟବାହାଦୂର ଯୋଗେଶଚନ୍ଦ୍ର ରାୟଙ୍କର ଅବଦାନ ଥିଲା ପ୍ରଣିଧାନଯୋଗ୍ୟ । ସେ ସିଦ୍ଧାନ୍ତ ଦର୍ପଣ ଗ୍ରନ୍ଥର ମୁଖବନ୍ଧ ଇଂରାଜୀ ଭାଷାରେ ଲେଖି ସାମନ୍ତଙ୍କ ପ୍ରତିଭାକୁ ପାଶ୍ଚାତ୍ୟ ଜଗତରେ ଦୃଷ୍ଟି ଆକର୍ଷଣ କରିଥିଲେ । ସେ ସାମନ୍ତଙ୍କୁ ଇଉରୋପ ମହାଦେଶର ପ୍ରଖ୍ୟାତ ଜ୍ୟୋତିର୍ବିଜ୍ଞାନୀ ଟିକୋବ୍ରାହୋଙ୍କ ସହିତ ତୁଳନା କରିଥିଲେ । ଇଉରୋପର ଟିକୋ କିନ୍ତୁ ରାଜାନୁଗ୍ରହ ପାଇଥିବା ବେଳେ ଭାରତୀୟ ଟିକୋ ରାଜାଙ୍କର ବିଭାଗ ଭାଜନ ହୋଇଥିଲେ । ଟିକୋଙ୍କୁ ଡେନ୍‌ମାର୍କର ଶାସକ ଫ୍ରେଡରିକ୍ ୨ୟ ଜୀବିତ ଥିବା ପର୍ଯ୍ୟନ୍ତ ବାର୍ଷିକ ୧୦୦ ପାଉଣ୍ଡ ବୃତ୍ତି ଖଞ୍ଜି ଦେବା ସହିତ ପର୍ଯ୍ୟବେକ୍ଷଣିକା ନିମନ୍ତେ ସ୍ଥାନ ଯୋଗାଇ ଦେବା ସହିତ ଏହାର ନିର୍ମାଣ ପାଇଁ ୨ହଜାର ପାଉଣ୍ଡ ସାହାଯ୍ୟ ପ୍ରଦାନ କରିଥିଲେ । କିନ୍ତୁ ସାମନ୍ତ ଚନ୍ଦ୍ରଶେଖର ସମସ୍ତ ପ୍ରତିକୂଳ ଅବସ୍ଥା ସତ୍ତ୍ୱେ ନିଜର ସାଧନାରେ ଅଟଳ ଏବଂ ଅଚଳ ରହିଥିଲେ ।

ସାମନ୍ତ ଚନ୍ଦ୍ରଶେଖର ଅସାଧାରଣ ପ୍ରତିଭାର ଅଧିକାରୀ ହୋଇଥିଲେ ମଧ୍ୟ ସେ ରୂପବାନ ନଥିଲେ । ଏପରିକି ତାଙ୍କର କୁରୂପକୁ ଦେଖି ତାଙ୍କ ଶାଶୁ ଅର୍ଥାତ୍ କନ୍ୟାମାତା ଏଭଳି ଅସୁନ୍ଦର ଜାମାତାଙ୍କ ହସ୍ତରେ ନିଜର ସୁଶ୍ରୀ କନ୍ୟାକୁ ଟେକି ଦେବା ପାଇଁ ଅସମ୍ମତି ପ୍ରକାଶ କରିଥିଲେ । ଏହି ଘଟଣାରେ ସାମନ୍ତ ଧୈର୍ଯ୍ୟଚ୍ୟୁତ ନଘଟାଇ ନୈଷଧ କାବ୍ୟର ଦମୟନ୍ତୀ ସ୍ୱୟମ୍ବରରୁ କେତେଗୋଟି ଶ୍ଳୋକ ଅତ୍ୟନ୍ତ ପାଣ୍ଡିତ୍ୟପୂର୍ଣ୍ଣ ସୁଲଳିତ କଣ୍ଠରେ ଗାନ କରି ଏହାର ଅର୍ଥ ବାଖ୍ୟା କରିବାରୁ ଉପସ୍ଥିତ ଦର୍ଶକ ମଣ୍ଡଳୀ ଚକିତ ହୋଇପଡିଥିଲେ ଏବଂ ପୂର୍ବ ନିଷ୍ପତ୍ତିରୁ ଓହରି ସାମନ୍ତଙ୍କ ଶାଶୁ ପ୍ରତିମାଦେବୀ ନିଜର କନ୍ୟା ସୀତାଦେବୀଙ୍କୁ ସାମନ୍ତଙ୍କ ହସ୍ତରେ ଅର୍ପଣ କରିଥିଲେ । ୧୮୫୭ ମସିହା ମାଘମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ସାମନ୍ତ ସୁଶ୍ରୀ ସୀତାଦେବୀଙ୍କର ପାଣି ଗ୍ରହଣ କରିଥିଲେ ।

୨୫୦୦ଶ୍ଳୋକ ସନ୍ନିବେଶିତ ସିଦ୍ଧାନ୍ତ ଦର୍ପଣ ଗ୍ରନ୍ଥରେ ସାମନ୍ତଙ୍କର ସ୍ୱରଚିତ ଶ୍ଳୋକସଂଖ୍ୟା ଥିଲା ୨୨୮୪ ଗୋଟି ଏବଂ ଅନ୍ୟ ଗ୍ରନ୍ଥ ସମୂହରୁ ଉଦ୍ଧୃତ ଶ୍ଳୋକ ସଂଖ୍ୟା ଥିଲା ୨୧୬ । ଶ୍ରୀକ୍ଷେତ୍ରରେ ଶେଷ ନିଃଶ୍ୱାସ ତ୍ୟାଗ କରିବା ପାଇଁ ସାମନ୍ତ ଇଚ୍ଛା ପ୍ରକାଶ କରିଥିଲେ । ଖଣ୍ଡପଡାଗଡସ୍ଥିତ ସ୍ୱୀୟ ବାସଭବନଠାରୁ ପୁରୀ ସିଂହଦ୍ୱାର ସାମନ୍ତଙ୍କ ନିଜ ପାହୁଣ୍ଡରେ ୧ଲକ୍ଷ ୫୧ହଜାର ୨ଶତ ପାହୁଣ୍ଡ ବୋଲି ସେ ନିଜେ ପାହୁଣ୍ଡ ପକାଇ ମାପିଥିଲେ । ସିଦ୍ଧାନ୍ତ ଦର୍ପଣ ଗ୍ରନ୍ଥ ସାମନ୍ତଙ୍କର ଶ୍ରେଷ୍ଠ କୃତୀ ହୋଇଥିଲେ ମଧ୍ୟ ସେ ଓଡ଼ିଆ ଭାଷାରେ ଦର୍ପଣସାର ଏବଂ ୧୬ଗୋଟି ଶ୍ଳୋକ ସନ୍ନିବେଶିତ ସଂସ୍କୃତ ଭାଷାରେ ଦର୍ଶଦୀପିକା ନାମକ ଦୁଇଗୋଟି କ୍ଷୁଦ୍ର ପୁସ୍ତକ ରଚନା କରିଥିଲେ ।

ପାଶ୍ଚାତ୍ୟବାସୀଙ୍କ ଦ୍ୱାରା ସମ୍ମାନୀତ ହୋଇଥିବା ଏହି ବିରଳ ପ୍ରତିଭା ଯଦି ଓଡ଼ିଶା ଭିନ୍ନ ଅନ୍ୟ ପ୍ରଦେଶରେ ଜନ୍ମ ହୋଇଥାନ୍ତେ ତେବେ ତାଙ୍କ ସାଧନାର ପ୍ରକୃତ ମୂଲ୍ୟାୟନ ବୋଧହୁଏ କରାଯାଇ ପାରିଥାନ୍ତା । ନିକଟରେ କବିଗୁରୁ ରବୀନ୍ଦ୍ରନାଥ ଠାକୁରଙ୍କ ଜୟନ୍ତୀ ତାଙ୍କ ଜନ୍ମିତ ପ୍ରଦେଶରେ ଯେଉଁଭଳି ଭାବେ ପାଳନ କରାଗଲା, ତାହା ଏକ ଉଦାହରଣ ମାତ୍ର । ସାମନ୍ତ ଚନ୍ଦ୍ରଶେଖରଙ୍କର ବିରଳକୃତୀ ନିମନ୍ତେ ତାଙ୍କୁ ମରଣୋତ୍ତର ଭାରତରତ୍ନ ଉପାଧିରେ ଭୂଷିତ କରିବା ପାଇଁ ସ୍ୱାଭିମାନୀ ଦେଶପ୍ରେମୀମାନେ ଉଦ୍ୟମ ଆରମ୍ଭ କରନ୍ତୁ ।

ସମ୍ପାଦକ,
ପଠାଣିସାମନ୍ତ
ମେମୋରିଆଲ୍ ପରିଷଦ, ଖଣ୍ଡପଡା,
ସା/ପୋ: ଖଣ୍ଡପଡା,
ଜି: ନୟାଗଡ-୭୫୨୦୭୭

# କବିଚନ୍ଦ୍ର କାଳୀଚରଣ–ଏକ ଅନୁଶୀଳନ

**ଡକ୍ଟର ସିଦ୍ଧାର୍ଥ କାନୁନ୍‌ଗୋ**

ଆମ ସମୟର ଏକ ପ୍ରତିଭା ସମ୍ପନ୍ନ ନାଟ୍ୟକାର, କବି, ସଙ୍ଗୀତଜ୍ଞ ଓ ଆଧୁନିକ ରଙ୍ଗମଞ୍ଚର ଜନକ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ବହୁମୁଖୀ ପ୍ରତିଭାର ସଠିକ ମୂଲ୍ୟାଙ୍କନ କରିବାରେ ଆମର ଏ ଆଲେଖ୍ୟ କେତେଦୂର ସହାୟକ ହେବ– ସେ ବିଷୟରେ ଆମେ ସନ୍ଦିହାନ । ତାଙ୍କ ଭଳି ପ୍ରତିଭା ଏ ରାଜ୍ୟ କାହିଁକି ସମଗ୍ର ଦେଶରେ ମଧ୍ୟ ବିରଳ । ଏକାଧାରାରେ ନାଟ୍ୟକାର, ନିର୍ଦ୍ଦେଶକ ଗୀତିକାର, ସଙ୍ଗୀତ ନିର୍ଦ୍ଦେଶକ ଓ ଦକ୍ଷ ସଙ୍ଗଠକ କାଳୀଚରଣଙ୍କ ବିକଳ୍ପ ଏପର୍ଯ୍ୟନ୍ତ ଜନ୍ମ ହୋଇ ନାହାନ୍ତି ବୋଲି କହିଲେ କିଛି ଅତିରଞ୍ଜିତ ହେବ ନାହିଁ । ଓଡ଼ିଶୀ ସଙ୍ଗୀତ ତଥା ନୃତ୍ୟକୁ ବିଶ୍ୱ ଦରବାରରେ ସ୍ୱୀକୃତି ହିଁ କାଳୀଚରଣଙ୍କ ନିରବଚ୍ଛିନ୍ନ ସାଧନା ଓ ତପସ୍ୟାର ଫଳ । ଆଜି ଓଡ଼ିଶୀ ସଙ୍ଗୀତ ତଥା ନୃତ୍ୟ ଆମେରିକାରୁ ଜାପାନ, ଫ୍ରାନ୍‌ସରୁ ଚୀନ ଏବଂ ଇଂଲଣ୍ଡରୁ ଋଷିଆ ପର୍ଯ୍ୟନ୍ତ ଲୋକପ୍ରିୟ । ଏହାହି ହେଉଛି କାଳୀବାବୁଙ୍କ ଏ ଜାତିକୁ ଶ୍ରେଷ୍ଠ ଅବଦାନ । ଅନ୍ଧକାରରେ ଆଲୋକର ସନ୍ଧାନ ପରି ୧୮୯୯ ମସିହା ଡିସେମ୍ବର ମାସ ୨୩ ତାରିଖ ବକୁଳ ଅମାବାସ୍ୟା ଦିନ କଟକ ଜିଲ୍ଲାର ବଡ଼ମ୍ବାଗଡ଼ରେ କବିଙ୍କ ଜନ୍ମ । ଯୁଗେ ଯୁଗେ ପରିବେଶ ମଣିଷ ଉପରେ ପକାଇଥାଏ ଏକ ସୁଦୂରପ୍ରସାରୀ ପ୍ରଭାବ । ପିତାମହ ନିମାଇଁ ଚରଣଙ୍କ ପାଣ୍ଡିତ୍ୟ ଓ ପିତା ଦୁର୍ଗାଚରଣଙ୍କ ସଙ୍ଗୀତ ଓ ଅଭିନୟ ଦକ୍ଷତା କବିଙ୍କ ଜୀବନରେ ପକାଇଥିଲା ସଙ୍ଗୀତ ଓ ନାଟକ ପ୍ରତି ଅନୁରାଗର ଏକ ବିରାଟ ପ୍ରଭାବ । ପରବର୍ତ୍ତୀ ସମୟରେ ନିଜ କର୍ମକ୍ଷେତ୍ରରେ ବାରିପଦାର ତତ୍କାଳୀନ ମହାରାଜଙ୍କ ନାଟକ ପ୍ରତି ଆସକ୍ତି କବିଙ୍କୁ ନାଟକ ରଚନା ପାଇଁ ପ୍ରେରଣା ଯୋଗାଇଥିଲା । ସମୟକ୍ରମେ ୧୯୩୯ ମସିହା ଶେଷଭାଗକୁ ଆରମ୍ଭ ହେଲା କାଳୀଚରଣଙ୍କର 'ଓଡ଼ିଶା ଥିଏଟର' । କାଳୀଚରଣଙ୍କ ପୂର୍ବରୁ ଯେ ଓଡ଼ିଆ ନାଟକ ଅଭିନୀତ ହେଉନଥିଲା ତା'ନୁହେଁ, ସେସମୟରେ ଯେଉଁ କେତେକ ଓଡ଼ିଆ ନାଟକ ମଞ୍ଚସ୍ଥ ହେଉଥିଲା, ସେସବୁ ବଙ୍ଗଳା ନାଟକର ଅନୁବାଦ ଅଥବା ବଙ୍ଗଳା ନାଟକର ପ୍ରଭାବ ଓ ପ୍ରାଧାନ୍ୟ ଯୁକ୍ତ ନଥିଲା । ମାତ୍ର କାଳୀଚରଣ ପ୍ରଥମେ ଏ ଦିଗରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଲେ । ତାଙ୍କ ଉଦ୍ୟମରେ ପ୍ରଥମେ ଓଡ଼ିଆ ସଂସ୍କୃତି ଓ ମୌଳିକତାକୁ ଆଧାର କରି ନାଟକ ରଚିତ ତଥା ମଞ୍ଚସ୍ଥ ହେଲା । କବିଚନ୍ଦ୍ରଙ୍କ ଏ ଉଦ୍ୟମକୁ ପ୍ରଶଂସା କରି ଇଂରାଜୀ ସମ୍ବାଦପତ୍ର Hindustan Standard ତାଙ୍କ ତା୧୭.୮.୧୯୫୮ରିଖ ସଂସ୍କରଣରେ ଏକଥା ଉଲ୍ଲେଖ କରିଥିଲେ–

"From 1939 to 1950, theatre party named Orissa Theatres was run by him which played an important role in the annual of modern Stage in the State xxx Leaving the service under blueblooded aristocracy, Kabichandra Kalicharan treated a lonely path of struggle for supremacy in the fields of arts in Orissa with a keen devotion. He fought against heavy odds and brought about a great revolution in the history of stage play by introducing social dramas and educated girls on the stage."

'ଗାର୍ଲସ୍କୁଲ' କବିଚନ୍ଦ୍ରଙ୍କ ପ୍ରଥମ ନାଟକ । ଏ ନାଟକର ନାଁ ଶୁଣି ପ୍ରଥମେ ବହୁ ଲୋକ ନାକ ଟେକିଥିଲେ, କାରଣ ସ୍ୱାଭାବିକ ଭାବେ ଆମ ରକ୍ଷଣଶୀଳ ସମାଜ ନୂତନ ଚିନ୍ତାଧାରାକୁ ସ୍ୱାଗତ କରିପାରେ ନାହିଁ । କିନ୍ତୁ ଏହି ନାଟକ ଅଭିନୀତ ହେବା ପରେ

ସମସ୍ତ ଘୃଣା ଓ ନାସିକା କୁଞ୍ଚନ ଦୂର ହେଲା । ଦୀର୍ଘ ୩ ମାସ ଧରି ଏହି ନାଟକ ପୂର୍ଣ୍ଣ ପ୍ରେକ୍ଷାଳୟରେ ଅଭିନୀତ ହେଲା । ଏହା ପୂର୍ବରୁ ଏତେଦିନ ଧରି କଟକ ସହରରେ କୌଣସି ନାଟକ ମଞ୍ଚସ୍ଥ ହୋଇନଥିଲା । ଏକ ବ୍ୟବସାୟିକ ରଙ୍ଗମଞ୍ଚରେ ନାୟିକା ଭୂମିକାରେ ସ୍ତ୍ରୀ ଲୋକ ଅଭିନୟ କରିବା ବୋଧହୁଏ ଏହି ନାଟକରେ ପ୍ରଥମ ଥର ପାଇଁ ସମ୍ଭବ ହେଲା । ତତ୍କାଳୀନ ସାମାଜିକ ପରିବେଶର ପୃଷ୍ଠଭୂମିରେ ବିଚାର କଲେ ଏହା ଯେ କାଳୀବାବୁଙ୍କ ଏକ ଦୁଃସାହସିକ ପଦକ୍ଷେପ ଥିଲା– ଏଥିରେ କୌଣସି ଦ୍ୱିରୁକ୍ତି ନାହିଁ । ମଞ୍ଚସ୍ଥ ନାଟକକୁ ଦେଖି ଓଡ଼ିଶାର ତତ୍କାଳୀନ ପ୍ରଧାନମନ୍ତ୍ରୀ ପାରଳାଖେମୁଣ୍ଡିର ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଅତ୍ୟନ୍ତ ଖୁସି ହୋଇ ଏକ ହଜାର ଟଙ୍କା ଦାନ କରିଥିଲେ । New Orissa ଓ ଆଶା ନାଟକର ପରିବେଷଣ ଶୈଳୀ, ସଂଳାପ ତଥା ବିଷୟବସ୍ତୁ ଉପରେ ସେ ମନ୍ତବ୍ୟ ପ୍ରଦାନ କରି ଲେଖିଲେ–

"The play was a grand success from the beginning to the end and presented a lively picture of the life of our new fangled youths and school going girls. There was a large number of spectators for all of whom accomodation could not be provided."

(New Orissa- Feb-16.1942)

'ନାଟକଟି ଆମୂଳଚୂଳ ଉପଭୋଗ୍ୟ । ଆଧୁନିକ ଶିକ୍ଷାପ୍ରାପ୍ତ ଯୁବକ-ଯୁବତୀଙ୍କ ଜୀବନର ଅବିକଳ ଆଲେଖ୍ୟ ଏଥିରେ ପ୍ରଦତ୍ତ । କେବଳ ଉପଭୋଗ୍ୟ କହିଲେ ଠିକ୍ ହେବନାହିଁ, ଏହା ଏକାଧାରାରେ ମଧ୍ୟ ଶିକ୍ଷାପ୍ରଦ ।'

(ଆଶା, ତା ୧୪.୨.୪୨ ରିଖ)

'ଜୟଦେବ' କାଳୀବାବୁଙ୍କ ଅନ୍ୟ ଏକ ସାର୍ଥକ ସୃଷ୍ଟି । ସେ ଏଥିରେ କିଛି ଉଗ୍ରବାଦୀ ବଙ୍ଗବାସୀଙ୍କ ମତକୁ ବିଭିନ୍ନ ତଥ୍ୟ ସହ ଖଣ୍ଡନ କରି ଜୟଦେବଙ୍କୁ ଓଡ଼ିଆ ମାଟିର ପୁଅ ବୋଲି ପ୍ରମାଣ କରିଛନ୍ତି । ନାଟକର ସଂଳାପ ଓ ଶୈଳୀ ଉଚ୍ଚକୋଟୀର ହୋଇଥିଲେ ମଧ୍ୟ ମଝିରେ ମଝିରେ ସଂଗୀତର ବହୁଳ ବ୍ୟବହାର ନାଟକୀୟ ଗତିରେ କିଛିଟା ପ୍ରତିବନ୍ଧକ ସୃଷ୍ଟି କରିଥିବାର ମନେହୁଏ କିନ୍ତୁ ଏହାଦ୍ୱାରା ନାଟକୀୟ ସାବଲୀଳତା ସେପରି କିଛି କ୍ଷୁଣ୍ଣ ହୋଇନାହିଁ ।

'ଭାତ'କାଳୀବାବୁଙ୍କ ତତ୍କାଳୀନ ସାମାଜିକ ପରିବେଶର ପୃଷ୍ଠଭୂମିରେ ଆଧାରିତ ଏକ ନାଟକ । ଏଥିରେ ୧୯୩୪ ମସିହାର ଖାଦ୍ୟାଭାବର ନଗ୍ନଚିତ୍ର ବାସ୍ତବ ରୂପେ ରୂପାୟିତ ହୋଇଛି । ଭାଷା, ସଂଗୀତ ଓ ବିଷୟବସ୍ତୁର ଗତି ଓ ପରିଣତି ବେଶ ବଳିଷ୍ଠ ଓ ସୁରୁଚି ସଂପନ୍ନ ହୋଇଛି । କିଛି ସମାଲୋଚକମାନଙ୍କ ମତରେ ଏଥିରେ 'ରୋଟି' ନାଟକର ପ୍ରଭାବ ପଡିଛି । ସେ ଯାହା ହେଉନା କାହିଁକି ଉଭୟ ନାଟକରେ ସମସ୍ୟାଗତ ସାମ୍ୟ ଥିଲେ ମଧ୍ୟ ଉପଜୀବ ଉପାଦାନର ଭିନ୍ନତା ଦୃଷ୍ଟିଗୋଚର ହୁଏ ।

'ଅଭିଯାନ'କାଳୀଚରଣଙ୍କ ଦ୍ୱାରା ଲିଖିତ ଏକ ଐତିହାସିକ ନାଟକ । ଏଥିରେ ନାଟ୍ୟକାର ଗଜପତି ପୁରୁଷୋତ୍ତମ ଦେବଙ୍କ କାଞ୍ଚି-ଅଭିଯାନକୁ ପାଥେୟ କରି ନାଟକ ରଚନା କରିଛନ୍ତି । ଏହି ନାଟକରେ ରାମଶଙ୍କରଙ୍କ 'କାଞ୍ଚି କାବେରୀ', ଭିକାରୀ ଚରଣଙ୍କ 'ରାଜା ପୁରୁଷୋତ୍ତମ ଦେବ' ଓ ଗୋଦାବରୀଶ ମିଶ୍ରଙ୍କ 'ପୁରୁଷୋତ୍ତମ' ନାଟକର ପ୍ରଭାବ ଦୃଷ୍ଟିଗୋଚର ହେଲେ ମଧ୍ୟ ବିଷୟବସ୍ତୁ ଉପସ୍ଥାପନାରେ କାଳୀଚରଣଙ୍କ ସ୍ୱାତନ୍ତ୍ର୍ୟ ପରିଲକ୍ଷିତ ହୁଏ । 'ସ୍ୱାଧୀନତା ଦାନର ବସ୍ତୁ ନୁହେଁ– ଦାବିର ବସ୍ତୁ, ସାଧନାର ବସ୍ତୁ ।' ଏହିପରି ସଂଳାପ ପୁରୁଷୋତ୍ତମ ଦେବଙ୍କ ମୁହଁରେ ଫୁଟାଇ ନାଟ୍ୟକାର ନିଜର ମୌଳିକତା ପ୍ରଦର୍ଶନ କରିଛନ୍ତି । ନାଟକର ଚରିତ୍ରମାନଙ୍କ ମନୋସ୍ତାତ୍ତ୍ୱିକ ବିଶ୍ଳେଷଣ ମଧ୍ୟ ବେଶ ଉଚ୍ଚମାନର ଅଟେ । ପୁରୁଷୋତ୍ତମ ଓ ପଦ୍ମାବତୀଙ୍କ ପ୍ରଣୟର ଚିତ୍ର ଏହାର ଉଦାହରଣ ଅଟେ ।

'ରକ୍ତମାଟି' କାଳୀବାବୁଙ୍କ ଦ୍ୱାରା ରଚିତ ଏକ ସାମାଜିକ ନାଟକ । ପୁଞ୍ଜିପତି ମିଲ୍‌ମାଲିକର ହୀନ ଚକ୍ରାନ୍ତ ପଲ୍ଲୀ ଜୀବନର ଫୁଲ ଓ ଫସଲକୁ କିପରି ରୁଗ୍ଣ ତଥା ମଳିନ କରିଦେଇଛି ଏବଂ ଯନ୍ତ୍ରଶିଳ୍ପର ବିକାଶ ଫଳରେ ଗ୍ରାମ୍ୟ ଜୀବନର କରୁଣ ପରିଣତି ସଂପର୍କରେ ନାଟ୍ୟକାର ସୂଚନା ପ୍ରଦାନ କରିଛନ୍ତି । 'ମଣିଷର ଜୀଇଁ ରହିବାଟା ହେଉଛି ତା'ର ହକ୍ ଅଧିକାର, କାହାର ଦୟା ବା ଅନୁଗ୍ରହ ସାପେକ୍ଷ ନୁହେଁ । ଲକ୍ଷ୍ୟ ତା'ର ଭିକ୍ଷା ନୁହେଁ ଦାବି', ନାଟକର ପ୍ରଥମ ଅଙ୍କର ଦ୍ୱିତୀୟ ଦୃଶ୍ୟରେ କର୍ମୀ ମୁହଁରେ ଏ ସଂଳାପ ଖୁବ୍ ମର୍ମସ୍ପର୍ଶୀ ହୋଇଅଛି ।

'ଅତିବଡି ଜଗନ୍ନାଥ ଦାସ' କାଳୀବାବୁଙ୍କର ଅନ୍ୟ ଏକ ସାର୍ଥକ ସୃଷ୍ଟି । ଜଗନ୍ନାଥ ଦାସଙ୍କ ସମ୍ବନ୍ଧରେ ଶୁଣାଯାଉଥିବା ବହୁ କିମ୍ବଦନ୍ତୀକୁ ଆଧାର କରି ଏହି ନାଟକଟି ରଚିତ । ବିଶେଷ ଭାବେ

ପଣ୍ଡାମାନଙ୍କ ମୁହଁରେ ପୁରୀର କଥିତ ଭାଷା ପ୍ରୟୋଗ କରି ନାଟକରେ ହାସ୍ୟରସର ଅବତାରଣା କରାଯାଇଛି ।

କେବଳ ଓଡ଼ିଆ ଭାଷା ନୁହେଁ କାଳୀବାବୁଙ୍କ 'ଭୁଖା' ଓ 'ଯୁଗ ସାଧକ' ଯଥାକ୍ରମେ ହିନ୍ଦୀରେ ଲିଖିତ ନାଟକ ଓ ଏକାଙ୍କିକା ଅଟେ । ଓଡ଼ିଆ ନାଟ୍ୟକାର ଭାବେ ସେ ବୋଧହୁଏ ପ୍ରଥମେ ହିନ୍ଦୀରେ ନାଟକ ରଚନା କରିଛନ୍ତି । 'ଭୁଖା'ରେ ଭାତ ପରି ଖାଦ୍ୟାଭାବର ଏକ ନିମ୍ନଚିତ୍ର ପ୍ରଦାନ କରିଥିବା ବେଳେ 'ଯୁଗସାଧକ'ରେ ବାପୁଜୀଙ୍କ ବିୟୋଗଜନିତ ଦୁଃଖର ଏକ ଚିତ୍ର ନାଟ୍ୟକାର ପ୍ରଦାନ କରିଛନ୍ତି । 'ଫଟାଭୂଇଁ' ଜାତୀୟତାବୋଧ ଉପରେ ରଚିତ ନାଟକ ଓଡ଼ିଶାର ଦୀର୍ଘ ଦେଢ଼ଶହ ବର୍ଷର ଇତିହାସ ଏଥିରେ ସନ୍ନିବେଶିତ ହୋଇଛି । ଇଂରେଜମାନଙ୍କ ଆଗମନ କାଳରେ ଏ ଦେଶର ବାଣିଜ୍ୟ, ବୈଭବ, ଶିଳ୍ପ ଇତ୍ୟାଦି କିପରି ସେମାନଙ୍କର ଗୌରବ ହରାଇଛନ୍ତି, ସେ ବିଷୟରେ ନାଟ୍ୟକାର ଏଥିରେ ବର୍ଣ୍ଣନା କରିଛନ୍ତି ।

'ରକ୍ତମନ୍ଦାର' କାଳୀବାବୁଙ୍କର ଏକ ଐତିହାସିକ ନାଟକ । ଖୋର୍ଦ୍ଧା ଓ ବାଙ୍କୀର ଇତିହାସ ତଥା କିମ୍ବଦନ୍ତୀ ଉପରେ ଆଧାର କରି ଏହି ପୁସ୍ତକ ରଚନା କରାଯାଇଛି । ଏହି ନାଟକରେ ନାଟ୍ୟକାର ବାଙ୍କୀ ରାଣୀ ଶୁକଦେଇଙ୍କ ବୀରତ୍ୱର କାହାଣୀ ଅବତାରଣା କରିଛନ୍ତି । ନାଟକର ସଂଳାପ ଓ ଭାଷା ଜୀବନ୍ତ ହୋଇଅଛି ।

'ଚକ୍ରୀ' ନାଟକରେ କାଳୀବାବୁ ସେପରି କିଛି ନୂତନତା ପ୍ରଦର୍ଶନ କରିନାହାନ୍ତି । ଉକ୍ତ ନାଟକରେ ବଙ୍ଗଳା ନାଟକ 'ପାର୍ଥସାରଥୀ'ର ପ୍ରଭାବରୁ ମୁକ୍ତ ନୁହେଁ ବୋଲି ମନେହୁଏ ।

କାଳୀବାବୁଙ୍କ ଲିଖିତ 'କିଶୋର ଚନ୍ଦ୍ରାନନ ଚମ୍ପୂ'ନାଟକର ରଚନା କାଳ ହେଉଛି ୧୯୩୨ ମସିହା । ଏଥିରେ ସଂସ୍କୃତ ଗଦ୍ୟର ଭାବାନୁସରଣରେ ଓଡ଼ିଆ ଗଦ୍ୟର ଅବତାରଣା କରାଯାଇଥିଲେ ମଧ୍ୟ ନାଟ୍ୟକାର ମୌଳିକତା ପ୍ରଦର୍ଶନ କରିଛନ୍ତି ।

ଏତଦ୍‌ଭିନ୍ନ କାଳୀବାବୁ 'ତୃମ୍ଭନ', 'ବେକାର', 'ଦଶଭୁଜା', 'ମୃଗୟା', 'ଶକୁନ୍ତଳା' ଆଦି ବହୁ ନାଟକ ଏବଂ 'ଯୁଗୋପଯୋଗୀ', 'ଜୀବିତ ତର୍ପଣ', 'ଭଙ୍ଗାଗଡ଼ା', 'ଦଳବେହେରା' 'ନୂଆ ଦୁନିଆଁ', 'ପ୍ରତିନିଧି' 'ପୋଷ୍ୟପୁତ୍ର' ଓ 'କଳିଙ୍ଗ ଜେମା' ଆଦି ବହୁ ଏକାଙ୍କିକା ରଚନା କରିଯାଇଛନ୍ତି ।

କାଳୀବାବୁଙ୍କ ନାଟକରେ ସାଙ୍ଗିତିକ ଆତିଶଯ୍ୟ, ସ୍ଥଳବିଶେଷରେ ଅଦରକାରୀ ଚରିତ୍ର ସୃଷ୍ଟି ଏବଂ ଦୀର୍ଘ ସଂଳାପ ଦେଖିବାକୁ ମିଳିଥାଏ । ମାତ୍ର ଏସବୁ ସତ୍ତ୍ୱେ ମଧ୍ୟ କାଳୀବାବୁ ଏକ ସଫଳ ନାଟ୍ୟକାର ଏ କଥାକୁ କେହି ଅସ୍ୱୀକାର କରିପାରିବେ ନାହିଁ ।

ଜୀବନର ସାୟାହ୍ନରେ କାଳୀବାବୁ ତାଙ୍କ ଆତ୍ମଜୀବନୀ 'କୁମ୍ଭାରଚକ' ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଛନ୍ତି । 'କୁମ୍ଭାରଚକ' ବହି ଆକାରରେ ପ୍ରକାଶ ପାଇବା ଆଗରୁ ଏହାର ବହୁ ଅଂଶ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇଥିଲା । ସାହିତ୍ୟରେ ଆତ୍ମଜୀବନୀର ଏକ ସ୍ୱତନ୍ତ୍ର ସ୍ଥାନ ଅଛି । ପ୍ରଥମେ ଆତ୍ମଜୀବନୀ କହିଲେ ଫକୀରମୋହନ ସେନାପତିଙ୍କ ଆତ୍ମଜୀବନୀକୁ ହିଁ ସମସ୍ତେ ବୁଝୁଥିଲେ । ବର୍ତ୍ତମାନ ଓଡ଼ିଆ ସାହିତ୍ୟର ଏହି ଦିଗଟି ବେଶ୍ ଋଦ୍ଧିମନ୍ତ ବୋଲି ମନେହୁଏ । ଡକ୍ଟର ହରେକୃଷ୍ଣ ମହତାବଙ୍କ 'ସାଧନାର ପଥ' କାଳନ୍ଦୀଚରଣଙ୍କ 'ଅଙ୍ଗେ ଯାହା ନିଭାଇଛି', ପଣ୍ଡିତ ଗୋଦାବରୀଶଙ୍କ 'ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ଡକ୍ଟର ମାୟାଧର ମାନସିଂହଙ୍କ 'ଶିକ୍ଷାବିତ୍‌ର ଗାଥା', ନୀଳମଣି ରାଉତରାୟଙ୍କ 'ସ୍ମୃତି ଓ ଅନୁଭୂତି' ଏବଂ ଡକ୍ଟର ଶ୍ରୀରାମଚନ୍ଦ୍ର ଦାଶଙ୍କ ଆତ୍ମ ଜୀବନୀ ବେଶ୍ ସୁଖପାଠ୍ୟ ଏବଂ ଶିକ୍ଷଣୀୟ । ଏ ଦୃଷ୍ଟିରୁ ବିଚାର କଲେ କବିଚନ୍ଦ୍ରଙ୍କ ଆତ୍ମଜୀବନୀ 'କୁମ୍ଭାରଚକ' ଏକ ବିଶେଷ ସ୍ଥାନ ଦାବି କରେ ।

'କୁମ୍ଭାରଚକ'ର ବିଶେଷତ୍ୱ ହେଲା, ଏହାର ଭାଷା ଓ ପରିବେଷଣ ଶୈଳୀ । ନିଛକ କଥା କହିବାର ଶୈଳୀ ପାଠକକୁ ଆମୋଦିତ କରିଥାଏ । ଲେଖାର ଛତ୍ରେ ଛତ୍ରେ ଢଗଢମାଳିଠାରୁ ଆରମ୍ଭ କରି ଭାଗବତବାଣୀ ଓ ବହୁ ଆପ୍ତବାକ୍ୟର ଅବତାରଣା ପାଠକକୁ ଆନନ୍ଦ ପ୍ରଦାନ କରିଥାଏ । ଅତି ସରଳ ଭାଷା, ଶବ୍ଦର ଯାଦୁକରୀ ସ୍ପର୍ଶ ନାହିଁ ଅଥଚ ବର୍ଣ୍ଣନା ବେଶ ସଂସ୍କୃତି ସଂପନ୍ନ ତଥା ରୁଚିକର ଅଟେ ।

କବିଚନ୍ଦ୍ରଙ୍କ ଜୀବନୀ ଓଡ଼ିଶାର ଅର୍ଦ୍ଧଶତାବ୍ଦୀର ଓଡ଼ିଶୀ ସଙ୍ଗୀତ, ନୃତ୍ୟ ଓ ନାଟ୍ୟକଳାର ଇତିହାସ ବୋଲି କହିଲେ କିଛି ଭୁଲ୍ ହେବନାହିଁ । ବହୁ ବାଧାବିଘ୍ନ ଓ ଝଡଝଞ୍ଜା ମଧ୍ୟରେ ଓଡ଼ିଶାର ସାହିତ୍ୟ ଓ ସଂସ୍କୃତିର ବିକାଶ ପାଇଁ ତାଙ୍କ ଜୀବନବ୍ୟାପୀ ଏକନିଷ୍ଠ ସାଧନା ତାଙ୍କୁ ନିଶ୍ଚୟ ଜନମାନସରେ ଅମର କରି ରଖିବ– ଏଥିରେ ଲେଶମାତ୍ର ସନ୍ଦେହ ନାହିଁ ।

ଉପ ଶାସନ ସଚିବ
ଅର୍ଥ ବିଭାଗ, ଭୁବନେଶ୍ୱର

# ଆମ ସାମ୍ବିଧାନିକ ପ୍ରସ୍ତାବନା ଏବଂ ଆମେ

ବିପିନ ବିହାରୀ ମହାନ୍ତି

ଭାରତର ଭୌଗଳିକ ସ୍ଥିତି, ଜଳବାୟୁ, ଐତିହାସିକ ପୃଷ୍ଠଭୂମି ସର୍ବୋପରି ଏହାର ଅଧିବାସୀଙ୍କର ଖାଦ୍ୟ, ପେୟ, ଭାଷା, ପୋଷାକ, ଅଭ୍ୟାସ, ପରମ୍ପରା, ଧର୍ମ ସଂସ୍କୃତି ଇତ୍ୟାଦିରେ ନାନା ପାର୍ଥକ୍ୟ ଓ ବୈଚିତ୍ର୍ୟତା ଦେଖାଯାଏ । ଏଣୁ ଶାସନ ଖସଡ଼ା ପ୍ରସ୍ତୁତିବେଳେ ନାନା ଦିଗକୁ ଦୃଷ୍ଟିରଖି ଏହା ବିଚାର କରାଯାଇଛି । ଫଳରେ ଭବିଷ୍ୟତ ନିମନ୍ତେ କୌଣସି କଳୁଷ ନଥିବ ଅର୍ଥାତ୍ ଯାହା ଖୋଜିବ, ସେଥିପାଇଁ ବ୍ୟବସ୍ଥାଟିଏ ନିଶ୍ଚିତ ଭାବରେ ତା'ଦିହରେ ଲିପିବଦ୍ଧ ଥିବ ।

ଏହା ପୃଥିବୀର ସର୍ବବୃହତ ଲିଖିତ ସମ୍ବିଧାନ । ଏଥିରେ ୩୯୫ଟି ଧାରା ଏବଂ ୧୨ଟି ଉପଧାରା ବା ଅନୁସୂଚୀ ରହିଛି । ତତ୍କାଳୀନ ସ୍ଥିତି ଓ ଭବିଷ୍ୟତକୁ ଆଖିରେ ରଖି ଏହାର ପ୍ରସ୍ତୁତି ହୋଇଥିଲେ ହେଁ ଅବସ୍ଥା ଦେଖି ବ୍ୟବସ୍ଥା ପାଇଁ ଭବିଷ୍ୟତରେ ସଂଶୋଧନ ବ୍ୟବସ୍ଥା ଅଥବା ନୂତନ ଆଇନର ପ୍ରଣୟନ ପାଇଁ କୁହାଯାଇଛି ।

ସମ୍ବିଧାନରେ ସ୍ଥାନିତ ସମସ୍ତ ବ୍ୟବସ୍ଥା ଆମ ନିଜସ୍ୱ ନୁହେଁ । ଅର୍ଥାତ୍ ମନଗଢ଼ା ଅଥବା ଦେଶୀୟ ଭାବଧାରା ନୁହେଁ । ଏହା ପୃଥିବୀର ଅନ୍ୟାନ୍ୟ ଦେଶର ସମ୍ବିଧାନ ଦ୍ୱାରା ପ୍ରଭାବିତ । ଯାହା ଆମ ପାଇଁ ଉତ୍ତମ, ତାହା ଆମେ ସେମାନଙ୍କଠାରୁ ଗ୍ରହଣ କରିଛୁ । ଦୃଷ୍ଟାନ୍ତ ସ୍ୱରୂପ ବ୍ରିଟିଶ, ଆମେରିକା ଏବଂ ଆୟାରଲ୍ୟାଣ୍ଡରୁ ଯଥାକ୍ରମେ ସଂସଦୀୟ ଶାସନ ବ୍ୟବସ୍ଥା, ରାଷ୍ଟ୍ରସଂଘୀୟ ମୌଳିକ ଅଧିକାର ଏବଂ ରାଷ୍ଟ୍ରୀୟ ନିର୍ଦ୍ଦେଶକମୂଳକ ନୀତି ଇତ୍ୟାଦି ଗ୍ରହଣ କରିଛୁ ।

ସମ୍ବିଧାନକାରମାନେ ଉକ୍ତ ସମ୍ବିଧାନକୁ ନଭେମ୍ବର ୨୬,୧୯୪୯ରେ ଭାରତୀୟମାନଙ୍କ ହସ୍ତରେ ଅର୍ପଣ କଲେ । ଏହା ୧୯୫୦ ଜାନୁଆରୀ ୨୬ ତାରିଖଠାରୁ କାର୍ଯ୍ୟକାରୀ ହେଲା । ଦେଶ ସ୍ୱାଧୀନ ହେବାଠାରୁ ସେ ଯାବତ୍ ଆମେ ବ୍ରିଟିଶ ଶାସନ ଦ୍ୱାରା ପ୍ରଭାବିତ ବା ଶାସିତ ଥିଲୁ । ଆମର ସାର୍ବଭୌମତ୍ୱ ନ ଥିଲା । ୧୯୫୦ ମସିହାଠାରୁ ପ୍ରତିବର୍ଷ ଜାନୁଆରୀ ୨୬ ତାରିଖଟି ଆମେ ଗଣତନ୍ତ୍ର ବା ସାଧାରଣତନ୍ତ୍ର ଦିବସ ରୂପେ ପାଳନ କରିଆସୁଛୁ ।

ପ୍ରତ୍ୟେକ ବହିର ମୁଖବନ୍ଧ Preamble ରେ କିଛି ପ୍ରାରମ୍ଭିକ ସୂଚନା ଦିଆଯାଇଥାଏ ଯାହାକି ବହିର ବିଷୟ ବସ୍ତୁ ଉପରେ ସମ୍ୟକ ଆଲୋକପାତ୍ କରେ । ଏଠାରେ ଆମେ ଆମ ସମ୍ବିଧାନର ସେହି ମୁଖବନ୍ଧ ସଂପର୍କରେ ଦୃଷ୍ଟିପାତ କରାଉଛୁ ।

ମୁଖବନ୍ଧ : WE, THE PEOPLE OF INDIA HAVING SOLEMNLY RESOLVED TO CONSTITUTE INDIA A SOVEREIGN, SOCIAL , SECULAR, DEMOCRATIC, REPUBLIC and to secure all its citizen:

JUSTICE: Social, economic and political,
LIBERTY : of thought, expression, belief, faith and worship,
EQUALITY : of Status and opportunity and to promote them all,
FRATERNITY : assuring diginity of the individual and the unit and integrity of the nation.

In our constituent Assembly, this twenty sixth day of November 1949, DO HEREBY ADOPT ENACT AND GIVE OUR SELVES THE CONSTITUTION.

ଅର୍ଥାତ୍ 'ଆମେ ଭାରତୀୟ ଜନସାଧାରଣ ଭାରତକୁ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରାଷ୍ଟ୍ରରୂପେ ଗଠନ କରିବା ପାଇଁ ଏବଂ ଏହାର ସମସ୍ତ ନାଗରିକମାନଙ୍କୁ ସାମାଜିକ, ଅର୍ଥନୈତିକ, ରାଜନୈତିକ, ନ୍ୟାୟ ଏବଂ ଚିନ୍ତା, ମତପ୍ରକାଶ, ବିଶ୍ୱାସ ଓ ଉପାସନାର ସ୍ୱାଧୀନତା ସ୍ଥିତି ଓ ସୁଯୋଗରେ ସମାନତାର ଅଧିକାରୀ କରାଇବା ତଥା ସେମାନଙ୍କ ମଧ୍ୟରେ ବ୍ୟକ୍ତିର ମର୍ଯ୍ୟାଦା ଓ ଜାତୀୟ ଐକ୍ୟ ଓ ସଂହତି ସୁନିଶ୍ଚିତ ଭାବେ ରକ୍ଷା କରିବା ଅନୁକୂଳ ଭ୍ରାତୃଭାବ ବର୍ଦ୍ଧନ କରାଇବା ନିମିତ୍ତ ସତ୍ୟ ଓ ବିଶ୍ୱାସ ସହିତ ସଂକଳ୍ପ କରି :

ଆମ୍ଭମାନଙ୍କ ଏଇ ଶାସନ ବିଧାୟକ ସଭାରେ ଅଦ୍ୟ ୧୯୪୯ ମସିହା ନଭେମ୍ବର ମାସ ୨୬ତାରିଖରେ ଏତଦ୍ୱାରା ଏହି ସମ୍ବିଧାନକୁ ଅଙ୍ଗୀକାର ପ୍ରଣୟନ ଓ ସମର୍ପଣ କଲୁ।

ଏଠାରେ ଉଲ୍ଲେଖନୀୟ ଯେ ୧୯୭୬ରୁ ୪୨ତମ ସମ୍ବିଧାନ ସଂଶୋଧନ ଅନୁଯାୟୀ ମୁଖବନ୍ଧରେ ସମାଜବାଦୀ ଓ ଧର୍ମନିରପେକ୍ଷ ଏବଂ 'ସଂହତି' ଶବ୍ଦ ଯୋଗ କରାଯାଇ ଏହାକୁ 'ସାର୍ବଭୌମ ସମାଜବାଦୀ ଧର୍ମନିରପେକ୍ଷ ଓ ଗଣତାନ୍ତ୍ରିକ ସାଧାରଣତନ୍ତ୍ର' ରୂପେ ଘୋଷଣା କରାଯାଇଛି * ଏହାର ସାର୍ବଭୌମତ୍ୱ ଅଛି। ଅର୍ଥାତ୍ ନିଜ ଅଭ୍ୟନ୍ତରୀଣ ବ୍ୟାପାରରେ ସେ ସର୍ବେସର୍ବା ଏବଂ ବିଦେଶୀ ଶକ୍ତିଦ୍ୱାରା ପ୍ରଭାବିତ ବା ପରିଚାଳିତ ନୁହେଁ* ଏହାକୁ ସମାଜବାଦୀ ରାଷ୍ଟ୍ର ଅର୍ଥାତ୍ ଦାରିଦ୍ର୍ୟ, କ୍ଷୁଧା ଓ ବେକାରୀ ଦୂରୀକରଣ, ଉତ୍ପାଦନ ବୃଦ୍ଧି, ଅର୍ଥନୈତିକ ବ୍ୟବସ୍ଥାର ଆଧୁନୀକିକରଣ ଓ ବିଭିନ୍ନ ଶ୍ରେଣୀ ମଧ୍ୟରେ ରହିଥିବା ବୈଷମ୍ୟର ବିଲୋପ ସାଧନକୁ ଗୁରୁତ୍ୱ ଦିଏ।

⊕ ଏହା ଏକ ଧର୍ମ ନିରେପେକ୍ଷ ରାଷ୍ଟ୍ର ଅର୍ଥାତ୍ କୌଣସି ଧର୍ମକୁ ଆମ ସମ୍ବିଧାନ ଉଚ୍ଚ ଆସନ ଦେଇନାହିଁ, କି କେଉଁ ଧର୍ମ ରାଷ୍ଟ୍ରୀୟ ଧର୍ମ ବା ପୃଷ୍ଠପୋଷକତା କରିନାହିଁ।

⊕ ଏହା ଗଣତାନ୍ତ୍ରିକ ଅର୍ଥାତ୍ ଲୋକଙ୍କ ଶାସନ, ଲୋକଙ୍କ ପାଇଁ ଏବଂ ଲୋକଙ୍କ ଦ୍ୱାରା ପରିଚାଳିତ ଅଟେ।

⊕ ଏହା ସାଧାରଣତନ୍ତ୍ର ଅର୍ଥାତ୍ ବଂଶାନୁକ୍ରମିକ ରାଜାରାଜୁଡା ଶାସନ ନୁହେଁ। ସର୍ବସାଧାରଣ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇ ଗାଦିକୁ ଆସିପାରିବେ।

'ସଂହତି' ଶବ୍ଦ ପ୍ରୟୋଗଦ୍ୱାରା ବିଭିନ୍ନତା ମଧ୍ୟରେ ଏକତା ଓ ସଦ୍‌ଭାବକୁ ବୁଝାଏ। ଏହା ଦେଶର ଏକତା ଓ ଅଖଣ୍ଡତା ପାଇଁ ନିହାତି ଜରୁରୀ।

ଏତଦ୍‌ଭିନ୍ନ ପ୍ରସ୍ତାବନା ଉଦ୍ଦେଶ୍ୟ ଓ ଲକ୍ଷ୍ୟ ହେଲା ଭାରତର ସମସ୍ତ ନାଗରିକଙ୍କ ପାଇଁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ ପ୍ରତିଷ୍ଠା ଚିନ୍ତା, ଭାଷଣ, ବିଶ୍ୱାସ ଓ ଧର୍ମରେ ସ୍ୱାଧୀନତା ସ୍ଥିତି ଓ ସୁଯୋଗରେ ସମାନତା ଏବଂ ବ୍ୟକ୍ତିଗତ ସମ୍ମାନ ଓ ଜାତୀୟ ଏକତା ପ୍ରତିଷ୍ଠା ନିମନ୍ତେ ଭ୍ରାତୃଭାବ ପ୍ରତିଷ୍ଠା କରିବା ବ୍ୟବସ୍ଥା ଅଛି।

ନିର୍ମଳ ଶାସନ ନିମନ୍ତେ ଏହି ବ୍ୟବସ୍ଥାରେ ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକାଠାରୁ ବିଚାର ବିଭାଗକୁ ସ୍ୱତନ୍ତ୍ର ଓ ସ୍ୱାଧୀନ କରାଯାଇଛି। ସଂସଦୀୟ ଶାସନ ବ୍ୟବସ୍ଥା, କେନ୍ଦ୍ରାଭିମୁଖୀ ଓ ରାଷ୍ଟ୍ରସଂଘ ଏହାର ମୂଳପିଣ୍ଡ। ନାଗରିକମାନଙ୍କୁ ପ୍ରଦତ୍ତ ମୌଳିକ ଅଧିକାର ରାଷ୍ଟ୍ରୀୟ ନିର୍ଦ୍ଦେଶମୂଳକ ନୀତି, ଏକ-ନାଗରିକତ୍ୱ ପ୍ରଦାନ, ଜନମଙ୍ଗଳକାରୀ ରାଷ୍ଟ୍ର ଗଠନ ତଥା ସାର୍ବଜନୀନ ସାବାଳକ ଭୋଟପ୍ରଥା ଏହାର ମୂଳ, କାଣ୍ଡ, ପତ୍ର, ଫୁଲ ଓ ଫଳର ନିଶ୍ଚିତ ସ୍ୱରୂପ କାର୍ଯ୍ୟ କରିଥାନ୍ତି। ସଂକ୍ଷେପରେ ଏହାହିଁ ଆମର ସମ୍ବିଧାନ।

ଓଡ଼ିଶା ଭାଷା ସଂରକ୍ଷଣ ଏବଂ
ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ ପାଠାଗାର, ଜଟଣୀ

❖ ❖ ❖

# କୋଲାବିରାର ସଂଗ୍ରାମ କଥା ଓ ଶାସନ ବ୍ୟବସ୍ଥା

ଡକ୍ଟର ଧର୍ମେନ୍ଦ୍ର କୁମାର ମିଶ୍ର

ଝାରସୁଗୁଡା ଜିଲ୍ଲା ସଦର ମହକୁମାଠାରୁ ୪୯ ନମ୍ବର ଜାତୀୟ ରାଜପଥରେ ପୂର୍ବ ଦିଗକୁ ୧୭କିମି ଗଲେ ତେଲେନ ନଦୀ କୂଳରେ ଅବସ୍ଥିତ ଐତିହାସିକ କୋଲାବିରା ଦୁର୍ଗ, ଓଡ଼ିଶାର ସ୍ୱାଧୀନତା ସଂଗ୍ରାମ, ବିଶେଷ କରି ସମ୍ବଲପୁରର ବିପ୍ଳବୀ ବୀର ସୁରେନ୍ଦ୍ର ସାଏ (୧୮୦୯-୧୮୮୪)ଙ୍କ ନେତୃତ୍ୱରେ ଚାଲିଥିବା ସଂଗ୍ରାମରେ ଏହା ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ବାଉଁଶ ବଣ ଘେରା ଏହି ଜରାଜୀର୍ଣ୍ଣ ଦୁର୍ଗର ଗୌରବ ଗାଥା ତଥା ଏହାର ଦ୍ୱିତୀୟ ଜମିଦାର ବୀର କରୁଣାକର ନାଏକଙ୍କ ରକ୍ତ ରଞ୍ଜିତ ସଂଗ୍ରାମ ଇତିହାସ ପୃଷ୍ଠାରେ 'ଅଗ୍ନିତୀର୍ଥ' ନାମରେ ପ୍ରସିଦ୍ଧ । ସମ୍ବଲପୁରର ଦଶମ ଚୌହାନ ବଂଶୀୟ ରାଜା ଜୟନ୍ତ ସିଂହ (୧୭୮୧-୧୮୧୮)ଙ୍କ ରାଜତ୍ୱ ସମୟରେ ଅର୍ଥାତ୍ ୧୭୮୫ ମସିହାରେ ୨୭୮ ବର୍ଗମାଇଲ କ୍ଷେତ୍ରଫଳ ବିଶିଷ୍ଟ କୋଲାବିରା ଜମିଦାରୀ ପ୍ରତିଷ୍ଠା ହୋଇଥିଲା । କୁହାଯାଏ ଯେ, ଜୟନ୍ତ ସିଂହଙ୍କ ଦ୍ୱିତୀୟ ରାଣୀ ରାହାସ କୁମାରୀଙ୍କୁ ତାଙ୍କ ଦେୱାନ ବିଶ୍ୱମ୍ଭର ମହାନ୍ତି ଅପହରଣ କରି ନେଇ ବାମଡା ନିକଟସ୍ଥ ଦୁଲତି ଗଡରେ ରଖିଥିଲା । ଜୟନ୍ତ ସିଂହଙ୍କ ନିର୍ଦ୍ଦେଶରେ ଲଇକେରାରେ ରହୁଥିବା ଗଣ୍ଡ ସର୍ଦ୍ଦାର ସଂସାଧର ସିଂହ ଏବଂ ଲଇଡାରେ ରହୁଥିବା ତାଙ୍କ ଭାଇ ବିଷ୍ଣୁ ନାଏକ, ବିଶ୍ୱମ୍ଭର ମହାନ୍ତି କବଳରୁ ରାଣୀ ରାହାସ କୁମାରୀଙ୍କୁ ଉଦ୍ଧାର କରି ରାଜା ଜୟନ୍ତ ସିଂହଙ୍କୁ ଫେରାଇ ଦେଇଥିଲେ । ଏଥିରେ ସନ୍ତୋଷ ପ୍ରକାଶ କରି ଜୟନ୍ତ ସିଂହ ସଂସାଧର ସିଂହଙ୍କୁ ନୂତନ କୋଲାବିରା ଜମିଦାରୀର ପ୍ରଥମ ଜମିଦାର ଭାବରେ ନିଯୁକ୍ତି କରିଥିଲେ । ସଂସାଧର ସିଂହଙ୍କ ପୂର୍ବପୁରୁଷମାନେ ୧୩ଶ ଖ୍ରୀ.ଅରେ ଆଧୁନିକ ମଧ୍ୟପ୍ରଦେଶ ଓ ଛତିଶଗଡର ଗୋଣ୍ଡୱାନା ଅଞ୍ଚଳରେ ରାଜୁତି କରୁଥିଲେ । ସେମାନେ ଅତ୍ୟନ୍ତ ସାହସୀ, ବିଶ୍ୱସ୍ତ, ବଳଶାଳୀ ଓ ଯୁଦ୍ଧକୌଶଳରେ ପାରଙ୍ଗମ ଥିଲେ । ୧୪ଶ ଖ୍ରୀ.ଅ. ବେଳକୁ ଗୋଣ୍ଡୱାନା ଅଞ୍ଚଳର ରାଜ୍ୟସବୁ ଖଣ୍ଡବିଖଣ୍ଡିତ ହୋଇଗଲା ଓ ଅନେକ ଗଣ୍ଡ ସଂପ୍ରଦାୟର ଜମିଦାର/ଗୌନ୍ତିଆମାନେ ନିକଟସ୍ଥ ସମ୍ବଲପୁର ରାଜ୍ୟକୁ ଆସି ବିଭିନ୍ନ ଅଞ୍ଚଳରେ ସେମାନଙ୍କ ଜନବସତି ସ୍ଥାପନ କରି ରହିଥିଲେ । ଏମାନଙ୍କର ସାହସିକତା ଏବଂ ବିଶ୍ୱସ୍ତନିୟତାକୁ ସମ୍ମାନ ଦେଇ ସମ୍ବଲପୁରର ରାଜାମାନେ ବିଭିନ୍ନ ଅଞ୍ଚଳର ଜମିଦାର ଏବଂ ଗୌନ୍ତିଆ ଭାବରେ ଏମାନଙ୍କୁ ପୁରସ୍କୃତ କରିଥିଲେ । ଏହିପରି ଭାବରେ ୧୬ଟି ଜମିଦାରୀକୁ ନେଇ ଗଠିତ ୧୭୯୧ ବର୍ଗମାଇଲ କ୍ଷେତ୍ରଫଳ ବିଶିଷ୍ଟ ସମ୍ବଲପୁର ରାଜ୍ୟରେ ୧୦ଜଣ ଗଣ୍ଡ ଜମିଦାର (କୋଲାବିରା, ମଚିଦା, କୋଡାବଗା, ଲଇଡା, ଲୋଇସିଂହା, ଖରସାଲ, ପାହାଡଶ୍ରୀଗିଡା, ଭେଡେନ, ପାଟକୁଲୁଣ୍ଡା ଓ ମାଦୋମହୁଲ), ୨ଜଣ ବିଝାଲ ଜମିଦାର (ବୋଡାସମ୍ବର, ଘେଁସ), ଦୁଇଜଣ ଚୌହାନ ଜମିଦାର (ରାଜପୁର, ବରପାଲି) ଯେଉଁମାନେ କି ସମ୍ବଲପୁର ରାଜାଙ୍କ ବଂଶଧର ଥିଲେ, ଜଣେ କୁଲତା ଜମିଦାର (ବିଜେପୁର) ଏବଂ ରାମପୁରର ଅନ୍ୟ ଜଣେ ଜମିଦାର ଥିଲେ । ସୁରେନ୍ଦ୍ର ସାଏଙ୍କୁ ବିଦ୍ରୋହରେ ସହାୟତା କରିଥିବାରୁ ଏମାନଙ୍କ ମଧ୍ୟରୁ ୯ଜଣ ଜମିଦାର କୋଲାବିରା, କୋଡାବଗା, ଘେଁସ, ପାଟକୁଲୁଣ୍ଡା, ପାହାଡଶ୍ରୀଗିଡା, ରାମପୁର, ଭେଡେନ, ଖରସାଲ ଓ ମାଦୋମହୁଲଙ୍କର ଜମିଦାରୀ ବାଜ୍ୟାପ୍ତ ହୋଇଥିଲା । ଏମାନଙ୍କ ମଧ୍ୟରୁ ୬ଜଣ ଜମିଦାର (କୋଲାବିରା, ପାଟକୁଲୁଣ୍ଡା, କୋଡାବଗା, ରାମପୁର, ଭେଡେନ ଓ ଖରସାଲ)ଙ୍କ ଜମିଦାରୀ ସମ୍ବଲପୁରର ଡେପୁଟୀ କମିଶନର କର୍ଣ୍ଣେଲ ଫୋଷ୍ଟର ତାଙ୍କ ପତ୍ର ସଂଖ୍ୟା ୧୭୯, ତା ୪.୦୮.୧୮୫୮ରେ ଫେରସ୍ତ କରିବା

ପାଇଁ ଇଂରେଜ ସରକାରଙ୍କୁ ସୁପାରିଶ କରିଥିଲେ ଏବଂ ଏହାକୁ ସ୍ୱୀକୃତି ଦେଇ ଗଭର୍ଣ୍ଣମେଣ୍ଟ ଅଫ୍ ବେଙ୍ଗଲ, ଭାରତ ସରକାର, ତାଙ୍କ ପତ୍ର ସଂଖ୍ୟା- ୨୧୪୯, ତା ୨୯.୦୯.୧୮୫୮ରେ ଉକ୍ତ ଜମିଦାରମାନଙ୍କୁ ଫେରାଇ ଦେଇଥିଲେ ।

ସେ ଯାହାହେଉ, କୋଲାବିରାର ପ୍ରଥମ ଜମିଦାର ସଂସାଧର ସିଂହଙ୍କର ୨ଟି ରାଣୀ ଥିଲେ । ପ୍ରଥମ ରାଣୀଙ୍କ ଏକମାତ୍ର ପୁତ୍ର ନିଳାମ୍ବର ସିଂହ ଥିଲେ । କିନ୍ତୁ ଦ୍ୱିତୀୟ ରାଣୀଙ୍କର ୧୧ଜଣ ପୁତ୍ର ଥିଲେ । କରୁଣାକର ନାଏକ ଏମାନଙ୍କ ମଧ୍ୟରେ ଜ୍ୟେଷ୍ଠ ଥିଲେ । ସଂସାଧର ସିଂହ ତାଙ୍କ ସମସ୍ତ ପୁତ୍ରମାନଙ୍କ ମଧ୍ୟରେ ଜମିଦାରୀକୁ ବାଣ୍ଟି ଦେଇଥିଲେ କିନ୍ତ କରୁଣାକର ନାଏକଙ୍କୁ ସେ ତାଙ୍କର ଉତ୍ତରାଧିକାରୀ ଘୋଷଣା କରି କୋଲାବିରାର ଦ୍ୱିତୀୟ ଜମିଦାର ଭାବରେ ଅଭିଷେକ କରିଥିଲେ । ତାଙ୍କରି ପାଇଁ ଆଜି କୋଲାବିରା ମାଟି ଅଗ୍ନିତୀର୍ଥର ମାନ୍ୟତା ପାଇ ଇତିହାସ ପୃଷ୍ଠା ମଣ୍ଡନ କରିଛି ।

**ସ୍ୱାଧୀନତା ସଂଗ୍ରାମରେ କୋଲାବିରା ଦୁର୍ଗର ଭୂମିକା**

୨୩.୦୧.୧୮୦୯ରେ ଜନ୍ମିତ ବୀର ସୁରେନ୍ଦ୍ର ସାଏଙ୍କ ବିଦ୍ରୋହୀ ଏବଂ ବନ୍ଦୀ ଜୀବନକୁ ଚାରି ଭାଗରେ ବିଭକ୍ତ କରାଯାଇପାରେ । ୧୮୨୭ରୁ ୧୮୪୦ ପର୍ଯ୍ୟନ୍ତ- ୧୩ବର୍ଷ ପ୍ରଥମ ପର୍ଯ୍ୟାୟ ବିଦ୍ରୋହ, ତା'ପରେ ୧୮୪୦ରୁ ୧୮୫୭ ପର୍ଯ୍ୟନ୍ତ-୧୭ବର୍ଷ ହଜାରୀବାଗ ଜେଲ୍‌ରେ ବନ୍ଦୀ ଜୀବନ, ତା'ପରେ ୧୮୫୭ରୁ ୨୩.୦୧.୧୮୬୩ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ବିଦ୍ରୋହ ଓ ଶେଷରେ ୨୮.୦୨.୧୮୮୪ରେ ଅସୁରଗଡ ଜେଲରେ ରାଜନୈତିକ ବନ୍ଦୀ ଭାବରେ ମୃତ୍ୟୁ । ମହାନ ସଂଗ୍ରାମୀର ଶବକୁ ତା'ର ପ୍ରିୟ ସମ୍ବଲପୁର ମାଟିରେ ଜାଗା ଟିକେ ମିଳେନି କି ରକ୍ତ ସମ୍ପର୍କୀୟଙ୍କ ହାତରୁ ନିଆଁ ଟିକେ । ମଲା ବେଳେ ମୁହଁରେ ପାଣି ଟିକେ ଦେବାକୁ ପୁତ୍ର ମିତ୍ରଭାନୁ ମଧ୍ୟ ପାଖରେ ନଥିଲେ । ଏଡେବଡ ସଂଗ୍ରାମୀର ଶରୀର ପଞ୍ଚମହାଭୂତରେ ଲୀନ ହୋଇଗଲା ଅଥଚ ସମ୍ବଲପୁରରେ କେହିଁ ଜଣେ ବି ଜାଣି ପାରିଲେ ନାହିଁ । ବୋଧହୁଏ ଇଂରେଜ ସୈନ୍ୟମାନଙ୍କ ହାତରୁ ମୁଖାଗ୍ନି ପାଇବା ସୁରେନ୍ଦ୍ରଙ୍କ ଜାତକରେ ଲେଖାଥିଲା ।

କୋଲାବିରାର ଜମିଦାର କରୁଣାକର ନାଏକଙ୍କ ବିଦ୍ରୋହ ସୁରେନ୍ଦ୍ର ସାଏଙ୍କ ଦ୍ୱିତୀୟ ପର୍ଯ୍ୟାୟ ସ୍ୱାଧୀନତା ସଂଗ୍ରାମ ସହ ଜଡିତ । ସମ୍ବଲପୁର ରାଜ୍ୟ ଅଧୀନରେ ଥିବା ୧୬ଜଣ ଜମିଦାରମାନଙ୍କ ମଧ୍ୟରୁ କରୁଣାକର ନାଏକ ସବୁଠାରୁ ବେଶୀ ଶକ୍ତିଶାଳୀ ଓ ପରାକ୍ରମୀ ଥିଲେ । ତାଙ୍କର ନିଷ୍ପତ୍ତିକୁ ସମ୍ମାନ ଦେଇ ଅନ୍ୟ ଜମିଦାରମାନେ ତାଙ୍କୁ ଅନୁସରଣ କରୁଥିଲେ । ଅନ୍ୟ ଜମିଦାରମାନଙ୍କ ନିଷ୍ପତ୍ତିକୁ ମଧ୍ୟ ସେ ପ୍ରଭାବିତ କରିବାର କୌଶଳରେ ଧୁରନ୍ଧର ଥିବା କଥା ଏଲ୍.ଏସ୍.ଏସ୍ ଓମାଲି, ଆଇସିଏସ୍ ତାଙ୍କର ବେଙ୍ଗଲ ଡିଷ୍ଟ୍ରିକ୍ଟ ଗେଜେଟର୍ସ, ସମ୍ବଲପୁର (୧୯୦୩)ର ପୃଷ୍ଠା ୩୧ରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି ।

୧୮୫୭ରେ ବିଦ୍ରୋହୀମାନେ ହଜାରୀବାଗ ଜେଲ ଭାଙ୍ଗିଦେଲେ । ସେତେବେଳକୁ କିନ୍ତୁ ସୁରେନ୍ଦ୍ରଙ୍କ କାକା ବଳରାମଙ୍କ ଜେଲରେ ମୃତ୍ୟୁ ହୋଇସାରିଥାଏ । ସୁରେନ୍ଦ୍ର ସମ୍ବଲପୁର ଚାଲିଆସିଲେ ଏବଂ ତାଙ୍କ ଭାଇ ଉଦନ୍ତ ଖିଣ୍ଡାରେ ରହିଗଲେ । ୧୩.୧୦.୧୮୫୭ରେ ସୁରେନ୍ଦ୍ର ତତ୍କାଳୀନ ସମ୍ବଲପୁରର ଡେପୁଟୀ କମିଶନର ଜି,ଏଫ୍, କକ୍‌ବର୍ଣ୍ଣଙ୍କୁ ତାଙ୍କ ଅବଶିଷ୍ଟ ଜେଲଦଣ୍ଡ ଛାଡ କରି ସମ୍ବଲପୁରର ରାଜଗାଦୀରେ ଅଭିଷିକ୍ତ କରିବାକୁ ଆବେଦନ କଲେ । କିନ୍ତୁ ଇତିମଧ୍ୟରେ ଇଂରେଜମାନେ ତାଙ୍କୁ ପଳାତକ ଘୋଷଣା କରି ତାଙ୍କୁ ଓ ଉଦନ୍ତଙ୍କୁ ଧରାଇବାକୁ ୨୫୦ ଟଙ୍କା ପୁରସ୍କାର ଘୋଷଣା କରିସାରିଥାନ୍ତି । ଓଡ଼ିଶାର କମିଶନର ସୁରେନ୍ଦ୍ରଙ୍କ ଆବେଦନକୁ ଆଗ୍ରାହ୍ୟକରି ତାଙ୍କୁ କୌଣସି ପ୍ରକାର ସହାନୁଭୂତି ନଦେଖାଇ ଗିରଫ କରିବା ପାଇଁ ଆଦେଶ ଦେଲେ । ଫଳରେ ସୁରେନ୍ଦ୍ର ଖିଣ୍ଡାରେ ରହୁଥିବା ଭାଇ ପାଖକୁ ପଳାଇ ଆସିଲେ । ୩୧.୧୦.୧୮୫୭ ରାତିରେ ଖିଣ୍ଡାଗ୍ରାମରେ ପ୍ରାୟ ୧୪୦୦ ବିଦ୍ରୋହୀ ଜମାହୋଇ ବିଦ୍ରୋହ ଘୋଷଣା କଲେ । ଏଥିରେ କରୁଣାକର ନାଏକଙ୍କ ସମେତ ଅନ୍ୟାନ୍ୟ ଜମିଦାର, ଗୌନ୍ତିଆ ଏବଂ ଶହ ଶହ ବିଦ୍ରୋହୀ ସାମିଲ ହୋଇଥିଲେ । ଏହା ଭିତରେ କଟକରୁ କ୍ୟାପଟେନ୍ ଜେ.ଭି. ନକରଙ୍କ ନେତୃତ୍ୱରେ ୧୦ ଅକ୍ଟୋବର ଦିନ ଖିଣ୍ଡା ଏବଂ କୋଲାବିରା ଆକ୍ରମଣ କରିବା ପାଇଁ ୪୦ ମାଡ୍ରାସ ଆର୍ଟୀଲେରୀର ୨ କମ୍ପାନୀ ସୈନ୍ୟ ଏବଂ ୫୦ଜଣ ଓଡ଼ିଆ ପାଇକ ସୈନ୍ୟ ସମ୍ବଲପୁର ପାଇଁ ପ୍ରେରିତ ହେଲେ । ସମ୍ବଲପୁରରେ ପହଞ୍ଚି କ୍ୟାପଟେନ୍ ହେଡୋଙ୍କ ନେତୃତ୍ୱରେ ଖିଣ୍ଡା ଆକ୍ରମଣ ଯୋଜନା କଲେ । ସେମାନଙ୍କର ଧାରଣା ଥିଲା ସୁରେନ୍ଦ୍ର ଓ ତାଙ୍କ ଭାଇମାନେ କୋଲାବିରାରେ ଲୁଚିଥିବେ ।

୦୫/୧୧/୧୮୫୭ରେ ସେମାନେ ପୁଣି ସମ୍ବଲପୁରରୁ ବାହାରି, କତରବଗା ଦେଇ ସମାସିଂଗାରେ ପହଞ୍ଚି ରାତ୍ରି ଯାପନ କଲେ ।

ସେଦିନ ଥିଲା କୋଲାବିରା ଗ୍ରାମ ପାଇଁ କାଳ ଶୁକ୍ରବାର, ନଭେମ୍ବର ଛଅ ୧୮୫୭ । ସମଗ୍ର କୋଲାବିରା ଗ୍ରାମରେ ଶୀତ ରାଣୀର ରାଜତ୍ୱ । ଉଷା ମୁହୂର୍ତ୍ତ । କିଛି ଲୋକ ନିଘୋଡ ନିଦରେ ଶୋଇଥାନ୍ତି ଆଉ କିଛି ଉଠିବା ପାଇଁ ପ୍ରସ୍ତୁତ ହେଉଥାନ୍ତି । ହଠାତ୍ ତୋପର ଗର୍ଜନରେ ମହିମଣ୍ଡଳ ପ୍ରକମ୍ପିତ ହେଲା । ଲୋକେ ଭୟଭୀତ ହୋଇ ଉଠିପଡିଲେ । କ୍ୟାପଟେନ ନକରଙ୍କ ଆଦେଶରେ ୪୦ ମାଡ୍ରାସ ଆର୍ଟୀଲେରୀର ସୈନ୍ୟମାନେ କୋଲାବିରା ଦୁର୍ଗ ଆକ୍ରମଣ କଲେ । କିନ୍ତୁ ହାଏ, ଏ କ'ଣ । ଏଠି ବି ସୁରେନ୍ଦ୍ର କି କରୁଣାକର କେହି ନାହାନ୍ତି । ତାଙ୍କ କ୍ରୋଧ ପଞ୍ଚମକୁ ଚଢିଲା । କ୍ରୋଧାନ୍ୱିତ କ୍ୟାପଟେନ ହେଡୋଙ୍କ ଆଦେଶରେ ସୈନ୍ୟମାନେ ତୋପମାଡ କରି କୋଲାବିରା ଜମିଦାରଙ୍କ ପ୍ରାସାଦକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିଦେଲେ । ଏତିକିରେ ମଧ୍ୟ ହେଡୋଙ୍କ କ୍ରୋଧ ଶାନ୍ତ ହେଲାନାହିଁ । ଏହାପରେ ସେମାନେ ନିରୀହ ଗ୍ରାମବାସୀଙ୍କ ଉପରେ ଅତ୍ୟାଚାର, ଲୁଣ୍ଠନ ପୂର୍ବକ ଗୃହମାନଙ୍କରେ ଅଗ୍ନି ସଂଯୋଗ କଲେ । ନିର୍ଦ୍ଦୟୀ ଇଂରେଜ ସୈନ୍ୟମାନେ କୋଲାବିରା ଗ୍ରାମବାସୀଙ୍କ କଥା ଭାଷା ତ ବୁଝନ୍ତି ନାହିଁ । ସେଦିନ କିନ୍ତୁ ସେମାନେ ତାଙ୍କ ମୁହଁର ଭାବ ମଧ୍ୟ ବୁଝିପାରିଲେ ନାହିଁ । ଜୀବନ ରକ୍ଷା ପାଇଁ ଲୋକେ ଜଙ୍ଗଲରେ ଯାଇ ଲୁଚିଲେ ।

ଏହି ଘଟଣା ପରେ ଗ୍ରାମବାସୀମାନେ ଆଉ ଗଡ ଭିତରେ ରହିବା ନିରାପଦ ମଣିଲେ ନାହିଁ । ଘର ଦ୍ୱାର ମଧ୍ୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା । ତେଣୁ ଜମିଦାରଙ୍କ କେତେକ ଏକାନ୍ତ ଅନୁଗତଙ୍କୁ ଛାଡି ଅନ୍ୟ ସମସ୍ତେ ଗଡ ବାହାରେ, ଅପେକ୍ଷାକୃତ ଉଚ୍ଚ ସ୍ଥାନରେ ଆସି ନୂଆକରି ଜନବସତି ସ୍ଥାପନ କଲେ । କାଳକ୍ରମେ ଏହା ନୂଆପଡା ବା ଉପର ପଡା ଭାବରେ ପରିଚିତ ହେଲା । ଦୁଇ ଦୁଇ ଥର ବିଫଳତାର ଗ୍ଲାନି ଇଂରେଜମାନଙ୍କ କ୍ରୋଧକୁ ଅନେକ ମାତ୍ରାରେ ବଢାଇ ଦେଇଥିଲା ଏବଂ ସେମାନେ ସୁଯୋଗ ଅପେକ୍ଷାରେ ଥିଲେ । କୋଲାବିରା ବିଫଳତାର ଅବସାଦ କୁଦୋପାଲିରେ ଯାଇ ପ୍ରଶମିତ ହୋଇଥିଲା । କୋଲାବିରା ଘଟଣା ପରେ ଡିସେମ୍ବର ପ୍ରଥମ ଭାଗରେ ଆହତ ଇଂରେଜ ସୈନ୍ୟମାନଙ୍କ ଚିକିତ୍ସା ପାଇଁ ଡାକ୍ତର ମୁରେଙ୍କୁ ନେଇ ମିଷ୍ଟର ହାନ୍‌ସନ୍ ଆସୁଥିବା ସମୟରେ ବିଦ୍ରୋହୀମାନେ ଡାକ୍ତର ମୁରେଙ୍କୁ ହତ୍ୟା କଲେ । ମିଷ୍ଟର ହାନ୍‌ସନ୍ କିନ୍ତୁ କୌଶଳ କ୍ରମେ ବଞ୍ଚିଗଲେ ଏବଂ ଜଙ୍ଗଲରେ ଲୁଚି ରହିଲେ । ଏହାକୁ ପ୍ରତିଶୋଧ ନେବା ପାଇଁ ନିଜେ କ୍ୟାପଟେନ ଲେଗ୍ ସୈନ୍ୟମାନଙ୍କୁ ଧରି ଜଙ୍ଗଲକୁ ଗଲେ କିନ୍ତୁ ବିଦ୍ରୋହୀମାନଙ୍କ ଆକ୍ରମଣ ଯୋଗୁଁ ଫେରିଆସିଲେ । ଏହାର କିଛି ଦିନପରେ ମିଷ୍ଟର ହାନ୍‌ସନ୍‌ଙ୍କୁ ଇଂରେଜ ସୈନ୍ୟମାନେ ଜଙ୍ଗଲରୁ ଉଦ୍ଧାର କଲେ । ୩୦ ଡିସେମ୍ବର, ୧୮୫୭ ବୁଧବାର ଦିନ କୋଲାବିରା ପରାଜୟର ପ୍ରତିଶୋଧ ନେବା ପାଇଁ ସୁଯୋଗ ମିଳିଲା । ଇଂରେଜମାନେ ଖବର ପାଇଲେ ଯେ କୁଦୋପାଲି ଗ୍ରାମ ମୁଣ୍ଡରେ ପାହାଡ ତଳେ ପ୍ରାୟ ୧୬୦୦ ବିଦ୍ରୋହୀ ରୁଣ୍ଡ ହୋଇଛନ୍ତି । ଏହି ସମୟରେ କ୍ୟାପଟେନ ଇ.ଜି.ଉଡ୍ ମଧ୍ୟ ନାଗପୁରରୁ ଆସି ସମ୍ବଲପୁରରେ ପହଞ୍ଚିଯାଇଥିଲେ । ତାଙ୍କ ନେତୃତ୍ୱରେ ୭୩ଜଣ ନିଜସ୍ୱ ସୈନ୍ୟ, ୪୦ ମାଡ୍ରାସ ଆର୍ଟୀଲେରିର ୧୫୦ ଜଣ ସୈନ୍ୟ ଏବଂ ରାମଗଡ ବାଟାଲିୟନର ୫୦ଜଣ ସୈନ୍ୟଙ୍କୁ ନେଇ କୁଦୋପାଲି ଉପରେ ଅତର୍କିତ ଆକ୍ରମଣ କଲେ । ଠିକ୍ ଏହି ସମୟରେ ସୁରେନ୍ଦ୍ର ସାଏ ଅଧିକ ସୈନ୍ୟ ସଂଗ୍ରହ ପାଇଁ ଝାରସୁଗୁଡା ନିକଟସ୍ଥ ପଞ୍ଚପଡା ଗ୍ରାମକୁ ଯାଇଥିଲେ । ସେଦିନ କୁଦୋପାଲି ଗାଁ ଦାଣ୍ଡ ରଣକ୍ଷେତ୍ର ପାଲଟିଯାଇଥିଲା । ବୀର କରୁଣାକର ନାଏକଙ୍କ ନେତୃତ୍ୱରେ ବିଦ୍ରୋହୀମାନେ ତାଙ୍କ ପାରମ୍ପରିକ ଅସ୍ତ୍ରଶସ୍ତ୍ରରେ କ୍ୟାପଟନ ଉଡ୍‌ଙ୍କ ଅତ୍ୟାଧୁନିକ ସୈନ୍ୟବାହିନୀ ସହ ଘମାଘୋଟ ଲଢାଇ କରିଥିଲେ । ଏହି ଲଢେଇରେ ସମଗ୍ର ଭାରତ ସମ୍ମୀଭୂତ ହୋଇଯାଇଥିଲା । ୫୭ ଜଣ ବିଦ୍ରୋହୀ ସୈନ୍ୟ ଇଂରେଜ ସୈନ୍ୟବାହିନୀ ହାତରେ ଶହୀଦ ହୋଇଥିଲେ । ସେମାନଙ୍କ ମଧ୍ୟରେ ସୁରେନ୍ଦ୍ର ସାଏଙ୍କ ଭାଇ ଛବିଳ ସାଏ, କରୁଣାକର ନାଏକଙ୍କ ପୁଅ କୃଷ୍ଣଚନ୍ଦ୍ର ସିଂହ ଏବଂ ପତ୍ରାପାଲିର ବିର୍ତ୍ତିଆ ବଳଭଦ୍ର ଦାଶ ପ୍ରମୁଖ ଥିଲେ । ଦଶଜଣ ବିଦ୍ରୋହୀ ସୈନ୍ୟ ଇଂରେଜମାନଙ୍କ ଦ୍ୱାରା ବନ୍ଦୀ ହୋଇଥିଲେ । କରୁଣାକର କିନ୍ତୁ ଖସି ଯାଇଥିଲେ । କାଳେ କୋଲାବିରାରେ ଲୁଚିଥିବେ ଭାବି ଫେରିଲାବେଳେ ଇଂରେଜମାନେ ପୁଣି କୋଲାବିରା ଆକ୍ରମଣ କରି ଘର ଦ୍ୱାର ନଷ୍ଟ କରିଦେଇଥିଲେ । ୩୦ ଡିସେମ୍ବରର ଏହି ଘଟଣା ଏବେ ମଧ୍ୟ ନିମ୍ନ ଲୋକ ଗୀତ ମାଧ୍ୟମରେ ଲୋକମାନଙ୍କ ଶିରାପ୍ରଶିରାରେ ଉଜ୍ଜୀବିତ ଅଛି ।

'ଉଲି...ଉଲି...ଉଲି...ଉଲି...ବଉଲିରେ...
ଉଲି...ଉଲି...ଉଲି...
ଛବିଳ ସାଏ ଦିହେ ବାଜିଲା ଗୁଳି...ବାଜିଲା ଗୁଳି...
କୁଦୋପାଲି ମଝା ଖୁଲି... ବଉଲିରେ...
କୁଦୋପାଲି ମଝା ଖୁଲି...ବଉଲିରେ...'

ଏପ୍ରିଲ୍ ୧୮୬୧ରେ ମେଜର ଇଂପେ ସମ୍ବଲପୁରର ଡେପୁଟି କମିଶନର ଦାୟିତ୍ୱ ନେଲେ । ସୁରେନ୍ଦ୍ର ସାଏଙ୍କ ପ୍ରତି ତାଙ୍କ ଦୃଷ୍ଟିଭଙ୍ଗୀ ଥିଲା ଅନ୍ୟମାନଙ୍କ ଅପେକ୍ଷା ଭିନ୍ନ । ପ୍ରଥମ କରି ସେ ହିଁ ସୁରେନ୍ଦ୍ରଙ୍କୁ ବିଦ୍ରୋହୀର ମର୍ଯ୍ୟାଦା ଦେଇଥିଲେ । ସେ ଚାହୁଁଥିଲେ ସୁରେନ୍ଦ୍ର ଆତ୍ମ ସମର୍ପଣ କରି ତାଙ୍କ ଖିଣ୍ଡା ଜମିଦାରୀ ଫେରିପାଆନ୍ତୁ । ଏଥିପାଇଁ ସେ ୨୪ ସେପ୍‌ଟେମ୍ବର ୧୮୬୧ରେ ପ୍ରଥମ ଘୋଷଣାନାମା ଜାରିକଲେ । ପୁଣି ଅକ୍ଟୋବର ୧୧ରେ ଦ୍ୱିତୀୟ ଘୋଷଣାନାମା ପ୍ରକାଶ ପାଇଲା । ଏଥିରେ ନଭେମ୍ବର ୨୦ ସୁଦ୍ଧା ଆତ୍ମସମର୍ପଣ କରିବା ପାଇଁ କୁହାଗଲା । ଇଂପେଙ୍କ ଘୋଷଣାନାମାରେ ବିଶ୍ୱାସ କରି କରୁଣାକର ନାଏକ, ତାଙ୍କ ଭ୍ରାତା ଖଗ ନାଏକ ଏବଂ ପୁତ୍ରୁରା କହ୍ନେଇ ନାଏକ ଆତ୍ମସମର୍ପଣ କଲେ । ଲେଫଟ୍‌ନାଣ୍ଟ କକ୍‌ବର୍ଣ୍ଡ କିନ୍ତୁ କ୍ଷମା ସର୍ତ୍ତରେ ଏମାନେ ଆତ୍ମସମର୍ପଣ କରିଥିବା ନଜାଣି ଅନ୍ୟ ସାଧାରଣ ବନ୍ଦୀମାନଙ୍କ ଭଳି ଏମାନଙ୍କ ବିଚାର କରି କରୁଣାକର ନାଏକଙ୍କୁ ଫାଶୀ ଦଣ୍ଡ ଆଦେଶ କରିଥିଲେ ।

ସେଦିନ ଥିଲା ରବିବାର, ୨୨ ଡିସେମ୍ବର, ୧୮୬୧, ସମୟ ସକାଳ । ସମ୍ବଲପୁର ଜେଲଖାନାର ଫାଶୀ ଖୁଣ୍ଟରେ କୋଲାବିରାର ମହାନ ବୀର କରୁଣାକର ନାଏକଙ୍କ ଜୀବନର ସୂର୍ଯ୍ୟ, ସୂର୍ଯ୍ୟୋଦୟ ଆଗରୁ ଅସ୍ତମିତ ହୋଇଗଲା ଅନ୍ୟାୟ ଭାବରେ । ତାଙ୍କ ସହିତ ଆଉ ୧୨ଜଣଙ୍କୁ ମଧ୍ୟ ଫାଶୀ ଖୁଣ୍ଟରେ ଝୁଲାଇ ଦିଆଗଲା । ଠିକ୍ ଏହି ଦିନ ଫାଶୀ ସରିବା ପରେ କଟକରୁ କମିଶନର ଆର୍.ଏନ୍.ସୋର ସମ୍ବଲପୁର ଆସି ପହଞ୍ଚିଲେ । ନଥିପତ୍ର ଯାଞ୍ଚପରେ ଜଣାପଡିଲା ଯେ ବଙ୍ଗଳାର ଛୋଟ ଲାଟ୍ ସୁରେନ୍ଦ୍ରଙ୍କ ବ୍ୟତୀତ ଅନ୍ୟ ସମସ୍ତଙ୍କୁ କ୍ଷମା ପ୍ରଦାନ ଘୋଷଣା କରିବା ସଙ୍ଗେ ସଙ୍ଗେ ୨୬/୦୯/୧୮୫୮ ତାରିଖରେ ତାଙ୍କର ବାଜ୍ୟାପ୍ତ ସମ୍ପତ୍ତି ମଧ୍ୟ ଫେରାଇ ଦେବାପାଇଁ ଆଦେଶ କରିଛନ୍ତି । ଅନ୍ୟାୟ ଭାବରେ ଫାଶୀ ଦିଆଯାଇଥିବାରୁ ସୋର ଦୁଃଖିତ ହେଲେ । କରୁଣାକରଙ୍କ ନାତି ଘନଶ୍ୟାମ ସିଂଙ୍କୁ ତାଙ୍କ ଜମିଦାରୀ ଫେରାଇ ଦିଆଯିବା ସଙ୍ଗେ ସଙ୍ଗେ ନାଗପୁରର କୋର୍ଟ ଅଫ୍ ୱାର୍ଡର ଆଦେଶ ଅନୁଯାୟୀ ତାଙ୍କ ପାଇଁ ଏକ ତ୍ରିତଳ ଦୁର୍ଗ ମଧ୍ୟ ତିଆରି କରାଗଲା । ବର୍ତ୍ତମାନ ମଧ୍ୟ ଏହି ତ୍ରିତଳ ଦୁର୍ଗ ତାର ଅତୀତର ଗୌରବ ଗାଥା ଶୁଣିବା ପାଇଁ ମୂକସାକ୍ଷୀ ଭାବରେ ବିଦ୍ୟମାନ ହୋଇଛି ।

କୋଲାବିରା ଜମିଦାରଙ୍କ ଶାସନ ବ୍ୟବସ୍ଥା

କୋଲାବିରାର ବିଭିନ୍ନ ଜମିଦାରମାନଙ୍କ ଶାସନ ବ୍ୟବସ୍ଥାକୁ ଅନୁଧ୍ୟାନ କଲେ ଦେଖାଯାଏ ଯେ, ଶ୍ରୀ ନୃପଲାଲ ସିଂହଙ୍କ ଆଗରୁ ଥିବା ଜମିଦାରମାନଙ୍କ ଶାସନ ପଦ୍ଧତି ସେତେଟା ସୁବ୍ୟବସ୍ଥିତ ନଥିଲା । ସେମାନେ ଅଳ୍ପ କେତେକ ଅନୁରକ୍ତ ଏବଂ ପ୍ରଶଂସକ ବ୍ୟକ୍ତି ବିଶେଷଙ୍କ ମାଧ୍ୟମରେ ଶାସନ ବ୍ୟବସ୍ଥା ନିୟନ୍ତ୍ରଣ କରୁଥିଲେ । କିନ୍ତୁ ଶ୍ରୀ ନୃପଲାଲ ସିଂହ କୋଲାବିରାର ପ୍ରଥମ ଜମିଦାର ଥିଲେ, ଯେ କି ଜମିଦାରୀର ଶାସନ ବ୍ୟବସ୍ଥାରେ ସଂସ୍କାର ଆଣି ଏହାକୁ ସୁବ୍ୟବସ୍ଥିତ କରିଥିଲେ । ସେ କୋଲାବିରାର ଏକ ମାତ୍ର ଜମିଦାର ଥିଲେ ଯେକି ଜମିଦାରୀକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଇଂରେଜମାନଙ୍କ ଦ୍ୱାରା ସ୍ୱତନ୍ତ୍ରଭାବେ ଜମିଦାରୀ ପ୍ରଶାସନ ଉପରେ ତାଲିମ ପାଇଥିଲେ ।

ହୁମାୟୁନଙ୍କ ମୃତ୍ୟୁ ସମୟରେ ଯେମିତି ଆକବରଙ୍କୁ ୧୩ବର୍ଷ ହୋଇଥାଏ, ଠିକ୍ ସେମିତି ୨୧ ଡିସେମ୍ବର, ୧୯୦୩ ଦିନ ନିଜର ପିତା ଶ୍ରୀ ଚିନ୍ତାମଣି ସିଂହଙ୍କ ମୃତ୍ୟୁ ସମୟରେ ନୃପଲାଲଙ୍କୁ ମାତ୍ର ୧୬ବର୍ଷ ହୋଇଥାଏ । ଲୋକଙ୍କ ମନରେ ବିରାଟ ପ୍ରଶ୍ନ, କିଏ ହେବ କୋଲାବିରାର ପରବର୍ତ୍ତୀ ଜମିଦାର । ନାବାଳକ ନୃପଲାଲ୍‌ଙ୍କ ପକ୍ଷେ ଏତେବଡ ଜମିଦାରୀ ସୁଚାରୁ ରୂପେ ଚଳାଇବା ସମ୍ଭବ ନୁହେଁ ଅନୁଭବ କରି ଇଂରେଜମାନେ (କୋର୍ଟଅଫ ୱାର୍ଡ) କୋଲାବିରାର ଶାସନ ଭାର ନିଜ ହାତକୁ ନିଅନ୍ତି । ପରେ ଯେତେବେଳେ ନୃପଲାଲ ବଡ ହୁଅନ୍ତି, ଅର୍ଥାତ ୧୫/୦୧.୧୯୧୦ ଦିନ କୋଲାବିରାର ଶାସନ ଡୋରି ପୁଣି ନୃପଲାଲଙ୍କ ପାଖକୁ ଚାଲିଆସେ । ଏହି ଛଅ ବର୍ଷ ମଧ୍ୟରେ ନୃପଲାଲଙ୍କ ଶିକ୍ଷା ଏବଂ ତାଲିମ ମଧ୍ୟ ଇଂରେଜମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂରା ହୋଇଥାଏ ।

ଶାସନ ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ନୃପଲାଲ ପ୍ରଥମେ ଜମିଦାରୀର ସମସ୍ତ କାର୍ଯ୍ୟର ବିଭାଗୀକରଣ କରି,

ବିଭିନ୍ନ ବିଭାଗ ଯଥା– ରାଜସ୍ୱ, ଜଙ୍ଗଲ, ଖଜଣା ଇତ୍ୟାଦିରେ ବିଭାଗ ଉପରେ ଜ୍ଞାନଥିବା ବ୍ୟକ୍ତିବିଶେଷଙ୍କୁ ବିଶ୍ୱସ୍ତନିୟତାର ଆଧାରରେ ନିଯୁକ୍ତି ଦେଇଥିଲେ । କହିବାକୁ ଗଲେ ନୃପଲାଲଙ୍କ ସମୟକୁ କୋଲାବିରା ଜମିଦାରୀର ସୁବର୍ଣ୍ଣଯୁଗ କହିଲେ ଅତ୍ୟୁକ୍ତି ହେବ ନାହିଁ । ୪୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଜମିଦାର ଥିବା ନୃପଲାଲ, ଶିକ୍ଷା ଏବଂ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ସ୍କୁଲ ଓ ଡାକ୍ତରଖାନା ସ୍ଥାପନା କରିବା ସହ ସାଧାରଣ ଲୋକଙ୍କ ସୁଖ, ଦୁଃଖ ତଥା ବିଭିନ୍ନ ସାମାଜିକ କାର୍ଯ୍ୟରେ ଆର୍ଥିକ ଓ ଜିନିଷ ପତ୍ର ଆକାରରେ ସାହାଯ୍ୟ କରିବାର ଏକ ନିଆରା ପରମ୍ପରା ସୃଷ୍ଟି କରିଥିଲେ । ପରବର୍ତ୍ତୀ ସମୟରେ ତାଙ୍କ ପୁତ୍ର ଲାଲ ବୀର ମହେନ୍ଦ୍ର ସିଂହ ଓ ନାତି ଲାଲ ରାଜେନ୍ଦ୍ର ସିଂହ ମଧ୍ୟ କେତେକାଂଶରେ ଏହି ପରମ୍ପରା ବଜାୟ ରଖିଥିଲେ । ଜମିଦାରୀର ଆୟ ଓ ବ୍ୟୟର ହିସାବ ପ୍ରତିଦିନ କ୍ୟାସ୍‌ବୁକ୍‌ରେ ଲେଖା ହେଉଥିଲା ଏବଂ ପ୍ରତି ଲେଖାରେ ନୃପଲାଲ ନିଜେ ଦସ୍ତଖତ କରୁଥିଲେ । କ୍ୟାସ୍‌ବୁକ୍ ସମେତ ଜମିଦାରୀର ସମସ୍ତ କାଗଜପତ୍ର ଜମିଦାରଙ୍କ କାର୍ଯ୍ୟାଳୟରେ ରହୁଥିଲା । ଟ୍ରେଜେରୀକୁ ନୃପଲାଲ କିନ୍ତୁ ସର୍ବଦା ନିଜ ଘରେ ରଖୁଥିଲେ ।

ନୃପଲାଲଙ୍କ ସମୟରେ ଜମିଦାରୀର ବିଭିନ୍ନ ବିଭାଗରେ ପ୍ରାୟ ୪୦–୪୫ ଜଣ କର୍ମଚାରୀ କାର୍ଯ୍ୟରତ ଥିଲେ । ଏମାନଙ୍କର ମଧ୍ୟରୁ ୫–୭ ଜଣ ବିଶ୍ୱସ୍ତ କର୍ମଚାରୀ, ଯଥା– ରାଜସ୍ୱ ମୋହରିର, ମେନେଜର, ଫରେଷ୍ଟର, ୨ଜଣ କିରାଣି ପ୍ରାୟ ସବୁ ସମୟରେ ଜମିଦାରଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହୁଥିଲେ । କିନ୍ତୁ ଏମାନଙ୍କ ମଧ୍ୟରେ ନୃପଲାଲଙ୍କର ସବୁଠୁ ବେଶୀ ବିଶ୍ୱସ୍ତ ଥିଲେ ତାଙ୍କର ଡ୍ରାଇଭର ଶ୍ରୀ ବୃଷଭାନୁ ମହାପାତ୍ର । ୧୯୩୯ ମସିହାରେ ତାଙ୍କୁ ଡ୍ରାଇଭର ଭାବେ ନିଯୁକ୍ତି ମିଳିଥିଲା । ନୃପଲାଲ ସିଂହ ତାଙ୍କ ଡ୍ରାଇଭର ଉପରେ ଅଖଣ୍ଡ ବିଶ୍ୱାସ କରୁଥିଲେ ଓ ସେ ପ୍ରାୟ ସମୟରେ ନୃପଲାଲଙ୍କ ପାଖେ ପାଖେ ରହୁଥିଲେ । ଏକଥା ଓଡ଼ିଶା ହାଇକୋର୍ଟର ତତ୍କାଳୀନ ବିଚାରପତି ଜଷ୍ଟିସ ରଙ୍ଗନାଥ ମିଶ୍ର ମଧ୍ୟ ତାଙ୍କର ୧୦.୧୨.୧୯୭୫ ପ୍ରଦତ୍ତ ରାଏରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି ।

ସମ୍ବଲପୁର ରାଜାଙ୍କ ଅଧୀନରେ ଥିବା ୧୬ଟି ଜମିଦାରୀ ମଧ୍ୟରୁ କ୍ଷେତ୍ରଫଳ ଅନୁଯାୟୀ ବୋଡାସମ୍ବର ପରେ କୋଲାବିରା ଦ୍ୱିତୀୟ ବୃହତ୍ତମ ଜମିଦାରୀ ଥିଲା । ୧୯୦୧ର ଜନଗଣନା ଅନୁଯାୟୀ କୋଲାବିରା ଜମିଦାରୀର ଲୋକ ସଂଖ୍ୟା ୪୦,୧୧୦ ଥିଲା ଓ ଏହାର ବାର୍ଷିକ ମୋଟ ଆୟ ୧୩,୦୭୪ ଟଙ୍କା ଥିଲା । ସେଥିରୁ ୩୫୦୦ଟଙ୍କା ଜମିଦାର ରାଜାଙ୍କୁ କର ଆକାରରେ ପ୍ରଦାନ କରୁଥିଲେ । କୋଲାବିରା ଜମିଦାରୀକୁ ଜୟପୁର ଇଷ୍ଟେଟ୍ ମଧ୍ୟ କୁହାଯାଏ ।

ସମ୍ବଲପୁର ରାଜ୍ୟର ଦ୍ୱିତୀୟ ବୃହତ୍ତମ ଜମିଦାରୀ ହୋଇଥିବାରୁ ବିଭିନ୍ନ ସମୟରେ କୋଲାବିରା ଜମିଦାରଙ୍କୁ ସମ୍ବଲପୁର ରାଜ କାର୍ଯ୍ୟରେ ଗସ୍ତ କରିବା ଏବଂ ସେଠାରେ ରାତ୍ରିଯାପନ କରିବାକୁ ପଡୁଥିଲା । ତେଣୁ ସମ୍ବଲପୁର ରାଜା, କୋଲାବିରା ଜମିଦାରଙ୍କୁ ଗେଷ୍ଟହାଉସ୍ ବା ରାତ୍ରିଯାପନ ପାଇଁ ସେଭଳିଆ କିଛି ନିର୍ମାଣ ଉଦ୍ଦେଶ୍ୟରେ କିଛି ଜାଗା ଦେଇଥିଲେ । ଏହା କୋଲାବିରା ଜମିଦାରଙ୍କ ସମ୍ବଲପୁର ସହରରେ ଥିବା ଏକମାତ୍ର ସମ୍ପତ୍ତି ଥିଲା । ୨୮ ଡେସିମିଲ ଆୟତନ ବିଶିଷ୍ଟ ଏହି ଜମି ୧୯୦୨ ମସିହା ପର୍ଯ୍ୟନ୍ତ ପଡିଆ ପଡିଥିଲା । ୧୯୦୨ରେ ଶ୍ରୀଚିନ୍ତାମଣି ସିଂହ ବାସୁ ମିସ୍ତ୍ରୀ ନାମକ ଜଣେ ବ୍ୟକ୍ତିଙ୍କଠାରୁ ଇଟା ଇତ୍ୟାଦି କିଣି ଏହି ଜାଗାର ଚାରିପଟେ ପ୍ରାଚୀର ନିର୍ମାଣ କରିଥିଲେ । ଏଥିରେ ପ୍ରାୟ ୧୦୦୦ ଟଙ୍କା ଖର୍ଚ୍ଚ ହୋଇଥିଲା । ପରେ ଯେତେବେଳେ କୋଲାବିରାର ଶାସନଭାର ଇଂରେଜମାନଙ୍କ ହାତକୁ ଚାଲିଯାଇଥିଲା ଅର୍ଥାତ ୨୧.୧୨.୧୯୦୩ରୁ ୧୫.୦୧.୧୯୧୦ ମଧ୍ୟରେ ପ୍ରାୟ ୭୦୦୦ ଟଙ୍କା ଖର୍ଚ୍ଚ କରି ଇଂରେଜମାନେ ଏହି ଜମିରେ ଏକ ପକ୍କା ଘର ନିର୍ମାଣ କରି ବ୍ୟବହାର କରୁଥିଲେ । ସେମାନେ ଏହି ଘରର ନାମକରଣ କୋଲାବିରା ହାଉସ୍ ରଖିଥିଲେ । କୁହାଯାଏ ଯେ ବୃଷଭାନୁଙ୍କଠାରୁ ନୃପଲାଲ ବିଭିନ୍ନ ସମୟରେ ୪ଟି କିସ୍ତିରେ (୧୭.୦୭.୧୯୪୯ରେ ୨୦୦୦ଟଙ୍କା, ୦୩/୦୯.୧୯୪୯ରେ ୨୦୦୦ଟଙ୍କା, ୩୧.୧୨.୧୯୪୯ରେ ୨୦୦୦ଟଙ୍କା ଏବଂ ୨୪.୦୩.୧୯୫୦ରେ ୧୫୦୦ ଟଙ୍କା) ମୋଟ ୭,୫୦୦ ଟଙ୍କା ଧାର ସୂତ୍ରରେ ନେଇଥିଲେ ଓ ପ୍ରତିବଦଳରେ ସମ୍ବଲପୁରସ୍ଥିତ ତାଙ୍କର ଏହି ଜମି ଓ ଘରକୁ ୨୬.୦୩.୧୯୫୦ ଦିନ ଏକ ଦଲିଲ ସମ୍ପାଦନ କରି ବୃଷଭାନୁଙ୍କୁ ବିକ୍ରି କରିଦେଇଥିଲେ । ୨୭.୦୬.୧୯୫୧ ଦିନ ଏହି ଦଲିଲିଟି ସମ୍ବଲପୁରଠାରେ ପଞ୍ଜିକୃତ ହୋଇଥିଲା । ଭ୍ରମଣପ୍ରିୟ ନୃପଲାଲ

ତାଙ୍କ ସମ୍ବଲପୁର ଗସ୍ତ ସମୟରେ କୋଲାବିରା ହାଉସରେ ଅବସ୍ଥାନ କରୁଥିଲେ ଓ ଅଧିକାଂଶ ସମୟରେ ସେ ତୀର୍ଥ ପାଇଁ ଆଲ୍ଲାହାବାଦ ଯାଉଥିଲେ । ମୃତ୍ୟୁର ୬-୭ ବର୍ଷ ଆଗରୁ ତାଙ୍କ ବାମ ହାତ ଏବଂ ଗୋଡ ପାରାଲେସିସରେ ଆକ୍ରାନ୍ତ ହୋଇଥିଲେ ମଧ୍ୟ ୧୯୫୬ ପର୍ଯ୍ୟନ୍ତ ସେ ଜମିଦାରୀ କାର୍ଯ୍ୟ ବୁଝାସୁଝା କରୁଥିଲେ । ୧୯୫୮ରେ ତାଙ୍କ ମୃତ୍ୟୁପରେ ତାଙ୍କ ପୁତ୍ର ଲାଲବୀର ମହେନ୍ଦ୍ର ସିଂହ ଖୁବ ଅଳ୍ପ ଦିନ ପାଇଁ କୋଲାବିରାର ଜମିଦାର ହୋଇଥିଲେ । ୧୯୬୩ରେ ତାଙ୍କ ମୃତ୍ୟୁ ହୋଇଥିଲା ଏବଂ ତାଙ୍କ ପୁତ୍ର ଲାଲ ରାଜେନ୍ଦ୍ର ସିଂହ (ଜନ୍ମ- ୨୯/୦୨/୧୯୩୬) କୋଲାବିରାର ଜମିଦାର ହୋଇଥିଲେ । ୧୯୫୧ରେ ଜମିଦାରୀ ଉଚ୍ଛେଦ ଆଇନ ବଳରେ କିନ୍ତୁ ନଭେମ୍ବର, ୧୯୫୨ ଠାରୁ ଓଡ଼ିଶାରେ ଜମିଦାରୀ ପ୍ରଥା ଉଚ୍ଛେଦ ହୋଇସାରିଥିଲା । ୧୯୫୮ରେ ଶ୍ରୀ ଲାଲ ରାଜେନ୍ଦ୍ର ସିଂହ ଗଣତନ୍ତ୍ର ପରିଷଦ ନାମକ ଏକ ରାଜନୈତିକ ଦଳରେ ଯୋଗ ଦେଇଥିଲେ । ପରେ ଏହି ଦଳର ବିଳୟ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ସ୍ୱତନ୍ତ୍ର ପାର୍ଟିରେ ହୋଇଥିଲା ଏବଂ ଲାଲ ରାଜେନ୍ଦ୍ର ସ୍ୱତନ୍ତ୍ର ପାର୍ଟି ଟିକେଟରେ ବର୍ତ୍ତମାନ ନିଜର ଅସ୍ତିତ୍ୱ ହରାଇଥିବା ଲାଇକେରା ସଂରକ୍ଷିତ ଆସନରୁ ଚତୁର୍ଥ ବିଧାନସଭା (୧୯୬୭ରୁ ୧୯୭୧)କୁ ବିଧାୟକ ଭାବରେ ନିର୍ବାଚିତ ହୋଇଥିଲେ । ଓଡ଼ିଶାର ୧୪୦ଟି ବିଧାନସଭା ଆସନରୁ ହରେକୃଷ୍ଣ ମହତାବଙ୍କ ଜନକଂଗ୍ରେସ ୨୬ଟି ଆସନରେ ଏବଂ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ସ୍ୱତନ୍ତ୍ର ପାର୍ଟି ୪୯ଟି ଆସନରେ ବିଜୟୀ ହୋଇ ମିଳିତ ଭାବେ ରାଜେନ୍ଦ୍ର ନାରାୟଣଙ୍କ ମୁଖ୍ୟମନ୍ତ୍ରୀତ୍ୱରେ ସରକାର ଗଢିଥିଲେ ମଧ୍ୟ ବିଧାୟକ ଲାଲ ରାଜେନ୍ଦ୍ର କିନ୍ତୁ ମନ୍ତ୍ରୀ ହୋଇପାରିନଥିଲେ ।

କେନ୍ଦ୍ରୀୟ ଶ୍ରମିକ ଶିକ୍ଷା ବୋର୍ଡ
ଶ୍ରମ ଏବଂ ରୋଜଗାର ମନ୍ତ୍ରାଳୟ
ଭାରତସରକାର, ରାଉରକେଲା-୧୨

❖ ❖ ❖

# ନୂତନ ୨୦୯ଟି ରାଜସ୍ୱ ନିରୀକ୍ଷକ ସର୍କଲ ସୃଷ୍ଟି କରାଯିବ

ରାଜ୍ୟର ୮ଟି ଜିଲ୍ଲାରେ ୨୦୯ଟି ରାଜସ୍ୱ ନିରୀକ୍ଷକ ସର୍କଲ ନୂଆ ଖୋଲାଯିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ନୂଆ ହେବାକୁ ଥିବା ୨୦୯ଟି ରାଜସ୍ୱ ନିରୀକ୍ଷକ ସର୍କଲରେ ୨୦୯ଜଣ ରାଜସ୍ୱ ନିରୀକ୍ଷକ ଏବଂ ୨୦୯ଜଣ ସହକାରୀ ରାଜସ୍ୱ ନିରୀକ୍ଷକଙ୍କୁ ନିଯୁକ୍ତି ଦିଆଯିବ । ରାଜସ୍ୱ ବିଭାଗ ଅଧୀନରେ କଣ୍ଟ୍ରାକ୍ଟ ଜବ୍ କରୁଥିବା ୨୦୯ଜଣ କର୍ମଚାରୀଙ୍କୁ ନୂଆ ରାଜସ୍ୱ ସର୍କଲରେ ପିଅନଭାବେ କାର୍ଯ୍ୟ ତୁଲାଇବା ପାଇଁ ନିଷ୍ପତ୍ତି ନିଆଯାଇଛି । ଓଡ଼ିଶା ଜିଲ୍ଲା ରାଜସ୍ୱ ସର୍ଭିସ୍ ଧାରା ୧୯୮୩ ଅନୁଯାୟୀ ଏହି ରାଜସ୍ୱ ନିରୀକ୍ଷକ ଏବଂ ସହକାରୀ ରାଜସ୍ୱ ନିରୀକ୍ଷକ ପଦବୀଗୁଡିକରେ ନିଯୁକ୍ତି ଦିଆଯିବ । ୮ଟି ଜିଲ୍ଲାରେ ରାଜସ୍ୱ ନିରୀକ୍ଷକ ଏବଂ ସହକାରୀ ରାଜସ୍ୱ ନିରୀକ୍ଷକ ନିଯୁକ୍ତି ଏହିକ୍ରମରେ ଅର୍ଥାତ୍ କଳାହାଣ୍ଡି ଜିଲ୍ଲାର ୬ଟି ତହସିଲରେ ୩୨ଜଣ, ଝାରସୁଗୁଡାର ୨ଟି ତହସିଲରେ ୨୨ଜଣ, ମୟୂରଭଞ୍ଜର ୮ଟି ତହସିଲରେ ୭୧ଜଣ, ସୁବର୍ଣ୍ଣପୁରର ୨ଟି ତହସିଲରେ ୭ଜଣ, ବଲାଙ୍ଗୀରର ୬ଟି ତହସିଲରେ ୫୨ଜଣ, ନୂଆପଡାର ୨ଟି ତହସିଲରେ ୧୧ଜଣ, ଖୋର୍ଦ୍ଧା ତହସିଲରେ ୪ଜଣ ଏବଂ ସୁନ୍ଦରଗଡରେ ୬ଟି ତହସିଲରେ ୧୦ଜଣଙ୍କୁ ନିଯୁକ୍ତି ଦିଆଯିବ ବୋଲି ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟନାରାୟଣ ପାତ୍ର ସୂଚନା ଦେଇଛନ୍ତି ।

# ଓଡ଼ିଶାରେ ସଂଗ୍ରହାଳୟ ଆନ୍ଦୋଳନର ମାର୍ଗଦର୍ଶକ: ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ

**ଜୟନ୍ତୀ ରଥ**

ଜ୍ଞାନର ବ୍ୟାପ୍ତି, ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ ଆଦି କଳାର ପ୍ରସାର ନିମନ୍ତେ ପ୍ରାଚୀନ କାଳରେ ମନ୍ଦିର, ଗୀର୍ଜାମାନଙ୍କର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ । ଇତିହାସର ଜନକ ହେରୋଡଟସ୍ ବିଭିନ୍ନ ଦେଶର ଧର୍ମାଧକ୍ଷମାନଙ୍କଠାରୁ ପୁରାତନ ଦ୍ରବ୍ୟମାନ ସଂଗ୍ରହ କରୁଥିଲେ । ଦିଗ୍‌ବିଜୟୀ ବୀର ଆଲେକ୍‌ଜାଣ୍ଡର ଗ୍ରୀସ୍ ସମେତ ଏସିଆ ମହାଦେଶରୁ ପ୍ରତ୍ନସମ୍ପଦ ଓ କଳାସମ୍ପଦ ଆହରଣ କରିବା ନିମନ୍ତେ ଏକ ହଜାର କର୍ମଚାରୀ ନିଯୁକ୍ତ କରିଥିଲେ । ଅତୀତରେ ତକ୍ଷଶିଳା, ନାଳନ୍ଦା, ବିକ୍ରମଶିଳା, ଅମରାବତୀ, ବଲ୍ଲଭୀ, ପୁଷ୍ପଗିରି(ଓଡ଼ିଶା), ଉଜ୍ଜୟିନୀ ଆଦି ଜ୍ଞାନପୀଠରେ ପ୍ରଚୁର ପୋଥି ଓ ପୁସ୍ତକ ଗଚ୍ଛିତ ଥିଲା ଏବଂ ସମଗ୍ର ବିଶ୍ୱର ଜ୍ଞାନଲିପ୍ସୁ ଅନୁସନ୍ଧିତ୍ସୁଙ୍କ ପାଇଁ ତାହା ଉନ୍ମୁକ୍ତ ଥିଲା । ମଧ୍ୟଯୁଗରେ ଅଧିକାଂଶ ରାଜ ପ୍ରାସାଦ ଥିଲା କଳା ଓ ସଂସ୍କୃତିର ବାର୍ତ୍ତାବହ । ପ୍ରାସାଦମାନଙ୍କର ପ୍ରକୋଷ୍ଠ ମଧ୍ୟରେ ଥିବା ଚିତ୍ର ଓ ମୂର୍ତ୍ତିରାଜି ଯୁଗଯୁଗର ଇତିହାସକୁ ବହନ କରୁଥିଲେ ।

ବ୍ରିଟିଶ୍ ରାଜତ୍ୱ କାଳରେ ଭାରତରେ ସଂଗ୍ରହାଳୟ ସ୍ଥାପନ ଦିଗରେ ପ୍ରଶାସନ ପକ୍ଷରୁ ବିଶେଷ ଧ୍ୟାନ ଦିଆଗଲା । ଲର୍ଡ କର୍ଜନଙ୍କ ଶାସନ କାଳରେ (୧୯୦୨-୧୯୧୯) ଭାରତର ପ୍ରତ୍ନସମ୍ପଦର ସଂରକ୍ଷଣ ପାଇଁ ବହୁ ଗଠନ ମୂଳକ ପଦକ୍ଷେପ ନିଆଗଲା । ଏହି ସମୟରେ ପ୍ରଖ୍ୟାତ ପ୍ରତ୍ନତତ୍ତ୍ୱବିଦ୍ ସାର୍ ଜନମାର୍ଶାଲ୍ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣର ମହାନିର୍ଦ୍ଦେଶକ ଭାବେ ଅବସ୍ଥାପିତ ହୋଇଥିଲେ । ତାଙ୍କର ବଳିଷ୍ଠ ସଂଯୋଜନାରେ ସାରା ଭାରତରେ ବହୁଳ ସଂଖ୍ୟାରେ ସଂଗ୍ରହାଳୟମାନ ପ୍ରତିଷ୍ଠିତ ହେଲା । ଖଜୁରାହୋ, ଗୋୟାଲିୟର୍, ଯୋଧପୁର, ଆଜମୀର, ସାରନାଥ, ନାଳନ୍ଦା, ନାଗାର୍ଜୁନକୋଣ୍ଡା ଏବଂ ଓଡ଼ିଶାର ବାରିପଦାରେ ସଂଗ୍ରହାଳୟ ସ୍ଥାପନ କାର୍ଯ୍ୟ ତାଙ୍କ ନିର୍ଦ୍ଦେଶରେ ତ୍ୱରାନ୍ୱିତ ହୋଇଥିଲା ।

୧୯୦୪ ମସିହାରେ ଓଡ଼ିଶାର ପ୍ରଥମ ସଂଗ୍ରହାଳୟ ବାରିପଦାରେ ଉଦ୍‌ଘାଟିତ ହୋଇଥିଲା । ବାରିପଦାର ତତ୍କାଳୀନ ସଂସ୍କୃତିପ୍ରେମୀ ଶାସକ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଥିଲେ ଏହାର ପୃଷ୍ଠପୋଷକ । ତାଙ୍କଦ୍ୱାରା ସଂଗୃହୀତ ତାମ୍ର ଶାସନ, ପ୍ରାଚୀନ ମୁଦ୍ରା, ପ୍ରାଗୈତିହାସିକ ଉପକରଣ, ଗୁରୁତ୍ୱପୂର୍ଣ୍ଣ ନଥିପତ୍ର, ପ୍ରସ୍ତରମୂର୍ତ୍ତି, କଳାସାମଗ୍ରୀକୁ ନେଇ ଏହା ଗଢି ଉଠିଥିଲା ।

ଦୈବ ସଂଯୋଗକ୍ରମେ ବାରିପଦା ନିକଟସ୍ଥ ଏକ ସଂସ୍କୃତି ସମ୍ପନ୍ନ ଶିକ୍ଷକ ପରିବାରରେ ୨୯, ଅଗଷ୍ଟ, ୧୮୯୩ ମସିହାରେ ଜନ୍ମଲାଭ କରିଥିଲେ ପରମାନନ୍ଦ । ବାଲ୍ୟ କାଳରୁ ସେ ଥିଲେ ଅତ୍ୟନ୍ତ ଜିଜ୍ଞାସୁ । ସ୍ୱଗ୍ରାମ ନିକଟସ୍ଥ ହରିପୁରଗଡର କୀର୍ତ୍ତିରାଜିର ଭଗ୍ନାବଶେଷ ତାଙ୍କ ପାଇଁ ଥିଲା କୌତୁହଳଦ୍ଦୀପକ । ବାରିପଦାର ସଂଗ୍ରହାଳୟ ସତେ ଯେପରି ନବଯୁବକ ପରମାନନ୍ଦଙ୍କ ପ୍ରୟାସ ଓ ପ୍ରଚେଷ୍ଟାକୁ ଅପେକ୍ଷା ରଖିଥିଲା । କଲିକତା ବିଶ୍ୱବିଦ୍ୟାଳୟରୁ ଉଭିଦ ବିଜ୍ଞାନ ସମ୍ମାନ ସହ ସ୍ନାତକ ଡିଗ୍ରୀ ହାସଲ କରିଥିଲେ ପରମାନନ୍ଦ ୧୯୨୩ ମସିହାରେ । ସେତେବେଳକୁ ମୟୂରଭଞ୍ଜର ସିଂହାସନ ଆରୋହଣ କରିଥିଲେ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ । ଶ୍ରୀରାମଚନ୍ଦ୍ରଙ୍କ ଉତ୍ତରାଧିକାରୀ ପୂର୍ଣ୍ଣଚନ୍ଦ୍ର ବି ଥିଲେ ଜଣେ ପ୍ରଜାନୁରାଗୀ ସଂସ୍କୃତିପ୍ରେମୀ ଶାସକ। ପରମାନନ୍ଦଙ୍କ ଅନ୍ତର୍ନିହିତ ପ୍ରତିଭାର ପରିଚୟ ସେ ପାଇଥିଲେ । ଧାନ ଚାଷ ସମ୍ବନ୍ଧରେ ବିଶେଷ ତାଲିମ୍ ପ୍ରାପ୍ତ ହେବା ପାଇଁ ସେ ପରମାନନ୍ଦଙ୍କୁ ଜାପାନ୍, କପା ଓ ଆଖୁଚାଷ ସମ୍ପର୍କରେ ଜ୍ଞାନ ଆହରଣ ପାଇଁ ଇଜିପଟ୍ ଓ ଆମେରିକା ପଠେଇବାକୁ ଚାହୁଁଥିଲେ । ଅନିବାର୍ଯ୍ୟ କାରଣ ଯୋଗୁଁ

ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ । ନିୟତିର ବିଧାନ ଥିଲା ଅନ୍ୟ ପ୍ରକାର । ଶିଳାରୁ, ଧାତୁରୁ ସ୍ପନ୍ଦନ ଅନ୍ୱେଷଣ କରିବା ତାଙ୍କ ଜୀବନର ଧ୍ୟେୟ ହୋଇଗଲା । ଉଦ୍‌ଭିଦ ବିଜ୍ଞାନୀ ପରମାନନ୍ଦ ପ୍ରତ୍ନବିଜ୍ଞାନୀ ହେବା ହିଁ ବିଧି ନିର୍ଦ୍ଦିଷ୍ଟ ଥିଲା । ମୟୂରଭଞ୍ଜ ରାଜ୍ୟ ନିମନ୍ତେ ଜଣେ ସୁଯୋଗ୍ୟ ପ୍ରତ୍ନତାତ୍ତ୍ୱିକ ପରାମର୍ଶଦାତା ପଠେଇବା ପାଇଁ ମହାରାଜା ପୂର୍ଣ୍ଣଚନ୍ଦ୍ର ଜନ୍ ମାର୍ଶାଲ୍‌ଙ୍କୁ ଅନୁରୋଧ ଜଣାଇ ପତ୍ର ଲେଖିଲେ । ତଦନୁଯାୟୀ କଲିକତା ଜାତୀୟ ସଂଗ୍ରହାଳୟର ଅଧୀକ୍ଷକ ରମାପ୍ରସାଦ ଚାନ୍ଦ ମୟୂରଭଞ୍ଜ ଆସି ପ୍ରତ୍ନତତ୍ତ୍ୱ ବିଶାରଦ ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କଲେ ।

ସେହି ସମୟ ଚାନ୍ଦ ମହାଶୟ ପରମାନନ୍ଦଙ୍କ ଅନୁସନ୍ଧାନୀ ଦୃଷ୍ଟି ଓ ଐତିହାସିକ ସୃଷ୍ଟି ସମ୍ପର୍କରେ ଅବଗତ ଥିଲେ । ମୟୂରଭଞ୍ଜରେ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ କାର୍ଯ୍ୟ ପରମାନନ୍ଦଙ୍କ ବିନା ସହଯୋଗରେ ସମ୍ଭବ ହେବ ନାହିଁ ବୋଲି ମହାରାଜାଙ୍କୁ ଜଣାଇ ଦେଇଥିଲେ । ମହାରାଜା ତାଙ୍କର ପରାମର୍ଶକୁ ଅନୁମୋଦନ କରିଥିଲେ । ପରମାନନ୍ଦଙ୍କ ଭଳି ସକ୍ରିୟ, ସଚେତନ ସହଯୋଗୀ ପାଇ ରମାପ୍ରସାଦ ବିପୁଳ ଉତ୍ସାହ ସହ ଖିଚିଙ୍ଗରେ ଖନନ କାର୍ଯ୍ୟ ଆରମ୍ଭ କରିଥିଲେ । ଏକଦା ଘନ ଅରଣ୍ୟ ପରିବେଷ୍ଟିତ ଖିଚିଙ୍ଗରେ ଆଜି ଯେଉଁ ସୁଦୃଶ୍ୟ କୀଚକେଶ୍ୱରୀ ମନ୍ଦିର ବିରାଜିତ, ତାହା ରମାପ୍ରସାଦଙ୍କ ଶାଣିତ ଦୃଷ୍ଟି ଓ ପରମାନନ୍ଦଙ୍କ ଅବିଶ୍ରାନ୍ତ ଶ୍ରମ, ସଂଗଠିତ କର୍ମ ପ୍ରଣାଳୀ ଦ୍ୱାରା ସମ୍ଭବ ହୋଇଥିଲା– ଏଥିରେ ଦ୍ୱିରୁକ୍ତି ନାହିଁ । ପ୍ରକୃତରେ କହିବାକୁ ଗଲେ ପ୍ରତ୍ନତତ୍ତ୍ୱ କ୍ଷେତ୍ରରେ ପରମାନନ୍ଦଙ୍କ ପ୍ରବେଶ ପରେ ମୟୂରଭଞ୍ଜର ଇତିହାସରେ ଏବଂ ବ୍ୟାପକ ଅର୍ଥରେ ଓଡ଼ିଶାର ସାଂସ୍କୃତିକ ଇତିହାସରେ ଏକ ନୂତନ ଯୁଗର ସୃଷ୍ଟି ହେଲା ।

ବାରିପଦା ସଂଗ୍ରହାଳୟରେ ପ୍ରଦର୍ଶିତ ସାମଗ୍ରୀଗୁଡ଼ିକୁ ସଠିକ୍ ଭାବେ ଚିହ୍ନିତ କରିବା, ସେଗୁଡ଼ିକର କାଳ ନିର୍ଣ୍ଣୟ କରିବା ଏବଂ ସମସ୍ତ ପ୍ରାଗୈତିହାସିକ ଉପକରଣ, ମୃତ୍‌ପାତ୍ର, ମୁଦ୍ରା, ମୂର୍ତ୍ତି, ତାମ୍ରଶାସନ ଓ ଶିଳାଲେଖର ସୂଚନାଙ୍କ ଲେଖିବା କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରିଥିଲେ ପରମାନନ୍ଦ । କଲିକତାସ୍ଥିତ ଜାତୀୟ ସଂଗ୍ରହାଳୟର ଢାଞ୍ଚାରେ ସେ ଏହାର ପୁନର୍ଗଠନ କରିଥିଲେ । ପ୍ରସିଦ୍ଧ ଐତିହାସିକ ରାଖାଲ ଦାସ ବାନାର୍ଜୀ ବୈଦ୍ୟପୁରରୁ ମାଟିତଳୁ ଉଦ୍ଧାର କରିଥିବା ପ୍ରାଚୀନ ଉପକରଣ, ସ୍ୱୟଂ ପରମାନନ୍ଦ ବାମନଘାଟି ଓ ବାରିପଦାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରୁ ସଂଗ୍ରହ କରିଥିବା କଟୁରୀ, ଦାଆ ଏସବୁ ବାରିପଦା ସଂଗ୍ରହାଳୟରେ ପ୍ରଦର୍ଶନ ପାଇଁ ରଖାଗଲା । ବାରିପଦାର ପ୍ରସିଦ୍ଧ ଜୁବୁଲୀ ଲାଇବ୍ରେରୀ ମଧ୍ୟରେ ସଂଗ୍ରହାଳୟଟି ଅବସ୍ଥିତ ଥିବାରୁ ଏଠାରେ ଗବେଷକମାନଙ୍କ ଅଧ୍ୟୟନ ପାଇଁ ପ୍ରଶସ୍ତ କ୍ଷେତ୍ର ଥିଲା ।

୧୯୨୮–୨୯ ମସିହାରେ ପରମାନନ୍ଦ ମୟୂରଭଞ୍ଜ ରାଜ୍ୟର ବରିଷ୍ଠ ପ୍ରତ୍ନତତ୍ତ୍ୱବିଦ୍ ଭାବେ ନିଯୁକ୍ତି ପାଇଲେ ।

୧୯୩୦ ମସିହାରେ ମହାରାଜାଙ୍କର ନିର୍ଦ୍ଦେଶକ୍ରମେ ପରମାନନ୍ଦ ହରିହରପୁର ଗଡର ଖନନ କାର୍ଯ୍ୟରେ ମନୋନିବେଶ କଲେ । ଏହି କାର୍ଯ୍ୟରେ ତାଙ୍କର ସହଯୋଗୀ ପ୍ରତ୍ନତତ୍ତ୍ୱବିଦ୍ ଭାବେ କାର୍ଯ୍ୟ କରୁଥିଲେ ଶୈଳେନ୍ଦ୍ର ନାଥ ବସୁ । ଖିଚିଙ୍ଗରେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା କୁଟେଇତୁଣ୍ଡି ଓ ଚନ୍ଦ୍ରଶେଖର ମନ୍ଦିରକୁ ପୂରାପୂରି ଭାଙ୍ଗି ଦିଆଗଲା । ୧୯୩୫ ମସିହାରେ ଖିଚିଙ୍ଗଠାରୁ ମାତ୍ର ଏକ କିଲୋମିଟର ଦୂରରେ ଅବସ୍ଥିତ ବିରାଟଗଡ ଅଞ୍ଚଳର ଭୂଖନନ କାର୍ଯ୍ୟର ଶୁଭାରମ୍ଭ କଲେ ଏହି ଗବେଷକଦ୍ୱୟ । ଏହି ବର୍ଷ ଇଣ୍ଡିଆନ୍ ହିଷ୍ଟୋରିକାଲ ରେକର୍ଡସ୍ କମିଶନର ସଦସ୍ୟଭାବେ ସେ ମନୋନୀତ ହେଲେ । ଏହା ସମଗ୍ର ଓଡ଼ିଶା ପାଇଁ ଏକ ଗୌରବର ବିଷୟ ଥିଲା ।

୧୯୩୮ ମସିହାରେ ହାଭାର୍ଡ ବିଶ୍ୱବିଦ୍ୟାଳୟର ଇ.ସି.ଓ୍ୱରମ୍ୟାନ୍ ନାମକ ଜଣେ ଭୂତତ୍ତ୍ୱବିଦ୍ ପୂର୍ବଭାରତରେ ଲୁକ୍‌କାୟିତ ଥିବା ନୂତନ ପ୍ରସ୍ତର ଯୁଗର ଉପକରଣମାନ ଆବିଷ୍କାର କରିବା ପାଇଁ ଏବଂ ସେସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଗବେଷଣା କରିବା ପାଇଁ ଆଗ୍ରହୀ ହୋଇ ଓଡ଼ିଶାରେ ଆସି ପହଞ୍ଚିଥିଲେ । ପରମାନନ୍ଦଙ୍କ ଅକୁଣ୍ଠ ସହଯୋଗ ଫଳରେ ସେ କୁଳିଅଣା, ବାରିପଦା ଚତୁଃପାର୍ଶ୍ୱସ୍ଥ ଅଞ୍ଚଳରୁ ବହୁ ପ୍ରାଗୈତିହାସିକ ଅସ୍ତ୍ରଶସ୍ତ୍ର ଓ ନିତ୍ୟ ବ୍ୟବହୃତ ସାମଗ୍ରୀ ସଂଗ୍ରହ କରିଥିଲେ । ସେଗୁଡ଼ିକର ବର୍ତ୍ତମାନ ବାରିପଦା ସଂଗ୍ରହାଳୟର ଶୋଭା ବୃଦ୍ଧି କରୁଛନ୍ତି ।

୧୯୩୭ ମସିହାରେ ଦିଲ୍ଲୀଠାରେ ଅନୁଷ୍ଠିତ ସର୍ବଭାରତୀୟ ସଂଗ୍ରହାଳୟ ସମ୍ମିଳନୀରେ ସେ ଯୋଗଦାନ ପୂର୍ବକ ନିଜର ଗବେଷଣାମୂଳକ ନିବନ୍ଧ ପାଠ କରିଥିଲେ । ସେଠାରୁ ସେ ଲାହୋର ଓ ମଥୁରାସ୍ଥିତ ସଂଗ୍ରହାଳୟ ପରିଦର୍ଶନ କରିବାକୁ ଯାଇଥିଲେ । କେବଳ ମୟୂରଭଞ୍ଜରେ ନୁହେଁ ସମଗ୍ର ଓଡ଼ିଶାରେ ପ୍ରାଗୈତିହାସିକ ସ୍ଥାନମାନଙ୍କର ଅନାବରଣ କରିବାରେ ଥିଲେ ପ୍ରଥମ ଓଡ଼ିଆ ।

ଏ ସମସ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ମଧ୍ୟରେ ଲଣ୍ଡନଠାରେ ଅନୁଷ୍ଠିତ କଂଗ୍ରେସ ଅଫ୍ ଦି ଆନ୍ଥ୍ରୋପଲଜିକାଲ ଏଣ୍ଡ ଇକୋଲଜିକାଲ ସାଇନସେସ୍ ଓଡ଼ିଶାରେ ଯୋଗ ଦେଇଥିଲେ । ଏଠାରୁ ୧୮୦୦ରୁ ୧୮୨୫ ମସିହା– ଏଇ ଅବଧି ମଧ୍ୟରେ ମୟୂରଭଞ୍ଜର ଇତିହାସ ସମ୍ପର୍କିତ କେତେକ ଗୁରୁତ୍ୱପୂର୍ଣ୍ଣ ନଥିପତ୍ରର ନକଲ ଆଣିଥିଲେ । ମାତ୍ର ଏହାଠାରୁ ଶତଗୁଣରେ ଅଧିକ ଗୁରୁତ୍ୱପୂର୍ଣ୍ଣ ଥିଲା ଲଣ୍ଡନର ଏସିଆଟିକ୍ ସୋସାଇଟିର ପରିସର ମଧ୍ୟରୁ ଅନନ୍ତ ବାସୁଦେବ ମନ୍ଦିରର ମୌଳିକ ଶିଳାଲେଖ ଆବିଷ୍କାର କରିବା । ପରବର୍ତ୍ତୀ କାଳରେ ଏହି ଶିଳାଲେଖର ତର୍ଜମା କରି ସେ ଦେଢ଼ଶହ ବର୍ଷଧରି ଥିବା ଏକ ଭ୍ରାନ୍ତ ଧାରଣାକୁ ଦୂର କରିଥିଲେ । ଅନନ୍ତ ବାସୁଦେବ ମନ୍ଦିରର ନିର୍ମାତା ବଙ୍ଗଳାର ଭଞ୍ଜଭବଦେବ ନୁହଁନ୍ତି । ଓଡ଼ିଶାର ଗଙ୍ଗବଂଶର ନରପତି ପ୍ରଥମ ନରସିଂହଦେବଙ୍କ ଭଗିନୀ ତଥା ହୈହୟ ବଂଶର ନରପତି ପରମାର୍ଦ୍ଦି ଦେବଙ୍କ ପତ୍ନୀ ଚନ୍ଦ୍ରାଦେବୀ– ଏହି ସତ୍ୟକୁ ଉଦ୍‌ଘାଟିତ କରି ସମଗ୍ର ବିଶ୍ୱର ଇତିହାସବିତ୍ ଓ ପ୍ରତ୍ନତତ୍ତ୍ୱବିଦ୍‌ମାନଙ୍କୁ ସେ ଚମତ୍କୃତ କରି ଦେଇଥିଲେ ।

ଖିଚିଙ୍ଗ ସଂଗ୍ରହାଳୟ: କୀଚକେଶ୍ୱରୀ ମନ୍ଦିର ପରିସର ଓ ବିରାଟଗଡର ଧ୍ୱଂସାବଶେଷ ସଂରକ୍ଷିତ କରିବା ଏବଂ ପ୍ରଦର୍ଶିତ କରିବା ନିମନ୍ତେ ପରମାନନ୍ଦଙ୍କ ପ୍ରଚେଷ୍ଟାରେ ଖିଚିଙ୍ଗଠାରେ ଏକ ସଂଗ୍ରହାଳୟ ପ୍ରତିଷ୍ଠା କରାଗଲା । ସମଗ୍ର ଭାରତରେ ଥିବା ପ୍ରତ୍ନତାତ୍ତ୍ୱିକ ସଂଗ୍ରହାଳୟମାନଙ୍କ ମଧ୍ୟରେ ଖିଚିଙ୍ଗ ସଂଗ୍ରହାଳୟର ସ୍ଥାନ ସ୍ୱତନ୍ତ୍ର । ଏଠାରେ ସଂରକ୍ଷିତ ହିନ୍ଦୁ, ବୌଦ୍ଧ, ଜୈନ ମୂର୍ତ୍ତି, ମୁଦ୍ରା, ତାମ୍ରଶାସନ, ମୋହର ଐତିହାସିକ ଦୃଷ୍ଟିରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ । ବିଶେଷତଃ ଏଠାରେ ପ୍ରଦର୍ଶିତ ମହିଷମର୍ଦ୍ଦିନୀ ଦୁର୍ଗା ଏବଂ ହରଙ୍କ ବିଶାଳ ମୂର୍ତ୍ତି, ଉମାମହେଶ୍ୱର ଏବଂ ବୁଦ୍ଧ ମୂର୍ତ୍ତିରେ ପ୍ରକଟିତ ସୂକ୍ଷ୍ମ କାରୁକାର୍ଯ୍ୟ କଳାପ୍ରେମୀଙ୍କ ହୃଦୟରେ ଅପାର୍ଥିବ ସୌନ୍ଦର୍ଯ୍ୟର ଅନୁଭବ ଆଣିଦିଏ । ଏସବୁକୁ ଲକ୍ଷ୍ୟ କଲେ ଜଣାଯାଏ ଯେ, ଖିଜିଙ୍ଗକୋଟ୍ଟାର ଭଞ୍ଜ ଶାସକମାନଙ୍କ ରାଜତ୍ୱ କାଳରେ ଏହି ଅଞ୍ଚଳରେ ସ୍ଥାପତ୍ୟ କଳା ବିକାଶର ତୁଙ୍ଗସୀମା ସ୍ପର୍ଶ କରିଥିଲା ।

ଓଡ଼ିଶା ରାଜ୍ୟ ସଂଗ୍ରହାଳୟ: ଦେଶୀୟ ରାଜ୍ୟ ମିଶ୍ରଣ କାଳରେ ମୟୂରଭଞ୍ଜ ରାଜ୍ୟ ଓଡ଼ିଶାର ଅଙ୍ଗୀଭୂତ ହେଲା । ଏହି ଘଟଣା ପରମାନନ୍ଦଙ୍କ ଜୀବନରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କଲା । ବାରିପଦା ଓ ଖିଚିଙ୍ଗ ସଂଗ୍ରହାଳୟ ସଂଗଠନରେ ତାଙ୍କର ଅଭୁତପୂର୍ବ ସଫଳତାକୁ ବିଚାରକୁ ନିଆଯାଇ କଟକ ରେଭେନ୍ସା କଲେଜ ପରିସର ମଧ୍ୟରେ ଗବେଷଣା କେନ୍ଦ୍ର ଓ ସଂଗ୍ରହାଳୟରେ ତାଙ୍କୁ ଅଧୀକ୍ଷକଭାବେ ଅବସ୍ଥାପିତ କରାଗଲା । ଏହି ଗବେଷଣା କେନ୍ଦ୍ର ଦୁଇଜଣ ଉତ୍ସାହୀ ଅନୁସନ୍ଧିତ୍ସୁ ଯୁବକ ପ୍ରଫେସର ଘନଶ୍ୟାମ ଦାସ, ପ୍ରଫେସର ନିର୍ମଳ କୁମାର ବାନାର୍ଜୀଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ପ୍ରାଚୀ ଉପତ୍ୟକାରୁ ଆବିଷ୍କୃତ ମନ୍ଦିର ଓ ମୂର୍ତ୍ତିମାନଙ୍କ ସମ୍ବନ୍ଧରେ ପ୍ରକୃତ ତଥ୍ୟ ଉଦ୍‌ଘାଟନ କରିବା ଏହାର ମୂଳ ଲକ୍ଷ୍ୟ ଥିଲା । ପରମାନନ୍ଦଙ୍କ ଯୋଗଦାନ ପରେ ଏହାର ଆଭିମୁଖ୍ୟ ବ୍ୟାପକ ଓ ପ୍ରସାରିତ ହେଲା । ୧୯୪୯ ମସିହାରେ ଏହି ଗବେଷଣାକେନ୍ଦ୍ର କଟକସ୍ଥିତ ଶିକ୍ଷା ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ସ୍ଥାନାନ୍ତରିତ ହେଲା । ପରେ ପରେ ଏହା ପୁନଶ୍ଚ ଭୁବନେଶ୍ୱରକୁ ସ୍ଥାନାନ୍ତରିତ ହେଲା । ପରମାନନ୍ଦଙ୍କ ବ୍ୟକ୍ତିଗତ ପ୍ରଚେଷ୍ଟା ଫଳରେ ଏହି ସଂଗ୍ରହାଳୟରେ ବହୁ ସଂଖ୍ୟାରେ କଳାସାମଗ୍ରୀ ଠୁଳ ହେବାକୁ ଲାଗିଲା । ସେଗୁଡିକୁ ଯଥାଯଥ ଭାବେ ସ୍ଥାନିତ କରିବା ପାଇଁ ବହୁ ପ୍ରକୋଷ୍ଠ ବିଶିଷ୍ଟ ଏକ ସୌଧ ନିର୍ମାଣର ଆବଶ୍ୟକତା ଉପଲବ୍ଧ ହେଲା ।

ସଂଗ୍ରହାଳୟର ନୂତନ ସୌଧ ନିର୍ମାଣ ନିମନ୍ତେ ଖସଡା ପ୍ରସ୍ତୁତ କରି ସେ ଓଡ଼ିଶା ସରକାରଙ୍କୁ ପ୍ରଦାନ କଲେ ଏବଂ ନିରନ୍ତର ନିରବଚ୍ଛିନ୍ନ ଭାବେ ନିଜର ସ୍ୱପ୍ନକୁ ସାକାର କରିବାକୁ ଲାଗିପଡିଲେ ।

ରାଜ୍ୟ ମିଶ୍ରଣ ପରେ କଳାହାଣ୍ଡି ରାଜାଙ୍କ ଅଧୀନରେ ପ୍ରତ୍ନତତ୍ତ୍ୱ ବିଭାଗରେ କାର୍ଯ୍ୟ କରୁଥିବା ସତ୍ୟନାରାୟଣ ରାଜଗୁରୁ, କେଦାର ନାଥ ମହାପାତ୍ର ଆସି ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଅଧିକାରୀ ଭାବେ ଯୋଗ ଦେଇଥିଲେ । ପରେ ପରେ ବିଶିଷ୍ଟ ଐତିହାସିକ ଡଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଓ ସୁଶୀଲ ଚନ୍ଦ୍ର ଦେ ଏହି ଅନୁଷ୍ଠାନରେ ଅନ୍ତର୍ଭୁକ୍ତ ହେଲେ । କେଦାରନାଥ ତାଳପତ୍ର ପୋଥି ଅନୁଶୀଳନ, ସତ୍ୟନାରାୟଣ ରାଜଗୁରୁ ପ୍ରାଚୀନ ତାମ୍ର ଶାସନ ଓ ଶିଳାଲେଖ ଅଧ୍ୟୟନରେ ପ୍ରବୀଣ ଥିଲେ । ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କର ଉଭୟ ସ୍ଥପତି ବିଜ୍ଞାନ ଓ କ୍ଷେତ୍ର ଅଭିଜ୍ଞତା ଥିଲା ପ୍ରଚୁର । ସୁଶୀଲ ଚନ୍ଦ୍ର ଦେ ଐତିହାସିକ ଦଲିଲ୍ ଓ ନଥିପତ୍ର ଅଧ୍ୟୟନରେ ବିଶେଷ ଦକ୍ଷତା ହାସଲ କରିଥିଲେ । ଅସୀମ ଜ୍ଞାନର ଦିଗ୍‌ଗଜ ଏହି ଚାରିଜଣଙ୍କ ସହଯୋଗରେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଭିବୃଦ୍ଧି ସାଧନ କରିଥିଲେ ପରମାନନ୍ଦ । ଏହା ଏତେ ବେଶୀ ସମ୍ପ୍ରସାରିତ ହେଲା ଯେ ସଂଗ୍ରହାଳୟର ମୂଳଶାଖାରୁ ବିଚ୍ଛିନ୍ନ ହୋଇ ରାଜ୍ୟ ପତ୍ନତତ୍ତ୍ୱ ବିଭାଗ ଓ ରାଜ୍ୟ ଅଭିଲେଖାଗାର ନାମରେ ନୂତନ ଅନୁଷ୍ଠାନ ସଂଗଠିତ ହେଲା । ସଂଗ୍ରହାଳୟର

ଅଧୀକ୍ଷକ ଦାୟିତ୍ୱ ସହ ଓଡ଼ିଶା ହିଷ୍ଟ୍ରିକାଲ୍ ରିସର୍ଚ୍ଚ ଜର୍ନାଲ୍ ନାମକ ଏକ ଗବେଷଣାମୂଳକ ପତ୍ରିକା ସମ୍ପାଦନ କାର୍ଯ୍ୟ ଖୁବ୍ ନିଷ୍ଠାର ସହ ତୁଲାଉଥିଲେ ସେ । କଳା, ଇତିହାସ, ଧର୍ମ, ସଂସ୍କୃତି, ନୃତତ୍ତ୍ୱ ଲୋକଜୀବନକୁ ନେଇ ଏହି ପତ୍ରିକାରେ ବହୁ ଉଚ୍ଚକୋଟୀର ଲେଖାମାନ ପ୍ରକାଶିତ ହେଉଥିଲା ଏବଂ ଏଯାବତ୍ ଏହି ପତ୍ରିକା ପ୍ରକାଶ ପାଉଛି ।

୧୯୫୭ ମସିହା ଡିସେମ୍ବର ୨୯ ତାରିଖରେ ଭାରତର ପ୍ରଥମ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ସଂଗ୍ରହାଳୟର ଏହି ନୂତନ ସୌଧ ଉଦ୍‌ଘାଟନ କରିଥିଲେ ।

ଆଜି ପ୍ରତ୍ନତତ୍ତ୍ୱ, ପୋଥି, ଚାରୁକଳା, ପଟ୍ଟଚିତ୍ର, ଅସ୍ତ୍ରଶସ୍ତ୍ର, ନୃତତ୍ତ୍ୱ, ମୁଦ୍ରା, ଲିପିତତ୍ତ୍ୱ, ପ୍ରାଣୀ ବିଜ୍ଞାନ, ଗ୍ୟାଲେରୀ ଏବଂ ସଂଗ୍ରହାଳୟର ପୁଷ୍ପ ମଣ୍ଡିତ, ବୃକ୍ଷଶୋଭିତ ଉଦ୍ୟାନ ଏସବୁକୁ ବୁଲି ଦେଖିଲାବେଳେ ତରୁଣ ଓ ବୟସ୍କ ଦର୍ଶକମାନେ ଯେଉଁ ଆମୋଦ ଅନୁଭବ କରୁଛନ୍ତି, ତା'ର ଅନ୍ତରାଳରେ ନିହିତ ଥିଲା ପରମାନନ୍ଦଙ୍କ ପ୍ରାଜ୍ଞ, ଶାଣିତ ଅନ୍ତର୍ଦୃଷ୍ଟି ଓ ଅନୁରକ୍ତି, ସ୍ୱପ୍ନ ଓ ଶ୍ରମ । ଏହି ଅବସରରେ ରାଜ୍ୟ ସଂଗ୍ରହାଳୟର ପ୍ରତିଷ୍ଠା ଦିବସରେ ଓଡ଼ିଶାର ସେହି ସାଂସ୍କୃତିକ ବରପୁତ୍ରଙ୍କୁ ସଶ୍ରଦ୍ଧ ପ୍ରଣାମ ।

ସଂଗ୍ରହାଧ୍ୟକ୍ଷା
ଓଡ଼ିଶା ରାଜ୍ୟ ସଂଗ୍ରହାଳୟ
ଭୁବନେଶ୍ୱର

❖ ❖ ❖

# ସର୍‌ଗି ଫୁଲ ଛାତ୍ରଛାତ୍ରୀ ମହୋତ୍ସବ ଆଦିବାସୀ ପ୍ରତିଭାର ଯଥାର୍ଥ ଦର୍ପଣ

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ୟୁନିଟ୍-୧ସ୍ଥିତ ଆଦିବାସୀ ପଡିଆଠାରେ 'ସର୍‌ଗିଫୁଲ' ରାଜ୍ୟସ୍ତରୀୟ ଛାତ୍ରଛାତ୍ରୀ ମହୋତ୍ସବ-୨୦୧୨କୁ ବିଭାଗୀୟ ମନ୍ତ୍ରୀ ଶ୍ରୀ ଲାଲ୍ ବିହାରୀ ହିମିରିକା ଉଦ୍‌ଘାଟନ କରିଛନ୍ତି ।

ଉଦ୍‌ଘାଟନ ସମାରୋହ ଅବସରରେ ମନ୍ତ୍ରୀ ଶ୍ରୀ ହିମିରିକା କହିଥିଲେ ଯେ, ସର୍‌ଗିଫୁଲ ମହୋତ୍ସବ ଆଦିବାସୀ ପ୍ରତିଭାର ଯଥାର୍ଥ ଦର୍ପଣ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ବୃଦ୍ଧି ପାଉ । ଆମ ବିଭାଗ ପକ୍ଷରୁ ଏହି ବର୍ଗର ଛାତ୍ରଛାତ୍ରୀଙ୍କ ଶିକ୍ଷାର ବିକାଶ ନିମନ୍ତେ ସମସ୍ତ କଲ୍ୟାଣମୂଳକ ଯୋଜନା କାର୍ଯ୍ୟକାରୀ କରାଯାଉଛି । ପ୍ରତିଭାବାନ ଛାତ୍ରଛାତ୍ରୀମାନେ ଏଠାରେ ଆୟୋଜିତ ବିଭିନ୍ନ କର୍ମଶାଳାରୁ ଭବିଷ୍ୟତ ଗଠନ ପାଇଁ ବହୁ ଉପାଦେୟ ଶିକ୍ଷାଲାଭ କରିପାରିବେ । ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ସେମାନେ ନିଜର ପ୍ରତିଭା ପ୍ରଦର୍ଶନ କରିବେ । ବିଭିନ୍ନ ଜିଲ୍ଲାରୁ ଆସିଥିବା ସାଥୀମାନଙ୍କ ସହିତ ମିଶି ଭାବ ବିନିମୟ କରିବେ । ଏହି ଉତ୍ସବରୁ ମିଳିଥିବା ଅନୁଭୂତିକୁ ସେମାନେ ନିଜ ବିଦ୍ୟାଳୟକୁ ଫେରିଯାଇ ସହପାଠୀଙ୍କ ସହିତ ବାଣ୍ଟିବେ ବୋଲି ମନ୍ତ୍ରୀ ଶ୍ରୀ ହିମିରିକା କନ୍ଧ ଭାଷାରେ ପରାମର୍ଶ ହେଇଥିଲେ ।

ସମ୍ମାନିତ ଅତିଥିଭାବେ ଯୋଗଦେଇ ବୟନ ଓ ହସ୍ତତନ୍ତ ମନ୍ତ୍ରୀ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ୍ କହିଥିଲେ ଯେ, ଛାତ୍ରଛାତ୍ରୀମାନେ ଏହି ସର୍‌ଗିଫୁଲ ମହୋତ୍ସବରୁ ଅନୁଭୂତି ନେଇ ଅଧାରୁ ପାଠପଢା ଛାଡୁଥିବା ପିଲାମାନଙ୍କୁ ଶିକ୍ଷା ଦେବେ, ଯେପରି ସେମାନେ ପୁଣି ଥରେ ପଢିବାକୁ ଆଗ୍ରହୀ ହେବେ ।

ୟୁନିସେଫ୍‌ର ମୁଖ୍ୟ କ୍ଷେତ୍ର ଅଧିକାରୀ ମିସ୍ ୟୁମି ବେ ଏହି ମହୋତ୍ସବରେ ଅନ୍ୟତମ ଅତିଥିଭାବେ ଯୋଗଦେଇ କହିଲେ ଯେ, ସର୍‌ଗିଫୁଲ ମହୋତ୍ସବ ଦ୍ୱାରା ଆଦିବାସୀ ଅଞ୍ଚଳରେ ଗୁଣାତ୍ମକ ଶିକ୍ଷାର ସୁଯୋଗ ସୃଷ୍ଟି ହୋଇପାରିଛି । ପିଲାମାନେ ସ୍କୁଲ ଆସି ପାଠ ପଢି ଖେଳିବା ସହିତ ମଜା କରନ୍ତୁ ବୋଲି କହିଥିଲେ ।

# ଓଡ଼ିଶାରେ ସାକ୍ଷରଭାରତ କାର୍ଯ୍ୟକ୍ରମ

ଡକ୍ଟର ଶରତ କୁମାର ବିଶ୍ୱାଳ

ସାକ୍ଷରତା ହେଉଛି ସବୁ ସମସ୍ୟା ସମାଧାନର ଚାବିକାଠି । ବିକାଶର ପ୍ରଥମ ପାହାଚ । ସାକ୍ଷରତା ମଣିଷ ଭିତରେ ଥିବା ଅସୀମ ଶକ୍ତିର ବିକାଶ ଘଟାଇ କାମରେ ଲଗାଇଥାଏ । ସାକ୍ଷରତା ବଳରେ ବ୍ୟକ୍ତି ପ୍ରଗତିମୂଳକ କାର୍ଯ୍ୟରେ ସକ୍ରିୟ ଅଂଶ ଗ୍ରହଣ କରିବାକୁ ସକ୍ଷମ ହୋଇଥାଏ । ଲୋକମାନେ ସାକ୍ଷର ହେଲେ ସଚେତନ ହେବେ, ମୁକ୍ତ ହେବେ ଓ ସ୍ୱାଧୀନ ଭାବରେ ବଞ୍ଚିବା ପାଇଁ ସକ୍ଷମ ହେବେ । ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ସାକ୍ଷରତାର ଆବଶ୍ୟକତା ଅନସ୍ୱୀକାର୍ଯ୍ୟ । ଜାତିର ପିତା ମହାତ୍ମା ଗାନ୍ଧୀ ଭାରତର ସ୍ୱାଧୀନତା ପାଇଁ ଆନ୍ଦୋଳନ ଚଳାଇଥିବା ବେଳେ କହୁଥିଲେ, ଭାରତର ଲୋକମାନେ ସାକ୍ଷର ହେବା ନିତାନ୍ତ ଜରୁରୀ । ଲୋକମାନେ ସାକ୍ଷର ହେଲେ ସଚେତନ ହେବେ । ସଚେତନ ହେଲେ ସ୍ୱାଧୀନ ହେବ । ଦେଶ ସ୍ୱାଧୀନ ହେବା ପରେ ସରକାର ଶିକ୍ଷାର ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି । ନିରକ୍ଷରମାନଙ୍କୁ ସାକ୍ଷର କରିବା ପାଇଁ ୧୯୭୮ ମସିହା ଅକ୍ଟୋବର ୨ ତାରିଖରେ ଜାତୀୟ ପ୍ରୌଢ଼ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ୧୯୮୮ ମସିହା ମେ’ ମାସ ୫ ତାରିଖରେ ଜାତୀୟ ସାକ୍ଷରତା ମିଶନ କାର୍ଯ୍ୟକ୍ରମ ଆରମ୍ଭ ହେଲା । ୧୫ରୁ ୩୫ ବର୍ଷ ବୟସର ନିରକ୍ଷରମାନେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ସାକ୍ଷର ହେଲେ । ତଥାପି ବହୁଲୋକ ନିରକ୍ଷର ଥିବାର ଜଣାପଡ଼ିଲା । ଲୋକମାନଙ୍କୁ ସାକ୍ଷର କରିବା ପାଇଁ ୨୦୦୯ ମସିହା ସେପ୍ଟେମ୍ବର ୮ ତାରିଖ ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳନ ଅବସରରେ ଭାରତର ପ୍ରଧାନମନ୍ତ୍ରୀ ‘ସାକ୍ଷର ଭାରତ ମିଶନ୍’ର ଶୁଭାରମ୍ଭ କଲେ ।

ସାକ୍ଷର ଭାରତ ମିଶନ୍ କାର୍ଯ୍ୟକ୍ରମ ମାଧ୍ୟମରେ ଦେଶରେ ୧୫ ବର୍ଷ ବୟସ କିମ୍ବା ତଦୁର୍ଦ୍ଧ୍ୱ ୭ କୋଟି ନିରକ୍ଷରଙ୍କୁ ସାକ୍ଷର କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଦେଶର ସାକ୍ଷରତା ହାରକୁ ଶତକଡ଼ା ୮୦ ଭାଗକୁ ବୃଦ୍ଧି କରିବା ସହ ପୁରୁଷ ଓ ମହିଳା ସାକ୍ଷରତା ହାର ଭିତରେ ଥିବା ତାରତମ୍ୟକୁ କମାଇବା ପାଇଁ ଲକ୍ଷ୍ୟ ରହିଛି । ଏହି ମିଶନ୍, ଭାରତରେ ଏକ ‘ସାକ୍ଷର ପରିବେଶ’ ସୃଷ୍ଟି କରିବାକୁ ପ୍ରଯତ୍ନ କରିବ, ଯାହାକି ‘ସାକ୍ଷର ସମାଜ’ ଗଠନ ପାଇଁ ଅନୁକୂଳ ହେବ । ଦେଶରେ ଆଞ୍ଚଳିକ ଓ ସାମାଜିକ ସ୍ତରରେ ଥିବା ସାକ୍ଷରତା ହାରର ତାରତମ୍ୟକୁ ହ୍ରାସ କରିବା ପାଇଁ ଉଦ୍ୟମ କରିବ । ଏତଦ୍‌ବ୍ୟତୀତ ସୁବିଧା ସୁଯୋଗରୁ ବଞ୍ଚିତ ଲୋକମାନଙ୍କର ବିକାଶ ପାଇଁ ସଚେତନତା ସୃଷ୍ଟି କରିବା ସାକ୍ଷର ଭାରତ କାର୍ଯ୍ୟକ୍ରମରେ ନିରକ୍ଷର ମହିଳାମାନଙ୍କୁ ସାକ୍ଷର କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ପଞ୍ଚାୟତିରାଜ ସଂସ୍ଥାମାନଙ୍କରେ ମହିଳାମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ସହ ସ୍ୱୟଂସହାୟକ ଗୋଷ୍ଠୀ ଗଠନ କରି ମହିଳାମାନଙ୍କର ଆତ୍ମନିଯୁକ୍ତିର ବ୍ୟବସ୍ଥା କରାଯାଇଛି । ନାରୀମାନଙ୍କର ସଶକ୍ତିକରଣ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି । ସାକ୍ଷରତା ହିଁ ମହିଳାମାନଙ୍କୁ ସଶକ୍ତିକରଣ କରାଇବାରେ ପଥପ୍ରଦର୍ଶକ ଭାବେ କାର୍ଯ୍ୟ କରିପାରିବ । ପୁରୁଷଟିଏ ସାକ୍ଷର ହେଲେ ଜଣେ ସାକ୍ଷର ହୁଏ, କିନ୍ତୁ ମହିଳାଟିଏ ସାକ୍ଷର ହେଲେ ସାରା ପରିବାର ସାକ୍ଷର ହୁଏ । ଅନୁସୂଚିତ ଜାତି, ଜନଜାତି, ଭିନ୍ନକ୍ଷମ, ସଂଖ୍ୟାଲଘୁ ସଂପ୍ରଦାୟ ଓ ଗ୍ରାମାଞ୍ଚଳର ନିରକ୍ଷର ଲୋକମାନଙ୍କୁ ସାକ୍ଷର କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏହି ସାକ୍ଷର ଭାରତ କାର୍ଯ୍ୟକ୍ରମ ଶିକ୍ଷା ଓ ଚେତନା ଜାଗରଣର ଏକ ନୂଆପର୍ବ । ଏହା ନିରକ୍ଷରମାନଙ୍କୁ କେବଳ ଅକ୍ଷର ଶିକ୍ଷା ଦେବାପାଇଁ ଅଭିପ୍ରେତ ନୁହେଁ । ନିରକ୍ଷରମାନଙ୍କୁ ସାକ୍ଷର କରାଇ ଅର୍ଥାତ୍ ଲେଖିବା, ପଢ଼ିବା ଓ ଗଣିପାରିବା ସହ ବୃତ୍ତିଗତ କୌଶଳ ତାଲିମ ପ୍ରଦାନ କରି ସେମାନଙ୍କର ଆୟ ବୃଦ୍ଧି ଓ ଜୀବନ ଶୈଳୀରେ ଅଭିବୃଦ୍ଧି ଆଣିବା ପାଇଁ ଲକ୍ଷ୍ୟ ରଖାଯାଇଛି । ନବ ସାକ୍ଷରମାନଙ୍କୁ

ନିରନ୍ତର ଶିକ୍ଷାର ସୁଯୋଗ ପ୍ରଦାନ କରି ଏକ ଶିକ୍ଷିତ ସମାଜ ପ୍ରବର୍ତ୍ତନ କରିବା ସହିତ ଆନୁଷ୍ଠାନିକ ଶିକ୍ଷାର ସ୍ତରସହ ସମକକ୍ଷ କରାଇବା ଲାଗି ସାକ୍ଷର ଭାରତ ମିଶନ୍‌ର କାର୍ଯ୍ୟକ୍ରମ ରହିଛି । ନିରକ୍ଷରମାନଙ୍କୁ ବ୍ୟବହାରିକ ସାକ୍ଷରତା ଓ ହିସାବପତ୍ରରେ ଦକ୍ଷତା ପ୍ରଦାନ ମଧ୍ୟ ଏହାର ଉଦ୍ଦେଶ୍ୟ । ନବ ସାକ୍ଷରମାନଙ୍କୁ ଧନ୍ଦାମୂଳକ ଜ୍ଞାନକୌଶଳ ପ୍ରଦାନ କରି ଆତ୍ମ ନିଯୁକ୍ତିର ପଥ ଉନ୍ମୁକ୍ତ କରିବାର ବ୍ୟବସ୍ଥା ଅଛି ।

ଓଡ଼ିଶାରେ 'ସାକ୍ଷରଭାରତ' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଆମର ମୁଖ୍ୟମନ୍ତ୍ରୀ କଳାହାଣ୍ଡି ଜିଲ୍ଲାର ଜୁନାଗଡଠାରେ ସାକ୍ଷର ଭାରତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଶିକ୍ଷା କ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟରେ ପ୍ରତିଷ୍ଠିତ କରାଇବା ପାଇଁ ସରକାର ଉଦ୍ୟମ କରୁଛନ୍ତି । ସ୍ୱାଧୀନତା ପରେ ୧୯୫୧ ଜନଗଣନା ଅନୁସାରେ ଓଡ଼ିଶାର ସାକ୍ଷରତା ହାର ୧୫.୮୦ ଥିଲା । ପୁରୁଷ ସାକ୍ଷରତା ହାର ୨୭.୩୨ ଥିଲାବେଳେ ମହିଳା ସାକ୍ଷରତା ହାର ୪.୫୨ ଥିଲା । ୨୦୦୧ ମସିହାରେ ଓଡ଼ିଶାର ସାକ୍ଷରତା ହାର ୬୩.୦୮ ଥିଲାବେଳେ ମହିଳା ସାକ୍ଷରତା ହାର ୫୦.୫୧ ଥିଲା । ଭାରତର ସାକ୍ଷରତା ହାର ୬୪.୮୪ ଥିଲାବେଳେ ମହିଳା ସାକ୍ଷରତା ହାର ୫୩.୬୭ ଥିଲା । ୨୦୦୧ ଜନଗଣନା ଅନୁସାରେ ମହିଳା ସାକ୍ଷରତା ହାର ଶତକଡା ୫୦ କିମ୍ବା ତହିଁରୁ କମ୍ ଯେଉଁ ଜିଲ୍ଲାମାନଙ୍କରେ ଥିଲା, ସେହି ଜିଲ୍ଲାଗୁଡିକରେ ସାକ୍ଷର ଭାରତ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଇବା ପାଇଁ ସ୍ଥିର ହୋଇଛି । ଏହାକୁ ଭିତ୍ତିକରି ଓଡ଼ିଶାରେ ୧୯ଟି ଜିଲ୍ଲାରେ ସାକ୍ଷର ଭାରତ କାର୍ଯ୍ୟକ୍ରମକୁ ମଞ୍ଜୁରୀ ମିଳିଛି । ପ୍ରଥମ ପର୍ଯ୍ୟାୟରେ କଳାହାଣ୍ଡି, ବଲାଙ୍ଗୀର ଓ ସୁନ୍ଦରଗଡ ଜିଲ୍ଲାର ୪୪ଟି ବ୍ଲକ୍ ଅନ୍ତର୍ଗତ ୮୨୦ ଗ୍ରାମପଞ୍ଚାୟତରେ ଏହା କାର୍ଯ୍ୟକାରୀ ହେଉଛି । ଏଥିମଧ୍ୟରେ ଆଉ ୧୬ଗୋଟି ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଜାତୀୟ ସାକ୍ଷରତା ମିଶନ କର୍ତ୍ତୃପକ୍ଷ ଅନୁମତି ଦେଇଛନ୍ତି । ଏହା ମଧ୍ୟରେ ୨୦୧୧ ମସିହାର ଜନଗଣନା ରିପୋର୍ଟ ପ୍ରକାଶ ପାଇଛି । ଭାରତର ସାକ୍ଷରତା ହାର ୭୪.୦୪ରେ ପହଞ୍ଚିଛି । ପୁରୁଷ ସାକ୍ଷରତା ହାର ୮୨.୧୪ ଥିବାବେଳେ ମହିଳା ସାକ୍ଷରତା ହାର ୬୫.୪୬କୁ ବୃଦ୍ଧି ପାଇଛି । ୨୦୧୧ ଜନଗଣନାନୁସାରେ ଓଡ଼ିଶାର ସାକ୍ଷରତା ହାର ୭୩.୪୫ ଅଛି । ପୁରୁଷ ସାକ୍ଷରତା ହାର ୮୨.୪୦ ଥିଲାବେଳେ ମହିଳା ସାକ୍ଷରତା ହାର ୬୪.୩୬ ଅଛି । ଏହି ସାକ୍ଷରତା ହାର ବୃଦ୍ଧିରେ ସାକ୍ଷରତା ମିଶନ କର୍ତ୍ତୃପକ୍ଷ ଓ ଅଗଣିତ ସଂକଳ୍ପ କର୍ମୀଙ୍କ ଭୂମିକା ସ୍ୱାଗତଯୋଗ୍ୟ ।

ସାକ୍ଷର ଭାରତ ଏକ ଜାତୀୟ କାର୍ଯ୍ୟକ୍ରମ । ଜାତୀୟ ସାକ୍ଷରତା ମିଶନ କର୍ତ୍ତୃପକ୍ଷ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି । ଓଡ଼ିଶାରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସାକ୍ଷରତା ମିଶନ କର୍ତ୍ତୃପକ୍ଷ ଗଠିତ ହୋଇଛି । ରାଜ୍ୟ ଗଣଶିକ୍ଷା ନିର୍ଦ୍ଦେଶାଳୟ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି । ଜିଲ୍ଲା ସ୍ତରରେ ଜିଲ୍ଲା ସାକ୍ଷରତା ସମିତି ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଢାହୋଇ ସାକ୍ଷରଭାରତ କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି । ଜିଲ୍ଲା ପ୍ରକଳ୍ପ ସଂଯୋଜକ ଓ ଜିଲ୍ଲା ଗଣଶିକ୍ଷା ଅଧିକାରୀ ଏଥିପାଇଁ ଜିଲ୍ଲାପାଳଙ୍କୁ ସହାୟତା କରୁଛନ୍ତି । ପ୍ରତି ଜିଲ୍ଲା ସ୍ତରରେ ୪ଜଣ ସଂଯୋଜକ ନିୟୋଜିତ ହୋଇ ଏହି କାର୍ଯ୍ୟକୁ ପରିଦର୍ଶନ କରୁଛନ୍ତି, ପରାମର୍ଶ ଦେଉଛନ୍ତି ଓ ପରିଚାଳନା କାର୍ଯ୍ୟରେ ସାହାଯ୍ୟ କରୁଛନ୍ତି । ଗଣଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସବୁ କାର୍ଯ୍ୟକ୍ରମକୁ ତଦାରଖ କରୁଛନ୍ତି । ବ୍ଲକସ୍ତରରେ ବ୍ଲକ ଚେୟାରମ୍ୟାନଙ୍କ ଅଧ୍ୟକ୍ଷତାରେ ବ୍ଲକ ଲୋକ ଶିକ୍ଷା ସମିତି ଗଠିତ ହୋଇଛି । ଏହି କାର୍ଯ୍ୟକୁ ପରିଦର୍ଶନ ଓ ତଦାରଖ କରିବା ପାଇଁ ପ୍ରତି ବ୍ଲକରେ ଜଣେ ଲେଖାଏଁ ବ୍ଲକ ସଂଯୋଜକ ନିୟୋଜିତ ହୋଇଛନ୍ତି । ଏତଦ୍‌ବ୍ୟତୀତ ସ୍କୁଲ ଏସ୍.ଆଇମାନେ ମଧ୍ୟ ସାକ୍ଷରତା କେନ୍ଦ୍ର ପରିଦର୍ଶନ ଓ ତଦାରଖ କରୁଛନ୍ତି । ପ୍ରତି ପଞ୍ଚାୟତରେ ଲୋକଶିକ୍ଷା କେନ୍ଦ୍ର ସ୍ଥାପିତ ହୋଇଛି । ସରପଞ୍ଚଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତରେ ଲୋକଶିକ୍ଷା ସମିତି ଗଠନ କରାଯାଇ ସାକ୍ଷରତା କାର୍ଯ୍ୟକ୍ରମକୁ ପରିଚାଳନା କରାଯାଉଛି । ଏହି ଲୋକଶିକ୍ଷା କେନ୍ଦ୍ରରେ ୨ଜଣ ପ୍ରେରକ ନିୟୋଜିତ ହୋଇଛନ୍ତି । ସେମାନେ ସର୍ଭେ କରି ନିରକ୍ଷରମାନଙ୍କୁ ଚିହ୍ନଟ କରୁଛନ୍ତି ଓ ପ୍ରମୁଖ ପ୍ରଶିକ୍ଷକ ଭାବେ ସ୍ୱେଚ୍ଛାସେବୀ ଶିକ୍ଷାଦାତାମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି । ପ୍ରତି 'ଶିକ୍ଷାକେନ୍ଦ୍ର'ରେ ୮ରୁ ୧୦ ଜଣ ନିରକ୍ଷରଙ୍କୁ ଜଣେ ସ୍ୱେଚ୍ଛାସେବୀ ଶିକ୍ଷାଦାତା ପଢାଉଛନ୍ତି । ନିରକ୍ଷରମାନଙ୍କର ନାମ ଲୋକଶିକ୍ଷା କେନ୍ଦ୍ରରେ ପଞ୍ଜୀକୃତ କରାଯିବାର ବ୍ୟବସ୍ଥା ଅଛି । ଲୋକଶିକ୍ଷା କେନ୍ଦ୍ରଟି ପଞ୍ଚାୟତର ସୂଚନା କେନ୍ଦ୍ର ଭାବେ କାମ କରୁଛି । ପ୍ରେରକମାନେ ରାଜ୍ୟ ସରକାରଙ୍କର ପ୍ରତ୍ୟେକ ବିଭାଗର ଜନହିତକର ଯୋଜନା ବିଷୟରେ ନବସାକ୍ଷର ଓ ନିରକ୍ଷରମାନଙ୍କୁ ସୂଚନା ଦେଉଛନ୍ତି । ନିରକ୍ଷର ଓ ନବସାକ୍ଷରମାନଙ୍କ ଆମୋଦ ପ୍ରମୋଦ ପାଇଁ ଟିଭି, ରେଡିଓ, ଖେଳ ସରଞ୍ଜାମ, ପୁସ୍ତକ ଓ ପତ୍ରିକା ଇତ୍ୟାଦିର ବ୍ୟବସ୍ଥା ଅଛି । ତିନି ମାସ ଭିତରେ ନିରକ୍ଷରମାନଙ୍କୁ ସାକ୍ଷର କରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଛି । ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର, ସାଧନ ଓ କୌଶଳ ପ୍ରଦାନ କରିବା ସହ ପ୍ରେରକ, ସଂଯୋଜକ ଓ ସାଧକମାନଙ୍କର ପ୍ରଶିକ୍ଷଣ ଦାୟିତ୍ୱ ନିର୍ବାହ କରୁଛନ୍ତି ।

ପଠନ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରି ଯୋଗାଇ ଦେଉଛନ୍ତି । କ୍ଷେତ୍ର କର୍ମକର୍ତ୍ତାମାନଙ୍କର ଦକ୍ଷତା ଅଭିବୃଦ୍ଧି କରିବା ସହ ସାକ୍ଷରତା ପ୍ରତି ଗଣ ସଚେତନତା ସୃଷ୍ଟି କରିବାର ଦାୟିତ୍ୱ ବହନ କରିଛନ୍ତି । ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପଥପ୍ରାନ୍ତ ନାଟକ ମାଧ୍ୟମରେ ଅନୁକୂଳ ପରିବେଶ ସୃଷ୍ଟି କରିବା, ଜନଶିକ୍ଷା ସାଧନ କେନ୍ଦ୍ରର କାର୍ଯ୍ୟ । ପ୍ରେରକମାନେ ସ୍ୱେଚ୍ଛାସେବୀ ଶିକ୍ଷାଦାତାମାନଙ୍କୁ ତାଲିମ ଦେଉଛନ୍ତି । ପ୍ରତ୍ୟେକ ସାକ୍ଷରତା କେନ୍ଦ୍ରକୁ ସିଲଟ, ଖଡି, କଲମ, ଖାତା, ପେନ୍‌ସିଲ୍, ରବର, ଡଷ୍ଟର, ବ୍ଲାକବୋର୍ଡ ଓ ଚକ୍ ଖଡି ଯୋଗାଇ ଦେବାର ବ୍ୟବସ୍ଥା ଅଛି । ନବସାକ୍ଷରମାନଙ୍କର ମୂଲ୍ୟାୟନ ପାଇଁ ଜାତୀୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ପ୍ରତି ଛଅ ମାସରେ ଥରେ ପରୀକ୍ଷା କରି କୃତୀ ନବସାକ୍ଷରମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି । ଆମ ରାଜ୍ୟରେ କୃତୀ ନବସାକ୍ଷରମାନେ ପ୍ରମାଣପତ୍ର ପାଇଲେଣି । ଜିଲ୍ଲାସ୍ତରରେ ଜନଶିକ୍ଷଣ ସଂସ୍ଥା ଏନ୍.ଜି.ଓମାନଙ୍କ ଦ୍ୱାରା ପରିଚାଳିତ ହେଉଛି । ଏଠାରେ ନବସାକ୍ଷରମାନଙ୍କୁ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରାଯାଉଛି । ଏହା ସେମାନଙ୍କୁ ଆତ୍ମ ନିଯୁକ୍ତିରେ ସହାୟକ ହେଉଛି । ୨୦୧୧ ଜନଗଣନା ଅନୁଯାୟୀ ନବରଙ୍ଗପୁର ଜିଲ୍ଲାର ସାକ୍ଷରତା ହାର ସର୍ବନିମ୍ନ ୪୮.୨ ଅଛି । ନୂଆପଡା, କଳାହାଣ୍ଡି, ରାୟଗଡା, ନବରଙ୍ଗପୁର, କୋରାପୁଟ, ମାଲକାନଗିରି ଓ ଗଜପତି ଜିଲ୍ଲାରେ ମହିଳା ସାକ୍ଷରତା ହାର ଶତକଡା ୫୦ ଭାଗରୁ କମ୍ ଅଛି । ଏସବୁ ଜିଲ୍ଲାରେ ସାକ୍ଷରତା କାର୍ଯ୍ୟକ୍ରମକୁ ବ୍ୟାପକ ଭାବେ କାର୍ଯ୍ୟକାରୀ କରାଇବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ସାକ୍ଷର ଭାରତକୁ ଓଡ଼ିଶାରେ ସଫଳ କରିବା ପାଇଁ ପଞ୍ଚାୟତିରାଜ ସଂସ୍ଥାଗୁଡିକର ସହଯୋଗ ଏକାନ୍ତ କାମ୍ୟ । ଏତଦ୍‌ବ୍ୟତୀତ ରାଜ୍ୟ କୃଷି, ସ୍ୱାସ୍ଥ୍ୟ, ସମବାୟ, ପଶୁପାଳନ, ମତ୍ସ୍ୟ, ଜଙ୍ଗଲ, ଉଦ୍ୟାନ, ଖେଳ, ହସ୍ତଶିଳ୍ପ, ଯୁବକଲ୍ୟାଣ ଓ ମହିଳା ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ସହଯୋଗ ସାକ୍ଷରଭାରତ ମିଶନର ସଫଳତା ପାଇଁ ଆବଶ୍ୟକ ।

ପୃଥିବୀରେ ଥିବା ନିରକ୍ଷର ଲୋକଙ୍କ ସଂଖ୍ୟାର ଏକ ବୃହତ ଅଂଶ ଆମ ଦେଶରେ ବାସ କରୁଛନ୍ତି । ଦାରିଦ୍ର୍ୟତା, ଜନସଂଖ୍ୟାର ବିସ୍ଫୋରଣ ଓ ପ୍ରାଥମିକ ବିଦ୍ୟାଳୟରେ ସବୁ ପିଲାଙ୍କୁ ନାମ ଲେଖାଇ ପାଠ ପଢାଇବାର ଅକ୍ଷମତା ହିଁ ନିରକ୍ଷରଙ୍କ ସଂଖ୍ୟା ବୃଦ୍ଧିର ମୁଖ୍ୟ କାରଣ । ଗରିବ ସୀମାରେଖା ତଳେ ଥିବା ପରିବାରରେ ନିରକ୍ଷରଙ୍କ ସଂଖ୍ୟା ଅଧିକ । ନିରକ୍ଷରତା ଏକ ଜାତୀୟ ସମସ୍ୟା । ସେଥିପାଇଁ ସରକାର ନିରକ୍ଷରତା ଦୂର କରିବା ପାଇଁ ଚେଷ୍ଟା ଚଳାଇଛନ୍ତି । ଜାତୀୟ ସାକ୍ଷରତା ମିଶନ କର୍ତ୍ତୃପକ୍ଷ ଓ ରାଜ୍ୟ ସାକ୍ଷରତା ମିଶନ କର୍ତ୍ତୃପକ୍ଷ ନିରକ୍ଷରମାନଙ୍କୁ ସାକ୍ଷର କରାଇ ଦେଶର ପ୍ରଗତିର ଆହ୍ୱାନକୁ ସମ୍ମୁଖୀନ ହେବାପାଇଁ କାର୍ଯ୍ୟକ୍ଷମ କରାଇବାକୁ ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରୁଛନ୍ତି । ନାରୀ ଓ ପୁରୁଷ ଉଭୟ ପାଠ ପଢି ସାକ୍ଷର ହେଲେ ଦେଶର ଉନ୍ନତି ହେବ । କାରଣ ସାକ୍ଷରତା ହିଁ ମାନବ ଜୀବନର ଆଲୋକବର୍ତ୍ତିକା । ଆଜିର ମଣିଷ ସମ୍ମୁଖୀନ ହେଉଥିବା ବହୁ ସମସ୍ୟାର ସମାଧାନ ଶିକ୍ଷା ଓ ଶିକ୍ଷଣ ଭିତରେ ଅଛି । ସାକ୍ଷରତା କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ବିଦ୍ୟାଳୟ ଶିକ୍ଷାର ଅନମନୀୟ ଶୃଙ୍ଖଳାଠାରୁ ମୁକ୍ତ ରଖି କାର୍ଯ୍ୟକାରୀ କଲେ ଏହା ଅଚିରେ ଲକ୍ଷ୍ୟ ପୂରଣ କରିପାରିବ । ଏତଦ୍‌ବ୍ୟତୀତ ଓଡ଼ିଶାର କୋଣେ ଅନୁକୋଣେ ବାସ କରୁଥିବା ସ୍ୱେଚ୍ଛାସେବୀ ସଂକଳ୍ପ କର୍ମୀବୃନ୍ଦ ଓ ସ୍ୱେଚ୍ଛାସେବୀ ଶିକ୍ଷାଦାତାମାନେ ନିରକ୍ଷରତା ଦୂରୀକରଣ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଚେଷ୍ଟା କଲେ ଏହା ନିଶ୍ଚୟ ସଫଳ ହେବ ।

୭/ମ-୫୧, ବୀଣା ନିଳୟ
ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧

❖ ❖ ❖

# ଶିଶୁ ସାହିତ୍ୟିକ ଓ ଗୀତିକବି କ୍ଷୀରୋଦ ଚନ୍ଦ୍ର ପୋଥାଳ

**କୃଷ୍ଣଚନ୍ଦ୍ର ସୁଆର**

ଭଜନ ସମ୍ରାଟ ସ୍ୱର୍ଗତ ଭିକାରୀ ବଳଙ୍କ କଣ୍ଠରେ ଯିଏ ଶ୍ରୀଜଗନ୍ନାଥଙ୍କୁ ପହଡରୁ ଉଠାଉ ଥିଲେ, ସେ ହେଉଛନ୍ତି 'କୋଠ ଭୋଗଖିଆ ମୋ ଚକା ଆଖିଆ' ଭଜନର ରଚୟିତା କ୍ଷୀରୋଦ ଚନ୍ଦ୍ର ପୋଥାଳ । ଭକ୍ତି କବିତା ରଚନାରେ ତାଙ୍କ ରଚିତ ଭାବ, ଆବେଗ ଅଗଣିତ ଶ୍ରୋତାଙ୍କୁ ଶୁଦ୍ଧ ଆହ୍ଲାଦରେ ଅଭିଭୂତ କରିବା ଯୋଗୁଁ ସେ ଓଡ଼ିଆର ଘରେ ଘରେ ପରିଚିତ । ଜଣେ ସଫଳ ଗୀତିକବି ଭାବରେ କେବଳ ନୁହେଁ, ସ୍ୱାଧୀନୋତ୍ତର ଓଡ଼ିଆ ଶିଶୁ ସାହିତ୍ୟ ରଚନା କ୍ଷେତ୍ରରେ ସେ ଏକ ବହୁ ଚର୍ଚ୍ଚିତ ନାମ ।

ସେ ଥିଲେ ଏକାଧାରରେ ଜଣେ ସ୍ନେହୀ, ସରଳ, ମିଷ୍ଟଭାଷୀ ବନ୍ଧୁବତ୍ସଳ ମଣିଷ ସାଙ୍ଗକୁ ବିଶିଷ୍ଟ ଶିଶୁ ସାହିତ୍ୟିକ, କବି, ଗାଳ୍ପିକ, ଗୀତିକାର, ସଂଗୀତକାର, ସାମ୍ବାଦିକ, ସୁବକ୍ତା ଓ ସଂଗଠକ ।

ଏହି ବହୁମୁଖୀ ପ୍ରତିଭା ସମ୍ପନ୍ନ ବ୍ୟକ୍ତିଙ୍କର ଆବିର୍ଭାବ ହୁଏ କଟକ ଜିଲ୍ଲାର ମାହାଙ୍ଗା ନିର୍ବାଚନ ମଣ୍ଡଳୀସ୍ଥ ନିଶ୍ଚିନ୍ତ କୋଇଲି ବ୍ଲକର ଅଖ୍ୟାତ ପଲ୍ଲୀ ଗୋପପୁର ଗ୍ରାମରେ ୧୯୩୯ ମସିହା ଜୁନ୍ ୩୦ ତାରିଖ ଆଷାଢ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ଏକ ନିମ୍ନ ମଧ୍ୟବିତ୍ତ ସ୍ୱର୍ଣ୍ଣକାର ପରିବାରରେ । ତାଙ୍କ ପିତାଙ୍କ ନାମ ଯଦୁମଣି ପୋଥାଳ ଓ ମାତାଙ୍କ ନାମ ଜହ୍ନ ଦେଈ । ବାଲ୍ୟାବସ୍ଥାରୁ ତାଙ୍କ ପିତାମାତାଙ୍କ ଦେହାନ୍ତ ହେତୁ ତାଙ୍କ ବଡ ବାପା ଓ ମା'ଙ୍କ ପ୍ରତ୍ୟକ୍ଷ ଲାଳନପାଳନ ଯୋଗୁଁ ବହୁ ଆର୍ଥିକ ଅସ୍ୱଚ୍ଛଳତା ମଧ୍ୟରେ ତାଙ୍କ ଜୀବନ କୁସୁମ ବିକଶିତ ହୋଇଥିଲା । ତେଣୁ ସେ ଉଚ୍ଚଶିକ୍ଷା ଲାଭ କରି ପାରିନଥିଲେ । ଘର ପାଖରୁ ୪କିମି ବାଟ ପ୍ରତ୍ୟହ ଚାଲି ଚାଲି ଯାଇ ଖଣ୍ଡାସାହିସ୍ଥ ଜଗନ୍ନାଥ ବିଦ୍ୟାପୀଠରୁ ମାଇନର ପାସ୍ କରିବା ପରେ ତାଙ୍କ ପାଠ ପଢାରେ ଡୋରି ବନ୍ଧା ହୋଇଥିଲା । କିନ୍ତୁ ପିଲାଦିନେ ପାଠ୍ୟ ପୁସ୍ତକରେ ଥିବା ଗଦ୍ୟ ଅପେକ୍ଷା ପଦ୍ୟ ପଢିବାକୁ ତାଙ୍କୁ ଭଲ ଲାଗୁଥିଲା । ପ୍ରଖ୍ୟାତ ଶିଶୁ ସାହିତ୍ୟିକ ରାମକୃଷ୍ଣ ନନ୍ଦଙ୍କ ସାହିତ୍ୟ ସୋପାନ, ପଦ୍ମବିଭୂଷଣ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ନବସାହିତ୍ୟ ବହିର କବିତାଗୁଡିକ ତାଙ୍କ ଶିଶୁ ପ୍ରାଣକୁ ଖୁବ୍ ସ୍ପର୍ଶ କରିଥିଲା । ସେ କିଭଳି ଶିଶୁଙ୍କ ପାଇଁ ସେପରି କବିତା ଲେଖିବେ ଉଦ୍ୟମ କରିବା ସଙ୍ଗେ ଅଭ୍ୟାସ ଜାରି ରଖିଲେ ଓ ବାରମ୍ବାର ଲେଖି ମନକୁ ଆସୁନଥିବାରୁ ଟୁକୁରା ଟୁକୁରା କରି କାଗଜ ଚିରି ଫୋପାଡୁଥିଲେ । ଏକଦା ଗୋଟିଏ କବିତା ଲେଖି ଚିରି ଫିଙ୍ଗି ଦେବା ପାଇଁ ତାଙ୍କ ହାତ ଗଲାନାହିଁ । ସେ ସେହି କବିତାଟିକୁ ଶିକ୍ଷକ ଚୈତନ୍ୟ ମହାପାତ୍ରଙ୍କୁ ଦେଖାଇଲେ ଏବଂ ସେ ଲେଖାଟିକୁ ଶିକ୍ଷକ ପଢି ଖୁସି ହୋଇ ମାତୃଭୂମିର କିଶୋର ଫଉଜରେ ପ୍ରକାଶ ନିମନ୍ତେ ପଠାଇ ଦେଲେ । ଲେଖାଟି ମାତୃଭୂମିରେ ପ୍ରକାଶ ପାଇବାରୁ ଆନନ୍ଦିତ ହୋଇ ତତ୍ ପରେ ପରେ ଯାହା ଲେଖାଲେଖି କଲେ ତତ୍କାଳୀନ ସମୟରେ ପ୍ରକାଶ ପାଉଥିବା ପ୍ରଜାତନ୍ତ୍ରର ମୀନାବଜାର, ସମାଜର ଶିଶୁରାଇଜ, ଗୋଦାବରୀଶ ମହାପାତ୍ରଙ୍କ ଟୁଆଟୁଇଁ ପ୍ରଭୃତିକୁ ପ୍ରକାଶନ ନିମନ୍ତେ ଲେଖା ପଠାଉଥିଲେ ଓ ତାହା ପ୍ରକାଶିତ ହେଉଥିଲା । ପରବର୍ତ୍ତୀ ସମୟରେ ମାସିକ ପତ୍ରିକା ମନପବନ, ସଂସାର, ଟୁଉକୁ ମୂଷି, ଆ ଜହ୍ନ ମାମୁଁ ସରଗଶଶୀ ପ୍ରଭୃତିରେ ତାଙ୍କ ଲେଖାଗୁଡିକ ପ୍ରକାଶିତ ହେବା ପରେ ତାଙ୍କର ଲେଖାଲେଖି ପ୍ରତି ଆଗ୍ରହ ବଢିଥିଲା । ଥରେ ବର୍ଷୀୟାନ କବି ଗୋଦାବରୀଶ ତାଙ୍କୁ ଡକାଇ କହିଲେ 'ଶିଶୁ ସାହିତ୍ୟ ସମସ୍ତଙ୍କ

ହାତରେ ଉଡୁରେ ନାହିଁ । ତୁମ ହାତରେ ବେଶ୍ ଉଡୁରୁଛି, ହାତଛଡା କରିବ ନାହିଁ । ଏହି କଥା କେଇପଦ ତାଙ୍କୁ ଶିଶୁ ସାହିତ୍ୟ ରଚନା ପ୍ରତି ବେଶୀ ଆକୃଷ୍ଟ କରିଥିଲା । ସେତିକି ବେଳକୁ ତାଙ୍କୁ ମାତ୍ର ପନ୍ଦର ବର୍ଷ ବୟସ ହୋଇଥିଲା । ଏହି ଶିଶୁ ସାହିତ୍ୟ ଲେଖାରୁ ତାଙ୍କ ସାହିତ୍ୟ ସାଧନା ଆରମ୍ଭ ହୋଇଥିଲା । ୧୯୬୫ ମସିହାରେ ସାହିତ୍ୟିକ ବାଳକୃଷ୍ଣ କରଙ୍କ ଦ୍ୱାରା ପ୍ରତିଷ୍ଠିତ ଦୈନିକ 'ମାତୃଭୂମି'ରେ ଯୋଗଦାନ କରି ପିଲାଙ୍କ ପୃଷ୍ଠା 'କିଶୋର ଫଉଜ' ମାଧ୍ୟମରେ ଶିଶୁ ମନ ଓ ହୃଦୟକୁ ବୁଝି, ସେମାନଙ୍କୁ ମହାନ୍ କରି ଗଢି ତୋଳିବାର ଲକ୍ଷ୍ୟ ନେଇ ସେ ଯେପରି ଶିଶୁ ସାହିତ୍ୟ ସୃଷ୍ଟି କରିଥିଲେ, ତାହା ଅନନ୍ୟ । ଏକଦା ଶ୍ରେଷ୍ଠ କବିତା ଓ ଜଣେ କବିର ଆଦର୍ଶ କ'ଣ ହେବା ଉଚିତ ସମ୍ପର୍କରେ ଏକ ସାକ୍ଷାତକାରରେ ପଚରାଯିବାରେ ସେ କହିଥିଲେ– '' ମୋ ମତରେ ଯେଉଁ କବିତାରେ ଜୀବନ ଯନ୍ତ୍ରଣା ରହିଛି ଓ ଯେଉଁଥିରେ ଜୀବନ ସଂଗ୍ରାମ ଜୟଗାନ କରାଯାଇଛି, ସେହି କବିତା ହିଁ ଶ୍ରେଷ୍ଠ କବିତା । ଆଉ କବିର ଆଦର୍ଶ ହେଲା– ଏ ସମାଜକୁ କବିତା ମାଧ୍ୟମରେ ନୂତନ ଦିଗ୍‌ଦର୍ଶନ ଦେବା, ସୁସଂଯତ, ସୁସଂଗଠିତ ଭାବରେ ଜୀବନଯାପନ କରିବାର ମାର୍ଗ ଦେଖାଇ ମୌଳିକ ଓ ନୂତନ ଚିନ୍ତା ଧାରାରେ ଅନୁପ୍ରାଣିତ କରିବା । ସର୍ବୋପରି ଦେଶ, ଜାତି ଓ ଭାଷା ପ୍ରେମରେ ଉଦ୍‌ବୁଦ୍ଧ କରି ସମାଜର ମଙ୍ଗଳ କରିବା ହେଉଛି କବିର ମହାନ୍ ଆଦର୍ଶ ।

ସେସମୟରେ ଆକାଶବାଣୀରେ ପ୍ରଚାରିତ ଶିଶୁ ସଂସାର, କିଶୋର ଚକ୍ର, ଚକା ଚକା ଭଉଁରୀ, ସଜଫୁଲ, ରାଗମଞ୍ଜରୀ ଓ ଅଞ୍ଜଳି ଆଦି କାର୍ଯ୍ୟକ୍ରମରେ ଶିଶୁମାନଙ୍କ ଲାଗି ଲେଖା ପଠାଇବା ପାଇଁ ତତ୍କାଳୀନ କେନ୍ଦ୍ର ନିର୍ଦ୍ଦେଶକ ସ୍ୱର୍ଗତ ସୁରେନ୍ଦ୍ର ମହାନ୍ତିଙ୍କ ଅନୁରୋଧକ୍ରମେ ସେ ୫୦ଟି ମନପସନ୍ଦର ଶିଶୁ ଗୀତ ପଠାଇ ୧୯୬୭ରେ ଆକାଶବାଣୀର ସ୍ୱୀକୃତି ପ୍ରାପ୍ତ ଗୀତିକାର ହୋଇ ଅସଂଖ୍ୟ ଗୀତର ସଫଳ ସ୍ରଷ୍ଟା ଭାବରେ ନିଜସ୍ୱ ସ୍ୱତନ୍ତ୍ର ସ୍ୱାକ୍ଷର ସୃଷ୍ଟି କରିଥିଲେ । ତାଙ୍କର ବହୁ ଭକ୍ତି ସଂଗୀତ, ପଲ୍ଲୀସ୍ୱର ଗୀତ, ଆଧୁନିକ, ଦେଶବନ୍ଦନା, ଶିଶୁ ସଂଗୀତ, ଆକାଶବାଣୀ କଟକ, ସମ୍ବଲପୁର ଓ ଜୟପୁର କେନ୍ଦ୍ରରୁ ପ୍ରଚାରିତ ହୋଇଥିଲା ଓ ଏ ସମସ୍ତ କ୍ଷୀରୋଦ ଚନ୍ଦ୍ରଙ୍କ ସଂଗୀତାବଳୀରେ ସନ୍ନିବେଶିତ । ତାଙ୍କ ରଚିତ ଭକ୍ତି ସଂଗୀତଗୁଡିକ ପ୍ରାଣବନ୍ତ, ସରଳ ଓ ଶ୍ରୁତିମଧୁର । ଏଥିରେ ପାରମ୍ପରିକ ଜଣାଣ ଭଜନ ସାହିତ୍ୟର ଝଙ୍କାର ଥିଲେ ହେଁ କବି ଚିତ୍ତର ସ୍ୱକୀୟ ମାଧୁର୍ଯ୍ୟରେ ଗୀତଗୁଡିକ ମହିମା ମଣ୍ଡିତ । ବହୁ ଭକ୍ତି ଗୀତିରେ ଓଡ଼ିଆ ଚେତନାର ଅଧିପତି ତଥା ଈଷ୍ଟଦେବ ମହାପ୍ରଭୁ ଜଗନ୍ନାଥ ହିଁ ସ୍ମରଣ ହୋଇଥାନ୍ତି । 'ଆହା ମୋ କାଳିଆ ହାତୀ ଆସୁଛି ଝୁଲି ଝୁଲିରେ ଅତ୍ୟନ୍ତ ହୃଦୟ ସ୍ପର୍ଶୀ ମନେହୁଏ । ଆଧୁନିକ ସଂଗୀତଗୁଡିକ ଅତ୍ୟନ୍ତ ରୋଚକ ଓ ମନଘେନା । ଗୀତଗୁଡିକ ମମତାସିକ୍ତ ହୃଦୟର ଉଦ୍‌ବେଳନରେ ପ୍ରକାଶିତ । କବିଙ୍କ ଭାଷାରେ– ୧) 'ଜହ୍ନ ଯେବେ ଲୁଚିଯାଏ, ଭସାଣିଆ ବାଦଲ ଭିତରେ, ଧରାପଡିଯାଏ ସେ'ତ ମୋ ପ୍ରିୟାର କାନିପଣତରେ ।'

୨) 'ମାପି ମୁଁ ପାରେନା କାହା ହୃଦୟର' । ୩) 'ମନହୁଏ ମୋର ତୁମ କବରୀର' । ୪) 'ଏ ଜୀବନ ଏକ ଅବୁଝା କବିତା' ଓ ୫) 'ଫୁଲସିନା ଝରିଯାଏ, ସେତ ମରେନା/ ବାସ ତାର ଉଡିଯାଏ କେବେ ସରେନା/ ଦୁନିଆରେ ଦୁଃଖ ଥିଲେ ସୁଖ ବି ହୁଏନା ଭୁଲି/ ଆଜି ଯାହା ନୂଆ ସେତ ପୁରୁଣା ହୋଇବ କାଲି/ ଏଇ ମନ ହଜିଗଲେ ଆଉ ମିଳେନା' ପ୍ରଭୃତି ସଂଗୀତଗୁଡିକରେ ରହିଛି ଲଳିତ ଶବ୍ଦ ବିନ୍ୟାସ, ହୃଦୟସ୍ପର୍ଶୀ ଭାବ ବିନ୍ୟାସ ଓ ପ୍ରାଣସ୍ପର୍ଶୀ ଛନ୍ଦ ।

ତାଙ୍କ ରଚିତ ଓ ପ୍ରଚାରିତ ପଲ୍ଲୀଗୀତଗୁଡିକ ମଧ୍ୟ ଉପଭୋଗ୍ୟ । ତନ୍ମଧ୍ୟରୁ ୧) କଖାରୁ ପତର ଆଁଶୁ ଆଁଶୁଆ ଲୋ ୨) ମେଘକୁ ସୁନ୍ଦର ଘଡଘଡିନାଦ ୩) ଖଡଗଦୀ ନିଆଁ କୁହୁଳି କୁହୁଳି ପ୍ରଭୃତି କୃତିତ୍ୱର ସ୍ମାରକୀ ବହନ କରେ ।

ତାଙ୍କର କେତେକ ସଂଗୀତ ଜାତୀୟତା ଓ ଦେଶାତ୍ମବୋଧର ଉଜ୍ଜ୍ୱଳ ଦୃଷ୍ଟାନ୍ତ । ସେଗୁଡିକ ମଧ୍ୟରେ ୧) କୋଟି କଣ୍ଠେ ଆଜି ସୁର ଉଠୁ ବାଜି ୨) ମମତାମୟୀ ଗୋ ଜନନୀ ମୋହର, ୩) ଏଇ ଦେଶ ମୋର ଜନମ ଭୂଇଁରେ ପ୍ରଭୃତି ପ୍ରଧାନ । ଏହି ସଂଗୀତଗୁଡିକରେ ଉତ୍କଳ ଜନନୀ ଓ ଭାରତ ଜନନୀଙ୍କ ବନ୍ଦନା ସହିତ ଜନଜାଗରଣ, ପୁରାତନ କୀର୍ତ୍ତିରାଜିର ରକ୍ଷଣାବେକ୍ଷଣ, ଦେଶର ଐକ୍ୟ, ଅଖଣ୍ଡତା ଓ ସ୍ୱାଭିମାନ ବଜାୟ ରଖିବା ପାଇଁ ଆହ୍ୱାନ ରହିବା ସଙ୍ଗେ ସଙ୍ଗେ ଜାତୀୟଭାବ ଉଦ୍ରେକ କରେ । ଉଦାହରଣତଃ ଏକ ପଦାବଳୀ ଦ୍ରଷ୍ଟବ୍ୟ–

'ଚିରବନ୍ଦିତା, ଅଭିନନ୍ଦିତା,
ଏ ଭାରତ ଭୂଇଁ
ନାହିଁ ଯାହାର ଆପଣାପର
ସେତ ମମତାମୟୀ
ସୁଷମାଭରା, ଦୁଃଖ ପାସୋରା,
ସବୁଜ ଶୋଭା ଶିରୀ
କି ସୁନ୍ଦରତା ସାଗର ଢେଉ,
ନଦୀ କାନନ ଗିରି
ଧରାରେ ସତେ ସରଗପୁରୀ
ତୁଳନା ଯା'ର ନାହିଁ ।'

ଗ୍ରାମ୍ୟ ଜୀବନର ମଧୁର ସ୍ମୃତି, ଶୈଶବ ଓ କୈଶୋର, ଅଭୁଲା ଅତୀତ, ଗ୍ରାମ୍ୟ ପରିବେଶ, ପଶୁପକ୍ଷୀଙ୍କର ଭାବ ବିନ୍ୟାସ ହେଉଛି ତାଙ୍କ ସୃଷ୍ଟି ଚେତନାର ଅନନ୍ୟ ଉପାଦାନ । ତାଙ୍କ ରଚିତ ଗାଁମାଟି ମୋର ହସେରେ ଶିଶୁ କବିତା ସଂକଳନରେ କବି ଗାଁ ମାଟିର ମହକ, ବାଡି ବଗିଚା, ଖରାବେଳ, ଆମ୍ବତୋଟା, ବୁଢା ବରଗଛ, ଯାନିଯାତ୍ରା, 'ସବୁଜକ୍ଷେତ୍ର, ସାଥୀମେଳ ଓ ବାଗୁଡି ଖେଳକୁ ଅତି ନିଛକ ଭାବେ ବର୍ଣ୍ଣନା କରିଛନ୍ତି । ଉଦାହରଣ–

ଗାଆଁ ଗୋଡି ମାଟି ପାଣି ପବନରେ
ଗଢା ମୋ ଦେହଟି ଯତନେ
କେତେ ସୁଖ ଦୁଃଖ ସହିଛି ସେଇଠି
ସହୁଥିବି ସାରା ଜୀବନେ ।

ମୁନା ଆମ ସୁନାପୁଅ, ସମୟର ନଈ ଯାଉଛି ବହି, ଆମ ଗାଆଁର ଦନେଇ ଅଜାଗଲେ ବଜାର ବୁଲି, ଆମ ଗାଁର ଚେମେଇ ବୁଢୀ ନିଇତି ଭାଜେ ଗରମ ମୁଢି, ଆମ ବାବୁଲା ଭାଇ ଚଗଲା, ଆମରି ପୁଷି କରିଥିଲା ଥରେ ଏକାଦଶୀ, ଚାଲ ତୋଟାକୁ ଯିବା ଆମ୍ବ ଖାଇବା, କୋଇଲି ନାନୀଲୋ କୋଇଲି ନାନୀ ଇତ୍ୟାଦି ମନଛୁଆଁ ଶିଶୁ ସଂଗୀତଗୁଡିକ ଅତ୍ୟନ୍ତ ସରଳ ପ୍ରାଣବନ୍ତ ଓ ଶ୍ରୁତିମଧୁର ମନେହୁଏ ।

ଶିଶୁ ଭାଷା ଶିଖିବା ପୂର୍ବରୁ ପ୍ରଥମେ ଧ୍ୱନି ଶୁଣିଥାଏ । ସରଳ ଶବ୍ଦ ସହିତ ଧ୍ୱନ୍ୟାତ୍ମକ ଶବ୍ଦ ତାକୁ ଅଧିକ ଆକୃଷ୍ଟ କରିଥାଏ । ଶବ୍ଦକୁ ବାରମ୍ବାର ଶୁଣିବା ଫଳରେ ତାର ମନେ ରହିବା ସଙ୍ଗେ ଉଚ୍ଚାରଣ ଓ ଅର୍ଥ ମଧ ମନେ ରଖିପାରେ । ଯଥା–

ଝିଲିମିଲି ଖରା ଫୁଲି ଫୁଲି ନାଚେ
ଖିଲିଖିଲି ବାଆ ଖେଳଇ
ବାଡି ବଗିଚାରେ ଗଛ ଲତା ଯା'ର
ସୁଆଦିଆ ଫଳ ଫଳଇ ।
ଜାତିଜାତିଫୁଲ ନେଥି ନେଥି ଫୁଟି
ମହ ମହ ଯହିଁ ବାସେରେ
ମୋ ଜନମ ଭୂଇଁ ମାଆପରି ସେଇ
ଗାଆଁ ମାଟି ମୋର ହସେରେ ।

ଏଠାରେ ଝିଲିମିଲି, ଫୁଲି ଫୁଲି, ଖିଲିଖିଲି, ଜାତିଜାତି, ନେଥି ନେଥି, ମହମହ ଆଦି ଧ୍ୱନ୍ୟାତ୍ମକ ଶବ୍ଦର ପ୍ରୟୋଗ ଫଳରେ କବିତାଂଶଟି ଅଧିକ ଶ୍ରୁତିମଧୁର ହେବା ସଙ୍ଗେ ଉପଧା ମିଳନ ହେତୁ ଅଧିକ ସାବଲୀଳ ଓ ଶ୍ରୁତିମଧୁର ସହିତ ସ୍ୱର ଦେଇ ଗାଇବାକୁ ସହଜ ହୋଇଥାଏ । ସରଳ, ଶ୍ରୁତିମଧୁର ଭାଷା ସାଙ୍ଗକୁ ଗାୟନ ଧର୍ମିତା ହେଉଛି ତାଙ୍କ ରଚନାର ଅନ୍ୟ ଏକ ବିଶେଷତ୍ୱ ।

ଆମ ପରିବେଶରେ ବସବାସ କରୁଥିବା ଡାମରାକାଉ ସାଧବବୋହୂ, ଚିଁକି ଚଢେଇ, ବେଙ୍ଗ ବେଙ୍ଗୁଲି ଓ ମୂଷା ବିଲେଇ ପ୍ରଭୃତି ଶିଶୁ ନିକଟରେ ଭାରି ପ୍ରିୟ । ବିଭିନ୍ନ ଜୀବଜନ୍ତୁଙ୍କୁ ନେଇ କବି ଅତି ସୁନ୍ଦର ଓ ସାବଲୀଳ ଶୈଳୀରେ କବିତାମାନ ରଚନା କରିଛନ୍ତି । ଉଦାହରଣ–

'ଟୁଉକୁ ମୂଷିଲୋ ଟୁଉକୁ ମୂଷି
ହେଇ ଆସିଲାଣି ଆମରି ପୁଷି
ସିଏ ପରା ହେବ ତୋର ମାଉସୀ
ତତେ ଦେଖି ହେବ ବହୁତ ଖୁସି ।'

ବୟସର ଅଭିବୃଦ୍ଧି ସହିତ ଶିଶୁର ବୁଦ୍ଧି ଓ ଜ୍ଞାନର ଅଭିବୃଦ୍ଧି ଘଟେ । କେତେକ କ୍ଷେତ୍ରରେ ଜିଜ୍ଞାସା ପ୍ରବୃତ୍ତି ମଧ ମନରେ ଉଙ୍କିମାରେ । ବଡମାନେ ନିଜର ଅଭିଜ୍ଞତା ଓ ବୁଦ୍ଧି ଦ୍ୱାରା ତାକୁ ସମାଧାନ କରିଥାନ୍ତି । କିନ୍ତୁ ଏଥିରେ ଉପଶମ ନିମନ୍ତେ ଶିଶୁ ସାହିତ୍ୟ ଅଧିକ ସହାୟତା ପ୍ରଦାନ କରିଥାଏ । ପରିଚୟବୋଧ ଜ୍ଞାନ ଅନେକ କଥା ପଢି ପିଲାମାନେ ଜାଣୁଥିବାରୁ କବି କହନ୍ତି–

'ଢୋଲ ବାଜେ ଢାଉଁ ଢାଉଁ
ମହୁରୀ ପେଏଁ ପେଏଁରେ
ଆତସ ବାଜି ଠୋଓ ଠାଆ
ହାବେଳି ସେଏଁ ସେଏଁରେ
ହୋରି ହୋରି ହୋରିରେ
ହୋରି ବୋଲିଣ ପଡିଯାଇଛି
ମୂଳକ ଯାକ ହୁରିରେ ।'

ହାତରୁ ଭାତଗୁଣ୍ଡା କିମ୍ବା କୌଣସି ଦ୍ରବ୍ୟ ପଡିଲେ ବା କାଉକୁ ଦିଆଯାଇଥିବା ଖାଦ୍ୟର ଅଧା ଖାଇଲେ ବନ୍ଧୁ ବାନ୍ଧବ ଆସିବାର ସୂଚନା ମିଳିବା ଆମ ଚଳଣିରେ ଲୋକ ବିଶ୍ୱାସ ଅଛି । ଏହା ଶିଶୁ ମନରେ ମଧ୍ୟ ଖୁବ୍ ପ୍ରଭାବ ପକାଇ ଥାଏ । ତେଣୁ ତାଙ୍କ ଲେଖନୀରେ ଅତି ସୁନ୍ଦର ଭାବରେ ରୂପାୟିତ ହୋଇଥିବା ପଂକ୍ତିଟିଏ ହେଉଛି–

'କାଉଟି ଆସି ଚାଳରେ ବସି କହିଲା କାଆ କାଆ
ଖୁଦ ଦିମୁଠା ଅଧାର ଥୋଇ ଦୂରରେ ହେଲି ଠିଆ ।
ଭାଇ ଆସିବା, ଭାଗଟି କାଉ ଖାଇଲା ଆଗ ଆସି
ହାତରୁ ମୋର ଭାତ ଗୁଣ୍ଡାଟା ପଡିଲା ତଳେ ଖସି ।

ପରିବାରରେ ଭାଇ ଭଉଣୀଙ୍କ ସ୍ନେହ ମମତା ଅତୁଟ । ଜଣେ ଅନ୍ୟ ଜଣକର ମନ ଦୁଃଖ ଆଦୌ ସହ୍ୟ କରିପାରେ ନାହିଁ, ଯେହେତୁ ତାର ନିଜସ୍ୱ ବିଚାର କରିବାର ଶକ୍ତି ଅଛି । ବାପାଙ୍କର ସ୍ୱଳ୍ପ ରୋଜଗାର ହେତୁ ନିଜ ପୁଅ ପାଇଁ ମାସ ଶେଷରେ କଲମଟିଏ କିଣି ଦେଇପାରି ନାହାନ୍ତି । ଦରମା ମିଳିଲେ ପ୍ରଥମେ ପୁଅ ପାଇଁ କଲମ ଦେବାକୁ ବୁଝାଉ ଥିବା ବେଳେ ଘରର ବଡଝିଅ ବେବି କିପରି ତା'ର ଚିନ୍ତା ପ୍ରକଟ କରିଛି, ତାହା ଅତ୍ୟନ୍ତ ହୃଦୟସ୍ପର୍ଶୀ ମନେହୁଏ । ଯଥା–

'ବଡ ଝିଅ ବେବି ବାପାଙ୍କ କଥା
ଶୁଣୁଥିଲା ଘର ଭିତରେ ଥାଇ
ପାଞ୍ଚଟି ଟଙ୍କା ସେ ହାତରେ ଧରି
ବାପାଙ୍କ ପାଖକୁ ଆସିଲା ଧାଇଁ ।
ଦେଇଥିଲେ ମାମୁଁ ଏ ଟଙ୍କା ମୋତେ
ବାଲିଯାତ୍ରା ଦେଖି ଆସିବା ପାଇଁ,
ଏଇ ଟଙ୍କା ନେଇ କଲମ ଆଣ
ଯାତ୍ରା ଦେଖା ମୋର ନ ହେଲା ନାହିଁ ।

'ଆମରି ଗାଆଁର ମକରା' କବିତାରେ କବି ନିର୍ମଳ ହାସ୍ୟରସ ସୃଷ୍ଟି କରିଛନ୍ତି । କାରଣ ପିଲାଙ୍କ ନିମନ୍ତେ ହାସ୍ୟରସ ନିତାନ୍ତ ଅପରିହାର୍ଯ୍ୟ । ପିଲାମାନେ ପାଠପଢା ସାଙ୍ଗକୁ ଖେଳକୁଦ କଲେ ଓ ହସ ଖୁସିରେ ମଜି ରହିଲେ ପାଠପଢାରେ ଏକାଗ୍ରତା ବଢେ ଓ ମନେ ରହେ । ମକରା ହେଉଛି ଏକ ଗାଇ ଜଗୁଆଳି । ପାଠପଢି ନାହିଁ । ନିହାତି ମୂର୍ଖ । ଜୋଇଁ ଡାକରା ପାଇ ଶ୍ୱଶୁର ଘରେ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ଖାଇ ଆନନ୍ଦ ବିଭୋରରେ ବେଶଭୂଷା ପିନ୍ଧିଥିବା ଦେଖି ଶ୍ୱଶୁର ଘର ଓ ଗାଆଁର କିଛି ଲୋକ ତାକୁ ଭାଗବତ ପଢିବାକୁ କହନ୍ତି । କିନ୍ତୁ ପାଠପଢି ଜାଣି ନଥିବାରୁ କିପରି ଏହି ବିପତ୍ତିରୁ ରକ୍ଷା ପାଇବ, ସେଥିପାଇଁ ତା'ର ଆଖି ଲୁହରେ ଛଳ ଛଳ ହୋଇଯାଇଛି, କିନ୍ତୁ ଗ୍ରାମବାସୀମାନେ ପ୍ରକୃତ କଥା ନବୁଝି ଭାବିଛନ୍ତି ଭାଗବତର କଥାବସ୍ତୁ ପଢି ଜୋଇଁପୁଅ ଭାବରେ ମଜ୍ଜିଯାଇ ଥିବାରୁ ତାଙ୍କର ଆଖି ଲୁହରେ ଛଳ ଛଳ ହୋଇଯାଇଛି । ଏହା ସୁନ୍ଦର ଓ ସାବଲୀଳ ଶୈଳୀରେ କବିଙ୍କ ଲେଖନୀରେ ରୂପାୟିତ ହୋଇଛି–

'ବହିଟିକି ହାତେ ଧରିଲା
ଆଖି ଦୁଇଟାକୁ ଛଳ ଛଳ କରି
ଗୋଟିପଣ ଖାଲି ଧରିଲା ।

X X X

ବୁଢାବୁଢା ଲୋକ କହିଲେ
ଜୋଇଁ ତ ଭାବରେ ମଜି ଯାଇଛନ୍ତି
କାନ୍ଦି ପକାନ୍ତେ କି ନଇଲେ ?
ଥାଉ ବହି ପଢା ସେତିକି
ପଢୁ ପଢୁ ଯେବେ ଚେତା ବୁଡିଯିବ
କିଏ ଦାୟୀ ହେବ ସେଥିକି ?
ବହି ନେଇଗଲେ ଛଡେଇ
ସହି କଥା କହି ମୁରୁଖ ମକରା
ଗାଆଁରେ ଦେଖାଏ ବଡେଇ ।

ତାଙ୍କ ରଚିତ ପୁସ୍ତକଗୁଡ଼ିକ ମଧ୍ୟରେ– 'ଗାଆଁ ମାଟି ମୋର ହସେରେ, ଅକଲ ମକଲ ଟକଲ ଚିଆଁ, ହସ ପସରା, ଶୁଣ ମୋର ଧନରେ, କ୍ଷୀରୋଦ ଚନ୍ଦ୍ର ସଂଗୀତାବଳୀ, ମନ ହୁଏ ମୋର ହେବାକୁ ମୀନା, ହସ ରାଇଜରେ ମୁନା, ଶିଶୁ ସାଥୀ (ଗଳ୍ପ ସଂକଳନ), ସାବାସ୍ ନାନୀ, ଗପଗୋଲାପ ଓ ମୋ କଥା ମୋ କବିତା ଆଦି ଓଡ଼ିଆ ସାହିତ୍ୟରେ ଗୋଟିଏ ଗୋଟିଏ ସଫଳ କୃତି ।

ସାହିତ୍ୟର ବିଭିନ୍ନ ବିଭାଗରେ ଲେଖକ ଲେଖିକାଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଦିଆଯାଉଥିଲା ବେଳେ ଶିଶୁ ସାହିତ୍ୟ ରଚନା ପାଇଁ କୌଣସି ପୁରସ୍କାରର ବ୍ୟବସ୍ଥା ନଥିଲା । ତାଙ୍କ ଉଦ୍ୟମରେ ୧୯୭୬ ମସିହାଠାରୁ ପ୍ରତିବର୍ଷ ଶିଶୁ ସାହିତ୍ୟ ପାଇଁ ଏକାଡେମୀ ତରଫରୁ ପୁରସ୍କାର ଦିଆଯିବା ବ୍ୟବସ୍ଥା ପ୍ରଚଳନ ହୋଇଥିଲା ।

କ୍ଷୀରୋଦଙ୍କ ସୃଜନଶୀଳ ବ୍ୟକ୍ତିତ୍ୱର ଆରମ୍ଭ ଶିଶୁ କବିତାରୁ ହୋଇଥିଲେ ହେଁ ଶିଶୁଗଳ୍ପ ରଚନାରେ ମଧ୍ୟ ସେ ଥିଲେ ଅତ୍ୟନ୍ତ ଧୂରୀଣ । ହସ ରାଇଜରେ ମୁନା, ମାଡହାଣ୍ଡି ମଣିଷ ଆଦି ଗଳ୍ପରେ ସାଧାରଣ ମଣିଷ ମଧ୍ୟରେ ସରଳ ଜୀବନ ଉଚ୍ଚଚିନ୍ତା ଭଳି ଜୀବନଯାପନ ପାଇଁ ପ୍ରୟାସ କରିଛନ୍ତି । 'ମୋ କଥା ମୋ କବିତା', ସଂକଳନରେ ମନିବ୍ୟାଗ ହଜିଛି, ଜଗନ୍ନାଥଙ୍କ ଡୋରି, ଭାଲୁକୁଣୀଙ୍କୁ ରସଗୋଲା ଭୋଗ, ମନଥିଲେ ଉପାୟ ଆସେ, କର୍ତ୍ତବ୍ୟ ହିଁ ଈଶ୍ୱର ଭଳି ଶିଶୁ ଉପଦେଶାତ୍ମକ ଗଳ୍ପ ରଚନା କରିଛନ୍ତି । ମନହୁଏ ମୋର ହେବାକୁ ମୀନା ହେଉଛି ତାଙ୍କର ଏକ ସାର୍ଥକ ସୃଷ୍ଟି । ଏହି ଶିଶୁ ଗଳ୍ପ, କବିତା ପୁସ୍ତକରେ ସେ ନିଜର ହଜିଲା ଅତୀତର ସ୍ମୃତି ଚାରଣ କରିଛନ୍ତି । ଜଣେ ସଫଳ ସଂଗଠକ ଭାବରେ ନିଶ୍ଚିନ୍ତ କୋଇଲିସ୍ଥିତ 'ବେଲେଶ୍ୱରୀ ସଂଗୀତ କଳା ନିକେତନ' ସଙ୍ଗୀତ ବିଦ୍ୟାଳୟର ଶୁଭାରମ୍ଭ, ଶିଶୁ ସଂସାର ପକ୍ଷରୁ 'ଉଦୟ ଭାନୁ' ଓ 'ଚାଚାଜୀ ଶିଶୁ କିଶୋର ସଂଘ' ନାମରେ ଦୁଇଟି ଅନୁଷ୍ଠାନ ଶିଶୁ ଶ୍ରୋତା ସମିତି, କିଶୋର ଶ୍ରୋତା ଚକ୍ର ଗଠନ ତାଙ୍କ ସାଙ୍ଗଠନିକ ଦକ୍ଷତାର ପରିଚୟ ଦିଏ ।

ସଫଳ ଶିଶୁ ସାହିତ୍ୟ ଓ ଗୀତି କବିତାର ସ୍ରଷ୍ଟାଭାବେ ଜୀବନବ୍ୟାପୀ ସାଧନାର ସ୍ୱୀକୃତି ସ୍ୱରୂପ ସେ 'ମନ ହୁଏ ମୋର ହେବାକୁ ମୀନା' ପୁସ୍ତକ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ସମେତ 'ଗାଁ ମାଟି ମୋର ହସେରେ' ପୁସ୍ତକ ପାଇଁ ରାଜ୍ୟ ଶିକ୍ଷା ବିଭାଗ ସମ୍ମାନ, ପ୍ରଜାତନ୍ତ୍ର ପ୍ରଚାର ସମିତି ପକ୍ଷରୁ ମୀନା ବଜାର ପୁରସ୍କାର, ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ପୁରସ୍କାର, 'ସାବାସ ନାନୀ' ପୁସ୍ତକ ପାଇଁ ରାଜ୍ୟ ଶିଶୁ ସାହିତ୍ୟ ସମିତି ପୁରସ୍କାର, ହରେ କୃଷ୍ଣ ସ୍ମୃତି ପୁରସ୍କାର, ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ରାମ କୃଷ୍ଣ ନନ୍ଦ ସ୍ମୃତି ପୁରସ୍କାର ଓ ମାଣିକ ବିଶ୍ୱନାଥ ସ୍ମୃତି ପୁରସ୍କାର, ପ୍ରଜାତନ୍ତ୍ର ପ୍ରଚାର ସମିତି ପକ୍ଷରୁ ଶିଶୁ ସାହିତ୍ୟ ପାଇଁ ବିଷୁବ ପୁରସ୍କାର, ଆକାଶବାଣୀ କଟକ କେନ୍ଦ୍ରର ପ୍ରତିଷ୍ଠା ଦିବସରେ ସଫଳ ଗୀତିକାର ଭାବେ ପୁରସ୍କୃତ ହୋଇଥିଲେ ।

ତାଙ୍କର ବହୁ ଲେଖା ଓଡ଼ିଆ ଭାଷା ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଛି । ମୁଁ ତାଙ୍କ କବିତାର ଜଣେ ମୁଗ୍ଧ ପାଠକ ଓ ପ୍ରଶଂସକ । ତାଙ୍କ ସହିତ ମୋର ପରିଚିତ ଥିଲା । ଏହି ବହୁମୁଖୀ ପ୍ରତିଭାର ଅଧିକାରୀ ଶ୍ରୀଯୁକ୍ତ ପୋଥାଳଙ୍କର ଗତ ୨୦୧୨ ମସିହା ଜାନୁଆରୀ ୧୫ ତାରିଖ ମକର ସଂକ୍ରାନ୍ତି ତିଥିରେ ୭୩ ବର୍ଷ ବୟସରେ ପରଲୋକ ହୋଇଥିଲା । ସେ ଆଜି ନାହାନ୍ତି ସତ, ହେଲେ ରଖିଦେଇ ଯାଇଛନ୍ତି ଚିରନ୍ତନ ସ୍ମୃତି । ଓଡ଼ିଆ ଭକ୍ତି ସଂଗୀତ ଓ ଶିଶୁ ସାହିତ୍ୟ ରଚନାରେ ସେ ଯେଉଁ କୃତି ଓ କୀର୍ତ୍ତି ସ୍ଥାପନ କରି ଯାଇଛନ୍ତି, ତାହା ତାଙ୍କୁ ଚିର ସ୍ମରଣୀୟ କରିରଖିବ ।

ଏମ୍.ଆଇ.ଜି.ୱାନ୍ ୪୨/୧
ଚନ୍ଦ୍ରଶେଖରପୁର ହାଉସିଂ ବୋର୍ଡ କଲୋନୀ
ଭୁବନେଶ୍ୱର–୧୬

❖ ❖ ❖

# ଜରା ନିବାସ ଏକ ସାମାଜିକ ଆବଶ୍ୟକତା

**ସୂର୍ଯ୍ୟମଣି ଖୁଣ୍ଟିଆ**

ଜରା ନିବାସ କହିଲେ ବୃଦ୍ଧବୃଦ୍ଧାମାନଙ୍କର ଆଶ୍ରୟସ୍ଥଳ । ସାଧାରଣତଃ 'ଜରା' ଅବସ୍ଥା କହିଲେ ଅତ୍ୟନ୍ତ ବୃଦ୍ଧାବସ୍ଥାକୁ ବୁଝାଏ । ଯେତେବେଳେ ପୁରୁଷ ବା ନାରୀ ଅକ୍ଷମ ହୋଇପଡନ୍ତି, ସେତେବେଳେ ସେମାନଙ୍କ ପାଇଁ ସାହାଯ୍ୟକାରୀ ଦରକାର ହୁଅନ୍ତି । ଅନ୍ୟର ସେବା ଲୋଡାହୁଏ । ଆମ ଭାରତୀୟ ପରମ୍ପରାରେ ସେହି ଅବସ୍ଥାରେ ସମସ୍ତେ ନିଜନିଜର ପୁଅବୋହୂ ବା ନାତିନାତୁଣୀଙ୍କ ଉପରେ ଭରସା କରନ୍ତି । ସେଥିପାଇଁ ଭାରତୀୟ ସ୍ୱାମୀ, ସ୍ତ୍ରୀ ପୁଅଟିଏ ପାଇବାକୁ ବ୍ୟାକୁଳ ହୋଇଥାଆନ୍ତି । ସାଧାରଣତଃ ସେମାନେ ଝିଅମାନଙ୍କ ଉପରେ ଭରସା କରନ୍ତି ନାହିଁ । କାରଣ ଭାରତବର୍ଷରେ ଝିଅ ଜନମ ପର ଘରକୁ ବୋଲି ସମସ୍ତେ ଜାଣନ୍ତି । ଝିଅଟିଏ ବିବାହ ପରେ ତା'ର ସ୍ୱାମୀ, ସନ୍ତାନ ପରିବାରକୁ ନେଇ ଏପରି ବ୍ୟସ୍ତ ରହିଯାଏ ଯେ ବାପାମାଆଙ୍କ କଥା ବୁଝିବାକୁ ତା'ପାଖରେ ବେଳ ନଥାଏ, ସୁବିଧାସୁଯୋଗ ମଧ୍ୟ ନଥାଏ । ନିଜର ସଂସାର ଭିତରକୁ ବାପାମାଆକୁ ଟାଣିଆଣି ତାଙ୍କର ଭରଣପୋଷଣ କରିବା ବା ସେବା ଶୁଶ୍ରୂଷା କରିବା ସମ୍ଭବ ହୁଏ ନାହିଁ । ସେଥିପାଇଁ ଭାରତୀୟ ପରମ୍ପରାରେ ପୁଅବୋହୂଙ୍କ ଉପରେ ଭରସା କରାଯାଏ । ବିଶେଷକରି ଜରାଜୀର୍ଣ୍ଣ ଅବସ୍ଥାରେ ମଣିଷ ପହଞ୍ଚିବା ପରେ ସେ ଅସହାୟ ହୋଇପଡେ, ସେତେବେଳେ ପୁଅବୋହୂଙ୍କ ବ୍ୟତୀତ ତା'ର ଆଉ ଭରସା କିଏ ହେବ ?

ପୁଅବୋହୂ ବୃଦ୍ଧ ପିତାମାତାଙ୍କର ସେବା କରିବେ, ଏହି ପରମ୍ପରା କେଉଁ ଅନାଦିକାଳରୁ ଚାଲି ଆସିଛି । କିନ୍ତୁ ଭାରତୀୟ ମଣିଷ ପାଶ୍ଚାତ୍ୟ ଶିକ୍ଷା ଓ ସଂସ୍କୃତିର ବଶବର୍ତ୍ତୀ ହୋଇଯିବା ପରେ ସେ ତା'ର ପରମ୍ପରା ସଂସ୍କୃତି ଓ ଦାୟିତ୍ୱକୁ ଭୁଲିଯାଇଛି । ଫଳତଃ ଆମ ଉପନିଷଦର ବାଣୀ 'ମାତୃଦେବୋ ଭବ' 'ପିତୃଦେବୋ ଭବ' କଥା ଆଜି ଅକାମି ହୋଇପଡିଛି । ଆଜି ବାପାମାଆ ଆଉ ଦେବତା ନୁହଁନ୍ତି, ପୂଜ୍ୟାସ୍ପଦ ନୁହଁନ୍ତି । ବରଂ ପୁଅବୋହୂଙ୍କ ପାଇଁ ଆତଙ୍କ ପାଲଟି ଯାଇଛନ୍ତି, ବିଶେଷକରି ଉଚ୍ଚଶିକ୍ଷିତ ପୁଅବୋହୂଙ୍କ ପାଇଁ ବୃଦ୍ଧ ପିତାମାତା ମୋଟେ ସ୍ପୃହଣୀୟ ନୁହଁନ୍ତି । ନିଜ ପିଲାଟିକୁ ପାଠଶାଠ ପଢାଇ ଖୁଆଇ ପିଆଇ ମଣିଷ କରି ଛିଡା କରିବା ପାଇଁ ଆଧୁନିକ ପୁଅବୋହୂମାନେ ଯେତେ ବ୍ୟସ୍ତ, ପିତାମାତାଙ୍କର ସାମାନ୍ୟ ଯତ୍ନ ନେବା ପାଇଁ ସେମାନେ ସେତିକି ଉଦାସୀନ । ଶତକଡା ୯୮/୯୯ ଭାଗ ଶିକ୍ଷିତ ଦମ୍ପତ୍ତି ବୃଦ୍ଧ ପିତାମାତାଙ୍କୁ ପାଖରେ ରଖିବା ତ ଦୂରର କଥା, ଅକାଳେ ସକାଳେ ବୁଢାବୁଢୀ ପୁଅବୋହୂ ବା ନାତିନାତୁଣୀଙ୍କୁ ଦେଖିବା ପାଇଁ ମନକରି ପୁଅବୋହୂ ରହୁଥିବା ସହରୀ ଆବାସସ୍ଥଳକୁ ଆସିଗଲେ, ସେମାନଙ୍କୁ ତୁରନ୍ତ ବିଦା କରିବା ପାଇଁ ପୁଅବୋହୂ ବ୍ୟସ୍ତ ହୋଇପଡନ୍ତି । ଏ କ୍ଷେତ୍ରରେ ବୋହୂମାନଙ୍କର ଭୂମିକା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । ଆଜିର ଝିଅ ବୋହୂ ହୋଇ ଆସିବା ପରେ ଶାଶୁଶ୍ୱଶୂରଙ୍କଠାରୁ ଦୂରେଇଯାଇ କେବଳ ନିଜର ସ୍ୱାମୀକୁ ଓ ପରେ ପରେ ପୁଅଝିଅକୁ ନେଇ ସଂସାର କରିବା ପାଇଁ ଆଗ୍ରହୀ । ଏବେ ଝିଅମାନେ ବୃଦ୍ଧ ଶ୍ୱଶୁର ଶାଶୁ ବା ଦୈବତ୍ ବୁଢା ଜେଜେ, ଜେଜେମା ଥିଲେ, ସେ ଘରେ ବାହା ହେବାକୁ ରୋକ୍‌ଠୋକ୍ ମନା କରିଦେଉଛନ୍ତି । ଏଭଳି ନଜିର ଆମ ଆଗରେ ଅନେକ ରହିଛି । ବିବାହ ପୂର୍ବରୁ ବାପା, ମା ମଧ୍ୟ ଝିଅକୁ ସାନ୍ତ୍ୱନା ଦେଉଛନ୍ତି– ମା' ! କ୍ୱାଇଁତ ଚାକିରି କରିଛନ୍ତି, ଦିନ କେଇଟା ପରେ ତତେ ସାଙ୍ଗରେ ନେଇଯିବେନି କି ? ଏ ଏକ ଅଛିଣ୍ଡା ଗଣିତ, ସେଇ ଯୁବକଯୁବତୀ ପୁଅବୋହୂ ବୁଢାବୁଢୀ ହୋଇଗଲେ, ସେମାନେ ସେମାନଙ୍କର ପୁଅବୋହୂଙ୍କ ପାଖରୁ ସେବା ଆଶା କରିବା ବୃଥା ହୋଇଯାଏ ।

ପୁଅବୋହୂ ବାହାଘରର ଦିନ କେଇଟା ପରେ ଦୂରକୁ ଚାଲିଯାଆନ୍ତି, ଆଉ ବାପାମାଆଙ୍କ କଥା ମନେ ପକାନ୍ତିନି । ଯଦିଓ ପୁଅମାନେ କେତେବେଳେ କେମିତି ବାପାମାଆଙ୍କ ପାଇଁ ବ୍ୟସ୍ତ ହୁଅନ୍ତି, ସେତେବେଳେ ବୋହୂମାନେ ତାଙ୍କ ହାତରେ ଥିବା ଲଗାମଟାକୁ ଟାଣି ଦିଅନ୍ତି । ଫଳରେ ପୁଅମାନେ ନୀରବ ହୋଇଯାଆନ୍ତି । ଆଜି ପ୍ରାୟ ସାରା ପୁରୁଷ ଜାତିଟା ସ୍ତ୍ରୈଣ ପାଲଟି ଯାଇଛି ।

ତେଣେ ବାପାମାଆ ନିଃସହାୟ ଭାବରେ ପୁଅବୋହୂଙ୍କଠାରୁ ଶ୍ରଦ୍ଧା ସ୍ନେହ ଟିକିଏ ପାଇବା ପାଇଁ ବ୍ୟାକୁଳ ହେଉଥିବା ବେଳେ ପୁଅବୋହୂ ଦୂର ସହରରେ ନିଜର ପୁଅଝିଅଙ୍କୁ ନେଇ ନିଜର ମୋଟା ରୋଜଗାର ଭିତରେ ଆନନ୍ଦରେ ବୁଡି ରହିଥାଆନ୍ତି । ବୁଢା ବାପା ମା'ଙ୍କର ଅସୁସ୍ଥତାର ଖବର ପାଇଲେ ବି ପିଲାଙ୍କର ପରୀକ୍ଷା ଅଛି, କୋଚିଂ ଅଛି ଇତ୍ୟାଦି ଦ୍ୱାହିଦେଇ ପୁଅବୋହୂ ଅସୁସ୍ଥ ବାପାମାଆଙ୍କ ପାଖକୁ ଛୁଟିରେ ଯାଆନ୍ତି ନାହିଁ । ସେତେବେଳେ ସେମାନେ ଭୁଲିଯାଆନ୍ତି ଯେ ସେମାନଙ୍କୁ ବି ଦିନେ ବୁଢାବୁଢୀ ହେବାକୁ ହେବ । ସବୁଧନ ସମ୍ପତ୍ତି କୋଠାବାଡି ବ୍ୟାଙ୍କ ବାଲାନ୍ସ ଥାଇ ମଧ୍ୟ ଅସହାୟ ହୋଇଯିବାକୁ ହେବ । ନିଜର ବର୍ତ୍ତମାନକୁ ନେଇ ବିଭୋର ହୋଇପଡିଥିବା ମଣିଷ ଥରେ ସୁଦୂର ଭବିଷ୍ୟତକୁ ଚାହେଁନାହିଁ, ଏହାହିଁ ସବୁଠାରୁ ବଡ ଦୁର୍ଭାଗ୍ୟର କଥା ।

ଏଇଠି ଗୋଟିଏ କଥା ଉଲ୍ଲେଖ କରାଯାଇପାରେ । ଅଶିକ୍ଷିତ, ଅର୍ଦ୍ଧଶିକ୍ଷିତ, ଚାଷବାସ କରୁଥିବା, ଛୋଟମୋଟ ବ୍ୟବସାୟ କରୁଥିବା, ଗାଁପାଖରେ ଛୋଟମୋଟ ଚାକିରି କରି ଗାଁରେ ରହୁଥିବା ପୁଅମାନେ ବାପାମାଆଙ୍କର ଯତ୍ନ ନେଉଛନ୍ତି, ତାହା ଇଚ୍ଛାରେ ହେଉ ବା ଅନିଚ୍ଛାରେ ହେଉ ।

ବେଳେବେଳେ ପିତାମାତାଙ୍କର ପୁଅ ବୋହୂଙ୍କ ପ୍ରତି ବ୍ୟବହାର ମଧ୍ୟ ଅଶାଳୀନ ଅସହ୍ୟ ହୋଇଥାଏ । ତେଣୁ ପୁଅବୋହୂ ବାପାମାଆଙ୍କ ଠାରୁ ଦୂରେଇ ଯାଆନ୍ତି । ସବୁ କ୍ଷେତ୍ରରେ ନାରୀର ଭୂମିକା ତାତ୍ପର୍ଯ୍ୟପୂର୍ଣ୍ଣ । ନାରୀହିଁ ନାରୀର ପ୍ରଧାନ ଶତ୍ରୁ । ବୋହୂଟିଏ ନାରୀ, ଶାଶୂ ବି ଜଣେ ନାରୀ । କିନ୍ତୁ ଆମେ ସମାଜରେ ଯେତେ ନାରୀ ନିର୍ଯ୍ୟାତନା ଘଟଣା ଦେଖିଥାଉ, ସେଥିରୁ ଶତକଡା ୯୯ଭାଗ କେବଳ ନାରୀମାନଙ୍କ ଦ୍ୱାରା ସଂଘଟିତ ହୋଇଥାଏ । ବାପାମାଆ, ପୁଅବୋହୂ ବା ପରିବାରର ଅନ୍ୟମାନଙ୍କ ମଧ୍ୟରେ ମଧୁର ସମ୍ପର୍କ ସ୍ଥାପନ କରିବାର ଦାୟିତ୍ୱ ଗୋଟିଏ ପରିବାରରେ ଶାଶୁର ଓ ବୋହୂର । ଚାକିରି କରିନଥିବା ବା ଉଚ୍ଚଶିକ୍ଷିତ ହୋଇନଥିବା ପୁଅବୋହୂମାନଙ୍କ ପାଖରେ ସମସ୍ୟା ଅତ୍ୟନ୍ତ ଉତ୍କଟ ।

କେନ୍ଦ୍ର ସରକାର, ରାଜ୍ୟ ସରକାର, କମ୍ପାନୀମାନେ ସମସ୍ତ ଚାକିରି କରିଥିବା କର୍ମଚାରୀମାନଙ୍କର ପିଲା, ଛୁଆ, ସ୍ତ୍ରୀ ଓ ନିର୍ଭର କରୁଥିବା ପିତାମାତାଙ୍କ ପାଇଁ ବାର୍ଷିକ ଔଷଧ ଖର୍ଚ୍ଚ ଯୋଗାଇ ଦିଅନ୍ତି । କିନ୍ତୁ ବାପାମାଆଙ୍କ ପାଇଁ ଯଥାର୍ଥ ଭାବରେ ଖର୍ଚ୍ଚ କରନ୍ତି କେତେଜଣ ? ଏଇ ମାଟିରେ ଗୋଟାଏ ପୁଅ ଦିନେ ଅନ୍ଧଅନ୍ଧୁଣୀ ବାପାମାଆକୁ ଭାରରେ ବୋହି ବୋହି ବୁଲୁଥିବା କଥା ଶୁଣିଲେ ଆଜିର ଯୁବକମାନେ ହସିବେ ।

କହିବାକୁ ଇଚ୍ଛାହୁଏ ସରକାରୀ ଚାକିରି କରୁଥିବା ବା ବଡ ବଡ ପଦପଦବୀ ମାଡି ବସିଥିବା ବ୍ୟକ୍ତିବିଶେଷ ତାଙ୍କ ବୃଦ୍ଧ ପିତାମାତାଙ୍କର ଯଥାର୍ଥ ଯତ୍ନ ନେଉଛନ୍ତି କି ନାହିଁ । ତାକୁ ସରକାରୀ ଭାବରେ ଅନୁଧ୍ୟାନ କରାଯିବା ଉଚିତ୍ । ବାପାମାଆଙ୍କର ସେବା କରିବା ପାଇଁ ଆଇନଗତ ଭାବେ ବ୍ୟବସ୍ଥା ହେବା ଉଚିତ୍ । ନକଲେ ତାପାଇଁ ଦଣ୍ଡର ବ୍ୟବସ୍ଥା ହେବା ଉଚିତ୍ । କିନ୍ତୁ ତାହା କରାଯାଇ ପାରିବ ନାହିଁ । କାରଣ ଯେଉଁମାନେ ଏ ବ୍ୟବସ୍ଥା କରିପାରନ୍ତେ, ସେହିମାନେ ନିଜନିଜର ପିତାମାତାଙ୍କୁ ଅବହେଳାର ସାମଗ୍ରୀ ମନେ କରି ଆବର୍ଜନାକୁ ଫିଙ୍ଗି ଦିଅନ୍ତି । ସେଥିପାଇଁ ଗୋଟିଏ ମାତ୍ର ସମାଧାନର ପନ୍ଥା ହେଉଛି ଜରା ନିବାସ । ଏଭଳି ଅସହାୟ ପରିସ୍ଥିତିରେ ଆଜି ଜରା ନିବାସ ବୃଦ୍ଧବୃଦ୍ଧାଙ୍କ ମନରେ ଆଶାର ସଂଚାର କରିଛି । ସମାଜସେବୀ ସଂସ୍ଥାମାନେ ଆମ ଦେଶରେ ଜରା ନିବାସମାନ ଗଢି ଚାଲିଛନ୍ତି । ଅସହାୟ ବୃଦ୍ଧବୃଦ୍ଧାମାନଙ୍କୁ ସେଠାରେ ଖାଦ୍ୟପେୟ ଓ ସେବା ଯୋଗାଇ ଦିଆଯାଉଛି । ଯଦି ଆକଳନ କରାଯିବ, ତେବେ ଦେଖାଯିବ ବେଶୀ ସଂଖ୍ୟାରେ ଶିକ୍ଷିତ ପୁଅବୋହୂଙ୍କର ବାପାମାଆମାନେ ଜରା ନିବାସରେ ଆଶ୍ରୟ ଗ୍ରହଣ କରୁଛନ୍ତି । କେତେକ ପେନ୍‌ସନ୍ ପାଉଥିବା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ନିଜର ଭବ୍ୟ କୋଠାବାଡି ସମ୍ପତ୍ତିକୁ ତ୍ୟାଗ କରି ନିଜର ପେନ୍‌ସନ ଟଙ୍କାକୁ ଜରାନିବାସରେ ଜମାଦେଇ

ଆଶ୍ରୟ ଗ୍ରହଣ କରୁଛନ୍ତି । ସେମାନଙ୍କର ଠିକ୍ ସମୟରେ ମୁଠାଏ ଖାଦ୍ୟ ଦରକାର, ଟିକିଏ ଔଷଧପତ୍ର ଦରକାର । ଜରା ନିବାସର କର୍ମକର୍ତ୍ତାମାନେ ତାର ବ୍ୟବସ୍ଥା କରୁଛନ୍ତି । ସରକାର ଅସହାୟ ବୃଦ୍ଧବୃଦ୍ଧାଙ୍କ ପାଇଁ ପେନ୍‌ସନ୍ ବ୍ୟବସ୍ଥା କରିଛନ୍ତି । କିନ୍ତୁ ସେତିକି ଯଥେଷ୍ଟ ନୁହେଁ । ଜରା ନିବାସ ଖୋଲୁଥିବା ସମାଜସେବୀ ସଙ୍ଗଠନମାନଙ୍କୁ ସରକାର ଅନୁଦାନ ଦେଉଛନ୍ତି । ସେତିକିରେ ସରକାରଙ୍କ ଦାୟିତ୍ୱ ଶେଷ ହୋଇଗଲା ବୋଲି ବିଚାର କରିବା ଠିକ୍ ନୁହେଁ । ଦାତବ୍ୟ ଚିକିତ୍ସାଳୟ, ଦାତବ୍ୟ ବିଦ୍ୟାଳୟ ଖୋଲିବା ପରି ସରକାର ଜରା ନିବାସମାନ ପ୍ରତିଷ୍ଠା କରିବା ଉଚିତ୍ । ଏମିତିକି ପଞ୍ଚାୟତ ସ୍ତରରେ ଜରା ନିବାସମାନ ପ୍ରତିଷ୍ଠା ହେବା ଉଚିତ୍ । ଜରାଗ୍ରସ୍ତ ବୃଦ୍ଧବୃଦ୍ଧାଙ୍କୁ ଶାନ୍ତିରେ ଶେଷ ନିଃଶ୍ୱାସ ତ୍ୟାଗ କରିବା ପାଇଁ ସୁଯୋଗ ସୃଷ୍ଟି କରାଯିବା ଉଚିତ୍ । ଏ ଭାରତଭୂମି ପବିତ୍ର ଭୂମି । ଏ ଭୂମିରେ ପିତାମାତା ବା ବୟସ ପରିଜନମାନଙ୍କୁ ଦେବତାର ଆସନ ଦିଆଯାଇଛି । ସେଇମାନଙ୍କର ଆଶୀର୍ବାଦ ପ୍ରୟୋଜନ କରେ ଯୁବସମାଜ । ସେହି ଦେବ ପ୍ରତିମ ବୃଦ୍ଧବୃଦ୍ଧାମାନଙ୍କ ଆଖିରୁ ଲୁହ ଝରିଲେ ଏ ଭୂମିର ମଙ୍ଗଳ ହେବନାହିଁ । ତେଣୁ ସେହିମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ 'ଜରା ନିବାସ' ଏକ ନିଶ୍ଚିତ ସାମାଜିକ ଆବଶ୍ୟକତା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।

ବେଗନା, କୋରାଇ
ଯାଜପୁର-୭୫୫୦୨୨

# ସ୍ୱାଧୀନ ଭାରତ

ଚନ୍ଦ୍ରମଣୀ ସେଠୀ

ଯୁଗାଦୀ ପୁରୁଷ, ମହାନ ବ୍ୟକ୍ତିତ୍ୱ, ଭାରତମାତା ସନ୍ତାନ,
ସୁଯୋଗ୍ୟ ମହାତ୍ମା, ଜ୍ଞାନର ପ୍ରଦୀପ, ବିଶ୍ୱେ ହୋଇଲ ମହାନ ।
ଦୁର୍ଗନ୍ଧ କର୍ଦ୍ଦମୁ ଜନ୍ମଲାଭ କଲ ବି.ଆର. ଆମ୍ବେଦକର,
ଅନାଦି ଚୁମ୍ବନେ ହେଲ ବିକଶିତ, ଲଭି କରୁଣା ଅପାର ।
ଦାରିଦ୍ର୍ୟ ଜୀବନ ବ୍ୟାଧି ଜରାଜୀର୍ଣ୍ଣ, ସଂସାର ଚକ୍ର ଦାରୁଣ,
ହୃଦ ମଧ୍ୟେ ତାହା ଅନୁଭବୀ ଜ୍ଞାନେ ପଶିଲ ବିଭୁ ଶରଣ ।
ବିଦେଶୀ ଶାସନ ମହା ଭୟଙ୍କର ରକ୍ତେ ରଞ୍ଜିତ ଭାରତ,
କରୁଣ କ୍ରନ୍ଦନ ହିଂସା ତରବାରେ ଜନ ଜୀବନ ଶୋଷିତ ।
ସତ୍ୟ ଓ ଅହିଂସା ପ୍ରେମର ଖଡଗ ବଳେ ଜାତି ହେଲା ଜୟ,
ମହାନ ପୁରୁଷେ ରଖିଗଲେ ଯଶ ଯୁଗ ଯୁଗକୁ ଅକ୍ଷୟ ।
ସ୍ୱାଧୀନ ଭାରତ, ସ୍ୱାଧୀନ ଜୀବନ, ସ୍ୱାଧୀନ ଆମ ଚିନ୍ତନ,
ପ୍ରଗତି ପଥରେ ଆଗୁଆ ହୋଇବା ଗଢିବା ଜାତି ମହାନ ।
ହୋଇଲା ସ୍ୱାଧୀନ ଏ ଭାରତବର୍ଷ ବିଦେଶୀ ହଟିଲେ ଦେଶୁ,
ଜାତୀୟ ପତାକା ଉଡି ସୂଚାଇଲା ସକଳ ପାତକ ନାଶୁ ।
ଅଖଣ୍ଡ ଭାରତ ଶାସନ କ୍ଷେତ୍ରରେ ବିଧିବିଧାନ ନିମିତ୍ତ,
ଜାତି କର୍ଣ୍ଣଧାରେ ସୁସ୍ଥ ଭାବନାରେ ବାଞ୍ଛିଲେ ବିବିଧ ମତ ।
ଦେଶ ସମ୍ବିଧାନ ଗଢିବା ପାଇଁ କି ମନୋନୀତ ମହା ନର,
ଜାତି କର୍ଣ୍ଣଧାର ଶ୍ରେଷ୍ଠ ଆଇନଜ୍ଞ ବି.ଆର.ଆମ୍ବେଦକର ।
ଜାତି, ବର୍ଣ୍ଣ, ଧର୍ମ, ସର୍ବ ନିର୍ବିଶେଷେ ଆମେ ସର୍ବେ ଭାରତୀୟ,
ସମସ୍ତଙ୍କ ହସ୍ତ ମୁଠା ଟାଣ ହେଲେ ଭାରତ ମାତାର ଜୟ ।
ଗଢିଦେଲେ ଏକ ଦୃଢ ସମ୍ବିଧାନ ବିଶ୍ୱେ ହେଲା ଶ୍ରେଷ୍ଠତର,
ଜାତି,ବର୍ଣ୍ଣ, ଧର୍ମେ ସର୍ବେ ଭାରତୀୟ ତ୍ରିରଙ୍ଗା ପତାକା ସାର ।
ଊଣେଇଶ ଶହ ପଚାଶ ମସିହା ମାସ ଅଟେ ଜାନୁଆରୀ ।
ଛବିଶି ତାରିଖ ସମ୍ବିଧାନ ଜନ୍ମ ଜାତି ପାଇଁ ଚିରସ୍ମରି ।
ଚିରଦିନ ପାଇଁ ଜ୍ଞାନ ଦୀପ ଜଳେ, ଜ୍ୟୋତି ଠୁଳ ସମ୍ବିଧାନେ
ସାଧାରଣତନ୍ତ୍ର ଦିବସ ସୂଚାଏ ଅହିଂସାର ଗୁଣ ଗାନେ ।
ଉଡୁଅଛି ଏହି ତ୍ରିରଙ୍ଗା ପତାକା ଉଡୁଥିବ ଚିରଦିନ,
ଏ ପତାକା ତଳେ ସଭିଏଁ ଏକତ୍ର ଭାରତ ମାତାର ଗାନ ।
ସ୍ୱାଧୀନ ସଂଗ୍ରାମେ ଶହୀଦମାନଙ୍କ ପାଇଁ ନିରବ ପ୍ରାର୍ଥନା
ଯୁଗ ଯୁଗ ପାଇଁ ଅମର ରହିବେ ଉଡୁ ତାଙ୍କ ମୁକ୍ତି ବାନା ।
ଜାତୀୟ ସଙ୍ଗୀତ ହୃଦେ ଆନ୍ଦୋଳିତ ଦେଇ ଜାତୀୟ ପ୍ରେରଣା,
ଗୁଞ୍ଜରିତ ହେଉ ଏ ଜାତି ହୃଦରେ ଅହିଂସା ପ୍ରେମ ବାଜଣା ।

ସହକାରୀ ନିର୍ଦ୍ଦେଶକ
ମୁଦ୍ରଣ ଲିଖନ ସାମଗ୍ରୀ ପ୍ରକାଶନ ନିର୍ଦ୍ଦେଶାଳୟ, କଟକ

# ଅତୀତର ଅର୍ଗଳିରୁ ସାଧାରଣତନ୍ତ୍ର

**ଚମକ ଚାନ୍ଦିନୀ ଦାଶ**

ପାକ୍ ସ୍ୱାଧୀନତା କାଳର ଅଖଣ୍ଡ ଭାରତ ୧୯୪୭ ମସିହା ଅଗଷ୍ଟ ୧୪ ତାରିଖର ମଧ୍ୟ ରାତ୍ରରେ ଭାରତ ଓ ପାକିସ୍ଥାନ ପରି ଦୁଇଟି ରାଷ୍ଟ୍ରରେ ବିଭାଜିତ ହୋଇଥିଲା । ଯାହା ଥିଲା ସ୍ୱାଧୀନତା ଇତିହାସର ଏକ ଅତ୍ୟନ୍ତ ଦୁଃଖଦ ଘଟଣା । ସେଇ ଦାରୁଣ ଆଘାତର ଚିହ୍ନକୁ ଧରି ୧୯୫୦ ମସିହା ଜାନୁଆରୀ ମାସ ୨୬ ତାରିଖରେ ଭାରତ ହୋଇଥିଲା ସାର୍ବଭୌମ ସାଧାରଣତନ୍ତ୍ର ରାଷ୍ଟ୍ର । ଅନେକଙ୍କୁ ଅଗୋଚର ଥାଇପାରେ ଯେ ୧୯୪୭ ମସିହା ଜାନୁଆରୀ ୨୬ ତାରିଖରେ ଭାରତକୁ ସ୍ୱାଧୀନତା ଦେବା ପାଇଁ ଇଚ୍ଛା କରୁଥିବା ଇଂରେଜ ସରକାର ସାମ୍ପ୍ରଦାୟିକ ଦଙ୍ଗା ଯୋଗୁଁ ପଛାଇ ଯାଇଥିଲେ ।

ପରାଧୀନ ଭାରତରେ ୧୮୫୭ରେ ହୋଇଥିବା ପ୍ରଥମ ସ୍ୱାଧୀନତା ସଂଗ୍ରାମ ସିପାହୀ ବିଦ୍ରୋହକୁ ଇଂରେଜ ଶକ୍ତି ଦବେଇ ଦେଲା ପରେ ଭାରତୀୟଙ୍କ ଅସନ୍ତୋଷର ସୂଚନା ପାଇ ତତ୍କାଳୀନ ବ୍ରିଟିଶ ସରକାର କେତେକ ଶାସନ ସଂସ୍କାର କରିଥିଲେ । ୧୮୫୮ ଘୋଷଣାନାମା ବଳରେ ଇଷ୍ଟଇଣ୍ଡିଆ କମ୍ପାନୀ ହାତରୁ କ୍ଷମତା ବ୍ରିଟିଶ ରାଣୀଙ୍କ ହାତକୁ ଯାଇଥିଲା । ଘୋଷଣାନାମା ବଳରେ ଭାରତୀୟ ପ୍ରଜାମାନେ ବ୍ରିଟିଶ ସାମ୍ରାଜ୍ୟର ଯେକୌଣସିଠାରେ ଥାଇ ମଧ୍ୟ ବ୍ରିଟିଶ ପ୍ରଜାଙ୍କ ପରି ସମାନ ଅଧିକାର ପାଇଲେ ଓ ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ସରକାରୀ ଚାକିରିରେ ନିଯୁକ୍ତ ହେଲେ । ୧୮୬୧ ମସିହା ଭାରତୀୟ ପରିଷଦ ଆଇନ ବଳରେ ଭାଇସରାୟଙ୍କର ଏକ ଇମ୍ପେରିଆଲ ବିଧାନ ପରିଷଦ ଗଠନ କରାଯାଇଥିଲା । ଯାହାର ସଦସ୍ୟମାନେ ଭାଇସରାୟଙ୍କ ଦ୍ୱାରା ମନୋନୀତ ହେଲେ । ଯାହାଫଳରେ ଖ୍ୟାତିସମ୍ପନ୍ନ ଭାରତୀୟମାନେ ଆଇନ ପ୍ରଣୟନ ପାଇଁ ଅଧିକ ସୁଯୋଗ ପାଇଲେ । କିନ୍ତୁ ୧୮୬୧ ମସିହା ଭାରତୀୟ ଶାସନ ସଂସ୍କାର ଆଇନର ସଫଳ ରୂପାୟନ ହୋଇପାରିଲା ନାହିଁ ବୋଲି ତତ୍କାଳୀନ ଭାଇସରାୟ ଲର୍ଡ ରିପନ ପ୍ରକାରାନ୍ତରେ ପ୍ରକାଶ କଲେ । ଫଳରେ ଭାରତୀୟମାନଙ୍କ ଦାବିକୁ ଇଂରେଜ ସରକାରଙ୍କ ନିକଟରେ ଉପସ୍ଥାପନ କରି ସ୍ୱାଧୀନତା ଆଣିବା ପାଇଁ ଆଲାନ ଆକ୍ଟଭିଆନ ହ୍ୟୁମଙ୍କ ଉଦ୍ୟମରେ ୧୮୮୫ ମସିହାରେ ଭାରତୀୟ ଜାତୀୟ କଂଗ୍ରେସର ସୃଷ୍ଟି ହେଲା, ଯାହାର ପ୍ରଥମ ସଭାପତି ହେଲେ ଉମେଶ ଚନ୍ଦ୍ର ବାନାର୍ଜୀ । ୧୮୯୨ ମସିହା ଭାରତୀୟ ଶାସନ ସଂସ୍କାର ଆଇନ ବଳରେ ସର୍ବୋଚ୍ଚ ବିଧାନ ପରିଷଦ ଏବଂ ବମ୍ବେ ଓ ମାଡ୍ରାସ ପରି ପ୍ରାଦେଶିକ ବିଧାନ ପରିଷଦର ସଭ୍ୟ ସଂଖ୍ୟା ତଥା କ୍ଷମତା ପରିସରର ମଧ୍ୟ ବୃଦ୍ଧି ଘଟିଲା । ୧୯୦୫ରେ ବଙ୍ଗ ବିଭାଜନ ପରେ ସମଗ୍ର ଦେଶରେ ସୃଷ୍ଟି ହେଲା ସାମ୍ପ୍ରଦାୟିକ ବିଭେଦ । ଫଳରେ ୧୯୦୯ରେ ମର୍ଲେ-ମିଣ୍ଟୋ ସୁପାରିଶ ହେଲା । ବିଧାନ ପରିଷଦର କାର୍ଯ୍ୟକ୍ରମରେ ସାମାନ୍ୟ ପରିବର୍ତ୍ତନ ମଧ୍ୟ କରାଗଲା ।

୧୯୧୯ରେ ଗୃହୀତ ହୋଇଥିବା 'ରାଉଲଟ ଆକ୍ଟ'କୁ କଳା ଆଇନର ଆଖ୍ୟା ଦେଇ ଭାରତୀୟମାନେ ଆନ୍ଦୋଳନ ଜାରି ରଖିଲେ । ୧୯୨୨ ମସିହାରେ ଗାନ୍ଧିଜୀ କହିଲେ ଭାରତୀୟ ସମ୍ବିଧାନ ଭାରତୀୟଙ୍କ ଇଚ୍ଛା ଅନୁସାରେ ହିଁ ହେବ । ସେହି ଆହ୍ୱାନର ଆଧାରରେ ମୋତିଲାଲ ନେହେରୁ ୧୯୨୪ ମସିହାରେ ବ୍ରିଟିଶ ସରକାରଙ୍କ ସମ୍ମୁଖରେ ଉପସ୍ଥାପନ କରିଥିବା ସମ୍ବିଧାନ ସଭା ନିର୍ମାଣର ଦାବି ଫଳପ୍ରସୂ ହୋଇନଥିଲା । ୧୯୨୭ ମସିହାରେ ଇଂରେଜ ସରକାରଙ୍କ ତତ୍କାଳୀନ ଭାରତ ମନ୍ତ୍ରୀ ବର୍କନ ହେଡ୍ ପ୍ରଶାସନରେ ଆବଶ୍ୟକୀୟ ଅଦଳବଦଳ ପାଇଁ ସାଇମନ କମିଶନ ନିଯୁକ୍ତ କଲେ । 'ଭାରତ ବାସୀ ନିଜେ ସେମାନଙ୍କ ସମ୍ବିଧାନ

ତିଆରି ପାଇଁ ଅକ୍ଷମ' ତାଙ୍କର ଏ ପ୍ରକାର ମନ୍ତବ୍ୟର ପ୍ରତିବାଦରେ କଂଗ୍ରେସ କର୍ମକର୍ତ୍ତାଗଣ ୧୯୨୮ ମସିହାରେ ଦିଲ୍ଲୀଠାରେ ଏକ ସର୍ବଦଳୀୟ ସଭାର ଆୟୋଜନ କରିଥିଲେ । ମୋତିଲାଲ ନେହେରୁଙ୍କ ଅଧକ୍ଷତାରେ ନଅ ଜଣିଆ ସଦସ୍ୟ ବିଶିଷ୍ଟ ସବ୍‌କମିଟି 'ନେହରୁ ରିପୋର୍ଟ' ନାମରେ ପେଶ କରିଥିବା ରିପୋର୍ଟକୁ ମଧ ଇଂରେଜ ସରକାର ଅସ୍ୱୀକାର କରିଥିଲେ ।

୧୯୩୫ ମସିହାରେ ବ୍ରିଟିଶ ପାର୍ଲାମେଣ୍ଟ ଭାରତ ଶାସନ ଆଇନ ପ୍ରଣୟନ କଲେ । ଯାହା ଏକ ବୃହତ୍ତମ ଆଇନ ଓ ୩୨୧ଟି ଭାଗକୁ ନେଇ ଗଠିତ ଥିଲା । ସେଥିରେ ଭାରତରେ ଏକ ସଂଘ ରାଷ୍ଟ୍ର ସୃଷ୍ଟି କରିବାର ବ୍ୟବସ୍ଥା ଥିଲା । ସେମିତି ଘଡିସନ୍ଧି ମୁହୂର୍ତ୍ତରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ଆଗମନ ପରିସ୍ଥିତିକୁ ବଦଳାଇ ଦେଲା । ଦ୍ୱିତୀୟ ବିଶ୍ୱଯୁଦ୍ଧର ଆବଶ୍ୟକତା ତଥା ରାଷ୍ଟ୍ରୀୟ ଆନ୍ତରାଷ୍ଟ୍ରୀୟ ଚାପରେ ୧୯୪୦ରେ ଇଂରେଜ ସରକାର ଘୋଷଣା କଲେ ଯେ ଭାରତବାସୀ ନିଜେ ନିଜ ଇଚ୍ଛା ମୁତାବକ ସମ୍ବିଧାନ ପ୍ରସ୍ତୁତ କରିବେ । ୧୯୪୨ ମସିହାରେ ଷ୍ଟେଫୋର୍ଡ କ୍ରିପସ୍‌ଙ୍କ ଯୋଜନାକୁ ଭାରତୀୟମାନେ ଅସ୍ୱୀକାର କରିବା ଫଳରେ ୧୯୪୬ ମସିହାରେ କ୍ୟାବିନେଟ ମିଶନ ଭାରତୀୟ ସମ୍ବିଧାନ ସଭାକୁ ସ୍ୱୀକାର କରି ମାର୍ଚ୍ଚ ୧୬ ତାରିଖରେ ତାଙ୍କ ଯୋଜନା ପ୍ରକାଶ କରିଥିଲେ ।

୧୯୪୬ ଡିସେମ୍ବର ୯ ତାରିଖରେ କନଷ୍ଟିଚ୍ୟୁଏଣ୍ଟ ଆସେମ୍ବ୍ଲି ବା ସମ୍ବିଧାନ ସଭା ଗଠିତ ହେଲା, ଯାହାର ପ୍ରଥମ ଅଧିବେଶନରେ ମୁସଲିମ ଲିଗର କୌଣସି ପ୍ରତିନିଧି ଯୋଗ ଦେଇ ନଥିଲେ, ଆସେମ୍ବ୍ଲି ସଭ୍ୟ ସଂଖ୍ୟା ୩୮୫ ଥିବା ବେଳେ ପ୍ରାଦେଶିକ ବିଧାନ ସଭା ସଦସ୍ୟଙ୍କ ଦ୍ୱାରା ମନୋନୀତ ସଭ୍ୟ ସଂଖ୍ୟା ଥିଲା ୨୯୨ । ତା' ଛଡା ଗଡଜାତ ଅଞ୍ଚଳର ଥିଲେ ୯୩ ଜଣ । ଦେଶ ବିଭାଜନ ପରେ ପାକିସ୍ଥାନର ସଭ୍ୟ ଆସେମ୍ବ୍ଲିରୁ ବାଦ ପଡିବାରୁ କନଷ୍ଟିଚ୍ୟୁଏଣ୍ଟ ଆସେମ୍ବ୍ଲି ପୁନର୍ବିନ୍ୟାସ ହୋଇ ସଭ୍ୟ ସଂଖ୍ୟା ୨୮୪ ରହିଲା । ପ୍ରଥମ ସଭାପତି ସଚ୍ଚିଦାନନ୍ଦ ସିହ୍ନାଙ୍କ ମୃତ୍ୟୁପରେ ସମ୍ବିଧାନ ପ୍ରଣୟନ ସଭାର ଅଧକ୍ଷ ହେଲେ ଡଃ ରାଜେନ୍ଦ୍ର ପ୍ରସାଦ । ସେହିପରି ସମ୍ବିଧାନ ଚିଠା ପ୍ରସ୍ତୁତ କମିଟିର ସଭାପତି ଥିଲେ ଡକ୍ଟର ଭୀମରାଓ ଆମ୍ବେଦକର । ୧୯୪୮ ଫେବୃଆରୀରେ ସମ୍ବିଧାନର ଏକ ଚିଠା ପ୍ରକାଶ ପାଇଥିଲା । ୧୯୪୯ ନଭେମ୍ବର ୨୬ ତାରିଖରେ ଆସେମ୍ବ୍ଲିର ସମସ୍ତ ସଭ୍ୟଙ୍କ ଅନୁମୋଦନରେ ତାହା ଚୁଡାନ୍ତ ରୂପ ନେଇଥିଲା । ସମ୍ବିଧାନ ପ୍ରଣୟନ ସଭା ୨ବର୍ଷ ୧୧ମାସ ୧୮ଦିନର ଦୀର୍ଘ ସମୟ କାର୍ଯ୍ୟ କରି ଭାରତର ସମ୍ବିଧାନ ପ୍ରଣୟନ କରିଥିଲେ ଯାହା ୧୯୫୦ ଜାନୁଆରୀ ୨୬ ତାରିଖରୁ କାର୍ଯ୍ୟକାରୀ ହୋଇଆସୁଅଛି । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ଆମ ଭାରତୀୟ ସମ୍ବିଧାନ ହେଉଛି ପୃଥିବୀର ସବୁଠାରୁ ବଡ ସମ୍ବିଧାନ ।

ଆଜିଠାରୁ ୬୨ ବର୍ଷ ପୂର୍ବେ ଜାନୁଆରୀ ମାସ ୨୬ ତାରିଖରେ ଭାରତ ଏକ ସାଧାରଣତନ୍ତ୍ର ରାଷ୍ଟ୍ରରେ ପରିଣତ ହେବାର ଭବ୍ୟ ସମାରୋହ ପାଳନ କରିଥିଲା । ପୂର୍ବାହ୍ଣ ୧୦.୧୫ ମିନିଟରେ ରାଜଧାନୀ ନୂଆଦିଲ୍ଲୀର ଦରବାର ହଲରେ ପହଞ୍ଚି ଥିଲେ ଡକ୍ଟର ରାଜେନ୍ଦ୍ର ପ୍ରସାଦ । ତାଙ୍କୁ ପାଛୋଟି ନେଇଥିଲେ ତତ୍କାଳୀନ ଗଭର୍ଣ୍ଣର ଜେନେରାଲ ରାଜଗୋପାଳଚାରୀ । ଅଳ୍ପ ସମୟର ଘୋଷଣାନାମା ସମାପ୍ତ ହେବା ପରେ ସ୍ୱାଧୀନ ଭାରତର ପ୍ରଥମ ରାଷ୍ଟ୍ରପତି ରୂପେ ଡଃ ରାଜେନ୍ଦ୍ର ପ୍ରସାଦ ଶପଥ ନେଇଥିଲେ । ସେହି ସମୟରେ ଅନ୍ୟ ଏକ କକ୍ଷରେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ, ଅନ୍ୟାନ୍ୟ ମନ୍ତ୍ରିଗଣ, ସୁପ୍ରିମ କୋର୍ଟର ପ୍ରଧାନ ବିଚାରପତି ରୂପେ ଡଃ ରାଜେନ୍ଦ୍ର ପ୍ରସାଦ ଶପଥ ନେଇଥିଲେ । ଅପରାହ୍ଣ ୩.୩୦ ମିନିଟରେ ରାଷ୍ଟ୍ରପତିଙ୍କୁ ଇରୱିନ ଷ୍ଟାଡିଅମ୍‌ରେ ଅଙ୍ଗରକ୍ଷୀଙ୍କ ଗ୍ରହଣରେ ଉପସ୍ଥିତ ହେବାକୁ ପଡିଥିଲା । ନବ ନିଯୁକ୍ତ ପ୍ରତିରକ୍ଷା ମନ୍ତ୍ରୀ ତାଙ୍କୁ ପାଛୋଟି ନେବା ପରେ ତାଙ୍କ ସହିତ ଭାରତୀୟ ସେନାର ତିନିବାହିନୀ ମୁଖ୍ୟଙ୍କ ପରିଚୟ ପ୍ରଦାନ ହୋଇଥିଲା । ପରେ ପରେ ପ୍ୟାରେଡ କମାଣ୍ଡରଙ୍କ ଜିପ୍‌ରେ ପ୍ୟାରେଡ ପରିଦର୍ଶନ କରିବା ସହିତ ୩୧ଟି ତୋପ ସଲାମୀରେ ସମ୍ମାନିତ ହୋଇଥିଲେ । ମାର୍ଚ୍ଚ ପାଷ୍ଟର ସମାପ୍ତି ପର୍ଯ୍ୟନ୍ତ ନିର୍ଦ୍ଧାରିତ ସ୍ଥାନରେ ରହି ମାନ୍ୟବର ରାଷ୍ଟ୍ରପତି ଅଂଶ ଗ୍ରହଣକାରୀଙ୍କର ସାଲ୍ୟୁଟ ଗ୍ରହଣ କରିଥିଲେ । ଷ୍ଟାଡିୟମକୁ ଆସିବା ସମୟରେ ଅଶ୍ୱାରୋହୀ ସୈନ୍ୟମାନେ ସଙ୍ଗୀତର ତାଳେ ତାଳେ ବ୍ୟାଣ୍ଡ ବାଦନ କରି ରାଷ୍ଟ୍ରପତିଙ୍କୁ ଆସନ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ । ପ୍ରତ୍ୟାବର୍ତ୍ତନ ପଥରେ ମଧ ସେହି ଧାରାରେ ରାଷ୍ଟ୍ରପତି ଭବନ ଯାଏଁ ନେଇ ଯାଇଥିଲେ ।

କେବଳ କେନ୍ଦ୍ରରେ ନୁହେଁ, ପ୍ରତ୍ୟେକ ରାଜ୍ୟରେ ଏହି ପବିତ୍ର ଦିବସର ସୂର୍ଯ୍ୟୋଦୟ ମହାସମାରୋହକୁ ସାମନା କରିଥିଲା । ରାଜ୍ୟପାଳମାନେ ଶପଥ ନେବା ସହିତ ୧୭ ତୋପ ସଲାମୀ ଗ୍ରହଣ କରିଥିଲେ । ମୁଖ୍ୟମନ୍ତ୍ରୀ ଓ ଅନ୍ୟାନ୍ୟ ମନ୍ତ୍ରୀମାନେ ଶପଥ ଗ୍ରହଣ କରିବା ପରେ ନିମନ୍ତ୍ରିତ ଅତିଥିମାନଙ୍କ ସହ ଏକ ବନ୍ଧୁ

ମିଳନରେ ଯୋଗ ଦେଇଥିଲେ । ପ୍ରତ୍ୟେକ ରାଜ୍ୟରେ ହାଇକୋର୍ଟର ମୁଖ୍ୟ ବିଚାରପତି ଓ ଅନ୍ୟ ବିଚାରପତିଗଣ ମଧ୍ୟ ଶପଥ ନେଇଥିଲେ ।

୧୯୫୦ରୁ ଦୀର୍ଘ ୬୨ ବର୍ଷ ଧରି ପ୍ରତ୍ୟେକ ୨୬ ଜାନୁଆରୀ ଦିବସଟି ମହାସମାରୋହରେ ଦେଶବ୍ୟାପୀ ପାଳନ ହୋଇଚାଲିଛି । ଭାରତ ଏକ ବିକାଶଶୀଳ ରାଷ୍ଟ୍ର ପର୍ଯ୍ୟାୟରେ ରହିଛି କିନ୍ତୁ ସମସ୍ୟା ବହୁଳ ଜଟିଳ ପରିସ୍ଥିତିରେ ସାମଗ୍ରିକ ବିକାଶଧାରା ଜାରି ରହିବ ।

ସ୍ୱାଧୀନତାର ସଫଳ ରୂପାୟନକୁ ନେଇ ଜାତିର ଜନକ ମହାତ୍ମା ଗାନ୍ଧୀ ଯେଉଁ ସ୍ୱପ୍ନ ଦେଖିଥିଲେ, ତାହା ଆଜି ସମସ୍ୟାର ଦନ୍ତାଘାତରେ କ୍ଷତବିକ୍ଷତ । ଆମଠାରୁ ଦୂରକୁ ଦୂରକୁ ଘୁଞ୍ଚି ଯାଉଥିବା ସେଇ ଲକ୍ଷ୍ୟ ବିନ୍ଦୁକୁ ଛୁଇଁବା ପାଇଁ ସଫଳ ପ୍ରୟାସ ଲୋଡ଼ା । କେବଳ ନେତୃବର୍ଗ ନୁହେଁ, ପ୍ରତ୍ୟେକ ଜନସାଧାରଣ ଦୁର୍ନୀତି ବିରୋଧରେ ସଂଗ୍ରାମ ନିମନ୍ତେ ଉଚିତ ପଦକ୍ଷେପ ନେଲେ ତଥା ନିଜ ଭିତରେ ମାନବୀୟ ମୂଲ୍ୟବୋଧ ସୃଷ୍ଟି କରିପାରିଲେ ଗଳଗ୍ରହ ସାଜିଥିବା ଜଟିଳ ପରିସ୍ଥିତି ଯେ ଦୂରେଇ ଯିବ ଏହା ନିଃସନ୍ଦେହ । ତେବେ ଆସନ୍ତୁ ସାଧାରଣତନ୍ତ୍ର ଦିବସର ଶୁଭ ଅବସରରେ ଆମେ ସମସ୍ତେ ସଂକଳ୍ପ କରିବା ଯେପରି ଦୁର୍ନୀତି, ଭ୍ରଷ୍ଟାଚାରର ଭିତ୍ତିଭୂମିକୁ ଆମ ରାଷ୍ଟ୍ରରୁ ମୂଳପୋଛ କରିଦେବା ।

ମାର୍ଫତ: ଯଶୋବନ୍ତ ଦାଶ
ପ୍ଲଟ ନଂ-୬, ଚିନ୍ତାମଣିଶ୍ୱର,
ବୁଦ୍ଧେଶ୍ୱରୀ, ଭୁବନେଶ୍ୱର-୬

❖ ❖ ❖

# ପାଞ୍ଚଗୋଟି ଜିଲ୍ଲାକୁ ଅତିରିକ୍ତ ଚାଉଳ ସଂଗ୍ରହ ପାଇଁ ଦାୟିତ୍ୱ

୨୦୧୨-୧୩ ଖରିଫ୍ ମାର୍କେଟିଂ ସିଜିନ୍‌ରେ ଗତବର୍ଷ ନଭେମ୍ବର ମାସରୁ ଧାନ ସଂଗ୍ରହ ଆରମ୍ଭ କରିଥିବା ଅନେକ ଜିଲ୍ଲାଗୁଡ଼ିକ ମଧ୍ୟରୁ ୫ଗୋଟି ଜିଲ୍ଲା ଯଥା: ବରଗଡ, ବଲାଙ୍ଗୀର, ବୌଦ୍ଧ, କଳାହାଣ୍ଡି ଓ କୋରାପୁଟ ଜିଲ୍ଲାକୁ ଅତିରିକ୍ତ ଚାଉଳ ସଂଗ୍ରହ ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ପ୍ରାରମ୍ଭିକ ପର୍ଯ୍ୟାୟରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ଚାଉଳ ସଂଗ୍ରହ ସମ୍ପୂର୍ଣ୍ଣ ହେବା ପରେ ଧାନର ଅଭାବୀ ବିକ୍ରୀ ରୋକିବା ଉଦ୍ଦେଶ୍ୟରେ ଅତିରିକ୍ତ ପରିମାଣ ଚାଉଳ ସଂଗ୍ରହ ପାଇଁ ବିଭାଗ ପକ୍ଷରୁ ଉପରଲିଖିତ ପାଞ୍ଚଗୋଟି ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଲିଖିତ ନିର୍ଦ୍ଦେଶ ଦିଆଯାଇଛି ।

ସୂଚନା ମୁତାବକ, ବରଗଡ ଜିଲ୍ଲାର ପ୍ରାଥମିକ ପର୍ଯ୍ୟାୟରେ ଧାର୍ଯ୍ୟ ଲକ୍ଷ୍ୟ ୩,୫୦,୦୦ ମେଟ୍ରିକ୍ ଟନ୍ ଥିବାବେଳେ ଏହାକୁ ଅଧିକ ୫୦,୦୦୦ ମେଟ୍ରିକ୍ ଟନ୍ ସଂଗ୍ରହ ପାଇଁ ଦାୟିତ୍ୱ ଦିଆଯାଇଛି । ଅନୁରୂପ ଭାବେ ବଲାଙ୍ଗୀର ଜିଲ୍ଲାର ଧାର୍ଯ୍ୟ ଥିବା ୭୨,୦୦୦ ମେଟ୍ରିକ୍ ଟନ୍ ସହ ଅତିରିକ୍ତ ୨୦,୦୦୦ ବୃଦ୍ଧି କରାଯାଇ ସମୁଦାୟ ୯୨,୦୦୦ ମେଟ୍ରିକ୍ ଟନ୍, ବୌଦ୍ଧ ଜିଲ୍ଲାର ଧାର୍ଯ୍ୟଲକ୍ଷ୍ୟ ୧୦,୦୦୦ ମେଟ୍ରିକ୍ ଟନ୍ ସହ ଅତିରିକ୍ତ ୬,୦୦୦ ମେଟ୍ରିକ୍ ଟନ୍ ସହ ସମୁଦାୟ ୧୬,୦୦୦ ମେଟ୍ରିକ୍ ଟନ୍, କଳାହାଣ୍ଡି ଜିଲ୍ଲାର ୧ଲକ୍ଷ ୨୦ ହଜାର ମେଟ୍ରିକ୍ ଟନ୍ ସହ ଅତିରିକ୍ତ ଧାର୍ଯ୍ୟଲକ୍ଷ୍ୟ ୨୫,୦୦୦ ମେଟ୍ରିକ୍ ଟନ୍ ଦିଆଯାଇ ମୋଟ ୧,୪୫,୦୦୦ ମେଟ୍ରିକ୍ ଟନ୍ ଓ କୋରାପୁଟ ଜିଲ୍ଲାର ୫୪,୦୦୦ ମେଟ୍ରିକ୍ ଟନ୍ ସହ ଅତିରିକ୍ତ ଧାର୍ଯ୍ୟଲକ୍ଷ୍ୟ ୨୦,୦୦୦ ମେଟ୍ରିକ୍ ଟନ୍ ବୃଦ୍ଧି କରାଯାଇ ମୋଟ ୭୫ ହଜାର ମେଟ୍ରିକ୍ ଟନ୍ ଚାଉଳ ସଂଗ୍ରହ ପାଇଁ ସ୍ଥିର କରାଯାଇଛି ।

ଧାନ ସଂଗ୍ରହକାରୀ ମୁଖ୍ୟ ସଂସ୍ଥା ଓଡ଼ିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମର ଧାର୍ଯ୍ୟଲକ୍ଷ୍ୟ ୧୯,୪୭,୦୦୦ ମେଟ୍ରିକ୍ ଟନ୍ ଓ ନାଫେଡ୍‌ର ଧାର୍ଯ୍ୟଲକ୍ଷ୍ୟ ୧,୫୦,୦୦୦ ମେଟ୍ରିକ୍ ଟନ୍‌କୁ ମଧ୍ୟ ବୃଦ୍ଧି କରାଯାଇଛି ।

# ସର୍ବୋଦୟ ନେତ୍ରୀ ଅନ୍ନପୂର୍ଣ୍ଣା ମହାରଣାଃ ଏକ ଶ୍ରଦ୍ଧାଞ୍ଜଳି

ନିର୍ମଳା କୁମାରୀ ମହାପାତ୍ର

''ନାରୀ ନିର୍ମାତ୍ରୀ ଓ ନେତ୍ରୀ । ସୁସନ୍ତାନ ଜାତ କରି ରାଷ୍ଟ୍ର ପାଇଁ ସର୍ବୋତ୍କୃଷ୍ଟ ତ୍ୟାଗ ପ୍ରଦର୍ଶନ କରେ । ତାହାର ଗର୍ଭରୁ ଋଷି, ସମ୍ରାଟ, ଶୂରବୀର– ସମସ୍ତେ ଜନ୍ମ ଗ୍ରହଣ କରନ୍ତି । ତାହାର ଯତ୍ନରେ ଧରିତ୍ରୀର ପ୍ରତ୍ୟେକ ମନୁଷ୍ୟ ବାଲ୍ୟକାଳରେ ଲାଳିତ ପାଳିତ ହୁଅନ୍ତି । ସେ ବାଳକ–ବାଳିକାଙ୍କୁ ଯେଉଁ ସଂସ୍କାର ଓ ଶିଷ୍ଟାଚାର ଶିକ୍ଷାଦାନ କରନ୍ତି, ତାହା ରାଷ୍ଟ୍ର ନିର୍ମାଣର ଭିତ୍ତି ସ୍ୱରୂପ ରହେ । ଯେଉଁ ରାଷ୍ଟ୍ରର ନାରୀ ନିଜର ଏହି ମହତ ସ୍ୱରୂପକୁ ହୃଦୟଙ୍ଗମ କରି ସମସ୍ତଙ୍କ ସମକ୍ଷରେ ଉତ୍ସାହବର୍ଦ୍ଧକ ଘୋଷଣା କରେ, ତାହାର ସର୍ବୋଦୟ ଅବଶ୍ୟମ୍ଭାବୀ ।'' ଋଗବେଦ ସୌରଭ ପୃଷ୍ଠା ୧୩୯ ଉପରେ ଆଲୋଚିତ ପ୍ରସଙ୍ଗ ବେଳେ ମନକୁ ଆସନ୍ତି ସର୍ବୋଦୟ ନେତ୍ରୀ ଅନ୍ନପୂର୍ଣ୍ଣା ମହାରଣା (୧୩–ନଭେମ୍ବର, ୧୯୧୭ ଜନ୍ମ–୩୧, ଡିସେମ୍ବର, ୨୦୧୨– ତିରୋଧାନ) ଅମୃତ ଅନୁଭବୀ ଦିବଂଗତା ଅନ୍ନପୂର୍ଣ୍ଣା (ଡାକନାମ ଚୁନି, ସମସ୍ତର ଆଦରଣୀୟା ଚୁନିଅପା) ମାତା ରମାଦେବୀ ଓ ପିତା ଗୋପବନ୍ଧୁ ଚୌଧୁରୀଙ୍କର ସୁକନ୍ୟା ଥିଲେ । ଯଦିଓ ଅତି ପରିଚିତ ସମାଜସେବୀ ପରିବାରରେ ତାଙ୍କର ଜନ୍ମ, ତେବେ ବି ସେ (ଅନ୍ନପୂର୍ଣ୍ଣା) ନିଜ ସାଧନା ବଳରେ ସିଦ୍ଧି ଲଭିଥିଲେ । ଧୂଳି ମାଟିର ସନ୍ଥ ଗୋପବନ୍ଧୁ ଚୌଧୁରୀଙ୍କ ପିତୃତ୍ୱ ତାଙ୍କ ପାଇଁ ଧନ୍ୟହୁଏ । ମାଆ ରମାଦେବୀଙ୍କର ସମାଜ–କଲ୍ୟାଣକର ଭୂଦାନ ଯଜ୍ଞରେ ପ୍ରବେଶ କନ୍ୟା ଅନ୍ନପୂର୍ଣ୍ଣାଙ୍କୁ କରିଥିଲା ସେବା ପ୍ରବୀଣା । ଅନ୍ୟତମ ସାହିତ୍ୟିକ ମନମୋହନ ଚୌଧୁରୀ ଥିଲେ ତାଙ୍କର ଭାଇ । ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀ ଥିଲେ ତାଙ୍କର ଦାଦା । ଅଗ୍ନିକନ୍ୟା ବିପ୍ଳବିନୀ ମାଳତୀ ଚୌଧୁରୀ ଥିଲେ ତାଙ୍କର ଖୁଡ଼ୀ । ଏପରି ଏକ ସଂସ୍କୃତିସମ୍ପନ୍ନ ସମାଜସେବୀ ପରିବାରରେ ଜନ୍ମିତା– ପରିପାଳିତା ଅନ୍ନପୂର୍ଣ୍ଣା ୧୩ ବର୍ଷ ବୟସରେ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇଥିଲେ । ସେତେବେଳେ (୧୯୩୦–ଖ୍ରୀ.ଅ) ଲବଣ ସତ୍ୟାଗ୍ରହର ସମୟ । ୧୯୪୨ର ଭାରତଛାଡ ଆନ୍ଦୋଳନରେ ମଧ୍ୟ ସେ ଯୋଗଦେଇ କାରାବରଣ କରିଥିଲେ । ସେହି ସମୟର ପ୍ରଖ୍ୟାତ ସାହିତ୍ୟିକ ଚନ୍ଦ୍ରମୋହନ ମହାରଣାଙ୍କ ସୁପୁତ୍ର ଶରତ ମହାରଣାଙ୍କ ସହ ତାଙ୍କର ବିବାହ ହୋଇଥିଲା । ସେଥିରେ ପୁରୋହିତ ଥିଲେ ଆଚାର୍ଯ୍ୟ ହରିହର ।

ବସ୍ତୁତଃ ଶ୍ରୀମତୀ ଅନ୍ନପୂର୍ଣ୍ଣା ଥିଲେ ଦୁହିତା । ଦୁଇକୁଳକୁ ହିତା । ଡକ୍ଟର ଜ୍ଞାନଦେବ ଓ ଡକ୍ଟର କର୍ମଦେବ–ଦୁଇ ସନ୍ତାନଙ୍କର ଜନନୀ ସେ ।

ସମାଜ ସଂସ୍କାର ଥିଲା ଅନ୍ନପୂର୍ଣ୍ଣାଙ୍କର ଜୀବନବ୍ୟାପୀ ସାଧନା । ନିଶା ନିବାରଣ ପାଇଁ ପିକେଟିଂ କରିବାରେ ସେ ସାମିଲ ହେଉଥିଲେ । ଅସ୍ପୃଶ୍ୟତା ନିବାରଣ କରିବାରେ ସେ ଥିଲେ ଆଗୁଆ । ସନ ୧୯୫୯ରେ ସେ ଅଖିଳ ଭାରତୀୟ ମହିଳା ଶାନ୍ତିସେବା ବିଦ୍ୟାଳୟର ପରିଚାଳନା ଦାୟିତ୍ୱ ନେଇଥିଲେ ବନାରସରେ । ସନ ୧୯୬୪ରେ ରାଉରକେଲାରେ ଘଟିଥିବା ଦଙ୍ଗାକୁ ପ୍ରଶମିତ କରିବାରେ ତାଙ୍କର ଭୂମିକା ଥିଲା ପ୍ରଶଂସନୀୟ । ଶ୍ରୀମତୀ ଅନ୍ନପୂର୍ଣ୍ଣା ସେହିବର୍ଷ ହୋଇଥିବା ଛାତ୍ର ଆନ୍ଦୋଳନକୁ ମଧ୍ୟ ସମାଧାନ କରିଥିଲେ ।

ରାଜ୍ୟର ଦୈବୀ ଦୁର୍ବିପାକରେ ବିପନ୍ନ ଜନତାକୁ ସହାୟତାର ହାତ ବଢାଇ ଦେବାରେ ଶ୍ରୀମତୀ ମହାରଣା ଥିଲେ ଅନ୍ୟତମ । ଯଥା: କଳାହାଣ୍ଡିର ଦୁର୍ଭିକ୍ଷ(୧୯୬୬), ଉପକୂଳବର୍ତ୍ତୀ ଅଞ୍ଚଳରେ ଭୟଙ୍କର ବନ୍ୟା (୧୯୬୯), ପ୍ରଳୟଙ୍କରୀ ବାତ୍ୟା

(୧୯୭୧), ମହାବାତ୍ୟା (୧୯୯୯) ବେଳେ ସେ ବହୁକଷ୍ଟ ସ୍ୱୀକାର କରି ସେବାକାର୍ଯ୍ୟ ଜାରି ରଖିଥିଲେ ।

ରାଜ୍ୟ ବାହାରେ ୧୯୭୧ରେ ବାଂଲାଦେଶ ମୁକ୍ତି ଆନ୍ଦୋଳନ ବେଳେ ଦେଶ ସୀମାରେ ସେ ସହଯୋଗର ହାତ ବଢାଇ ଦେଇଥିଲେ । ସବୁଠୁଁ ଚମତ୍କାର କାମ ଥିଲା ଚମ୍ବଲ ଉପତ୍ୟକାର ଦସ୍ୟୁମାନଙ୍କର ମନ ପରିବର୍ତ୍ତନ । ଜୟପ୍ରକାଶ ନାରାୟଣଙ୍କ ସହ ସାମିଲ ହୋଇ ଦସ୍ୟୁମାନଙ୍କୁ ବୁଝାଇ ସେମାନଙ୍କର ଆତ୍ମସମର୍ପଣର ବାଟ ସୁଗମ କରାଇଥିଲେ ଶ୍ରୀମତୀ ମହାରଣା । 'ଦସ୍ୟୁ ହୃଦୟରେ ଦେବତା'ର ଉପଲବ୍ଧ କରିଥିବା ଆଲୋଚ୍ୟ ମହିଳାଙ୍କର ସ୍ଥାନ ବେଶ୍ ଉଚ୍ଚରେ । ସେ ବୁଝିଥିଲେ ଯେ ଭାଷା-ସଂସ୍କୃତି ଜରିଆରେ ସେବା-ଦେବା କାର୍ଯ୍ୟ ସରଳ ଓ ସହଜ । ତେଣୁ କଲମକୁ ଆୟୁଧ କରି ସେ ସଂଗ୍ରାମ ଜାରି ରଖିଥିଲେ । ଫଳ ସ୍ୱରୂପ ସୃଷ୍ଟି ହୋଇଥିଲା ଅନେକ ପୁସ୍ତକ । ଆତ୍ମଜୀବନୀ- ଅମୃତର ଅନୁଭବ, ଦସ୍ୟୁ ହୃଦୟରେ ଦେବତା, ସବୁଲୁଣ ଲୋକଙ୍କର, ସର୍ବୋଦୟ ସିଦ୍ଧାନ୍ତ, ଗ୍ରାମଦାନ କ'ଣ ଓ କାହିଁକି, ଗ୍ରାମଲକ୍ଷ୍ମୀଙ୍କର ଆରାଧନା, ଶାନ୍ତିସେନା, ରାଷ୍ଟ୍ରୀୟ ଯୋଜନାର ମୂଳକଥା, ଆଚାର୍ଯ୍ୟକୁଳ, କାରାଗାର କାହାଣୀ, ସ୍ୱାଧୀନତା ସଂଗ୍ରାମରେ ଉତ୍କଳୀୟ ନାରୀ, ଲୁଣର ଗୁଣ, ତରୁଣୀ କନ୍ୟାଙ୍କ ପ୍ରତି, ସ୍ତ୍ରୀ-ପୁରୁଷର ମର୍ଯ୍ୟାଦା, ବୁନିୟାଦ ଶିକ୍ଷା, ଗାନ୍ଧୀ ଚରିତ, ଦକ୍ଷିଣଆଫ୍ରିକା ସତ୍ୟାଗ୍ରହ, ହିନ୍ଦ୍-ସ୍ୱରାଜ୍ୟ, ଅନାସକ୍ତି ଯୋଗ, ଦିବ୍ୟ ଦୀପାବଳି ଆଦି ପୁସ୍ତକ ସେ ରଚନା କରିଥିଲେ । ଏଥିସହିତ ସେ ଯେଉଁ ଜୀବନୀ ସାହିତ୍ୟ ସୃଷ୍ଟି କରିଥିଲେ, ସେଗୁଡିକ ହେଲେ- ସରଳାଦେବୀ, ମାଳତୀଚୌଧୁରୀ, ସୁନାମଣି ଓ ରମାଦେବୀ । ତାଙ୍କର ଅନୁବାଦ କାର୍ଯ୍ୟରେ ଆସିଯିବ- ଗୀତାପ୍ରବଚନ, ଭାଗବତ ଧର୍ମସାର, ସ୍ଥିତପ୍ରଜ୍ଞ ଦର୍ଶନ, ସପ୍ତଶକ୍ତି, ନାରୀଶକ୍ତି ଓ ଶିକ୍ଷାତତ୍ତ୍ୱ ଆଦି ।

ରାୟଗଡା ନିକଟସ୍ଥ ଗୋପଳବାଡିଠାରେ ଶ୍ରୀମତୀ ମହାରଣା ଏକ ଛାତ୍ରୀନିବାସ ଆରମ୍ଭ କରି ଆଦିବାସୀ ବାଳିକାମାନଙ୍କ ଶିକ୍ଷାର ବିକାଶ କରାଉଛନ୍ତି । ପ୍ରୋକ୍ତ ଶିକ୍ଷା ବ୍ୟବସ୍ଥା ତାଙ୍କ ଜୀବନର ଏକ ମହାମହତ୍ କାର୍ଯ୍ୟ । ଶୁଭଦିଗରେ ସମାଜ ପରିବର୍ତ୍ତନର ମଙ୍ଗ ଧରିଥିବା ଶ୍ରୀମତୀ ମହାରଣା ଗାନ୍ଧୀ-ବିନୋବା-ହରିହରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଅତି ସରଳ ନିରାଡମ୍ବର ଜୀବନଯାପନ କରୁଥିଲେ ।

ଶ୍ରୀମତୀ ମହାରଣାଙ୍କର ଆତ୍ମଜୀବନୀ 'ଅମୃତର ଅନୁଭବ' ପାଇଁ ସାରଳା ପୁରସ୍କାର ତାଙ୍କୁ ପ୍ରଦତ୍ତ । ଜୀବନବ୍ୟାପୀ ଜନସେବାର ସ୍ୱୀକୃତି ସ୍ୱରୂପ ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର ଓ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ ତରଫରୁ ତାଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଅଛି । ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ତାଙ୍କୁ ଉତ୍କଳରତ୍ନ ଉପାଧି ଓ ରାଧାନାଥ ରଥ ଫାଉଣ୍ଡେସନ୍ ଟ୍ରଷ୍ଟ ପକ୍ଷରୁ ରାଧାନାଥ ରଥ ସେବା ସମ୍ମାନ ମଧ୍ୟ ପ୍ରଦାନ କରାଯାଇଥିଲା । ଏତଦ୍‌ବ୍ୟତୀତ ତାଙ୍କୁ ପ୍ରାଣନାଥ ସମ୍ମାନ (ଖୋରଧାର ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ) ହେମଲତା ସମ୍ମାନ, ଆନ୍ତର୍ଜାତିକ ରୋଟାରୀ ସମ୍ମାନ, ଦିଓ୍ୱାନି ବେନ୍ ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ସମ୍ମାନ ପ୍ରଦାନ କରାଯାଇଥିଲା ।

ଅତି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗାନ୍ଧିବାଦୀ ତଥା ସର୍ବୋଦୟରେ ବିଶ୍ୱାସୀ, ଆତ୍ମବିଶ୍ୱାସୀ, ଅଭୟଦାତ୍ରୀ ବିଜୟମଣ୍ଡିତା ଶ୍ରୀମତୀ ଅନ୍ନପୂର୍ଣ୍ଣା ମହାରଣାଙ୍କ ପ୍ରତି ଆମ୍ଭର ବିନୀତ ଶ୍ରଦ୍ଧାଞ୍ଜଳି । ତାଙ୍କର ତିରୋଧାନରେ ବାରମ୍ବାର ସ୍ମରଣକୁ ଆସେ ଋଗ୍‌ବେଦୀୟ ସୂକ୍ତି, ଯଥା:

'ମନୁର୍ଭବ ଜନୟା ଦୈବ୍ୟଂ ଜନମ୍'

ଅର୍ଥାତ୍ ମନୁଷ୍ୟ ହୁଅ । ଦେବଙ୍କ ହିତକାରୀ ପ୍ରଜା ଉତ୍ପନ୍ନ କର । ପ୍ରଥମେ ଆବଶ୍ୟକ ଉତ୍ତମ ମଣିଷ । ମନୁଷ୍ୟତାର ଜୟଗାନରେ ଶ୍ରୀମତୀ ମହାରଣାଙ୍କୁ ଶ୍ରଦ୍ଧାସମ୍ମାନ ।

ସେକ୍ଟର-୨/୪୨୬, ନୀଳାଦ୍ରି ବିହାର
ଭୁବନେଶ୍ୱର-୨୧

❖ ❖ ❖